# ଉତ୍କଳ ପ୍ରସଙ୍ଗ

**The Utkal Prasanga**

**August- 2015**

**୭୨ ଭାଗ ୧ମ ସଂଖ୍ୟା ଶ୍ରାବଣ-ଭାଦ୍ର ଅଗଷ୍ଟ - ୨୦୧୫**

**ମନୋରଞ୍ଜନ ପାଣିଗ୍ରାହୀ,** ଆଇ.ଆର୍.ଏସ୍

କମିଶନର ତଥା ଶାସନ ସଚିବ

**ସୁଶୀଲ୍ କୁମାର ଦାସ,** ଓ.ଏ.ଏସ୍ (ଏସ୍.ଏ.ଜି)

ନିର୍ଦ୍ଦେଶକ

**ଡ. ଲେନିନ୍ ମହାନ୍ତି**

ସମ୍ପାଦକ

(ଭାରପ୍ରାପ୍ତ)

ସମ୍ପାଦନା ସହଯୋଗୀ

**ଗୋବିନ୍ଦଚନ୍ଦ୍ର ମଲ୍ଲିକ**

**ସଚ୍ଚିଦାନନ୍ଦ ବାରିକ**

ପ୍ରଚ୍ଛଦପଟ ଓ ଲେ-ଆଉଟ୍ ଡିଜାଇନିଂ

**ମାନସ ନାୟକ**

କମ୍ପ୍ୟୁଟର ସେଟିଂ ଓ ଡିଜାଇନିଂ

**ହେମନ୍ତ କୁମାର ସାହୁ**

**ସୁମିତ୍ରା କର**

ଫଟୋ :

**କିଶୋର କୁମାର ସିହ୍ନା**

**ରାଜୁ ସିଂ ଓ ମନୋରଂଜନ ମହାନ୍ତି**

ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗଦ୍ୱାରା ପ୍ରକାଶିତ ଏବଂ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦ରେ ମୁଦ୍ରିତ ।

ଠିକଣା : 'ଉତ୍କଳ ପ୍ରସଙ୍ଗ', ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଲୋକ ସମ୍ପର୍କ ଭବନ, ଭୁବନେଶ୍ୱର-୭୫୧୦୦୧

ଇ-ମେଲ୍ : iprsec@rediffmail.com, ୱେବ୍‌ସାଇଟ୍ : www.odisha.gov.in

ଫୋନ୍ : ୦୬୭୪-୨୫୩୦୨୧୧

**ପ୍ରତିଖଣ୍ଡ : ଟ. ୫.୦୦**

# ସୂଚୀ

**ଅଗଷ୍ଟ-୨୦୧୫**


| | | |
|---|---|---|
| ● ମହନୀୟ ଭାବନା ସ୍ୱାଧୀନତାର ଉତ୍ସ | ଚନ୍ଦ୍ରମଣି ସେଠୀ | .... ୧ |
| ● ଗାନ୍ଧୀ, ପଟେଲ, ନେହେରୁ ଓ ସୁଭାଷ | ଡକ୍ଟର ଅତୁଲ ଚନ୍ଦ୍ର ପ୍ରଧାନ | .... ୩ |
| ● ଭିତ୍ତିଭୂମି ବିକାଶ ନବକଳେବର-୨୦୧୫ | | .... ୬ |
| ● ଭାରତମାତାର ଲୁହ (କବିତା) | ସୂର୍ଯ୍ୟ ମିଶ୍ର | .... ୧୨ |
| ● ପ୍ରତିଭାବାନ୍ ମହାପୁରୁଷ ପ୍ରାଣନାଥ ପଟ୍ଟନାୟକ | ଶ୍ରୀନିବାସ ଆଚାର୍ଯ୍ୟ | .... ୧୩ |
| ● ଆମ ସ୍ୱାଧୀନତା : କିଛି କଥା, କିଛି ବ୍ୟଥା | ଡକ୍ଟର ସର୍ବେଶ୍ୱର ସେଣ | .... ୧୮ |
| ● ମୁକ୍ତି ସଂଗ୍ରାମୀ ଗୋକୁଳାନନ୍ଦ | କୃଷ୍ଣ ଚନ୍ଦ୍ର ସୁଆର | .... ୨୦ |
| ● ହେ କଳା ଠାକୁର (କବିତା) | ହଂସନାଥ ମୁଦୁଲି | .... ୨୨ |
| ● ଘଟପର୍ବ | ଡକ୍ଟର ପ୍ରମୋଦିନୀ ହୋତା | .... ୨୩ |
| ● ଲୀଳା ନାୟକ ଶ୍ରୀଜଗନ୍ନାଥ | ଡକ୍ଟର ଆରତି କର | .... ୨୫ |
| ● ସାନ୍ତାଳୀ ଭାଷାର ନାଟକ ଓ ତା'ର ଲୋକପ୍ରିୟତା | ଜୀବନକୃଷ୍ଣ ଦାସ ଅଧିକାରୀ | .... ୨୯ |
| ● ଚିଲିକାର ଆର୍ଦ୍ର ଭୂମି ସଂରକ୍ଷଣ | ଡାକ୍ତର ତ୍ରୈଲୋକ୍ୟନାଥ ମହାରଣା | .... ୩୩ |
| ● କାନ୍ତକବି ଲକ୍ଷ୍ମୀକାନ୍ତଙ୍କ କଥା ସାହିତ୍ୟର ଦାର୍ଶନିକ ପୃଷ୍ଠଭୂମି | ସନ୍ତୋଷ କୁମାର ବେଜ୍ | .... ୩୬ |
| ● ଗଞ୍ଜାମର ଲୋକ ସାହିତ୍ୟ | ଡକ୍ଟର ବାୟାମନୁ ଚର୍ଚ୍ଚି | .... ୪୨ |
| ● ଉତ୍କଳ ହିତୈଷୀ ଜନ୍ ବିମ୍ସ | ଇଂ. ଗୋବର୍ଦ୍ଧନ ଦୋରା | .... ୪୮ |
| ● ସତ୍ୟାନ୍ୱେଷୀ ସତ୍ୟାନନ୍ଦ | ସତ୍ୟବାଦୀ ବଳିଆରସିଂହ | .... ୫୨ |
| ● ମୟୂରଭଞ୍ଜର ପ୍ରଜାମଣ୍ଡଳ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମ | ପ୍ରଫେସର ପ୍ରଦୀପ କୁମାର ଗିରି | .... ୫୪ |

- ହେ ପ୍ରିୟ କଲାମ (କବିତା) — ତ୍ରିଲୋଚନ ଦାସ .... ୫୬
- ଆମ ସଂସ୍କୃତିରେ ପାନ — ପଣ୍ଡିତ ତ୍ରିଲୋଚନ ମିଶ୍ର .... ୫୭
- ବହୁଳ ବ୍ୟବହାରରେ ଇଂରାଜୀ ଶବ୍ଦ OK — ଆଦିତ୍ୟ କୁମାର ପଣ୍ଡା .... ୫୯
- ଶବ୍ଦ ପ୍ରଦୂଷଣ ଓ ଆଧୁନିକ ମଣିଷ — ସୁକାନ୍ତ ମହାନ୍ତି .... ୬୦
- ରହସ୍ୟାଲୋକରେ ଦାରବୀ ଲୀଳା : ଏକ ଭାକ୍ତିକ ଅନୁଚିନ୍ତା — ଡକ୍ଟର ସଂଘମିତ୍ରା ଭଂଜ .... ୬୩
- ଶ୍ରୀଜୀଉମାନଙ୍କର ନବକଳେବର — କୃଷ୍ଣଚନ୍ଦ୍ର ପଟ୍ଟନାୟକ .... ୬୭
- ଜାଗରଣ (କବିତା) — ଲକ୍ଷ୍ମୀଧର ଦାଶ .... ୭୦
- ସଙ୍ଗୀତ ଶିଳ୍ପ ଓ କବିସୂର୍ଯ୍ୟ ବଳଦେବ ରଥ — ସୁଧାଂଶୁ ଶେଖର କର .... ୭୧
- ଗହ୍ମା ପର୍ବ — କୈଳାସ ଚନ୍ଦ୍ର ଜେନା .... ୭୫
- ଭାରତରେ ସ୍ୱାଧୀନତା ଆନ୍ଦୋଳନ — ଅଧ୍ୟାପକ ବିକ୍ରମ କେଶରୀ ବର୍ମା .... ୭୭
- ବାମଣ୍ଡା ରାଜାସାହେବ — ଡକ୍ଟର ଲକ୍ଷ୍ମୀ ନାରାୟଣ ଦାଶ .... ୭୯
- ନାରୀ ସହିଦ୍ – ଖୋରା ପାର୍ବତୀ — ଡକ୍ଟର କୃତ୍ତିବାସ ନାୟକ .... ୮୨
- ଓଡ଼ିଆ ଓଷା ବ୍ରତ ଓ ପର୍ବପର୍ବାଣିରେ ଲୋକସଂସ୍କୃତିର ଚିତ୍ର — ଅଧ୍ୟାପକ ସତ୍ୟଜିତ ଦାସ .... ୮୫
- ଦାରୁଦେବତା ଓ ନବକଳେବର — ଶ୍ୟାମସୁନ୍ଦର ରାଉତ .... ୯୧
- ଜନ୍ମଭୂମିରୁ ଯୁଦ୍ଧଭୂମି — ତାପସ କୁମାର ସାହା .... ୯୪
- କି ରୂପେ ଡାକିବି ତୁମକୁ ହେ ଠାକୁର (କବିତା) — କ୍ଷୀରୋଦ ଚନ୍ଦ୍ର ମହାନ୍ତ .... ୯୮
- ରାଜ୍ୟରେ ଭିନ୍ନକ୍ଷମଙ୍କ ନିମନ୍ତେ ସୁବିଧା ସୁଯୋଗ — ଡକ୍ଟର ଜ୍ୟୋତିର୍ମୟୀ ସାମନ୍ତରାୟ .... ୯୯
- ସବୁଠୁ ମୁଁ ଭାଗ୍ୟବାନ (କବିତା) — ଯାଜ୍ଞସେନୀ ପଣ୍ଡା .... ୧୦୦
- ସପ୍ରସଙ୍ଗ ଓଡ଼ିଶା .... ୧୦୧

# ଜାତୀୟ ସଙ୍ଗୀତ



ଜନ–ଗଣ–ମନ–ଅଧିନାୟକ ଜୟ ହେ

ଭାରତ–ଭାଗ୍ୟ–ବିଧାତା

ପଞ୍ଜାବ–ସିନ୍ଧୁ–ଗୁଜରାଟ–ମରାଠା

ଦ୍ରାବିଡ଼–ଉତ୍କଳ–ବଙ୍ଗ

ବିନ୍ଧ୍ୟ–ହିମାଚଳ–ଯମୁନା–ଗଙ୍ଗା

ଉଚ୍ଛଳ ଜଳଧି ତରଙ୍ଗ

ତବ ଶୁଭ ନାମେ ଜାଗେ

ତବ ଶୁଭ ଆଶିଷ ମାଗେ

ଗାହେ ତବ ଜୟ ଗାଥା

ଜନଗଣ–ମଙ୍ଗଳଦାୟକ ଜୟ ହେ,

ଭାରତ–ଭାଗ୍ୟ–ବିଧାତା

ଜୟ ହେ ଜୟ ହେ ଜୟ ହେ,

ଜୟ ଜୟ ଜୟ ଜୟ ହେ ।

*– ରବୀନ୍ଦ୍ରନାଥ ଠାକୁର*





# ବନ୍ଦେ ମାତରମ୍


ସୁଜଲାମ୍, ସୁଫଲାମ୍, ମଳୟଜ ଶୀତଳାମ୍
ଶସ୍ୟ ଶ୍ୟାମଳାମ୍ ମାତରମ୍ ।
ଶୁଭ୍ରଜ୍ୟୋତ୍ସ୍ନାଂ ପୁଲକିତ ଯାମିନୀମ୍
ଫୁଲ୍ଲ କୁସୁମିତ ଦ୍ରୁମଦଳ ଶୋଭିନୀମ୍
ସୁହାସିନୀମ୍ ସୁମଧୁର ଭାଷିଣୀମ୍
ସୁଖଦାଂ ବରଦାଂ ମାତରମ୍ ॥
ବନ୍ଦେ ମାତରମ୍ ।।।

– ବଙ୍କିମଚନ୍ଦ୍ର ଚାଟାର୍ଜୀ


# ଓଡ଼ିଶାର ଅମର ଶହୀଦ



ଜୟୀ ରାଜଗୁରୁ



ବୀର ସୁରେନ୍ଦ୍ର ସାଏ



ବିର୍ସା ମୁଣ୍ଡା


ବାଜି ରାଉତ



ରଘୁନାଥ ମହାନ୍ତି


ଦିବାକର ପରିଡ଼ା




ଲକ୍ଷ୍ମଣ ନାଏକ


# ସାହିତ୍ୟ ଜଗତର ଦୁଇ ଭଗୀରଥଙ୍କୁ ଶ୍ରଦ୍ଧାଞ୍ଜଳି...



**ପ୍ରଫେସର ହୃଦାନନ୍ଦ ରାୟ**

ଆବିର୍ଭାବ: ୧୦ ମଇ ୧୯୩୦

ତିରୋଧାନ: ୨୭ ଜୁଲାଇ ୨୦୧୫



**ପ୍ରଫେସର ଡକ୍ଟର ଗଣେଶ୍ୱର ମିଶ୍ର**

ଆବିର୍ଭାବ: ୨୮ ଅକ୍ଟୋବର ୧୯୪୨

ତିରୋଧାନ: ୧୦ ଅଗଷ୍ଟ ୨୦୧୫








## ସ୍ୱାଧୀନତା ଦିବସ -୨୦୧୫ ଅବସରରେ

## ଓଡ଼ିଶାର ମାନ୍ୟବର ରାଜ୍ୟପାଳ

# ଡକ୍ଟର ଏସ୍.ସି. ଜମିର୍‌ଙ୍କ

# ବାର୍ତ୍ତା



ସ୍ୱାଧୀନତା ଦିବସ ପାଳନ ଅବସରରେ ଓଡ଼ିଶାବାସୀ ପ୍ରିୟ ଭଉଣୀ ଓ ଭାଇମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ।

ସ୍ୱାଧୀନତା ଦିବସ ଆମ ସମସ୍ତଙ୍କ ପାଇଁ ଗର୍ବ ଏବଂ ଗୌରବ ବହନ କରେ । ଆଜିର ଏହି ପବିତ୍ର ଦିବସ ଆମକୁ ଜାତିର ପିତା ମହାତ୍ମା ଗାନ୍ଧୀ, ପଣ୍ଡିତ ଜବାହରଲାଲ୍ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ ଏବଂ ଭାରତର ମୁକ୍ତି ସଂଗ୍ରାମରେ ଅଂଶଗ୍ରହଣ କରିଥିବା ଅଗଣିତ ମହାନ୍ ସଂଗ୍ରାମୀମାନଙ୍କ ତ୍ୟାଗ ଓ ଦେଶପ୍ରେମର ଗାଥା ସ୍ମୃତିଚାରଣ କରିବାର ମହାର୍ଘ ସୁଯୋଗ ପ୍ରଦାନ କରିଥାଏ । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ଆଚାର୍ଯ୍ୟ ହରିହର, ଗୋପବନ୍ଧୁ ଚୌଧୁରୀ, ଡଃ. ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ମା’ ରମାଦେବୀ ଏବଂ ଆହୁରି ଅନେକ ମହାମନୀଷୀ ଯେଉଁମାନଙ୍କର ତ୍ୟାଗପୂତ ସାଧନା ଫଳରେ ଆମର ଦୀର୍ଘ ଦିନର ଆକାଂକ୍ଷିତ ସ୍ୱପ୍ନ ସାକାର ହୋଇପାରିଛି, ମୁଁ ସେମାନଙ୍କୁ ମୋର ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ।

ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଅବଦାନ ଅତୀବ ଗୁରୁତ୍ୱପୂର୍ଣ୍ଣ ଥିଲା । ସ୍ୱାଧୀନତା ସଂଗ୍ରାମର ପ୍ରଜ୍ଜ୍ୱଳିତ ବହ୍ନିରେ ଝାସ ଦେଇଥିବା ଓଡ଼ିଶାର ବରପୁତ୍ର ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ଚକରା ବିଷୋଇ, ବୀର ସୁରେନ୍ଦ୍ର ସାଏ, ଚାଖି ଖୁଣ୍ଟିଆ, ବିର୍ସା ମୁଣ୍ଡା, ସହିଦ୍ ଲକ୍ଷ୍ମଣ ନାଏକ, ବାଜି ରାଉତ, ରଘୁ ଦିବାକରଙ୍କ ଭଳି ବୀର ଅମର ପୁରୁଷଙ୍କ ବୀରତ୍ୱପୂର୍ଣ୍ଣ ସଂଗ୍ରାମ ଏବଂ ଆତ୍ମବଳିଦାନ ଆଗାମୀ ପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ । ଆମ ଦେଶର ବୀର ଅମର ସହିଦ୍ ଏବଂ ସୀମା ସୁରକ୍ଷାରେ କର୍ତ୍ତବ୍ୟରତ ବୀର ସୈନିକ ଓ ପ୍ରତିରକ୍ଷା ବାହିନୀର ଦୁଃସାହସିକ କାର୍ଯ୍ୟାବଳୀକୁ ଆଜି ଆମେ କୃତଜ୍ଞତା ପୂର୍ବକ ସ୍ମରଣ କରୁଛୁ ।

ଏକବିଂଶ ଶତାବ୍ଦୀରେ ଉପନୀତ ଓଡ଼ିଶା ରାଜ୍ୟ ବିପୁଳ ସମ୍ଭାବନାରେ ପରିପୂର୍ଣ୍ଣ । ରାଜ୍ୟ ଏବଂ ରାଜ୍ୟବାସୀଙ୍କ ଉନ୍ନତିକଳ୍ପେ ଓଡ଼ିଶାର ବିପୁଳ ପ୍ରାକୃତିକ ସମ୍ପଦ ଓ ଭରପୂର ମାନବ ସମ୍ବଳର ସୁବିନିଯୋଗ ପ୍ରତି ଗୁରୁତ୍ୱ ପ୍ରଦାନ କରାଯାଇଛି । ରାଜ୍ୟ ଓ ରାଜ୍ୟବାସୀଙ୍କର ସାମୂହିକ ଉନ୍ନତି ସାଧନ ଦିଗରେ ରାଜ୍ୟ ସରକାର ଦୃଢ ସଂକଳ୍ପବଦ୍ଧ । ଦ୍ରୁତ ଅଭିବୃଦ୍ଧି ଓ ନିରନ୍ତର ବିକାଶ ଦିଗରେ ରାଜ୍ୟ ସରକାରଙ୍କ ଆନ୍ତରିକ ଉଦ୍ୟମ ଯୋଗୁଁ ଆଖିଦୃଶିଆ ପ୍ରଗତି ସମ୍ଭବ ହୋଇପାରିଛି ।

ଆଦିମ ଜନଜାତି, ବଞ୍ଚିତ ଶ୍ରେଣୀ, ଦୁଃସ୍ଥ ଓ ଗରିବ ଏବଂ ଭିନ୍ନକ୍ଷମମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବା ଏବଂ ସର୍ବୋପରି କେ.ବି.କେ.ର ପଛୁଆଅଞ୍ଚଳଗୁଡ଼ିକର ସାମଗ୍ରିକ ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକ ଇପ୍ସିତ ଫଳପ୍ରଦାନ କରିଛି ।

ବିବିଧ କ୍ଷେତ୍ରର ଭିତ୍ତିଭୂମି ବିକାଶରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣି ଓଡ଼ିଶା ଅଗ୍ରଣୀ ଭୂମିକା ନିର୍ବାହ କରିପାରିଛି । ମହାତ୍ମା ଗାନ୍ଧୀଙ୍କ ଭାଷାରେ– 'ଭାରତ ଗ୍ରାମରେ ହିଁ ବାସ କରେ । ଗ୍ରାମରେ ହିଁ ଭାରତର ଆତ୍ମା ପ୍ରତିଧ୍ୱନିତ' । ସୁତରାଂ ରାଜ୍ୟର ବିକାଶ ସାଧନ ନିମନ୍ତେ ପ୍ରମୁଖ କ୍ଷେତ୍ର ଭାବେ ଗ୍ରାମ୍ୟ ଅର୍ଥନୀତିର ସୁଦୃଢ଼ୀକରଣ ବିକାଶର ସଂଜ୍ଞା ପାଲଟିଛି ।


ଆର୍ଥିକ ପରିଚାଳନା କ୍ଷେତ୍ରରେ ରାଜ୍ୟ ସରକାର ଉଲ୍ଲେଖନୀୟ ପ୍ରଗତି ହାସଲ କରିପାରିଛନ୍ତି । ଆହାର, ନିରାମୟ, ବିଜୁ ଏକ୍ସପ୍ରେସ୍ ୱେ, ବିଜୁ ପକ୍କାଘର, ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, ବିଜୁ ଗାଁ ଗାଡ଼ି ଯୋଜନା, ବିଜୁ କୃଷକ କଲ୍ୟାଣ ଯୋଜନା, ରାଜ୍ୟ ବାଳିକା ଓ ମହିଳା ନୀତି ପରି ଅନେକ ପ୍ରମୁଖ କାର୍ଯ୍ୟକ୍ରମ ସର୍ବାଧିକ ଗୁରୁତ୍ୱ ଲାଭ କରିଛି । ଉଲ୍ଲେଖନୀୟ କୃଷି ଉତ୍ପାଦନ ନିମନ୍ତେ ରାଜ୍ୟ ସରକାର କ୍ରମାଗତ ଭାବେ 'କୃଷିକର୍ମଣ' ପୁରସ୍କାର ଲାଭ କରି ଆସୁଛନ୍ତି ।

ଏକବିଂଶ ଶତାବ୍ଦୀର ପ୍ରଥମ ନବକଳେବର ମହୋତ୍ସବ ଆୟୋଜନ, ରାଜ୍ୟ ସରକାରଙ୍କୁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରିଛି । ଦୀର୍ଘ ୧୯ବର୍ଷ ବ୍ୟବଧାନରେ ନବକଳେବର ରଥଯାତ୍ରା ପାଳନର ବିରଳ ସୌଭାଗ୍ୟ ଆମେ ଲାଭ କରିଛେ । ଏହି ପ୍ରମୁଖ ମହୋତ୍ସବ ଆୟୋଜନରେ ରାଜ୍ୟ ସରକାରଙ୍କ ଏକନିଷ୍ଠ ଉଦ୍ୟମ ଏହାକୁ ସଫଳ କରିପାରିଛି ଏବଂ ଏହି ସଫଳତା ନିମନ୍ତେ ରାଜ୍ୟ ସରକାରଙ୍କ ଭୂମିକା ସର୍ବତ୍ର ପ୍ରଶଂସିତ ହୋଇପାରିଛି । ବିଶ୍ୱପ୍ରସିଦ୍ଧ ଚତୁର୍ଦ୍ଧାମୂର୍ତ୍ତିଙ୍କ ନବଦିନାତ୍ମକ ଘୋଷଯାତ୍ରାରେ ସାମିଲ ହେବାକୁ ଆସୁଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସଡକ ସଂଯୋଗୀକରଣ, ପରିବହନ, ଭିଡ଼ ପରିଚାଳନା, ଆରକ୍ଷୀ ବ୍ୟବସ୍ଥା ଏବଂ ଟ୍ରାଫିକ ନିୟନ୍ତ୍ରଣ, ଉଚ୍ଚମାନର ପର୍ଯ୍ୟବେକ୍ଷଣ ବ୍ୟବସ୍ଥା, ପର୍ଯ୍ୟଟନ କ୍ଷେତ୍ରର ଭିତ୍ତିଭୂମି ଉନ୍ନୟନ, ସ୍ୱାସ୍ଥ୍ୟସେବା ଓ ପରିମଳ, ସ୍ୱେରେଜ୍ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ଅବିରତ ବିଦ୍ୟୁତ୍ ଓ ଜଳଯୋଗାଣ, ପର୍ଯ୍ୟଟକ ସୂଚନା କିଓସ୍କ, ପର୍ଯ୍ୟଟକ ଓ ଯାତ୍ରୀଙ୍କ ସୁବିଧା ନିମନ୍ତେ ବହୁବିଧ ପ୍ରଚାର ଓ ପ୍ରସାର ବ୍ୟବସ୍ଥା ପରି ବିସ୍ତାରିତ ଭିତ୍ତିଭୂମି ବିକାଶରେ ରାଜ୍ୟ ସରକାର  ସଫଳ ହୋଇପାରିଛନ୍ତି । ପର୍ଯ୍ୟଟକଙ୍କ ସୁବିଧା ନିମନ୍ତେ  ରାଜ୍ୟ ସରକାର ମାଳତୀପାଟପୁର ବସ୍ ଟର୍ମିନାଲ୍, ମାଳତୀପାଟପୁର ଏବଂ ପୁରୀ–କୋଣାର୍କ ମେରାଇନ୍ ଡ୍ରାଇଭ୍‌କୁ ସଂଯୋଗ କରୁଥିବା ଫ୍ଲାଇଓଭର୍ ବ୍ରିଜ୍, ମା' ଏବଂ ଶିଶୁଙ୍କ ଯତ୍ନ ନିମନ୍ତେ ଉଦ୍ଦିଷ୍ଟ ଅତ୍ୟାଧୁନିକ ଡାକ୍ତରଖାନା ଆଦି ନିର୍ମାଣ କରିଛନ୍ତି ।

ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସହ ପ୍ରଗତି ସହବନ୍ଧିତ । ଏଣୁ ଆମେମାନେ ଶାନ୍ତି ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ବଜାୟ ରଖିବାରେ ବିଶ୍ୱାସ ରଖୁ । ଶାନ୍ତି ଓ ସହାବସ୍ଥାନ ମାଧ୍ୟମରେ ବିକାଶର ଧାରା ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ସତତ ଉଦ୍ୟମଶୀଳ । ସ୍ୱାଧୀନତା ଦିବସ ହେଉଛି ସଂକଳ୍ପର ଦିବସ । ଆଜିର ଏହି ପବିତ୍ର ଦିବସ ଅବସରରେ, ଆସନ୍ତୁ, ଆମ ରାଜ୍ୟର ବିକାଶ ତଥା ସମୃଦ୍ଧି ନିମନ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ଶପଥ ନେବା ।

**ଜୟ ହିନ୍ଦ୍ ।**

# ସ୍ୱାଧୀନତା ଦିବସ -୨୦୧୫ ଅବସରରେ
# ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
# ଶ୍ରୀ ନବୀନ ପଟ୍ଟନାୟକଙ୍କ
# ବାର୍ତ୍ତା



ସ୍ୱାଧୀନତା ଦିବସ ଅବସରରେ ଆପଣମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ଏହି ପବିତ୍ର ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ବୋଷ, ପଣ୍ଡିତ ନେହେରୁ, ମୌଲାନା ଆଜାଦ, ଡକ୍ଟର ଆମ୍ବେଦକର, ପଣ୍ଡିତ ଗୋପବନ୍ଧୁ ଦାସ, ଉତ୍କଳଗୌରବ ମଧୁସୂଦନ ଦାସ, ବୀର ସୁରେନ୍ଦ୍ର ସାଏ, ଶହୀଦ ଲକ୍ଷ୍ମଣ ନାୟକ, ମା' ରମା ଦେବୀ, ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ଡକ୍ଟର ହରେକୃଷ୍ଣ ମହତାବ ଓ ବିଜୁ ପଟ୍ଟନାୟକଙ୍କ ପରି ମହାନ ନେତା ଏବଂ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିବା ଦେଶଭକ୍ତମାନଙ୍କୁ ମୋର ସମ୍ମାନ ଜଣାଉଛି ।

ଦେଶ ପାଇଁ ଲଢେଇ କରି ଶହୀଦ ହୋଇଥିବା ବୀର ଜୱାନମାନଙ୍କ ପ୍ରତି ମଧ୍ୟ ଏହି ଅବସରରେ ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଭାରତର ସ୍ୱାଧୀନତା ସଂଗ୍ରାମ ବିଶ୍ୱକୁ ଶାନ୍ତି ଓ ଅହିଂସାର ମହାନ ବାର୍ତ୍ତା ଦେଇଛି । ଶାନ୍ତି ଓ ଅହିଂସାର ଭୂମି ଓଡ଼ିଶା ମଧ୍ୟ ଦେଶର ସ୍ୱାଧୀନତା ସଂଗ୍ରାମରେ ଆଗୁଆ ଭୂମିକା ନେଇଥିଲା । ଭାରତର ସମୃଦ୍ଧିରେ ମଧ୍ୟ ଓଡ଼ିଶା ତା'ର ଅବଦାନ ରଖିଆସିଛି ।

ବିକାଶ ଆଜି କେବଳ ସହରରେ ସୀମିତ ହୋଇ ରହିନାହିଁ । ଚାରି କୋଟି ଓଡ଼ିଆଙ୍କ ସହଯୋଗରେ ଆମର ବିକାଶ ଯାତ୍ରାରେ ଗାଁ ଆଜି ମୁଖ୍ୟ ଭୂମିକା ନେଇଛି । ଗାଁରେ ରହୁଥିବା ଗରିବ ଲୋକ ଓ କୋରାପୁଟ, କଳାହାଣ୍ଡିରେ ରହୁଥିବା ଆଦିବାସୀ ଭାଇଭଉଣୀ ସମସ୍ତେ ଆଜି ବିକାଶରେ ଭାଗୀଦାର ହୋଇପାରିଛନ୍ତି । ବଣ୍ଡା ଘାଟୀରେ ରହୁଥିବା ମୋର ଯୁବ ବନ୍ଧୁମାନେ ସେମାନଙ୍କ ଅଞ୍ଚଳର ଉନ୍ନତି ପାଇଁ ଆଗେଇ ଆସିବା କମ୍ ଆନନ୍ଦର କଥା ନୁହେଁ ।

କନ୍ଧମାଳର ଚାଷୀଠାରୁ ଆରମ୍ଭ କରି ବରଗଡର ବୁଣାକାର, ରାଉରକେଲାର ଶ୍ରମିକ, ରେଢାଖୋଲର ଗରିବ କେନ୍ଦୁପତ୍ର ତୋଳାଳୀ, କୋରାପୁଟ, ନବରଙ୍ଗପୁରର ଆଦିବାସୀ ଛାତ୍ରଛାତ୍ରୀ ଓ ଭୁବନେଶ୍ୱରର ନିର୍ମାଣ ଶ୍ରମିକଙ୍କ ବିକାଶ ଆଜି ସମସ୍ତଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ରାସ୍ତା ଖୋଲି ଦେଇଛି । ସରକାରଙ୍କ କଲ୍ୟାଣ କାର୍ଯ୍ୟକ୍ରମ ସମସ୍ତଙ୍କ ପାଖରେ ପହଞ୍ଚିପାରିଛି । ଲୋକଙ୍କ ଭିତରେ ଆଗକୁ ବଢିବା ପାଇଁ ପ୍ରେରଣା ସୃଷ୍ଟି କରିଛି ।

ଗାଁରେ ସବୁ କଚ୍ଚାଘରକୁ ପକ୍କା ଘରରେ ପରିଣତ କରିବା ପାଇଁ ଆମେ ବିଜୁ ପକ୍କା ଘର ଯୋଜନା ଆରମ୍ଭ କରିଛୁ । ବର୍ତ୍ତମାନ ସୁଦ୍ଧା ୫ ଲକ୍ଷ ୭୦ ହଜାର ଘର ତିଆରି ସରିଛି । ସହରରେ ରହୁଥିବା ଗରିବ ଲୋକଙ୍କୁ ଘର ଯୋଗାଇ ଦେବା ପାଇଁ ଆମେ ଖୁବଶୀଘ୍ର ଓଡ଼ିଶା ଗୃହ ନିର୍ମାଣ ମିଶନ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଛୁ । ଗାଁର ଉନ୍ନତି ପାଇଁ ପଞ୍ଚାୟତଗୁଡ଼ିକୁ

ଅଧିକ ଶକ୍ତିଶାଳୀ କରାଯାଉଛି । ଗାଁର ବିକାଶ ପାଇଁ ପାଣ୍ଠିର ଅଭାବ ନାହିଁ । ଆଗାମୀ ପାଞ୍ଚ ବର୍ଷରେ ପଞ୍ଚାୟତଗୁଡ଼ିକୁ ୧୬ ହଜାର କୋଟିରୁ ଅଧିକ ଟଙ୍କା ଯୋଗାଇ ଦିଆଯିବ । ତେଣୁ ପ୍ରତି ପଞ୍ଚାୟତ, ପ୍ରତି ଗାଁକୁ ଆଦର୍ଶ ପଞ୍ଚାୟତ ଓ ଆଦର୍ଶ ଗ୍ରାମ କରିବା ପାଇଁ ସେମାନେ ପ୍ରତିଯୋଗିତା ମନୋଭାବ ନେଇ କାମ କରିବା ଦରକାର ।

ଆମର ଚାଷୀଭାଇ ଓ ଭଉଣୀଙ୍କ ପରିଶ୍ରମ ଯୋଗୁଁ ଓଡ଼ିଶା ଚାରି ଚାରି ଥର ଜାତୀୟ ପୁରସ୍କାର ହାସଲ କରିପାରିଛି । ସ୍ୱାଧୀନତା ଦିବସ ଅବସରରେ ଆମର ଚାଷୀ ଭାଇ ଓ ଭଉଣୀମାନଙ୍କୁ ମୁଁ ବିଶେଷ ଅଭିନନ୍ଦନ ଜଣାଇବାକୁ ଚାହେଁ । ଚଳିତ ବର୍ଷ ରାଜ୍ୟର କେତେକ ଅଞ୍ଚଳରେ ଭଲ ବର୍ଷା ହୋଇନାହିଁ । ତେଣୁ ଚାଷୀର ଯେପରି କ୍ଷତି ନହୁଏ, ସେଥିପ୍ରତି ଆମେ ସଜାଗ ରହିଛୁ ।

ବିଭିନ୍ନ କାରଣରୁ ଶିଳ୍ପ କ୍ଷେତ୍ରରେ କିଛି ସମସ୍ୟା ଥିଲା । ପରିସ୍ଥିତିରେ ଧୀରେ ଧୀରେ ଉନ୍ନତି ଆସୁଛି । ମୋର ବିଶ୍ୱାସ, ଖୁବ୍‌ଶୀଘ୍ର ଶିଳ୍ପ କ୍ଷେତ୍ରରେ ଉନ୍ନତି ଆସିବ ଏବଂ ୨୦୧୯ସୁଦ୍ଧା ଉତ୍ପାଦନ କ୍ଷେତ୍ରରେ ଆମେ ତିନି ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବାରେ ସଫଳ ହେବୁ । ସରକାରୀ କ୍ଷେତ୍ରରେ ମଧ୍ୟ ସତୁରୀ ହଜାର ଖାଲି ପଡିଥିବା ପଦବୀରେ ନିଯୁକ୍ତି ପାଇଁ ତ୍ୱରିତ ପଦକ୍ଷେପ ନିଆଯାଇଛି ।

ରାଜ୍ୟର ସବୁ ଅଞ୍ଚଳ, ସବୁ ବର୍ଗ ଏବଂ ସବୁ କ୍ଷେତ୍ରର ସନ୍ତୁଳିତ ବିକାଶ ଆମର ଲକ୍ଷ୍ୟ । ଆଜି ମହିଳାମାନେ ସବୁ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ମହିଳାମାନଙ୍କ ସୁରକ୍ଷା ଏବଂ ସେମାନଙ୍କ ଅଧିକାରର ସୁରକ୍ଷାକୁ ସରକାର ସବୁବେଳେ ପ୍ରାଧାନ୍ୟ ଦେଇଆସିଛନ୍ତି ଓ ଦେଇଚାଲିବେ । ଆମର କାର୍ଯ୍ୟକ୍ରମ ଆଜି ଗରିବ ଲୋକ, ବୁଢାବୁଢୀ, ଆଦିବାସୀ ଓ ଦଳିତ ସମସ୍ତଙ୍କ ମନରେ ଭରସା ସୃଷ୍ଟି କରିପାରିଛି । ଭିନ୍ନକ୍ଷମ ଭାଇଭଉଣୀମାନେ ଆତ୍ମବିଶ୍ୱାସର ସହ ଆଗକୁ ବଢୁଛନ୍ତି । ସରକାର ସେମାନଙ୍କ ସାଥୀରେ ରହିଛନ୍ତି ଏବଂ ସବୁବେଳେ ସହଯୋଗ ଯୋଗାଇ ଚାଲିବେ ।

ଦେଶର ସ୍ୱାଧୀନତା ସଂଗ୍ରାମରେ ଯୁବସମାଜ ମୁଖ୍ୟ ଭୂମିକା ନେଇଥିଲା । ସ୍ୱାଧୀନତା ପରେ ଦେଶର ବିକାଶରେ ଯୁବଶକ୍ତି ହିଁ ସବୁଠାରୁ ଆଗରେ । ଖୁସିର କଥା, ନିଜ ପାଇଁ ନିଜ ପରିବାର ପାଇଁ ଓ ଦେଶ ପାଇଁ ସ୍ୱପ୍ନ ଦେଖିବା ଓ ତାକୁ ସାକାର କରିବାର ସାମର୍ଥ୍ୟ ଆଜି ଯୁବ ସମାଜ ଭିତରେ ବିକଶିତ ହୋଇଛି । ଏହା ହିଁ ସ୍ୱାଧୀନ ଭାରତର ସବୁଠାରୁ ବଡ ସମ୍ପଦ ଓ ଶକ୍ତି ।

ଗାଁରେ ରହୁଥିବା ସାଧାରଣ ଲୋକ, ସହରର କ୍ଷୁଦ୍ର ବ୍ୟବସାୟୀ, ଚାଷୀ, ମଜଦୁର, ମହିଳା, ଛାତ୍ର, ଯୁବକ, ଆଦିବାସୀ ଓ ଦଳିତ ସମସ୍ତେ ହେଉଛନ୍ତି ମହାନ୍ ଭାରତବର୍ଷର ଅଂଶ । ତେଣୁ ସମସ୍ତଙ୍କର ସଶକ୍ତିକରଣ ଜରିଆରେ ହିଁ ଭାରତ ସମୃଦ୍ଧ ହୋଇପାରିବ ଓ ସ୍ୱାଧୀନତାର ମୂଲ୍ୟବୋଧର ସୁରକ୍ଷା ହୋଇପାରିବ ।

**ଜୟ ହିନ୍ଦ୍ ।**

*ସ୍ୱାଧୀନତା ଦିବସ -୨୦୧୫ ଅବସରରେ*

ଓଡ଼ିଶାର ମାନ୍ୟବର ସୂଚନା ଓ ଲୋକ ସଂପର୍କ ଏବଂ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ

**ଶ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ**

**ବାର୍ତ୍ତା**



୬୯ତମ ସ୍ୱାଧୀନତା ଦିବସ ଅବସରରେ ଓଡ଼ିଶାବାସୀ ସମସ୍ତ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭାଭିଳାଷ ଓ ଅଭିନନ୍ଦନ ଜ୍ଞାପନ କରୁଛି ।


ଆମ ସମସ୍ତଙ୍କ ନିମନ୍ତେ ଅଗଷ୍ଟ ୧୫ ତାରିଖଟି ହେଉଛି ଗର୍ବ, ଗୌରବ ଓ ଅନନ୍ୟ ଆନନ୍ଦର ପର୍ବ । ଦୀର୍ଘକାଳ ଧରି ଆମର ପୂର୍ବସୂରୀମାନେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ବିଦେଶୀମାନଙ୍କ କବଳରୁ ଆମ ଦେଶକୁ ମୁକ୍ତ କରିଥିଲେ । ଅହିଂସା ଓ ଅସହଯୋଗର ଅସାଧାରଣ ଆନ୍ଦୋଳନ ଗଢି ତୋଳି ସେମାନେ ବିଦେଶୀ ଶାସନର ଅବସାନ ଘଟାଇଥିଲେ । ସେହି ମହାପୁରୁଷମାନଙ୍କର ଅସୀମ ତ୍ୟାଗ ଓ ଅସାଧାରଣ ଦେଶପ୍ରୀତି ବଳରେ ଆମର ସ୍ୱାଧୀନତା ପ୍ରାପ୍ତି ସାରା ବିଶ୍ୱ ସମ୍ମୁଖରେ ଉଜ୍ଜ୍ୱଳ ଦୃଷ୍ଟାନ୍ତ ହୋଇ ରହିଛି ।

ଆସନ୍ତୁ, ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଏକତ୍ରିତ ହୋଇ ମାତୃଭୂମି ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ସେହି ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା । ଅନ୍ୟ ପକ୍ଷରେ, ସ୍ୱାଧୀନ ଭାରତକୁ ସମୃଦ୍ଧ ସମୁନ୍ନତ ରାଷ୍ଟ୍ର ହିସାବରେ ସମଗ୍ର ବିଶ୍ୱରେ ପରିଚୟ ଦେବା ନିମନ୍ତେ ଏକତାବଦ୍ଧ ହୋଇ କାର୍ଯ୍ୟ କରିବାକୁ ଶପଥ ନେବା ।


ଆମ ସମସ୍ତଙ୍କ ପାଇଁ ସ୍ୱାଧୀନତା ଦିବସ ହେଉ ସ୍ମୃତି ଓ ସଂକଳ୍ପର ପର୍ବ ।

**ଜୟ ହିନ୍ଦ୍ ।**

# ସମ୍ପାଦକୀୟ



କୋଟି ହୃଦୟର ମଉଡମଣି
ଭାରତରତ୍ନ ଡକ୍ଟର ଏ.ପି.ଜେ ଅବ୍ଦୁଲ୍ କଲାମଙ୍କ
ଅମ୍ଳାନ ସ୍ମୃତିରେ ଏହି ସମ୍ପାଦକୀୟ ପୃଷ୍ଠାଟି ଉତ୍ସର୍ଗୀକୃତ ।



ଡକ୍ଟର ଏ.ପି.ଜେ ଅବ୍ଦୁଲ୍ କଲାମ
(୧୫.୧୦.୧୯୩୧ – ୨୭.୦୭.୨୦୧୫)

# ମହନୀୟ ଭାବନା ସ୍ୱାଧୀନତାର ଉତ୍ସ

**ଚନ୍ଦ୍ରମଣି ସେଠୀ**

ପୁଣ୍ୟଭୂମି ଭାରତକୁ ବିହ୍ୱଳିତ କରିଥିଲା ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ମଙ୍ଗଳ ପ୍ରଭାତ । ରାଜଧାନୀ ଦିଲ୍ଲୀର ଲାଲକିଲ୍ଲାଠାରେ ଜାତୀୟ ପତାକା ଶୁଭ ସଙ୍କେତ ଦେଇ ମୁକ୍ତ ଆକାଶରେ ଫରଫର ହୋଇ ଉଡ଼ି ଭାରତବାସୀଙ୍କୁ ସ୍ୱାଧୀନତାର ସ୍ୱାଦ ଚଖାଇଥିଲା । ସେହି ଜାତୀୟ ପତାକା ତଳେ ଜାତିପ୍ରେମୀ ସଂଗ୍ରାମୀମାନେ ଠୁଳ ହୋଇ ଗାଇ ଉଠିଥିଲେ ଆବାହନି ଜାତୀୟ ସଙ୍ଗୀତ (ଭାରତ ବିଧାନ) ଜନଗଣ ମନ ଅଧି ନାୟକ ଜୟ ହେ ... । କେବଳ ଏତିକି ନୁହେଁ ସାରା ଭାରତବର୍ଷର ସମସ୍ତ ପୁରପଲ୍ଲୀରେ ଜାତୀୟ ପତାକା ସ୍ୱାଧୀନତାର ସ୍ୱାଦ ଚଖାଇ ସମସ୍ତ ଜନ ମାନସକୁ ଚେତାଇ ଦେଇଥିଲା, ଆମେ ଆମ ଦେଶର ଶାସକ । ଆମେ ସମସ୍ତେ ସ୍ୱାଧୀନ ଦେଶର ନାଗରିକ । ଆମେ ଆମର ସ୍ୱାଧୀନ ଚିନ୍ତାଧାରା ଦେଶର ମଙ୍ଗଳ ନିମିତ୍ତ ଉତ୍ସର୍ଗ କରିବା । ସମସ୍ତେ ମିଶି ଦେଶର ଅଖଣ୍ଡତାକୁ ଏକ ସୂତ୍ରରେ ବାନ୍ଧି ରଖିବା । ଏହି ସ୍ୱାଧୀନତାର ବାର୍ତ୍ତା କେବଳ ଭାରତବର୍ଷରେ ସୀମିତ ହୋଇ ରହିଲା ନାହିଁ । ପୃଥିବୀର ସମସ୍ତ ଦେଶକୁ ଏହି ମଙ୍ଗଳ ବାର୍ତ୍ତା ପ୍ରେରଣ କରାଯାଇଥିଲା । ସବୁଦିନ ପାଇଁ ପ୍ରତି ବର୍ଷ ଅଗଷ୍ଟ ୧୫ ତାରିଖଟି ଆମ ଦେଶ ପାଇଁ ସ୍ମରଣୀୟ ଜାତୀୟ ଦିବସ ।

ଏହି ସ୍ୱାଧୀନତାର ପ୍ରାପ୍ତି ପାଇଁ ଇଂରେଜ ସରକାରଙ୍କ ବିରୁଦ୍ଧରେ ବହୁ ବର୍ଷ ପୂର୍ବରୁ ସଂଗ୍ରାମ ଆମ ଦେଶର ଜାତିପ୍ରେମୀ ସଂଗ୍ରାମୀମାନଙ୍କ ଦ୍ୱାରା ଜାରି ରହି ଆସିଥିଲା । ଯେଉଁ ବିଲାତି ବା ଇଂରେଜମାନେ ସ୍ୱର୍ଣ୍ଣପ୍ରସୂ ଭାରତରେ ବ୍ୟବସାୟ, ବାଣିଜ୍ୟ କରିବା ଉଦ୍ଦେଶ୍ୟରେ ପ୍ରବେଶ କରିଥିଲେ, ସେମାନେ କାଳକ୍ରମେ ଆମ ଦେଶର ନେତୃତ୍ୱ ନେଇ ଆମକୁ ଶାସନ କରିବାକୁ ବସିଲେ । ସାରା ଭାରତବର୍ଷରେ ସେମାନେ ସାମ୍ରାଜ୍ୟ ବିସ୍ତାର କରି ଆମ ଦେଶର ଧନ ସମ୍ପଦ ତାଙ୍କ ଦେଶକୁ ବୋହିନେଲେ । ଆମ ଭାରତୀୟମାନଙ୍କ ଉପରେ ତାଙ୍କର ଶାସନ କ୍ଷମତା ଜାହିର ରଖି ଅମାନୁଷିକ ଅତ୍ୟାଚାର ଆରମ୍ଭ କଲେ । ସେମାନଙ୍କ ଗୁଳିଗୋଳା କମାଣରେ ଭାରତବର୍ଷରେ ଅଗ୍ନିର ଜ୍ୱାଳା ସମସ୍ତ ଦେଶବାସୀଙ୍କ ହୃଦୟକୁ ବିଦାରିତ କରି ପକାଇଲା । କେବଳ ଲୁଣ୍ଠନର ଲାଳସା ନେଇ ଆମ ଦେଶର କେତେକ ବ୍ୟକ୍ତି ମଧ୍ୟ ସାମିଲ ହୋଇ ତାଙ୍କ ଅଧୀନରେ ଚାକିରି କରିଥିଲେ । ସେମାନେ ମଧ୍ୟ ଲାଳସାର ବଶବର୍ତ୍ତୀ ହୋଇ ଦେଶ ମାତୃକାର ସମ୍ମାନକୁ ଭୁଲି ଯାଇଥିଲେ । ଏହି ଅମାନୁଷିକ କାର୍ଯ୍ୟର ପ୍ରତିବାଦ ଜଣାଇ ଆମ ଦେଶର କେତେକ ତୁଙ୍ଗ ନେତା ଭାରତବାସୀଙ୍କୁ ଏକତ୍ର କରିବା ପାଇଁ ଅଗ୍ରସର ହେଲେ । ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ବହୁ ବିଶିଷ୍ଟ ନେତା ଆଗଭର ହୋଇ ବାହାରିଲେ । ସେମାନଙ୍କ ମଧ୍ୟରେ ଜବାହରଲାଲ୍ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍, ଭି.ଆର୍. ଆମ୍ବେଦକର, ଲାଲ ବାହାଦୁର ଶାସ୍ତ୍ରୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଇତ୍ୟାଦି ଅନେକ । ସମସ୍ତ ଭାରତବାସୀଙ୍କୁ ଜାତୀୟ ସ୍ରୋତରେ ସାମିଲ ହେବା ପାଇଁ ସେମାନେ ପ୍ରେରଣା ଦେଲେ । ଦିନକୁ ଦିନ ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ସଂଗ୍ରାମ ତୀବ୍ରତର ରୂପ ଧାରଣ କଲା । ବ୍ରିଟିଶ୍ ଶାସକଙ୍କ ବନ୍ଧୁକ ଗୁଳିରେ ଶହଶହ ଭାରତୀୟ ଶହୀଦ ହେଲେ । ଅଗ୍ନି ଲହଲହ ଜିହ୍ୱା କାଢି ସାରା ଭାରତବର୍ଷକୁ ଗ୍ରାସିବାକୁ ଲାଗିଲା । ଦେଶର ନାରୀ ଶକ୍ତି ମଧ୍ୟ ଏହି ସଂଗ୍ରାମରେ ସାମିଲ ହୋଇଥିଲେ । ଇଂରେଜ ଶାସକଙ୍କ ନୃଶଂସ ଜନସଂହାର ଦେଶସାରା ଚହଳ ପକାଇ ଦେଲା । କେଉଁଠି ଲାଠିମାଡ଼ ତ କେଉଁଠି ଢୋ ଢୋ କମାଣ ଗର୍ଜନ ପୁଣି କେଉଁଠି ଜୋର୍ ଜବରଦସ୍ତ ନାରୀ ପ୍ରତି ଅସମ୍ମାନ ତ କେଉଁଠି ଜ୍ୱଳନ୍ତ ଅଗ୍ନିକୁ ଉତ୍କ୍ଷେପଣ । ତଥାପି ମାତୃଭୂମିର ଗୌରବ ଓ ସମ୍ମାନ ବଜାୟ ରଖିବା ପାଇଁ ଜାତିପ୍ରେମୀ ସଂଗ୍ରାମୀମାନେ ପଛଘୁଞ୍ଚା ଦେଇ ନଥିଲେ । ଶେଷକୁ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ବ୍ରିଟିଶ୍ ଶାସକମାନଙ୍କ ପ୍ରତି ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଆମ ଜାତିପ୍ରେମୀ ସଂଗ୍ରାମୀମାନଙ୍କର ଧୈର୍ଯ୍ୟ, ସାହସ ଓ ମାତୃଭୂମି ପ୍ରତି ମମତା ବ୍ରିଟିଶ୍ ଶାସକଙ୍କ ଅମାନୁଷିକ ଚିନ୍ତାଧାରାକୁ ବଦଳାଇ

ଦେଇଥିଲା । ଶେଷରେ ମଧ୍ୟ ରାତ୍ରରେ ସ୍ୱାଧୀନତାର ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖକୁ ଭାରତର ସ୍ୱାଧୀନତା ଦିବସ ରୂପେ ଘୋଷଣା କରାଗଲା ।

ଚଳିତ ବର୍ଷ ସ୍ୱାଧୀନତା ଦିବସ ପାଳନ ହେବାକୁ ଯାଉଛି । ପୁରପଲ୍ଲୀର ଚାହାଳୀର କୋମଳ ଶିଶୁ ମୁଖରେ ଅସରନ୍ତି ଆନନ୍ଦ ଫୁଟି ଉଠୁଛି । ସେମାନେ ଆନନ୍ଦରେ ଗାଇ ଉଠୁଛନ୍ତି –

ବଜାରେ ବଜାରେ ବାଇଦ ବଜା
ଚଉଦିଗ ଆଜି ସଜାରେ ସଜା ।
କେତେ ନୂଆ ରୂପ ସଙ୍ଗରେ ଆଣି
ଅଗଷ୍ଟ ପନ୍ଦର ଆସିଛି ପୁଣି ।
ଏଇ ଦିନ ଆମେ ସ୍ୱାଧୀନ ହେଲୁ
ବିଦେଶୀ ହାତରୁ ଶାସନ ନେଲୁ ।
ଆମେ ଚଳାଉଛୁ ଦେଶ ଆମରି
ଆମରି ନାଆରେ ଆମେ ନାଉରୀ ।

କିନ୍ତୁ ବାସ୍ତବ କ୍ଷେତ୍ରରେ ଯେଉଁମାନେ ବ୍ରିଟିଶ୍ ଶାସକଙ୍କ ଲାଠିମାଡ଼, ବନ୍ଧୁକ କମାଣର ଘୋର ଗର୍ଜନ, କାରାଗାର ଭୋଗ କରି ଜାତୀୟ ସ୍ରୋତରେ ସାମିଲ୍ ହୋଇ ଏ ଦେଶକୁ ସ୍ୱାଧୀନ କରାଇଥିଲେ, ସେମାନେ ଦେଶରେ ଜନଜାଗରଣ ସୃଷ୍ଟି କରି ସ୍ୱାଧୀନତାର ସ୍ୱାଦ ସମସ୍ତଙ୍କଠାରେ ପହଞ୍ଚାଇଥିଲେ ।

ଜାତିର ପ୍ରଗତି ପାଇଁ ସ୍ୱତଃପ୍ରବୃତ୍ତ ଭାବରେ ହୃଦୟରୁ ଯେଉଁ ଭାବ ଜାଗ୍ରତ ହୁଏ, ସେହି ଭାବର ସ୍ୱାଦ ହିଁ ସ୍ୱାଧୀନତାର ସ୍ୱାଦ । ସ୍ୱାଧୀନତାର ଅର୍ଥ ସ୍ୱାଧୀନ ଭାବରେ ଭଲ ମନ୍ଦ ବିଚାର ନକରି କରିଯିବା ନୁହେଁ । ବର୍ତ୍ତମାନ ଦେଖାଯାଉଛି ସନ୍ତ୍ରାସବାଦୀମାନେ ଜାତିର ଅହେତୁକ କ୍ଷତି କରି ଚାଲିଛନ୍ତି । ସୁସ୍ଥ ମାନସିକତାର ସ୍ୱଚ୍ଛ ଭାବନା ଦେଶର ପ୍ରଗତି ପଥର ଏକମାତ୍ର ମାଧ୍ୟମ । ସ୍ୱାର୍ଥ ହେଉଛି ଏକ ଅସୁସ୍ଥ ମାନସିକତାର ପ୍ରତୀକ । ତେଣୁ ଉତ୍କଳଗୌରବ ମଧୁସୂଦନ ଦାସ କହିଛନ୍ତି –

ଜାତି ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥୀ କଲେ,
ଟାଣେ କିରେ ଗାଡ଼ି ଦାନାର ତୋବଡ଼ା
ଘୋଡ଼ା ମୁଖେ ବନ୍ଧା ଥିଲେ ।

ଅଧୁନା ଭାରତବର୍ଷରେ କେବଳ ଗଣତାନ୍ତ୍ରିକ ପଦ୍ଧତିରେ ସ୍ୱାଧୀନ ଭାବରେ ପ୍ରତ୍ୟେକ ନାଗରିକଙ୍କୁ ଭୋଟଦାନର ଅଧିକାର ଦିଆଯାଇଛି । ସ୍ୱାଧୀନ ଭାବରେ ମତବ୍ୟକ୍ତ ସ୍ୱାଧୀନତାର ପ୍ରେରଣା ଯୋଗାଏ । ଯେଉଁ ଜ୍ୟୋତି ଗୃହର ଚାରି କୋଠରୀ ମଧ୍ୟରେ ସୀମିତ ହୋଇ ରହେ, ତା'ର ଆଲୋକ ବାହ୍ୟ ଜନମାନସକୁ ସ୍ପର୍ଶ କରେ ନାହିଁ । ଯେଉଁମାନେ ଜାତି ପ୍ରଗତିର ଉତ୍ସ, ସେମାନେ ଯେପର୍ଯ୍ୟନ୍ତ ନିଜ ନିଜର ସ୍ୱାଧୀନ ମତ ବାହ୍ୟ ଜନମାନସକୁ ପ୍ରଭାବିତ କରିନାହାନ୍ତି, ସେପର୍ଯ୍ୟନ୍ତ ଏ ଦେଶର ଜନସାଧାରଣ ପ୍ରଗତି ପଥର ପଥିକ ହୋଇପାରିବେ ନାହିଁ ।

ଯେଉଁମାନେ ଦେଶର ଶାସନ କ୍ଷେତ୍ରରେ ନେତୃତ୍ୱ ନେଉଛନ୍ତି, ସେମାନେ ନିଜର ସ୍ୱାର୍ଥକୁ ଜନସାଧାରଣଙ୍କ ହିତ ପାଇଁ ପ୍ରୟୋଗ କଲେ, ସ୍ୱତଃପ୍ରବୃତ୍ତ ଭାବରେ ସମସ୍ତେ ସ୍ୱାଧୀନତାର ସ୍ୱାଦ ଉପଭୋଗ କରିପାରିବେ । ଯେପର୍ଯ୍ୟନ୍ତ ସ୍ୱାଧୀନତାର ସ୍ୱାଦ ଭାରତର ପୁରପଲ୍ଲୀ, ସହର ବଜାରର ଗଳି କନ୍ଦିରେ ନପହଞ୍ଚିଛି, ସେ ପର୍ଯ୍ୟନ୍ତ ଅଶାନ୍ତିର ବାତାବରଣ ଦେଶରେ ଲାଗିରହିବ । ସ୍ୱାଧୀନତାର ସ୍ୱାଦ ଅମୃତ ତୁଲ୍ୟ । ସ୍ୱତଃପ୍ରବୃତ୍ତ ଭାବରେ ଏହା ସାଧାରଣତଃ ହୃଦୟରେ ଆନନ୍ଦର ଶିହରଣ ସୃଷ୍ଟି କରିଥାଏ ।

ଜାତି ଅଛି ଓ ଜାତି ସବୁକାଳ ପାଇଁ ରହିଥିବ । ଜାତି ଯେମିତି ମାର୍ଜିତ ହେବ ଭବିଷ୍ୟତରେ ତା'ର ଜ୍ୟୋତି ସେପରି ପ୍ରସ୍ଫୁଟିତ ହେବ । ଯେପର୍ଯ୍ୟନ୍ତ ଏ ଦେଶର ନାଗରିକଙ୍କ ମନରେ 'ଏ ଜାତି ମୋର, ମୁଁ ଏ ଜାତିର' ଏ ଭାବ ଜାଗ୍ରତ ନ ହୋଇଛି, ସେପର୍ଯ୍ୟନ୍ତ ସ୍ୱାଧୀନତାର ସ୍ୱାଦ ଉପଲବ୍ଧ ହୋଇପାରିବ ନାହିଁ । ଗଣତନ୍ତ୍ର ଶାସନରେ ପ୍ରତ୍ୟେକ ନାଗରିକ ପ୍ରଗତିର ଉତ୍ସ । ସ୍ୱାଧୀନ ଭାବନା ଦ୍ୱାରା ଏହି ଉତ୍ସ ପ୍ରଜ୍ୱଳିତ ହେବ ।

ଯେଉଁ ଜାତିପ୍ରେମୀମାନେ ନିଜ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଆମ ଦେଶକୁ ସ୍ୱାଧୀନ କରିଥିଲେ, ସେମାନେ ଆଜି ନାହାନ୍ତି । ସେମାନଙ୍କର ପୁଣ୍ୟାତ୍ମା ଏହି ଭାରତବର୍ଷରେ ଘୂରି ବୁଲୁଛି । ସେମାନଙ୍କର ଜାତିପ୍ରୀତି ଭାବନା ଆମ ଦେଶବାସୀଙ୍କ ହୃଦୟରେ ପ୍ରତିଫଳିତ ହେଉ । ଆମେ ସମସ୍ତେ ଭାରତୀୟ ଗୋଟିଏ ଜାତି । ଜାତିର ପ୍ରଗତି ଆମର କାମ୍ୟ ହେଉ । ଜନ୍ମିତ କୋମଳ ଶିଶୁ ସ୍ୱାଧୀନତାର ସ୍ୱାଦ ଉପଲବ୍ଧି କରୁ । ଆମର ଜାତୀୟ ପତାକା ଫରଫର ହୋଇ ଉଡ଼ି ଜାତିର ସମସ୍ତ କଳୁଷ ଦୂର କରୁ । ଏହା ଆମର ସ୍ୱାଧୀନତା ଦିବସର କାମ୍ୟ ହେଉ ।

ସହକାରୀ ନିର୍ଦ୍ଦେଶକ
ମୁଦ୍ରଣ, ଲିଖନ ସାମଗ୍ରୀ ଓ ପ୍ରକାଶନ ନିର୍ଦ୍ଦେଶାଳୟ
ମଧୁପାଟଣା, କଟକ–୧୦

❖ ❖ ❖

# ଗାନ୍ଧୀ, ପଟେଲ, ନେହେରୁ ଓ ସୁଭାଷ

**ଡକ୍ଟର ଅତୁଲ ଚନ୍ଦ୍ର ପ୍ରଧାନ**

ଏବେ ସ୍ୱାଧୀନତା ପୂର୍ବର ଓ ପରବର୍ତ୍ତୀ କାଳର କଂଗ୍ରେସ ନେତାମାନଙ୍କ କାର୍ଯ୍ୟକଳାପ ସମୀକ୍ଷା କରାଯାଉଛି । ଏହା ସତ୍ୟ ଯେ ୧୯୪୭ ମସିହାର ପ୍ରାକ୍‌କାଳର କଂଗ୍ରେସ ଏବଂ ଏହାର ପରବର୍ତ୍ତୀ କଂଗ୍ରେସ ମଧ୍ୟରେ ଏକ ମୌଳିକ ପାର୍ଥକ୍ୟ ରହିଛି । ସ୍ୱାଧୀନତା ପୂର୍ବର କଂଗ୍ରେସ ଏକ ବୈପ୍ଳବିକ ସଂସ୍ଥା ଥିଲା ଏବଂ ଦଳମତ ନିର୍ବିଶେଷରେ ବିଭିନ୍ନ ଶ୍ରେଣୀର ଲୋକମାନଙ୍କୁ ଏକତ୍ରିତ କରି ଦେଶକୁ ଔପନିବେଶିକ ଶାସନରୁ ମୁକ୍ତ କରିବା ପାଇଁ ପ୍ରୟାସ କରୁଥିଲା । ସ୍ୱାଧୀନତା ପରବର୍ତ୍ତୀ କାଳରେ କଂଗ୍ରେସ ଏକ କ୍ଷମତାସୀନ ଦଳରେ ପରିଣତ ହେଲା ଏବଂ କ୍ଷମତା ମାଧ୍ୟମରେ ଦେଶର ବିକାଶ ପାଇଁ ଉଦ୍ୟମ କଲା । କ୍ଷମତାରେ ରହିଲେ ଦଳ କିମ୍ବା ବ୍ୟକ୍ତି ଦୁର୍ନୀତିଗ୍ରସ୍ତ ହେବା ଅନିବାର୍ଯ୍ୟ । ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ମହାତ୍ମା ଗାନ୍ଧୀ କଂଗ୍ରେସ ଦଳକୁ ଏକ ସାମାଜିକ ସେବା ଅନୁଷ୍ଠାନରେ ପରିଣତ କରିବାକୁ ଚାହୁଁଥିଲେ । ଗାନ୍ଧୀଙ୍କ ମତକୁ ଗୁରୁତ୍ୱ ଦେଉଥିବା କଂଗ୍ରେସ ଲୋକେ ସର୍ବୋଦୟ ଆନ୍ଦୋଳନରେ ପ୍ରବେଶ କଲେ । ଏହି ଆନ୍ଦୋଳନ ସେଭଳି ସୁସଂଗଠିତ ହୋଇପାରି ନଥିଲା । ପୂର୍ବେ ଯେଉଁମାନେ କଂଗ୍ରେସ ଦଳ ଓ ସରକାରଙ୍କ ଧର୍ମନିରପେକ୍ଷ ନୀତି ପ୍ରକୃତରେ ମୁସଲମାନ୍‌ମାନଙ୍କ ସ୍ୱାର୍ଥକୁ ସୁହାଉଛି ବୋଲି କହୁଥିଲେ ଏବେ ଦୀର୍ଘଦିନର ନିର୍ବାଚନୀ ଲଢେଇ ଫଳରେ ସେମାନଙ୍କର ଉତ୍ତରାଧିକାରୀମାନେ କେନ୍ଦ୍ରରେ କ୍ଷମତା ଅଧିକାର କରିଛନ୍ତି । ବାସ୍ତବ ରାଜନୀତି ଦୃଷ୍ଟିରୁ ବିଚାର କଲେ 'ଧର୍ମ ନିରପେକ୍ଷ' କଂଗ୍ରେସ ଏବଂ ହିନ୍ଦୁତ୍ୱବାଦୀ ଭାରତୀୟ ଜନତା ପାର୍ଟି ମଧ୍ୟରେ କୌଣସି ଆଖିଦୃଶିଆ ପାର୍ଥକ୍ୟ ନାହିଁ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଭାରତୀୟ ଜନତା ପାର୍ଟି କଂଗ୍ରେସ ନେତୃତ୍ୱ ପରମ୍ପରାକୁ ଆପଣେଇ ନେଇଛି ।

କେତେକ ଲୋକ କହୁଛନ୍ତି ଯେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ନେହେରୁଙ୍କ ବଦଳରେ ପ୍ରଧାନମନ୍ତ୍ରୀ ହୋଇଥିଲେ ଦେଶ ଠିକଣା ମାର୍ଗରେ ଯାଇଥାଆନ୍ତା, ନେହେରୁଙ୍କ ତ୍ରୁଟିପୂର୍ଣ୍ଣ ଅର୍ଥନୀତି ଏବଂ ଜାମ୍ମୁ ଓ କାଶ୍ମିର ଏବଂ ଭାରତ-ଚୀନ ସୀମା ସମ୍ବନ୍ଧରେ ଭ୍ରମାତ୍ମକ ପଦକ୍ଷେପ ଫଳରେ ଦେଶ ପାଇଁ ସମସ୍ୟାମାନ ସୃଷ୍ଟି ହୋଇଛି ଏବଂ ସର୍ଦ୍ଦାର ପଟେଲ ପ୍ରଧାନମନ୍ତ୍ରୀ ହୋଇଥିଲେ ଏହି ବିଷୟଗୁଡ଼ିକ ସମ୍ବନ୍ଧରେ ଅଧିକ ବାସ୍ତବବାଦୀ ଓ ଫଳପ୍ରଦ ପଦକ୍ଷେପ ଅବଲମ୍ବନ କରିଥାନ୍ତେ । ନେହେରୁ ପ୍ରଧାନ ମନ୍ତ୍ରୀ ହେବାର ପଚିଶବର୍ଷ ପରେ ଶେଷ ବଡଲାଟ ଚକ୍ରବର୍ତ୍ତୀ ରାଜା ଗୋପାଳାଚାରୀ ଲେଖିଥିଲେ, 'ନିଶ୍ଚିତ ଭାବରେ ନେହେରୁ ବୈଦେଶିକ ମନ୍ତ୍ରୀ ଏବଂ ପଟେଲ ପ୍ରଧାନମନ୍ତ୍ରୀ ହୋଇଥିଲେ ଉତ୍ତମ ହୋଇଥାଆନ୍ତା ।

୧୯୧୭ ମସିହାରେ ପଟେଲ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ପ୍ରଭାବିତ ହୋଇ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ, ୧୯୨୮ରେ ସେ ସଫଳ ଭାବରେ ବର୍ଦ୍ଦୋଲିର କୃଷକମାନଙ୍କର ସତ୍ୟାଗ୍ରହକୁ ନେତୃତ୍ୱ ପ୍ରଦାନ କରିଥିଲେ, ସେ କଂଗ୍ରେସ ଦଳର ଏକ ବିଶିଷ୍ଟ ସଂଗଠକ ଥିଲେ, ୧୯୩୧ରେ କରାଚୀରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ସେ ସଭାପତି ଆସନ ମଣ୍ଡନ କରିଥିଲେ, ୧୯୩୫ରୁ ୧୯୪୦ ପର୍ଯ୍ୟନ୍ତ ସେ କଂଗ୍ରେସ ଦଳର ସଂସଦୀୟ କମିଟିର ସଭାପତିଭାବେ କାର୍ଯ୍ୟ କରିଥିଲେ । ଭାରତୀୟ ରାଷ୍ଟ୍ର ସହିତ ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ପଟେଲଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁଁ ସମ୍ଭବ ହୋଇଥିଲା । ତାଙ୍କର ସମୟୋପଯୋଗୀ ପଦକ୍ଷେପ ବିନା ହାଇଦ୍ରାବାଦର ମିଶ୍ରଣ କଷ୍ଟସାଧ୍ୟ ହୋଇଥାନ୍ତା ଏବଂ ଏହା ଭାରତର ଏକ କ୍ଷତରେ ପରିଣତ ହୋଇଥାନ୍ତା । ବଡଲାଟ୍ ଲର୍ଡ ୱାଭେଲ୍‌ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସର୍ଦ୍ଦାର ପଟେଲଙ୍କ ନେତୃତ୍ୱ ଓ ପ୍ରଶାସନିକ ଦକ୍ଷତାର ଉଚ୍ଚ

ପ୍ରଶଂସା କରିଛନ୍ତି । ୧୯୫୯ ମସିହା ମେ ମାସରେ ଭାରତର ତତ୍କାଳୀନ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ଲେଖିଥିଲେ, 'ସର୍ଦ୍ଦାର ପଟେଲଙ୍କ ରାଷ୍ଟ୍ରନୀତିଜ୍ଞ ବିଚକ୍ଷଣତା ଓ ଦୃଢ ପ୍ରଶାସନ ଯୋଗୁଁ ଆଜି ଭାରତ ତିଷ୍ଠି ରହିଛି ଏବଂ ଆମେ ଏହା ବିଷୟରେ ଚିନ୍ତା କରିପାରୁଛୁ ତଥା ଆଲୋଚନା କରିପାରୁଛୁ ।'

୧୯୧୬ରେ ଲକ୍ଷ୍ନୌ କଂଗ୍ରେସ ଅଧିବେଶନରେ ପଣ୍ଡିତ ଜବାହରଲାଲ ନେହେରୁ ପ୍ରଥମେ ମହାତ୍ମା ଗାନ୍ଧୀଙ୍କୁ ଭେଟିଥିଲେ । ସେ ନିଜ ପିତା ମୋତିଲାଲ ନେହେରୁଙ୍କ ସହିତ ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ ଏବଂ ଯୁକ୍ତପ୍ରଦେଶ (ସାମ୍ପ୍ରତିକ ଉତ୍ତରପ୍ରଦେଶ)ରେ କଂଗ୍ରେସ ଆନ୍ଦୋଳନର ସଂଗଠନ ଦାୟିତ୍ୱ ନେଇଥିଲେ ।

ଜବାହରଲାଲ ୧୯୨୯ ମସିହାରେ ଲାହୋରରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ସଭାପତିତ୍ୱ କରିଥିଲେ । ଏହି ଅଧିବେଶନରେ ପୂର୍ଣ୍ଣସ୍ୱରାଜ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ପଟେଲଙ୍କଠାରୁ ଚଉଦବର୍ଷ ସାନ ହେଲେ ମଧ୍ୟ ମହାତ୍ମା ଗାନ୍ଧୀ ଜବାହରଲାଲଙ୍କୁ ନିଜର ରାଜନୈତିକ ଉତ୍ତରାଧିକାରୀ ବୋଲି ବିଚାର କରୁଥିଲେ । ଏହାର କାରଣ ନିଜର ତ୍ୟାଗ ଓ ଆଦର୍ଶବାଦ ପାଇଁ ଜବାହରଲାଲ ସାଧାରଣ ଜନତା ଏବଂ ଯୁବଗୋଷ୍ଠୀ ମଧ୍ୟରେ ବହୁତ ଲୋକପ୍ରିୟ ହୋଇଥିଲେ । ୧୯୩୬-୩୭ରେ ନେହେରୁ ଦ୍ୱିତୀୟ ଥର ପାଇଁ କଂଗ୍ରେସ ଦଳର ସଭାପତି ହୋଇଥିଲେ ଏବଂ ଦଳର କାର୍ଯ୍ୟକ୍ରମରେ ସମାଜବାଦକୁ ଅନ୍ତର୍ଭୁକ୍ତ କରିବା ପାଇଁ ଚେଷ୍ଟା କରିଥିଲେ । ୧୯୪୬ରେ ମୌଲାନା ଆବୁଲ କାଲାମ ଆଜାଦ ଓହରି ଗଲାପରେ ନେହେରୁ କଂଗ୍ରେସ ଦଳର ସଭାପତି ପଦ ଗ୍ରହଣ କରିଥିଲେ । ଆଜାଦ ନିଜର ଆତ୍ମଜୀବନୀରେ ଲେଖିଛନ୍ତି ଯେ ସେ ଏହି ପଦ ପାଇଁ ନେହେରୁଙ୍କ ପରିବର୍ତ୍ତେ ପଟେଲଙ୍କ ନାମ ପ୍ରସ୍ତାବ କରିଥିଲେ ଉଚିତ ହୋଇଥାନ୍ତା । ୧୯୪୬ ମସିହାରେ ଏପ୍ରିଲ ମାସରେ ସର୍ବସମ୍ମତ ଭାବରେ କଂଗ୍ରେସ ଦଳର ସଭାପତିଭାବେ ନିର୍ବାଚିତ ହେବା ଫଳରେ ନେହେରୁ ସହଜରେ ଅନ୍ତରୀଣ ସରକାରର ମୁଖ୍ୟ ଏବଂ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇପାରିଥିଲେ ।

ପ୍ରଧାନମନ୍ତ୍ରୀ ପଦରେ ଜବାହରଲାଲ ନେହେରୁ ଗଣତନ୍ତ୍ର, ଧର୍ମନିରପେକ୍ଷତା, ସମାଜବାଦ, ଗୋଷ୍ଠୀ ନିରପେକ୍ଷ ମତବାଦ ଓ ବୈଜ୍ଞାନିକ ଚିନ୍ତାଧାରା ଭିତ୍ତିରେ ନୂତନ ଭାରତ ନିର୍ମାଣ କରିବାକୁ ପ୍ରୟାସ କରିଥିଲେ । ସେ ସମାଜବାଦ ତଥା ବିଜ୍ଞାନ ଓ କାରିଗରୀ କୌଶଳର ପ୍ରୟୋଗ ଦ୍ୱାରା ଦେଶ ବୈଷମ୍ୟ ଓ ଦାରିଦ୍ର୍ୟ ଦୂର କରିବାକୁ ଚେଷ୍ଟା କରିଥିଲେ । ସେ ଯୋଜନା, ସରକାରୀ ଉଦ୍ୟୋଗ, ଗୁରୁଶିଳ୍ପର ବିକାଶ, ଦ୍ରୁତ ଔଦ୍ୟୋଗୀକରଣ ଏବଂ ବିଜ୍ଞାନ, କାରିଗରୀ କୌଶଳ ଏବଂ ଆଣବିକ ଶକ୍ତିର ପ୍ରୟୋଗ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଦେଶରେ ଏକ ସ୍ୱାଧୀନ ଅର୍ଥନୀତି ବିକଶିତ କରିବା ପାଇଁ ସେ ବୈଦେଶିକ ପୁଞ୍ଜିର ବିନିଯୋଗ ଓ ବୈଦେଶିକ ସାହାଯ୍ୟ ଗ୍ରହଣର ପରିପନ୍ଥୀ ଥିଲେ । ଘରୋଇ ଉଦ୍ୟୋଗଗୁଡ଼ିକୁ ସୁରକ୍ଷା ଦେବା ପାଇଁ ନେହେରୁ ସରକାର ଆମଦାନୀ ଉପରେ ନିୟନ୍ତ୍ରଣ ଜାରି ରଖିଥିଲେ । ଫଳରେ ସେଗୁଡ଼ିକ ଅପ୍ରତିଯୋଗୀ ହୋଇପଡ଼ିଲେ । ନେହେରୁ ସରକାର ସରକାରୀ ଉଦ୍ୟୋଗକୁ ସୁହେଇଲା ଭଳି ଔଦ୍ୟୋଗିକ ଅନୁମତି ନୀତି ଅବଲମ୍ବନ କଲେ । ସରକାରୀ ଉଦ୍ୟୋଗରେ ବହୁଲୋକଙ୍କୁ ନିଯୁକ୍ତି ଦେବା ଫଳରେ କାରଖାନା ପ୍ରସ୍ତୁତ ଦ୍ରବ୍ୟଗୁଡ଼ିକର ମୂଲ୍ୟ ବଢ଼ିଗଲା । ଆମଦାନୀ ଉପରେ ନିୟନ୍ତ୍ରଣ ଫଳରେ ବୈଦେଶିକ କମ୍ପାନୀମାନେ କାରିଗରୀ କୌଶଳକୁ ବିକ୍ରି କରିବା ପାଇଁ ଅମଙ୍ଗ ହେଲେ । ଫଳରେ କାରିଗରୀ କୌଶଳ କ୍ଷେତ୍ରରେ ଭାରତୀୟ କାରଖାନାମାନ ଅନୁନ୍ନତ ଅବସ୍ଥାରେ ରହିଲେ । ନେହେରୁଙ୍କ ତ୍ରୁଟିପୂର୍ଣ୍ଣ ଅର୍ଥନୀତି ଫଳରେ ଅର୍ଥନୈତିକ ଅଭିବୃଦ୍ଧିର ହାର ହ୍ରାସ ପାଇଲା ।

ସ୍ୱାଧୀନତାର ପରବର୍ତ୍ତୀ କାଳରେ ସାମ୍ୟବାଦୀ ରୁଷିଆ ଓ ଚୀନରେ ସାମ୍ୟବାଦୀମାନଙ୍କର ସଫଳତାକୁ ଆଖିରେ ରଖି ବହୁଲୋକ ଭାରତର ବିକାଶ ପାଇଁ ସମାଜବାଦ ଉପଯୁକ୍ତ ମାର୍ଗ ବୋଲି ବିଚାର କରୁଥିଲେ । ଏଭଳି ସ୍ଥିତିରେ କଂଗ୍ରେସ ଦଳ ସମାଜବାଦୀ ଢାଞ୍ଚାରେ ସମାଜ ଗଠନ (୧୯୫୫) ଏବଂ ଗଣତାନ୍ତ୍ରିକ ସମାଜବାଦ (୧୯୬୪)କୁ ଲକ୍ଷ୍ୟଭାବେ ଗ୍ରହଣ କରିଥିଲା । ନେହେରୁ ଘରୋଇ ଉଦ୍ୟୋଗକୁ ବିରୋଧ କରି ନଥିଲେ, ସେ ମିଶ୍ରିତ ଅର୍ଥନୀତି ଅବଲମ୍ବନ କରିଥିଲେ । ପଟେଲ ପ୍ରଧାନ ମନ୍ତ୍ରୀ ହୋଇଥିଲେ ଯେ ସମ୍ପୂର୍ଣ୍ଣ ଉଦାରୀକରଣ ନୀତି ଅବଲମ୍ବନ କରିଥାନ୍ତେ, ତାହା କହିହେବ ନାହିଁ । କିନ୍ତୁ ବାସ୍ତବବାଦୀ ରାଷ୍ଟ୍ରନୀତିଜ୍ଞ ଭାବରେ ପଟେଲ ଅର୍ଥନୀତିକୁ ଅଲଗା ଭାବରେ ପରିଚାଳିତ କରିଥାନ୍ତେ ବୋଲି ଅନୁମାନ କରାଯାଇପାରେ । ଅଶୋକ ଭି. ଦେଶାଇଙ୍କ ମତରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରୁ ଗଡ଼ି ଆସୁଥିବା ଆମଦାନୀ ନିୟନ୍ତ୍ରଣ ନୀତିକୁ ପଟେଲ ସରକାର ଉଚ୍ଛେଦ କରିଥାନ୍ତେ ଏବଂ ଔଦ୍ୟୋଗିକ ଅନୁମତି ନୀତି ପ୍ରବର୍ତ୍ତନ କରିନଥାନ୍ତେ ।

ରାଜନୈତିକ ବ୍ୟାପାରରେ ଗାନ୍ଧୀ, ପଟେଲ, ନେହେରୁ ଓ ସୁଭାଷଙ୍କ ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀ ଥିଲା । ସୁଭାଷ ଚନ୍ଦ୍ର ବୋଷ

ଗାନ୍ଧୀଙ୍କ ଅହିଂସା ନୀତିରେ ବିଶ୍ୱାସ କରନ୍ତି ନାହିଁ ବୋଲି ଖୋଲାଖୋଲି ଭାବରେ ମତ ବ୍ୟକ୍ତ କରୁଥିଲେ । ସୁଭାଷ ଚନ୍ଦ୍ର ବୋଷଙ୍କର ଦ୍ୱିତୀୟ ଥର ପାଇଁ କଂଗ୍ରେସ ସଭାପତି ପଦର ପ୍ରାର୍ଥୀତ୍ୱକୁ ଗାନ୍ଧୀ ବିରୋଧ କରିଥିଲେ । ଗାନ୍ଧୀଙ୍କ ବିରୋଧ ସତ୍ତ୍ୱେ ସୁଭାଷ ଚନ୍ଦ୍ର ବୋଷ ୧୯୩୯ରେ କଂଗ୍ରେସ ସଭାପତିଭାବେ ନିର୍ବାଚିତ ହେଲେ ଏବଂ ସୁଭାଷ ବିରୋଧୀ କଂଗ୍ରେସ ଲୋକେ ପଟେଲଙ୍କ ନେତୃତ୍ୱରେ ଏକତ୍ର ହେଲେ । ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱକୁ ଗ୍ରହଣ କଲେ ମଧ୍ୟ ଜବାହରଲାଲ ନେହେରୁ ତାଙ୍କର ଅହିଂସାନୀତି ଓ କୁଟୀର ଶିଳ୍ପ ନୀତିକୁ ଗ୍ରହଣ କରୁନଥିଲେ । ୧୯୪୫ ମସିହା ଅକ୍ଟୋବର ମାସରେ ନେହେରୁ ଗାନ୍ଧୀଙ୍କ ଦ୍ୱାରା ରଚିତ ହିନ୍ଦ୍ ସ୍ୱରାଜ (୧୯୦୯)ରେ ପ୍ରଦତ୍ତ ମତାମତ ଉପରେ ସନ୍ଦେହ ପ୍ରକଟ କରି ଚିଠି ଲେଖିଥିଲେ । ଗ୍ରାମ୍ୟ ଜୀବନ ସତ୍ୟ ଓ ଅହିଂସା ଉପରେ ପ୍ରତିଷ୍ଠିତ ଏବଂ ଶିଳ୍ପ ସଭ୍ୟତା ଶୋଷଣ ଓ ହିଂସା ଉପରେ ପ୍ରତିଷ୍ଠିତ । ଗାନ୍ଧୀଙ୍କର ଏହି ମତକୁ ନେହେରୁ ଗ୍ରହଣ କରି ନଥିଲେ ସ୍ୱାଧୀନତା ପରେ ଗଠିତ ପ୍ରଥମ ମନ୍ତ୍ରିମଣ୍ଡଳରେ ନେହେରୁ ପ୍ରଧାନମନ୍ତ୍ରୀ ଏବଂ ପଟେଲ ଉପପ୍ରଧାନମନ୍ତ୍ରୀ ହୋଇଥିଲେ । ସେତେବେଳେ ନେହେରୁ ଓ ପଟେଲଙ୍କ ମଧ୍ୟରେ ତୀବ୍ର ମତ ପାର୍ଥକ୍ୟ ଦେଖା ଦେଇଥିଲା । ୧୯୪୮ ମସିହା ଜାନୁଆରୀ ମାସ ୬ ତାରିଖରେ ନେହେରୁ ପଟେଲଙ୍କ ସହିତ ମତଭେଦ ସମ୍ବନ୍ଧରେ ଗାନ୍ଧୀଙ୍କ ପାଖକୁ ଚିଠି ଲେଖିଥିଲେ । ସେ ଲେଖିଥିଲେ, 'ସାମ୍ପ୍ରତିକ ପରିସ୍ଥିତିରେ ମୁଁ କିମ୍ବା ପଟେଲ ବାହାରି ଯିବା ଉଚିତ ।' ମହାତ୍ମା ଗାନ୍ଧୀଙ୍କ ଜୀବନର ଅନ୍ତିମ ସମୟରେ ଅବିଭକ୍ତ ଭାରତର ରାଜକୋଷରୁ ପାକିସ୍ତାନକୁ ୫୫କୋଟି ଟଙ୍କା ଦେବା ସମ୍ବନ୍ଧରେ ଗାନ୍ଧୀ ଓ ପଟେଲଙ୍କ ମଧ୍ୟରେ ମତପାର୍ଥକ୍ୟ ସୃଷ୍ଟି ହୋଇଥିଲା । ପଟେଲ ଏହି ପ୍ରସଙ୍ଗକୁ ପାକିସ୍ତାନର କାଶ୍ମିର ଆକ୍ରମଣ ସହିତ ଯୋଡିବାକୁ ଚାହୁଁଥିଲେ । କିନ୍ତୁ ମହାତ୍ମା ଗାନ୍ଧୀ ଓ ଲର୍ଡ ମାଉଣ୍ଟବ୍ୟାଟେନ୍ ପାକିସ୍ତାନକୁ ୫୫କୋଟି ଟଙ୍କା ନଦେବା ଅସମ୍ମାନଜନକ ହେବ ବୋଲି ମତ ଦେଇଥିଲେ । ୧୯୪୮ ମସିହା ଜାନୁଆରୀ ମାସ ୧୪ ତାରିଖ ଦିନ କେନ୍ଦ୍ରୀୟ କ୍ୟାବିନେଟ୍ ପଟେଲଙ୍କ ବିରୋଧ ସତ୍ତ୍ୱେ ପାକିସ୍ତାନକୁ ୫୫କୋଟି ଟଙ୍କା ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କଲା । ଗାନ୍ଧୀ ପରିଚାଳିତ କଂଗ୍ରେସରୁ ବିତାଡିତ ହୋଇ ସୁଭାଷ ଚନ୍ଦ୍ର ବୋଷ ପ୍ରଥମେ ଫରୱାର୍ଡ ବ୍ଲକ୍ ଏବଂ ପରେ ଆଜାଦ ହିନ୍ଦ ଫଉଜ ଗଠନ କରିଥିଲେ । ସେ ୧୯୪୫ ମସିହା ଅଗଷ୍ଟ ମାସରେ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ । ଗାନ୍ଧୀ ୧୯୪୮ ମସିହା ଜାନୁଆରୀ ମାସ ୩୦ ତାରିଖରେ ନାଥୁରାମ ବିନାୟକ ଗଡସେ ନାମଧ୍ୟେୟ ହିନ୍ଦୁ ଆତତାୟୀର ଗୁଳିରେ ପ୍ରାଣ ହରାଇଥିଲେ । ବିଚାରବେଳେ ଗଡସେ କହିଲେ ଯେ ଜାତିର ପିତା ପ୍ରକୃତରେ ପାକିସ୍ତାନର ପିତା ଓ ମୁସଲମାନମାନଙ୍କର ସମର୍ଥକ । ପଟେଲ ୧୯୫୦ରେ ହୃଦ୍‌ଘାତରେ ପ୍ରାଣ ହରାଇଥିଲେ । ଜବାହରଲାଲ ନେହେରୁ ଆହୁରି ୧୪ବର୍ଷ ବଞ୍ଚିଲେ ଏବଂ ମୃତ୍ୟୁ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ରହିଥିଲେ ।

ଉଭୟ ଗାନ୍ଧୀ ଓ ନେହେରୁ ନିଜ ନିଜ ପନ୍ଥାରେ ଆଦର୍ଶବାଦୀ ଥିଲେ । ପଟେଲଙ୍କ ବାସ୍ତବବାଦୀ ନୀତି ଫଳରେ ଦେଶୀୟ ରାଜ୍ୟଗୁଡିକର ମିଶ୍ରଣ ସମ୍ଭବ ହୋଇପାରିଥିଲା । କିନ୍ତୁ ରାଜନୀତିରେ ଆଦର୍ଶବାଦର ମଧ୍ୟ ଏକ ସମ୍ମାନଜନକ ସ୍ଥାନ ରହିଛି । କେବଳ କୃତିତ୍ୱ ନୁହେଁ, ଉଦ୍ଦେଶ୍ୟ ଓ ଆଦର୍ଶ ଦୃଷ୍ଟିରୁ ମଧ୍ୟ ରାଷ୍ଟ୍ରନୀତିଜ୍ଞ ଓ ନେତାମାନଙ୍କୁ ବିଚାର କରିବାର ଆବଶ୍ୟକତା ରହିଛି । ନେହେରୁ ଉପନିବେଶବାଦର ଉଚ୍ଛେଦ ପାଇଁ ଆନ୍ତର୍ଜାତିକ ସ୍ତରରେ ଉଦ୍ୟମ କରିଥିଲେ । ୧୯୪୯ରେ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମକୁ ସମର୍ଥନ ଦେବା ପାଇଁ ନେହେରୁ ନୂଆଦିଲ୍ଲୀରେ ସମ୍ମିଳନୀ ଡକାଇଥିଲେ । ସେ ଗୋଷ୍ଠୀ ନିରପେକ୍ଷତା ଓ ଆଫ୍ରୋଏସୀୟ ଏକତାକୁ ଭାରତର ବୈଦେଶିକ ନୀତିର ମୂଳପିଣ୍ଡ ଭାବରେ ସ୍ଥାପନ କରିଥିଲେ । ଏହି ନୀତିକୁ ୧୯୭୭ ମସିହାରେ ଗଠିତ ଜନତା ସରକାରର ବୈଦେଶିକ ମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ପ୍ରଶଂସା କରିଥିଲେ ।

ଅବସରପ୍ରାପ୍ତ ପ୍ରାଧ୍ୟାପକ
ଇତିହାସ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ

❖ ❖ ❖

# ଭିତ୍ତିଭୂମି ବିକାଶ
# ନବକଳେବର-୨୦୧୫

ପୁରାଣ, ଇତିହାସ ଓ ଭୂଗୋଳରେ ପୁରୀର ପ୍ରତିଷ୍ଠା ଓ ପ୍ରସିଦ୍ଧି ଜଗତ ବିଖ୍ୟାତ । ଚାରିଧାମ ମଧ୍ୟରୁ ପୁରୀ ଜଗନ୍ନାଥ ଧାମ ଅନ୍ୟତମ । ଏହାର ଅନ୍ୟ ନାମ ଶ୍ରୀକ୍ଷେତ୍ର, ଶଙ୍ଖକ୍ଷେତ୍ର, ନୀଳାଚଳ କ୍ଷେତ୍ର, ପୁରୁଷୋତ୍ତମ କ୍ଷେତ୍ର ଓ ଉଚ୍ଛିଷ୍ଟ କ୍ଷେତ୍ର ଇତ୍ୟାଦି । ସର୍ବଧର୍ମ ସମନ୍ୱୟର ପ୍ରତୀକ ମହାପ୍ରଭୁ ଶ୍ରୀଜଗନ୍ନାଥ ଏହି କ୍ଷେତ୍ରରେ ଆବହମାନ କାଳରୁ ବିରାଜମାନ କରିଛନ୍ତି । ସେ ହେଉଛନ୍ତି ସାରା ବିଶ୍ୱର ଆରାଧ୍ୟ ଠାକୁର । ବର୍ଷସାରା ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତମାନେ ଆସିଥାନ୍ତି ।

ମହାପ୍ରଭୁଙ୍କ ବିଭିନ୍ନ ଯାତ୍ରା ଓ ପର୍ବପର୍ବାଣି ମଧ୍ୟରେ ରଥଯାତ୍ରା ସବୁଠୁ ଶ୍ରେଷ୍ଠ । ମହାପ୍ରଭୁ ରତ୍ନ ସିଂହାସନରୁ ଓହ୍ଲାଇ ଭକ୍ତମାନଙ୍କ ଗହଣରେ ରଥରେ ବିରାଜମାନ ହୁଅନ୍ତି । ରଥାରୂଢ ଦାରୁବ୍ରହ୍ମଙ୍କୁ ଦର୍ଶନ କଲେ ମୋକ୍ଷ ଲାଭ ହୁଏ ବୋଲି ବିଶ୍ୱାସ ଅଛି ।

ଇତିମଧ୍ୟରେ ନବକଳେବର ଓ ରଥଯାତ୍ରା ସୁଚାରୁ ରୂପେ ସମ୍ପନ୍ନ ହୋଇଯାଇଛି । ୧୯ ବର୍ଷ ପରେ ମହାପ୍ରଭୁଙ୍କୁ ନୂତନ କଳେବରରେ ଭକ୍ତମାନେ ଦର୍ଶନ କଲେ । ପୃଥିବୀ ପ୍ରସିଦ୍ଧ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନବକଳେବର ରଥଯାତ୍ରାରେ ଦେଶ ତଥା ବିଦେଶର ବିଭିନ୍ନ ସ୍ଥାନରୁ ଲକ୍ଷ ଲକ୍ଷ ଭକ୍ତ-ଶ୍ରଦ୍ଧାଳୁ-ପର୍ଯ୍ୟଟକ ଶ୍ରୀକ୍ଷେତ୍ର ଆସିଥିଲେ । ଭକ୍ତ ଜନସମୁଦାୟଙ୍କୁ ସମସ୍ତ ପ୍ରକାର ମୌଳିକ ସେବା ଓ ସୁବିଧା ଯୋଗାଇ ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ବ୍ୟାପକ ଉନ୍ନତ ଭିତ୍ତିଭୂମି ନିର୍ମାଣ ଦିଗରେ ଆନ୍ତରିକ ନିଷ୍ଠା ପ୍ରଦର୍ଶନ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସଂପନ୍ନ ସମସ୍ତ ଭିତ୍ତିଭୂମି ପ୍ରକଳ୍ପ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ହୋଇଛି । ସରକାରଙ୍କ ବିଭିନ୍ନ ବିଭାଗ ଆନୁକୂଲ୍ୟରେ ରୂପାୟିତ ହୋଇଥିବା ବିବିଧ ଭିତ୍ତିଭୂମି ପ୍ରକଳ୍ପ ସମ୍ପର୍କରେ ନିମ୍ନରେ ପ୍ରଦତ୍ତ ହେଲା ।

## ରାସ୍ତାଘାଟ

- ୨୯ କୋଟି ୩୩ ଲକ୍ଷ ୭୫ ହଜାର ୭୪୬ ଟଙ୍କା ବ୍ୟୟରେ ଦୋହରା ବାଇପାସ୍ ସଡ଼କ (ନବକଳେବର ରାସ୍ତା-୨) ନିର୍ମାଣ କରାଯାଇ ଜାତୀୟ ରାଜପଥ ୨୦୩ ମାଳତୀପାଟପୁରଠାରୁ କୋଣାର୍କ-ପୁରୀ ଜାତୀୟ ରାଜପଥ-୨୦୩ (କ) ସହିତ ସଂଯୋଗ କରାଯାଇଛି ।
- ଯାନବାହାନ ଯାତାୟାତକୁ ଶୃଙ୍ଖଳିତ କରିବା ଉଦ୍ଦେଶ୍ୟରେ ମାଳତୀପାଟପୁରକୁ ପୁରୀ-କୋଣାର୍କ ସହିତ ସଂଯୋଗ ପଥରେ କାଞ୍ଚିନାଳ ଉପର ଦେଇ ୬୩ କୋଟି ୮୭ଲକ୍ଷ ୮୧ ହଜାର ୫୧ ଟଙ୍କା ବ୍ୟୟରେ ଏକ ସୁଦୀର୍ଘ ଓଭରବ୍ରିଜ୍ ନିର୍ମାଣ କରାଯାଇଛି ।
- ପୁରୁଣା ଜାତୀୟ ରାଜପଥ ୨୦୩ର ବାଟଗାଁରୁ ମେଡ଼ିକାଲ ଛକ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ କରାଯାଇଛି ଏବଂ ସମଜାଜପୁରଠାରୁ ତୁଳସୀ ଚଉରା ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ କରାଯିବା ସହ ଅଠରନଳା ନିକଟରେ କଲଭର୍ଟ ନିର୍ମାଣ କରାଯାଇଛି । ଏଥିନିମନ୍ତେ ୮ କୋଟି ୬୭ ଲକ୍ଷ ୪୯ ହଜାର ୫୭୫ ଟଙ୍କା ବ୍ୟୟ କରାଯାଇଛି ।





- ଗୋପ–ବାଲିଘାଇ ରାସ୍ତାର ନେତପୁର ନିକଟରେ କୁଶଭଦ୍ରା ନଦୀ ଉପରେ ଏକ ହାଇ–ଲେଭଲ ବ୍ରିଜ୍ ନିର୍ମାଣ କରାଯାଇଛି । ଏଥିନିମନ୍ତେ ୧୭ କୋଟି ଟଙ୍କା ବ୍ୟୟ କରାଯାଇଛି ।
- ପ୍ରାୟ ୧.୫ କୋଟି ଟଙ୍କା ବ୍ୟୟରେ ବୀରହରେକୃଷ୍ଣପୁରଠାରୁ ବାଲିଗୁଆଳି ପର୍ଯ୍ୟନ୍ତ ରାସ୍ତା ନିର୍ମିତ ହୋଇଥିବାବେଳେ ପ୍ରାୟ ୩୫ ଲକ୍ଷ ଟଙ୍କା ବ୍ୟୟରେ ସ୍ୱର୍ଗଦ୍ୱାରଠାରୁ ପ୍ରାଚୀ ଛକ ପର୍ଯ୍ୟନ୍ତ ରାସ୍ତାର ପୁନଃନିର୍ମାଣ ସମ୍ପନ୍ନ ହୋଇଛି ।
- ଶ୍ରୀକ୍ଷେତ୍ରରେ ୫୯ଟି ସିମେଣ୍ଟ କଂକ୍ରିଟ ରୋଡ଼ ନିର୍ମାଣ କରାଯାଇଛି ।

## ପରିବହନ



- ଯାତ୍ରୀମାନଙ୍କର ଯାତାୟାତ ସୁବିଧା ନିମନ୍ତେ ମାଳତୀପାଟପୁରଠାରେ ଏକ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଛି । ୭୩.୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ବସ୍‌ଷ୍ଟାଣ୍ଡରେ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ରହିଛି । ଏକ ସମୟରେ ୧୦୦୦ ବସ୍ ରହିପାରିବା ଭଳି ଏହି ବସ୍‌ଷ୍ଟାଣ୍ଡରେ ୨୪ ଘଣ୍ଟିଆ ଜଳ ଯୋଗାଣ, ନିରନ୍ତର ବିଦ୍ୟୁତ୍ ସେବା, ବ୍ୟାପକ ପୋଲିସ୍ ସୁରକ୍ଷା, ସି.ସି.ଟି.ଭି. କ୍ୟାମେରା, ପୁରୁଷ ଓ ମହିଳାଙ୍କ ପାଇଁ ପୃଥକ୍ ଶୌଚାଳୟ ଓ ସ୍ନାନାଗାର, ସ୍ୱତନ୍ତ୍ର ମହିଳା ପ୍ରତୀକ୍ଷାଳୟ, ଭୋଜନାଳୟ, ଜିନିଷପତ୍ର ରଖିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ପ୍ରାଥମିକ ଚିକିତ୍ସା ସେବା, ଦୋକାନ ଘର, ଏ.ଟି.ଏମ୍. କାଉଣ୍ଟର ଓ ଯାତ୍ରୀ ସୂଚନା କେନ୍ଦ୍ର ରହିଛି ।

## ପୋଲିସ ଓ ଟ୍ରାଫିକ୍ ନିୟନ୍ତ୍ରଣ

- ପୋଲିସ ଏବଂ ସୁରକ୍ଷା କର୍ମୀମାନଙ୍କ ସୁରକ୍ଷିତ ରହଣି ଓ କାର୍ଯ୍ୟ ସମ୍ପାଦନରେ ସଶକ୍ତିକରଣ ନିମନ୍ତେ ସତ୍ୟବାଦୀଠାରେ ୭୦ ଲକ୍ଷ ଟଙ୍କା ବ୍ୟୟରେ ୧୦୦ ଶଯ୍ୟା ବିଶିଷ୍ଟ ପୁରୁଷ ବାରାକ୍, ପୁରୀଠାରେ ୫୫ ଲକ୍ଷ ଟଙ୍କା ବ୍ୟୟରେ ୬୦ ଶଯ୍ୟା ବିଶିଷ୍ଟ ମହିଳା ବାରାକ୍ ଓ ପିପିଲିଠାରେ ୬୦ ଲକ୍ଷ ୪୩ ହଜାର ଟଙ୍କା ବ୍ୟୟରେ ୧୦୦ ଶଯ୍ୟା ବିଶିଷ୍ଟ ପୁରୁଷ ବାରାକ୍ ନିର୍ମିତ ହୋଇଛି ।



- ପୁରୀସ୍ଥିତ ରିଜର୍ଭ ପୋଲିସ୍ ଲାଇନଠାରେ ୪୦ ଲକ୍ଷ ଟଙ୍କା ବ୍ୟୟରେ କର୍ମଚାରୀଙ୍କ ବାସଗୃହ ନିର୍ମାଣ କରାଯାଇଛି ।
- ପୁରୀଠାରେ ଟ୍ରାଫିକ୍ କଣ୍ଟ୍ରୋଲ ରୁମ୍ ଓ ବାରାକ୍ ନିର୍ମିତ ହୋଇଛି । ଏହି ପ୍ରକଳ୍ପରେ ୭୦ ଲକ୍ଷ ଟଙ୍କା ବିନିଯୋଗ କରାଯାଇଛି ।

- କୋଣାର୍କଠାରେ ୧୦୦ ଶଯ୍ୟା ବିଶିଷ୍ଟ ପୁରୁଷ ବାରାକ୍ ନିର୍ମାଣ ଓ ପାର୍କିଂ ସ୍ଥାନ ଉନ୍ନତି ନିମନ୍ତେ ୧କୋଟି ୮୦ଲକ୍ଷ ଟଙ୍କା ବ୍ୟୟ କରାଯାଇଛି ।
- ନବକଳେବର ରଥଯାତ୍ରାର ସୁପରିଚାଳନା ନିମନ୍ତେ ଏକ ସମନ୍ୱିତ ନିୟନ୍ତ୍ରଣ ପ୍ରକୋଷ୍ଠ କାର୍ଯ୍ୟକ୍ଷମ ହୋଇଛି ।

## ସ୍ୱାସ୍ଥ୍ୟ ସେବା

- ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସୁଦୃଢ଼ ଭିତ୍ତିଭୂମି ଉଦ୍ଦେଶ୍ୟରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ୧୭.୬୪ କୋଟି ଟଙ୍କା ବ୍ୟୟରେ ୭ ମହଲା ବିଶିଷ୍ଟ ଅତିରିକ୍ତ ୧୦୦ ଶଯ୍ୟା ଏବଂ ଅତ୍ୟାଧୁନିକ ଚିକିତ୍ସା ସୁବିଧା ରହିଥିବା ମାତୃ ଓ ଶିଶୁ ଚିକିତ୍ସାଳୟ କାର୍ଯ୍ୟକ୍ଷମ ହୋଇଛି ।



- ଯକ୍ଷ୍ମା ଓ ସଂକ୍ରାମକ ରୋଗ ଚିକିତ୍ସାଳୟ ପରିସରରେ ଅତିରିକ୍ତ ୨୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ କାର୍ଯ୍ୟକ୍ଷମ ହୋଇଛି । ଆଧୁନିକ ସୁବିଧାସୁଯୋଗ ଉପଲବ୍ଧ ତିନି ମହଲା ବିଶିଷ୍ଟ ଏହି ଚିକିତ୍ସାଳୟ ନିମନ୍ତେ ୬.୫୮ କୋଟି ଟଙ୍କା ବ୍ୟୟ କରାଯାଇଛି ।
- ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ୬.୧୨ କୋଟି ଟଙ୍କା ବ୍ୟୟରେ ୨୦୦ ଅତିରିକ୍ତ ଶଯ୍ୟା ରହିଥିବା ତିନି ମହଲା ବିଶିଷ୍ଟ ଚିକିତ୍ସାଳୟ କାର୍ଯ୍ୟକ୍ଷମ ହୋଇଛି ।
- ପୁରୀ ପୌରାଞ୍ଚଳରେ ୪ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି ।
- ୧୩୦ଟିରୁ ଅଧିକ ଆଶୁ ଚିକିତ୍ସାକେନ୍ଦ୍ର ଖୋଲା ଯାଇଛି ।
- ପ୍ରାୟ ୧୪୧ଟି ଆମ୍ବୁଲାନ୍ସ ମାଧ୍ୟମରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାର ବନ୍ଦୋବସ୍ତ ହୋଇଛି । ଏହା ବ୍ୟତୀତ ୧୦୨/୧୦୮ ଆମ୍ବୁଲାନ୍ସ ସେବା ଅବ୍ୟାହତ ରହିବ । ସ୍ୱେଚ୍ଛାସେବୀ ସଙ୍ଗଠନ ଓ ଘରୋଇ ହସ୍ପିଟାଲ୍‌ର ଆମ୍ବୁଲାନ୍ସ ମଧ୍ୟ ଉପଯୋଗ କରାଯିବ ।
- ସ୍ୱାସ୍ଥ୍ୟସେବା ନିମନ୍ତେ ୨୦୦୦ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଛନ୍ତି ।

## ପାନୀୟ ଜଳଯୋଗାଣ

- ପରିମଳ ବ୍ୟବସ୍ଥା ସ୍ୱରୂପ ୨୯.୬୨ କି.ମି. ସ୍ୱେରେଜ ନେଟୱାର୍କ, ୪ଟି ପମ୍ପିଂ ଷ୍ଟେସନ, ଗୋଟିଏ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ଓ ୭୩୯ ଗୃହକୁ ପାଇଖାନା ସଂଯୋଗ କରାଯାଇଛି ।
- ପାର୍କିଂ ନିମନ୍ତେ ୬ଟି ପାର୍କିଂ ସ୍ଥଳୀ, ୨୯୨୫ ଅସ୍ଥାୟୀ ପାଇଖାନା ନିର୍ମାଣ ଓ ୭୯୪ ଜଣ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ।
- ବର୍ଷାଜଳ ନିଷ୍କାସନ ପାଇଁ ଚିହ୍ନଟ କରାଯାଇଥିବା ୧୪ଟି ସ୍ଥାନରେ ୫ ଏଚ.ପି. ମୋଟର ପମ୍ପ କାର୍ଯ୍ୟକ୍ଷମ ରଖାଯାଇଛି ।
- ୫୮.୬୨ ମିଲିୟନ ଲିଟର ଜଳଯୋଗାଣ ସାଙ୍ଗକୁ ୬୦ଟି ଜଳ ଅମଳ କୂପ, ୨୦୦ଟି ଗଭୀର ନଳକୂପ, ୧୫ଟି ଡ଼ି.ଜି.ସେଟ୍, ୨୩୦ଟି ପି.ଭି.ସି. ପାଣି ଟାଙ୍କି, ୧୨୦୦ଟି ନଳକୂପ ଖନନ ବ୍ୟବସ୍ଥା କରାଯିବା ସହ ୫୦ଟି ଟ୍ୟାଙ୍କର ଜରିଆରେ ପାନୀୟ ଜଳ ବିତରଣର ବନ୍ଦୋବସ୍ତ କରାଯାଇଛି ।

◆ ଜଳ ନିଷ୍କାସନର ବ୍ୟବସ୍ଥା ନିମନ୍ତେ ୬ କୋଟି ୨୯ ଲକ୍ଷ ୮ହଜାର ଟଙ୍କା ବ୍ୟୟରେ ବାଙ୍କି ମୁହାଣସ୍ଥିତ ଜଳ ବିଶୋଧନ ପ୍ରକଳ୍ପର ପୁନରୁଦ୍ଧାର କରାଯାଇଛି ।

◆ ଜଳ ନିଷ୍କାସନ ନିମନ୍ତେ ପୁରୀ ସହରାଞ୍ଚଳକୁ ଏକାଧିକ ଜୋନ୍‌ରେ ବିଭକ୍ତ କରାଯାଇ ମୋଚିସାହି, କଚେରୀ ଅଞ୍ଚଳ, ଏସି.ଏସ୍ କଲେଜ, ଭିଆଇପି ରୋଡ୍ ପୋଲିସ ଲାଇନ୍, ଫାୟାର ଷ୍ଟେସନ, ପେଣ୍ଠକଟା, ବ୍ଲକ୍ କଲୋନୀ, ଶ୍ରୀକ୍ଷେତ୍ର କଲୋନୀ, ପି.କେ.ଆର୍.ଆଇ.ଟି. କଲୋନୀ, ରେଳବାଇ କଲୋନୀ, ସିଟିରୋଡ୍ ସର୍ବୋଦୟ ନଗର, ଗୁଣ୍ଡିଚାମନ୍ଦିର ଆଶ୍ରମ ଛକ, ଶ୍ରୀଲୋକନାଥ ମନ୍ଦିର, ହାଉସିଂବୋର୍ଡ଼ କଲୋନୀ, ସ୍ୱର୍ଗଦ୍ୱାର, ସାତଲହଡ଼ି ମଠ, ଧୋବାସାହି, ସିଦ୍ଧ ମହାବୀର, ଆଦର୍ଶନଗର, ମାରୁତି ନଗର, ବ୍ୟାଙ୍କ କଲୋନୀ, ମୈତ୍ରୀ ବିହାର, କୁମୁଟିପାଟଣା, ବେହେରା ସାହି ଇତ୍ୟାଦି ଅଞ୍ଚଳରେ ସମୁଦାୟ ଡ୍ରେନ୍‌ର ଦୈର୍ଘ୍ୟ ୧୧ ହଜାର ୬୧୭ ମିଟର ଡ୍ରେନ୍ ନିର୍ମାଣ କରାଯାଇଛି ଓ ସେ ବାବଦରେ ୧୯ କୋଟି ୧୩ ଲକ୍ଷ ୮୨ ହଜାର ଟଙ୍କା ବ୍ୟୟ କରାଯାଇଛି ।

## ପରିମଳ ବ୍ୟବସ୍ଥା

◆ ଯାତ୍ରୀମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ନିମନ୍ତେ ଜାତୀୟ ରାଜପଥ ଓ ପୁରୀ ସହରକୁ ସଂଯୁକ୍ତ କରୁଥିବା ଅନ୍ୟାନ୍ୟ ରାସ୍ତାର ୧୬ଟି ସ୍ଥାନରେ ୨୦୦୦ ଲିଟର କ୍ଷମତା ବିଶିଷ୍ଟ ସିନ୍‌ଟେକ୍ସ ପାଣିଟାଙ୍କି ରଖାଯାଇଛି ।



◆ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ୨୨ଟି ନୂତନ ନଳକୂପ ଖନନ କରାଯାଇଛି ।

◆ ପୁରୀ ସହରକୁ ସଂଯୋଗ କରୁଥିବା ବିଭିନ୍ନ ରାସ୍ତାର ଉଭୟ ପାର୍ଶ୍ୱରେ ୮୦ଟି ଅସ୍ଥାୟୀ ଶୌଚାଳୟ ଏବଂ ୫୦ଟି ନଳକୂପ ନିର୍ମାଣ କରାଯାଇଛି ।

◆ ପୁରୀରେ କାର୍ଯ୍ୟରତ ପୋଲିସ ବାହିନୀର ରହଣି ସ୍ଥଳକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି ।

◆ ପୁରୀ ସହରର ୨୦ କିଲୋମିଟର ବ୍ୟାସାର୍ଦ୍ଧରେ ଥିବା ୧୫ ଶହରୁ ଉର୍ଦ୍ଧ୍ୱ ନଳକୂପଗୁଡ଼ିକୁ ମରାମତି କରାଯାଇ କାର୍ଯ୍ୟକ୍ଷମ କରାଯାଇଛି । ତ୍ୱରିତ ମରାମତି ପାଇଁ ୨୦ ଜଣ ବୈଷୟିକ ତାଲିମପ୍ରାପ୍ତ କର୍ମଚାରୀଙ୍କୁ ଯାନ ସହ ମୁତୟନ କରାଯାଇଛି ।

◆ ଗୋ-ମହିଷାଦି ପ୍ରାଣୀମାନଙ୍କ ନିମନ୍ତେ ପୁରୀର ଛଇତନାଠାରେ ଆଶ୍ରୟସ୍ଥଳ ନିର୍ମାଣ କରାଯାଇଛି ।


◆ ଜଳଯୋଗାଣ ଓ ପରିମଳ ବ୍ୟବସ୍ଥାକୁ ନିରୀକ୍ଷଣ କରିବା ପାଇଁ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି ।

## ବିଦ୍ୟୁତ୍ ଶକ୍ତି ଯୋଗାଣ



◆ ପୁରୀର ବାଇଦାସ୍ ନଗରଠାରୁ ମାଳତୀପାଟପୁର ଆଡ଼କୁ ଏବଂ ବାଟଗାଁ ଭାୟା ମଙ୍ଗଳାହାଟ ଦେଇ ହୋଟେଲ ଷ୍ଟର୍ଲିଂ ରୋଡ଼ ପର୍ଯ୍ୟନ୍ତ ୧.୧୯ କୋଟି ଟଙ୍କା ବ୍ୟୟରେ ୧୧ କେଭି ଲାଇନ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି । ଏହା ବ୍ୟତୀତ ସହର ମଧ୍ୟରେ ୯୯ ହଜାର ୬ ଶହ ଟଙ୍କା ବ୍ୟୟରେ ଷ୍ଟର୍ଲିଂ ରୋଡ଼ଠାରୁ ହଂସକୋକୋପାମ୍ ଛକ ପର୍ଯ୍ୟନ୍ତ ପରିବେଶ ଅନୁକୂଳ ତଥା ଶକ୍ତି ସଂରକ୍ଷଣ ଉପଯୋଗୀ ସଡ଼କ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି । ୮୮ ଲକ୍ଷ ଟଙ୍କା ବ୍ୟୟ କ୍ରମେ ବଡ଼ଦାଣ୍ଡରେ ଅତ୍ୟୁଚ୍ଚ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇଛି ।

◆ ୩୦ଟି ପ୍ରମୁଖ ପାର୍କିଂ ସ୍ଥଳୀରେ ଅନ୍ୟୂନ ୪ କୋଟି ୯ ଲକ୍ଷ ଟଙ୍କା ବ୍ୟୟରେ ଏଲ୍.ଇ.ଡ଼ି. ଲାଇଟିଙ୍ଗ୍ ସହ ହାଇମାକ୍ସ ଟାୱାର ସ୍ଥାପନ କରାଯାଇଛି । ବାଟଗାଁ ଠାରୁ ମଙ୍ଗଳାହାଟ ଦେଇ ହୋଟେଲ ଷ୍ଟର୍ଲିଂ ପର୍ଯ୍ୟନ୍ତ ସଡ଼କରେ ୭୩ କୋଟି ଟଙ୍କା ବ୍ୟୟରେ ଏଲ୍.ଇ.ଡ଼ି. ଲାଇଟିଙ୍ଗ୍ ବ୍ୟବସ୍ଥା କରାଯାଇଛି । ଏହା ସହିତ ସମୁଦ୍ରକୂଳ, ଚକ୍ରତୀର୍ଥ ରାସ୍ତା ଏବଂ ଭିଆଇପି ରୋଡ୍‌ରେ ୩.୭୧ କୋଟି ଟଙ୍କା ବ୍ୟୟରେ ଏଲ୍.ଇ.ଡ଼ି. ଲାଇଟିଙ୍ଗ୍ ବ୍ୟବସ୍ଥା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ।



◆ ୨୦.୭୧କୋଟି ଟଙ୍କା ବ୍ୟୟରେ ୧୩୨/୩୩ କେ.ଭି. ଗ୍ରୀଡ୍ ସବ୍‌ଷ୍ଟେସନ, ଶାମୁକା ବ୍ରହ୍ମଗିରି ଓ ଆବଶ୍ୟକ ସ୍ଥଳେ ପୁରୀକୁ ଗୁଣାତ୍ମକ ଓ ନିର୍ଭରଯୋଗ୍ୟ ବିଦ୍ୟୁତ୍ ସରବରାହ ନିମନ୍ତେ ପ୍ରକଳ୍ପ ସଂପନ୍ନ ହୋଇଛି ।



◆ ନିମାପଡ଼ା ଗ୍ରୀଡ୍‌ର ୧୩୨/୩୩ କେ.ଭି. ଲାଇନ ସହ ସମଗରା ଗ୍ରୀଡ୍‌କୁ ସଂଯୁକ୍ତ କରାଯାଇ ସମଗ୍ର ପୁରୀ ସହର ଓ ଆଖପାଖ ଅଞ୍ଚଳକୁ ଗୁଣାତ୍ମକ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରାଯାଇପାରିଛି । ଏହି ବାବଦରେ ୧ କୋଟି ୭୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି ।

◆ ଅଲାରନାଥ ମନ୍ଦିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ସମେତ ରାସ୍ତା ଆଲୋକୀକରଣ ଓ ଅତ୍ୟୁଚ୍ଚ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ନିମନ୍ତେ ୧କୋଟି ୫୮ ଲକ୍ଷ ଟଙ୍କା ବିନିଯୋଗ କରାଯାଇଛି ।

## ପର୍ଯ୍ୟଟନ ଭିତ୍ତିଭୂମି

◆ ୧୯୮.୫୮ ଲକ୍ଷ ଟଙ୍କା ବ୍ୟୟରେ କାକଟପୁରସ୍ଥିତ ଦେଉଳି ମଠର ଉନ୍ନତିକରଣ ସଂପନ୍ନ କରାଯାଇଛି ।

◆ ୩.୫ କୋଟି ଟଙ୍କା ବିନିଯୋଗକ୍ରମେ ନବକଳେବରରେ ସମବେତ ଯାତ୍ରୀମାନଙ୍କ ରହଣି ସୁବିଧା ନିମନ୍ତେ ଆଶ୍ରୟସ୍ଥଳ ନିର୍ମାଣ କରାଯାଇଛି ।



◆ ୧କୋଟି ୬୭ ଲକ୍ଷ ୧ ହଜାର ଟଙ୍କା ବ୍ୟୟରେ ପୁରୀରେ ଶୌଚାଳୟ ନିର୍ମାଣ କରାଯାଇଛି ।

◆ ବ୍ରହ୍ମଗିରିଠାରେ ଅଲାରନାଥ ଠାକୁରଙ୍କ ମନ୍ଦିର ତଥା ପରିସର ଉନ୍ନତିକରଣ ନିମନ୍ତେ ୩ କୋଟି ଟଙ୍କା ବ୍ୟୟ କରାଯାଇଛି ।

◆ ପଟ୍ଟନାୟିକିଆଠାରେ ରାସ୍ତାପାର୍ଶ୍ୱ ପର୍ଯ୍ୟଟକ ସୁବିଧା କେନ୍ଦ୍ର 'ଯାଯାବର' ନିର୍ମିତ ହୋଇଛି । ଏହି ପ୍ରକଳ୍ପରେ ୩୧୫.୧୨ ଲକ୍ଷ ଟଙ୍କା ବିନିଯୋଗ କରାଯାଇଛି ।

◆ ୩୧୫.୧୨ ଲକ୍ଷ ଟଙ୍କା ବ୍ୟୟ କରାଯାଇ ପୁରୀସ୍ଥିତ ଜଗନ୍ନାଥ ବଲ୍ଲଭ ମଠ ପରିସରରେ କ୍ରାଫ୍‌ଟ କଂପ୍ଲେକ୍ସ ଓ ତୀର୍ଥଯାତ୍ରୀ ବିଶ୍ରାମାଗାର ନିର୍ମାଣ କରାଯାଇଛି ।

◆ ଅଠରନଳାର ଉନ୍ନତିକରଣ ନିମନ୍ତେ ୧.୩୨ ଲକ୍ଷ ଟଙ୍କା ବିନିଯୋଗ କରାଯାଇଛି ।



- ପଥର ପୋଖରୀ ସମେତ ପୁରୀରେ ଥିବା ଅନ୍ୟାନ୍ୟ ପବିତ୍ର ପୁଷ୍କରିଣୀଗୁଡ଼ିକର ଉନ୍ନତିକରଣ ବାବଦରେ ୨୬.୫୨ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି ।
- ୩୫.୯୭ ଲକ୍ଷ ଟଙ୍କା ବ୍ୟୟ କରାଯାଇ ବଡଦାଣ୍ଡର ଉଭୟ ପାର୍ଶ୍ୱରେ ରହିଥିବା କୋଠାବାଡ଼ିର ପ୍ରାଚୀର ସୌନ୍ଦର୍ଯ୍ୟକରଣ ସଂପନ୍ନ ହୋଇଛି ।
- ସମଗ୍ର ବିଶ୍ୱରେ ପ୍ରଚାର ନିମନ୍ତେ ନବକଳେବର ସଂପର୍କିତ ସ୍ୟାଣ୍ଡ୍ ଆର୍ଟ ଆନିମେସନ ଫିଲ୍ମ ସାଙ୍ଗକୁ ଜଗନ୍ନାଥ ସଂସ୍କୃତି ଓ ନବକଳେବର ବାବଦରେ ବୃତ୍ତଚିତ୍ର ନିର୍ମିତ ହୋଇଛି ।
- ରଥଯାତ୍ରା ନିମନ୍ତେ ୧୫ଟି ପର୍ଯ୍ୟଟନ ସୂଚନା କେନ୍ଦ୍ର ପ୍ରତିଷ୍ଠା ସାଙ୍ଗକୁ ୨୪ x ୭ କଲ୍ ସେଣ୍ଟର ବନ୍ଦୋବସ୍ତ କରାଯାଇଛି । କିଓସ୍କ କାର୍ଯ୍ୟକ୍ଷମ ହୋଇଛି । ଏସବୁ ବାବଦରେ ପ୍ରାୟ ୬.୫ଲକ୍ଷ ଟଙ୍କା ବ୍ୟୟ କରାଯାଇଛି ।
- ଟିଭି, ରେଡିଓ ସମେତ ଦୃଶ୍ୟ ଶ୍ରାବ୍ୟ ବିଜ୍ଞାପନ ସାମଗ୍ରୀ, ଫଟୋ ପ୍ରଦର୍ଶନୀ ଓ ସୂଚନା ପୁସ୍ତିକା ଇତ୍ୟାଦି ମାଧ୍ୟମରେ ନବକଳେବର ରଥଯାତ୍ରାର ବିଶ୍ୱସ୍ତରୀୟ ପ୍ରସାରଣ ଦୃଢ଼ୀଭୂତ ହୋଇଛି ।

## ଲୋକସମ୍ପର୍କ, ସୂଚନା ଓ ପ୍ରଯୁକ୍ତି

- ନବକଳେବର ରଥଯାତ୍ରା ଅବସରରେ ଶ୍ରୀକ୍ଷେତ୍ରରେ ସମ୍ମିଳିତ ଜନସାଧାରଣଙ୍କୁ ଆବଶ୍ୟକୀୟ ସୂଚନା ସେବା ଯୋଗାଇ ଦେବା ପାଇଁ ପୁରୀ ସହରର ବିଭିନ୍ନ ସ୍ଥାନରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ୧୫ଗୋଟି ସୂଚନା କେନ୍ଦ୍ର ଖୋଲାଯାଇଛି । ଉକ୍ତ ସୂଚନା କେନ୍ଦ୍ରଗୁଡିକ ନିଖୋଜ ବ୍ୟକ୍ତିଙ୍କ ସମ୍ପର୍କରେ ସେମାନଙ୍କ ଆତ୍ମୀୟଙ୍କୁ ସୂଚନା ଦେବା ସହିତ ରଥଯାତ୍ରା ସମ୍ପର୍କିତ ଆବଶ୍ୟକୀୟ ତଥ୍ୟ ଦେବାରେ ମଧ୍ୟ ସହାୟକ ହୋଇପାରିବ । ପ୍ରତ୍ୟହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣର ମଧ୍ୟ ବନ୍ଦୋବସ୍ତ କରାଯାଇଛି ।
- ନବକଳେବର ଓ ରଥଯାତ୍ରା ସମ୍ପର୍କିତ ଏକ ସ୍ୱତନ୍ତ୍ର ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇଛି ।
- ରାଜ୍ୟ ସରକାରଙ୍କ ମାସିକ ପତ୍ରିକା 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସ୍ୱତନ୍ତ୍ର ନବକଳେବର ରଥଯାତ୍ରା ବିଶେଷାଙ୍କ ମାଧ୍ୟମରେ ଜଗନ୍ନାଥ ସଂସ୍କୃତିର ମାହାତ୍ମ୍ୟ ସମଗ୍ର ବିଶ୍ୱବାସୀଙ୍କ ନିକଟରେ ପହଞ୍ଚାଇବାର ବିନମ୍ର ପ୍ରୟାସ କରାଯାଇଛି ।
- ନବକଳେବର, ଘୋଷଯାତ୍ରା, ଶଙ୍ଖକ୍ଷେତ୍ରର ମାହାତ୍ମ୍ୟ, ଭକ୍ତମାନଙ୍କ ରହଣି ବ୍ୟବସ୍ଥା, ଯାନବାହାନ ଚଳପ୍ରଚଳ ଓ ପାର୍କିଂ ସମ୍ପର୍କରେ ସବିସ୍ତୃତ ବିବରଣୀ ଥାଇ ବିଭିନ୍ନ ସୂଚନା ପୁସ୍ତିକା ଜନସାଧାରଣଙ୍କ ମଧ୍ୟରେ ବଣ୍ଟନ କରିବାର ବ୍ୟବସ୍ଥା କରାଯାଇଛି ।
- ନବକଳେବର ରଥଯାତ୍ରା ସମ୍ପର୍କରେ ବିଶ୍ୱବାସୀଙ୍କୁ ସୂଚନା ଦେବା ଉଦ୍ଦେଶ୍ୟରେ ସୋସିଆଲ ମିଡ଼ିଆ, ଫେସ୍‌ବୁକ୍ ଓ ଟ୍ୱିଟର ପ୍ରସ୍ତୁତ କରାଯାଇଛି । ନବକଳେବର ୱେବସାଇଟ୍‌ରେ ଶ୍ରୀମନ୍ଦିର ରୀତିନୀତି, ରଥଯାତ୍ରା ନିର୍ଘଣ୍ଟ, ସରକାରୀ କାର୍ଯ୍ୟକ୍ରମର ବିବରଣୀ ଇତ୍ୟାଦି ପ୍ରଦାନ କରାଯାଇଛି । ଏ ବାବଦରେ ୨୯ ଲକ୍ଷ ୪ ହଜାର ୬୯୮ ଟଙ୍କା ବ୍ୟୟ କରାଯାଇଛି ।

❖ ❖ ❖

# ଭାରତମାତାର ଲୁହ

ସୂର୍ଯ୍ୟ ମିଶ୍ର

ଉପରେ ନକ୍ଷତ୍ରଖଚିତ ଆକାଶ ନୀଳ
ତଳେ ଗର୍ଜମାନ ସମୁଦ୍ର ଅଥଳ
ମଝିରେ ସବୁ ସହି ପଥର ପାଲଟିଥିବା ପୃଥିବୀ
ଏବଂ ସେଇ ପୃଥିବୀ ଛାତିରେ ଦୁଇହାତ ମେଲାଇ
ଛିଡା ହୋଇଛି ଭାରତମାତା
ଦୁଇ ଆଖିକୋଣରେ ତୋ'ର ଟୋପା ଟୋପା ଲୁହ ।

ବେଳେବେଳେ କୃତିତ୍ୱରେ ଝରେ ଲୁହ ଆନନ୍ଦର
ଛାତିରେ ଜକେଇଯାଏ ଅନନ୍ୟ ସୋହାଗ
ହେଲେ ଏହି ଲୁହଟୋପାତକ ଟିକେ ପୃଥକ ଲାଗୁଛି
କାରଣ ସେ ଚିବୁକରେ ଧାର ହୋଇ ଶୁଖି ଯାଇଅଛି
ମୁହଁ ମଧ୍ୟ ବିଷଣ୍ଣ ଦିଶୁଛି
ଯେମିତି କି ଯାବତୀୟ ଉଜ୍ଜ୍ୱଳତା ସତ୍ତ୍ୱେ
ଦୀର୍ଘଶ୍ୱାସ କୋଉଠି ନା କୋଉଠି ଛପିଛି !
ସେଥିପାଇଁ ମୋ ମନରେ ଉଙ୍କିମାରେ
କେତେ ପ୍ରଶ୍ନବାଚୀ !

ପ୍ରଶ୍ନ ଉଠେ ତୁହା ତୁହା...
ସାରାଦିନର ହାଡଭଙ୍ଗା ଖଟଣୀ ପରେ
ଭାତଥାଳି କଡରେ ସ୍ୱପ୍ନ ଖୋଜୁଥିବା ଚାଷୀଭାଇ ପାଇଁ ଏ ଲୁହ ?
ବାସ୍ତବତାର ଖଣ୍ଡାଧାରରେ ବାଟ ସଳଖୁଥିବା
ମଧ୍ୟବିତ୍ତ ପାଇଁ ଏ ଲୁହ ?

ଏ ଲୁହ କ'ଣ ଭଙ୍ଗା ଦଦରା ଭବିଷ୍ୟତ
ସାଉଁଟୁଥିବା ବସ୍ତିର ଲଙ୍ଗଳା ଛୁଆଙ୍କ ପାଇଁ?
ମହାପୁରୁଷ ଓ ବିପ୍ଳବୀମାନଙ୍କ ସମୁଜ୍ଜ୍ୱଳ ଇତିହାସକୁ
ଅଇଁଠା ବାସନ ପରି ପୃଥକ ରଖିଥିବା
ସମଧର୍ମାମାନଙ୍କ ଆସ୍ଫାଳନରେ
ସେ ଲୁହ ଲାଖି ଯାଇଛି ଟୋପାଏ କ୍ଷତ ହୋଇ !

ଲୁଣ୍ଠିତ ଓ ଲାଞ୍ଛିତ ଆମର ପୂର୍ବଜମାନଙ୍କର
ରୋମାଞ୍ଚକ ତେଜରେ
ଲାଳିତପାଳିତ ଆଦର୍ଶକୁ
ଅବାନ୍ତର, ଅସାର କରି ତଳେ ଗଡାଇ ଦେଇଥିବା
ଆମର କୃତଘ୍ନତା ପାଇଁ ଏ ଲୁହ !
ନା, ରକ୍ତରେ ଅନ୍ତିମ ଉଷ୍ଣତା ଦେଇ
ଶୋକଶସ୍ତ୍ରରେ ସଜ୍ଜିତ ମୃତ ସୈନିକର କପାଳରେ
ପରାଜୟର କୁଞ୍ଚିତରେଖା ଦେଖି ଏ ଲୁହ !

ଏ ଲୁହ କ'ଣ
ଜାତି ଧର୍ମର ମପାଚୁପା ରକ୍ତମଖା କଳହର ?
ଧୂଳିବେଶେ ଧାଉଁଥିବା ନିରକ୍ତ କୁନି କଙ୍କାଳର ?
ପୁଷ୍ଟିହୀନତା ଭୋଗୁଥିବା ଗର୍ଭବତୀ ମାଆମାନଙ୍କର ?
ନିସ୍ତେଜ ହୋଇ ଘରଛାତରୁ ଓହଳିଥିବା ଲକ୍ଷ୍ମୀପାଦର ?
କାମନା ରଙ୍ଗର ଇନ୍ଦ୍ରଧନୁ ଖୋଜିବାରେ ନୟାନ୍ତ ତାରୁଣ୍ୟର ?
ଠୋପାଏ ସହୃଦୟତା ପାଇଁ ଆଞ୍ଜୁଳା ପାତିଥିବା ଲେଖକର ?
ନିୟତି ବିରୋଧରେ ପ୍ରତିଦିନ ଯୁଦ୍ଧ କରୁଥିବା ଶ୍ରମିକର ?

ଯାହା ବି ହେଉ,
ସେ ଲୁହବୁନ୍ଦାକ ମତେ ଯତ୍ନରେ ସାଇତି ରଖିବାକୁ ଦେ' ମାଆ,
ଭବିଷ୍ୟତର ଜରାୟୁରେ ବଢୁଛନ୍ତି ଯେଉଁ ଆସନ୍ତା ଅତିଥିମାନେ
ସେମାନେ ସେ ଲୁହକୁ ଦେଖି ଖୋଜିବେ ନିଦାନ,
ଅନ୍ତତଃ ଛୋଟ ଛୋଟ ପାହୁଣ୍ଡରେ ଲଘିଂବାକୁ
ଏସବୁ ଅପଯଶର ଅନ୍ଧାର
ଏବଂ ଅଧିକ ମୁଗ୍‌ଧ ଉଚ୍ଚାରଣରେ
ଦେଖିବାକୁ ଆଗାମୀର ଅଭିଜ୍ଞାନ
ଲୁହହୀନ ଭାରତମାତାର ମୂର୍ତ୍ତି
ଖୁବ୍ ବେଶୀ ସୁନ୍ଦର, ମହାନ୍ ।

୮୯୫/୮୯୬, ସତ୍ୟନଗର
ଭୁବନେଶ୍ୱର–୭୫୧୦୦୭

❖ ❖ ❖



# ପ୍ରତିଭାବାନ୍ ମହାପୁରୁଷ ପ୍ରାଣନାଥ ପଟ୍ଟନାୟକ

**ଶ୍ରୀନିବାସ ଆଚାର୍ଯ୍ୟ**

ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଓଡ଼ିଶା ମାଟିରେ ଯେଉଁ କେତେଜଣ ମହାପୁରୁଷ ସେମାନଙ୍କର ଭୋଗ ବିଳାସ, ସୁଖ-ସ୍ୱାଚ୍ଛନ୍ଦ୍ୟ, ଆନନ୍ଦ-ଉଲ୍ଲାସ ତଥା ଆଡ଼ମ୍ବରପୂର୍ଣ୍ଣ ଚାକଚକ୍ୟକୁ ପଛରେ ପକାଇ ସ୍ୱଦେଶ ଓ ଜାତିର ପ୍ରେମରେ ଉଦ୍‌ବୁଦ୍ଧ ହୋଇ ଦଳିତ, ପତିତ, ଅବହେଳିତ, ନିଷ୍ପେସିତ ଓ ନିରୀହ ଲକ୍ଷ ଲକ୍ଷ ଜନତାଙ୍କ ସେବାରେ ବହୁମୂଲ୍ୟ ସମୟ, ଶକ୍ତି ଓ ସାମର୍ଥ୍ୟ ସ୍ୱେଚ୍ଛାକୃତ ଭାବେ ଉତ୍ସର୍ଗ କରିଥିଲେ, ସେମାନଙ୍କ ମଧ୍ୟରେ ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକ ଥିଲେ ଅନ୍ୟତମ। ସେ ଥିଲେ ଅଶେଷ ପ୍ରତିଭାର ଅଧିକାରୀ। ଏକାଧାରରେ ସେ ଥିଲେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ବୀର ସଂଗ୍ରାମୀ, ଜାତୀୟ କଂଗ୍ରେସ ଦଳର ତୁଙ୍ଗ ସଦସ୍ୟ, ଓଡ଼ିଶା କଂଗ୍ରେସ ସୋସାଲିଷ୍ଟ ଦଳର ଆଗଧାଡ଼ିର ସଂଗଠକ, କମ୍ୟୁନିଷ୍ଟ ଦଳର ସେନାପତି, କୃଷକ ଆନ୍ଦୋଳନର ପ୍ରତିଷ୍ଠାତା, ପ୍ରଜା ଆନ୍ଦୋଳନର ପୁରୋଧା, ନିସ୍ୱାର୍ଥପର ସମାଜ ସେବକ, ଦକ୍ଷ ପ୍ରଶାସକ, ନିଷ୍ଠାପର ସଂସ୍କାରକ, ଖୋର୍ଦ୍ଧା କଲେଜର ପ୍ରାଣକର୍ତ୍ତା, ଶିକ୍ଷା ଜଗତର ବିଶାରଦ, ଖ୍ୟାତନାମା ଲେଖକ, ନିରପେକ୍ଷ ସାମ୍ବାଦିକ, ପାଇକ ଦଳର ମଉଡ଼ମଣି ଓ ବାସ୍ତବବାଦୀ ମହାପୁରୁଷ। ତାଙ୍କ ପରି ଜଣେ ପ୍ରତିଭାଧାରୀ ମହାପୁରୁଷ ଓଡ଼ିଶା ମାଟିରେ ଜନ୍ମ ହେବା ବିରଳ ମାତ୍ର। ଓଡ଼ିଶା କାହିଁକି ସମଗ୍ର ଭାରତବର୍ଷର ରାଜନୈତିକ, ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ମାନଦଣ୍ଡକୁ ବୈପ୍ଳବିକ ପରିବର୍ତ୍ତନ କରି ଏକ ନୂତନ ଯୁଗ ସୃଷ୍ଟି କରିବାରେ ତାଙ୍କ ଅବଦାନର ପଟାନ୍ତର ନାହିଁ।

ଏହା ସତ୍ୟ ଯେ, ଜଣେ ଶିଶୁର ଭବିଷ୍ୟତ ଜୀବନ ଗଠନର ଚାବିକାଠି ହେଉଛି ତା'ର ପିତାମାତା ଓ ପାରିବାରିକ ପରିବେଶ। ପିତାମାତାଙ୍କ ବ୍ୟକ୍ତିତ୍ୱ, ପ୍ରେରଣା, ଅନୁଶାସନ ଓ ଦିଗ୍‌ଦର୍ଶନ ହିଁ ସେହି ଶିଶୁଟିକୁ ତା'ର ଜୀବନର ସକଳ କ୍ଷେତ୍ରରେ ଉତ୍‌ଥାନ ପତନର ବନ୍ଧୁର ପଥକୁ ଅତିକ୍ରମ କରି ଜଣେ ମହାପୁରୁଷର ଗୌରବ ଅର୍ଜନ କରିବାରେ ବିଶେଷ ଭୂମିକା ଗ୍ରହଣ କରିଥାଏ, ଯାହାକି ଏହା ସମ୍ପୂର୍ଣ୍ଣ ରୂପେ ପ୍ରାଣନାଥ ବାବୁଙ୍କ ଜୀବନରେ ପ୍ରତିଫଳିତ ହୋଇଅଛି। ସେ ୧୯୦୫ ମସିହା ନଭେମ୍ବର ମାସ ୧୬ ତାରିଖରେ ଏକ ଅମୃତମୟ ମୁହୂର୍ତ୍ତରେ ପୁରୀ ଜିଲ୍ଲା ସାକ୍ଷୀଗୋପାଳ ଥାନା ଅନ୍ତର୍ଗତ କଣାସ ନିକଟବର୍ତ୍ତୀ ଏକ ଅଖ୍ୟାତ ପଲ୍ଲୀ ଡ଼ିମ୍ବିରିରେ ପିତା ଶ୍ରୀ ମଦନମୋହନ ପଟ୍ଟନାୟକ ଓ ମାତା ଶ୍ରୀମତୀ ଚିତ୍ରା ଦେବୀଙ୍କ କୋଳମଣ୍ଡନ କରିଥିଲେ। ପିତାଙ୍କର ସାମାଜିକ ପ୍ରତିଷ୍ଠା ଓ ମାତାଙ୍କର ଧାର୍ମିକ ଗୁଣର ପ୍ରଭାବ ପଡ଼ିଥିଲା ପୁତ୍ର ପ୍ରାଣନାଥଙ୍କ ଉପରେ। ମାତ୍ର ଅଢ଼େଇ ବର୍ଷ ବୟସରେ ସେ ତାଙ୍କ ମାତାଙ୍କୁ ହରାଇଥିଲେ। ତୁଳସୀ ଦୁଇପତ୍ରରୁ ବାସିଲା ପରି ସେ ବାଲ୍ୟଜୀବନରେ ଜଣେ ଚରିତ୍ରବାନ ପୁରୁଷ ହେବାର ଆଭାସ ଜଣାପଡ଼ିଥିଲା। ବାଲ୍ୟଶିକ୍ଷା ସମାପ୍ତ କରି ପୁରୀ ଜିଲ୍ଲା ସ୍କୁଲରେ ଅଧ୍ୟୟନ କରିବା ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଜଗବନ୍ଧୁ ସିଂହଙ୍କ ସଂସ୍ପର୍ଶରେ ଆସି ସେମାନଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ସେମାନଙ୍କର କାର୍ଯ୍ୟଶୈଳୀକୁ ପ୍ରାଣନାଥ ବାବୁ ଜୀବନର ସକଳ କ୍ଷେତ୍ରରେ ଆଦରି ନେଇଥିଲେ।

୧୯୩୦ ମସିହାରେ ପ୍ରାଣନାଥ ବାବୁ ଥିଲେ କଟକ ରେଭେନ୍ସା କଲେଜର ଆଇ.ଏସ୍‌ସି. ଛାତ୍ର। ସେତେବେଳେ ଜାତିର ପିତା ମହାତ୍ମା ଗାନ୍ଧୀ ଭାରତରେ ଅସହଯୋଗ ଆନ୍ଦୋଳନର ଡ଼ାକରା ଦେଇଥିଲେ। ସ୍ୱଦେଶ ପ୍ରୀତିରେ ଅନୁପ୍ରାଣିତ ହୋଇ ଓଡ଼ିଶାର ଅସଂଖ୍ୟ ଛାତ୍ର ପାଠପଢ଼ା ଛାଡ଼ି ସେହି ଆନ୍ଦୋଳନରେ ସାମିଲ ହୋଇଥିଲେ। ପ୍ରାଣନାଥ ବାବୁ ତାଙ୍କ ଭବିଷ୍ୟତ ଜୀବନକୁ ଜଳାଞ୍ଜଳି ଦେଇ, ସେହି ସଂଗ୍ରାମରେ ଝାସ ଦେଇଥିଲେ। ନିଜ ସ୍ୱାର୍ଥଠାରୁ ଉର୍ଦ୍ଧ୍ୱରେ ରହି ସମାଜ ସେବା କରିବାର ମୂଳଦୁଆ ପକାଇଥିଲେ ଖୋର୍ଦ୍ଧାର ପାଲଟଣ ପଡ଼ିଆ ନିକଟରେ ଥିବା ସରସ୍ୱତୀ

ମନ୍ଦିର ପ୍ରାଙ୍ଗଣରୁ। ସେହିଦିନଠାରୁ ସେହି ସ୍ଥାନଟି ହୋଇଗଲା ତାଙ୍କ କର୍ମମୟ ଜୀବନର କେନ୍ଦ୍ରସ୍ଥଳୀ। ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ(୧୯୩୦ ମସିହାରୁ ୧୯୭୦ ମସିହା) ଦୀର୍ଘ ୪୦ ବର୍ଷ ଧରି ନିଜକୁ ଉତ୍ସର୍ଗ କରିଥିଲେ ଜନତା ଜନାର୍ଦ୍ଦନର ସେବାକାର୍ଯ୍ୟରେ। ଉତ୍‌ଥାନ ପତନ ଦେଇ କ୍ରମଶଃ ସୋପାନରୁ ସୋପାନମାନ ଅତିକ୍ରମ କରିଥିଲେ ସିନା, କିନ୍ତୁ କେବେହେଲେ ପଛକୁ ଫେରିନାହାନ୍ତି। ସେ ଯେ କେବଳ ଖୋର୍ଦ୍ଧାବାସୀଙ୍କର ଉନ୍ନତି କରିଥିଲେ ତାହା ନୁହେଁ, ସମଗ୍ର ଓଡ଼ିଶାର କୋଣ ଅନୁକୋଣର ଦଳିତ, ପତିତ, ଅବହେଳିତ, ନିରୀହ, ଦୀନଦରିଦ୍ର ଲୋକମାନଙ୍କର ସେବା କରିଥିଲେ। ୧୯୩୦ ମସିହା ଦଶହରା ଦିନ ଅନ୍ୟ କର୍ମୀମାନଙ୍କ ସହ ବାଲେଶ୍ୱର ସହରରେ ମଦ, ଗଞ୍ଜେଇ, ଅଫିମ କଳାବେପାରୀମାନଙ୍କୁ ଦମନ କରିବା ପାଇଁ ବିକ୍ଷୋଭ କରିଥିଲେ। ବାଲେଶ୍ୱର ପରି ଓଡ଼ିଶାର ପ୍ରତ୍ୟେକ ପ୍ରାନ୍ତରେ ବିଦେଶୀ ଦ୍ରବ୍ୟ ବର୍ଜନର ବାତାବରଣ ସୃଷ୍ଟି କରିଥିଲେ। ଏହି ଅଭିଯାନବେଳେ ଅନ୍ୟ କର୍ମୀଙ୍କ ସହ ପ୍ରାଣନାଥ ବାବୁ ଗିରଫ ହୋଇ ପୁରୀ ଜେଲ୍‌ରେ ରହିଥିଲେ। କିଛି ଦିନ କାରାବରଣ ପରେ ମୁକ୍ତିଲାଭ କରିଥିଲେ। ଏଥିରେ ଭାଙ୍ଗି ନଯାଇ ବୀରତ୍ୱ ଓ ସାହସର ସହ ଗାନ୍ଧିଜୀଙ୍କର ଅହିଂସା ରୂପକ ମହାମନ୍ତ୍ରରେ ଦୀକ୍ଷିତ ହୋଇ ପୁନରାୟ ଦେଶପ୍ରେମ ତଥା ମୁକ୍ତିକାମୀ ସଂଗ୍ରାମରେ ଝାସ ଦେବାକୁ ପଛାଇ ନଥିଲେ।

ଉଚ୍ଚଶିକ୍ଷା ପାଇ ନିଜକୁ ସମାଜରେ ପ୍ରତିଷ୍ଠିତ କରାଇ ପାରିଲେ, ସମାଜ ପ୍ରତିଷ୍ଠିତ ହେବା ସଂଗେ ସଂଗେ ନିଜେ ପ୍ରତିଷ୍ଠିତ ହୋଇପାରିବ। ଏହି ଉକ୍ତିକୁ ଗୁରୁତ୍ୱ ଦେଇ ପ୍ରାଣନାଥ ବାବୁ ଉଚ୍ଚଶିକ୍ଷା ପାଇଁ ମନ ବଳାଇ ବାରଣାସୀର କାଶୀ ବିଦ୍ୟାପୀଠରେ ଜ୍ଞାନ ଆହରଣ ପାଇଁ ନାମ ଲେଖାଇଥିଲେ। ସେହି ବିଦ୍ୟାଳୟରେ ଛାତ୍ରମାନଙ୍କୁ ସମାଜର ସ୍ୱାର୍ଥ ପାଇଁ ବିପ୍ଳବର ତତ୍ତ୍ୱ ଓ କୌଶଳ ଶିକ୍ଷା ଦିଆଯାଉଥିଲା। ସେହି ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଅଧକ୍ଷ ରୂପେ ଖ୍ୟାତିସମ୍ପନ୍ନ ପଣ୍ଡିତ ଆଚାର୍ଯ୍ୟ ନରେନ୍ଦ୍ର ଦେବ ଓ ଶିକ୍ଷକ ସମ୍ପୂର୍ଣ୍ଣା ନନ୍ଦିଜୀ ଥିଲେ। ସେମାନେ ଥିଲେ ସାମ୍ୟବାଦ ନୀତିର ବିଶାରଦ। ପ୍ରାଣନାଥ ବାବୁ ସେମାନଙ୍କ ସଂସ୍ପର୍ଶରେ ଆସି ସେମାନଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ସାମ୍ୟବାଦ ନୀତିକୁ ତାଙ୍କ ଜୀବନର ସକଳ କ୍ଷେତ୍ରରେ ଅମୋଘ ଅସ୍ତ୍ର ରୂପେ ବ୍ୟବହାର କରି କୃତକାର୍ଯ୍ୟ ହେବା ସହ ସଫଳତାର ଚରମ ସୀମାରେ ଉପନୀତ ହୋଇ ପାରିଥିଲେ। ଓଡ଼ିଶାରେ କମ୍ୟୁନିଷ୍ଟ ଦଳର ସେ ଥିଲେ ପ୍ରତିଷ୍ଠାତା। ଏହି ନୀତିର ପ୍ରଚାର ଓ ପ୍ରସାର କରିବା ପାଇଁ ତାଙ୍କର ପ୍ରାଣମୂର୍ଚ୍ଛା ଉଦ୍ୟମ ଚିରସ୍ମରଣୀୟ ଅଟେ। ସେ ବାକ୍ୟବୀର ନଥିଲେ, ସେ ଥିଲେ କର୍ମବୀର। ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତିକଳ୍ପେ ସେ ଯେଉଁ କାର୍ଯ୍ୟ ହାତକୁ ନିଅନ୍ତି, ତାହାକୁ ସମ୍ପୂର୍ଣ୍ଣ ନକରି ଛାଡ଼ନ୍ତି ନାହିଁ। ସେ ଥିଲେ ଗଠନମୂଳକ କାର୍ଯ୍ୟର ନିଷ୍ଠାପର ବିଦ୍ଧାଣୀ।

୧୯୩୨ ମସିହା ପ୍ରାରମ୍ଭରେ ଗାନ୍ଧିଜୀ ଗୋଲ୍‌ଟେବୁଲ୍ ବୈଠକରୁ ନିରାଶ ହେବା ଫଳରେ ପୁନରାୟ ସ୍ୱାଧୀନତା ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଗାନ୍ଧିଜୀଙ୍କର ଡ଼ାକରାରେ ଭାରତର ହଜାର ହଜାର ସଂଗ୍ରାମୀ, କର୍ମୀ ଓ ଜନସାଧାରଣ ଅହିଂସା ରୂପକ ଆନ୍ଦୋଳନରେ ଯୋଗ ଦେଇଥିଲେ। ପ୍ରାଣନାଥ ବାବୁ କାଶୀ ବିଦ୍ୟାପୀଠ ପାଠପଢ଼ାରେ ଡ଼ୋରି ବାନ୍ଧି ସେହି ଆନ୍ଦୋଳନରେ ଓଡ଼ିଶାର ନେତୃତ୍ୱ ନେଇଥିଲେ। ସେହି ସମୟରେ ସେ ପୁରୀ ସହରକୁ ଆନ୍ଦୋଳନର କେନ୍ଦ୍ରସ୍ଥଳୀ ରୂପେ ବାଛି ନେଇଥିଲେ। ସେଠାରେ ସେ ତାଙ୍କର ସାଥୀ ଗୁରୁଚରଣ ପଟ୍ଟନାୟକଙ୍କ ସହିତ ବିଦେଶୀ ଦ୍ରବ୍ୟ ବର୍ଜନର ପ୍ରଚାରପତ୍ର ବଣ୍ଟନ କରୁଥିବା ସମୟରେ ଗିରଫ ହୋଇ ଛଅ ମାସ କାରାଦଣ୍ଡ ଭୋଗିଥିଲେ। ସେହି ଜେଲ୍‌ଟି ତାଙ୍କ ପାଇଁ ଥିଲା ଶିକ୍ଷନୀୟର କେନ୍ଦ୍ରପୀଠ। କାରାବରଣରେ ଭାଙ୍ଗି ନପଡ଼ି ସକ୍ରିୟ ରୂପେ ଜନସେବା ଆରମ୍ଭ କରିଥିଲେ। ସେଠାରେ ସେ ଅନ୍ୟ ବନ୍ଦୀମାନଙ୍କୁ ନୀତି ଓ ଆଦର୍ଶମୂଳକ ଉପଦେଶ ଦେଉଥିଲେ। ଆଉ ମଧ୍ୟ ସେଠାରେ ଥିବା ସମସ୍ତ ରାଜନୈତିକ ବନ୍ଦୀମାନଙ୍କୁ ନେଇ ବନ୍ଧୁ ସମାଜ ନାମକ ଏକ ସଂଗଠନ କରିଥିଲେ। ସେହି ସଂଗଠନର ସଭ୍ୟମାନେ ଥିଲେ ପ୍ରାଣନାଥ ବାବୁଙ୍କ ସମେତ ଗଙ୍ଗାଧର ମିଶ୍ର, ପର୍ଶୁରାମ ପଦାତିକରାୟ, ଜଗନ୍ନାଥ ମହାନ୍ତି, ଲୋକନାଥ ରାଏ, ଗତିକୃଷ୍ଣ ସ୍ୱାଇଁ ଇତ୍ୟାଦି। ଜେଲ୍‌ରୁ ମୁକ୍ତ ହେଲା ପରେ ଏହି ଅନୁଷ୍ଠାନକୁ ବଞ୍ଚାଇ ରଖିବା ପାଇଁ ଆପ୍ରାଣ ପ୍ରଚେଷ୍ଟା ଜାରି ରଖିଥିଲେ। ଏପରିକି ପୁରୀରେ ଏକ ହୋଟେଲ କରାଇ ଏହାର ଲାଭାଂଶ ଅର୍ଥ ଏଥିରେ ଖର୍ଚ୍ଚ କରୁଥିଲେ। ଆଉ ମଧ୍ୟ ବନାରସରୁ ଲୁଗା ଆଣି ପୁରୀରେ ବିକ୍ରୟ କରି ସଂଗଠନକୁ ସକ୍ରିୟ କରିଥିଲେ। ଏଥିରୁ ପ୍ରାଣନାଥ ବାବୁଙ୍କର ସାଂଗଠନିକ ଦକ୍ଷତାର ପରିଚୟ ଅନୁମେୟ।

ପ୍ରାଣନାଥ ବାବୁଙ୍କର ବିବାହ ୧୯୩୫ ମସିହା ଜୁନ୍ ମାସ ୨୮ ତାରିଖ ନେତ୍ରୋତ୍ସବ ଦିନ ବାଲିପାଟଣା ଅନ୍ତର୍ଗତ ଚଣାହଟା ଗ୍ରାମ ନିବାସୀ କୃଷ୍ଣମୋହନ ପଟ୍ଟନାୟକଙ୍କ ସୁକନ୍ୟା ମଞ୍ଜରୀଙ୍କ ସହ ଅନୁଷ୍ଠିତ ହୋଇଥିଲା। କୃଷ୍ଣମୋହନ ବାବୁ ଥିଲେ ଜଣେ ବିପ୍ଳବୀ, ଜାତୀୟତାବାଦୀ ଖ୍ୟାତନାମା କବି। ଆଉ ମଧ୍ୟ ଜଣେ ଆଦର୍ଶବାଦୀ ଓ ଦେଶପ୍ରେମୀ ରୂପେ ସେ ଓଡ଼ିଶାରେ ସୁପରିଚିତ ଥିଲେ। ସେ ଚାହୁଁଥିଲେ ପ୍ରାଣନାଥ ବାବୁଙ୍କ ପରି ଜଣେ ବାସ୍ତବବାଦୀ ଓ ଦେଶପ୍ରେମୀଙ୍କୁ ଜ୍ୱାଇଁ କରିବା ପାଇଁ। ଏହି ଶୁଭ ବିବାହ ସମାଜକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଥିଲା। ପ୍ରକାଶ ଥାଉ କି, ପ୍ରାଣନାଥ

ବାବୁ ବିବାହ କରିବା ପାଇଁ ଆଡ଼ମ୍ବରପୂର୍ଣ୍ଣ ଶୋଭାଯାତ୍ରାରେ ପାଲିଙ୍କିରେ ଯିବାକୁ ରୋକ୍‌ଠୋକ୍ ମନା କରିଥିଲେ । ସେ ପାଦରେ ଚାଲିଚାଲି, ସାଧା ପୋଷାକ ପରିଧାନ କରି ଚଣାହଟା ଗ୍ରାମକୁ ବିବାହ କରିବା ପାଇଁ ଯାଇଥିଲେ । ସେଠାରେ ନାପିତ ହସ୍ତରେ ଗୋଡ଼ ନଧୋଇ ସ୍ୱହସ୍ତରେ ଧୋଇଥିଲେ । ବିବାହ ପରେ ମଧୁର ବନ୍ଧନରେ ଆବଦ୍ଧ ହୋଇ ନରହି ପୂର୍ବର ସ୍ୱଜାତି ଓ ଦେଶପ୍ରେମ ପ୍ରତି ଆକର୍ଷିତ ହୋଇଥିଲେ । କାରଣ ଗୋଟିଏ ମହାବଳ ବାଘକୁ କ'ଣ ଗୋଟିଏ କୋଠରୀରେ ବନ୍ଦ କରି ରଖାଯାଇ ପାରେ ? ସେହିପରି ପ୍ରାଣନାଥ ବାବୁ ତାଙ୍କ ସାଂସାରିକ ଜୀବନ ଭିତରେ ସୀମିତ ନରହି, ଝାମ୍ପ ପ୍ରଦାନ କରିଥିଲେ ସର୍ବହରା ଶ୍ରମିକ, କୃଷକ, ଦଳିତ, ନିଷ୍ପେସିତ ଜନତାଙ୍କ ସେବାକାର୍ଯ୍ୟକୁ । ମାନବ ସେବା ହିଁ ମାଧବ ସେବା – ଏହି ନୀତିକୁ ଅବଲମ୍ବନ କରି ସେ ତାଙ୍କର ଘରଦ୍ୱାର, ଆତ୍ମୀୟ ସହୋଦରମାନଙ୍କୁ ପଛରେ ପକାଇ ଛୁଟି ଯାଇଥିଲେ ମାନବ ସେବା କାର୍ଯ୍ୟରେ । ସମାଜର ଆର୍ଥିକ, ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ମାନଦଣ୍ଡର ବୈପ୍ଳବିକ ପରିବର୍ତ୍ତନ କରିବା ଥିଲା ତାଙ୍କର ମୁଖ୍ୟ ଲକ୍ଷ୍ୟ । ତେଣୁ ତାଙ୍କର ନିରବଚ୍ଛିନ୍ନ ଉଦ୍ୟମ, ପ୍ରଗାଢ଼ ଇଚ୍ଛାଶକ୍ତି ଓ ବଳିଷ୍ଠ ପରାକାଷ୍ଠା ବଳରେ ସେ ୧୯୩୬ ମିସହାରେ ଖୋର୍ଦ୍ଧାଠାରେ ପ୍ରାୟ ୧୦,୦୦୦ କୃଷକଙ୍କୁ ସମବେତ କରାଇ ଏକ କୃଷକ ସମ୍ମିଳନୀ କରିଥିଲେ । ସେହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଓଡ଼ିଶାର କୃଷକ ସମାଜର ଆର୍ଥିକ, ସାମାଜିକ ପ୍ରଗତି ଓ ସ୍ୱାଭିମାନର ସୁରକ୍ଷା । ଏଥିରେ ଓଡ଼ିଶାର ପ୍ରତ୍ୟେକ ପ୍ରାନ୍ତର କୃଷକମାନେ ଯୋଗ ଦେଇଥିଲେ । ଏଥିରେ କେତେକ ପ୍ରତିଭାବାନ କୃଷକ ନେତା ଉଦ୍‌ବୋଧନ ଦେଇଥିଲେ । ସେମାନେ ଥିଲେ ନବକୃଷ୍ଣ ଚୌଧୁରୀ, ଯଦୁମଣି ମଙ୍ଗରାଜ, ମୋହନ ଦାଶ, ଜୟକୃଷ୍ଣ ବୋଷ, ପ୍ୟାରୀଶଙ୍କର ରାୟ ପ୍ରଭୃତି । ଏହି ସମ୍ମିଳନୀରେ ପ୍ରାଣନାଥ ବାବୁ ତାଙ୍କର ଅଗ୍ନିବର୍ଷୀ ଭାଷଣରେ କେବଳ କୃଷକ ସମାଜ କାହିଁକି ସର୍ବହରା ଶ୍ରମିକ ଓ ଜନସାଧାରଣଙ୍କର ନ୍ୟାଯ୍ୟ ଅଧିକାର ତଥା ଆର୍ଥିକ, ସାମାଜିକ ମାନଦଣ୍ଡର ଉନ୍ନତି ପାଇଁ ସୂଚନା ଦେବା ସଂଗେ ସଂଗେ ସରକାରଙ୍କର ବର୍ବରୋଚିତ ଶାସନ ବିରୁଦ୍ଧରେ ଆନ୍ଦୋଳନାତ୍ମକ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲେ । ଫଳରେ ସେ ହୋଇ ଯାଇଥିଲେ ସର୍ବହରା କୃଷକ, ଶ୍ରମିକମାନଙ୍କର ପରମ ବନ୍ଧୁ । ସେହିବର୍ଷ ପ୍ରାଣନାଥ ବାବୁ ଜଟଣୀଠାରେ ରେଳବାଇ ଧର୍ମଘଟ ଡ଼ାକରା ଦେଇ କୃତକାର୍ଯ୍ୟ ହୋଇଥିଲେ । ଚାନ୍ଦବାଲିଠାରେ କୃଷକ ସମ୍ମିଳନୀରେ ସେ ମର୍ମସ୍ପର୍ଶୀ ଭାଷଣ ଦେଇ କୃଷକମାନଙ୍କ ମନରେ ନୂତନ ଚେତନା ଜାଗ୍ରତ କରାଇଥିଲେ । କୃଷକମାନଙ୍କର ନ୍ୟାଯ୍ୟ ଅଧିକାରର ମୂଳମନ୍ତ୍ରର ବୀଜ ବିକ୍ଷେପ କରିଥିଲେ । ତାଙ୍କ ଦ୍ୱାରା ପ୍ରସ୍ତାବିତ କୃଷକମାନଙ୍କର ସମସ୍ୟା ସମାଧାନର କେତେଗୁଡ଼ିଏ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହେବା ସଂଗେ ସଂଗେ କାର୍ଯ୍ୟକାରୀ କରାଇବା ପାଇଁ ସରକାରଙ୍କ ପାଖରେ ଦାବୀ କରାଯାଇଥିଲା ।

୧୯୩୭ ମସିହା ଜାନୁଆରୀ ମାସରେ ପ୍ରାଣନାଥ ବାବୁ କଂଗ୍ରେସ ଦଳ ତରଫରୁ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରୁ ବିଧାନସଭାକୁ ସଭ୍ୟ ରୂପେ ନିର୍ବାଚିତ ହୋଇଥିଲେ । କ୍ଷମତା ଓ ଅର୍ଥ ଲାଳସାରେ ସେ ବିଧାନସଭାକୁ ନିର୍ବାଚିତ ହୋଇନଥିଲେ । ସମାଜର ମହତ୍ ଉଦ୍ଦେଶ୍ୟ ତଥା ସର୍ବହରା କୃଷକ, ଶ୍ରମିକ, ଦୁଃଖୀ ରଙ୍କୀମାନଙ୍କର ସେବା କରିବା ଉଦ୍ଦେଶ୍ୟରେ ନିର୍ବାଚିତ ହୋଇଥିଲେ । ଏମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଦାବିଗୁଡ଼ିକ ବିଧାନସଭାରେ ଉପସ୍ଥାପନ କରି, ତାହାକୁ କାର୍ଯ୍ୟକାରୀ କରାଇବା ଥିଲା ତାଙ୍କର ମୂଳ ଲକ୍ଷ୍ୟ । ସେତେବେଳେ ଓଡ଼ିଶାର ସାମରିକ କେନ୍ଦ୍ର ଥିଲା ଖୋର୍ଦ୍ଧା । ଆଉ ମଧ୍ୟ ଖୋର୍ଦ୍ଧା ଥିଲା ଇଂରେଜ ସରକାରଙ୍କର ଖାସ୍ ମାହାଲ । ତେଣୁ ଖୋର୍ଦ୍ଧାର ଉନ୍ନତି ହେଲେ ପର୍ଯ୍ୟାୟକ୍ରମେ ସମଗ୍ର ଓଡ଼ିଶାର ଉନ୍ନତି ସାଧନ ହେବ ବୋଲି ସେ ଅନୁଭବ କରିଥିଲେ । ସେହି ଲକ୍ଷ୍ୟ ନେଇ ପ୍ରାଣନାଥ ବାବୁ ବିଧାନସଭାରେ ଖୋର୍ଦ୍ଧାବାସୀଙ୍କର ଉନ୍ନତି ପାଇଁ ପ୍ରଶ୍ନମାନ ପଚାରି, ସଭାଗୃହକୁ ହୁଲ୍‌ସ୍ଥୁଲ୍ କରି ପକାଉଥିଲେ । ଦଶ ହଜାର ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ମୁଦ୍ରଣ କରି ଖୋର୍ଦ୍ଧାର ଜନସାଧାରଣଙ୍କୁ ବିତରଣ କରାଇଥିଲେ । ଏହା ଫଳରେ ଖୋର୍ଦ୍ଧାର ସମସ୍ତ ନାଗରିକଙ୍କ ମନରେ ସୃଷ୍ଟି ହୋଇଥିଲା ନାଗରିକ ଅଧିକାର ଓ ଓଡ଼ିଆ ଜାତିର ସ୍ୱାଭିମାନ । ଏତଦ୍‌ବ୍ୟତୀତ ଖୋର୍ଦ୍ଧାର ଗୁରୁଜଙ୍ଗଠାରେ ପ୍ରାୟ ୧୦,୦୦୦ ଯୁବକଙ୍କୁ ଏକତ୍ରିତ କରାଇ ଏକ ସମ୍ମିଳନୀ କରିଥିଲେ । ଏହାର ଅବ୍ୟବହିତ ପୂର୍ବରୁ ଖୋର୍ଦ୍ଧା ଥିଲା ପାଇକମାନଙ୍କର ସାମରିକ କେନ୍ଦ୍ର । କିନ୍ତୁ ଇଂରେଜ ସରକାର ଏହି ଶକ୍ତିକୁ ପ୍ରତିହତ କରି ଶ୍ରୀହୀନ କରି ପକାଇଥିଲେ । କିନ୍ତୁ ପ୍ରାଣନାଥ ବାବୁ ପ୍ରତ୍ୟେକ ପାଇକ ଦଳକୁ ସକ୍ରିୟ କରାଇ ସମଗ୍ର ଓଡ଼ିଶାରେ ଗୌରବର ଧ୍ୱଜା ଉଡ଼ାଇଥିଲେ । ଓଡ଼ିଶାର ପ୍ରଜାମାନଙ୍କୁ ମେଳ କରାଇ ପ୍ରଜା ଆନ୍ଦୋଳନ କରାଇବାରେ ତାଙ୍କର ଥିଲା ମୁଖ୍ୟ ଭୂମିକା । ତାଙ୍କର ବଳିଷ୍ଠ ନେତୃତ୍ୱ ବଳରେ ୧୯୩୮ ମସିହାରେ 'ପ୍ରଜାମଣ୍ଡଳ' ନାମକ ଏକ ସଂଗଠନ ସ୍ୱୀକୃତି ଲାଭ କରିଥିଲା । ୧୯୩୮ ମସିହା ଜାନୁଆରୀ ୫ ତାରିଖରେ ରଣପୁରର ପ୍ରଜା ଆନ୍ଦୋଳନରେ ବେଜେଲଗେଟ୍‌ଙ୍କର ହତ୍ୟାକାଣ୍ଡ ଏକ ଐତିହାସିକ ଘଟଣା ରୂପେ ସମଗ୍ର ପୃଥିବୀରେ ଚହଳ ପକାଇଥିଲା । ଇଂରେଜ ସରକାରଙ୍କର ଅମାନୁଷିକ ଅତ୍ୟାଚାର ଓ ଗିରଫ ପରଓ୍ୱାନା ଭୟରେ ରଣପୁରର ଗ୍ରାମବାସୀମାନେ ଘରଦ୍ୱାର ଛାଡ଼ି

ବଣଜଙ୍ଗଲରେ ଲୁଚିଛପି ରହୁଥିଲେ । ଭୀତତ୍ରସ୍ତ ରଣପୁରବାସୀଙ୍କ ମନରେ ସାହସ ଓ ଦମ୍ଭ ଦେବାରେ ପ୍ରାଣନାଥ ବାବୁ ଥିଲେ ପ୍ରଥମ । ଅଭିଯୁକ୍ତ ଗ୍ରାମବାସୀମାନଙ୍କୁ ଦଣ୍ଡାଦେଶରୁ ମୁକ୍ତ କରିବା ପାଇଁ ଏକ ଡ଼ିଫେନ୍‌ସ କମିଟି ଗଠନ କରିଥିଲେ । ପ୍ରାଣନାଥ ବାବୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଭୃକ୍ଷେପ ନକରି ରଣପୁରଠାରେ ଡ଼େରା ପକାଇ ସମସ୍ତ ପ୍ରକାର ସାହାଯ୍ୟ କରିବାର କିମ୍ବଦନ୍ତୀ ଅବର୍ଣ୍ଣନୀୟ ଅଟେ । ସେହିପରି ନୟାଗଡ଼, ଦଶପଲ୍ଲା ଓ ଖଣ୍ଡପଡ଼ାର ପ୍ରଜାମଣ୍ଡଳ ସଂଗଠନକୁ ତାଙ୍କର ଥିଲା ଅତୁଳନୀୟ ଅବଦାନ । ଏତଦ୍‌ବ୍ୟତୀତ ଓଡ଼ିଶାରେ ଥିବା ୨୬ଟି ପ୍ରଜାମଣ୍ଡଳ ସମ୍ମିଳନୀରେ ଯୋଗ ଦେଇ ଅଗ୍ନିବର୍ଷୀ ଭାଷଣ ମାଧ୍ୟମରେ ଲୋକମାନଙ୍କର ହୃଦୟକୁ ସ୍ପର୍ଶ କରିଥିଲେ । ଭାଷଣର ଚେତନା ରୂପକ ରଜ୍ଜୁରେ ଏକ ମନ ଓ ଏକ ପ୍ରାଣରେ ସମସ୍ତଙ୍କୁ ବାନ୍ଧି ରଖି ପାରିଥିଲେ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜାତୀୟ କଂଗ୍ରେସ ନିଷ୍ପତ୍ତିକ୍ରମେ ସମଗ୍ର ଭାରତରେ ଇଂରେଜ ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନର ବହ୍ନି ଜାଗି ଉଠିଥିଲା । ଓଡ଼ିଶାର ପ୍ରତ୍ୟେକ ସ୍ଥାନରେଏହି ଆନ୍ଦୋଳନ ମୁଣ୍ଡ ଟେକିଥିଲା । ଖୋର୍ଦ୍ଧାରେ ପ୍ରାଣନାଥ ବାବୁ ଏହି ଆନ୍ଦୋଳନର ନେତୃତ୍ୱ ନେଇ ଇଂରେଜ ସରକାରଙ୍କ ଦ୍ୱାରା ୧୯୩୯ ମସିହା ନଭେମ୍ବର ମାସ ଦୀପାବଳି ଅମାବାସ୍ୟା ଦିନ ଗିରଫ ହୋଇଥିଲେ । ୧୯୪୨ ମସିହାରେ ମହାତ୍ମା ଗାନ୍ଧୀଙ୍କ ଡ଼ାକରାରେ ସମଗ୍ର ଭାରତବର୍ଷରେ ଭାରତଛାଡ଼ ଆନ୍ଦୋଳନ ଅଗ୍ନିଶିଖା ପରି ପ୍ରଜ୍ୱଳିତ ହୋଇଥିଲା । ଏହା ଥିଲା ସ୍ୱାଧୀନତା ପାଇଁ ଶେଷ ପର୍ଯ୍ୟାୟ ଆନ୍ଦୋଳନ । ଏହି ଆନ୍ଦୋଳନରେ ହଜାର ହଜାର ସଂଗ୍ରାମୀ ଶହୀଦ ହେବା ସଂଗେ ସଂଗେ ଲକ୍ଷ ଲକ୍ଷ ସଂଗ୍ରାମୀ ଗିରଫ ହୋଇଥିଲେ । ଏହି ଆନ୍ଦାଳନରେ ପ୍ରାଣନାଥ ବାବୁ ମୁଖ୍ୟ ଭୂମିକା ଗ୍ରହଣ କରି ଗିରଫ ହୋଇ ଅଢ଼େଇ ବର୍ଷ କାରାବରଣ କରିଥିଲେ । ସେ ଜେଲ ଭିତରେ ଥିବାବେଳେ ଦୀର୍ଘ ୪୩ ଦିନ ଅନଶନ କରିଥିଲେ । ଏହା ଫଳରେ ରକ୍ତବାନ୍ତି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ଶଯ୍ୟାରେ ପଡ଼ିଥିଲେ ମଧ୍ୟ କେବେହେଲେ ତାଙ୍କ ଅନଶନରୁ ବିଚ୍ୟୁତ ହୋଇନଥିଲେ । ୧୯୫୦ ମସିହାରେ କମ୍ୟୁନିଷ୍ଟ ଆନ୍ଦୋଳନର ନେତୃତ୍ୱ ନେଇ ବନ୍ଦୀ ହୋଇ କଟକ ଜେଲ୍‌ରେ ରହିଥିଲେ ।

୧୯୪୭ ମସିହା ଅଗଷ୍ଟ ୧୫ ତାରିଖଟି ଥିଲା ଭାରତ ପାଇଁ ଏକ ଗୌରବମୟ ଦିବସ । କାରଣ ଏହି ଦିନ ଇଂରେଜ ସରକାରଙ୍କ କବଳରୁ ଆମ ଦେଶ ସ୍ୱାଧୀନତା ଲାଭ କରିଥିଲା । ଏହି ସ୍ୱାଧୀନତାରେ ପ୍ରାଣନାଥ ବାବୁ ଖୁସି ହୋଇପାରି ନଥିଲେ । କାରଣ ଭାରତ ରାଜନୈତିକ ସ୍ୱାଧୀନତା ପାଇଥିଲା, କିନ୍ତୁ ସାମାଜିକ ଓ ଅର୍ଥନୈତିକ ସ୍ୱାଧୀନତା ପାଇ ନଥିଲା । ସେତେବେଳେ ଭାରତର ସର୍ବହରା କୃଷକ, ଶ୍ରମିକ ଓ ସାଧାରଣ ଲୋକମାନେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଇତ୍ୟାଦିରୁ ବଞ୍ଚିତ ହୋଇ ଦୀନ ଦରିଦ୍ର ଭଳି ଜୀବନ ନିର୍ବାହ କରୁଥିଲେ । ଏହିସବୁ ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ପ୍ରାଣନାଥ ବାବୁ ଅଣ୍ଟାଭିଡ଼ି ସଂଗ୍ରାମ ଜାରି ରଖିଥିଲେ । ବହୁ ଘାତ ପ୍ରତିଘାତକୁ ମୁକାବିଲା କରି ୧୯୪୮ ମସିହାରେ ଖୋର୍ଦ୍ଧାର କେତେଗୁଡ଼ିଏ ଗ୍ରାମରେ ଭାଗଚାଷ ଆଇନ୍ ପ୍ରୟୋଗ କରିବା ପାଇଁ ସରକାରଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ । କୃଷକମାନଙ୍କ ମଧ୍ୟରେ ଏହି ଆଇନ୍ ସପକ୍ଷରେ ବାତାବରଣ ସୃଷ୍ଟି କରିଥିଲେ । ତତ୍‌ପରେ ପ୍ରାଣନାଥ ବାବୁଙ୍କ ସହିତ ଆଉ କେତେଜଣ ବୀର ସଂଗ୍ରାମୀ ସାମିଲ ହୋଇ ଜମିଦାର, ମଠର ମହନ୍ତ ଓ ରାଜାରାଜୁଡ଼ାମାନଙ୍କଠାରୁ ବିପୁଳ ଭୂସମ୍ପତ୍ତି ଛଡ଼ାଇ ଆଣି ସର୍ବହରା, ନିରୀହ ପ୍ରଜାମାନଙ୍କୁ ବିତରଣ କରିଥିଲେ । ସେହିପରି ଜଙ୍ଗଲଜାତ ଦ୍ରବ୍ୟ ଉପରେ ସର୍ବସାଧାରଣ ବ୍ୟବହାର ପାଇଁ ନିଷିଦ୍ଧ ଥିବା ଆଇନ୍‌କୁ ପରିବର୍ତ୍ତନ କରି ଜନତା ଜନାର୍ଦ୍ଦନଙ୍କ ସେବା କରିଯାଇଛନ୍ତି । ସେତେବେଳେ ହଜାର ହଜାର ଓଡ଼ିଆ ଶ୍ରମିକ, କୁଲି, ମଜୁରିଆ କଲିକତାରେ ଦଳିତ ଓ ଅବହେଳିତ ଭାବରେ ବେଠି ଖଟୁଥିଲେ । ୧୯୫୫ ମସିହାରେ ପ୍ରାଣନାଥ ବାବୁ ସେମାନଙ୍କୁ ଏକତ୍ରିତ କରାଇ ସେମାନଙ୍କର ନ୍ୟାଯ୍ୟ ଦାବି ତଥା ସ୍ୱାଭିମାନ ପାଇଁ ଏକ ଜନ ଆନ୍ଦୋଳନ ଗଢ଼ି ତୋଳିଥିଲେ । ସେଠାରେ ପ୍ରବାସୀ ଓଡ଼ିଆ ନାମକ ଏକ ସଂଗଠନ ଗଠନ କରିଥିଲେ । ଏହି ସଂଗଠନ ମାଧ୍ୟମରେ ଏକ ଶୋଭାଯାତ୍ରା କରାଇଥିଲେ । କଲିକତାର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ବିଧାନଚନ୍ଦ୍ର ରାୟଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହି ଆନ୍ଦୋଳନରେ ପ୍ରାଣନାଥ ବାବୁଙ୍କ ସମେତ ଓଡ଼ିଶାରୁ ଶ୍ରୀଚରଣ ବରାଳ, ବୈଷ୍ଣବ ଚରଣ ପରିଡ଼ା, ପରମାନନ୍ଦ ସାମଲ, ଆକୁଳି ମିଶ୍ର, ଶ୍ୟାମସୁନ୍ଦର ମହାପାତ୍ର, ହୃଦାନନ୍ଦ ମଲ୍ଲିକ ଯୋଗ ଦେଇଥିଲେ ।

୧୯୫୭ ମସିହାରେ ପ୍ରାଣନାଥ ବାବୁ ଦ୍ୱିତୀୟ ଥର ପାଇଁ ଓଡ଼ିଶା ବିଧାନସଭାକୁ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରୁ କମ୍ୟୁନିଷ୍ଟ ଦଳ ତରଫରୁ ନିର୍ବାଚିତ ହୋଇଥିଲେ । ୧୯୫୭ ରୁ ୧୯୬୧ ମସିହା ପର୍ଯ୍ୟନ୍ତ ସେ ଥିଲେ ଓଡ଼ିଶା ବିଧାନସଭାରେ କମ୍ୟୁନିଷ୍ଟ ଦଳର ଦଳପତି ଓ ବିରୋଧୀ ଦଳର ଏକ ଟାଣୁଆ ନେତା । ଶ୍ରେଣୀମୁକ୍ତ ଓ ଶୋଷଣମୁକ୍ତ ସମାଜ ଗଠନ କରିବା ପାଇଁ ବିଧାନସଭାରେ ଅଗ୍ନିବର୍ଷୀ ଭାଷଣ ଦେବା ସଂଗେ ସଂଗେ ଦାବିପତ୍ର ଉପସ୍ଥାପନ କରି ସରକାରଙ୍କୁ ଭୀତତ୍ରସ୍ତ କରି ପକାଉଥିଲେ । ସରକାରଙ୍କର ଶୋଷଣ ଓ ମାରଣ ନୀତିକୁ ବିରୋଧ ଓ ପୁଞ୍ଜିବାଦକୁ ଉଚ୍ଛେଦ କରି ଶ୍ରମିକ ଓ କୃଷକମାନଙ୍କର ନ୍ୟାଯ୍ୟ ଅଧିକାର ପ୍ରତି

ସେ ଅଗ୍ରାଧିକାର ଦେଉଥିଲେ । ଶିକ୍ଷା କ୍ଷେତ୍ରରେ ନିରକ୍ଷରମାନଙ୍କୁ ଶିକ୍ଷା ଦେବା ସଂଗେ ସଂଗେ ବେସରକାରୀ ଶିକ୍ଷାନୁଷ୍ଠାନର କର୍ମଚାରୀମାନଙ୍କର ସର୍ତ୍ତାବଳୀର ପରିବର୍ତ୍ତନ ପାଇଁ ଆଇନ୍ ପ୍ରଣୟନ କରିବା ପାଇଁ ସେ ବହୁବାର ସରକାରଙ୍କ ପାଖରେ ଦାବି କରିଥିଲେ । ତାଙ୍କର ସବୁଠାରୁ ଉଲ୍ଲେଖନୀୟ ଅବଦାନ ଥିଲା ଖୋର୍ଦ୍ଧାଠାରେ ଏକ ମହାବିଦ୍ୟାଳୟ ଓ ଜଟଣୀଠାରେ ଏକ ଉଚ୍ଚ ମାଧମିକ ବିଦ୍ୟାଳୟ ପ୍ରତିଷ୍ଠା । ଐତିହାସିକ ପାହାଡ଼ ବରୁଣେଇ ପାଦଦେଶରେ ୧୯୫୯ ମସିହା ଜୁଲାଇ ମାସରେ ପ୍ରତିଷ୍ଠା କରାଇଥିଲେ ଏକ ବେସରକାରୀ ମହାବିଦ୍ୟାଳୟ । ଏହି ମହାବିଦ୍ୟାଳୟ ପ୍ରାଣନାଥ ବାବୁଙ୍କର ମାନସପୁତ୍ର ଅଟେ । କାରଣ ସେ ନିଜର ଲହୁ ଲୁହ ଦେଇ ଏହି ଅନୁଷ୍ଠାନକୁ ଗଠନ କରିଥିଲେ । ଆଜି ବି ଶୁଣିବାକୁ ମିଳେ ସେ ଅନୁଷ୍ଠାନ ପାଇଁ ଭିକ୍ଷାଥାଳ ଧରି ଓଡ଼ିଶାରୁ କଲିକତା ପର୍ଯ୍ୟନ୍ତ ଦାନ ମାଗିବାକୁ ପଛାଇ ନଥିଲେ । କେବଳ ଯେ ସେ ଜଣେ ଶିକ୍ଷାପ୍ରେମୀ ଥିଲେ ତାହା ନୁହେଁ, ଜଣେ ସୁଲେଖକ ରୂପେ ମଧ ଗୌରବ ଅର୍ଜନ କରିଛନ୍ତି । ତାଙ୍କଦ୍ୱାରା ଲିଖିତ 'ଆସନ୍ତା କାଲିର ସାହିତ୍ୟ' ଏକ ଅନନ୍ୟ କୃତି । ସେ ଜଣେ ନିରପେକ୍ଷ ସାମ୍ବାଦିକ ଭାବେ ଖ୍ୟାତି ଅର୍ଜନ କରିଥିଲେ । ସେ ଥିଲେ 'ନୂଆଦୁନିଆଁ' ନାମକ ଏକ ପତ୍ରିକାର ସମ୍ପାଦକ । ତାଙ୍କର ଉଦ୍ୟମ ଓ ଚେଷ୍ଟା ଫଳରେ ସେ କୃଷ୍ଣମୋହନ ନାମକ ଏକ ଗ୍ରନ୍ଥାବଳୀ ସମ୍ପାଦନା କରିଥିଲେ ।

୧୯୬୦ ମସିହାର ଏକ ଘଟଣା । ବଡ଼ବିଲସ୍ଥିତ ସିରାଜଉଦ୍ଦିନଙ୍କ ଖଣିରେ ଶ୍ରମିକ ଆନ୍ଦୋଳନ ମୁଣ୍ଡ ଟେକିଥିଲା । ଖଣିର ମାଲିକ ପୋଲିସମାନଙ୍କ ସହାୟତାରେ ଶ୍ରମିକମାନଙ୍କ ଉପରେ ବର୍ବରୋଚିତ ଅତ୍ୟାଚାର କରୁଥିଲେ । ଶୋଷଣ ଓ ମାରଣ ନୀତିକୁ ଅବଲମ୍ବନ କରି ଶ୍ରମିକମାନଙ୍କ ନ୍ୟାଯ୍ୟ ଅଧିକାରକୁ ଲୁଣ୍ଠନ କରିବାକୁ ପଛାଉ ନଥିଲେ ମାଲିକ ଓ ପୋଲିସ । ପ୍ରାଣନାଥ ବାବୁ ସେଠାରେ କିଛିଦିନ ଡ଼େରା ପକାଇ ଶ୍ରମିକମାନଙ୍କୁ ସଂଗଠିତ କରାଇ ସମାଧାନର ସୂତ୍ର ତିଆରି କରିଥିଲେ । ସେହିପରି ୧୯୬୫ ମସିହାରେ କୃଷକମାନଙ୍କ ସ୍ୱାର୍ଥ ପାଇଁ ପୁରୀରେ ସତ୍ୟାଗ୍ରହ କରିଥିଲେ । ସରକାର ଏହାକୁ ଭ୍ରୂକ୍ଷେପ କରିନଥିଲେ । ତେଣୁ ସେ ପୁରୀ କଚେରୀ ପାଖରେ ଧାରଣାରେ ବସିଥିଲେ ଓ ଗିରଫ ହୋଇଥିଲେ । ୧୯୬୫–୧୯୬୬ ମସିହାରେ କଳାହାଣ୍ଡି ଜିଲ୍ଲାରେ କରାଳ ଦୁର୍ଭିକ୍ଷ ହୋଇଥିଲା । ଲୋକମାନେ ଖାଇବାକୁ ନ ପାଇ ମୃତ୍ୟୁବରଣ କରୁଥିଲେ । ଆଉ ମଧ ଅଖାଦ୍ୟ ଖାଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିଲେ । ପ୍ରାଣନାଥ ବାବୁ ସେଠାରେ ଡ଼େରା ପକାଇ ବୈଶାଖ ମାସର ରୌଦ୍ରତାପରେ ପାଦରେ ଚାଲି ଚାଲି ଲୋକମାନଙ୍କୁ ସାହାଯ୍ୟ କରିଥିଲେ । ଏହାକୁ ବିଭିନ୍ନ ଦୈନିକ ପତ୍ରପତ୍ରିକାରେ ପ୍ରକାଶ କରି ଓଡ଼ିଶା ସରକାର ଓ ଭାରତ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିପାରିଥିଲେ । ଫଳରେ ଭାରତର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଏହି ଅଞ୍ଚଳ ପରିଦର୍ଶନରେ ଆସିଥିଲେ । ଓଡ଼ିଶାର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କୁ ଏହି ବାବଦରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତାଙ୍କର ତୀକ୍ଷ୍ଣ ବୁଦ୍ଧି, ବିଚକ୍ଷଣ କୌଶଳ ଓ ଅକ୍ଳାନ୍ତ ପରିଶ୍ରମ ଫଳରେ ଭୁବନେଶ୍ୱରର ଉପରମୁଣ୍ଡରେ ଥିବା ପଟିଆ ବନ୍ଧ ଓ ପିପିଲି ଜଟଣୀ ରାସ୍ତାର କାକୁଡ଼ିଆ ବନ୍ଧର ନିର୍ମାଣ କାର୍ଯ୍ୟ ସମ୍ଭବପର ହୋଇପାରିଛି ।

ଓଡ଼ିଶାର ବୀର ମାଟି ଖୋର୍ଦ୍ଧାକୁ ପ୍ରାଣନାଥ ବାବୁ ଜୀବନଠାରୁ ଅଧିକ ଭଲ ପାଉଥିଲେ । ଖୋର୍ଦ୍ଧା ଥିଲା ତାଙ୍କ ରାଜନୈତିକ ଓ ସାମାଜିକ ସେବାର ପୀଠସ୍ଥଳୀ । ତାଙ୍କର ସରଳତା, ଅମାୟିକ, ଆଦର୍ଶବାଦୀ, ନିଷ୍କପଟତା ଇତ୍ୟାଦି ମହତ ଗୁଣ ମାଧମରେ ସେ ଯେପରି ଲୋକମାନଙ୍କୁ କିଣି ପାରୁଥିଲେ, ସେପରି ତାଙ୍କର ଗୌରବର୍ଣ୍ଣ ଶରୀର ଗଠନ ଶୈଳୀ, ହସହସ ବଦନ, ପୋଷାକପତ୍ର ଓ ବେଶଭୂଷା ମାଧମରେ ଆଦରଣୀୟ ହୋଇ ପାରୁଥିଲେ । ତାଙ୍କ ମନକୁ କେବେହେଲେ ଶତ୍ରୁ, ମିତ୍ର, ପର–ଆପଣା, ଆମର–ତୁମର ଛୁଇଁ ପାରି ନଥିଲା । ସେ ଜାତି, ବର୍ଣ୍ଣ, ସାନ, ବଡ଼, ଦଳ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଭାବରେ ଭଲ ପାଉଥିଲେ । ସାମ୍ୟବାଦ ନୀତିର ସେ ଥିଲେ ପରମ ପୂଜାରୀ । ଗଣତନ୍ତ୍ରବାଦ ଥିଲା ତାଙ୍କର ଜୀବନ । ମାନବିକତା ଗୁଣ ଥିଲା ତାଙ୍କର ଧର୍ମ । ସେହି ମହାନ ବ୍ୟକ୍ତିତ୍ୱ ତଥା ମହାପୁରୁଷ ଓଡ଼ିଶାବାସୀଙ୍କୁ ଦୁଃଖ ସାଗରରେ ଭସାଇ ଦେଇ କଲିକତାରେ ୧୯୭୦ ମସିହା ଅକ୍ଟୋବର ୫ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ଆଜି ପ୍ରାଣନାଥ ବାବୁ ମରି ମଧ ଅମର । କାରଣ ତାଙ୍କ ସ୍ୱକୃତିର ଗଠନମୂଳକ ଅନୁଷ୍ଠାନ ତଥା ଐତିହାସିକ ଘଟଣାଗୁଡ଼ିକ ଚିର ଅମର ହୋଇଅଛି । ଆଜିର ଯୁବ ପିଢ଼ି ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ଏକାନ୍ତ କାମ୍ୟ । ଫଳରେ ତାଙ୍କର ଅଧୁରା ସ୍ୱପ୍ନ ସାକାର ହେବା ସଂଗେ ସଂଗେ ଅମର ଆତ୍ମା ସଦ୍‌ଗତି ଲାଭ କରିପାରିବ ।

ପ୍ଲ.ନଂ–୬୮୫/୧୨୪୦
ଦୁର୍ଗାମାଧବ ନଗର
ସାମପୁର, ଭୁବନେଶ୍ୱର

# ଆମ ସ୍ୱାଧୀନତା : କିଛି କଥା, କିଛି ବ୍ୟଥା

ଡକ୍ଟର ସର୍ବେଶ୍ୱର ସେଣ

ଗଙ୍ଗା, ଯମୁନା, ସରସ୍ୱତୀରେ ବହିଗଲାଣି କାହିଁ କେତେ ପାଣି, କିଏ ବା ହିସାବ ରଖୁଛି ମହାକାଳର ଏହି ଗତି ପ୍ରକୃତିକୁ ? ତା'ରି ପ୍ରଭାବରେ ନିୟନ୍ତ୍ରିତ ପୃଥିବୀରେ ଘଟୁଥିବା ପ୍ରତିଟି ଘଟଣା, ଠିକ୍ ସେମିତି ଆମ ସ୍ୱାଧୀନତା, ୧୯୪୭ ମସିହାର ଅବୋଧ ଶିଶୁ ଏବେ ୬୮ ବର୍ଷରେ ପାଦ ଥାପିଲାଣି । ଏହି ପୁଣ୍ୟ ତିଥିଟି ପାଇଁ କେତେ କ'ଣ ସଂଗ୍ରାମ, ତ୍ୟାଗ, ତିତୀକ୍ଷା, ଆତ୍ମବଳି ଏକଦା ଥିଲା ଏହା ଇତିହାସ, ଏବେ କିନ୍ତୁ ବିସ୍ମୃତି ଆଡ଼େ ମୁହାଁଇଲାଣି । ମୁକ୍ତି ସଂଗ୍ରାମକାଳୀନ ଜନଚିତ୍ତରେ ପ୍ରବାହିତ ଦେଶପ୍ରୀତି ପ୍ରବଣତାରେ ମଧ୍ୟ ଭଟ୍ଟା ପଡ଼ିଲାଣି । ତଥାପି ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସରେ ଏ ଜାତି ଚେଇଁ ଉଠେ । ପୂରୁବ ଗୌରବ, କୀର୍ତ୍ତି, ଖ୍ୟାତିର ଉଦ୍‌ବୋଧନରେ ସାରା ଦେଶ ବିହ୍ୱଳ । ପୁନଶ୍ଚ ଆର ସନକୁ । ମଝି ସମୟ ସମ୍ପୂର୍ଣ୍ଣ ନିରବ, ନିଥର, ନିସ୍ପନ୍ଦ । କେବଳ ଶ୍ରେଣୀକକ୍ଷରେ ମୁକ୍ତି ସଂଗ୍ରାମକାଳୀନ ଚିତ୍ରର ଶିକ୍ଷାଦାନ କିଛି ପରିମାଣରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୁଦ୍ଧ କରେ । ମାତ୍ର ସ୍ୱାଧୀନତା ପ୍ରାପ୍ତିର ପୂର୍ବ ପର ଅବସ୍ଥା ଏକ ଭିନ୍ନ ଆଦର୍ଶ, ଦର୍ଶନ, ଚଳଣି ଉପରେ ପର୍ଯ୍ୟବସିତ ସତରେ ଆମ ସ୍ୱାଧୀନତା କଥା ବ୍ୟଥାକୁ ନେଇ ବହୁ ଯୁଗୋପଯୋଗୀ ଚିନ୍ତନର ବେଳ ଏବେ ସମୁପଗତ ନୁହେଁ କି ?

ଭାରତ ସ୍ୱର୍ଣ୍ଣପ୍ରସୂ, ବୀର ପ୍ରସବିନୀ ମାତ୍ର ପରାଧୀନ କାଳରେ ତା'ର ଏକତା, ଐକ୍ୟ, ସଂଘବଦ୍ଧଭାବେ ଶତ୍ରୁ ବିପକ୍ଷରେ ଲଢ଼ିବାର ମାନସିକତା ଉପରେ ବହୁ ପ୍ରଶ୍ନବାଚୀ । ସାତସମୁଦ୍ର ତେର ନଈ ପାରିହୋଇ ଗୋଟିଏ ବଣିକ ଜାତି ଆମ ରାଜନୀତିକ ସ୍ୱାଧୀନତାକୁ ଅପହରଣ କଲା, ଅବା ସେଇ ଇଂରେଜମାନଙ୍କ ହାତକୁ ଆମ ନପାରିବା ପଣରୁ ଭାରତ ଶାସନ ଗଲା, ତାହା ଊଣା ଅଧିକେ ସଭିଁଙ୍କୁ ଜଣା । ୧୭୫୭ ମସିହା, ପଲ୍ଲାସୀ ଯୁଦ୍ଧ, ବଙ୍ଗର ନବାବ ସିରାଜଉଦୌଲା, ଇଷ୍ଟଇଣ୍ଡିଆ କମ୍ପାନୀ ସେନାର ନେତୃତ୍ୱ ନେଇଥିବା ଲର୍ଡ଼ କ୍ଲାଇବ୍ । ଚାଲିଛି ମହାସମର ମାତ୍ର ନିରାପଦ ଦୂରତାରେ ରହି ଶହଶହ ଭାରତୀୟ ଦେଖୁଛନ୍ତି ଏହି ଯୁଦ୍ଧକୁ । ସେମାନେ ଯଦି ହାତରେ ଖଣ୍ଡେଖଣ୍ଡେ ଲାଠି ଧରି ଇଂରେଜମାନଙ୍କ ସହ ଲଢ଼ିଥାନ୍ତେ, ତାହେଲେ ଆଙ୍ଗୁଠି ଗଣତି କେତେକ ଇଂରେଜ ସୈନ୍ୟ ନିଶ୍ଚୟ ଭୂଲୁଣ୍ଠିତ ହୋଇଥାନ୍ତେ । ଏକଥାଟି କ୍ଲାଇବ୍‌ଙ୍କ ଆତ୍ମ ଜୀବନରେ ଉଲ୍ଲେଖ ରହିଛି । ଯୁଦ୍ଧ ଜୟ ପରେ ଇଂରେଜମାନଙ୍କର ମୂଳଦୁଆ ସୁଦୃଢ଼ ହେଲା । ଏଣିକି ଶୋଷଣ, ଲୁଣ୍ଠନ, ରାଜକୋଷ ଲୁଟ୍ । ଏକଚାଟିଆ ଲବଣ ବେପାର, ଚିରସ୍ଥାୟୀ ବନ୍ଦୋବସ୍ତ, ଜମିଦାର ବା ଲର୍ଡ଼ଗୋଷ୍ଠୀ ସୃଷ୍ଟି ଭଳି ନାନା ପଦକ୍ଷେପ ଇଂରେଜମାନେ ପର୍ଯ୍ୟାୟକ୍ରମେ ନେଇଥିଲେ । ଏଗୁଡ଼ିକ ଥିଲା ସମ୍ପୂର୍ଣ୍ଣ ଜନସ୍ୱାର୍ଥ ବିରୋଧୀ । ପୁନଶ୍ଚ ୧୦୦ ବର୍ଷ ପରେ, ୧୮୫୭ ମସିହା ସିପାହୀ ବିଦ୍ରୋହ, ଭାରତୀୟ ସିପାହୀମାନଙ୍କର ଧର୍ମ ନାଶ ଭୟରେ ଇଂରେଜମାନଙ୍କ ବିରୋଧରେ ସଶସ୍ତ୍ର ସଂଗ୍ରାମ, ଏଥିରେ କର୍ଣ୍ଣଧାର ଥିଲେ ନାନାସାହେବ, ଝାନ୍‌ସୀରାଣୀ ଲକ୍ଷ୍ମୀବାଈ, ତାନ୍ତିଆ ତୋପେ । ଏହି ବିଦ୍ରୋହକୁ ସହଜରେ ଦମନ କରାଗଲା । ଓଡ଼ିଶାର ଚାଖିଖୁଣ୍ଟିଆ, ବୀର ସୁରେନ୍ଦ୍ର ସାଏଙ୍କ ଭୂମିକା ପ୍ରଥମ ମୁକ୍ତି ସଂଗ୍ରାମରେ ଥିଲା ଉଚ୍ଚ ପ୍ରଶଂସନୀୟ । ଭାରତୀୟମାନଙ୍କୁ ପୁଣି ଏକ ଶତାବ୍ଦୀରୁ ୧୦ ବର୍ଷ କମ୍ କାଳ ଲାଗିଲା ସେଇ ଇପ୍‌ସିତ ସ୍ୱାଧୀନତାଟିକ ପାଇବା ଲାଗି । ଏମିତି ଏକ ରାଜନୀତିକ ପ୍ରେକ୍ଷାପଟ୍ଟକୁ ତର୍ଜମା କଲେ ବେଳେବେଳେ ନିରାଶ ହେବାକୁ ପଡ଼େ । ସତରେ କ'ଣ ଭାରତବାସୀ ବଡ଼ ସାହସୀ ? ଏଇ ମହାନ ଉକ୍ତିର ମୂକସାକ୍ଷୀ ହିଁ କାଳ । ସେ ପରଖିବ ସତ ମିଛ !

ଜାତି ମୁକ୍ତି ସଂଗ୍ରାମ ଏକ ଗରିଆନ ଅଧ୍ୟାୟ । ମା'କୁ ବେଡ଼ି, ଶୃଙ୍ଖଳମୁକ୍ତ କରିବାରେ ଭାରତବାସୀ ମଧ୍ୟ ଊଣା କରିନାହାନ୍ତି ।

ଚରମପନ୍ଥା, ନରମପନ୍ଥା ଏଇ ଆଦର୍ଶ ଅନୁଗାମୀମାନେ ଆପଣା ଆପଣା ଢଙ୍ଗରେ ତ୍ୱରାନ୍ୱିତ କରିଥିଲେ ମୁକ୍ତିଯୁଦ୍ଧକୁ । ଗୋଟେ ବ୍ୟକ୍ତି, ଗୋଟେ ଆଦର୍ଶ, ଗୋଟେ ଅନୁଚିନ୍ତନ କୌଣସି ଜାତିକୁ ସ୍ୱାଧୀନ କରି ପାରିନି । ଠିକ୍ ସେମିତି ଆମ ଭାରତବର୍ଷରେ ଘଟିଛି । ନେଜାଡୀ ସୁଭାଷ ବୋଷଙ୍କ ଦୂରନ୍ତ ଆହ୍ୱାନ, ପ୍ରେରଣା, ଇଂରେଜମାନଙ୍କ ବିରୋଧରେ ଲଢ଼ିବାର ଦୁଃସାହସ ଏକ ସମୟରେ ଇଂରେଜ ଶାସନକୁ ଦୋହଲାଇ ଦେଇଥିଲା । ସେ ରେଙ୍ଗୁନ୍‌ଠାରେ 'ଦିଲ୍ଲୀ ଚଲୋ' ଡାକରା ଦେଲେ, ୫୦ ହଜାର ଆଜାଦ୍ ହିନ୍ଦ୍ ଫୌଜଙ୍କ ସମାବେଶ, ସେମାନେ ୧୯୪୪ ମସିହାରେ ୨୪ ହଜାର ବର୍ଗ କିଲୋମିଟର ଦଖଲ କଲେ । ମଣିପୁର ଇମ୍ଫାଲଠାରେ ନେତାଜୀ ପ୍ରଥମ କରି ଅସ୍ଥାୟୀ ସରକାର ଗଠନ ସହ ଭାରତୀୟ ତ୍ରିରଙ୍ଗାକୁ ଉତ୍ତୋଳନ କରିବାରେ ସେ ଥିଲେ ପ୍ରଥମ ଭାରତୀୟ । ସୁଭାଷଙ୍କ ପରଲୋକ ହେଲା ଏବଂ ଇଂରେଜ ସରକାରଙ୍କ ବିପକ୍ଷରେ ଅସ୍ତ୍ରରେ ଲଢ଼ିବାର ଅଧ୍ୟାୟ ଅନ୍ତ ହେଲା ମାତ୍ର ତାଙ୍କର ତ୍ୟାଗ, ଦେଶଭକ୍ତି ଚିରଉଜ୍ଜ୍ୱଳ ଇତିହାସ ପୃଷ୍ଠାରେ । ଏହି ମହାନ ଦେଶଭକ୍ତ ଏବେ ବିସ୍ମୃତ ପ୍ରାୟ । ମୁକ୍ତି ସଂଗ୍ରାମ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କଲା ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ । ଅସହଯୋଗ, ଆଇନ ଅମାନ୍ୟ, ବ୍ୟକ୍ତିଗତ ସତ୍ୟାଗ୍ରହ, ଭାରତଛାଡ଼ ଆନ୍ଦୋଳନ ପ୍ରତିଟି କ୍ଷେତ୍ରରେ ଥିଲା ଏହି ମହାମାନବଙ୍କ ଅବିସମ୍ବାଦିତ ନେତୃତ୍ୱ । ସତ୍ୟ, ସତ୍ୟାଗ୍ରହ, ଅହିଂସା ଏହି ମୂଳମନ୍ତ୍ରରେ ବିହ୍ୱଳ ସାରା ଭାରତବାସୀ । ଗାନ୍ଧିଜୀଙ୍କ ଶିକ୍ଷା, ସଂସ୍କୃତି, ଅର୍ଥନୀତିଭିତ୍ତିକ ଦର୍ଶନ, ନିରଳସ ଜୀବନଯାପନ ପ୍ରଣାଳୀ ଏ ସବୁଥିରେ ବିମୋହିତ କୋଟି କୋଟି ଜନତା ତାଙ୍କୁ ଯୁଗପୁରୁଷ, ଅବତାର, କେହି କେହି ମଧ୍ୟ ଭଗବାନ ଭାବେ ଗ୍ରହଣ କଲେ । ତାଙ୍କରି ନେତୃତ୍ୱରେ ଅହିଂସ ଆନ୍ଦୋଳନ ରୂପକ ଅସ୍ତ୍ର ଭାରତୀୟ ସ୍ୱାଧୀନତା ପ୍ରାପ୍ତିର ଅସଲ କୁଞ୍ଚିକାଠି ଥିଲା ।

୧୯୪୭, ଅଗଷ୍ଟ ୧୫, ଦିଲ୍ଲୀର ଲାଲକିଲ୍ଲାଠାରେ ଉଡ଼ିଲା ଜାତୀୟ ପତାକା, ସାରା ଭାରତବର୍ଷ ବିଭୋର । ଏକ ସୁଦୂରପ୍ରସାରୀ ଆଶା ଆକାଂକ୍ଷା ଦେଶ ସ୍ୱାଧୀନ ହେବ, ଘିଅ ମହୁର ଶାନ୍ତି ଚହଟିବ ରହିବନି କଷଣ ଦୂଷଣ ଏ ସବୁ ଚାପି ହୋଇ ରହିଲା କ୍ଷମତା ରାଜନୀତିର ନାଲିଫିତା ତଳେ, ଯୋଉ କଷଣକୁ ସେଇ ଦୁଃଖ । ବିଚାରା ସାଧାରଣ ସଂଗ୍ରାମୀଟି ମନମରା । ଜାତୀୟ କଂଗ୍ରେସକୁ ଗାନ୍ଧିଜୀ ବାରଣ କରିଥିଲେ, କ୍ଷମତା ରାଜନୀତିଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଲେ, କିଏ ବା ମାନିଲା ? ସ୍ୱାଧୀନତାର ଗୋଟିଏ ବର୍ଷ ପରେ (୧୯୪୮), ଗାନ୍ଧିଜୀଙ୍କୁ ପ୍ରାଣବଳି ଦେବାକୁ ହେଲା ଜଣେ ଆତତାୟୀ ହାତରେ । ଗାନ୍ଧିଯୁଗ (୧୯୨୦–୧୯୪୮)ର ଅନ୍ତ ହେଲା ସତରେ ନୂଆଯୁଗ, ସବୁ ଓଲଟପାଲଟ ହୋଇଗଲାଣି, ମଣିଷ ବଦଳି ଗଲାଣି । ସବୁ ନୂଆ, ସେଦିନକୁ ଭୁଲିଗଲେଣି । ଶହଶହ ବର୍ଷ ଧରି ପରାଧୀନ ଗୋଟାଏ ଜାତି ଏକଛତ୍ର ଶାସନରେ ଅଭ୍ୟସ୍ତ, ପିଞ୍ଜରାବଦ୍ଧ ପକ୍ଷୀକୁ ଛାଡ଼ିଦେଲେ ଯାହା, ଆମର ପ୍ରାୟ ସେଇ ଅବସ୍ଥା । ଏବେ ବି, ମିର୍‌ଜାଫରମାନେ ସାରା ଦେଶରେ ଛାଇ ହୋଇ ରହିଛନ୍ତି । ସେମାନଙ୍କ ପ୍ରତି ସାବଧାନ ରହିବା ଏକାନ୍ତ କାମ୍ୟ । ପରାଧୀନ ଶବ୍ଦଟା ଏବେ ଭାରି ପୁରୁଣା, ସେ ଶବ୍ଦର ପ୍ରୟୋଗ ଆଉ ନାହିଁ । ପରାଧୀନତା, ଔପନିବେଶିକତା ଅତି ପୁରାତନ ଐତିହାସିକ ଚିନ୍ତା, ସାମ୍ରାଜ୍ୟବାଦ ପୁଞ୍ଜିବାଦ ପରେ ଏକ ନୂତନବାଦର ଆରମ୍ଭ ତାହାହିଁ ପ୍ରଭାବ ପରିସର । ଭୌତିକ ପରାଧୀନତା ନୁହେଁ, ସାଂସ୍କୃତିକ, ବୌଦ୍ଧିକ ଦାସତ୍ୱ । ଏବେ ଆମେରିକା, ଚୀନ୍, ରୁଷ୍ ଭଳି ମହାଶକ୍ତିର ଆଢ଼େ କେବେ ଯେ ଆମକୁ ଢଳିବାକୁ ନ ପଡ଼ିବ, ଏକଥା କିଏ କହିବ ? ଏଣୁ ବେଳହୁଁ ସଚେତନ ହେବା ବାଞ୍ଛନୀୟ ।

ସମ୍ପ୍ରତି କ୍ଷମତା, ପଦପଦବୀର ଅହେତୁକ ମୋହ, ଅର୍ଥ ରୋଜଗାର ଲାଳସାରେ ଅନ୍ଧସମାଜ, ମା' ମାଟି ଭାଷା ପାଇଁ ମମତା କ୍ରମହ୍ରାସମାଣ । ଜନ ଜୀବନ ହନ୍ତସନ୍ତ, ଦହଗଞ୍ଜ ଜୀଇଁବା ଧାରା । ଅନେକତ୍ର ହିଂସା, ସନ୍ତ୍ରାସବାଦ, ଲାଲ ବାହିନୀଙ୍କର ନର ସଂହାର କ୍ଷୁଧା, ସେଦିନ ସହିଦ୍ ରକ୍ତରେ ଭିଜିଥିଲା ଜାଲିଆନାୱାଲାବାଗ, ଭଦ୍ରକର ଇରମ ମାଟି । ଗୋଟେ ପଟେ ଅହିଂସା, ଆଉ ପଟେ ଇଂରେଜ ଫଉଜଙ୍କର ନର ରକ୍ତପାନ ପିପାସା । ଦବି ନଥିଲେ ସତ୍ୟାଗ୍ରହୀ, ବନ୍ଦ ହୋଇ ଯାଇନଥିଲା ମୁକ୍ତିସଂଗ୍ରାମ । ଅସତ୍ୟ ଉପରେ ସତ୍ୟର ବିଜୟ ଘଟିଲା । ଏବେ କିନ୍ତୁ ସବୁ ଓଲଟପାଲଟ । ସ୍ୱାଧୀନ ଦେଶର ନାଗରିକ କ'ଣ ଏବେ ଆଶ୍ୱସ୍ତ ଅବା ବିଶ୍ୱସ୍ତ ଭାରତ ମାତା ପାଖରେ ?

ଆଜି ସାରା ବିଶ୍ୱରେ ହିଂସା ସର୍ବତ୍ର ମୁଣ୍ଡବ୍ୟଥାର କାରଣ, ତାହାରି ବଶବର୍ତ୍ତୀ ହୋଇ ଅମଣିଷମାନେ ଭିଆଉଛନ୍ତି ଅମାନୁଷିକ, ନାରକୀୟ କାଣ୍ଡମାନ ସ୍ୱାଧୀନ ଦେଶରେ । ଏଥିପାଇଁ କଠୋରରୁ ଆହୁରି କଠୋର ଦଣ୍ଡବିଧାନ ନିତାନ୍ତ ଜରୁରୀ । ସୁଖ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ମଧ୍ୟ ଲୋଡ଼ା ପବିତ୍ର ମାନସିକତା । ଏଣୁ ହିଂସା ନୁହେଁ ଅହିଂସା ହିଁ ଫେରାଇ ଆଣି ପାରିବ ସେଇ ଆକାଂକ୍ଷିତ ଶାନ୍ତି ଟିକକ । ଅନ୍ତତଃ ପକ୍ଷେ ଆଜିର ପୁଣ୍ୟ ତିଥିରେ ବାପୁଙ୍କ ଆତ୍ମା ଶାନ୍ତି ପାଇବ ସେଇ ଅଜଣା ଇଲାକାରେ !

ସା/ପୋ: ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା
ଭାୟା–କରିଲୋପାଟଣା
କେନ୍ଦ୍ରାପଡ଼ା, ପିନ–୭୫୪୨୨୩

# ମୁକ୍ତି ସଂଗ୍ରାମୀ ଗୋକୁଳାନନ୍ଦ

**କୃଷ୍ଣ ଚନ୍ଦ୍ର ସୁଆର**

ଦେଶର ସ୍ୱାଧୀନତା ଆନ୍ଦୋଳନରେ ଗାନ୍ଧିଜୀଙ୍କ ନୀତି, ନିୟମ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଝାସ ଦେଇଥିବା ସଂଗ୍ରାମୀମାନଙ୍କ ମଧ୍ୟରେ ସ୍ୱର୍ଗୀୟ ଗୋକୁଳାନନ୍ଦ ମହାନ୍ତି ହେଉଛନ୍ତି ଅନ୍ୟତମ ।



ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ନିଶା ନିବାରଣ ଆନ୍ଦୋଳନ ଓ ଭାରତଛାଡ ଆନ୍ଦୋଳନ ପ୍ରଭୃତିରେ ଯୋଗଦେଇ ସେ ଦେଶ ପାଇଁ ବହୁବାର କାରାବରଣ କରିଥିଲେ । ଏଥିପାଇଁ ତାଙ୍କୁ ବାଲେଶ୍ୱର ଜେଲ୍, ପାଟନା କ୍ୟାମ୍ପ ଜେଲ୍ ଓ ବ୍ରହ୍ମପୁର ସେଣ୍ଟ୍ରାଲ ଜେଲ୍‌ରେ ରହିବାକୁ ପଡିଥିଲା ।

ସେ ଥିଲେ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସଂଗଠକ, ବିଧାୟକ, ସାଂସଦ, ସରଳ, ଅମାୟିକ, ନିଷ୍ଠାପର କର୍ମୀ ଓ ବହୁମୁଖୀ ପ୍ରତିଭାର ଅଧିକାରୀ । ଗୋକୁଳିବାବୁ ନାମରେ ସମସ୍ତଙ୍କ ନିକଟରେ ସେ ଖୁବ୍ ପରିଚିତ । ସରଳ ଓ ନିରାଡମ୍ବର ଜୀବନଯାପନ କରିବାକୁ ସେ ପସନ୍ଦ ମଣୁଥିଲେ । ତାଙ୍କ ଚାଲିଚଳନ, କଥାଭାଷା, ବ୍ୟବହାର ଓ ପୋଷାକପତ୍ର ସବୁ ସରଳ ଥିଲା । ସେ ଖଣ୍ଡିଏ ଖଦଡ ଧୋତି, ପଞ୍ଜାବୀ, କାନ୍ଧରେ ଖଦଡ ବ୍ୟାଗ ଓ ଚପଲ ହଲେ ପରିଧାନ କରୁଥିଲେ । ଉଚ୍ଚ ରାଜନୈତିକ ମର୍ଯ୍ୟାଦାର ଅଧିକାରୀ ଥାଇ ମଧ୍ୟ ତାଙ୍କ ମନରେ ତିଳେହେଲେ ଗର୍ବ ନଥିଲା ବା ସେ ନିଜ ପାଇଁ ଓ ନିଜ ପରିବାର ପାଇଁ କୌଣସି ସୁଖ ସୁବିଧାଜନକ ରହଣି ଓ ଚଳଣିର ସୁବିଧା କରିପାରି ନଥିଲେ । ତାଙ୍କଭଳି ତ୍ୟାଗୀ ମଣିଷ ବାସ୍ତବରେ ବିରଳ ।

ଏହି ପ୍ରଥିତଯଶାଙ୍କର ଆବିର୍ଭାବ ହୁଏ ୧୮୯୯ ମସିହା ଡିସେମ୍ବର ମାସ ୨୩ ତାରିଖରେ ଭଦ୍ରକ ସହରର କେନ୍ଦ୍ରସ୍ଥଳୀ କୁଆଁସ ଗ୍ରାମର ଏକ ସ୍ୱଚ୍ଛଳ ଜମିଦାର ପରିବାରରେ । ତାଙ୍କ ପିତାଙ୍କ ନାମ ଉଦୟନାଥ ମହାନ୍ତି ଓ ମାତାଙ୍କ ନାମ ମୁକ୍ତା ଦେବୀ । ତାଙ୍କୁ ଯେତେବେଳେ ଛଅ ବର୍ଷ ବୟସ ହୋଇଥିଲା, ସେ ତାଙ୍କ ନିଜ ବଡବାପାଙ୍କ ପୁଅ ଗଦାଧରଙ୍କ ସହିତ ବ୍ରିଟିଶ ସରକାର ବିରୁଦ୍ଧରେ ଶୋଭାଯାତ୍ରାରେ ଯୋଗ ଦେଇଥିଲେ । ମହାତ୍ମାଗାନ୍ଧୀ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ଦାୟିତ୍ୱ ନେବା ପୂର୍ବରୁ ୧୯୦୫ରେ ବଙ୍ଗଭଙ୍ଗ ଆନ୍ଦୋଳନ ବେଳରୁ ସେ ଖଦଡ ପିନ୍ଧୁଥିଲେ ଓ ସେ ଓଜସ୍ୱୀ କଣ୍ଠରେ 'ବନ୍ଦେ ମାତରମ୍' ସଂଗୀତ ବୋଲି ସମସ୍ତଙ୍କୁ ମୁଗ୍ଧ ଓ ଅନୁପ୍ରାଣିତ କରୁଥିଲେ । ଭାଇଙ୍କ ସଂଗୀତ ଶୁଣି ସେ ମୁଗ୍ଧ ହେବା ସାଙ୍ଗକୁ ତାଙ୍କ କୋମଳମତି ମନରେ ଏହା ଗଭୀର ପ୍ରଭାବ ପକାଇଥିଲା । ଏତଦ୍‌ବ୍ୟତୀତ ଭଦ୍ରକ ହାଇସ୍କୁଲରେ ପାଠ ପଢୁଥିବା ବେଳେ ସେଠାକାର ପ୍ରଧାନଶିକ୍ଷକ ଶାକ୍ୟ ସିଂହ ସେନ ଜାତିପ୍ରୀତି ତଥା ଦେଶାତ୍ମବୋଧ ଜ୍ଞାନ ଶିଖାଉ ଥିଲେ । ତେଣୁ ତାଙ୍କ ମନରେ ଏଠାରୁ ହିଁ ଦେଶ କାମ ଚିନ୍ତାଧାରାର ମୂଳଦୁଆ ପଡିଥିଲା ।

ସ୍ୱର୍ଗୀୟ ମହାନ୍ତି କୁଆଁସ ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷା ସମାପ୍ତି କରିବା ପରେ ଭଦ୍ରକ ହାଇସ୍କୁଲରୁ ୧୯୧୬ ମସିହାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଉଚ୍ଚଶିକ୍ଷା ନିମନ୍ତେ ସେ ରେଭେନ୍ସା ମହାବିଦ୍ୟାଳୟରେ ନାମ ଲେଖାଇଥିଲେ । ସେଠାରେ ସେ ବି.ଏ. ପଢୁଥିବା ସମୟରେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ । ତାଙ୍କର ସହପାଠୀମାନେ ଇଂରେଜ ସରକାରଙ୍କ

ଉଚ୍ଚପଦସ୍ଥ ଅଧିକାରୀ ହେବା ପାଇଁ ପ୍ରସ୍ତୁତ କରୁଥିବା ବେଳେ ସେ ପଢ଼ା ଛାଡି ଦେଶମାତୃକାକୁ ମୁକ୍ତି କରିବା ନିମନ୍ତେ ଗାନ୍ଧିଜୀଙ୍କ ଆହ୍ୱାନରେ ୧୯୨୧ ମସିହାରେ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ପ୍ରଥମେ କାରାବରଣ କରିଥିଲେ । ଗୋପବନ୍ଧୁଙ୍କ ଭାଷଣରେ ସେ ପ୍ରଭାବିତ ହେବା ସାଙ୍ଗକୁ ଏଥିରେ ତାଙ୍କୁ ପ୍ରବର୍ତ୍ତାଇ ଥିଲେ ସହପାଠୀ ଯଦୁମଣି ମଙ୍ଗରାଜ । ପଲ୍ଲୀକବି ନନ୍ଦକିଶୋର ବଳଙ୍କ ସାନ୍ନିଧ ମଧ୍ୟ ତାଙ୍କୁ ତ୍ୟାଗପୂତ ସାଧନା ଆଡକୁ ପଥ ସୁଗମ କରିବା ଦିଗରେ ଯଥେଷ୍ଟ ସହାୟକ ହୋଇଥିଲା । ସେ ଜେଲ୍‌ରୁ ବାହାରି ଅଳକାଶ୍ରମର ଜାତୀୟ ବିଦ୍ୟାଳୟରେ କିଛିଦିନ ଶିକ୍ଷକତା କରିଥିଲେ ।

୧୯୩୦ ମସିହା ଐତିହାସିକ ଲବଣ ସତ୍ୟାଗ୍ରହ ବେଳେ ତାଙ୍କର ପ୍ରମୁଖ ଭୂମିକା ଥିଲା । ବାଲେଶ୍ୱର ଜିଲ୍ଲାର ଇଞ୍ଚୁଡିଠାରେ ଆଚାର୍ଯ୍ୟ ହରିହରଙ୍କ ନେତୃତ୍ୱରେ ପ୍ରଥମ ଲବଣ ସତ୍ୟାଗ୍ରହୀଭାବେ ମୁଠାଏ ଲୁଣ ଉଠାଇ ସେ ଆଇନ ଭଙ୍ଗ କରିଥିଲେ । ତେଣୁ ପୋଲିସ୍‌ଠାରୁ ଲାଠି ପ୍ରହାର ଖାଇବା ସହିତ ପାଟଣା କ୍ୟାମ୍ପ ଜେଲ୍‌ରେ ଛଅମାସ ଜେଲ୍‌ଦଣ୍ଡ ଭୋଗ କରିଥିଲେ । ସେଠାରେ ଜେଲ୍‌ରେ ଥିବାବେଳେ ଗୋଲକାନନ୍ଦ ମହାନ୍ତି ନାମରେ ଜଣେ ଡକାୟତଙ୍କ ତିରୋଧାନ ହେବାରୁ ଇଂରେଜ ସରକାର ଗୋକୁଳାନନ୍ଦ ମହାନ୍ତି ମରିଗଲେ ବୋଲି ଜାଣିଶୁଣି ମିଥ୍ୟା ମୃତ୍ୟୁ ସମ୍ବାଦ ତାଙ୍କ ବାପାଙ୍କ ପାଖକୁ ଖବର ପଠାଇବାରୁ ସମସ୍ତେ ଘରେ ଛାନିଆ ହୋଇଯାଇଥିଲେ । ପରେ ତାଙ୍କ ପିଉସା ଗଜେନ୍ଦ୍ର ବାବୁ ଓକିଲଙ୍କୁ ଟେଲିଗ୍ରାମ କରିବାରୁ ସେ ସଠିକ୍ ଖବର ଦେବାରୁ ଆଶ୍ୱସ୍ତି ଅନୁଭବ କରିଥିଲେ । କାରାଗାରରୁ ମୁକୁଳି ସେ ନିଶା ନିବାରଣ ଆନ୍ଦୋଳନ ଆରମ୍ଭ କରିଥିଲେ । ୧୯୩୨ ମସିହାରେ ସେ ଚନ୍ଦନ ବଜାରର ଜଲିଲ୍ ସେଠଜୀଙ୍କ ଅଫିମ ଗଂଜା ଦୋକାନ ଆଗରେ ପିକେଟିଂ କରିବାର ନେତୃତ୍ୱ ନେଇଥିଲେ । ତାଙ୍କ ସହିତ ସେତିକିବେଳେ ଥିଲେ ସଂଗ୍ରାମୀ ସାଥୀ ହନିଫ୍ ବାବୁ ଓ ସରମଙ୍ଗା ଗ୍ରାମର ଭୋଳାନାଥ ମହାପାତ୍ର । ପୋଲିସ୍‌ର ମାଡ ପରେ ପରେ ତାଙ୍କ ସହିତ ଗିରଫ ହୋଇଥିଲେ ସମସ୍ତ ସତ୍ୟାଗ୍ରହୀ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥିବା ସମୟରେ ଇଂରେଜ ସରକାରଙ୍କୁ ଏଥିରେ କୌଣସି ପ୍ରକାର ସହଯୋଗ ନକରିବା ପାଇଁ ଗାନ୍ଧିଜୀ ସଂଗ୍ରାମୀମାନଙ୍କୁ ଆହ୍ୱାନ ଦେଇଥିଲେ ଏବଂ ଅହିଂସା ନୀତିରେ ଆନ୍ଦୋଳନକୁ ପରିଚାଳିତ କରିବା ପାଇଁ ସମସ୍ତଙ୍କୁ ଚେତାବନୀ ଶୁଣାଇଥିଲେ । ଗୋକୁଳାନନ୍ଦ ଏହି ସତ୍ୟାଗ୍ରହରେ ଭାଗ ନେଇ କାରାବରଣ କରିଥିଲେ ।

୧୯୪୨ ଭାରତଛାଡ ଆନ୍ଦୋଳନ ବେଳେ ଭଦ୍ରକ ସବ୍‌ଡିଭିଜନ୍‌ର ବାସୁଦେବପୁର ଥାନାର ଇରମ୍‌ଠାରେ ସତ୍ୟାଗ୍ରହୀମାନଙ୍କ ଉପରେ ପୋଲିସ୍ ବାହିନୀର ନିର୍ମମ ଗୁଳିକାଣ୍ଡ ହୋଇଥିଲା । ଏଠାରେ ୨୮ ଜଣ ମୃତାହତ ହେବା ସାଙ୍ଗକୁ ଶତାଧିକ ସତ୍ୟାଗ୍ରହୀ କ୍ଷତବିକ୍ଷତ ହୋଇଥିଲେ । ଗୋକୁଳାନନ୍ଦ ସେଠାରେ ପହଞ୍ଚି ଶହୀଦ ହୋଇଥିବା ଲୋକମାନଙ୍କ ପରିବାରକୁ ସାନ୍ତ୍ୱନା ଦେବା ସହିତ ଜନସାଧାରଣଙ୍କୁ ଯଥାସାଧ୍ୟ ସାହାଯ୍ୟ ଯୋଗାଇ ଥିବାରୁ ପୋଲିସ୍ ତାଙ୍କୁ ଗିରଫ କରି ପ୍ରଥମେ ଭଦ୍ରକ ଜେଲ୍ ଓ ତତ୍‌ପରେ ବାଲେଶ୍ୱର ଜେଲ୍‌କୁ ସ୍ଥାନାନ୍ତରିତ କରିଥିଲେ । କିଛିଦିନ ପରେ ତାଙ୍କୁ ଭାରତରକ୍ଷା ଆଇନ୍ ବଳରେ ବାଲେଶ୍ୱର ଜେଲ୍‌ରୁ ବ୍ରହ୍ମପୁର କେନ୍ଦ୍ରୀୟ ଜେଲ୍‌କୁ ପଠାଇ ଅଟକବନ୍ଦୀ ଭାବରେ ୧୯୪୫ ମସିହା ପର୍ଯ୍ୟନ୍ତ ରଖିଥିଲେ । ସେଠାରେ ବିଖ୍ୟାତ ନେତୃବୃନ୍ଦ ଯଥା– ନବକୃଷ୍ଣ ଚୌଧୁରୀ, ମୋହନ ନାୟକ, ମହମ୍ମଦ ହନିଫ୍, ବିନୋଦ କାନୁନ୍‌ଗୋ, ମୋହନ ଦାସ, ପ୍ରାଣନାଥ ପଟ୍ଟନାୟକ, ଜୟକୃଷ୍ଣ ମହାନ୍ତି ପ୍ରମୁଖ ତାଙ୍କର ସହବନ୍ଦୀ ଭାବରେ ରହିଥିଲେ । ଅବଶେଷରେ ୧୯୪୫ ମସିହା ଡିସେମ୍ବର ମାସରେ ସେ କାରାମୁକ୍ତ ହୋଇ ଗାନ୍ଧିଜୀଙ୍କର ଗ୍ରାମ୍ୟ ସ୍ୱରାଜର ସଫଳ ରୂପାୟନ ପାଇଁ ଚେଷ୍ଟିତ ହୋଇଥିଲେ ।

ସେ ୧୯୪୮ ମସିହାରୁ ୧୯୫୨ ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲା ବୋର୍ଡର ଅଧ୍ୟକ୍ଷ ଥିଲେ । ୧୯୫୨ରେ ବନ୍ତ ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ଓଡିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ ଏବଂ ୧୯୫୭ ଯାଏ ତା'ର ସଦସ୍ୟ ଥିଲେ । ୧୯୬୧ରେ ଭଣ୍ଡାରିପୋଖରୀ ପଞ୍ଚାୟତ ସମିତିର ଅଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇ ସେ ଅବିଭକ୍ତ ବାଲେଶ୍ୱର ଜିଲ୍ଲା ପରିଷଦର ଉପାଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିଲେ । ୧୯୬୨ରେ ବାଲେଶ୍ୱର ନିର୍ବାଚନ ମଣ୍ଡଳୀରୁ ଲୋକସଭାକୁ ନିର୍ବାଚିତ ହୋଇ ୧୯୬୭ ଯାଏଁ ଜଣେ ଦକ୍ଷ ସାଂସଦ ଭାବେ କାର୍ଯ୍ୟ ତୁଲାଇଥିଲେ ।

ସେ ସାଳନ୍ଦୀ ନଦୀ କୂଳରେ ପଥର ବନ୍ଧ, କୁଆଁସଠାରେ ମାଇନର ସ୍କୁଲ ପ୍ରତିଷ୍ଠା ସମେତ ବିଭିନ୍ନ ଜନହିତକର କାର୍ଯ୍ୟ କରିଥିଲେ । ଏକାଧିକବାର ବାଲେଶ୍ୱରର ପ୍ରଳୟଙ୍କରୀ ବନ୍ୟା ଓ ଭଦ୍ରକ ସବ୍‌ଡିଭିଜନର ବ୍ୟାପକ କ୍ଷତି ହେତୁ ସେ ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ନିର୍ଦ୍ଦେଶରେ ବନ୍ୟା ଦୁର୍ଗତଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ । ସଂଗ୍ରାମୀ ଜୀବନ ସହ ଅନେକ ଉନ୍ନତି ଓ ଗଠନମୂଳକ ପଦକ୍ଷେପ ନେଇ ସେ ଉଦାହରଣ ସୃଷ୍ଟି କରିଥିଲେ ।

◆◆◆

ତନ୍ମଧ୍ୟରେ ଅସ୍ପୃଶ୍ୟତା ନିବାରଣ, ଖଦି ପ୍ରସାରଣ, ନିଶା ନିବାରଣ କୁଷ୍ଠରୋଗୀ ଚିକିତ୍ସା, ମୌଳିକ ଶିକ୍ଷା, ସାଂପ୍ରଦାୟିକ ଏକତା, ବାଲ୍ୟବିବାହ ନିରାକରଣ, କୃଷକ ସମାଜ ଗଠନ, ପ୍ରାକୃତିକ ଦୁର୍ବିପାକରେ ବିପନ୍ନ ଜନସାଧାରଣଙ୍କୁ ରିଲିଫ୍ ଯୋଗାଇବା ପାଇଁ ନିପଟ ମଫସଲରେ ଆଶ୍ରମ ସ୍ଥାପନ କରିବା ଥିଲା ତାଙ୍କର ଅନ୍ୟତମ ସଫଳତା । ଏତଦ୍‌ବ୍ୟତୀତ ୧୯୩୪ରେ ସେ ଗାନ୍ଧିଜୀଙ୍କ ସହ ପଦଯାତ୍ରା କରିଥିଲେ । ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କର ପ୍ରୋତ୍ସାହନରେ ବିନୋବାଙ୍କର ପଦଯାତ୍ରା ଓ ଭୂମିଦାନ ଆନ୍ଦୋଳନରେ ସେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ୧୯୫୮-୬୦ ଭାରତ ସେବକ ସମାଜର ସେ ସଂଗଠକ ଥିଲେ ।

ବାଲେଶ୍ୱର ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସଂଘର ସେ ସଭାପତି ଥିଲେ । ଉପଦେଶ ଛଳରେ ସେ କହୁଥିଲେ ସ୍ୱାଧୀନତା ସଂଗ୍ରାମୀମାନେ ସଂଗଠିତ ହୋଇ ଗାନ୍ଧୀମାର୍ଗରେ ସମାଜ ସେବା ନକରିଲେ ଭତ୍ତା ଗ୍ରହଣ କରିବା ସେମାନଙ୍କ ପକ୍ଷେ ଅନ୍ୟାୟ । ତାଙ୍କ ଜୀବନ ଶୈଳୀକୁ ଅନୁଧ୍ୟାନ କଲେ ଜଣାଯାଏ, ସେ ଏହାକୁ ଅକ୍ଷରେ ଅକ୍ଷରେ କାର୍ଯ୍ୟକାରୀ କରିବା ଦିଗରେ ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ଚେଷ୍ଟିତ ଥିଲେ ।

୧୯୭୪ ମସିହା ଡିସେମ୍ବର ୪ ତାରିଖରେ ତାଙ୍କର ପରଲୋକ ହୋଇଥିଲା । ସେ ଆଜି ନାହାନ୍ତି ସତ, ହେଲେ ରଖିଦେଇ ଯାଇଛନ୍ତି ଚିରନ୍ତନ ସ୍ମୃତି । ତାଙ୍କ ପରି ଜଣେ ନିଷ୍ପାପର ସଂଗ୍ରାମୀ ଓ ଉତ୍ସର୍ଗୀକୃତ ମଣିଷ ବାସ୍ତବରେ ଆଜି ବିରଳ । ଆମେ ତାଙ୍କ କଠୋର ସାଧନା, ଅପରିମିତ ସାହସ ଓ ଦେଶପ୍ରୀତିରେ ଅନୁପ୍ରାଣିତ ହେବା ସଙ୍ଗେ ସଙ୍ଗେ ଆମ ଯୁବପିଢ଼ି ଉତ୍ତମ ବୁଝାମଣା ସହ ଆମ ସହାବସ୍ଥାନରେ କାନ୍ଧକୁ କାନ୍ଧ ମିଳାଇ କାର୍ଯ୍ୟ କଲେ ଆମ ସାମାଜିକ ଜୀବନ ସୁସ୍ଥ ଓ ସୁନ୍ଦର ରହିବା ସଙ୍ଗେ ଅଖଣ୍ଡତା ବଜାୟ ରହନ୍ତା ।

ଏମ୍.ଆଇ.ଜି-୧, ୪୨/୧
ହାଉସିଂବୋର୍ଡ କଲୋନୀ
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୧୬

# ହେ କଳା ଠାକୁର

ହଂସନାଥ ମୁଦୁଲି

ହେ କଳା ଠାକୁର
କି ସୁନ୍ଦର ଆହା ରୂପ ଶୋଭା ତୋହର
ମୋତେ ଭଲ ଲାଗେ ପୁଣି
ତା'ଠୁ ବଳି ସୁନ୍ଦର ତୋ ଗଢା ସଂସାର ।

ତୋ ଦେହ କଳାରୁ ଟିକେ ମାଗି ନେଇ
ରାତିର କଳା ସୁନ୍ଦର
ତୋ ଆଖି ନୀଳରୁ ଧାସେ ମାଖି ଦେଇ
ସୁନୀଳ ସିନା ସାଗର
ରାତିର ସାଗର ମଧୁମୟ ଦିଶେ
ତା'ଠୁ କିବା ମନୋହର !

ତୋ ବସନୁ ଟିକେ ହଳଦୀ ଲଗାଇ
ହସୁଥାଏ କନିଅର
ତୋ ପାଦରୁ ଧାସେ ଧୂଳି ବୋଳିହୋଇ
ଗରବ ବଡଦାଣ୍ଡର
ତୋ ହାତ ମଖାରେ ସାରା ଦୁନିଆଟା
ବହୁ ରଙ୍ଗେ ଝଲମଲ ।

ଖଣ୍ଡଗିରି (ଡୁମଡୁମା-କ)
ଭୁବନେଶ୍ୱର-୭୫୧୦୩୦

❖ ❖ ❖

# ଘଟପର୍ବ

ଡକ୍ଟର ପ୍ରମୋଦିନୀ ହୋତା

କୋରାପୁଟ ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହେଲେ ମଧ୍ୟ ଏହା ସୁଷମାରେ ଭରା ମର୍ତ୍ତ୍ୟର ଅମରାବତୀ । ଏହି ଜିଲ୍ଲାର ବିଭିନ୍ନ ସ୍ଥାନରେ ଲତା, ପଳାଶ, ଆପଦ ମସ୍ତକ ପୁଷ୍ପ ମଣ୍ଡିତ ହୋଇ ସାଗର ଗର୍ଭରେ ପ୍ରବାଳ ଲତା ମାଡିଲା ଭଳି ଦିଶେ । ଘାଟି ଉପର ତଳକୁ ଚାହିଁଲେ ଝରଣା, ଛୋଟ ପାଣି ଧାର ଶାଖା ପ୍ରଶାଖା ବିଶିଷ୍ଟ ରୌପ୍ୟ ଲତା ଭଳି ଅତି ସୁନ୍ଦର, ମନୋରମ ଅଟେ । କୋରାପୁଟ ଜିଲ୍ଲାର କୋଟପାଡ ସହର ଯେଉଁଠାରେ ପ୍ରଥମେ ଧାନ ଚାଷ କରାଯାଇଥିଲା, ପୂର୍ବକାଳରେ ଏହି ସହର ବସ୍ତରର ଅଂଶ ବିଶେଷ ଥିଲା । ଯାହାକୁ ଚକ୍ରକୋଟ ସାମ୍ରାଜ୍ୟ ନାମରେ ନାମିତ କରାଯାଇଥିଲା । ଏବେ ଏଠାରେ ଚକ୍ରକୋଟ ଶିବ ମନ୍ଦିର ରହିଛି । ଶିବ ମନ୍ଦିରର ପଶ୍ଚିମ ପଟେ ଦମୟନ୍ତୀ ସାଗର ନିକଟରେ ଚକ୍ରକୋଟେଶ୍ୱରୀ (ବୁଟୁମେଶ୍ୱରୀ) ମନ୍ଦିର ରହିଅଛି । ସେସମୟରେ ମଧ୍ୟ ବର୍ତ୍ତମାନ ଭଳି ୧୨,୦୦୦ରୁ ଊର୍ଦ୍ଧ୍ୱ ଏକର ପରିମିତ ସହର ରହିଥିଲା । ଯେଉଁଠାରେ ବର୍ତ୍ତମାନର ତହସିଲ ଅଫିସ, କ୍ଲବ ଅଫିସ, ମୁଶାଫିର ବଙ୍ଗଳା, ଦଶହରା ପଡିଆ ଅଞ୍ଚଳ ରହିଅଛି । କୋଟପାଡ ସହରରେ ରହିଥିବା ଗାଦିମାର ଦେବୀ ଅଞ୍ଚଳକୁ କଟ୍ରାଗୁଡା କୁହାଯାଉଥିଲା । କୋଟପାଡ ସହରରେ ଥିବା ମେଢ, ମଣ୍ଡପ, ଦୁର୍ଗ, ମନ୍ଦିର ନଅରର ଭଗ୍ନାବଶେଷ ଆମକୁ ସୂଚାଇ ଦିଏ ଯେ ଦିନେ ଏଠାରେ ଭଦ୍ର ଜାତିର ପ୍ରସାର ଥିଲା । ଏଠାରେ ଥିବା ମସ୍ତବଂଶ, ଶୈଳବଂଶ, ରାଜାମାନଙ୍କ ତାମ୍ର ଶାସନରୁ ପ୍ରମାଣିତ ହୁଏ । ଶୈଳ ବଂଶର ରାଜାମାନେ କୋଙ୍ଗଦରୁ ବିତାଡିତ ହୋଇ ଭଦ୍ର ଦେଶରେ ନସୁଣ୍ଡ ପାହାଡ ଅଞ୍ଚଳରେ ରାଜଧାନୀ ସ୍ଥାପନ କରିଥିଲେ । ଭଦ୍ର ରାଜାଙ୍କ ଶାସନ ସମୟରେ ମହାଭାରତ ଯୁଗରେ ରାଜା ପାଣ୍ଡୁଙ୍କୁ ଭଦ୍ର ରାଜା ହାତୀଦାନ୍ତ ଉପହାର ଦେଇଥିଲେ । ସମୟ କ୍ରମେ ନଳବଂଶ, ଗଙ୍ଗବଂଶ, ଶୀଳା ବଂଶୀ, ନାଗବଂଶୀ ରାଜାମାନେ କୋଟପାଡ ଅଞ୍ଚଳରେ ରାଜତ୍ୱ କରୁଥିଲେ । ବସ୍ତର ଗଡର କିଛି ଅଂଶ ଏବଂ କୋଟପାଡର କିଛି ଅଂଶକୁ ଚକ୍ରକୋଟ ସାମ୍ରାଜ୍ୟ କୁହାଯାଉଥିଲା । ବସ୍ତରର ରାଜା ଦଲପତ ଦେଓ ଚକ୍ରକୋଟେଶ୍ୱରୀ ମା' ଶୀତଳାଙ୍କର ପରମ ଭକ୍ତ ଥିଲେ । ଦଗଦଲପୁର ଗଡ ପ୍ରତିଷ୍ଠା ଅବସରରେ ରାଜା କୋଟପାଡ ଗଡର ଦେବୀ କଙ୍କାଳିନୀ ଏବଂ ଶୀତଳାଙ୍କୁ ଦୁଇଟି ହାତୀ ପିଠିରେ ବସାଇ ଦଗଦଲପୁର ନେବା ସମୟରେ କୋଟପାଡଠାରୁ ଏକ କିଲୋମିଟର ଦୂରରେ ହାତୀମୁଣ୍ଡାଠାରେ ଦେବୀ ଶୀତଳା ଏବଂ ସବାର ହୋଇଥିବା ହାତୀ ରହିଯାଇଥିଲା । ରାଜାଙ୍କ ଲୋକେ ଅନେକ ଚେଷ୍ଟା କରି ମଧ୍ୟ ଶୀତଳା ମା'ଙ୍କୁ ସେଠାରୁ ନେଇ ପାରିଲେ ନାହିଁ । ସେଠାରେ ସେ ଶୀତଳା ମା'ଙ୍କ ମୂର୍ତ୍ତିକୁ ଛାଡି ଦେଇ ମା'ଙ୍କ କଙ୍କାଳିନୀ ମୂର୍ତ୍ତି ନେଇ ଚାଲିଗଲେ । ସେହି ଦିନଠାରୁ ବର୍ତ୍ତମାନ କଙ୍କାଳିନୀ ଦେବୀ ଜଗଦଲପୁରରେ ରାଜନଅର ସ୍ଥିତ ଦନ୍ତେଶ୍ୱରୀ ମନ୍ଦିରରେ କୋଟପାଡଣୀ ଦୁର୍ଗା ରୂପେ ପୂଜା ପାଇ ଆସୁଛନ୍ତି । ଶୀତଳା ଠାକୁରାଣୀଙ୍କୁ ହାତୀମୁଣ୍ଡାରୁ ଆଣି କୋଟପଡାର ଦେବୀ ପୂଜକ, ଯିଏକି ସେସମୟରେ ଦେଓ୍ୱାନ କାର୍ଯ୍ୟ ତୁଲାଉଥିଲେ, ସେ କୋଟପାଡରେ ମନ୍ଦିର ପ୍ରତିଷ୍ଠା କରି ଶୀତଳା ଠାକୁରାଣୀଙ୍କୁ ପୂଜା କଲେ । ସେହି ଦିନଠାରୁ ମା' ଶୀତଳା କୋଟପାଡର ଅଧିଷ୍ଠାତ୍ରୀ ଦେବୀ ରୂପରେ ପୂଜା ପାଇ ଆସୁଛନ୍ତି । ୧୭୭୮ ମସିହାରେ ଜୟପୁର ମହାରାଜା ବୀର ବିକ୍ରମ ତତ୍କାଳୀନ ବସ୍ତର ରାଜାଙ୍କୁ ଯୁଦ୍ଧରେ ସାହାଯ୍ୟ କରି କୋଟପାଡ ପ୍ରଗଣାର ଚୁରଚଣ୍ଡା, ଓମରକୋଟ, ପଡାଗଡ, ରାଇଘର ଉପହାର ସ୍ୱରୂପ ବସ୍ତର ରାଜାଙ୍କଠାରୁ ପାଇଥିଲେ । ମହାରାଜା ବୀର ବିକ୍ରମ ଦେବ ମା' ଶୀତଳା ଏବଂ ଜଗନ୍ନାଥଙ୍କ ପୂଜା ବିଧି ନିମନ୍ତେ ଦେବୋତ୍ତର ଜମିକୁ ଖଞ୍ଜି ଦେଇଥିଲେ । ସେହି ସମୟରୁ ମା' ଶୀତଳାଙ୍କର ଘଟଯାତ୍ରା ଅନୁଷ୍ଠିତ ହୋଇ ଆସୁଛି । ପ୍ରଥମେ ମାଳିବଂଶର ଲୋକମାନେ ଦେବୀଙ୍କର ପୂଜା କରୁଥିଲେ । ପରେ ଭତରା ଜାତିର ଲୋକମାନେ ଦେବୀଙ୍କୁ ପୂଜା ଆରାଧନା କଲେ । କୌଣସି କାରଣ ବଶତଃ ରାତାରାତି ପୂଜକ ମାଳୀ ବଂଶର ଏବଂ ଉଦ୍ର ଜାତିର ଲୋକମାନେ

କୋଟପାଡ ଛାଡି ଚାଲିଗଲେ । ଭତରା ଜାତିର ଲୋକ ବର୍ତ୍ତମାନ କାଳିଆଗୁଡା ବା ଚଲାଣଗୁଡାରେ ବସବାସ କରୁଛନ୍ତି । ଶୀତଳା ମନ୍ଦିରରେ ପୂଜା କରୁଥିବା ପୂଜାରୀଙ୍କ ପୂର୍ବ ପୁରୁଷ ଭତରାମାନେ ଏହି ମନ୍ଦିରର କାର୍ଯ୍ୟ ତୁଲାଉଥିଲେ । ପୂର୍ବ କାଳରେ ପ୍ରତିବର୍ଷ ଘଟଯାତ୍ରା ନିରାଡମ୍ବର ଭାବରେ ପାଳନ କରାଯାଉଥିଲା । ଦେବୀଙ୍କ ଘଟ ପ୍ରତି ଘର ନଅଦିନ ପର୍ଯ୍ୟନ୍ତ ବୁଲୁଥିଲା । ଲୋକମାନେ ଦେବୀଙ୍କୁ ଭୋଗ ଦେଇ ପୂଜାର୍ଚ୍ଚନା କରୁଥିଲେ ଏବଂ ଦଶମୀ ଦିନ ବିସର୍ଜନ ହେଉଥିଲା । ସେସମୟରେ କୋଟପାଡ ଗଡଠାରେ ବାଲିଯାତ୍ରା ମଧ୍ୟ ହେଉଥିଲା । କୌଣସି କାରଣ ବଶତଃ ବାଲିଯାତ୍ରା ବନ୍ଦ ହୋଇଥିଲା । ୧୯୩୫ ମସିହା ପରଠାରୁ କୋଟପାଡ ସହରବାସୀ ନିର୍ଣ୍ଣୟ କଲେ ଯେ ପ୍ରତି ତିନିବର୍ଷରେ ଥରେ ମା' ଶୀତଳାଙ୍କର ଘଟଯାତ୍ରା ବିଧି ଅନୁସାରେ ପାଳନ କରାଯିବ । ପ୍ରତି ତିନିବର୍ଷରେ ଥରେ ପରିଚାଳନା କମିଟି ପୁରୋହିତ, ମାଳି, ପୂଜକ ଭତରା ଏକାଠି ବସି ମା'ଙ୍କ ପୂଜାର ଦିନ ଧାର୍ଯ୍ୟ କରିଥାନ୍ତି । ଘଟଯାତ୍ରାର ୨୦ ଦିନ ପୂର୍ବରୁ ମା'ଙ୍କ ପାଖରେ ଆଜ୍ଞାମାଳ ମଗାଯାଏ । ପୂର୍ବରୁ ଘଟଯାତ୍ରା ଚୈତ୍ର ଶୁକ୍ଳପକ୍ଷ ସପ୍ତମୀ ଦିନ ହେଉଥିଲା । କିନ୍ତୁ ମା'ଙ୍କ ଆଦେଶ ଯୋଗୁଁ ଏହି ଯାତ୍ରା ତିନିବର୍ଷକୁ ଥରେ ଚୈତ୍ର ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଆରମ୍ଭ ହୋଇ ୧୦ ଦିନ ପର୍ଯ୍ୟନ୍ତ ଚାଲେ । ଏଗାର ଦିନରେ ଯାତ୍ରା ସମାପ୍ତ ହୁଏ । ୧୯୮୨ ମସିହାରେ ଏକ ଅଲୌକିକ ଘଟଣା କୋଟପାଡବାସୀଙ୍କୁ ସ୍ତମ୍ଭିତ କରିଦେଇଥିଲା । ଆଜ୍ଞାମାଳ ପାଇଁ ମା'ଙ୍କ ପାଖକୁ ପୂଜାରୀ, ଶିରା, ମାଳି ସମସ୍ତେ ଗଲେ । ଗ୍ରାମ୍ୟ ଦେବୀଙ୍କୁ କିଳାଗଲା, ଦୁର୍ଗସ୍ତମ୍ଭ ପୋତାଗଲା କିନ୍ତୁ ଦେବୀଙ୍କର ଆଜ୍ଞାମାଳ ମିଳିଲାନି । ଗୋବିନ୍ଦଶିରାକୁ ଦେବୀଙ୍କ ସମ୍ମୁଖରେ ବସାଗଲା । ଶିରାର ଶରୀରରେ ଠାକୁରାଣୀ ପ୍ରବେଶ କଲେ । ଠାକୁରାଣୀଙ୍କ ପାଦ ତଳେ ପିତ୍ତଳ ଥାଳି ରଖାଯାଇଥାଏ । ଠାକୁରାଣୀଙ୍କ ମୁଣ୍ଡ ଉପରେ ଥିବା ଫୁଲମାଳ ଗୋଲ ହୋଇ ଚାଉଳ ଏବଂ ଗୁଆ ସହିତ ଥାଳିରେ ପଡିଲା । ଠାକୁରାଣୀଙ୍କ ଆଜ୍ଞାମାଳ ନେବା ପରେ ଘଟଯାତ୍ରା ଆରମ୍ଭ ହୋଇଥିଲା । ଏହି ପୂଜା ବାସନ୍ତିକ ଦଶହରା ବିଧିରେ କରାଯାଏ । ବିମାନ, ଲାଠି, ଢ଼ୋଲା (ଓଜନଦାର ସିନ୍ଦୁକରେ ଶିକୁଳି ଲାଗିଥିବ) କୁରଚି, କଣ୍ଟା ଚେୟାରରେ ଗୁରୁମାଇ, ଶିରା ବସିଥିବ ସେସବୁ ବିଭିନ୍ନ ସ୍ଥାନରୁ ଆସି ଦଶହରା ପଡିଆରେ ଏକତ୍ରିତ ହୁଏ । ଆସ୍ଥାନରେ ହୋମହୁଏ । ନଡିଆ କଦଳୀ, ଧୂପ ଦୀପ ଦେଇ ପୂଜା କରାଯାଏ ଏବଂ ସେଠାରେ ଘୁଷୁରି ପୂଜା ହୁଏ । ଶୀତଳା ଠାକୁରାଣୀଙ୍କୁ ମାଳି ଏବଂ ଭତରାମାନେ ଘଟଯାତ୍ରା ପୂର୍ବରୁ ମନ୍ଦିରରେ ପୂଜା କରିଥାନ୍ତି କିନ୍ତୁ ଘଟପର୍ବର ଦଶଦିନ ଯାଏ ମହାପାତ୍ର ବଂଶର ପୂଜାରୀ ପୂଜା କରିଥାନ୍ତି । ପ୍ରଥମେ ଘଟପୂଜା ପୂର୍ବରୁ କୋଟପାଡର ପ୍ରତିଷ୍ଠିତ ମନ୍ଦିର ମହିଷାମର୍ଦ୍ଦିନୀ ମା'ଙ୍କ ପୀଠରୁ ଚକ୍ର ଏବଂ ଆଜ୍ଞାମାଳ ଅଣାଯିବା ଏବଂ ମା' ଶୀତଳାଙ୍କ ଆଜ୍ଞାମାଳ ଅଣାଯିବା ପରେ ଗ୍ରାମ୍ୟ ଦେବୀ, ପରଦେଶୀ, ମାଉଁଲୀ, କଙ୍କାଳୁଣୀ, ଭୈରବୀଙ୍କୁ ଆମନ୍ତ୍ରଣ କରି ଆବାହନ କରାଯାଏ । ମନ୍ଦିରରେ ପୂଜା କରାଯାଏ ଏବଂ ଚାରୋଟି ଘଟହାଣ୍ଡି ଏବଂ ଦୁଇଟି ଫୁଲଟାକରା ବସାଯାଏ । ପୂଜା ଏବଂ ହୋମ ସରିବା ପରେ ସନ୍ଧ୍ୟାରେ ଘଟଯାତ୍ରା ଆରମ୍ଭ ହୁଏ । ରାଜଦାଣ୍ଡ ଦେଇ ଶୀତଳା, ପରଦେଶୀ, କଙ୍କାଳୁଣୀ ମା'ଙ୍କ ତିନୋଟି ଘଟ ହାଣ୍ଡି ଏବଂ ଫୁଲ ଟାଟ ସହ ସାହିସାହି ଠାକୁରାଣୀ ପୂଜା ପାଇଥାନ୍ତି । ସହର ଚଳଚଞ୍ଚଳ ହୋଇ ଉଠେ । ପ୍ରତିଦିନ ରାଜଦାଣ୍ଡ ଦେଇ ଗୋଟିଏ ଗୋଟିଏ ସାହି ପରିକ୍ରମା କରାଯାଏ । ଠାକୁରାଣୀମାନେ ଏହିପରି ଦଶଦିନ ସହର ପରିକ୍ରମା କରି ଫେରିଲା ପରେ ରାତ୍ରିରେ ମନ୍ଦିରରେ ମା'ଙ୍କୁ ଅନ୍ନଭୋଗ ଲାଗି ହୋଇଥାଏ । ଏହି ଦଶଦିନ ବଳିପୂଜା କରାଯାଏ ନାହିଁ, ଶେଷଦିନ ବିଭିନ୍ନ ଆସ୍ଥାନରୁ ଦେବୀ ଲାଠି ଆସିଥାଏ । ଶେଷଦିନ ପୂଜାରୀ, ଶିରା ବିଭିନ୍ନ ସ୍ଥାନରୁ ଆସିଥିବା ସମସ୍ତ ଲାଠି, କୁରଚି, ଢ଼ୋଲା, ବିମାନ ଗୋଟିଏ ସ୍ଥାନରେ ଦଶହରା ପଡିଆରେ ଏକତ୍ରିତ ହୁଅନ୍ତି । ସେଠାକୁ ଠାକୁରାଣୀମାନଙ୍କ ଘଟ ଯାଏ ଏବଂ ମାନସିକ କରିଥିବା ବ୍ୟକ୍ତି ଯେଉଁମାନେ ଘରେ ଘଟ ବସାଇଥାନ୍ତି ସମସ୍ତେ ନୂଆଲୁଗା ପିନ୍ଧି, ଉପବାସ ରହି ଘଟହାଣ୍ଡି ମୁଣ୍ଡରେ ଧରି ଦଶହରା ପଡିଅରେ ଏକତ୍ରିତ ହୁଅନ୍ତି । ଦମୟନ୍ତୀ ପୋଖରୀରେ ସମସ୍ତ ଦେବାଦେବୀ ଘଟ ଧରିଥିବା ସ୍ତ୍ରୀମାନେ ଏବଂ ଲାଠି ବାହାକମାନେ ଗୋଡ ଧୋଇଥାନ୍ତି । ଚଣା, ଶାକର ଏବଂ ଚୁଡି କିଣି ଦେବଦେବୀଙ୍କୁ ପୂଜା କରିଥାନ୍ତି । ଆସ୍ଥାନରେ ହୋମ କରାଯାଏ । ନଡିଆ କଦଳୀ ପିଠାପଣା ପୂଜା କରାଯାଏ । ଏହି ଘଟପର୍ବ ହେଉଛି କୁଟୁମ୍ବଜାତ ପର୍ବ । ଦେବାଦେବୀମାନେ ସମସ୍ତେ କୁଟୁମ୍ବମାନଙ୍କ ସହିତ ଗୋଟିଏ ସ୍ଥାନରେ ଏକତ୍ରିତ ହୁଅନ୍ତି ଏବଂ ସେମାନଙ୍କର ସୁଖଦୁଃଖକୁ ଏହି ଘଟପର୍ବ ଦିନ ବାଣ୍ଟିଥାନ୍ତି । ଆନ୍ଧ୍ରପ୍ରଦେଶ, ଛତିଶଗଡରୁ ଓ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ହଜାର ହଜାର ଭକ୍ତ ଆସି ଏକତ୍ରିତ ହୋଇ ଘଟପର୍ବକୁ ପାଳନ କରିଥାନ୍ତି । ଏଥିରେ ଆଦିବାସୀ ଏବଂ ସାଧାରଣ ଲୋକ ଜାକଜମକରେ ଏହି ଘଟପର୍ବକୁ ପାଳନ କରିଥାନ୍ତି । ଏହି ସମୟରେ କୋଟପାଡ ସହର ଉତ୍ସବ ମୁଖରିତ ହୁଏ ଏବଂ ଶେଷରେ ଘଟଯାତ୍ରା ଶେଷ ହୁଏ।

ପାଇଲସାହି, ଜୟପୁର
କୋରାପୁଟ

# ଲୀଳା ନାୟକ ଶ୍ରୀଜଗନ୍ନାଥ

ଡକ୍ଟର ଆରତି କର

ଚିର ରହସ୍ୟମୟ ବିଗ୍ରହ ଶ୍ରୀଜଗନ୍ନାଥ । ତାଙ୍କର ଲୀଳାକୁ ପରମ ସାଧୁସନ୍ଥ, ଏପରିକି ଭକ୍ତମାନେ ମଧ୍ୟ ବୁଝିବାକୁ ସମର୍ଥ ହୋଇ ପାରି ନାହାନ୍ତି । ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଅନନ୍ତ ଲୀଳାର ନାୟକ । ଆକାଶର ସୀମାକୁ କଳି ବସିଲେ ଯେମିତି ଆଖି ପାଏନା, ସେମିତି ଜଗନ୍ନାଥ ସଂସ୍କୃତି ଓ ଅପୂର୍ବ ଅଲୌକିକ ଲୀଳାକୁ ସମୀକ୍ଷା କଲେ ଚିତ୍ତ ବିସ୍ମିତ ହୁଏ, ବିମୁଗ୍ଧ ହୁଏ । ମାନସ ପଟରେ ଉଦ୍‌ବେଳିତ ହୋଇଉଠେ ସାଂସ୍କୃତିକ ବିଭବର ସୁବିଶାଳ ସମୁଦ୍ର । ବାସ୍ତବିକ୍ ଶ୍ରୀଜଗନ୍ନାଥ ଚେତନା ଏକ ମହାସାଗରୀୟ ଚେତନା । ଭକ୍ତ ପାଇଁ ଭଗବାନ ଅନେକ ରୂପ ଧରି କରନ୍ତି ଧରାବତରଣ । ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅବତାର ମଧ୍ୟ ଅନେକ ପ୍ରକାରର । ଯଥା– ପୂର୍ଣ୍ଣାବତାର, ଅଂଶାବତାର ଓ କଳାବତାର ପ୍ରଭୃତି । ଓଡ଼ିଆମାନଙ୍କର ଜୀବନବେଦ ଭାଗବତରେ ଶ୍ରୀକୃଷ୍ଣ/ବିଷ୍ଣୁ ବା ଶ୍ରୀଜଗନ୍ନାଥଙ୍କର ମୁଖ୍ୟତଃ ଦଶାବତାର ଓ ଗୌଣତଃ ଚଉଦ ଅବତାର, ଏହିପରି ଚବିଶ ଅବତାର ପ୍ରସଙ୍ଗ ବର୍ଣ୍ଣିତ ଅଛି, ''ଏକଃ ବ୍ରହ୍ମ ବହୁଧା ଭବନ୍ତି'' । ଶ୍ରୀଜଗନ୍ନାଥ ପ୍ରତିମା ନୁହନ୍ତି । ସେ ସର୍ବଧର୍ମ ସମନ୍ୱୟର ପ୍ରତୀକ । ବୁଦ୍ଧ ସେହି, ବାମନ ସେହି, ପର୍ଶୁରାମ ସେହି, ନୃସିଂହ ସେହି, ଶ୍ରୀରାମ ସେହି ଓ ସ୍ୱୟଂ ଜଗନ୍ନାଥ ମଧ୍ୟ ସେହି ।



ଜୟଦେବଙ୍କର ଗୀତଗୋବିନ୍ଦ ସଂପୂର୍ଣ୍ଣ ଭାବେ ସମର୍ପିତ ଶ୍ରୀଜଗନ୍ନାଥଙ୍କୁ । ସମସ୍ତ ଅବତାର ଶ୍ରୀଜଗନ୍ନାଥଙ୍କ ଅଙ୍ଗରୁ ଉଦ୍ଭବ ଓ ସେହିଠାରେ ହିଁ ଲୀନ । ଶ୍ରୀଜଗନ୍ନାଥ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ରୂପରେ ପ୍ରତିଭାତ ହେଲେ ମଧ୍ୟ ସେ ପୂର୍ଣ୍ଣବ୍ରହ୍ମ । ତାଙ୍କରି ବିରାଟ ସତ୍ତା ମଧ୍ୟରେ ରହିଛି ସମଗ୍ର ଜଗତର ଲୀଳା ।

ଶ୍ରୀଜଗନ୍ନାଥ– ଏ ସୃଷ୍ଟିର ପାଳନ କର୍ତ୍ତା । ସୃଷ୍ଟି, ସ୍ଥିତି ଓ ପ୍ରଳୟର ଏକ ସମନ୍ୱିତ ରୂପ ଶ୍ରୀଜଗନ୍ନାଥ । ଯୁଗେ ଯୁଗେ କେବଳ ଜନହିତ ପାଇଁ ପ୍ରଭୁ ଓହ୍ଲାଇ ଆସନ୍ତି ଏ ଧୂଳି ଧୂସରିତ ଧରା ଧାମକୁ ।

''ଯୁଗକୁ ଯୁଗ ଏହି ମତେ ।
ପରମାନନ୍ଦ ଏ ଜଗତେ ॥''

ବ୍ରହ୍ମାଙ୍କର ମୁଖନିଃସୃତ ବେଦକୁ ହୟଗ୍ରୀବ ନାମକ ରାକ୍ଷସ ଚୋରିକରି ପାତାଳପୁରୀକୁ ନେଇଯାଇଥିଲା । ଏଥିରେ ଦୁଃଖିତ ହୋଇ ବ୍ରହ୍ମା ବିଷ୍ଣୁଙ୍କର ଶରଣାପନ୍ନ ହେଲେ । ଧର୍ମ ଯେତେବେଳେ ବିପନ୍ନ ହୁଏ, ଆଦର୍ଶ ଯେତେବେଳେ ଧରାଶାୟୀ ହୁଏ, ବିଚାର ବୁଦ୍ଧି ଯେତେବେଳେ ସ୍ଖଳିତ ହୁଏ – ସେହି ସମୟରେ ଭଗବାନଙ୍କର ହୁଏ ଆବିର୍ଭାବ । ଅସୁର ଏକ ଶଙ୍ଖ ମଧ୍ୟରେ ଆତ୍ମଗୋପନ କରିଥିବାରୁ ତା'ର ନାମ ହେଲା ଶଙ୍ଖାସୁର । ଭଗବାନ ମୀନ ଅବତାର ହୋଇ ଅସୁରକୁ ନିହତ କରି ବେଦକୁ ଉଦ୍ଧାର କଲେ । ଏହା ଦଶାବତାର ପ୍ରସଙ୍ଗରେ ପ୍ରଥମ ରୂପ । ସନ୍ଥ ଓ ଗ୍ରନ୍ଥକୁ ନିନ୍ଦା ହେଲେ ସହି ପାରନ୍ତି ନାହିଁ ପ୍ରଭୁ ଜଗନ୍ନାଥ । ବ୍ରହ୍ମା ଓ ତାଙ୍କର ମୁଖନିଃସୃତ ବେଦର ଯେତେବେଳେ ଅବମାନନା କରାଗଲା ପ୍ରଭୁ ଅବତାର ହୋଇ ଅଧର୍ମର ବିନାଶ କରିଥିଲେ । ଦୟାମୟ ପ୍ରଭୁ ଶଙ୍ଖାସୁରର

ସ୍ମୃତିରେ ନୀଳାଚଳ ଧାମର ପାଞ୍ଚକୋଶ ପରିମିତ ଭୂଖଣ୍ଡକୁ ଶଙ୍ଖକ୍ଷେତ୍ର ନାମରେ ନାମିତ କଲେ ।

ଶ୍ରୀଜଗନ୍ନାଥଙ୍କର ଅବତାର ପ୍ରସଙ୍ଗ ମୂଳରେ ରହିଛି ଅନେକ କିମ୍ବଦନ୍ତୀ । ପୁରାଣ ମତରେ, ଦୁର୍ବାସାଙ୍କ ଅଭିଶାପରୁ ହୋଇଥିଲା ସମୁଦ୍ର ମନ୍ଥନ । ଏକଦା ଭଗବାନ ବିଷ୍ଣୁଙ୍କୁ ଦର୍ଶନ କରିବାକୁ ଋଷି ଦୁର୍ବାସା ଚାଲିଲେ ବୈକୁଣ୍ଠ ପୁରକୁ । ପ୍ରଭୁ ପ୍ରୀତ ହୋଇ ଦୁର୍ବାସାଙ୍କୁ ଏକ ମାଳା ପ୍ରଦାନ କଲେ । ଆନନ୍ଦ ମନରେ ପ୍ରତ୍ୟାବର୍ତ୍ତନ ମଧ୍ୟରେ ପଥରେ ସାକ୍ଷାତ ହୁଏ ଦେବରାଜ ଇନ୍ଦ୍ରଙ୍କ ସହ । କ'ଣ ବା ଦେବେ ଇନ୍ଦ୍ରଙ୍କୁ ? ଭଗବାନ ବିଷ୍ଣୁଙ୍କର ସେହି ପ୍ରସାଦି ମାଳାକୁ ଅର୍ପଣ କରନ୍ତି ଇନ୍ଦ୍ରଙ୍କୁ । ମାତ୍ର ଇନ୍ଦ୍ର ମଦମତ୍ତ, ଗର୍ବି ଓ ଅହଂକାରୀ । ଏକାମ୍ର କାନନ ଯା'ର ସେବାରେ, ପାରିଜାତ ଫୁଲ ଯାହା ପାଇଁ ପ୍ରତ୍ୟହ ଖଞ୍ଜା, ସେ ଅବା ଏ ଫୁଲର କି ମହତ୍ତ୍ୱ ବୁଝିବେ । ତେଣୁ ହେୟଜ୍ଞାନ କରି ଫିଙ୍ଗିଦେଲେ ଭଗବାନଙ୍କର ପ୍ରସାଦି ମାଳାକୁ । ଯାହାକୁ କି ଦଣ୍ଡେ ମାତ୍ର ବିଳମ୍ବ ନକରି ଐରାବତ ହସ୍ତୀ ପଦରେ ଦଳି ପକାଇଲା । ଏକଥା ଜାଣି ପାରିଲେ ଋଷି ଦୁର୍ବାସା । କ୍ରୋଧରେ ଅଗ୍ନିଶର୍ମା ହୋଇ ଉଠିଲେ । ତେଣୁ–

କୋପ କଲେ ସେ ଦୁର୍ବାସା ମହାମତି<br>
କୋପ ଭରେ ମଘବାଙ୍କୁ ବଚନ କହନ୍ତି ।<br>
କୃପାଳୁ ନୁହେଁ ମୁଁ ଇନ୍ଦ୍ର କ୍ଷମା ନ ଜାଣଇ<br>
ଅନ୍ୟ ମୁନି ନୁହେଁ ଦୁର୍ବାସା ନାମ ବହି ।<br>
ମୋର ଦେବ ମାଳା ତଳେ ଫିଙ୍ଗିଲୁ ତୁ ଯେଣୁ<br>
ତ୍ରିଭୁବନ ତୋର ଲକ୍ଷ୍ମୀ ହୀନ ହେବ ତେଣୁ ।

(ବିଷ୍ଣୁପୁରାଣ)

ଦୁର୍ବାସାଙ୍କ ଅଭିଶାପରେ ଶ୍ରୀହୀନ ହୋଇ ପଡ଼ିଲେ ଦେବଗଣ । ସମସ୍ତେ ବୃଦ୍ଧ ଶରୀର ବିଶିଷ୍ଟ ହୋଇଗଲେ । ଦେବତାଙ୍କ ମଧ୍ୟରେ ହାହାକାର ପଡ଼ିଗଲା । ଦେବଗଣ ଶରଣାପନ୍ନ ହେଲେ ଭଗବାନ ବିଷ୍ଣୁଙ୍କର । ବିଷ୍ଣୁ ନିର୍ଦ୍ଦେଶ ଦେଲେ ସମୁଦ୍ର ମନ୍ଥନ କର । ଏଇ ସମୁଦ୍ରରୁ ବାହାରିବା ଅମୃତରେ ହିଁ ତୁମେମାନେ ତୁମର ଶ୍ରୀ ଫେରି ପାଇବ । ମନ୍ଦର ଗିରିକୁ ସମୁଦ୍ର ମଧ୍ୟରେ ପକାଇ ଘର୍ଷଣ କରିବାକୁ ଲାଗିଲେ ଦେବଗଣ । ମାତ୍ର ଟଳମଟଳ ହେଲା ମନ୍ଦର ପର୍ବତ । କ'ଣ କରାଯିବ – ମନ୍ଦର ପର୍ବତକୁ ଧରିବା ପାଇଁ ଏକ ଆଧାର ଲୋଡ଼ା । ଦେବଗଣ ପ୍ରାର୍ଥନା କଲେ ହେ ଜଗତାଧାର...ହେ ବିଶ୍ୱାଧାର ! ଆମେ ସମସ୍ତେ ଆଧାର ଶୂନ୍ୟ । ଆମର ଆଧାର ହୁଅ ପ୍ରଭୁ ।

''ସେହିକ୍ଷଣି ନାରାୟଣ କୂର୍ମ ରୂପ ଧରି ।<br>
ମହାଜଳରେ ପଶିଲେ ପ୍ରଭୁ ଚକ୍ରଧାରୀ ।।''

ସମୁଦ୍ର ମନ୍ଥନରେ କୂର୍ମ ଭଗବାନ ହେଲେ ଆଧାର । ତାଙ୍କରି ଉପରେ ରହିଲା ମନ୍ଦର ପର୍ବତ । ଭାଗବତକାର ଜଗନ୍ନାଥ ଦାସ ବର୍ଣ୍ଣନା କଲେ –

''ଏଯେ ମନ୍ଦର ଗିରିଧର । ମନ୍ଥନ ଦଣ୍ଡୟାକୁ କର ॥<br>
ବାସୁକି ନାଗ ରଜ୍ଜୁ କରି । ମନ୍ଥିବ ଦେବାସୁର ଧରି ॥''

ପ୍ରଭୁ ଜଗତର ମଙ୍ଗଳ ପାଇଁ ସକଳ କଷ୍ଟକୁ ବରଣ କରିନିଅନ୍ତି । ପ୍ରଭୁଙ୍କର ସାଗର ବନ୍ଦାପନା ନୀତି– କୂର୍ମ ବା କଚ୍ଛପ ଅବତାରର ପୂଜା ପ୍ରତି ମାସରେ ଥରେ ପ୍ରଭୁ ଶ୍ରୀଜଗନ୍ନାଥ ଅମାବାସ୍ୟା ତିଥିରେ ଶ୍ୱଶୁର ଘରକୁ ଯାତ୍ରା କରନ୍ତି । ଏଇ ଅବସରରେ ପାଳିତ ହୁଏ ପ୍ରଭୁଙ୍କର ସାଗର ବନ୍ଦାପନା ରୀତି ।

ହିରଣାକ୍ଷ ଓ ହିରଣ୍ୟକଶିପୁ – ଏ ଦୁଇଭାଇଙ୍କୁ ବିନାଶ କରିବା ପାଇଁ ପ୍ରଭୁ ଯଥାକ୍ରମେ ବରାହ ଓ ନୃସିଂହ ରୂପ ଧାରଣ କରିଥିଲେ । ଏ ଦୁଇଭାଇ ବିଷ୍ଣୁଦ୍ରୋହୀ ହୋଇ ବହୁ ଅନ୍ୟାୟ, ଅତ୍ୟାଚାରରେ ଲିପ୍ତ ରହିଲେ । ଦେବର୍ଷି ନାରଦ ହିରଣାକ୍ଷକୁ ବୁଝାଇ ଦେଲେ ତୁ ବିଷ୍ଣୁଙ୍କୁ ଖୋଜୁଛୁ – ମାତ୍ର ଏମିତି ଖୋଜିଲେ ଆଦୌ ପାଇପାରିବୁନି କିମ୍ବା ତାଙ୍କୁ ବିନାଶ କରିପାରିବୁ ନାହିଁ । ତୁ ଯଦି ପୃଥିବୀକୁ ଟେକି ରସାତଳକୁ ନିକ୍ଷେପ କରିଦେଇ ପାରିବୁ ତେବେ ପାଳନକର୍ତ୍ତା, ରକ୍ଷାକର୍ତ୍ତା ବିଷ୍ଣୁ ପୃଥିବୀକୁ ରକ୍ଷାକରିବା ଉଦ୍ଦେଶ୍ୟରେ ନିଶ୍ଚୟ ଆସିବେ ଓ ତୁ ଅକ୍ଲେଶରେ ତାଙ୍କୁ ଭେଟି ତୋ'ର ମନୋରଥ ପୂରଣ କରିଦେଇ ପାରିବୁ । ହିରଣାକ୍ଷ ପୃଥିବୀକୁ ତାଡ଼ିବାକୁ ଚେଷ୍ଟା କରନ୍ତେ ପୃଥିବୀ ମାତା ଭୟରେ ଚିତ୍କାର କଲା । ଦେବତାମାନେ ଏ ସଂସାରକୁ ରକ୍ଷା କରିବା ପାଇଁ ବିଷ୍ଣୁଙ୍କୁ ଗୁହାରୀ କଲେ । ବ୍ରହ୍ମା ଭଗବାନଙ୍କ ପରାମର୍ଶରେ ଏକ ଯଜ୍ଞ କଲେ । ପୂର୍ଣ୍ଣାହୂତିର ଏଇ ଯଜ୍ଞ ଧୂଆଁରୁ ଆବିର୍ଭୂତ ହେଲେ ଶ୍ୱେତବରାହ ବା ଯଜ୍ଞବରାହ ।

ପୃଥିବୀ ରସାତଳକୁ ଯିବାର ଦେଖି ପ୍ରଭୁ ବରାହ ପ୍ରଳୟ ଜଳକୁ ଡେଇଁ ପଡ଼ିଲେ ଓ ବିନାଶ କଲେ ହିରଣାକ୍ଷକୁ ।

ମାଘ ଶୁକ୍ଳ ଦ୍ୱାଦଶୀ – ବରାହ ଦ୍ୱାଦଶୀ ନାମରେ ପ୍ରସିଦ୍ଧି ଅର୍ଜନ କରିଛି । ଏହି ଦିନ ଅନୁଷ୍ଠିତ ହୋଇଥାଏ ଶ୍ରୀଜଗନ୍ନାଥଙ୍କର ବରାହ ଅବତାର ପୂଜା । ଭ୍ରାତୃହନ୍ତାର ପ୍ରତିଶୋଧ ନେବାକୁ ଆଗେଇ ଆସିଲା ହିରଣ୍ୟକଶିପୁ । ମନ୍ଦରାଞ୍ଚଳର ଏକ ବୃକ୍ଷ ମୂଳରେ ବସି ତପସ୍ୟା ଆରମ୍ଭ କଲା । ଦେବତାମାନେ ପ୍ରମାଦ ଗଣିଲେ । ଏ

ଯଦି ବରପ୍ରାପ୍ତ ହୋଇଯାଏ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ – ତ୍ରିଭୁବନକୁ ତା' ଆୟତ୍ତରେ ରଖିବ । ତେଣୁ ଦେବତାମାନଙ୍କର ଅନୁରୋଧରେ ବୃହସ୍ପତି ଶୁକ ପକ୍ଷୀଟିଏ ହୋଇ ସେହି ବୃକ୍ଷର ଡାଳରେ ବସି ପ୍ରଭୁଙ୍କର ନାମ କୀର୍ତ୍ତନ କଲେ । ବାରମ୍ବାର ଶତ୍ରୁର ନାମ ତୁଣ୍ଡରେ ପଶିଗଲା । ବିଭ୍ରାଟ ସୃଷ୍ଟି ହେଲା ତପସ୍ୟାରେ । ଫେରି ଆସିଲା ଗୃହାଭିମୁଖୀ ହୋଇ । ଇତ୍ୟବସରରେ ଜନ୍ମ ନିଅନ୍ତି ପ୍ରହ୍ଲାଦ । ପୁଣି ହିରଣ୍ୟକଶିପୁ ଚାଲିଲେ ତପସ୍ୟାକୁ ଓ ବ୍ରହ୍ମା ବରରେ ହେଲେ ବଳୀୟାନ । ପ୍ରହ୍ଲାଦଙ୍କର ହରି ଭକ୍ତି ଦେଖି କ୍ରୋଧରେ ପ୍ରଜ୍ୱଳିତ ହୋଇଉଠିଲା ହିରଣ୍ୟକଶିପୁ । ପ୍ରହ୍ଲାଦଙ୍କୁ ଅନେକ କଷ୍ଟ, ଅନେକ ଯାତନା ଦେଲା, ମାତ୍ର କିଛି ଲାଭ ହେଲାନି । ଡାକିଲା ଭଉଣୀ ହୋଲିକାକୁ । ତୁ ବର ପାଇଛୁ ନିଆଁରେ ପୋଡ଼ିବୁନି । ଏ ପୁତୁରାକୁ ଧରି ନିଆଁରେ ପଶ । ତୋ'ର କିଛି ହେବନି – ସେ ପୋଡ଼ିଯିବ । ମାତ୍ର ପ୍ରହ୍ଲାଦଙ୍କର କିଛି ହେଲାନି ବରଂ ଶ୍ରୀଜଗନ୍ନାଥଙ୍କର କ୍ରୋଧ ରୂପକ ଅଗ୍ନିରେ ହୋଲିକା ପୋଡ଼ିଗଲା । ହିରଣ୍ୟକଶିପୁ କ୍ରୋଧରେ ଗର୍ଜ୍ଜନ କଲା – ଦେଖା ମୋତେ ତୋ ହରିଙ୍କୁ । ପ୍ରହ୍ଲାଦ କଇଁ କଇଁ ହୋଇ କାନ୍ଦି କାନ୍ଦି କହିଲେ ଏଇ ସ୍ତମ୍ଭରେ ମଧ୍ୟ ଅଛନ୍ତି ହରି ।

ହିରଣ୍ୟକଶିପୁ ସ୍ତମ୍ଭକୁ ଆଘାତ କରନ୍ତେ ଭଗବାନ ଆଉ ସମ୍ଭାଳି ପାରିଲେ ନାହିଁ । ବାହାରିଲେ ସେ ସ୍ତମ୍ଭରୁ ଏକ ଭୟଙ୍କର ରୂପ ଧରି । ଏହାହିଁ ପ୍ରଭୁଙ୍କର ନୃସିଂହ ଅବତାର । ଅସୁର କୁଳରେ ଜନ୍ମହୋଇ ମଧ୍ୟ ପବିତ୍ର ଭକ୍ତିଭାବରେ ଦୋହଲାଇ ଦେଇଥିଲେ ପ୍ରଭୁ ନୃସିଂହ ଭଗବାନଙ୍କୁ ଭକ୍ତ ପ୍ରହ୍ଲାଦ । ହିରଣ୍ୟକଶିପୁକୁ ବିଦାରଣ କରିବା ପରେ ମଧ୍ୟ ତାଙ୍କର ଉଗ୍ରମୂର୍ତ୍ତି ଶାନ୍ତ ହେଲାନାହିଁ । ତାଙ୍କୁ ଶାନ୍ତ କଲାପରେ ବ୍ରହ୍ମା, ରୁଦ୍ର ଓ ଇନ୍ଦ୍ର ପ୍ରଭୃତି ଦେବଗଣ ବହୁ ସ୍ତୁତି କଲେ । ଏପରିକି ପ୍ରଭୁଙ୍କର ଏହି ଭୟଙ୍କର ରୂପ ସନ୍ଦର୍ଶନରେ ମହାଲକ୍ଷ୍ମୀ ମଧ୍ୟ ଆତଙ୍କିତ ହୋଇପଡ଼ିଲେ । ପରିଶେଷରେ ଭକ୍ତରାଜ ପ୍ରହ୍ଲାଦ କଇଁ କଇଁ ହୋଇ କାନ୍ଦି ନୃସିଂହ ଭଗବାନଙ୍କର ପାଦକୁ ଧରି ପକାଇଲେ । ପ୍ରଭୁଙ୍କର ଉଗ୍ରମୂର୍ତ୍ତି ମୁହୂର୍ତ୍ତକରେ ଶାନ୍ତ ହୋଇଗଲା ।

ପ୍ରଭୁ ସ୍ନେହରେ ପ୍ରହ୍ଲାଦଙ୍କୁ କୋଳାଗ୍ରତ କରି ବିବିଧ ବର ପ୍ରଦାନ କଲେ । ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ନୃସିଂହ ଚତୁର୍ଦ୍ଦଶୀ ଭାବେ ପାଳିତ ହୋଇଥାଏ । ଏହି ଦିନ ଶ୍ରୀଜଗନ୍ନାଥ ନୃସିଂହ ରୂପରେ ପୂଜା ପାଇଥାନ୍ତି ।

ପରେ ପରେ ପ୍ରଭୁଙ୍କର ବାମନାବତାର ଲୀଳା ପ୍ରସଙ୍ଗ । କଶ୍ୟପ ଓ ଅଦିତିଙ୍କର ସନ୍ତାନ ରୂପେ ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ଯେ ଧରାପୃଷ୍ଠକୁ ଓହ୍ଲାଇଲେ, ସେ ହେଲେ ବାମନ ଭଗବାନ । ଋଷିକୁଳ ଆନନ୍ଦିତ ହେଲେ– ଯାହାହେଉ ପ୍ରଭୁଙ୍କର ହେଲା ଆଗମନ । ବାମନ ଭଗବାନଙ୍କର ବ୍ରତୋପନୟନ ହୋଇ ସେ ଯଜ୍ଞୋପବିତ ଧାରଣ କଲେ । ବାମନ ଭଗବାନଙ୍କୁ ପୁଲହ ଯଜ୍ଞୋପବିତ, ପୁଲସ୍ତ୍ୟ ଶ୍ୱେତବସ୍ତ୍ର, ଭରଦ୍ୱାଜ ମେଖଳା, ମରୀଚି ପଳାସ ଦଣ୍ଡ, ବଶିଷ୍ଠ ଅକ୍ଷସୂତ୍ର, ଅଙ୍ଗିରା କୁଶ ନିର୍ମିତ ବସ୍ତ୍ର, ସୂର୍ଯ୍ୟଦେବ ଛତ୍ର, ଭୃଗୁ କଠାଉ, ବୃହସ୍ପତି କମଣ୍ଡଳୁ ଓ ମା' ସରସ୍ୱତୀ ଜପାମାଳା ପ୍ରଦାନ କଲେ ଭଗବାନ ବାମନ ବେଦମନ୍ତ୍ର ପାଠ ପୂର୍ବକ ଚାଲିଲେ ବଳିର ଯଜ୍ଞସ୍ଥଳୀକୁ ।

ବଳି ଏମିତି ରାଜା – ଯାହାର ଦାଣ୍ଡକୁ ଥରେ ଯେ ଆସେ, ସାରା ଜୀବନ ତା'ର କିଛି ଅଭାବ ରହେନା । କିନ୍ତୁ ବଳି ତିନିପାଦ ଭୂମି ଦେଇ ପାରିଲା ନାହିଁ ବନମାଳିଙ୍କୁ । ବାମନ ଭଗବାନଙ୍କର ଗୋଟିଏ ପାଦ ସମଗ୍ର ମର୍ତ୍ତ୍ୟମଣ୍ଡଳ, ଆଉ ଗୋଟିଏ ପାଦ ସ୍ୱର୍ଗପୁରକୁ ଆଚ୍ଛାଦିତ କରିଦେଲା ପରେ ପ୍ରଭୁ ପଚାରୁଛନ୍ତି ତୃତୀୟ ପାଦ ଥୋଇବି କେଉଁଠି ? ବଳି ଦେଖାଇଦେଲା ତା'ର ମସ୍ତକ ।

ବଳିଙ୍କର ଅମାପ ଅହଂକାରର ପ୍ରମାଣ କରିବା ପାଇଁ ଶ୍ରୀଜଗନ୍ନାଥଙ୍କର ଏହି ବାମନାବତାର । ଗଜପତି ବୀରକିଶୋର ଦେବ ଭାବ ବିହ୍ୱଳ କଣ୍ଠରେ ଗାଇଲେ –

''ଜଗତ ଯାହାର ଚରଣ ତଳରେ ହାତ ପତାଇଣ ମାଗନ୍ତି ଭିକ
ଗଡ୍ଡୁ, ଛତା, କୁଶ, ବଟୁ ଘେନି ହସ୍ତେ ଭିକ୍ଷା ମାଗୁଛନ୍ତି ଦେଖ''

ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ବାମନଦ୍ୱାଦଶୀ ଭାବେ ଶ୍ରୀମନ୍ଦିରରେ ପାଳିତ ହୋଇଥାଏ । ବଟୁବାମନ ରୂପରେ ଶୋଭାପାଆନ୍ତି ଶ୍ରୀଜଗନ୍ନାଥ । ପ୍ରଭୁଙ୍କର ଏ ଦାନ ଗ୍ରହଣ ଲୀଳା ।

ପର୍ଶୁରାମ ବିଷ୍ଣୁଙ୍କର ସପ୍ତମ ଅବତାର । ଭୃଗୁମୁନିଙ୍କ ବଂଶରେ ପର୍ଶୁରାମ ଜନ୍ମ ଗ୍ରହଣ କରିଥିବାରୁ ତାଙ୍କୁ ଭୃଗୁପତି ମଧ୍ୟ କୁହାଯାଏ । ପର୍ଶୁରାମ ପରମ ଶିବଭକ୍ତ । ଦେବଦେବ ମହାଦେବ ଖୁସି ହୋଇ ତାଙ୍କୁ ପରଶୁ ପ୍ରଦାନ କରିଥିଲେ । ସହସ୍ରାର୍ଜ୍ଜୁନଙ୍କର ପୁତ୍ରଗଣ ଯମଦଗ୍ନିଙ୍କୁ ହତ୍ୟା କରିଥିବାରୁ ପର୍ଶୁରାମ କ୍ରୁଦ୍ଧହୋଇ ସହସ୍ରାର୍ଜ୍ଜୁନଙ୍କ ପୁତ୍ରଗଣଙ୍କ ସମେତ ସମଗ୍ର ପୃଥିବୀରୁ କ୍ଷତ୍ରିୟମାନଙ୍କୁ ବିନାଶ କରିଥିଲେ ।

ପର୍ଶୁରାମ ପୃଥିବୀକୁ ୨୧ଥର କ୍ଷତ୍ରିୟଶୂନ୍ୟ କରି କ୍ଷତ୍ରିୟ ରକ୍ତରେ ପିତୃପୁରୁଷଙ୍କର ତର୍ପଣ କରିଥିଲେ । ପର୍ଶୁରାମ ଚିରଂଜୀବୀ । ମହେନ୍ଦ୍ର ପର୍ବତରେ ଏବେବି ସେ ଅଛନ୍ତି ବୋଲି ଜନଶ୍ରୁତି କହିଥାଏ –

''ଅଶ୍ୱତ୍ଥମା, ବଳି, ବ୍ୟାସ, କୃପ ପରଶୁରାମସ୍ୟ
ହନୁମାନ ବିଭୀଷଣ ସପ୍ତେତି ଚିରଜୀବିତ ।''

ଗୁଣ୍ଡିଚା ମନ୍ଦିରରେ ଆଷାଢ଼ ଶୁକ୍ଳ ଅଷ୍ଟମୀ ତିଥିକୁ ପର୍ଶୁରାମ ଅଷ୍ଟମୀ ଭାବେ ପାଳନ କରାଯାଏ । ପରେ ପରେ ମର୍ଯ୍ୟାଦାର ମୂର୍ତ୍ତିମନ୍ତ ଅବତାର ଶ୍ରୀରାମାବତାର । ଆଦର୍ଶ ଭାଇ, ଆଦର୍ଶ ପତି, ଆଦର୍ଶ ରାଜା, ଆଦର୍ଶ ପୁତ୍ର, ଆଦର୍ଶ ପତ୍ନୀ, ଆଦର୍ଶ ମାତା – ସବୁକିଛି ରହିଛନ୍ତି ରାମାୟଣରେ । ମା ଜାନକୀ – ଧରିତ୍ରୀର କନ୍ୟା, ଧରିତ୍ରୀର ଅନ୍ୟନାମ ଦୟା, କ୍ଷମା ଓ ସହନଶୀଳତା । ମା' ଜାନକୀ ଏସବୁ ଗୁଣରେ ଭୂଷିତା । ଜାନକୀଙ୍କର ଅନ୍ୟନାମ ଶାନ୍ତି । ପ୍ରତ୍ୟେକଙ୍କ ଜୀବନରେ ଦରକାର ଶାନ୍ତି । ଶାନ୍ତି ଚାଲିଗଲେ, ତେଣୁ ପ୍ରଭୁ କାନ୍ଦିଲେ । ପ୍ରଭୁଙ୍କର ଜଗତକୁ ଶିକ୍ଷା– ଜୀବନରେ ପ୍ରତିଶ୍ରୁତି, ଦୟା, କ୍ଷମା, ଶାନ୍ତି ଓ ସହନଶୀଳତାକୁ ଯେ ହଜାଏ ସେ କାନ୍ଦେ । କରୁଣାମୟ ପ୍ରଭୁ ନିଜକୁ ଚତୁର୍ଭାଗରେ ବିଭକ୍ତ କରି ଶ୍ରୀରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ ରୂପରେ ଜନ୍ମ ନେଇଥିଲେ । ଧରାପୃଷ୍ଠରେ ରାବଣ, କୁମ୍ଭକର୍ଣ୍ଣ, ସୁବାହୁ, ମାରୀଚ ପ୍ରଭୃତି ରାକ୍ଷସଙ୍କୁ ନିଧନ କରି ପୃଥିବୀକୁ ପାପଭାରାରୁ ରକ୍ଷା କରିଥିଲେ । ମୁନିଋଷିମାନଙ୍କର ଯଜ୍ଞ ରକ୍ଷା ଓ ଅତ୍ୟାଚାରୀ ରାବଣ କବଳରୁ ପୃଥିବୀକୁ ରକ୍ଷା ହେଉଛି ରାମାବତାରର ଶ୍ରେଷ୍ଠ କୀର୍ତ୍ତି । ପୌଷ ପୂର୍ଣ୍ଣିମାରେ ଶ୍ରୀଜଗନ୍ନାଥଙ୍କର ଅତ୍ୟନ୍ତ ଦୁର୍ଲଭ ରଘୁନାଥ ରୂପ ।

ଦ୍ୱାପର ଯୁଗରେ ପ୍ରଭୁଙ୍କ ମାୟାରେ ପ୍ରଭୁ ବଳରାମ ରୋହିଣୀଙ୍କ ଗର୍ଭରୁ ହେଲେ ଆବିର୍ଭୂତ । ପ୍ରଭୁ ଶ୍ରୀକୃଷ୍ଣ ମଧ ଦେବକୀ ନନ୍ଦନ ଭାବେ ଧରାକୁ ଓହ୍ଲାଇ ଆସିଲେ ଭାଦ୍ର କୃଷ୍ଣ ଅଷ୍ଟମୀ ତିଥିରେ–

''ଆକାଶେ ଉଦେ ନିଶାକର । ଗୋବିନ୍ଦ ଉଦରୁ ବାହାର ।।
ଫିଟିଲା ପାଦର ସାଙ୍କୋଳି । ବାଟ କଢ଼ାଇଲା ବିଜୁଳି ।।''

ଜନ୍ମାଷ୍ଟମୀ ଓ ବଳଭଦ୍ର ଜନ୍ମ ଶ୍ରୀମନ୍ଦିରର ଏକ ଏକ ପ୍ରମୁଖ ଉତ୍ସବ । ବସୁଦେବ ଶ୍ରୀକୃଷ୍ଣଙ୍କୁ ଗୋପପୁରରେ ଯଶୋଦାଙ୍କ କୋଳରେ ଛାଡ଼ି ପାଲଟାଇ ଆଣିଲେ ବିଜୁଳି କନ୍ୟାଙ୍କୁ । ଯେ ଆସିଲେ ସେ ମାୟା – ଯୋଗମାୟା । ଯେ ଗଲେ ସେ ସକଳ ବନ୍ଧନରୁ ମୁକ୍ତ ଶ୍ରୀଜଗନ୍ନାଥ । ରାକ୍ଷସ ରାଜ କଂସ କୃଷ୍ଣ ବଳରାମଙ୍କୁ ବିନାଶ କରିବାକୁ କେତେଯେ ଷଡ଼ଯନ୍ତ୍ର କରି ଅସୁରମାନଙ୍କୁ ପ୍ରେରଣ କରିଥିଲା ତା'ର କଳନା ନାହିଁ । ପୁତନା, ଶକଟାସୁର, ବକାସୁର ପ୍ରଭୃତି ଶିଶୁ ଶ୍ରୀକୃଷ୍ଣଙ୍କ ଦ୍ୱାରା ବିନାଶ ପ୍ରାପ୍ତ ହେଲେ । ଏଇ ଅବସରରେ ଶ୍ରୀକୃଷ୍ଣଙ୍କ ଅଗ୍ରଜ ପ୍ରଭୁ ବଳରାମ ବଧ କରିଥିଲେ ଭୟାନକ ପ୍ରଳମ୍ବାସୁରକୁ । ବଳରାମଙ୍କ ପରାଜୟରେ ଉତ୍‌ଫୁଲ୍ଲିତ ହୋଇ ପ୍ରଳମ୍ବାସୁର ତାଙ୍କୁ କାନ୍ଧରେ ବହନ କରି ଚାଲିଯିବାକୁ ଭାବିଲାବେଳେ ଅନୁଭବ କଲା ହଳମୂଷଳଧାରୀ ଦେବତାଙ୍କ ଓଜନର ଚାପ । ପ୍ରଭୁ ସ୍କନ୍ଧ ଉପରେ ଏମିତି ଓଜନଦାର ହୋଇ ଏପରି ଚାପିଦେଲେ ଯେ ଭୂମିରେ ପେଷି ହୋଇଗଲା ପ୍ରଳମ୍ବାସୁର । ପ୍ରଭୁ ହଳଧରଙ୍କର ଏହି କରାମତି ସ୍ମରଣରେ ଶ୍ରୀମନ୍ଦିରରେ ଅନୁଷ୍ଠିତ ହୁଏ ପ୍ରଳମ୍ବାସୁର ବଧ ବେଶ ଭାଦ୍ର କୃଷ୍ଣ ଏକାଦଶୀ ତିଥିରେ ।

ଭାଗବତାନୁଯାୟୀ ରାକ୍ଷସମାନେ ଯଜ୍ଞାନୁଷ୍ଠାନ କରି ବିଶେଷ ଶକ୍ତିଶାଳୀ ଓ ଦୀର୍ଘଜୀବୀ ହୋଇଗଲେ ଏବଂ ଦେବତାମାନଙ୍କୁ ପରାସ୍ତ କରି ସ୍ୱର୍ଗରାଜ୍ୟ ଅଧିକାର କରିଥିଲେ । ରାକ୍ଷସମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରିବା ପାଇଁ ବୁଦ୍ଧାବତାରର ସୃଷ୍ଟି ହୋଇଥିଲା ।

''ପ୍ରବୃଦ୍ଧ ବୁଦ୍ଧ ଅବତାରେ । ଜ୍ଞାନ ବିତରେ ଏ ସଂସାରେ ।।''

ପଞ୍ଚସଖା ଯୁଗର ସନ୍ଥ ଅଚ୍ୟୁତାନନ୍ଦ ମଧ 'ଶୂନ୍ୟ ସଂହିତା'ରେ ଶୁଣାଇଛନ୍ତି –

''ନିଜ ବଂଶ ଘେନି ବଉଦ୍ଧ ରୂପରେ ନୀଳାଚଳେ ଅଛ ରହି
ନିଶ୍ଚଳ ଆସନେ ବସି ଯୋଗଧ୍ୟାନେ ଅର୍କ ତୀରେ ଥିବ ତହିଁ ।''

ସେହିପରି ବଳରାମ ଦାସଙ୍କ ଦାରୁବ୍ରହ୍ମ ଗୀତା, ଭକ୍ତକବି ଦୀନକୃଷ୍ଣ ଦାସଙ୍କ ନାମରତ୍ନ ଗୀତା, ଚୈତନ୍ୟ ଦାସଙ୍କ ନିର୍ଗୁଣ ମାହାତ୍ମ୍ୟ ଓ ଅନନ୍ତ ଦାସଙ୍କ ଗୁପ୍ତ ଗୀତାରେ ବୁଦ୍ଧଙ୍କୁ ଏକ ଅବତାର ଭାବରେ ବର୍ଣ୍ଣନା କରାଯାଇଛି ।

ପ୍ରଭୁଙ୍କର ବିଭିନ୍ନ ଯୁଗରେ ରହିଛି ଏହି ଅବତାର ପ୍ରସଙ୍ଗ । ସତ୍ୟଯୁଗରେ ମୀନ, କଚ୍ଛପ, ଶୂକର, ନୃସିଂହ ଓ ବାମନ ଅବତାର ।

ଭାବର ଠାକୁର ପ୍ରଭୁ ଜଗନ୍ନାଥ । କେବଳ ଭକ୍ତର ଭାବକୁ ଗ୍ରହଣ କରିବା ପାଇଁ ପ୍ରଭୁ ଓହ୍ଲାଇ ଆସିଥାଆନ୍ତି ରତ୍ନସିଂହାସନରୁ ଜନତାର ବଡ଼ଦାଣ୍ଡକୁ । ଭକ୍ତ ଓ ଭଗବାନଙ୍କର ମହାମିଳନର ଏ ଯାତ୍ରା ଘୋଷଯାତ୍ରା ଅବସରରେ ଏତିକି ମିନତି ପ୍ରଭୁ ଭାବରଜ୍ଜୁରେ ବାନ୍ଧି ରଖିଥାଆନ୍ତୁ ଏ ଜଗତକୁ ।

ଡି.ଏ.ଭି. ପବ୍ଲିକ୍ ସ୍କୁଲ
ୟୁନିଟ୍–୮, ଭୁବନେଶ୍ୱର

# ସାନ୍ତାଳୀ ଭାଷାର ନାଟକ ଓ ତା'ର ଲୋକପ୍ରିୟତା

**ଜୀବନକୃଷ୍ଣ ଦାସ ଅଧିକାରୀ**

ଖୁବ୍ ଦ୍ରୁତ ଭାବରେ ସାନ୍ତାଳୀ ଭାଷାର ନାଟକ ଓ ସାହିତ୍ୟର ଅଭିବୃଦ୍ଧି ପରିଲକ୍ଷିତ ହେଉଥିବା ଦେଖିବାକୁ ମିଳୁଛି । ଅନେକ ଭାବେ ଅସାନ୍ତାଳୀ ଜନସାଧାରଣ ସାନ୍ତାଳୀ ପୁସ୍ତକ ଅଭିହିତ ନୁହନ୍ତି । ଏହି ସ୍ୱଳ୍ପ ସମୟ ମଧ୍ୟରେ ସାନ୍ତାଳୀ ଭାଷାର ପଶ୍ଚିମ ସୀମାନ୍ତ ଯଥାକ୍ରମେ, ଓଡ଼ିଶାର ମୟୂରଭଞ୍ଜ ଓ ପଶ୍ଚିମବଙ୍ଗର ପୁରୁଲିଆ, ଝାଡଖଣ୍ଡର କେତେକ ଅଞ୍ଚଳ, ବୀରଭୂମିର ଷଢେଇକଳା, ଖରସୁଆଁ ପ୍ରଭୃତି ଅଞ୍ଚଳ ସାନ୍ତାଳୀ ନାଟ୍ୟ ସାହିତ୍ୟର ଏକ ଆନ୍ଦୋଳନାତ୍ମକ ଚେହେରା ନେଇଥିବା ଜଣାପଡିଛି । ନିୟମିତ ନାଟ୍ୟ ଅଭିନୟ କରୁଥିବା ଏକ ଦଳ ରାତ୍ରୀ ପରେ ରାତ୍ରୀ ଯାତ୍ରା ଅଭିନୟ କରୁଥିବା ଦୃଷ୍ଟିଗୋଚର ହେବାରେ ଲାଗିଛି । ଏହା ସାଧାରଣତଃ ଓଡ଼ିଶାର ମୟୂରଭଞ୍ଜ, ପଶ୍ଚିମବଙ୍ଗର ପଶ୍ଚିମ ମେଦିନୀପୁର, ବାଙ୍କୁଡା, ପୁରୁଲିଆ, ବର୍ଦ୍ଧମାନ, ବୀରଭୂମ ଓ ଉତ୍ତର ଏବଂ ଦକ୍ଷିଣ ଦୀନାଜପୁର ଜିଲ୍ଲା । ଶୀତ ଋତୁରେ ଫସଲ ଅମଳ ଶେଷ ପରେ ପରେ ଅନେକ କାନ୍ଥ ବାଡରେ ରଙ୍ଗୀନ ପୋଷ୍ଟର ମାଧ୍ୟମରେ ନାଟକର ନାମ ଓ ଅଭିନୟ ସ୍ଥାନ, ତାରିଖ ତଥା କଳାକାରମାନଙ୍କ ନାମ ଉଲ୍ଲେଖ ଥିବା ପ୍ରାଚୀରପତ୍ରମାନ ଦେଖିବାକୁ ମିଳିଥାଏ । ଏହିସବୁ ପୋଷ୍ଟରଗୁଡିକ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଓ ଝାଡଖଣ୍ଡ ରାଜ୍ୟର ବିଭିନ୍ନ ଜିଲ୍ଲାଗୁଡିକରେ ବହୁଳ ଦେଖିବାକୁ ମିଳିଥାଏ ।

ସାନ୍ତାଳୀ ଭାଷାର ନାଟକ ଇତିମଧ୍ୟରେ ଶହେ ବର୍ଷର ପ୍ରାଚୀନ ହୋଇଥିବା କୁହାଯାଉଛି । ସାନ୍ତାଳୀ ଭାଷାଭାଷୀ ଅଞ୍ଚଳଗୁଡିକ ମଧ୍ୟରୁ ବର୍ତ୍ତମାନ ମଧ୍ୟ ବହୁ ଅଞ୍ଚଳ ନିରକ୍ଷର, ଅଳ୍ପ ସଂଖ୍ୟକ ଶିକ୍ଷିତ ସାନ୍ତାଳୀ ଲୋକଙ୍କ ପାଖରେ ଭାଷା ଓ ନାଟକର ପୁସ୍ତକ ଆଦୃତ ହୋଇଥିଲେ ମଧ୍ୟ ଅନ୍ୟ ଦିଗରେ ଶିକ୍ଷିତ ସାନ୍ତାଳୀମାନଙ୍କ ପାଖରେ ଛୋଟ ଏକ ଅଂଶବିଶେଷଙ୍କ ପାଖରେ ପୁସ୍ତକ ଓ ଆବେଦନ ପହଞ୍ଚି ଥିବା ଅନୁମାନ କରାଯାଇପାରେ । ଅନ୍ୟ ଦିଗରେ ସାନ୍ତାଳୀ ଭାଷାର ନାଟ୍ୟାଭିନୟ ହଜାର ହଜାର ସାନ୍ତାଳୀ ମଣିଷଙ୍କ ମଧ୍ୟରେ ଉପଭୋଗ ଓ ହୃଦୟଙ୍ଗମ କରିବାରେ ସକ୍ଷମ ହୋଇପାରିଛି । ଏହି କାରଣ ଯୋଗୁଁ ସାନ୍ତାଳୀ ନାଟକର ଜନପ୍ରିୟତା ବର୍ଷ ପରେ ବର୍ଷ ବୃଦ୍ଧି ପାଇବାରେ ଲାଗିଛି । ବର୍ତ୍ତମାନ ସାନ୍ତାଳୀ ଭାଷା ଶିକ୍ଷାବିତ୍ ଓ ସମାଜ ସଂସ୍କାରକମାନଙ୍କ ମଧ୍ୟରୁ ଅଧିକାଂଶ ନାଟ୍ୟ ସାହିତ୍ୟ ମାଧ୍ୟମରେ ସାହାଯ୍ୟ ନେଇଥିବା ଚିନ୍ତା ଭାବନା ଓ ସେମାନଙ୍କ ବକ୍ତବ୍ୟ ସାନ୍ତାଳୀ ଜନସାଧାରଣଙ୍କ ପାଖରେ ପହଞ୍ଚାଇ ପାରିବାର ପ୍ରୟାସ କରିଥିବା ଜଣାପଡିଛି ।

ଗୋଟିଏ ଆକର୍ଷଣୀୟ କଥା ହେଉଛି ନାଟକର ଐତିହ୍ୟ ଓ ସାନ୍ତାଳୀ ସଂସ୍କୃତି ମଧ୍ୟରେ ଅଙ୍ଗୀଭୂତ ହୋଇ ଯାଇଥିବା ପରିଲକ୍ଷିତ ହୋଇଥିବା ବେଳେ, ପ୍ରତିବର୍ଷ ଦାଁସାୟ ଓ ସହରାଇ ପର୍ବ ସମୟରେ ସାନ୍ତାଳୀ ନୃତ୍ୟ ଓ ସଙ୍ଗୀତ, ଧାର୍ମିକ ଅନୁଷ୍ଠାନରେ ପରିଣତ ହୋଇପାରିଛି । ଏହିସବୁ ଘଟଣାକୁ ତର୍ଜମା କଲେ ଜଣାଯାଏ ସେମାନଙ୍କ ପ୍ରଚେଷ୍ଟା ବହୁ ପ୍ରାଚୀନ ଭାବେ ଗଣ୍ୟ କରାଯାଇପାରେ । ମୋଟାମୋଟି ଭାବେ ଅନୁମାନ କରାଯାଇପାରେ ଯେ, ସାନ୍ତାଳୀ ନାଟକ ତିନୋଟି ଭିନ୍ନ ଭିନ୍ନ ଉତ୍ସକୁ ନେଇ ଉଦ୍ଧୃତ ହୋଇଥିବା ଜଣାପଡେ । ପ୍ରଥମ ଉତ୍ସଟି ହେଲା ପରମ୍ପରାଗତ ଆଚାର ଓ ଅନୁଷ୍ଠାନ ଯେଉଁମାନେ ସାନ୍ତାଳୀ ନାଟକ ସମ୍ପର୍କରେ ଆଲୋଚନା କରିଛନ୍ତି, ସେମାନେ ଦ୍ୱିତୀୟ ଉତ୍ସଟି ପ୍ରତି ବିଶେଷ ବିଚାର ବିବେଚନା କରିନଥିବା ଜଣାଯାଏ ।

ବହୁବର୍ଷ ପୂର୍ବେ ୟୁରୋପୀୟ ଖ୍ରୀଷ୍ଟିଆନ ଧର୍ମପ୍ରଚାରକ ମିଶନାରୀଗୁଡିକରେ ସାନ୍ତାଳୀ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଓଡ଼ିଶା, ବିହାର, ବଙ୍ଗ ରାଜ୍ୟରେ ଅନେକଗୁଡିଏ ଆବାସିକ ବୋର୍ଡିଂ ସ୍କୁଲ ସ୍ଥାପନ କରିଥିଲେ । ଖ୍ରୀଷ୍ଟମାସ ଓ ବଡଦିନ ଛୁଟି ଦିବସଗୁଡିକରେ ବାଇବେଲ୍‌ର ଗଳ୍ପ ଆଧାରରେ ସାନ୍ତାଳୀ ଭାଷାରେ ରଚିତ ନାଟକ

ଅଭିନୟ କରାଯାଉଥିଲା । ଏହିସବୁ ନାଟକରେ ଶିକ୍ଷକ ଓ ଛାତ୍ରଛାତ୍ରୀ ଆନନ୍ଦ ଉତ୍ସାହର ସହିତ ଅଭିନୟରେ ଅଂଶ ଗ୍ରହଣ କରୁଥିଲେ । ବର୍ତ୍ତମାନ ବାଇବେଲ୍‌ଭିତ୍ତିକ ନାଟକର ପାଣ୍ଡୁଲିପି ଦୃଷ୍ଟିଗୋଚର ହେଉନାହିଁ । କିଛି ସଂଖ୍ୟକ ପାଣ୍ଡୁଲିପି ଏବେବି ଚରମ ଅବହେଳା ମଧ୍ୟରେ ରହିଥିବା ଜଣାଯାଏ । ବର୍ତ୍ତମାନ ଅନେକ ଶିକ୍ଷିତ ସାନ୍ତାଳୀ ଯେଉଁମାନେ କି ମିଶନ ସ୍କୁଲରେ ଶିକ୍ଷାପ୍ରାପ୍ତ ହୋଇଛନ୍ତି, ସେମାନେ ଏ ସମ୍ପର୍କରେ ପ୍ରାମାଣିକ ତଥ୍ୟ ଦେଇପାରିବେ ।

**ତୃତୀୟ ଉତ୍ସ:** ଓଡ଼ିଶା ଓ ପଶ୍ଚିମବଙ୍ଗର ସୌଖିନ ତଥା ପେଷାଦାର ନାଟ୍ୟସଂସ୍ଥା ଗ୍ରାମଗୁଡ଼ିକରେ ନାଟକ ପ୍ରଦର୍ଶନ କରୁଥିବା ବେଳେ ବହୁ ସଂଖ୍ୟାର ଉତ୍ସାହୀ ସାନ୍ତାଳୀ ସମ୍ପ୍ରଦାୟର ଦର୍ଶକ ଏହାକୁ ଉପଭୋଗ କରୁଥିଲେ । ଏହାଦେଖି ସାନ୍ତାଳୀ ଲେଖକମାନଙ୍କର ସାନ୍ତାଳୀ ନାଟ୍ୟ ରଚନାର ଆଗ୍ରହ ଜନ୍ମଲାଭ କଲା । ସେହି ଲେଖକମାନେ ଓଡ଼ିଶା ଓ ବଙ୍ଗ ଯାତ୍ରାର କଥାବସ୍ତୁକୁ ନେଇ ସେମାନଙ୍କ ମଧ୍ୟରେ ଏକ ପ୍ରେରଣା ଜାଗ୍ରତ ହୋଇଥିଲା । ସେଥିପାଇଁ ଓଡ଼ିଶା ଓ ବଙ୍ଗ ଯାତ୍ରା ପାଲାଗୁଡ଼ିକର ପ୍ରଭାବ ସାନ୍ତାଳୀ ଯାତ୍ରାରେ ପ୍ରତିଫଳିତରୂପ ସ୍ପଷ୍ଟ ଭାବେ ଦେଖିବାକୁ ମିଳେ । କଳାକୌଶଳ, ମଞ୍ଚାଭିନୟ ଏବଂ ସାହିତ୍ୟିକ ଉପସ୍ଥାପନା ଇତ୍ୟାଦିରେ ସାନ୍ତାଳୀ ନାଟ୍ୟକାର ଓଡ଼ିଶା ଓ ବଙ୍ଗ ନାଟକକୁ ଅନୁସରଣ କରିଥାନ୍ତି । ଏବେବି ସାନ୍ତାଳୀ ଭାଷା ନାଟକକୁ 'ଗାୟାନ୍' ଓ ନାଟ୍ୟ ଗ୍ରନ୍ଥକୁ 'ଗାୟାନ ପୁଁଥି' କୁହାଯାଏ । ସାନ୍ତାଳୀ ଭାଷାର ନାଟକ ପ୍ରାଥମିକ ପର୍ଯ୍ୟାୟରେ ତିନି ଜଣଙ୍କ ନାମ ଉଲ୍ଲେଖଯୋଗ୍ୟ । ସେମାନେ ହେଲେ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ପଣ୍ଡିତ ରଘୁନାଥ ମୁର୍ମୁ, ଘାଟଶିଳାର ମାଝିରାମ ଦାସ ଟୁଡୁ ଓ ବିନ୍‌ପୁରର ସାଧୁ ରାମଚାନ୍ଦ ମୁର୍ମୁ ଉଲ୍ଲେଖଯୋଗ୍ୟ । ପଣ୍ଡିତ ରଘୁନାଥ ମୁର୍ମୁ ଓ ସାଧୁ ରାମଚାନ୍ଦଙ୍କ ଦ୍ୱାରା ରଚିତ ନାଟକଗୁଡ଼ିକ ଛପାଯାଇଥିବା ପୁସ୍ତକ ମିଳୁଥିଲେ ମଧ୍ୟ ମାଝିରାମ ଦାସ ଟୁଡୁ ରସିକାର କୌଣସି ନାଟକର ପାଣ୍ଡୁଲିପି ମିଳୁନଥିବା ପ୍ରକାଶ । ଅନେକଙ୍କ ମତରେ ମାଝିରାମଦାସ ଟୁଡୁ ବହୁଗଦ୍ୟ ରଚନା କରିବା ସହିତ ଗୋଟିଏ ନାଟକ ମଧ୍ୟ ରଚନା କରିଥିଲେ । ସେହି ନାଟକଟିର ନାମ 'ଖେରୱାଲ ବଂସା ଧରମ ନାଟେ' ।

**ଦ୍ୱିତୀୟ ପର୍ଯ୍ୟାୟ:** ସାଧୁ ରାମଚାନ୍ଦ ମୁର୍ମୁ ୧୮୯୭ ମସିହାରେ ପଶ୍ଚିମ ମେଦିନୀପୁର ଜିଲ୍ଲାର କମାରବାଁଦୀ ଗ୍ରାମରେ ଜନ୍ମଗ୍ରହଣ କରି ଭୀମପୁର ଗ୍ରାମରେ ଅବସ୍ଥିତ ଆମେରିକା ବାପଟିଷ୍ଟ୍ ମିଶନଦ୍ୱାରା ପ୍ରତିଷ୍ଠିତ ବୋର୍ଡିଂ ସ୍କୁଲରେ ଶିକ୍ଷାଲାଭ କରିଥିଲେ । ସାମଗ୍ରିକ ଭାବେ ସାନ୍ତାଳୀ ସାହିତ୍ୟ ଓ ନାଟ୍ୟ ସମ୍ପର୍କରେ ବଡ ଧରଣର ଭୂମିକା ନିଭାଇ ଥିବା କୁହାଯାଏ । ସ୍କୁଲ ଶିକ୍ଷା ସମାପ୍ତ ନକରି ମଧ୍ୟ ସେ ସାନ୍ତାଳୀ ଭାଷାର ଜଣେ ବିଶିଷ୍ଟ ବିଦ୍ୱାନ ବ୍ୟକ୍ତି ତଥା ଆଧୁନିକ ସାନ୍ତାଳୀ ଜନତାଙ୍କ ମଧ୍ୟରେ ଭୀଷଣ ଭାବେ ଆଦୃତ ହୋଇଥିଲେ । କାରଣ ବିଭିନ୍ନ ଦଳ ବିଭିନ୍ନ ସ୍ଥାନରେ ଏହାକୁ ମଞ୍ଚସ୍ଥ କରି ଲୋକପ୍ରିୟତା ହାସଲ କରିଥିଲେ । ଏହା ଏକ ସାମାଜିକ ନାଟକ, ଜୀବନର ବିଭିନ୍ନ ସମସ୍ୟା ଓ ସଂକଟର ଚିତ୍ର ଏଥିରେ ସୁସ୍ପଷ୍ଟ । ସାଧୁ ରାମଚନ୍ଦ୍ର ମୁର୍ମୁ ପ୍ରଗାଢ ଧର୍ମବିଶ୍ୱାସୀ ମଣିଷ ଥିବାରୁ ଏହି ନାଟକରେ ତାଙ୍କର ଜୀବନଦର୍ଶନ ପ୍ରତିଫଳିତ ହୋଇଥିବାର ଆଭାସ ମିଳେ । ସେହିପରି ଓଡ଼ିଶାର ପଣ୍ଡିତ ରଘୁନାଥ ମୁର୍ମୁ ମଧ୍ୟ ଜଣେ ଉଚ୍ଚ ମାନର ସାନ୍ତାଳୀ ଭାଷାର ବୃହତ୍ ମନୀଷୀ ଭାବେ ଗଣ୍ୟ କରାଯାଏ । ସେ ସାନ୍ତାଳୀ ଭାଷାର ଅଗ୍ରଗଣ୍ୟ ବ୍ୟକ୍ତି । ତାଙ୍କର ଜନ୍ମ ୧୯୦୫ ମସିହା ମେ ୫ ତାରିଖରେ । ତତ୍କାଳୀନ କରଦ ରାଜ୍ୟ ମୟୂରଭଞ୍ଜର ଡାହାବଡି ଗ୍ରାମରେ । ସେ ସାନ୍ତାଳୀ ଭାଷା ଓ ସାନ୍ତାଳୀ ସମ୍ପ୍ରଦାୟର ସମାଜ ସଂସ୍କାରକ ଥିଲେ । ସେ 'ଖେର ଓୟାସ ବୀର' ଓ 'ବିଦୁ ଚାନ୍ଦାନ' ନାମକ ଦୁଇଟି ନାଟକ ଲେଖିଥିଲେ । ଏହି ଦୁଇଟି ନାଟକ ୧୯୪୨ ମସିହାରେ ପ୍ରକାଶିତ । ଏହି ନାଟକ ଦୁଇଟି ବିଶେଷ ଉଲ୍ଲେଖଯୋଗ୍ୟ, କାରଣ ବଂଗ, ଓଡ଼ିଶା ଓ ବିହାରର ସାନ୍ତାଳୀ ସମ୍ପ୍ରଦାୟ ଜନସାଧାରଣଙ୍କ ମଧ୍ୟରେ ଏକ ବିଶେଷ ଜାଗରଣ ସୃଷ୍ଟି କରିଥିଲା । ବର୍ତ୍ତମାନ ମଧ୍ୟ ଏହି ଦୁଇ ନାଟକର ଜନପ୍ରିୟତା ହ୍ରାସ ପାଇ ନଥିବା ଜଣାପଡିଛି । ସେଥିପାଇଁ ସାନ୍ତାଳୀ ଦର୍ଶକମଣ୍ଡଳୀ ପାଖରେ ସାଧୁରାମ ଚାନ୍ଦ ଓ ପଣ୍ଡିତ ରଘୁନାଥ ମୁର୍ମୁ ଯାତ୍ରା ପାଲାର ରଚୟିତାଭାବେ ଅଗ୍ରଗଣ୍ୟ । ଏତଦ୍‌ବ୍ୟତୀତ ପଣ୍ଡିତ ରଘୁନାଥ ମୁର୍ମୁ ଆହୁରି ଦୁଇଟି ନାଟକ ରଚନା କରିଥିଲେ, ଯଥା– 'ଦାର୍ଗେ ଧନ' ଓ 'ସିଦୁ କାହ୍ନୁ ସାନ୍ତାଳ ହଲ' ।

ଏଠାରେ ଉଲ୍ଲେଖଯୋଗ୍ୟ ବିଷୟ ହେଲା ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧେ ଇଂରେଜ ରାଜତ୍ୱ କାଳରେ ସାଧୁ ରାମଚାନ୍ଦ ଭୀମପୁରର ମିଶନାରୀ ସ୍କୁଲରେ ଏବଂ ପଣ୍ଡିତ ରଘୁନାଥ ମୁର୍ମୁ ମୟୂରଭଞ୍ଜ ମହାରାଜାଙ୍କ ପ୍ରତିଷ୍ଠିତ ଟେକ୍‌ନିକାଲ୍ ସ୍କୁଲରେ ଅଧ୍ୟୟନ କରୁଥିଲେ । ମୟୂରଭଞ୍ଜ ମହାରାଜାଙ୍କ ପୃଷ୍ଠପୋଷକତା ପାଇଥିଲେ ମଧ୍ୟ ସେ ଉତ୍ତମ ଛାତ୍ର ଥିବାରୁ ସ୍କୁଲ ଶିକ୍ଷା ପରେ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ରୂପେ ନିଯୁକ୍ତି ପାଇଥିଲେ । ଉକ୍ତ ବିଦ୍ୟାଳୟଟି ମହାରାଜା ସ୍ଥାପନ କରିଥିଲେ, ତାଙ୍କ ସାନ୍ତାଳୀ ଭାଷାଭାଷୀ ପ୍ରଜାମାନଙ୍କ ସନ୍ତାନମାନଙ୍କୁ ଶିକ୍ଷିତ କରାଇବା ଉଦ୍ଦେଶ୍ୟରେ । ତଥାପି ସାନ୍ତାଳୀ ନାଟକ ବର୍ତ୍ତମାନ କେତେଗୁଡ଼ିଏ ବିଶେଷ ସମସ୍ୟା ଥିବା ପରିଲକ୍ଷିତ

ହୁଏ । ଏହି ନାଟକଗୁଡିକର ରଚୟିତାମାନେ ଗ୍ରାମୀଣ ମଣିଷ ହୋଇଥିବାରୁ ଅଭିନୟର ପୃଷ୍ଠଭୂମି ବିଶେଷ କରି ଗ୍ରାମାଞ୍ଚଳ ଏବଂ ଗ୍ରାମ୍ୟ ସାନ୍ତାଳୀ ଦର୍ଶକମଣ୍ଡଳୀଙ୍କ ଉପଭୋଗ୍ୟର ଆଧାର । ପ୍ରଥମ ପର୍ଯ୍ୟାୟ ଏହି ନାଟକାଭିନୟ ଦରବାରୀ ଶିଳ୍ପକଳା, ପରବର୍ତ୍ତୀ ପର୍ଯ୍ୟାୟରେ ଏହି ନାଟକାଭିନୟ ନଗରକେନ୍ଦ୍ରିକ ଉଚ୍ଚବର୍ଗ ଦର୍ଶକଙ୍କ ନିକଟରେ ଆଦୃତ ହେବାରେ ଲାଗିଲା । ସାହିତ୍ୟର ପ୍ରକାର ହିସାବରେ ନାଟକ ହେଉଛି କ୍ଲାସିକ୍‌ଧର୍ମୀ କିନ୍ତୁ ସାନ୍ତାଳୀ ନାଟକକୁ ଏବେବି ଲୋକନାଟ୍ୟ କୁହାଯାଇପାରେ । ଏହି ପ୍ରସଙ୍ଗରେ ସୁବଲ ଚନ୍ଦ୍ର ହାଁସ୍‌ଦାଙ୍କ ରଚନା ଉଲ୍ଲେଖଯୋଗ୍ୟ । ତାଙ୍କର ଜନ୍ମ ୧୯୧୨ ଓ ମୃତ୍ୟୁ ୧୯୮୬ରେ । ସେ ପଶ୍ଚିମବଙ୍ଗର ଶିଲଦା ଜମିଦାରଙ୍କ ପୃଷ୍ଠପୋଷକତାରେ ଗୋଟିଏ କୃଷ୍ଣ ଯାତ୍ରାଦଳ ଗଠନ କରିଥିଲେ । ସେଥିରେ ସେ କୃଷ୍ଣ ଭୂମିକାରେ ଅଭିନୟ କରୁଥିଲେ । ସେ ହେଉଛନ୍ତି ଏକାଧାରରେ ଅଭିନେତା, ନାଟକ ରଚୟିତା, ସ୍ୱର ସଂଯୋଜକ ଓ ବାଦ୍ୟକାର ହିସାବରେ ପରିଗଣିତ । ବହୁ ବାଧାବିଘ୍ନ ସତ୍ତ୍ୱେ ସାନ୍ତାଳୀ ଯାତ୍ରା ପାଲା ମଞ୍ଚସ୍ଥ କରିବାର ସିଦ୍ଧାନ୍ତ ନେଇ 'ପାଲାଇଡାଙ୍ଗା' ନାମକ ଗୋଟିଏ ଯାତ୍ରା ପାର୍ଟି ଗଠନ କରନ୍ତି । ଅଳ୍ପଦିନ ମଧ୍ୟରେ ସାନ୍ତାଳୀ ଜନସାଧାରଣଙ୍କ ହୃଦୟ ଜୟ କରି ନେଇଥିଲେ । ସେ ବହୁତଗୁଡିଏ ଯାତ୍ରା ପାଲା ଲେଖିଥିଲେ, ସେଗୁଡିକ ହେଲା– ୧) 'ମାୟାମତେ ତୋପ' (ରକ୍ତସ୍ନାନ), ୨) 'ଚାମ୍ପଗାଡ' (ଚମ୍ପାଗଡ), ୩) ଖେରୋୟାଲ ଗାଡ (ଖରୟାଲମାନଙ୍କ ଦୁର୍ଗ), ୪) ସାଲଗିୟ: ଆଡାର (ସାଲଗିର ଘର), ୫) ସୁକ ଆଡାରେ ଦୁକ୍– (ସୁଖର ଘରେ ଦୁଃଖ), ୬) ସେନ୍ଦ୍ର (ଶିକାର), ୭) ହରସିନ୍ତ୍ର ସିନ୍ଦୁରାଇଏଞ୍ଚ ମେ (ମୋ କପାଳରେ ସିନ୍ଦୂର ପିନ୍ଧାଇ ଦିଅ) ଏତଦ୍‌ବ୍ୟତୀତ ସେ ଆହୁରି ଅନେକ ନାଟକ ରଚନା କରିଥିଲେ ମଧ୍ୟ ବର୍ତ୍ତମାନ ତାହା ମିଳୁନାହିଁ ।

ବର୍ତ୍ତମାନ ପର୍ଯ୍ୟନ୍ତ ସାନ୍ତାଳୀ ନାଟକ ଗ୍ରାମ୍ୟ ଚରିତ୍ର ଓ ସଂସ୍କୃତି ବଜାୟ ରଖିଛି । ଖୋଲାମଞ୍ଚରେ ଅଭିନୟ ଦେଖିବାରେ ସାନ୍ତାଳୀ ଭାଷାଭାଷୀ ଅଧିକ ହେଲେ ମଧ୍ୟ ଅସାନ୍ତାଳୀ ଭାଷାଭାଷୀ ଦର୍ଶକ ଉପସ୍ଥିତ ହେବାର ଦେଖିବାକୁ ମିଳେ । କାରଣ ଅଭିନୟ ଉପଭୋଗ ସମୟରେ ଭାଷା ବିଶେଷ ଅନ୍ତରାୟ ସୃଷ୍ଟି କରେ ନାହିଁ । ସାନ୍ତାଳୀ ନାଟକ ଅନଗ୍ରସର ମଣିଷମାନଙ୍କ ମଧ୍ୟରେ ବିରାଟ ସାଂସ୍କୃତିକ ଆନ୍ଦୋଳନରେ ପରିଣତ ହୋଇଥିବାର ଲକ୍ଷ୍ୟ କରାଯାଏ । ଏତିକି କୁହାଯାଇପାରେ ଯେ, ସାନ୍ତାଳୀ ନାଟକର ପରିମାର୍ଜିତ ଚରିତ୍ରରେ ବିକାଶ ଘଟିଥିବାର ଦେଖିବାକୁ ମିଳୁଛି ।

ପଣ୍ଡିତ ରଘୁନାଥ ମୁର୍ମୁ ଓ ସାଧୁ ରାମଚାନ୍ଦଙ୍କ ପଥକୁ ଅନୁସରଣ କରି ପରମ୍ପରାକ୍ରମେ ଅନେକ ଲେଖକ ସୃଷ୍ଟି ହୋଇଛନ୍ତି । ସ୍ୱାଧୀନତା ପାଇବାର ଅଳ୍ପ କିଛି ଦିନ ମଧ୍ୟରେ ୧୯୪୮ ମସିହାରେ ଓଡ଼ିଶାର ଶ୍ୟାମସୁନ୍ଦର ହେମ୍ବ୍ରମ୍ ଗୋଟିଏ ନାଟକ ପ୍ରକାଶ କରନ୍ତି, ତାହାର ନାମ 'ଛତ୍ରପତି କିସ୍କୁରାପାଜ', ଏହା ଏକ ଛଦ୍ମ ଐତିହାସିକ ନାଟକ । ତାଙ୍କର ଅନ୍ୟାନ୍ୟ ନାଟକଗୁଡିକ ହେଲା, ହିଡଙ୍ଗପୋଡ ଗୁମାନ, ଖେରୱାଲ ବିସୁତି, ନୁସାର ଡାହାର । ଏହି ଲେଖକଙ୍କୁ ଅନୁସରଣ କରି ଓଡ଼ିଶାର ଭୀମଚରଣ ଟୁଡୁ ଲେଖିଲେ 'ରାମବୀର ବାସ' (ରାମ ବନବାସ) । ସ୍ୱାଧୀନତା ଲାଭର ପରବର୍ତ୍ତୀ ପର୍ଯ୍ୟାୟରେ ସାନ୍ତାଳୀ ସାହିତ୍ୟର ଆଧୁନିକୀକରଣ ପାଇଁ ବିଶେଷ ପ୍ରଚେଷ୍ଟା ହେବାର ଦେଖିବାକୁ ମିଳେ । ଲେଖକ ବାଲ କିଶୋର ବାସ୍କେ ୧୯୫୨ ମସିହାରେ ତାଙ୍କର ନାଟକ 'ଆକିଲ ଆରସି' ପ୍ରକାଶିତ । ସେହିପରି ବିହାରର ନାରାୟଣ ଚନ୍ଦ୍ର ସରେନ୍ ସାନ୍ତାଳୀ ଭାଷାର ବହୁ ପଦ୍ୟ ଓ ଗଦ୍ୟ ରଚନା କରିଥିଲେ । ତାଙ୍କୁ ବିହାର ସରକାର ସାନ୍ତାଳୀ ଲେଖକ ହିସାବରେ ଗଣ୍ୟ କରି ପେନ୍‌ସନ୍ ଦେଇଥିଲେ । ସେ ମଧ୍ୟ ଦୁଇଟି ନାଟକ ରଚନା କରିଥିଲେ (୧) 'ଭିନ୍‌ସାର ମାୟାମ୍' (ଭନସାର ରକ୍ତ) ଓ (୨) 'ଚାମ୍ପାବାହା' (ଚମ୍ପାଫୁଲ) । ସେହିପରି ଓଡ଼ିଶାର ଲସ ସରେନ୍ ଜଣେ ନାଟ୍ୟକାର । ସେ ଅନେକ ନାଟକ ଲେଖିଥିଲେ ମଧ୍ୟ ବର୍ତ୍ତମାନ ମିଳୁ ନଥିବା କୁହାଯାଉଛି । ରବିଲାଲ ଟୁଡୁର ନାଟକ 'ବୀରସା ବୀର' ୧୯୭୭ରେ ପ୍ରକାଶିତ ଏବଂ ବିହାର ପ୍ରଦେଶର ଶିବଲାଲ କିସ୍କୁଙ୍କ ନାଟକ 'ଦରବା' ୧୯୮୪ରେ ପ୍ରକାଶିତ ହୋଇଥିବା ଜଣାପଡେ ।

ସାନ୍ତାଳୀ ନାଟ୍ୟ ସାହିତ୍ୟ ଇତିହାସରେ ୧୯୮୫ ମସିହା ଥିଲା ଉଲ୍ଲେଖନୀୟ ଯୁଗ । କାରଣ ଏହି ବର୍ଷ ମଧ୍ୟରେ ପ୍ରକାଶିତ 'ଆଖଡା' ନାମକ ପାଞ୍ଚଟି ଏକାଙ୍କ ନାଟକର ଏକ ସଂକଳନ ଗ୍ରନ୍ଥ । ଲେଖକ ପରିମଳ ହେମ୍ବ୍ରମ୍ କଲିକତା ବିଶ୍ୱବିଦ୍ୟାଳୟରୁ ବଙ୍ଗଳା ଭାଷା ସାହିତ୍ୟରେ ସ୍ନାତକ କରିବା ପରେ ଅଲ୍‌ଇଣ୍ଡିଆ ରେଡିଓରେ ଉଚ୍ଚ ପଦାଧିକାରୀ, ତାଙ୍କର ୫ଟି ଏକାଙ୍କ ନାଟକ ନୂତନ ଯୁଗର ସୂଚନା ବହନ କରେ ।

ସାନ୍ତାଳୀ ଭାଷାର ନାଟକଗୁଡିକ ଆଧୁନିକ ପର୍ଯ୍ୟାୟରେ ପ୍ରବେଶ କରିବା ଆଗରୁ ନାଟ୍ୟକାର ଶ୍ୟାମାଚରଣ ହେମ୍ବ୍ରମ୍ (୧୯୧୯–୧୯୯୧)ଙ୍କ ଅବଦାନ ଉଲ୍ଲେଖଯୋଗ୍ୟ । ସେ ରାଞ୍ଚି ବିଶ୍ୱବିଦ୍ୟାଳୟର ଅଧ୍ୟାପକ, କବି ଓ ପ୍ରାବନ୍ଧିକ । ତାଙ୍କ ରଚିତ ନାଟକଗୁଡିକ ଉଚ୍ଚ ପ୍ରଶଂସିତ, ତାଙ୍କର ରଚିତ ନାଟକ 'ଛତ୍ରପତି କିସ୍କୁ ରାପାଜ' । ସେହିପରି ୧୯୪୪ରେ ହରପ୍ରସାଦ ମୁର୍ମୁଙ୍କ ଅବଦାନ ମଧ୍ୟ ଲକ୍ଷଣୀୟ । ତାଙ୍କର ରଚିତ ନାଟକ 'ମହେଶ'ର

ସାନ୍ତାଳୀ ଭାଷାର ନାଟ୍ୟରୂପ, ଏହିପରି ଭାବେ ଉତ୍କଳ ବଙ୍ଗ ଭାଷାର ନାଟକଗୁଡ଼ିକର ପ୍ରଥମ ସେତୁ ଭାବରେ ପରିଗଣିତ ହୋଇଥିବା ଲକ୍ଷ୍ୟ କରାଯାଏ । ଏହି ପରିପ୍ରେକ୍ଷୀରେ ଅଲ୍‌ଇଣ୍ଡିଆ ରେଡ଼ିଓ ମାଧ୍ୟମରେ ଓଡ଼ିଶା ଓ ବଙ୍ଗଳାର ବେତାର କାର୍ଯ୍ୟକ୍ରମ ସହିତ ସାନ୍ତାଳୀ ଭାଷାର କର୍ମସୂଚୀ ହେବା ସହିତ ସାନ୍ତାଳୀ ନାଟ୍ୟ ପ୍ରଯୋଜନାର ଗୋଟିଏ ନୂତନ ମଞ୍ଚ ହୋଇଉଠିଲା । ୧୯୭୮ ମସିହାରେ 'ଟୁଓଆର ଅନାର୍ଥ' ସାନ୍ତାଳୀ ଭାଷାର ରେଡ଼ିଓ ପ୍ଲେ ହିସାବରେ ଅଲଇଣ୍ଡିଆ ବେତାର ନାଟକ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲା । ଏହି ନାଟକର ରଚୟିତା ହେଲେ ସମୀର କୁମାର ମୁର୍ମୁ । ଫକୀର ଚରଣ ମୁର୍ମୁ ମଧ୍ୟ ଗୋଟିଏ ନାଟକ ରଚନା କରିଥିଲେ । ସେ ନାଟକର ନାମ 'ବାହାମାଲ' (ଫୁଲମାଳ) । ସେହିପରି ରବିଲାଲ ଟୁଡ୍ରୁ, ଶାନ୍ତିମୟ ହାଁସଦା, ଯଦୁନାଥ ମୁର୍ମୁ, ଯଦୁନାଥ ଟୁଡ୍ରୁ, ଜମାଦାର କିସ୍କୁ, ପରିମଳ ହେମ୍ବ୍ରମ୍, ବାଦଳ ହେମ୍ବ୍ରମ୍ ଏବଂ ପ୍ରଦୀପ କୁମାର ହାଁସଦାଙ୍କ ଦ୍ୱାରା ରଚିତ ବେତାର ନାଟକ ସାଫଲ୍ୟତା ମିଳିଥିବା କୁହାଯାଏ । ଅବନୀ ବାଳା ମାଣ୍ଡି ପ୍ରଥମ ସାନ୍ତାଳୀ ଅଭିନେତ୍ରୀ । ସେ ୧୯୭୫ ମସିହାରେ ମଞ୍ଚ ଅଭିନୟ କରନ୍ତି, ତା'ର ଠିକ୍ ପରେ ପରେ ଶୁଶୀଳା ଟୁଡ୍ରୁ ଯିଏକି ଯଦୁନାଥ ଟୁଡ୍ରୁଙ୍କ ନାଟକ 'ଲବିର'ରେ ଅଭିନୟ କରନ୍ତି । ତେଣୁ ବିଗତ ଶତାବ୍ଦୀର ସତୁରୀ ଦଶକରେ ସାନ୍ତାଳୀ ନାଟକ ବହୁଳ ଭାବେ ସକ୍ରିୟ ହୋଇ ଉଠିଥିବା କୁହାଯାଇପାରେ । କିନ୍ତୁ ଅଶୀ ଦଶକରେ ସାନ୍ତାଳୀ ନାଟକ ଆଧୁନିକ ନାଟ୍ୟ ଆନ୍ଦୋଳନ ଦୃଢତାର ସହିତ ସୁପ୍ରତିଷ୍ଠିତ କରିବାକୁ ସକ୍ଷମ ହୋଇଯାଆନ୍ତି । ଏହି ଅଶୀ ଦଶକର ସଫଳ ନାଟ୍ୟକାର ହେଲେ ଜ୍ୟୋତି ଲାଲ ହାଁସଦା, କବିଲାଲ ମାଣ୍ଡି, କାଳୀପଦ ଖେରୋୱାଲ ସରେନ୍, ପରିମଳ ହେମ୍ବ୍ରମ୍, ନରେନ୍ଦ୍ର ନାଥ ସରେନ୍ ଏବଂ ସପନ କୁମାର ପ୍ରମାଣିକ ।

ଏହା ପରେ ପରେ ସାନ୍ତାଳୀ ନାଟକରେ ନୂତନ ଉଦ୍ଦୀପନା ଆସିଲା ପରି ମନେ ହୁଏ । ସାନ୍ତାଳୀ ଜନଜାତିର ନାନା ସାମାଜିକ ସମସ୍ୟା, ସେମାନଙ୍କର ଆଶା ଆକାଂକ୍ଷା, କ୍ରୋଧ ଏବଂ ସନ୍ଦେହ ପୂରିଗଲା ସାନ୍ତାଳୀ ନାଟକ ମଧ୍ୟରେ । ସତ କହିବାକୁ ଗଲେ ବର୍ତ୍ତମାନ ସାନ୍ତାଳୀ ନାଟକ ସାନ୍ତାଳୀ ଜନସାଧାରଣଙ୍କ ଜୀବନର ଏକ ଅଙ୍ଗଭାବେ ଜଡିତ ହୋଇଯାଇଛି । ଆଧୁନିକ ସାନ୍ତାଳୀ ନାଟକରେ ଯଦୁନାଥ ଟୁଡ୍ରୁ (୧୯୪୯) ପୂର୍ବର ନାଟ୍ୟକାରଙ୍କଠାରୁ ଅଧିକ ଜନପ୍ରିୟତା ଅର୍ଜନ କରିଛନ୍ତି । ତାଙ୍କର ପ୍ରଥମ ରଚନା 'ଖେରୋୟାଲ ସାଁଓତା' (ଖେରୱାଲ ସମାଜ) ୧୯୭୭ ମସିହା ପାଖରୁ ଓଡ଼ିଶା, ବଙ୍ଗ, ବିହାର ରାଜ୍ୟରେ ଅଭିନୀତ ହୋଇଥିବା କୁହାଯାଏ । ତାଙ୍କର ଅନ୍ୟାନ୍ୟ ରଚନା ମଧ୍ୟରୁ 'ଶିକାରିୟା' (୧୯୮୧) 'ଧୀରି ବୋଙ୍ଗା' (୧୯୮୪) 'ମାରୋଡି ମାରାର ବାହା' (୧୯୯୦) 'ସିରିଜଲା' (୧୯୯୪) ଉଲ୍ଲେଖଯୋଗ୍ୟ । ଆଉ ଜଣେ ଗୁରୁତ୍ୱପୂର୍ଣ୍ଣ ସାନ୍ତାଳୀ ନାଟ୍ୟକାର ଜ୍ୟୋତିଲାଲ ହାଁସଦା– ଉଲ୍ଲେଖନୀୟ ନାଟକ 'ଆହାଲା' (୧୯୮୩) ଓ ରୁମାଲା (୧୯୮୪), 'ସାଁ କୋୟା' (୧୯୪୪) । ଏତଦ୍‌ବ୍ୟତୀତ ସାନ୍ତାଳୀ ଭାଷାର ଅନେକ ନାଟ୍ୟକାର ଅଛନ୍ତି ସେସବୁ ସଂଗ୍ରହ କରିବା ସମ୍ଭବ ହୋଇପାରି ନାହିଁ । ମୋଟାମୋଟି କହିବାକୁ ଗଲେ ସାନ୍ତାଳୀ ନାଟକ ବର୍ତ୍ତମାନ ଯଥେଷ୍ଟ ପରିଣତ, ଭାରସାମ୍ୟ ବଜାୟ ରଖି ଦ୍ରୁତ ଆଗେଇ ଯିବାର କ୍ଷମତା ଅର୍ଜନ କରିଥିବା ଦୃଷ୍ଟିଗୋଚର ହୁଏ, ଏତଦ୍‌ବ୍ୟତୀତ ସାନ୍ତାଳୀ ନାଟକ ଓ ତା'ର ଲୋକପ୍ରିୟତା ସମ୍ପର୍କରେ ଆହୁରି ବିଶଦ ଆଲୋଚନା, ତର୍ଜମା ଓ ଗବେଷଣାର ଆବଶ୍ୟକତା ରହିଥିବା ଅନୁମାନ କରାଯାଏ ।

**ତଥ୍ୟ ସଂଗ୍ରହ:**

୧) ସୁରେଶ ଚନ୍ଦ୍ର ପଡିଆଙ୍କ ଦ୍ୱାରା ପ୍ରଥମ ସାନ୍ତାଳୀ ନାଟ୍ୟ ପୁସ୍ତକଗୁଡିକ ତାଲିକାରୁ ଅଣାଯାଇଥିଲେ ମଧ୍ୟ ସେଗୁଡିକ ମଧ୍ୟରୁ ଅନେକ ନାଟକର ପ୍ରକାଶନ କାଳ ଉଲ୍ଲେଖ ନଥିବା ଦେଖାଯାଏ ।

୨) ପଶ୍ଚିମବଙ୍ଗ ସାନ୍ତାଳୀ ଏକାଡେମୀ ଦ୍ୱାରା ସଂଗୃହୀତ ତାଲିକାରୁ କିଛି ତଥ୍ୟ ଅଣାଯାଇଛି ।

୩) ଅନିମେଷ କାନ୍ତି ପାଳଙ୍କ ଲିଖିତ ସାନ୍ତାଳୀ ନାଟକ ପ୍ରସଙ୍ଗ 'ଏବଂ ସାୟକ' ପତ୍ରିକାରେ ପ୍ରକାଶିତ ବିଷୟବସ୍ତୁ ଆଧାରରେ କିଛି ତଥ୍ୟ ଉଦ୍ଧୃତ । ଏହାର ପ୍ରକାଶନ କାଳ ଶାରଦୀୟ ବିଶେଷାଙ୍କ ୨୦୧୩ ।

୪) ଶିକ୍ଷିତ ସାନ୍ତାଳୀ ଭାଷାଭାଷୀ ଅଫିସର ଓ ସାନ୍ତାଳୀ ଶିକ୍ଷିତ ବ୍ୟକ୍ତିଙ୍କ ପାଖରୁ ପ୍ରକାଶିତ ତଥ୍ୟଭିତ୍ତିକ ଆଧାରରେ ଲିଖିତ ।

୫) ବର୍ତ୍ତମାନ ଆହୁରି ବହୁତ ତଥ୍ୟ ମିଳିନଥିବା ଦୃଷ୍ଟିରୁ ଏହା ସ୍ୱୟଂସମ୍ପୂର୍ଣ୍ଣ କରାଯାଇପାରି ନଥିବାରୁ ଦୁଃଖିତ ।

ବଡବଜାର, ଜଳେଶ୍ୱର
ବାଲେଶ୍ୱର, ପିନ୍– ୭୫୬୦୩୨

# ଚିଲିକାର ଆର୍ଦ୍ର ଭୂମି ସଂରକ୍ଷଣ

ଡାକ୍ତର ତ୍ରୈଲୋକ୍ୟନାଥ ମହାରଣା

ବିଶ୍ୱ ଜଳବାୟୁ ଓ ପରିବେଶର ସୁରକ୍ଷା ପାଇଁ ଆର୍ଦ୍ରଭୂମି ବା ୱେଟଲ୍ୟାଣ୍ଡର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବୃହତ୍ ଆର୍ଦ୍ରଭୂମି ଅଞ୍ଚଳ ବା କ୍ଷୁଦ୍ର ଜଳାଶୟ ଅଞ୍ଚଳ ହେଉ, ଏହାର ଉପକାରିତା ସୁଦୂରପ୍ରସାରି । ଖାଲି ମନୁଷ୍ୟ ସମାଜ ପାଇଁ ନୁହେଁ ସମସ୍ତ ପ୍ରାଣୀ ସମାଜ, ଜୀବଜନ୍ତୁ, ବୃକ୍ଷଲତା ଓ ଆମର ପରିବେଶ ସୁରକ୍ଷା ପାଇଁ ଏହାର ଆବଶ୍ୟକତା ଅତ୍ୟନ୍ତ ଜରୁରୀ ।

ଆମ ରାଜ୍ୟର ଏପରି ଏକ ବିଶାଳ ଆର୍ଦ୍ରଭୂମି ଅଞ୍ଚଳ ହେଲା ଚିଲିକା । ଚିଲିକାର ବିଶାଳ ଜଳରାଶି, ଜୈବ ବିବିଧତା, ପ୍ରାକୃତିକ ସୌନ୍ଦର୍ଯ୍ୟତା ସୁରକ୍ଷା ଆଜି ଆମ ପାଇଁ ଏକ ମୁଖ୍ୟ ପ୍ରସଙ୍ଗ । ସାଂପ୍ରତିକ ପରିସ୍ଥିତିରେ ଚିଲିକାରେ ଦେଖାଯାଉଥିବା ସମସ୍ୟା ଯେ କେବଳ ପ୍ରାକୃତିକ କାରଣରୁ ହେଉଛି ତାହା ଭାବିବା ଠିକ୍ ନୁହେଁ । ଏହା ପ୍ରାୟତଃ ମନୁଷ୍ୟକୃତ ।



ଆମେ ସମସ୍ତେ ମନେ ରଖିବା ଦରକାର ବିଶ୍ୱର ପରିବେଶ ସୁରକ୍ଷା ପାଇଁ ଚିଲିକାର ଆର୍ଦ୍ରଭୂମି ସୁରକ୍ଷା ବା ସଂରକ୍ଷଣ ଅତୀବ ଗୁରୁତ୍ୱପୂର୍ଣ୍ଣ । ଆର୍ଦ୍ରଭୂମି ସଂରକ୍ଷଣର ଗୁରୁତ୍ୱ ଚିଲିକା ବହନ କରିସାରିଛି । ବିଶ୍ୱ ଆର୍ଦ୍ରାଞ୍ଚଳ ସଂରକ୍ଷଣ ଓ ସୁରକ୍ଷା ପାଇଁ ୧୯୭୧ ମସିହା ଫେବୃଆରୀ ମାସରେ ଇରାନ୍‌ଠାରେ ଅନୁଷ୍ଠିତ ରାମସର ସମ୍ମିଳନୀରେ ବିଶ୍ୱର କୋଣାନୁକୋଣରୁ ପ୍ରତ୍ୟେକ ଦେଶର ପ୍ରତିନିଧି ଯୋଗଦେଇ ବିଭିନ୍ନ ଦେଶର ୧୬୩ଟି ଆର୍ଦ୍ରଭୂମି ଅତ୍ୟନ୍ତ ସ୍ପର୍ଶକାତର ଥିବା ସୂଚନା ପ୍ରଦାନ କରିଥିଲେ । ତନ୍ମଧ୍ୟରୁ କେବଳ ଭାରତରେ ୧୯ଟି ସ୍ଥାନ ଥିବା ଜଣାଯାଏ । ତନ୍ମଧ୍ୟରୁ ଭାରତର ପୂର୍ବ ଉପକୂଳରେ ଥିବା ଚିଲିକା ହ୍ରଦର ନାମ ଉଲ୍ଲେଖ ରହିଥିଲା । ଚିଲିକା ହ୍ରଦ ଓ ଏହାର ଆର୍ଦ୍ରଭୂମିର ବିଶାଳତାକୁ ବିଶ୍ୱର କବି, ଲେଖକ, ପଶୁପକ୍ଷୀ, ପରିବ୍ରାଜକ, ଭାବୁକମାନଙ୍କୁ ଆକୃଷ୍ଟ କରିଛି । ବିଶ୍ୱର କୋଣାନୁକୋଣରୁ ପକ୍ଷୀମାନେ ଏଠାକୁ ଚାଲି ଆସନ୍ତି । ଚିଲିକାର ବିଶାଳତା ଖାଦ୍ୟର ବିବିଧତା ଓ ପ୍ରାଚୁର୍ଯ୍ୟତା ଏବଂ ରାତ୍ରି ଯାପନରେ ପକ୍ଷୀଙ୍କ ବିଶ୍ରାମସ୍ଥଳୀ ରୂପେ ଦ୍ୱୀପଖଣ୍ଡର ଉପସ୍ଥିତି ବେଶ୍ ଅନୁକୂଳ ଥାଏ ।

ଚିଲିକା କୂଳର ଉତ୍ତାପ ଶୀତ ଋତୁରେ ୧୪ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ଗ୍ରୀଷ୍ମ ଋତୁରେ ସର୍ବାଧିକ ୪୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଥାଇ ହ୍ରଦ ମଧ୍ୟରେ ଉତ୍ତାପ ୩୩ଡିଗ୍ରୀ ସେଣ୍ଟିଗ୍ରେଡ୍‌ରୁ ଅଧିକ ନଥାଏ । ଚିଲିକା ଆର୍ଦ୍ରଭୂମି ଅଞ୍ଚଳର ନାତିଶୀତୋଷ୍ଣ ଜଳବାୟୁ ପକ୍ଷୀମାନଙ୍କ ପାଇଁ ଅନୁକୂଳ ଓ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ହିତକର । ୫୨ଟି ନଦନଦୀ ଯଥା ଦୟା, ଭାର୍ଗବୀ, ମଳାଗୁଣି, ଶାଳିଆ,

ମକରା, ଲୁଣା, ରନ୍‌ଚିରା, ମନ୍ଦାଗିନୀ, କଂସାରୀ ଓ ବଡଶଙ୍ଖ ଆଦି ଚିଲିକା ମଧ୍ୟରେ ମିଶିଛନ୍ତି । ପଟୁମାଟିର ଉର୍ବରତାରେ ବିଭିନ୍ନ କୀଟ, ଗେଣ୍ଡା ଓ ଛୋଟ ଛୋଟ ମାଛ ବଢିଥାନ୍ତି, ଯାହା ପକ୍ଷୀମାନଙ୍କ ପ୍ରିୟ ଖାଦ୍ୟ । ଚିଲିକା ଆର୍ଦ୍ରଭୂମି ଯୋଗୁଁ ଚତୁଃପାର୍ଶ୍ୱର ଗ୍ରାମାଞ୍ଚଳ ଶସ୍ୟକ୍ଷେତ୍ରରେ ଭରପୂର ହୋଇପଡେ । ଏଥିରୁ ବଢୁଥିବା ପ୍ରଚୁର ପୋକ ଖାଇ ପକ୍ଷୀମାନେ ଖାଦ୍ୟ ଆହରଣ କରିଥାନ୍ତି । ଏଥିସହ ଚିଲିକାର ଗେଣ୍ଡା, ଶାମୁକା, ପୋକଜୋକ ସନ୍ତସନ୍ତିଆ କାଦୁଅରୁ ଉତ୍ପନ୍ନ ଘାସ ପକ୍ଷୀମାନଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ବୋଲି କୁହାଯାଏ । ପକ୍ଷୀମାନଙ୍କ ମଳରେ ଫସ୍‌ଫରସ୍ ଓ ନାଇଟ୍ରୋଜେନ୍ କାରଣରୁ ଚିଲିକାର ଜଳଜାତ ଗୁଳ୍ମ ଉଦ୍ଭିଦର ଅଭିବୃଦ୍ଧି ହୁଏ । ଏହି ଗୁଳ୍ମ ଓ ଉଦ୍ଭିଦକୁ ମାଛ, କଙ୍କଡା ଖାଇବା ଦ୍ୱାରା ଚିଲିକାର ମତ୍ସ୍ୟ ସଂପଦର ବୃଦ୍ଧି ହୋଇଥାଏ । ଚିଲିକାରେ ମତ୍ସ୍ୟସଂପଦର ବୃଦ୍ଧି ପାଇଁ ପକ୍ଷୀମାନଙ୍କର ଉପସ୍ଥିତିକୁ ଜାହିର କରାଯାଏ । ଏଣୁ ଚିଲିକା ଅଞ୍ଚଳର ଆର୍ଦ୍ରଭୂମିରୁ ପକ୍ଷୀ, ଉଦ୍ଭିଦ, କୀଟଠାରୁ ମୃତ୍ତିକା, ପବନ ସବୁକିଛି ଆମମାନଙ୍କ ପାଇଁ ଓ ପରିବେଶ ସୁରକ୍ଷା ପାଇଁ ଉଦ୍ଦିଷ୍ଟ । ଏଣୁ ଏହାକୁ ବଞ୍ଚାଇ ରଖିବା ଦରକାର । ଆର୍ଦ୍ରଭୂମିଗୁଡିକର ଜଳଧାରଣ କ୍ଷମତା ଅଧିକ, ଯେଉଁ ମୃତ୍ତିକାର ଜଳଧାରଣ କ୍ଷମତା ଯେତେ ଅଧିକ, ସେ ମୃତ୍ତିକାରେ ନିମ୍ନସ୍ତରର ଉଦ୍ଭିଦଠାରୁ ଆରମ୍ଭ କରି ଉଚ୍ଚସ୍ତରର ଉଦ୍ଭିଦ ପାଇଁ ଏମାନଙ୍କର ପରିମାଣ ଅନ୍ୟ ସ୍ଥାନ ଅପେକ୍ଷା ସର୍ବାଧିକ । ଶୁଷ୍କ ଅଞ୍ଚଳ ସାଧାରଣତଃ ପକ୍ଷୀ ଓ ଉଦ୍ଭିଦ ଶୂନ୍ୟ । ଉଦ୍ଭିଦ ପତ୍ରରେ ହରିତ୍‌ଲବକ ସାହାଯ୍ୟରେ ଆଲୋକ ଶ୍ଳେଷଣ ଦ୍ୱାରା ଖାଦ୍ୟ ପ୍ରସ୍ତୁତ କରିଥାଏ । ଖାଦ୍ୟ ପ୍ରସ୍ତୁତରେ ଅମ୍ଳଜାନକୁ ତ୍ୟାଗକରି ଅଙ୍ଗାରକାମ୍ଳକୁ ବାୟୁମଣ୍ଡଳରୁ ଅବଶୋଷଣ କରିଥାନ୍ତି । ଏଣୁ ଆର୍ଦ୍ରଭୂମି ଅଞ୍ଚଳଗୁଡିକରେ ବାୟୁମଣ୍ଡଳର ଅମ୍ଳଜାନ ପରିମାଣ ଅଧିକ ଥାଏ । ସେଠାକାର ବାୟୁ ପ୍ରାଣୀଜଗତର ସୁସ୍ଥ ଜୀବନଧାରଣ ଓ ବିଶ୍ୱ ତାପମାତ୍ରାକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ଚିଲିକା ହେଉଛି ଏସିଆ ମହାଦେଶର ସର୍ବବୃହତ କ୍ଷାରୀୟ ଜଳ ବିଶିଷ୍ଟ ଏକ ସୁନ୍ଦର ଆର୍ଦ୍ରଭୂମି ଅଞ୍ଚଳ । ଏହାର ସୌନ୍ଦର୍ଯ୍ୟ ଓ ବୈଚିତ୍ର୍ୟ ଯୁଗଯୁଗ ଧରି ସମସ୍ତଙ୍କୁ ଆକୃଷ୍ଟ କରି ରଖିଛି । ଚିଲିକାର ଆର୍ଦ୍ର ଅଞ୍ଚଳରେ ୭୨୦ ପ୍ରଜାତିର ଉଦ୍ଭିଦ, ୧୨୦ ପ୍ରଜାତିର ପ୍ଲାଙ୍କୋଟନ୍, ୩୭ ପ୍ରଜାତିର ଜିଆ, ୧୩୬ ପ୍ରଜାତିର ଗେଣ୍ଡା ଓ ଶାମୁକା, ୨୮ ପ୍ରକାରର ଚିଙ୍ଗୁଡି, ୩୪ ପ୍ରକାରର କଙ୍କଡା, ୨୬୮ ପ୍ରକାରର ମାଛ, ୭ ପ୍ରକାର ଅମେରୁଦଣ୍ଡୀ ପ୍ରାଣୀ, ୩୦ ପ୍ରକାରର ସରୀସୃପ, ୨୨୫ ପ୍ରଜାତିର ପକ୍ଷୀ, ୧୮ ପ୍ରକାରର ସ୍ତନ୍ୟପ୍ରାୟୀ ପ୍ରାଣୀ ଓ ୩୯୯ ପ୍ରକାରର ହାଇଡୋପ୍ଲାଙ୍କୋଟୋନ୍ ଚିଲିକା ଆର୍ଦ୍ରଭୂମିରେ ଦେଖାଯାଆନ୍ତି । ଏବେ ଚିଲିକାରେ ସାନକୁଦରୁ ମୂଲ୍ୟବାନ ଭେଷଜ ଗୁଳ୍ମ 'ରୋଦନ୍ତୀ' ରହିଛି, ଯାହା ହିମାଳୟରେ ମଧ୍ୟ ଏକ ବିରଳ ଭେଷଜ ଗୁଳ୍ମ । ଚିଲିକା ଉନ୍ନୟନ ସଂସ୍ଥା ବା ସି.ଡି.ଏ ଦ୍ୱାରା ପ୍ରତିବର୍ଷ ଚିଲିକା ଆର୍ଦ୍ରଭୂମିର ଚତୁଃପାର୍ଶ୍ୱରେ ଥିବା ସ୍କୁଲ ପିଲାମାନଙ୍କୁ ନେଇ 'ବିଶ୍ୱ ଆର୍ଦ୍ରଭୂମି ସଂରକ୍ଷଣ ସଚେତନତା ସପ୍ତାହ' ପାଳନ କରୁଛନ୍ତି । ଏହାଦ୍ୱାରା ଆର୍ଦ୍ରଭୂମି ସଂରକ୍ଷଣ ପାଇଁ ସମସ୍ତଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି । ଚିଲିକାର ଜଳ ସଂପଦ ଜୀବଜଗତକୁ ପରିପୁଷ୍ଟ କରୁଥିବା ଗବେଷଣା, ଜୀବ ସୁରକ୍ଷା, ଜନସାଧାରଣଙ୍କ ମାନସିକ ପରିବର୍ତ୍ତନ ତଥା ବିଶ୍ୱରେ ଚିଲିକାର ଉତ୍କର୍ଷତା ପ୍ରତିପାଦନ ପାଇଁ ଚିଲିକା ଉପକୂଳବାସୀଙ୍କ ପ୍ରଚେଷ୍ଟା ଜାରି ରହିବା ଦରକାର ।

ପୃଥିବୀର ଆୟତନର ୬.୪ଶତାଂଶ ବା ୮୬ ଲକ୍ଷ ବର୍ଗ କି.ମି ହେଉଛି ଆର୍ଦ୍ର ଅଞ୍ଚଳ । ଏବେ ବିଶ୍ୱରେ ଚଳଚଞ୍ଚଳ ରହିଛି ୧୩୧୭ଟି ଆର୍ଦ୍ର ଅଞ୍ଚଳ । ଆମ ରାଜ୍ୟରେ ଚିଲିକା ଓ ଭିତର କନିକା ପରି ୨ଟି ଆର୍ଦ୍ରାଞ୍ଚଳ ରହିଛି । ଚିଲିକାର ଦୈର୍ଘ୍ୟ ୬୪.୫କି.ମି. ଓ ପ୍ରସ୍ଥ ୫ରୁ ୧୮କି.ମି । ୧୯୪୫ ମସିହାରେ ଚିଲିକା ଆର୍ଦ୍ରଭୂମିର ଆୟତନ ୨୯୪୬ବର୍ଗ କି.ମି ଥିବା ସ୍ଥଳେ ୧୯୬୨ ମସିହାରେ ୧୧୮୦ ବର୍ଗ କି.ମି ଓ ବର୍ତ୍ତମାନ ତାହା ଆହୁରି ସଙ୍କୁଚିତ ହେବାରେ ଲାଗିଛି । ଏହାଦ୍ୱାରା ବିଭିନ୍ନ ପ୍ରଜାତିର ପ୍ରାଣୀ ବିଲୁପ୍ତ ହେବାକୁ ବସିଲେଣି । ୧୯୮୧ ମସିହାରେ ଚିଲିକାକୁ ରାମସର ଘୋଷଣା କରାଯାଇଥିଲା । ଚିଲିକା କର୍ତ୍ତୃପକ୍ଷ ଆର୍ଦ୍ରଭୂମିର ଚତୁଃପାର୍ଶ୍ୱରେ ବୃକ୍ଷରୋପଣ, ଚିଲିକା ଆର୍ଦ୍ରଭୂମିର ସଂରକ୍ଷଣ ପାଇଁ ୨୦୦୨ ମସିହାରେ ଆର୍ଦ୍ରଭୂମି ସଂରକ୍ଷଣ ପୁରସ୍କାର ଲାଭ କରିଥିଲେ । ପୃଥିବୀରେ ବିରଳ ଇରାୱାଡି ଡଲ୍‌ଫିନ୍ ମୋଟ ସମୁଦାୟ ୧ହଜାର ମଧ୍ୟରେ ଥିବା ସ୍ଥଳେ କେବଳ ଚିଲିକାରେ ୧୦୦ରୁ ଊର୍ଦ୍ଧ୍ୱ ଅଛନ୍ତି । ଏ ଅଞ୍ଚଳର ଧୀବରମାନେ ଏହାକୁ 'ଭୁଆଶୁଣୀ', 'ସାଧବ ବୋହୂ' ବା କେତେକ 'ଶିଶୁମାର' ଆଦି ନାମରେ ଏହି ଡଲ୍‌ଫିନ୍‌କୁ ସମ୍ବୋଧନ କରନ୍ତି । ସେ ଧୀବରମାନଙ୍କୁ ଦେଖିଲେ ହିଁ ବିଶେଷ ଭାବରେ ଖେଳକୁଦ କରିଥାଏ, ଏମାନଙ୍କ ଚିତ୍ତ ବିନୋଦନ କରିଥାଏ । ସାତପଡା ଅଞ୍ଚଳରେ ଏମାନଙ୍କର ବହୁ ପରିମାଣରେ ଆତଯାତ ଯୋଗୁଁ ୧୯୯୫ ମସିହାରେ ସରକାର ପର୍ଯ୍ୟଟନସ୍ଥଳୀ ରୂପେ ଏହାକୁ ଘୋଷଣା କଲେ ମାତ୍ର ଏବେ ଏହାର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବହୁ ବିରଳ ଡଲଫିନ୍ ଏବେ ଧୀବରମାନଙ୍କ ମେସିନ୍ ଡଙ୍ଗାରେ ଆଘାତ ହୋଇ ମୃତ୍ୟୁବରଣ କଲେଣି । ଏଥିପାଇଁ ଆମେ ସମସ୍ତେ ସଚେତନ ହେବା ଜରୁରୀ ।

ଆଜି ସାରା ବିଶ୍ୱରେ ଜଳବାୟୁ ପରିବର୍ତ୍ତନର ଚର୍ଚ୍ଚା। ତାପମାତ୍ରା ବୃଦ୍ଧି ଯୋଗୁଁ ଉତ୍ତାପ ପ୍ରକୋପ, ବୃଷ୍ଟିପାତରେ ତାରତମ୍ୟ, ବନ୍ୟାବାତ୍ୟା ବିପ୍ଳାତ, ମରୁଡି, ଖାଦ୍ୟାଭାବ ପରି ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଇଛି । ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ବୃଦ୍ଧିରେ ପାଣିପାଗ ଉପରେ ପ୍ରଭାବ ପକାଉଛି । ଏହାଦ୍ୱାରା ଜୈବବିବିଧତା ହ୍ରାସ, କୃଷି ସଂପଦ ହ୍ରାସ, ଋତୁଚକ୍ରର ପରିବର୍ତ୍ତନ ପରି ସମସ୍ୟା ଦେଖାଦେଉଛି । ଏହା ଯୋଗୁଁ ସର୍ବତ୍ର 'ଆର୍ଦ୍ରଭୂମି' ସୁରକ୍ଷା ଚିନ୍ତା ବଢି ଚାଲିଛି । ଆର୍ଦ୍ରଭୂମି ସଂରକ୍ଷଣ ଆମର ପ୍ରତ୍ୟେକଙ୍କର ଆହ୍ୱାନ ହେବା ଉଚିତ୍ । ଏହାଦ୍ୱାରା ଆମ ଅଞ୍ଚଳର ପଶୁ, ପକ୍ଷୀ, ଉଦ୍ଭିଦ, କୀଟ, ପତଙ୍ଗ ବଞ୍ଚିପାରିବା ସହ ସୁନ୍ଦର ପ୍ରକୃତି ଓ ପରିବେଶ ସୁରକ୍ଷା ହୋଇପାରିବ । ଆର୍ଦ୍ରଭୂମି ସଂରକ୍ଷଣ ନହେଲେ ଆମ ପାଇଁ ଆଶଙ୍କାର କଳାପାହାଡ ଘେରି ଯିବ । ଆମେ ସଚେତନ ହେଲେ ଚିଲିକାର ଆର୍ଦ୍ରଭୂମି ସଂରକ୍ଷଣ ସହ ଏହାର ମୌଳିକତା ରକ୍ଷା ସହ ଜୈବବିବିଧତା ମଧ୍ୟ ବୃଦ୍ଧି ପାଇପାରିବ । ଚିଲିକାରେ ଜିରୋନେଟ୍ ବ୍ୟବହାରକାରୀ ମତ୍ସ୍ୟଜୀବୀ, ପକ୍ଷୀ ଶିକାରୀ, ଯନ୍ତ୍ର ଚାଳିତ ଡଙ୍ଗାର ବାହକ, ବେଆଇନ୍ ଚିଙ୍ଗୁଡି ଘେରି ନିର୍ମାତା, ଅବାଧ ଶବ୍ଦ ପ୍ରଦୂଷଣକାରୀ ବା ବାଣ କାରିଗରମାନେ ଚିଲିକାର ସୁରକ୍ଷା ପ୍ରତି ଧ୍ୟାନ ଦେବା ଉଚିତ୍ ।

ଚିଲିକାର ଆର୍ଦ୍ରଭୂମିର ସୁରକ୍ଷା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନ୍ 'ବନ୍ୟପ୍ରାଣୀ ସଂରକ୍ଷଣ ଆଇନ୍ ୧୯୭୨'କୁ କଡାକଡି ପାଳନ କରିବାର ଆବଶ୍ୟକତା ରହିଛି । ପ୍ରତ୍ୟେକ ବର୍ଷ ଅକ୍ଟୋବରରୁ ଫେବୃଆରୀ ମଧ୍ୟରେ ଚିଲିକାର ଆର୍ଦ୍ରଭୂମି ଅଞ୍ଚଳ ୧୦ରୁ ୧୨ଲକ୍ଷ ପକ୍ଷୀମାନଙ୍କ ଦ୍ୱାରା ଆଚ୍ଛାଦିତ । ଏଣୁ ଏହାର ସୁରକ୍ଷା ଆମମାନଙ୍କ ପାଇଁ ଏକ ବଡ ଆହ୍ୱାନ । ଚିଲିକା ଆର୍ଦ୍ରଭୂମି ଚତୁଃପାର୍ଶ୍ୱରେ ଥିବା ମା' କାଳିଜାଈ ଠାକୁରାଣୀ, ମା' ଉଗ୍ରତାରା, ମା' ଭଗବତୀ, ମା' ନାରାୟଣୀ, ବାବା ଅଲାରନାଥ, ନବଗ୍ରହ ମନ୍ଦିର, ଭାବକୁଣ୍ଡେଳେଶ୍ୱର ଆଦି ମନ୍ଦିର ଓ ପର୍ଯ୍ୟଟନ ସ୍ଥଳୀ ଚିଲିକାର ପର୍ଯ୍ୟଟକଙ୍କ ପାଇଁ ଆହୁରି ପ୍ରସିଦ୍ଧି ଲାଭ କରିଛି ।

ଚିଲିକାର ଜୈବ ବିବିଧତା ପରିପୂର୍ଣ୍ଣ ଯୋଗୁଁ ଏହାକୁ ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ଭୂମି ରୂପେ ଆଦୃତ କରାଯାଇଛି । ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ଅଧୀନରେ ଗଠିତ ଜାତୀୟ ଆର୍ଦ୍ରଭୂମି ପ୍ରବାଳ କମିଟି ମଧ୍ୟ ଚିଲିକାର ସଂରକ୍ଷଣ ଓ ପରିଚାଳନା ପାଇଁ ନୀତି ନିର୍ଦ୍ଧାରଣ କରିଛନ୍ତି । ଏଥିରେ ଜନସଂଖ୍ୟା ବୃଦ୍ଧି, ସହରଗୁଡିକର କ୍ରମବର୍ଦ୍ଧମାନତା, ପାର୍ଶ୍ୱବର୍ତ୍ତୀ ଶିଳ୍ପ କାରଖାନା, ବିସ୍ଫୋରକ ଦ୍ରବ୍ୟ ଆଦି ପ୍ରତି ଗୁରୁତ୍ୱ ଦେଇ ଏହାକୁ ପ୍ରତିହତ ପାଇଁ ଆହ୍ୱାନ ଦିଆଯାଉଛି । ଚିଲିକାର ଆର୍ଦ୍ରଭୂମି ଅଞ୍ଚଳ ପକ୍ଷୀ ଅଭୟାରଣ୍ୟ ରୂପେ ବିଶ୍ୱସ୍ତରୀୟ ମାନ୍ୟତା ହାସଲ କରିଛି । ଏହାର ନଳବଣ, କାଳିଜାଈ ଦ୍ୱୀପ, ହନିମୁନ୍ ଦ୍ୱୀପ, ବଡକୁଳ, ରମ୍ଭା ଆଦି ଦ୍ୱୀପ ପରିବେଶ ପର୍ଯ୍ୟଟନ ସ୍ଥଳୀ ରୂପେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ମାନ୍ୟତା ହାସଲ କରିଛି ।

ଏଣୁ ଚିଲିକାର ଏହି ଆର୍ଦ୍ରଭୂମି ସଂରକ୍ଷଣ ପ୍ରତି ଆମେ ସମସ୍ତେ ସଜାଗ ହେବାର ଆବଶ୍ୟକତା ରହିଛି ।

ସାଧାରଣ ସମ୍ପାଦକ
ବାଲୁଗାଁ- ବାଣପୁର ଜନକଲ୍ୟାଣ ମଞ୍ଚ
ବାଲୁଗାଁ, ଜିଲ୍ଲା- ଖୋର୍ଦ୍ଧା- ୭୫୨୦୩୦

❖ ❖ ❖

# କାନ୍ତକବି ଲକ୍ଷ୍ମୀକାନ୍ତଙ୍କ କଥା ସାହିତ୍ୟର ଦାର୍ଶନିକ ପୃଷ୍ଠଭୂମି

ସନ୍ତୋଷ କୁମାର ବେଜ୍

ସାହିତ୍ୟ ସମାଜର ପ୍ରତିବିମ୍ବ । ବିଶେଷତଃ କଥା ସାହିତ୍ୟ ସାମାଜିକ ବାସ୍ତବତା ରୂପାୟନର ସର୍ବଶ୍ରେଷ୍ଠ ସାରସ୍ୱତ ବୈଶିଷ୍ଟ୍ୟ ଭାବରେ ଗୃହୀତ । ଶିଳ୍ପୀର ସ୍ୱାଧୀନତା କଥା ସାହିତ୍ୟରେ ବିସ୍ତୀର୍ଣ୍ଣ । ଜଣେ କଥାଶିଳ୍ପୀ ଗୋଟିଏ ସମୟ ଖଣ୍ଡର ଭାଷ୍ୟ ତା' ରଚନାରେ ଚରିତ୍ରମାନଙ୍କ ମାଧ୍ୟମରେ ଉପସ୍ଥାପିତ କରିବା ନିମିତ୍ତ କୌଣସି ଅଙ୍କୁଶ ନଥାଏ । ଏଣୁ ଉପନ୍ୟାସକୁ ଆଧୁନିକ ଜୀବନର ମହାକାବ୍ୟ କୁହାଯାଏ । ସେହିପରି ଗଳ୍ପର ସଂକୁଚିତ ଆଙ୍ଗିକ ମଧ୍ୟରେ ହୃଦୟର ବେଦନାକୁ ପ୍ରକାଶ କରାଯାଇଥାଏ । ଉପନ୍ୟାସ ଗୋଟିଏ ସମୟ ଖଣ୍ଡର କଥା କହିଲାବେଳେ କ୍ଷୁଦ୍ରଗଳ୍ପ ହୁଏତ ଗୋଟିଏ ମୁହୂର୍ତ୍ତର କଥା କହେ । ସେହି ଗୋଟିଏ ମୁହୂର୍ତ୍ତ ବର୍ଣ୍ଣନା ମଧ୍ୟରେ ରହିଥାଏ ସେହି ସମୟର ସଂକେତ । ତେଣୁ ପ୍ରତ୍ୟେକ କଥାକାର ତାଙ୍କ କଥା ସାହିତ୍ୟରେ ନିଜ ସମୟ ଖଣ୍ଡର ବୃତ୍ତାନ୍ତ ଚରିତ୍ରମାନଙ୍କ ମାଧ୍ୟମରେ ଉପସ୍ଥାପିତ କରିଥାନ୍ତି । କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ରଚନାରେ ମଧ୍ୟ ତାହା ପରିଦୃଷ୍ଟ ହୋଇଥାଏ । ଲକ୍ଷ୍ମୀକାନ୍ତଙ୍କ ସାହିତ୍ୟ ସାଧନାର ସମୟ ଭାରତବର୍ଷ ତଥା ଓଡ଼ିଶା ନିମିତ୍ତ ଏକ ଗୁରୁତ୍ୱପୂର୍ଣ୍ଣ ସମୟ । ତାଙ୍କ ବେଳକୁ ବ୍ରିଟିଶ୍ ଉପନିବେଶବାଦ ବିରୋଧରେ ଭାରତରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମ ଆରମ୍ଭ ହୋଇ ଯାଇଥାଏ । ସେହି ସମୟରେ ଓଡ଼ିଶା ତଥା ଭାରତବର୍ଷରେ ଇଂରାଜୀ ଶିକ୍ଷା ଓ ସଂସ୍କୃତିର ପ୍ରସାର ଓ ପ୍ରଚାର ଦ୍ୱାରା ଏକ ନବ୍ୟ ସଭ୍ୟ ଶିକ୍ଷିତ ଗୋଷ୍ଠୀ ସମାଜରେ ସାହେବୀ କାଇଦାରେ ଜୀବନଯାପନ ଆରମ୍ଭ କରିଦେଇଥାନ୍ତି । ରେଭେନ୍ସା କଲେଜ୍ ପ୍ରତିଷ୍ଠା ପାଇଥିବାରୁ, ନୂତନ ଶିକ୍ଷିତ ଯୁବଗୋଷ୍ଠୀ ସମାଜର ଆକର୍ଷଣର ବିନ୍ଦୁ ହୋଇଥାଏ । ଏହି ସମୟରେ ଦୁଇଟି ବିଶ୍ୱଯୁଦ୍ଧ ଭାରତୀୟ ସାମାଜିକ ଜୀବନରେ ଗଭୀର ଆଲୋଡ଼ନ ସୃଷ୍ଟି କରିଥାଏ । ଏହା ସହିତ ଭାରତୀୟ କୃଷିଭିତ୍ତିକ ଗ୍ରାମୀଣ ସଭ୍ୟତାରେ ନଗର ଓ ସହର ସୃଷ୍ଟି ହୋଇ ଭାରତୀୟ ସମାଜର ଢାଞ୍ଚାଗତ ପରିବର୍ତ୍ତନ ସମାହିତ ହେଉଥାଏ । ଏହିପରି ଏକ ବିରାଟ ପୃଷ୍ଠଭୂମିରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କଥା ସାହିତ୍ୟର ସୃଷ୍ଟି । ଫକୀର ମୋହନ ସାହିତ୍ୟ ମାଧ୍ୟମରେ ଯେଉଁ ସମାଜ ସଂସ୍କାର ଆରମ୍ଭ କରିଥିଲେ, ତାହା କାନ୍ତକବି ନିଜ ରଚନା ମାଧ୍ୟମରେ ଆହୁରି ଅଧିକ ଶକ୍ତିଶାଳୀ କରିପାରିଥିଲେ ।



'ଫକୀର ମୋହନଙ୍କ ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପ ଓଡ଼ିଶାର ଅଗଣିତ ଜନସାଧାରଣଙ୍କର ଜୀବନର ଆଲେଖ୍ୟ ବହନ କରି ସମୃଦ୍ଧ ହେବାକୁ ଲାଗିଲା । ଧର୍ମୀୟ, ସାମାଜିକ ଓ ସାଂସ୍କୃତିକ ଜୀବନର ଭାବଧାରାକୁ ମୁଖ୍ୟ ଉପାଦାନ ଭାବରେ ଗ୍ରହଣ କଲା ଏହି ସମୟର କ୍ଷୁଦ୍ରଗଳ୍ପ । ଫକୀର ମୋହନ ଖାଣ୍ଟି ଓଡ଼ିଆ ସମାଜର ଚିତ୍ର ପ୍ରଦାନ କରିଥିଲାବେଳେ ତାଙ୍କର ପରବର୍ତ୍ତୀ କଥାକାରମାନେ

କ୍ଷୁଦ୍ରଗଳ୍ପରେ ଅର୍ନ୍ତଜାତୀୟ ଚିନ୍ତା ଓ ଚେତନାକୁ ଅନୁପ୍ରବେଶ କରାଇବାକୁ ଲାଗିଲେ। ଏ ସମୟର କ୍ଷୁଦ୍ରଗଳ୍ପରୁ ଚରିତ୍ର ଆଞ୍ଚଳିକ ପରିବେଶରୁ ଜନ୍ମ ନେଇଥିଲେ ମଧ୍ୟ ଚିନ୍ତା ଓ ଚେତନାରେ ଆନ୍ତର୍ଜାତିକ ଭାବଧାରାରୁ ଅଲଗା ନୁହେଁ। ଫକୀର ମୋହନ ସମାଜର ଗୋଟିଏ ଗୋଟିଏ ପରିବେଶକୁ ବିଶେଷ ଭାବରେ ବର୍ଣ୍ଣନା କରିଥିଲାବେଳେ ଏ ସମୟରେ ସମାଜର ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଭାବାବେଗକୁ କ୍ଷୁଦ୍ର ଗଳ୍ପରେ ପ୍ରାଧାନ୍ୟ ଦିଆଗଲା। ପୁନଶ୍ଚ ଫକୀରମୋହନଙ୍କ ପଲ୍ଲୀକୈନ୍ଦ୍ରିକ ସମାଜ-ଚେତନାର ସୃଷ୍ଟିରେ ଆଲୋଚ୍ୟ ସମୟରେ ନଗର କୈନ୍ଦ୍ରିକ ସମାଜ-ଚେତନା ସହିତ ସଂଘର୍ଷ ଦେଖିବାକୁ ମିଳିଥାଏ। ଏହା ବ୍ୟତୀତ ଏହି ସମୟରେ ଭାରତର ସ୍ୱାଧୀନତା ଆନ୍ଦୋଳନ, ପ୍ରଥମ/ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ବିଶ୍ୱଯୁଦ୍ଧଜନିତ ଆର୍ଥନୀତିକ ସଂକଟ ଓ ସାମାଜିକ ଆଲୋଡନ, ଭାରତରେ ଜାତୀୟତାର ନୂତନ ପ୍ରାଣସ୍ପନ୍ଦନ, ମହାତ୍ମା ଗାନ୍ଧୀଙ୍କର ସମାଜ-ସଂସ୍କାର ଆନ୍ଦୋଳନ, ବିଧବା ବିବାହ ପ୍ରଚଳନ, ଅସ୍ପୃଶ୍ୟତା ନିବାରଣ, ମଦ୍ୟ ଓ ନିଶାଦ୍ରବ୍ୟ ସେବନର ବିରୋଧ, ନାରୀଶିକ୍ଷାର ପ୍ରସାର, ଓ ରାଜନୀତିରେ ନାରୀଙ୍କର ଅଂଶଗ୍ରହଣ, ସ୍ୱରାଜ ଲାଭପାଇଁ ସତ୍ୟାଗ୍ରହ ଆନ୍ଦୋଳନ ଆଦି ବିଭିନ୍ନ ଘଟଣାମାନ କଥାକାରମାନଙ୍କୁ ନୂତନ ଭାବଧାରାରେ କ୍ଷୁଦ୍ରଗଳ୍ପ ରଚନା କରିବାକୁ ପ୍ରେରଣା ଦେଇଥିଲା। ଭାରତୀୟ ମୁକ୍ତି ସଂଗ୍ରାମକୁ ଛାଡିଦେଲେ ଏହି ସମୟରେ ଋଷିଆର ବଲ୍‌ସେଭିକ୍ ଆନ୍ଦୋଳନର ପ୍ରଭାବ ମଧ୍ୟ ଓଡିଶାର କଥାକାରମାନଙ୍କୁ କମ୍ ପ୍ରଭାବିତ କରି ନଥିଲା। ଗୋଟିଏ ଦିଗରେ ଗାନ୍ଧିଜୀଙ୍କର ଅହିଂସ ଆନ୍ଦୋଳନ ଏବଂ ଅନ୍ୟ ଦିଗରେ କାଲ୍‌ମାର୍କସଙ୍କର ଦ୍ୱନ୍ଦ୍ୱାତ୍ମକ ବସ୍ତୁବାଦର ପରୀକ୍ଷା ତତ୍କାଳୀନ ସାହିତ୍ୟିକମାନଙ୍କୁ ବିଶେଷ ଭାବରେ ପ୍ରେରଣା ଦେଇଥିଲା ସାହିତ୍ୟ ସୃଷ୍ଟି କରିବା ପାଇଁ। ଏହିସବୁ ରାଜନୀତିକ, ସାମାଜିକ ଓ ସାଂସ୍କୃତିକ ଭାବଧାରାକୁ ନେଇ ଓଡିଶାରେ ଗଳ୍ପକାରମାନେ ଗଳ୍ପ ରଚନା କରିବାକୁ ଲାଗିଲେ। (୧)

ଫକୀର ମୋହନ ଯେଉଁ ସମାଜକୁ ନିଜ କଥାସାହିତ୍ୟର ଭିତ୍ତି କରିଥିଲେ, ଲକ୍ଷ୍ମୀକାନ୍ତ ସେହି ସାମାଜିକ ପୃଷ୍ଠଭୂମିର ଦୁଇପାଦ ଆଗରେ ଥିଲେ। ଲକ୍ଷ୍ମୀକାନ୍ତଙ୍କ ବେଳକୁ ଓଡିଶାରେ ସହରୀ ସଂସ୍କୃତି ଆରମ୍ଭ ହୋଇଯାଇଥିଲା। ସଭ୍ୟ ଶିକ୍ଷିତ ଗୋଷ୍ଠୀ ସମାଜରେ ପ୍ରତିଷ୍ଠା ପାଇସାରିଥିଲେ। ଲକ୍ଷ୍ମୀକାନ୍ତ ଯେହେତୁ କଟକରେ ତାଙ୍କର ଛାତ୍ରଜୀବନ ଅତିବାହିତ କରିଥିଲେ ତେଣୁ ସଭ୍ୟ, ଶିକ୍ଷିତ ସମାଜ ସହିତ ଥିଲା ତାଙ୍କର ଆତଯାତ। ଏହାକୁ ସେ ତାଙ୍କ ଗଳ୍ପର ଭିତ୍ତିଭାବେ ଗ୍ରହଣ କରିଛନ୍ତି। ସମକାଳୀନ ଓଡିଆ ଗଳ୍ପ ଗ୍ରାମୀଣ ସମାଜର ଚିତ୍ର ପ୍ରଦାନ କରୁଥିବା ସମୟରେ ଲକ୍ଷ୍ମୀକାନ୍ତଙ୍କ ଅଧିକାଂଶ ଗଳ୍ପ ସହରୀ ଜୀବନର ଚିତ୍ର ପ୍ରଦାନ କରିଥାଏ। ଗଳ୍ପର ଚରିତ୍ରମାନେ ମଧ୍ୟ ଉଚ୍ଚଶିକ୍ଷିତ, ପ୍ରଗତିଶୀଳ ତଥା ଆଧୁନିକ। ଏହାର ସର୍ବଶ୍ରେଷ୍ଠ ଉଦାହରଣ ଭାବେ 'ଉତ୍କଟ ପ୍ରେମ' ଗଳ୍ପକୁ ଗ୍ରହଣ କରାଯାଇପାରେ। ଗଳ୍ପର ନାୟକ ରମଣୀ ମୋହନ ସଂପର୍କରେ ସେ ଲେଖିଛନ୍ତି 'ରମଣୀ ମୋହନ ଥିଲେ ଭାରି ବଡଲୋକର ଏକମାତ୍ର ଉତ୍ତରାଧିକାରୀ। ବି.ଏ କ୍ଲାସ୍‌ରେ ଥିଲାବେଳେ ହେଲା ତାଙ୍କ ପିତାଙ୍କର ମୃତ୍ୟୁ। ବିଶାଳ ଜମିଦାରି, ନଗଦା କାରବାର, କଣ୍ଟ୍ରାକ୍ଟରି ଆଦି ବହୁତ କାମ। ଅତଏବ ରମଣୀ ମୋହନଙ୍କୁ ଆଗତ୍ୟା କଲେଜରୁ ବିଦାୟ ନେବାକୁ ପଡିଲା ଅକାଳରେ। କିନ୍ତୁ ଏ ବୟସରେ ସେସବୁ କାମରେ ମନ ଲାଗିଲା ନାହିଁ ତାହାଙ୍କର ମୋଟେ। ମେନେଜରଙ୍କ ଉପରେ ସବୁଭାର ଦେଇ ସେ ଯୌବନଟାକୁ ଷୋଳପଣ ଉପଭୋଗ କରିନେବାକୁ ବାହାରି ପଡିଲେ। (୨) ରମଣୀମୋହନଙ୍କ ଚରିତ୍ର ମାଧ୍ୟମରେ ଲକ୍ଷ୍ମୀକାନ୍ତ ତତ୍‌କାଳୀନ ଶିକ୍ଷିତ ଯୁବକମାନଙ୍କ ଚାରିତ୍ରିକ ବିଶେଷତ୍ୱ ପ୍ରକାଶ କରିଛନ୍ତି। ଏହା ସହିତ ସେହି ସମୟରେ ଶିକ୍ଷିତ ଯୁବତୀମାନଙ୍କ ଚାରିତ୍ରିକ ବିଶେଷତ୍ୱ ଓ ବେଶ ପୋଷାକର ବର୍ଣ୍ଣନା ମଧ୍ୟ କରିଛନ୍ତି। ଓଡିଆ ଯୁବତୀମାନେ କିପରି ଅତ୍ୟାଧୁନିକା ବେଶପୋଷାକରେ ସଜ୍ଜିତ ହେଉଥିଲେ ତାହାର ଚିତ୍ର ମଧ୍ୟ ଏହି ଗଳ୍ପଟିରେ ଦେଖିବାକୁ ମିଳେ । 'ସେଦିନ ସିନେମାରେ ଶେଷ ଦେଖା ଦେଖି ଆସିବାର ମନ କରି ସେ ଚାଲିଲା ସେଇଆଡେ। ଗେଟ୍ ପାଖରେ ହଠାତ୍ ଦେଖିଲା, ଗୋଟିଏ ଯୁବତୀ ସୁନ୍ଦରୀ ଅବଶ୍ୟ, ଖୁବ୍ ଗୋରୀ ଓ ଆଧୁନିକା ଶାଢ଼ୀ, ବ୍ଲାଉସ୍ ପିନ୍ଧା । ହୁଏତ ୟୁରୋପୀୟ କିମ୍ବା ପାରସୀ ସେ ଯାହାହେଉ, ଏକାକିନୀ ଯେତେବେଳେ, ବାଣୁଆ ପକ୍ଷରେ ଉପଯୁକ୍ତ ଶୀକାର।' (୩) କେବଳ ବେଶପୋଷାକ ନୁହେଁ, ଓଡିଆ ଯୁବକମାନଙ୍କ ଚଳଣିରେ ଯେଉଁ ପରିବର୍ତ୍ତନ ଆସିଛି, ତାହାକୁ ମଧ୍ୟ ରମଣୀମୋହନ ଚରିତ୍ର ମାଧ୍ୟମରେ ଲକ୍ଷ୍ମୀକାନ୍ତ ପ୍ରକାଶ କରିଛନ୍ତି। ଇଂରାଜୀ ଶିକ୍ଷା ସଭ୍ୟତା ଓ ସଂସ୍କୃତି ଓଡିଆ ଯୁବସମାଜର ଅନ୍ତରୀଣ ବିକାଶରେ ସହାୟକ ନହୋଇ କେବଳ ଦୃଶ୍ୟମାନ ସଂସ୍କୃତି ହୋଇଛି, ତାହା ଏଠାରେ ସେ ବର୍ଣ୍ଣନା କରିଛନ୍ତି। ଇଂରାଜୀ କହିବା, ମଦ ଓ ସିଗାରେଟ୍ ପିଇବା ସେସମୟର ଏକ ଅଭିଜାତ ସଂସ୍କୃତି ଥିଲା। ତାହାର ବର୍ଣ୍ଣନା କରିବାକୁ ଯାଇ ଲକ୍ଷ୍ମୀକାନ୍ତ ଲେଖିଛନ୍ତି ଖେଳ ଆରମ୍ଭ ହେବାକୁ ଡେରି ଅଛି। ସେ ଲଗାଇଲା ସିଗାରେଟ୍ ଯେତେଦୂର ସମ୍ଭବ ଧୂଆଁ ଗୁଡାକ ଛାଡିଲା ସେ ଯୁବତୀ ଆଡକୁ ଆଶାଟା ଯେ, ଧୂଆଁ ଖୋର ହୋଇ ନଥିଲେ ସେ ନିଶ୍ଚେ ବୁଲିପଡି କିଛି କହିବ ବିରକ୍ତ ହୋଇ। ତାହାହେଲେ ସେ ତରବରକି ଉଠି କ୍ଷମାଭିକ୍ଷା କରିବ ଓ ସେହି ସୂତ୍ରରେ ଆଳାପ ଜମେଇ ନେବ।

ଆଉ ଯଦି ସେ ଧୂଆଁ ଖାଇ ହୋଇଥିବ, ତେବେ ସିଗାରେଟ ଗନ୍ଧ ପାଇ ନିଶ୍ଚେ ତା ପାଟିରୁ ଲାଳ ବହିବ ଏବଂ ସେହି ସୁଯୋଗରେ ସେ ତାକୁ ସିଗାରେଟ୍ ଯାଚି ଆଳାପ ଆରମ୍ଭ କରିବ। (୪)

'ଉତ୍କଟ ପ୍ରେମ' ଗଳ୍ପଟିର କାହାଣୀର ପରିଣତି ଯଦିଓ ଏକ ହାସ୍ୟମୟ ପରିବେଶ ମଧ୍ୟରେ ସମାପ୍ତି ହୋଇଛି, ମାତ୍ର ଏହାର ଅନ୍ତଃସ୍ଥଳରେ ରହିଥିବା ବକ୍ତବ୍ୟଟି ଅତି ମାର୍ମିକ ଓ ସମସାମୟିକ। ଧନର ଅହମିକା ଏବଂ ଶିକ୍ଷାର ଆଭିଜାତ୍ୟ ତତ୍କାଳୀନ ଯୁବକମାନଙ୍କ ଚାରିତ୍ରିକ ବିକାଶରେ ସହାୟକ ନହୋଇ ଅବକ୍ଷୟର କାରଣ ହୋଇଛି ତାହା ଏହି ଗଳ୍ପଟିରେ ବର୍ଣ୍ଣିତ ହୋଇଛି। କେବଳ 'ଉତ୍କଳ ପ୍ରେମ' ନୁହେଁ 'ଫୁର୍ତ୍ତିବାଜ', 'ଆତ୍ମହତ୍ୟା', 'ପହିଲୁ କେସ୍' ଆଦି ଗଳ୍ପର କାହାଣୀ ଏହି ସମାନ ଦୃଷ୍ଟିକୋଣ ନେଇ ରଚିତ ହୋଇଛି। 'ଫୁର୍ତ୍ତିବାଜ' ଗଳ୍ପରେ ତତ୍କାଳୀନ ଯୁବକମାନେ କିପରି ଫୁର୍ତ୍ତିରେ ଜୀବନ କାଟୁଥିଲେ, କୌଣସି ସାମାଜିକ ଦାୟିତ୍ୱ ନେବା ନିମିତ୍ତ ପ୍ରସ୍ତୁତ ନଥିଲେ ତାହାର ଚିତ୍ର ଏଥିରେ ପ୍ରଦାନ କରାଯାଇଛି। ବିଦ୍ୟାଧର ଖାଇସାରି ପୁଣି ଥରେ ଫିରେଇଟା ସଜାଡିଦେଇ ସାଇ ବୁଲିବାକୁ ବାହାରିଛି। ଘରଭିତରୁ ମାମୁଁ ଡାକି କହିଲେ, ହଇରେ ବିଦା, ଶୁଣିଲୁ!'

ବିଦ୍ୟାଧର ପୁଣି ମୁଣ୍ଡଟାରେ ହାତ ମାରିଦେଇ, ମୁହଁ କିସ୍ କିସ୍ କରି ମାମୁଁଙ୍କ ଆଗରେ ଯାଇ ଠୁନି ହୋଇ ଛିଡାହେଲା।

ମାମୁଁ କହିଲେ, ଏଇ ପିରିକା ତାସ, ପଶା ଖେଳି, ଆଖଡା କରି ଜୀବନଟା କଟେଇ ଦବୁ ଭାବିଛୁ – ନାହିଁ?'

ବିଦ୍ୟାଧର ଚୁପ୍ ।'(୫) ରମଣୀମୋହନ ଧନୀକ ଓ ଉଚ୍ଚଶିକ୍ଷିତ, ବିଦ୍ୟାଧର ଗାଉଁଲି ଶିକ୍ଷିତ, ମାତ୍ର 'ମଙ୍ଗଳିଆ' ଗଳ୍ପର ନାୟକ ସୁର ଇଂଜିନିୟର, ଇଂଜିନିୟର ହୋଇ ମଧ୍ୟ ତା' ପାଇଁ ସେସମୟରେ ଚାକିରୀ ନଥିଲା। ଏକ ସଂଘର୍ଷମୟ ଜୀବନର ଚିତ୍ର ପ୍ରଦାନ କରାଯାଇଛି ସୁର ଚରିତ୍ର ମାଧ୍ୟମରେ 'ସୁର ଭାବିଥିଲା, ଇଂଜିନିୟରିଙ୍ଗ ପାସ୍ କରିସାରିଲେ ତା'ର ଦୁଃଖ ଯିବ। ସେଥିପାଇଁ ସେ ଜମିବାଡି ବିକି, ଧାର ଉଧାର କରି, ଦେହ କଷ୍ଟ ସହି, ଜୀବନ ମୁରୁଛା କରି ପଢ଼ିଲା ପାଠ।

ହେଲା ପାସ୍। ପାସ୍ କରିବା ନିଶାଟା ଦୁଇ ଚାରିଦିନ ଭିତରେ ଯିମିତି କଟିଗଲା, ତା'ପରେ ପଡିଲା ଘୋର ଚିନ୍ତି – ରୋଜଗାର, ଚାକିରି! ଆଜିକାଲିର ବଜାରରେ ଚାକିରିର ଯେଉଁ ଦର! ଭାବିଥିଲା, ପାସ୍ କଲାକ୍ଷଣି ଚାକିରୀ ଆସି ଆପେ ଆପେ ତା' ଗୋଡତଳେ ପଡି ଲୋଟିବ। ସେ ସେଥିରୁ କେତେଗୁଡାକୁ ଗୋଇଠା ମାରି ଦେବ ଫୋପାଡି, ଆଉ ଯଉଁଟାକୁ ମନ ମାନିବ ସେହିଟାକୁ ସେ ଦୟା କରି ବରଣ କରିବ।

ମନେ ମନେ କହିଲା, ଚୋରି, ଡକାଏତି, ଲୁଟ୍, ଅଥବା ଆତ୍ମହତ୍ୟା। ଏହାଛଡା ଆଉ ଉପାୟ ନାହିଁ। ଆଛା! ଦେଖାଯାଉ।(୬)

ଲକ୍ଷ୍ମୀକାନ୍ତ ଥିଲେ ବାସ୍ତବତାର ଉନ୍ମୋଚନକାରୀ ଲେଖକ। ଗୋଟିଏ ପ୍ରଥାବଦ୍ଧ ଭାବନା ଅଥବା ମୂଲ୍ୟବୋଧକୁ ଅବିକଳ ଭାବରେ ଉପସ୍ଥାପିତ ନକରି, ତାକୁ ଏକ ଭିନ୍ନ ଭଙ୍ଗୀରେ ନିଜ ଗଳ୍ପରେ ସେ ଉପସ୍ଥାପିତ କରୁଥିଲେ। 'ପହିଲୁ କେସ୍' ଗଳ୍ପଟି ଏହାର ଉଦାହରଣ ଯୋଗ୍ୟ। ଜଣେ ସଦ୍ୟ ଓକିଲାତି ପାସ୍ କରିଥିବା ଯୁବକ ଜଣେ ଦରିଦ୍ର ସ୍ତ୍ରୀ ଲୋକକୁ ସାହାଯ୍ୟ କରିବାକୁ ଯାଇ ମାଗଣାରେ ତା' କେସ୍ କୋର୍ଟରେ ଲଢ଼ି ସଫଳତା ପାଇବାକୁ ଯିବା ସମୟରେ ଗରିବ ସ୍ତ୍ରୀ ଲୋକଟି ତାକୁ ପ୍ରତାରିତ କରି ଆଉ ଜଣେ ଓକିଲକୁ କେସ୍‌ଟି ଦେଇଦେଇଛି ଏବଂ ଅଭିଯୋଗ କରି କହିଛି ବାବୁ, ପୋଲାରେ ଯେ କାମ କରନ୍ତି ତାଙ୍କର ବୁଦ୍ଧି ଅକଲ କମ୍ –ସେ ଓକିଲ କେମିତି ଖଲାସ କରିବେ ?

ମୁଁ ଥମକିନା ବସିପଡିଲି। ସେ ପୁଣି କହିଲା, 'ମୁଁ କାନ୍ଦି ବୋବେଇ ଏଠିକାର ବଡ ଓକିଲ ମାଧବାବୁଙ୍କୁ କହିଛି। ସେ ମକଦ୍ଦମା ନବାକୁ ରାଜି ହୋଇଛନ୍ତି କମ୍ ଟଙ୍କାରେ।' (୭) ଏହି ଗଳ୍ପରେ ରହିଛି ଦୁଇଟି ଦିଗ। ପ୍ରଥମ ଦିଗଟିରେ ଲେଖକଙ୍କର ଦରିଦ୍ରମାନଙ୍କ ପ୍ରତି ଥିବା ଦୃଷ୍ଟିକୋଣ ପ୍ରକାଶିତ ହୋଇଛି। ଦରିଦ୍ର ଲୋକଟି ଯେ ସଚ୍ଚୋଟ ଓ ବିଶ୍ୱସ୍ତ ଏହା କୁହାଯାଇ ପାରିବ ନାହିଁ। ଦରିଦ୍ର ସ୍ତ୍ରୀ ଲୋକଟି କେତେ ଅବିଶ୍ୱସ୍ତ ଓ ଅସମ୍ବେଦନଶୀଳ ହୋଇପାରେ ତାହା ଏହି ଗଳ୍ପରେ ପ୍ରତିଫଳିତ ହୋଇଛି। ଅଥଚ ଓକିଲାତି କରି ଜୀବିକା ନିର୍ବାହ କରୁଥିବା ଯୁବକଟିଏ ପ୍ରତାରକ ହେବାର ସମସ୍ତ ଚାରିତ୍ରିକ ବିଶେଷତା ରହିଥିବା ବେଳେ ଏଠାରେ ଲେଖକ ତାକୁ ସଚ୍ଚୋଟ, ସତ୍ୟନିଷ୍ଠ, ସମ୍ବେଦନଶୀଳ ଏବଂ ସାହାଯ୍ୟକାରୀ ଚରିତ୍ର ଭାବରେ ଉପସ୍ଥାପିତ କରିଛନ୍ତି। ତାଙ୍କର ଅନ୍ୟ ଗଳ୍ପଗୁଡିକରେ ଚରିତ୍ରମାନେ ନକରାତ୍ମକ ଭାବନାକୁ ଜୀବନର ସମ୍ବଳ କରିଥିବା ସମୟରେ ଏଠାରେ ଯୁବ ଓକିଲଟି ମଧ୍ୟରେ ଏକ ଅସ୍ତିବାଚକ ଚାରିତ୍ରିକ ବିଶେଷତା ପ୍ରକାଶ କରାଯାଇଛି। ଏ ଦୃଷ୍ଟିରୁ ଏହି ଗଳ୍ପଟିରେ ସାର୍ଥକତା ରହିଛି ।

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସମକାଳୀନ ବିଶ୍ୱଚେତନାକୁ ତିନିଜଣ ମହାମନିଷୀ ପ୍ରଭାବିତ କରିଥିଲେ। ଜଣେ

ମହାତ୍ମା ଗାନ୍ଧୀ, ଅନ୍ୟଜଣେ କାର୍ଲମାର୍କସ୍ ଓ ତୃତୀୟ ଜଣକ ସିଗ୍‌ମଣ୍ଡ ଫ୍ରଏଡ୍। ଏହି ତିନିଜଣଙ୍କ ବିଚାରଧାରା ସେତେବେଳ ସର୍ଜନାତ୍ମକ କଳାକୁ ଗଭୀରଭାବେ ପ୍ରଭାବିତ କରିଥିଲା। ମହାତ୍ମାଗାନ୍ଧୀଙ୍କ ଅହିଂସା ଓ ଅସହଯୋଗ ଆନ୍ଦୋଳନ, କାର୍ଲମାର୍କସ୍‌ଙ୍କ ଶ୍ରେଣୀଚେତନା ଏବଂ ସିଗ୍‌ମଣ୍ଡ ଫ୍ରଏଡଙ୍କ ଅବଚେତନ ମନର ମନସ୍ତତ୍ତ୍ୱ ଚିନ୍ତାଜଗତରେ ଅନେକ ଆଲୋଡନ ସୃଷ୍ଟି କରିଥିଲା। ବିଂଶ ଶତାବ୍ଦୀର ଉନ୍ମେଷ ସହିତ କ୍ଷୁଦ୍ରଗଳ୍ପ ରାଜ୍ୟରେ ଯେଉଁ ତୁମୁଳ ପରିବର୍ତ୍ତନ ଘଟିଛି ସେଥିପାଇଁ ମନସ୍ତତ୍ତ୍ୱର ସମୀକ୍ଷାକାରୀ ଫ୍ରୟେଡଙ୍କୁ ହିଁ ଅଧିକ ପ୍ରଶସ୍ତି ମିଳିଥାଏ। ମନୋରାଜ୍ୟର ସମସ୍ତ ବିପ୍ଳବ ଓ ଆଲୋଡନକୁ କ୍ଷୁଦ୍ରଗଳ୍ପର ସୀମିତ ପରିବେଶ ଭିତରେ ପରୀକ୍ଷା କରିବାରେ ଲରେନ୍‌ସ, ଜେମସ୍ ଜଏସ୍ ଓ ମମ୍ ଆଦି କଥାକାରମାନେ ବିଶେଷ ଆଗ୍ରହ ପ୍ରକାଶ କରିଥିଲେ। ସେହିପରି ମାର୍କସଙ୍କ ସାମ୍ୟବାଦୀ ଦର୍ଶନ ମଧ ସାମାଜିକ ଓ ଶ୍ରେଣୀ ସମସ୍ୟା ଗୁଡିକ ଉପରେ ଅଧିକ ଗୁରୁତ୍ୱ ଆରୋପ କରିବାକୁ ଲେଖକମାନଙ୍କୁ ଅନୁପ୍ରେରିତ କରିଥିଲା। ଫଳରେ ଶ୍ରେଣୀ ସଂଘର୍ଷ, ସାଧାରଣ ମଣିଷର ହତାଶା ଓ ହାହାକାର, ଯୁଦ୍ଧ ପରବର୍ତ୍ତୀ ଜୀବନର ଦୁରବସ୍ଥା, ବ୍ୟାପକ ଆର୍ଥନୀତିକ ଅସଙ୍ଗତି– ଏସବୁ କ୍ରମେ ଗଳ୍ପରାଜ୍ୟରେ ବଳିଷ୍ଠ ପ୍ରଭାବ ସୃଷ୍ଟି କରିଅଛି। ଏସବୁ ବ୍ୟାପକ ଜାତୀୟ ଓ ଅନ୍ତର୍ଜାତୀୟ ବିଷୟବସ୍ତୁର ପ୍ରୟୋଗ ଆମ କଥାସାହିତ୍ୟରେ ଫକୀର ମୋହନଙ୍କ ପରବର୍ତ୍ତୀ କାଳରେ କାଳିନ୍ଦୀଚରଣ ପାଣିଗ୍ରାହୀ, ଭଗବତୀ ଚରଣ ପାଣିଗ୍ରାହୀ, ନିତ୍ୟାନନ୍ଦ ମହାପାତ୍ର, ସଚ୍ଚିଦାନନ୍ଦ ରାଉତରାୟ, ଗୋପୀନାଥ ମହାନ୍ତି, ରାଜକିଶୋର ପଟ୍ଟନାୟକ, ରାଜକିଶୋର ରାୟ, ସୁରେନ୍ଦ୍ର ମହାନ୍ତି, ମନୋଜ ଦାସ, ଶାନ୍ତନୁ ଆଚାର୍ଯ୍ୟ, ମହାପାତ୍ର ନୀଳମଣି ସାହୁ, ଚନ୍ଦ୍ର ଶେଖର ରଥ ଓ ଅନ୍ୟମାନେ ଫକୀରମୋହନଙ୍କ ଗଳ୍ପଗୁଡିକ ଘଟଣାରାଜିକୁ କେନ୍ଦ୍ରକରି ଚରିତ୍ରଠାରେ ଆରୋପିତ ହୋଇଥିଲା। କାଳନ୍ଦୀବାବୁ ଓ ସଚ୍ଚି ରାଉତରାଙ୍କ ଗଳ୍ପରେ କିନ୍ତୁ ମଣିଷ ଓ ମଣିଷତ୍ତର ମନସ୍ତତ୍ତ୍ୱ ଏକ ମାନବବାଦୀ ଦୃଷ୍ଟିଭଙ୍ଗୀ ନେଇ ପ୍ରକଟିତ। (୮) ଏଠାରେ ପ୍ରଫେସର ଶତପଥୀ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ନାମ ଉଲ୍ଲେଖ କରିନଥିଲେ ହେଁ, କାନ୍ତକବି ସେ ସମୟରେ ଫ୍ରଏଡଙ୍କ ମନସ୍ତତ୍ତ୍ୱ ନେଇ ବହୁ ଗଳ୍ପ ରଚନା କରିଛନ୍ତି। ମାର୍କସଙ୍କ ଶ୍ରେଣୀ ଚେତନା ଦ୍ୱାରା ସେ ତାଠାରୁ ଅଧିକ ପ୍ରଭାବିତ ହୋଇଥିଲେ। ଏପରିକି ତାଙ୍କର ସର୍ବାଧିକ ଚର୍ଚ୍ଚିତ ଗଳ୍ପ 'ଅଧିକାର'କୁ ମାର୍କସବାଦୀ ଶ୍ରେଣୀଚେତନା ଦ୍ୱାରା ପ୍ରଭାବିତ ବୋଲି ଆଲୋଚନା କରିଥିବା ସମୟରେ ବାସ୍ତବରେ ଏହି ଗଳ୍ପଟି ଏକ ସ୍ୱାମୀର ମନସ୍ତତ୍ତ୍ୱ ଉପରେ ଆଧାରିତ ହୋଇଛି। ସେହିପରି ଅଧିକାଂଶ ଗଳ୍ପରେ ଯୁବକ ଯୁବତୀ ଓ ପ୍ରୌଢ଼ଙ୍କ ମନସ୍ତତ୍ତ୍ୱର ଚିତ୍ର ଦେଖିବାକୁ ମିଳେ।

ଅସହଯୋଗ ଆନ୍ଦୋଳନ ଓ ଗାନ୍ଧୀଦର୍ଶନ ତାଙ୍କ କଥା ସାହିତ୍ୟକୁ ଗଭୀରଭାବେ ପ୍ରଭାବିତ କରିଛି। ତାଙ୍କର ଅଧିକାଂଶ ଗଳ୍ପରେ ସ୍ୱାଧୀନତା ସଂଗ୍ରାମର ଚିତ୍ର ଦେଖିବାକୁ ମିଳିଥାଏ। ପିକେଟିଙ୍ଗ୍, ଆନ୍ଦୋଳନ ଏବଂ ସତ୍ୟାଗ୍ରହର ବର୍ଣ୍ଣନା ତାଙ୍କ ଗଳ୍ପର ପରିବେଶରେ ଜାତୀୟତାବାଦୀ ଚେତନାର ବାସ୍ତବଚିତ୍ର ଉପଲବ୍ଧ କରାଇଥାଏ। ତାଙ୍କର ଏକମାତ୍ର ଉପନ୍ୟାସ 'କଣାମାମୁ' ରଚନାର ପଶ୍ଚାଦ୍‌ପଦରେ ମଧ ଗାନ୍ଧୀବାଦୀ ଦର୍ଶନ ନିହିତ। କଣାମାମୁକୁ ଜଣେ ସତ୍ୟାଗ୍ରହୀ ଭାବେ ପ୍ରତିଷ୍ଠିତ କରିବାକୁ ଥିଲା ଲକ୍ଷ୍ମୀକାନ୍ତଙ୍କ କାମନା ଯଦିଓ ଶାରୀରିକ ଅସୁସ୍ଥତା ନିମିତ୍ତ ତାହା ସମ୍ଭବ ହୋଇପାରି ନଥିଲା'। ଭଦ୍ରକରେ ଥିଲାବେଳେ ସେ ତାଙ୍କର ପ୍ରସିଦ୍ଧ ଉପନ୍ୟାସ 'କଣାମାମୁ'ର ମୂଳଦୁଆ ପକାଇଥିଲେ। ନାନା ଜଞ୍ଜାଳ ଓ ପ୍ରତିକୂଳ ପରିସ୍ଥିତି, ରଚନାର ଅଗ୍ରଗତିରେ ଘୋର ପ୍ରତିବନ୍ଧକ ସୃଷ୍ଟି କରିଥିଲା ଓ ରଚନା ପୂରାପୂରି ବନ୍ଦ ହୋଇଯାଇଥିଲା। କଟକର ପରିବେଶ ଅନୁକୂଳ ପରିସ୍ଥିତି ସୃଷ୍ଟି କଲା। ତାଙ୍କ ପ୍ରତି ଅନୁରକ୍ତ କେତେକ ସାହିତ୍ୟିକଙ୍କର ଏକାନ୍ତ ଅନୁରୋଧ ଏଡାଇ ନପାରି ସେ ପୁନର୍ବାର 'କଣାମାମୁ' ରଚନାରେ ଲାଗିପଡିଲେ। 'କଣାମାମୁ' ର ମୁଣ୍ଡିମରା ଦେଖିବାକୁ ବହୁ ସାହିତ୍ୟିକ ଅତ୍ୟନ୍ତ ବ୍ୟଗ୍ରତା ପ୍ରକାଶ କରିବାରୁ କାନ୍ତକବି ତରତର ହୋଇ ରଚନା ଶେଷ କରିଦେଲେ। କଣାମାମୁଙ୍କ ଅନ୍ତର୍ଦ୍ଧାନରେ ପୁସ୍ତକଟି ଶେଷ ହୋଇଛି। ଏହା ସମ୍ପୂର୍ଣ୍ଣ କି ଅସମ୍ପୂର୍ଣ୍ଣ ତାହା ବହୁ ସମାଲୋଚକଙ୍କ ବିଚାରବସ୍ତୁ ହୋଇଛି। ସେତେବେଳେ କିନ୍ତୁ ସ୍ୱୟଂ କାନ୍ତକବି କହିଥିଲେ ଯେ ଆଉ ଟିକିଏ ବର୍ଦ୍ଧିତ କରି ନିମ୍ନଲିଖିତ ବିଷୟବସ୍ତୁ ସଂଯୋଗ କଲେ ବହିଟି ବୋଧହୁଏ ଅଧିକ ଉପାଦେୟ ହେବ। କଣାମାମୁଙ୍କ ଅନ୍ତର୍ଦ୍ଧାନ ପରେ ବହୁବର୍ଷ ବିତିଯାଇଥିବ – ଉପନ୍ୟାସର ନାୟକ ହୁଏତ ବୟସ୍କ ହୋଇ ଯାଇଥିବେ – ହଠାତ୍ ଦିନେ କଣାମାମୁଙ୍କ ଆବିର୍ଭାବ ହେବ। ସେତେବେଳକୁ ଭାରତବର୍ଷରେ ସ୍ୱାଧୀନତାର ପ୍ରାକ୍‌କାଳ ହୋଇଥିବ। ସମସ୍ତେ ତାଙ୍କୁ ବେଢ଼ିଯାଇ ସେ କେଉଁଠି ଥିଲେ ଓ କଅଣ କରୁଥିଲେ ବୋଲି ପଚାରିବେ। କଣାମାମୁ ସମସ୍ତଙ୍କୁ ନିଜର କାର୍ଯ୍ୟକଳାପ ସ୍ୱରୂପ ସ୍ୱାଧୀନତା ସଂଗ୍ରାମ ତଥା ସୁଭାଷ ବୋଷଙ୍କ ଭାରତୀୟ ଜାତୀୟ ସେନାଙ୍କର ଅଭିଯାନର ଏକ ଚିତ୍ର ଦେବେ। ଭାରତର ସ୍ୱାଧୀନତା ଲୋପ ପାଇ ବ୍ରିଟିଶ୍ ଶାସନର ଚରମ ପ୍ରତିଷ୍ଠାଠାରେ ହିଁ ଫକୀରମୋହନଙ୍କ ଲେଖନୀ ବନ୍ଦ ହୋଇଛି। ଏହିଠାରୁ ସ୍ୱାଧୀନତା ସଂଗ୍ରାମ ଓ ଭାରତର ସ୍ୱାଧୀନତା ପ୍ରାପ୍ତିର ଚିତ୍ର ଦେଇ କାନ୍ତକବି ଫକୀର ମୋହନଙ୍କ ଯୁଗ ସଙ୍ଗେ ଅତ୍ୟାଧୁନିକ

ଯୁଗର ଏକ ସଂଯୋଗ ସୂତ୍ର ସ୍ଥାପନର ପରିକଳ୍ପନା କରିଥିଲେ। ଅନୁକୂଳ ବାତାବରଣ ପାଇଥିଲେ ସେ ଏହି ବିଷୟକ ମୂଳ ଗ୍ରନ୍ଥରେ ଯୋଗକରି ଥାଆନ୍ତେ। ପାଣ୍ଡୁଲିପିର ଗୋଟିଏ ପୃଷ୍ଠା ମଧ୍ୟ ଡ଼ଗର ପ୍ରେସ୍‌ର ତତ୍କାଳୀନ କେତେକ ଅସାବଧାନ କର୍ମଚାରୀଙ୍କ ଯୋଗୁଁ ନଷ୍ଟ ହୋଇଯାଇଥିଲା। ଅବଶ୍ୟ ଏହି ଶେଷ ପୃଷ୍ଠାରେ ଖୁବ୍ ଅଳ୍ପ ବିଷୟବସ୍ତୁ ଥିଲା।' (୯) ଯଦିଓ ଉପନ୍ୟାସଟି ଅସମାପ୍ତ, ତଥାପି ଉପନ୍ୟାସରେ ପ୍ରକାଶିତ ହୋଇଥିବା ଭାବବଳୟ ଓ ସମାଜଚିତ୍ର ଏହାକୁ ସବୁଦିନେ ଚର୍ଚ୍ଚାର ପରିସରକୁ ଆଣିବ। ତେବେ 'କଣାମାମୁ'ର ଇଂରାଜୀ ଅନୁବାଦ ଏହି ଉପନ୍ୟାସର କାଳଜୟୀ ଗୁଣକୁ ସ୍ୱୀକୃତ କରିଛି। ଲକ୍ଷ୍ମୀକାନ୍ତଙ୍କ ଏଇ ଉପନ୍ୟାସ 'କଣାମାମୁ' ଇଂରାଜୀରେ ଅନୁବାଦିତ ହୋଇଛି ଓ ସର୍ବଭାରତୀୟ ସ୍ତରରେ ଲୋକପ୍ରିୟତା ଅର୍ଜନ କରିଛି। ଏହି କ୍ଲାସିକ ଉପନ୍ୟାସକୁ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ସ୍ୱର୍ଗୀୟ ନୀରଦ ମହାପାତ୍ର ଦୂରଦର୍ଶନରେ ପ୍ରାୟ ୭ଗୋଟି ଅଧ୍ୟାୟରେ ଧାରାବାହିକ କରିଛନ୍ତି । ତାଙ୍କର ଅନ୍ୟ କୃତି ବିଶେଷତଃ 'ଅସହଯୋଗୀର ଆତ୍ମକଥା'କୁ ଯଥାଶୀଘ୍ର ଇଂରାଜୀରେ ଅନୁବାଦ କରାଯାଇ ପାରିଲେ ତାଙ୍କର ଦୂରଦୃଷ୍ଟି ସମ୍ପନ୍ନ ସାରସ୍ୱତ ପ୍ରତିଭାର ପ୍ରମାଣ ଆହୁରି ଅକାଟ୍ୟ ହୋଇପାରନ୍ତା।' (୧୦)

ବହୁ ସାହିତ୍ୟ ଆଲୋଚକ ଲକ୍ଷ୍ମୀକାନ୍ତଙ୍କୁ ଫକୀର ମୋହନ ଯୁଗ ଏବଂ ସତ୍ୟବାଦୀ ଯୁଗର ସଂଯୋଗ ସେତୁ ଭାବେ ପ୍ରତିପାଦିତ କରିଥାନ୍ତି। ମାତ୍ର ଶାନ୍ତନୁ କୁମାର ଆଚାର୍ଯ୍ୟ ତାଙ୍କୁ ଜଣେ ସ୍ଥିତିବାଦୀ ଲେଖକଭାବେ ଆଖ୍ୟାୟିତ କରିଛନ୍ତି। 'ତେବେ ଏତିକି ହାୱା ପରିବର୍ତ୍ତନ ଯଥେଷ୍ଟ ନଥିଲା ଲକ୍ଷ୍ମୀକାନ୍ତଙ୍କ ପାଇଁ, ତାଙ୍କୁ ସ୍ୱସ୍ଥାନରେ ପ୍ରତିଷ୍ଠା ପାଇଁ ଆବଶ୍ୟକ ଯୁଦ୍ଧୋତ୍ତର ଯୁଗର ନୂଆ ବିଚାରଧାରା। ଅର୍ଥାତ୍ – (ଏବର ଅସ୍ତିତ୍ୱବାଦ ମାନଦଣ୍ଡର ପ୍ରୟୋଗ। ଲକ୍ଷ୍ମୀକାନ୍ତ ଯଥାର୍ଥରେ ଜଣେ ଅସ୍ତିତ୍ୱବାଦୀ। ଏଠାରେ ତାହାହିଁ ବିଚାର୍ଯ୍ୟ। ଫକୀର ମୋହନଙ୍କ ସହିତ ଲକ୍ଷ୍ମୀକାନ୍ତଙ୍କ ତୁଳନା ଅନିର୍ବାର୍ଯ୍ୟ। ଉଭୟ ଥିଲେ ପଦ୍ୟ ଓ ଗଦ୍ୟ ଶୈଳୀର ଲେଖକ କିନ୍ତୁ ଫକୀର ମୋହନଙ୍କ ଗଦ୍ୟ ତାଙ୍କୁ ଦେଲା ଅଧିକ ମର୍ଯ୍ୟାଦା। ସେ ରାଧାନାଥଙ୍କ ତତ୍‌ସମ ଓ ତଦ୍‌ଭବ ଭାଷା ପରିବର୍ତ୍ତେ ଦେଶଜ ଏବଂ ବୈଦେଶିକ ଭାଷାକୁ ମୁକ୍ତଭାବେ ବ୍ୟବହାର କରୁଥିଲେ) ।'

ଏହା ତାଙ୍କର ସମସାମୟିକ ସାହିତ୍ୟିକମାନଙ୍କ ରୁଚିକୁ ନ ରୁଚିବା କଥା। ପୁଣି ଫକୀର ମୋହନଙ୍କ ଚରିତ୍ରସବୁ ସାରିଆ, ଭଗିଆ, ରାଣ୍ଡୀପୁଅ ଅନନ୍ତା ଇତ୍ୟାଦି ପ୍ରୋଲିଟାରିଏଟ୍ ଚରିତ୍ର ସାଙ୍ଗକୁ ନିମ୍ନବର୍ଗର ସାମନ୍ତ ଶ୍ରେଣୀ, ଯଥା– ରାମଚନ୍ଦ୍ର ମଙ୍ଗରାଜ, ଦିଲ୍‌ଦାର ମିଆଁ ପ୍ରଭୃତି। ଏମାନେ ରାଧାନାଥଙ୍କ ଯୁଗକୁ ଅନାଇଲେ ଆଦୌ ପାତ୍ରୋପଯୋଗୀ ନଥିଲେ। ଥିଲେ କିଏ ? ଉଷା, ପାର୍ବତୀ, ନନ୍ଦିକେଶରୀ, ଯଯାତି କେଶରୀ ବା କାବ୍ୟ ନାୟିକା–ଚିଲିକା, ଚନ୍ଦ୍ରଭାଗା, କେଦାରଗୌରୀର ଗୌରୀ ସମେତ ମାଳ ମାଳ ବଂଶଜ ସୁନ୍ଦରୀ ଯେଉଁମାନଙ୍କୁ ଏବେ ରୁପେଲି ପରଦାରେ ଦେଖିବାକୁ ପ୍ରୋଲିଟାରିଏଟ୍ ଦର୍ଶକ ପାଗଳ କିନ୍ତୁ ସାହିତ୍ୟରେ ନାୟକ ନାୟିକାଙ୍କୁ ଇତିହାସ ବାଛିଲା ଅନ୍ୟ ପ୍ରକାରେ। ସେମାନେ ହେଲେ ଫକୀରମୋହନୀୟ– ଏଲିଟସ୍‌ମାନେ ଏମାନଙ୍କୁ ପ୍ରଥମ ସ୍ଥାନ ଦେଲେ– ଗଣତନ୍ତ୍ର ଓ ସମାଜବାଦ ପ୍ରତି କାଳୋଚିତ ଅନୁରକ୍ତି ହେତୁ ତେଣୁ ପ୍ରଚଳନ ଆରମ୍ଭ ହେଲା ଫକୀର ମୋହନଙ୍କ ଯୁଗର, ରାଧାନାଥଙ୍କ ଯୁଗ ପଡିଗଲା ପଛରେ। ଇତିହାସ ଗୋଟିଏ ହାତୀ ଯେ ଶୁଣ୍ଢରେ ସୁନା କଳସ ଧରି ଯୁଗପୁରୁଷ ବରଣ କରିବାକୁ ଆସେ। ଏ ହାତୀ ଯୁଗସ୍ରଷ୍ଟାଙ୍କ ମୁଣ୍ଡରେ ଅଭିଷେକ ଜଳ ଢାଳେ, ତାଙ୍କୁ ପିଠିରେ ବସାଏ କିନ୍ତୁ କଥା ସେତିକିରେ ସରେନା। ହାତୀର ପରବର୍ତ୍ତୀ କାମଟି ହେଲା ଦଳାଚକଟା। ସେତେବେଳେ ଯେ ପଡିଲା ହାବୁଡରେ, ସେ ମଲା ହାତୀ ଗୋଡ ତଳେ। ଇତିହାସର ଏଇ ନିୟମ ଯୋଗୁଁ ଫକୀର ମୋହନ ହାତୀ ଚଢ଼ିଲେ, ଆଉ ଲକ୍ଷ୍ମୀକାନ୍ତ ହେଲେ ଛାୟାମୂର୍ତ୍ତି। ତାଙ୍କର ବଳିଷ୍ଠ ଗଦ୍ୟ ଏବଂ ସର୍ବାଧୁନିକ ଅସ୍ତିତ୍ୱବାଦୀ ଅଭିଜ୍ଞତାଲବ୍ଧ ଅଭିବ୍ୟକ୍ତିକୁ ଉପରୋକ୍ତ ମୂଲ୍ୟ ଦେବାକୁ ସମାଲୋଚକୀୟ ପ୍ରସ୍ତୁତି ନଥିଲା ସେତେବେଳେ। ତେଣୁ ଲକ୍ଷ୍ମୀକାନ୍ତଙ୍କ କାନ୍ତକବି ଉପାଧି କାଏମ ରହିଲା। ତାଙ୍କୁ ଯୁଗସ୍ରଷ୍ଟାର ସମ୍ମାନ ଦେବାକୁ ଓଡିଆ ସାହିତ୍ୟର ଐତିହାସିକମାନେ ଭୁଲିଯିବା ସ୍ୱାଭାବିକ। ଅନେକ ବର୍ଷ ବିତିଗଲାଣି ଏ ମଧ୍ୟରେ ସ୍ୱାଧୀନତା ପରଠାରୁ କିନ୍ତୁ ମନେ ହେଉଛି ବର୍ତ୍ତମାନ ଇତିହାସର ପୃଷ୍ଠା ଓଲଟିବା ସମୟ ହୁଏତ ଆସିଛି। ଏବେ ଦେଖାଯାଉ ଇତିହାସର ପୁନର୍ମୂଲ୍ୟାୟନର ପ୍ରୟାସ ଦ୍ୱାରା ସେସମୟର ଜଣେ ତଥାକଥିତ ଗୀତିକାର କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ସ୍ୱରୂପ ସମାଲୋଚକର ଦର୍ପଣରେ କେଉଁ ରୂପରେ ପ୍ରତିଫଳିତ ହେଉଛି।' (୧୧)

ବାସ୍ତବରେ କାନ୍ତକବିଙ୍କୁ ଜଣେ ଦେଶପ୍ରେମୀ, ଜାତୀୟତାବାଦୀ, ମାନବବାଦୀ ଓ ସ୍ଥିତିବାଦୀ ଲେଖକଭାବେ ଆଖ୍ୟାୟିତ କଲେ ତାଙ୍କ ସର୍ଜନାଦୃଷ୍ଟିକୁ ସଂକୀର୍ଣ୍ଣ ଗଣ୍ଡିଭିତରେ ଆବଦ୍ଧ କଲାପରି ମନେହେବ। କାରଣ ସେ ଥିଲେ ପ୍ରଗତିଶୀଳ ଲେଖକ ଓ ଭାବାଦର୍ଶରେ ତାଙ୍କ ସମସାମୟିକ ଲେଖକମାନଙ୍କଠାରୁ ବହୁ ଆଗରେ। ତାଙ୍କ ସର୍ଜନାତ୍ମକ ଦୃଷ୍ଟିକୋଣ 'ଦେଶ, କାଳ ଓ ପାତ୍ର'ର ସଂକୀର୍ଣ୍ଣ ଗଣ୍ଡିମଧ୍ୟରେ ସୀମାବଦ୍ଧ ନଥିଲା। ସେ ମହାମାନବତାବାଦ ବିଶ୍ୱପ୍ରେମରେ ନିଜକୁ ଦୀକ୍ଷିତ କରିଥିଲେ, ତାହାହିଁ

ତାଙ୍କ ସାହିତ୍ୟର ବ୍ୟାପ୍ତି। 'ଏକା କଥା' ଗଳ୍ପରେ ଏଣୁ ସ୍ପଷ୍ଟଭାବରେ ବିଶ୍ୱପ୍ରେମ, ସାର୍ବଭୌମଜୀବନ ଧର୍ମନିରପେକ୍ଷ ରାଷ୍ଟ୍ର ଓ ବିଶ୍ୱ ସଂସ୍କୃତିର କଥା ଉଲ୍ଲେଖ କରିଛନ୍ତି। 'ଭାରତରେ ଲୋକେ ଏକ ହୋଇ ପାରୁନାହାନ୍ତି କାହିଁକି, ଜାଣ ? ମନ ଅଛି ସମସ୍ତଙ୍କର କିନ୍ତୁ ଛାଡିପାରୁନାହାନ୍ତି କେହି ଗୋଟାଏ ଜିନିଷ ଅହଙ୍କାର। ହିନ୍ଦୁ, ଶିଖ୍, ମୁସଲମାନ, ଖ୍ରୀଷ୍ଟିୟାନ, ବଙ୍ଗାଳୀ, ଓଡିଆ, ଆସାମୀ, ଆନ୍ଧ୍ର, ଗୁଜୁରାଟୀ, ମରହଟ୍ଟୀ ପ୍ରତ୍ୟେକ ଧରିଛନ୍ତି' ଆମର Culture, ଆମର Tradition'–ସେହି କେଉଁ ପୁରୁଣା କାଳିଆ ଆଇମା ଅମଳର ଭଙ୍ଗା, ଦଦରା, ଘୁଣଖିଆ Civilization, Conventionକୁ। ଏହି ହେଉଛି ପ୍ରଧାନ ଅନ୍ତରାୟ। ଏହି ଦମ୍ଭଟା ଛାଡିଲା ମାତ୍ରକେ ସବୁ ହୋଇଯିବ ଏକା। କିନ୍ତୁ ତାହା ଶିକ୍ଷାରେ ବା ବକ୍ତୃତାରେ ହୋଇପାରିବ ନାହିଁ, Practical ଲୋଡା ।

ଏହିପରି ଜନ୍ମ ହେବ ଯେ Cosmopolitan Child, ସେ କରିପାରିବ ନାହିଁ ଗୋଟିଏ କିଛି Cultureର ଗର୍ବ। ସେ ହେବ ସାର୍ବଭୌମ ମାନବ। ସବୁକୁ କହିବ ସେ ନିଜର, ସମସ୍ତିଙ୍କୁ କରିବ ସେ ନିଜର।

ଏହି ଦୃଷ୍ଟିରୁ ଅନୁଶୀଳନ କଲେ କାନ୍ତକବି ସମସାମୟିକ ବିଶ୍ୱଚେତନାକୁ ଗଭୀର ଭାବେ ଅନୁଶୀଳନ କରି ନିଜର ଏକ ନିଜସ୍ୱ ଚିନ୍ତା ଓ ଚେତନା ସୃଷ୍ଟି କରିପାରିଥିଲେ। ଭାରତୀୟ ସମାଜ ବ୍ୟବସ୍ଥା ଓ ସଂସ୍କୃତିକୁ ସମଗ୍ର ବିଶ୍ୱର ପ୍ରେକ୍ଷାପଟ୍ଟରେ ତଉଲି ଏକ ପ୍ରଗତିଶୀଳ ରାଷ୍ଟ୍ର ଓ ଜାତି ନିର୍ମାଣର ସ୍ୱପ୍ନ ଦେଖିଥିଲେ। ଭାରତର ଆତ୍ମାକୁ ସେ ବିଶ୍ୱର ଆତ୍ମା ସହିତ ସମ୍ମିଳିତ କରାଇବାରେ ଚେଷ୍ଟିତ ଥିଲେ। ତାଙ୍କ ସାହିତ୍ୟ ଥିଲା ବିଶ୍ୱମାନବର ଚିରନ୍ତନ ସାହିତ୍ୟ। କୌଣସି ଦେଶ ଅଥବା କାଳଖଣ୍ଡରେ ତାଙ୍କ ସାହିତ୍ୟ ସୀମାବଦ୍ଧ ହୋଇ ରହିନାହିଁ।

"Besides these types of awe-inspiring approaches of patriotism, there is another aspect of expression. It is lofty and sober approach which fills the human heart with a serene beauty, charm and attachment for the soil. This feeling of oneness creates a niche in the reader's heart." (13)

**ପାଦଟୀକା**


(୧)ସାମଲ ବୈଷ୍ଣବ ଚରଣ, ଓଡିଆ ଗଳ୍ପ:

ଉନ୍ମେଷ ଓ ଉତ୍ତରଣ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ–୨, ୧୯୯୮, ପୃଷ୍ଠା–୩୩୮

(୨)କାନ୍ତ ସାହିତ୍ୟମାଳା, ଦ୍ୱିତୀୟ ଖଣ୍ଡ, ଓଡିଶା ବୁକ୍ ଏମ୍ପୋରିୟମ, କଟକ–୨, ୧୯୬୪, ପୃଷ୍ଠା–୮୫୧

(୩)ତତ୍ରେବ, ପୃଷ୍ଠା –୮୫୨

(୪)ତତ୍ରେବ, ପୃଷ୍ଠା –୮୫୨

(୫)ତତ୍ରେବ, ପୃଷ୍ଠା –୮୫୪

(୬)ତତ୍ରେବ, ପୃଷ୍ଠା –୮୫୭

(୭)ତତ୍ରେବ, ପୃଷ୍ଠା –୮୭୭

(୮)ଶତପଥୀ, ନିତ୍ୟାନନ୍ଦ, ଗଳ୍ପ ଓ ଗାଳ୍ପିକ, ଓଡିଶା ବୁକ୍ ଷ୍ଟୋର, ୧୯୮୬ ପୃଷ୍ଠା–୬

(୯) କାନ୍ତ ସାହିତ୍ୟମାଳା, ପ୍ରଥମ ଖଣ୍ଡ, ଓଡିଶା ବୁକ୍ ଏମ୍ପୋରିୟମ, କଟକ–୨, ୧୯୬୪, ପୃଷ୍ଠା–୧୩

(୧୦)ଆଚାର୍ଯ୍ୟ, ଶାନ୍ତନୁ କୁମାର, କାନ୍ତକବି ଲକ୍ଷ୍ମୀକାନ୍ତ: ଏକ ବହୁମୁଖୀ ପ୍ରତିଭା ଆମ ସାହିତ୍ୟର ମାର୍ଗଦର୍ଶକ, କାନ୍ତକବି ଲକ୍ଷ୍ମୀକାନ୍ତ, ବିଦ୍ୟା, ବାଲୁବଜାର କଟକ–୨, ଡକ୍ଟର ଅରବିନ୍ଦ ରାୟ, ୨୦୧୨, ପୃଷ୍ଠା–୪୫

(୧୧)ତତ୍ରେବ ପୃଷ୍ଠା–୩୫

(୧୨)କାନ୍ତ ସାହିତ୍ୟମାଳା, ଦ୍ୱିତୀୟ ଖଣ୍ଡ, ଓଡିଶା ବୁକ୍ ଏମ୍ପୋରିୟମ, କଟକ–୨, ୧୯୬୪, ପୃଷ୍ଠା–୮୮୩

(୧୩) (1) Chand,Soma,Orissa Review, Aug-2006, Page-46


ଭୁବନେଶ୍ୱର

❖ ❖ ❖

# ଗଞ୍ଜାମର ଲୋକ ସାହିତ୍ୟ

ଡକ୍ଟର ବାୟାମନୁ ଚର୍ଚ୍ଚି

ଗଞ୍ଜାମ ହେଉଛି ନଦୀ, ନିର୍ଝରିଣୀ, ନିଘଞ୍ଚ ଜଙ୍ଗଲ, ପାହାଡ଼ ପର୍ବତ ଘେରା ପ୍ରକୃତିର ଏକ ସୁରମ୍ୟ ଲୀଳାକ୍ଷେତ୍ର । ଏହାର ଅନଃ ସୌନ୍ଦର୍ଯ୍ୟ ପ୍ରତି ସ୍ରଷ୍ଟାମାନସ ସର୍ବଦା ପ୍ରଲୁବ୍ଧ । ପ୍ରକୃତିର ଏଇ ଅଫୁରନ୍ତ ରୂପରାଶିକୁ ଉଜ୍ଜୀବିତ କରିବା ପାଇଁ ସ୍ପନ୍ଦିତ ହୋଇଛି ଶିଳ୍ପୀର ନିହାଣ, ଚିତ୍ରଶିଳ୍ପୀର ତୂଳୀ ଏବଂ କବିର ଲେଖନୀ । ଗଢ଼ି ଉଠିଛି ଶିଳ୍ପ ଓ ଭାସ୍କର୍ଯ୍ୟ, ସୃଷ୍ଟି ହୋଇଛି ଚିତ୍ର ସଂଭାର ଓ ରାଶି ରାଶି ଗ୍ରନ୍ଥ । ସଂଗୀତ, ନୃତ୍ୟ, କଳା ଓ ସାହିତ୍ୟ ସାଧନାର ପୀଠସ୍ଥଳୀ ଗଞ୍ଜାମର ସାହିତ୍ୟିକ ଐତିହ୍ୟ, ପରମ୍ପରା ତଥା ପ୍ରକୃତିର ନୈସର୍ଗିକ ଶୋଭାସଂପଦ ସଂଦର୍ଶନ କରି ଲାଳିତ୍ୟପୂର୍ଣ୍ଣ ପଦାବଳୀରେ କବିବର ଚିନ୍ତାମଣି ମହାନ୍ତି ଘୁମୁସର କାବ୍ୟରେ ଲେଖିଛନ୍ତି–

ସାହିତ୍ୟେ ଉତ୍କଳ ନନ୍ଦନ ପ୍ରତୁଲ<br>
ଗଞ୍ଜାମ ତହିଁରେ ପାରିଜାତ ଫୁଲ ।<br>
ଶଶାଙ୍କ ମଣ୍ଡଳୀ ଉତ୍କଳ ଧରଣୀ<br>
ଗଞ୍ଜାମ ତା'ମଧ୍ୟେ ପୂର୍ଣ୍ଣ ନିଶାମଣି ।

ଗଞ୍ଜାମ ସାହିତ୍ୟର ସ୍ୱୀକୃତି ରହିଛି । ବିଦଗ୍ଧ ସାହିତ୍ୟ ପରି ଲୋକ ସାହିତ୍ୟ ମଧ୍ୟ ଏହି ଅଞ୍ଚଳର ଗୌରବକୁ ମହିମାନ୍ୱିତ କରିଛି ।

ଲୋକ ସାହିତ୍ୟ ଲୋକ ସଂସ୍କୃତିର ଏକ ଅନୁପମ ବିଭବ ଏବଂ ଲୋକମୁଖରେ ପ୍ରଚଳିତ । ଏହା ନିଜସ୍ୱ ପରିବେଶରୁ ଅବିକଳ ସଂଗୃହୀତ ହେଲେ, ଏହାର ସ୍ୱଭାବିକତା ରହେ । ଏହା ହୁଏତ ଅଶ୍ଳୀଳ ବା ଅମାର୍ଜିତ ହୋଇପାରେ କିନ୍ତୁ ଏହାର ସଂଶୋଧନ ବା ସଂଯୋଗ କରିବା ଉଚିତ ନୁହେଁ । କାରଣ ଏହାଦ୍ୱାରା ଲୋକ ସାହିତ୍ୟର ମୌଳିକତା ନଷ୍ଟ ହୋଇପାରେ । ତେଣୁ ଏହି ଅବିକଳ ସଂଗୃହୀତ ହେବା ବିଧେୟ । ଏଥିରୁ ଜାତି ଇତିହାସର ସୂଚନା ମିଳେ । ଏହା କିମ୍ବଦନ୍ତୀ ସହ ଜଡ଼ିତ । ଯଦିଓ କିମ୍ବଦନ୍ତୀ ଇତିହାସ ନୁହେଁ, ତଥାପି ଏହାକୁ ଆଧାର କରି ସଂଗୋପିତ ତଥ୍ୟକୁ ବୈଜ୍ଞାନିକ ପଦ୍ଧତିରେ ଆକଳନ କରାଯାଇପାରେ ।

ଲୋକ ସାହିତ୍ୟର ମୁଖ୍ୟ ବିଭାଗ ହେଲା – ଲୋକଗୀତ, ଲୋକକାହାଣୀ ଓ ଲୋକ ନାଟକ ।

**ଲୋକ ଗୀତ**

ଲୋକଗୀତ ଲୋକ ସାହିତ୍ୟର ଏକ ବଳିଷ୍ଠ ବିଭାଗ । ଏହା ଅତ୍ୟନ୍ତ ବ୍ୟାପକ ଓ ପ୍ରଭାବଶାଳୀ । ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଲୋକ ଜୀବନର ଦୁଃଖ ସୁଖ, ଆନନ୍ଦ ନିରାନନ୍ଦ ସହ ଏହା ବିଜଡ଼ିତ ।

ଗଞ୍ଜାମର ଲୋକଗୀତ ମଧ୍ୟରେ ହଳିଆଗୀତ, ଧାନରୁଆଗୀତ, ଶଗଡ଼ିଆଗୀତ, ଚକିପେଷାଗୀତ, ଆଖୁପେଡ଼ା ଗୀତ, ଗୋଠବାହୁଡ଼ା ଗୀତ, ଦୋଳି ଗୀତ, ପୁଚିଗୀତ, ଧୋବାଗୀତ, କାନ୍ଦଣାଗୀତ, ଢ଼ଗଢ଼ମାଳି, ନୌବାଣିଜ୍ୟଗୀତ, ଧନ୍ଦା, ପହଳି, ପ୍ରହେଳିକା ପ୍ରବାଦ–ପ୍ରବଚନ, ମଙ୍ଗଳବୋଲି, ସବାରୀ ବୁହାଳିଗୀତ, ହାସପରିହାସଗୀତ ଆଦି ପ୍ରକାଶଯୋଗ୍ୟ ।

ଚାଷୀ ବିଲରେ ହଳ କଲାବେଳେ ଆପଣା ଛାଏଁ ଆନନ୍ଦ ମନରେ 'ହଳିଆଗୀତ' ଗାଏ । ବର୍ଷାରେ ଭିଜି ଭିଜି ତା' କଂଠରୁ ନିସୃତ ଗୀତର ଲହର ପରିବେଶକୁ ରସସିକ୍ତ କରିଥାଏ । ମୂଲିଆଣୀମାନଙ୍କର ଲଳିତ କଂଠ ସ୍ୱରର ହୁଳହୁଳି ଓ ଧାନରୁଆ ଗୀତ ଆହୁରି ହୃଦୟସ୍ପର୍ଶୀ । ରୁଆ ଚାଲିଥିବ, ଗୀତବୋଲା ହେଉଥିବ ।

**ମୂଲିଆ ଗୀତ**

ଧାନରେ ମାଣ୍ଡିଆ ମିଶୁ<br>
ସରୁ ସରୁ କିଲୋ ବନ୍ଦିଆ ବସୁ,<br>
ବନ୍ଦିଆ ବସୁଲୋ, ସାଉକୁ ସୁନ୍ଦର ଦିଶୁ ।

**ହଳିଆ ଗୀତ**

ବୋଇଲା... ରାମ ତ ବିଭା କାଳେରେ...ଏ...ଏ...
ଲକ୍ଷ୍ମଣ ବରଯାତ୍ରୀ...ଇ....ଇ...ଇ
କନକ ବେଦିମୂଳେ ଗୋ ଟେକିଥିଲେ ଛତି... ।
ବୋଇଲା... ଛତିତ ଚାରିପାଖରେ ...ଝୁମୁରୁ ..ଅ..ଅ..ଅ
ମୁକୁତା ନେଛି ନେଛିରେ... ।
ବୋଇଲା... କାନ୍ଦିତ କଉଶଲ୍ୟା ଯେ ... କହନ୍ତି ରାମଙ୍କୁ
ପରତ ଝିଅ ଘେନିଲେ ...ଏ..ଏ ଯାଉଛ ବନକୁ,
କିଛି ତ ନବୋଲିବ ଶ୍ରୀରାମ ଜନକ ଦୁହିତାଙ୍କୁ... ।
ବୋଇଲା ... ରାମ ଯେ ଲଇକ୍ଷଣରେ .. ଗଲେ ମୃଗମାରି
ସୀତୟା ମାତାଙ୍କୁ ବନସ୍ତୁ... କେ ନେଲା ଚୋରାଇ ।
ବୋଇଲା.. ବୁଲିତ ବୁଲି ରାମ ଯେ ହୋଇଲେ ଅବସ୍ଥା
ଦ୍ୱାରେ ତ ଧନୁ ଢ଼େରି.. ଡ଼ାକନ୍ତି ସୀତା..ସୀତା ।
ବୋଇଲା... ସୀତା ତ ଥିଲେ ଜଳ ଦିଅନ୍ତା
ତାକୁ ତ ରାବଣ ନେଲା ଧରିରେ... ।
ବୋଇଲା .. ରାବଣ ନେଇ ସୀତାଙ୍କୁ ..କାହିଁ ଲୁଚାଇଲା ଯେ... ।
ଅଶୋକ ବନର ବିପିନେ... ଅସୁରୀ ବୋଇଲା ଯେ.. ।
ବୋଇଲା.. କହଇ ପକ୍ଷୀ ଜଟାରେ ... ଶୁଣ ରଘୁନାଥ
ପହଡ଼େ ପରିଯ୍ୟନ୍ତେ ଯେ ଆଗୁଳିଲି ରଥ
ବୋଇଲା.. ରଥ ତ ଧ୍ୱଜ ଭାଙ୍ଗି ଯେ.. ପକାଇଲି ତଳେ
ଅନେକ ଯୁଦ୍ଧ କରିଲି ... ଡ଼େଣା ବାହୁବଳେ...
ବୋଇଲା.. ଡ଼େଣା ତ କାଟି ନେଲା ,,ରାବଣ
ତା' କତୁରୀ ଶର ବାଣରେ.... ।
ବୋଇଲା.. ମହୀତ ଯୁଦ୍ଧକର ଯେ, ଶ୍ରୀରାମ
ମରିବ ଇନ୍ଦ୍ରଜିତ ଯେ...
ବୋଇଲା... ଇନ୍ଦ୍ରଜିତ ମଲା ବୋଲି ... ଲଙ୍କାରେ ବାରତା
ରାଣୀ ତ ମନ୍ଦୋଦରୀ ଯେ କାନ୍ଦନ୍ତି
ମୋ କପାଳେ ଲେଖାଥିଲା ଯେ... ।
ବୋଇଲା କହତ କହ ... କୋଇଲି
ସେ ଲଙ୍କାରବାରତା... ଆ... ଆ..
ଅଶୋକ ବନେ ଯେ, କି କରୁଥିଲେ ସୀତା... ?
ବୋଇଲା... ଆ...ବସିତ ଥିଲେ ଯେ ସୀତୟା
ଜାନୁରେ ଦେଇ ମଥା... ।
(ଜିଲୁଣ୍ଡି ଦଣ୍ଡନାଟର ହଳିଆଗୀତ)

ଶଗଡ଼ିଆ ଦୂରଯାତ୍ରାବେଳେ ମନଫୂର୍ତ୍ତିରେ ଗୀତର ସ୍ୱର ଲମ୍ବାଇ ଦିଏ । ଏହା ଶ୍ରୋତା ମନରେ ଆନନ୍ଦ ସଂଚାର କରିଥାଏ । କେତେକ ଗୀତରେ ପ୍ରାଣ ପ୍ରିୟାକୁ ଘରେ ଛାଡ଼ି ଆସିଥିବା, ବିରହ ବେଦନାର ଚିତ୍ର ପ୍ରକାଶ ପାଇଥାଏ । ଝିଅମାନଙ୍କର ଦୋଳିଗୀତ, ପୁଚି ଗୀତ କିଏ ବା ନଶୁଣିଛି ? ସାଆନ୍ତଙ୍କ ବିବାହ କାର୍ଯ୍ୟରେ ମେଲାଣି ପାଇବା ପାଇଁ ଚାଙ୍ଗୁ ବାଦ୍ୟ ଓ ମହୁରୀଆର ମହୁରୀ ଶବ୍ଦରେ ଥଟ୍ଟା ପରିହାସ ବକ୍ତବ୍ୟ ସହ ଧୋବା ନାଚି ନାଚି ଗାଏ–

ଏ ମହୁରୀଆ !
ତାଳଗଛ ଗିରି ଗିରା
କି ଭୋଜି କଲେ ମୋ ସାଆନ୍ତ ସତେ
ତାଙ୍କ ପଇତିରେ ନାହିଁ ଜିରା... ଇତ୍ୟାଦି

ପୂର୍ବେ ଗଞ୍ଜାମ ଲୋକେ ବାଣିଜ୍ୟ ବ୍ୟବସାୟ ନିମିତ୍ତ ନୌକାରେ ବସି ସୁଦୂର ରେଙ୍ଗୁନକୁ ଯାଉଥିଲେ । ବର୍ଷ ବର୍ଷ ଧରି ରହୁଥିଲେ । ବିବାହିତା ନାରୀର ବିରହ ବେଦନା ମଧ୍ୟ କେତେକ ଲୋକଗୀତରେ ସ୍ଥାନ ପାଇଛି । ମଦ୍ୟପ ଓ ବେଶ୍ୟାସକ୍ତ ସ୍ୱାମୀଙ୍କ ପ୍ରତି କଟୁକ୍ତି ମଧ୍ୟ କେତେକ ଲୋକଗୀତରେ ପ୍ରତିଫଳିତ ହୋଇଛି । ବିବାହ ସମୟରେ ମଙ୍ଗଳବୋଲି, ବରକନ୍ୟାଙ୍କୁ ପୁର୍ବେ ସବାରୀରେ ବସାଇ ନେବାବେଳେ ସବାରୀ ବାହକମାନଙ୍କ ଗୀତ , ଓଷା ଗୀତ, ଥଟ୍ଟାପରିହାସ ଗୀତ ଆଦି ଗ୍ରାମ୍ୟ ପରିବେଶକୁ ରସାଣିତ କରୁଥିଲା । ତେବେ ଢ଼ଗ–ଢ଼ମାଳି, ପ୍ରବାଦ–ପ୍ରବଚନ ଲୋକଙ୍କୁ ଦିଗ୍‌ଦର୍ଶନ ଦେଇଥାଏ । ମୁଖ୍ୟତଃ ବାଣିଜ୍ୟ ବ୍ୟବସାୟ, କୃଷି , ସ୍ୱାସ୍ଥ୍ୟ ଅର୍ଥନୈତିକ ବିକାଶ, ସାମାଜିକ ଜୀବନରେ ଗୂଢ଼ତତ୍ତ୍ୱ ଓ ରହସ୍ୟର ଉନ୍ମୋଚନ ତଥା ବ୍ୟଙ୍ଗାତ୍ମକ ଭାବେ ଅନେକ କଥା କୁହାଯାଇ ଲୋକଚରିତ୍ରକୁ ସଂଶୋଧନ ଓ ପରିମାର୍ଜିତ କରିବାରେ ଉପାଦାନ ଏଥିରେ ଭରିରହିଛି । ପ୍ରକାଶ ଥାଉକି, ଖ୍ରୀ.ପୂ.ଅଷ୍ଟାଦଶ ଶତାବ୍ଦୀରେ ଚୀନ ଦେଶର ମନୀଷି କନ୍‌ଫୁସିଏସ୍ ପ୍ରାୟ ତିନି ହଜାର ଲୋକୋକ୍ତି ଲେଖି ରଖିଥିବା ଜଣାଯାଏ ।

ସଂପ୍ରତି ଲୋକଗୀତର ବ୍ୟବହାର ପ୍ରାୟ ନାହିଁ । ଏହା ଲୁପ୍ତ ପ୍ରାୟ । ତେବେ ଲୋକଗୀତ ଯେଉଁମାନେ ଜାଣିଛନ୍ତି, ସେମାନଙ୍କଠାରୁ ଏ ଗୀତ ସବୁ ସଂଗ୍ରହ ହେବା ବିଧେୟ, କାରଣ ଏସବୁ ଆମର ସାଂସ୍କୃତିକ ସଂପଦ ।

**ଲୋକ କାହାଣୀ:** ଲୋକଗୀତ ପରି ଲୋକକାହାଣୀ ମଧ୍ୟ ମୌଖିକ ରୀତିରେ ପ୍ରଚଳିତ । ମୁଖରୁ ମୁଖକୁ ଏହା ପ୍ରଚାରିତ ଓ ପ୍ରସାରିତ । ସମସ୍ତେ କାହାଣୀ ଶୁଣିବାକୁ ଭଲ ପାଆନ୍ତି । ଛୋଟ ଛୁଆମାନେ ଜେଜେବାପା, ମା, ଅଜା, ଆଈଙ୍କୁ କାହାଣୀ କହିବାକୁ ଅଳି କରନ୍ତି । ବିଶେଷତଃ ରାତିରେ ଶୋଇବା ପୂର୍ବରୁ ବା ଅବସର ସମୟରେ ଏହି କାହାଣୀ କୁହାଯାଉଥିଲା । ଆଦିବାସୀ ଶ୍ରେଣୀର ଲୋକେ ଜଙ୍ଗଲକୁ ଶିକାର କରିବାକୁ ଗଲାବେଳେ ବା ଜଙ୍ଗଲରେ ଗୋଷ୍ଠୀହୋଇ ବସିବାବେଳେ କାହାଣୀ ଜାଣିଥିବା ଲୋକ କାହାଣୀ କହୁଥିଲେ । କେବଳ ଓଡ଼ିଶା ବା ଭାରତବର୍ଷ ନୁହେଁ,

ସମଗ୍ର ପୃଥିବୀରେ ଲୋକକାହାଣୀର ଆଦର ରହିଛି । ଲୋକ କାହାଣୀ ସର୍ବପ୍ରଥମେ ଜର୍ମାନ ଦେଶର ଜ୍ୟାକବ୍ ଗ୍ରୀମ୍ ଓ ଉଇଲ୍ ହେଲ୍ ଗ୍ରୀମ୍ ଦୁଇଭାଇଙ୍କ ଦ୍ୱାରା ସଂଗୃହୀତ ହୋଇ Household tales ତିନି ଖଣ୍ଡରେ ପ୍ରକାଶ ପାଇଥିବା ଜଣାଯାଏ । (ଲୋକ ସାହିତ୍ୟ ତତ୍ତ୍ୱ, ଡ଼କ୍ଟର ଶ୍ୟାମ ସୁନ୍ଦର ମହାପାତ୍ର, ପୃ- ୯୭) ଆମ ଓଡ଼ିଶାରେ ଲୋକ କାହାଣୀର ପ୍ରଥମ ସଂଗ୍ରାହକ ହେଉଛନ୍ତି ଗୋପାଳ ଚନ୍ଦ୍ର ପ୍ରହରାଜ । ରାଧାଚରଣ ମହାପାତ୍ରଙ୍କ 'କଥା ଲହରୀ' ଉପେନ୍ଦ୍ର ନାରାୟଣ ଦତ୍ତଙ୍କ ଅନୁଦିତ ଲୋକକାହାଣୀ ଡକ୍ଟର କୁଞ୍ଜ ବିହାରୀ ଦାଶଙ୍କ ଲୋକଗଳ୍ପ ସଂଚୟନ ଆଦି ପ୍ରକାଶଯୋଗ୍ୟ । ଶିକ୍ଷିତ ଅଶିକ୍ଷିତ ସମସ୍ତେ କାହାଣୀ ଶୁଣିବାକୁ ଭଲ ପାଆନ୍ତି । ବିଶେଷତଃ ଓଡ଼ିଆ କାହାଣୀ କହିଲେ, ରାଜକୁମାର, ରାଜକୁମାରୀ, ଭୂତପ୍ରେତ, ଚାଷୀକଥା, ପଶୁପକ୍ଷୀ, ଦେବତା, ଅସୁର, ଡ଼ାହାଣୀ, ଚିରିଗୁଣୀ, ଗନ୍ଧର୍ବ– ପରୀଙ୍କ କାହାଣୀ କିମ୍ବଦନ୍ତୀକୁ ଆଧାର କରି ମଧ୍ୟ ଅନେକ କାହାଣୀ ରହିଛି । ଏସବୁ କାହାଣୀ ଗଞ୍ଜାମରେ ଶୁଣିବାକୁ ମିଳୁଥିଲା ।

କାହାଣୀ କହିବାବେଳେ କାହାଣୀ କହିବା ଲୋକର କଥା କରିବାର ଢ଼ଙ୍ଗ, ସ୍ୱରର ଉତ୍‌ଥାନପତନ, ପଶୁପକ୍ଷୀ କାହାଣୀ କହିଲା ବେଳେ ସେମାନଙ୍କ ଅବିକଳ ସ୍ୱର ପ୍ରକଟ, ଆଗ୍ରହ,ଉତ୍କଣ୍ଠା ଓ ସମ୍ମୋହନ ପାଇଁ କଳାକୁଶଳତା ଥିବା ଏକାନ୍ତ ବିଧେୟ । ଏହାଦ୍ୱାରା ଶ୍ରୋତା ଆନନ୍ଦ ପାଏ, ଭାବବିହ୍ୱଳ ହୋଇପଡ଼େ ।

ଗଞ୍ଜାମର ଲୋକ କାହାଣୀ ଏଯାବତ୍ ସ୍ୱତନ୍ତ୍ର ଭାବେ ସଂଗ୍ରହ ହୋଇପାରିନି । ଏହା ମଧ୍ୟ ଲୋପପାଇ ଆସିଲାଣି । କର୍ମବ୍ୟସ୍ତ ଆଜିର ମଣିଷ ପାଖରେ ବେଳ ଆଉ କାହିଁ କାହାଣୀ ଶୁଣିବାକୁ ବା ଶୁଣେଇବାକୁ ?

**ଲୋକ ନାଟକ**

ଲୋକ ନାଟକ ଲୋକସାହିତ୍ୟର ଏକ ମୁଖ୍ୟ ବିଭବ । ଲୋକନୃତ୍ୟ ଓ ଗୀତର ସୁମଧୁର ସମନ୍ୱୟରୁ ଏହା ସୃଷ୍ଟି । ସର୍ଭେକ୍ଷଣରୁ ଜଣାଇଛି ଯେ ସମଗ୍ର ବିଶ୍ୱରେ ଲୋକନାଟକ କ୍ଷେତ୍ରରେ ଭାରତର ସ୍ଥାନ ପ୍ରଥମ । ଭାରତ ଭିତରେ ଓଡ଼ିଶା ଏବଂ ଓଡ଼ିଶା ମଧ୍ୟରେ ଗଞ୍ଜାମର ସ୍ଥାନ ପ୍ରଥମ । ଏହି ଅଞ୍ଚଳର କଳା, ସାହିତ୍ୟ, ସଙ୍ଗୀତ ଓ ନୃତ୍ୟ ଲୋକନାଟକକୁ ବିଶେଷ ଭାବେ ପ୍ରଭାବିତ କରିଛି ।

ଗଞ୍ଜାମର ଲୋକନାଟକକୁ ମୁଖ୍ୟତଃ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ, ଯଥା– ୧) ଲୀଳାନାଟ୍ୟ, ୨) ନାଟକ ଓ ନାଟ, ୩) ନାଚ ଓ ନୃତ୍ୟ । ଲୀଳାନାଟ୍ୟ ମଧ୍ୟରେ ରାମଲୀଳା, କୃଷ୍ଣଲୀଳା, ରାସଲୀଳା, ଗୋପଲୀଳା, ରାଧାପ୍ରେମଲୀଳା ଓ ଭାରତଲୀଳା, ନାଟକ ଓ ନାଟ ମଧ୍ୟରେ ପ୍ରହ୍ଲାଦ ନାଟକ ଶୈଳୀରେ ରଚିତ ହୋଇଛି । ରାମ ନାଟକ, ଅର୍ଜୁନ ନାଟକ, ଧ୍ରୁବନାଟକ, କଂସବଧ ନାଟକ, ମହୀରାବଣବଧ ନାଟକ, କୀଚକବଧ ନାଟକ, ଜଳନ୍ଧର ବଧ ନାଟକ, ଚନ୍ଦ୍ରଧ୍ୱଜ ନାଟକ ଓ ଲକ୍ଷ୍ମୀପୁରାଣ ନାଟକ । ଅନ୍ୟ ନାଟକ ହେଲା– ଦାସକାଠିଆ, ସଖୀ ନାଟ, କଣ୍ଢେଇ ନାଟ, ଦଣ୍ଡନାଟ, ଓଷାକୋଠି, ଭୂତକେଳି, ଜାନୁଘଣ୍ଟ, ହରିକଥା, ଧୋବାନାଟ, ଘୁଡୁକି ନାଟ, ଖୋଲାନାଟ ଇତ୍ୟାଦି ନାଚ ଓ ନୃତ୍ୟ ମଧ୍ୟରେ ପାଇକ ନାଚ, ରଣପା ନାଚ, ଚଢ଼େୟା ନାଚ, ବାଘ ନାଚ, କେଳାନାଚ, ଡୁବୁଡୁବା ନାଚ, ମେରକାୟା ନାଚ, ମୁଣ୍ଡପୋତା ନାଚ, ବେଙ୍ଗୁଲି ନାଚ, ମାଙ୍କଡ଼ ନାଚ, କାଠି ନାଚ, କଳାଘୋଡ଼ା ନାଚ, ରାଜରାଣୀ ନାଚ, ଘୋଡ଼ାନାଚ, ଢ଼ୁମ୍ପାନାଚ, ସମର ନୃତ୍ୟ, ଯୋଡ଼ି ଶଙ୍ଖ, ଘଣ୍ଟନୃତ୍ୟ ଆଦି ପ୍ରଧାନ । ତେଣୁ ପ୍ରକାରାନ୍ତରେ କୁହାଯାଇପାରେ, ଓଡ଼ିଆ ଲୋକ ନାଟକର ଗୃହ ଗଞ୍ଜାମ ।

ଅଧ୍ୟୟନରୁ ଜଣାଯାଇଛି, ଗଞ୍ଜାମରେ ଅଷ୍ଟାଦଶ ଶତାବ୍ଦୀର ପଞ୍ଚମ ଦଶକରୁ ବିଂଶ ଶତାବ୍ଦୀର ମଧ୍ୟଭାଗରେ ଗଞ୍ଜାମର ଲୋକନାଟକର ପଦଚିହ୍ନ ଥିଲା । ସମୟକୁ ଗଞ୍ଜାମ ଲୋକନାଟକର ସୁବର୍ଣ୍ଣ ଯୁଗ ବୋଲି କୁହାଯାଇପାରେ । ସବୁ ଗାଁରେ ମଠ, ମନ୍ଦିର ଥିଲା । ପୂଜାପାର୍ବଣ ଅନୁଷ୍ଠିତ ହେଉଥିଲା । ଧର୍ମୀୟ ଉତ୍ସବରେ ଲୋକନାଟ୍ୟ ପରିବେଷିତ ହେଉଥିଲା । ନାଟ୍ୟକଳା ଥିଲା ଲୋକଙ୍କ ଜୀବନ । ରାଜନ୍ୟବର୍ଗଙ୍କ ଏଥିପାଇଁ ପ୍ରୋତ୍ସାହନ ଥିଲା । ଧନାଢ଼୍ୟ ବ୍ୟକ୍ତିମାନଙ୍କର ନାଟ୍ୟକଳା ପ୍ରତି ଅତ୍ୟନ୍ତ ଶ୍ରଦ୍ଧା, ସମ୍ମାନ ଓ ସମ୍ମୋହନ ଥିଲା । ତେଣୁ ଶହ ଶହ ବର୍ଷ ଧରି ଲୋକନାଟ୍ୟ ପରମ୍ପରା ତିଷ୍ଠି ରହିଥିଲା । ଲୋକଙ୍କୁ ଏହା ଆନନ୍ଦ ପ୍ରଦାନ କରିବା ସହିତ ଧର୍ମୀୟ ଚେତନାରେ ଉଦ୍‌ବୁଦ୍ଧ କରୁଥିଲା । ଫଳତଃ ଲୋକେ ଶୃଙ୍ଖଳିତ ଜୀବନଯାପନ ପାଇଁ ପ୍ରେରଣା ପାଇବା ସହିତ ସାମାଜିକ ନୀତି, ରୀତି ବିଧି ଓ ପବିଧି ଭିତରେ ସଂସ୍କୃତି ସଂପନ୍ନ ମଣିଷ ଭାବେ ବଂଚିବା ପାଇଁ ପ୍ରେରଣା ପାଉଥିଲେ ।

ଏଇ କ୍ଷୁଦ୍ର ପ୍ରବନ୍ଧରେ ଗଞ୍ଜାମର ଲୋକନାଟକର ସୂଚନା ଦେବାର ପ୍ରୟାସ କରାଯାଉଛି ।

**ରାମଲୀଳା**

ରାମାୟଣ ଏକ ଶାଶ୍ୱତ ଅମର କାବ୍ୟ । ରାମ କଥାକୁ ଭିତ୍ତିକରି ସର୍ବଭାରତୀୟ ସ୍ତରରେ ପଞ୍ଚମ ଶତାବ୍ଦୀ ପୂର୍ବରୁ ସଂସ୍କୃତ ନାଟକମାନ ଅଭିନୀତ ହୋଇଥିବା ସ୍ଥଳେ ଓଡ଼ିଶାରେ ରାମଙ୍କ ଜୀବନ କାହାଣୀକୁ ନେଇ ସଂସ୍କୃତ ଭାଷାରେ ନୃତ୍ୟ,ଗୀତ ମାଧ୍ୟମରେ ଅଭିନୟ ପରମ୍ପରା ନବମ ଶତାବ୍ଦୀରୁ ପ୍ରଚଳିତ । ଓଡ଼ିଆ ଲୀଳାର ପ୍ରଥମ ଲିଖିତ ରୂପ ବିଶ୍ୱନାଥ ଖୁଣ୍ଟିଆଙ୍କ 'ବିଚିତ୍ରରାମାୟଣ' ବା

'ବିଶି ରାମଲୀଳା'କୁ ଗ୍ରହଣ କରାଯାଇଛି । ଏହାର ରଚନା କାଳ ୧୭୦୯ ।

ଏପର୍ଯ୍ୟନ୍ତ ଜ୍ଞାତ ପ୍ରାୟ ଅଧିକାଂଶ ରାମଲୀଳା ଗଞ୍ଜାମ ଜିଲ୍ଲାର କବିମାନଙ୍କ ଦ୍ୱାରା ହିଁ ବିରଚିତ । ଏହି ଅଞ୍ଚଳରେ ରାମଭକ୍ତିର ସ୍ରୋତ ନିରବଛିନ୍ନ ଭାବରେ କାହିଁକି ପ୍ରବାହିତ ହୋଇଥିଲା, ତାହା ନିର୍ଣ୍ଣୟ କରିବା ଅଧିକ ଗବେଷଣା ସାପେକ୍ଷ ବୋଲି ଐତିହାସିକ କେଦାରନାଥ ମହାପାତ୍ର ଲେଖିଛନ୍ତି । ଝଙ୍କାର, ନବମବର୍ଷ– ୧୧ଶ ସଂଖ୍ୟା) ଗଞ୍ଜାମର ରାମଲୀଳା ରଚୟିତାଭାବେ ବୈଶ୍ୟ ସଦାଶିବ, କୃଷ୍ଣଚନ୍ଦ୍ର ରାଜେନ୍ଦ୍ର, ବିମ୍ବାଧର ସାନସାମନ୍ତ, ପୀତାମ୍ବର ରାଜେନ୍ଦ୍ର, ରଘୁନାଥ ପରିଚ୍ଛା, କେଶବ ପଟ୍ଟନାୟକ, ଧରାକୋଟ ରାଜା ରଘୁନାଥ ସିଂହ, ବିପ୍ରକୁଞ୍ଜ, ଯୁଧିଷ୍ଠିର ସାହୁ ପ୍ରମୁଖଙ୍କ ନାମ ପ୍ରକାଶ ଯୋଗ୍ୟ । ଗାୟକଭାବେ ନଟବର ସାହୁ, ଅଗାଧୁ ପାଣିଗ୍ରାହୀ, ଅନନ୍ତ ରାମ ପାଢ଼ୀ, ତ୍ରିନାଥ ପୋଲେଇ, ଉଦୟନାଥ ପଟ୍ଟନାୟକ, ବୈଦ୍ୟନାଥ ମହାରଣା, ସତ୍ୟନାରାୟଣ ପାଢ଼ୀ, ଅଗାଧୁ କାହାଳିଆ, ପ୍ରମୁଖଙ୍କ ନାମ ସ୍ମରଣୀୟ । ଏହି ଲୀଳାର ସାମାଜିକ ଆବେଦନ, ଆଧ୍ୟାତ୍ମିକ ଚେତନା, ରସାବେଦନ, ସାଙ୍ଗିତିକ ଆବେଦନ, ବର୍ଣ୍ଣନା–ବୈଭବ ଭାଷା ଓ ସଂଳାପ ଶ୍ରୋତା ଓ ଦର୍ଶକମାନଙ୍କୁ ବିମୋହିତ କରୁଥିଲା । ଏହି ଲୀଳା ସଂଦର୍ଶନ କରି ଐତିହାସିକ କେଦାରନାଥ ମହାପାତ୍ର, ପଣ୍ଡିତ ବିନାୟକ ମିଶ୍ର, କବି ଡ଼କ୍ଟର ମାୟାଧର ମାନସିଂହ, ପଲ୍ଲୀକବି ନନ୍ଦକିଶୋର ବଳ ପ୍ରମୁଖ ଗଞ୍ଜାମ ରାମ ଲୀଳାର ଲୀଳାକାରମାନଙ୍କର ରଚନା ଓ ପ୍ରଯୋଜିତ ରାମଲୀଳାର ଭୂୟସୀ ପ୍ରଶଂସା କରିଛନ୍ତି ।

### କୃଷ୍ଣ ଲୀଳା

ରାମଲୀଳା ପରି ଗଞ୍ଜାମରେ କୃଷ୍ଣଲୀଳାର ମଧ୍ୟ ଆଦର ରହିଛି । କୃଷ୍ଣ କଥା କଦମ୍ବ ଉପରେ ଏହା ଆଧାରିତ । ଓଡ଼ିଶାରେ ପ୍ରଯୋଜିତ କୃଷ୍ଣ ଲୀଳାର ନାଟ୍ୟିକ ଦିଗଟି (ଗୀତଗୋବିନ୍ଦ) ଦ୍ୱାରା ନିୟନ୍ତ୍ରିତ ହେବାବେଳେ କଥାବସ୍ତୁ ଜଗନ୍ନାଥ ଦାସଙ୍କ ଭାଗବତରୁ ସଂଗୃହୀତ ହୋଇଛି । କୃଷ୍ଣ ଲୀଳାର ଶ୍ରୀକୃଷ୍ଣ ବାସୁଦେବ ଅଟନ୍ତି । ସେ ସ୍ୱୟଂ ଭଗବାନ ଅବା ଅବତାରୀ । ଓଡ଼ିଶାରେ କୃଷ୍ଣଲୀଳା ମୁଖ୍ୟତଃ ଓଡ଼ିଆ–ବଙ୍ଗଳା ସମ୍ମିଶ୍ରିତ ଭାଷାରେ ରଚିତ ହୋଇଛି । ଏହା ଶ୍ରୀଚୈତନ୍ୟଙ୍କ ପ୍ରଭାବ ବୋଲି ଅନୁମାନ କରାଯାଏ । ଗୌଡ଼ୀୟ ବୈଷ୍ଣବ ଧର୍ମର ପ୍ରଚାର ଓ ପ୍ରସାର ସହିତ ଓଡ଼ିଶାରେ କୃଷ୍ଣ ଲୀଳାର ବିକାଶ ଘଟିଥିଲା ।

ଅଷ୍ଟାଦଶ ଶତାବ୍ଦୀବେଳକୁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ କୃଷ୍ଣଲୀଳାର ଭୂୟୋବିକାଶ ଘଟିଥିଲେ ସୁଦ୍ଧା ଗଞ୍ଜାମରେ ଏହି ସମୟରେ କୃଷ୍ଣଲୀଳାର ଉନ୍ମେଷ ଘଟିଥିବାର କୌଣସି ପ୍ରମାଣ ଏ ପର୍ଯ୍ୟନ୍ତ ମିଳି ନାହିଁ । ସଂଗୃହୀତ ତଥ୍ୟରୁ ଜଣାଯାଏ ବାବାଜୀ ଦୁଃଖୀଶ୍ୟାମ ଦାସ ହିଁ ସର୍ବପ୍ରଥମେ ଗଞ୍ଜାମରେ କୃଷ୍ଣଲୀଳା (୪୮ଲୀଳା)ରଚନା କରି ଗଞ୍ଜାମ ଆଠଗଡ଼ ନିକଟସ୍ଥ ବାଉଁଶିଆ ଗ୍ରାମରେ ଅଭିନୟ କରାଇଥିଲେ । ସେ ଏହି ଲୀଳାର ନିର୍ଦ୍ଦେଶନା ଦାୟିତ୍ୱରେ ଥିଲେ । ଏହି ଲୀଳା ଲୋକପ୍ରିୟ ହେଲା ଏବଂ ଲୋକରେ ଏହା ଆଠଗଡ଼ିଆ ଲୀଳାଭାବେ ପରିଚିତ ହେଲା । ଏହି ଲୀଳାର ଗାୟକଭାବେ ବାଉଁଶିଆ ଗ୍ରାମର ବୁଦ୍ଧିଆ ବାଡ଼ତ୍ୟା । ଭଗବାନ ବେହେରା, ବାଜିଆ ଗୌଡ଼, ପୁରା ସାହୁ, ମୋହନ ଦାସ ପ୍ରମୁଖ ସୁନାମ ଅର୍ଜନ କରିଥିଲେ । ଦେବଭୂମିର କୃଷ୍ଣଲୀଳା ଗାୟକ ସୋମନାଥ ବେହେରା ଏହି ଲୀଳାର ଭୂୟୋ ବିକାଶ ଓ ପ୍ରଚାର ପ୍ରସାରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଲୀଳାକାର ଦୁଃଖୀଶ୍ୟାମ ଦାସଙ୍କ ଜନ୍ମ ସ୍ଥାନ ଚିଙ୍ଗୁଡ଼ି ଘାଇ । ସେ ଜାତିରେ ମହାନ୍ତି(ଖଣ୍ଡାୟତ) । ଏହି ଲୀଳାର ରଚନାକାଳ ଊନବିଂଶ ଶତାବ୍ଦୀର ମଧ୍ୟଭାଗ । (ଓଡ଼ିଆ ଲୀଳା ସାହିତ୍ୟକୁ ଗଞ୍ଜାମର ଅବଦାନ, ପିଏଚ.ଡ଼ି. ସଂଦର୍ଭ । ବାୟାମନୁ ଚର୍ଚ୍ଚି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ।

ଗଞ୍ଜାମରେ କୃଷ୍ଣଲୀଳାର ଅନ୍ୟାନ୍ୟ ରଚୟିତା ହେଲେ ଗୈତମୀର ହରିହର ଷଡ଼ଙ୍ଗୀ, ପାରଳାଖେମୁଣ୍ଡିର ମଧୁସୂଦନ ପାଣିଗ୍ରାହୀ, ରଘୁନାଥ ପରିଚ୍ଛା, ବଡ଼ଖେମୁଣ୍ଡି ରାଜା ଲକ୍ଷ୍ମୀନାରାୟଣ ଦେଓ ଥିଲା ଏବଂ ଚିକିଟିର ବିପ୍ରଶ୍ୟାମ ।

ସଂପ୍ରତି କୃଷ୍ଣଲୀଳାର ପ୍ରସିଦ୍ଧ ଗାୟକଭାବେ ସୋମନାଥ ସ୍ୱାଇଁଙ୍କ ନାମ ଉଲ୍ଲେଖଯୋଗ୍ୟ । ଗଞ୍ଜାମରେ ଶତାଧିକ କୃଷ୍ଣଲୀଳା ଦଳ ଥିଲା ଏବଂ ୫୦ରୁ ଊର୍ଦ୍ଧ୍ୱ ଲୀଳା ଶିକ୍ଷକ ଥିଲେ ।

ଗଞ୍ଜାମ କୃଷ୍ଣଲୀଳାର ମୁଖ୍ୟ ଆକର୍ଷଣ ହେଲା ଏହାର ସ୍ୱର । ଗାୟକ ତଥା ଅଭିନେତାମାନଙ୍କର ଉଚ୍ଚ କୋମଳ ସ୍ୱର ଦର୍ଶକମାନଙ୍କୁ ମନ୍ତ୍ର ମୁଗ୍ଧ କରିଥାଏ । ଏହି ଲୀଳାର ବେଶପରିପାଟୀ ଉନ୍ନତ ଓ ରୁଚିପୂର୍ଣ୍ଣ । ମନୋରଞ୍ଜନ ଅପେକ୍ଷା ଆଧ୍ୟାତ୍ମିକତାକୁ ଏହି ଅଞ୍ଚଳରେ ଗୁରୁତ୍ୱ ଦିଆଯାଏ । ଲୀଳା ଦର୍ଶନ ବେଳେ ଦର୍ଶକ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରୁଥିବା ଅଭିନେତାକୁ ଭୁଲି ସ୍ୱୟଂ ଭଗବାନ ବୋଲି ବିବେଚନା କରି ପ୍ରଣାମ କରିଥାନ୍ତି । ଲୋକ ପ୍ରିୟତା ଦୃଷ୍ଟିରୁ ସଂପ୍ରତି ଜନ୍ମଲୀଳା, ବାଲ୍ୟଲୀଳା, ଦଧିମନ୍ଥନ ଲୀଳା ଓ କାଳୀୟ ଦଳନ ଲୀଳା ଅନୁଷ୍ଠିତ ହେଉଛି ।

### ରାସଲୀଳା

ଗଞ୍ଜାମରେ ରାସ ଲୀଳା କବିଚନ୍ଦ୍ର ହନୁମାନ ରାୟଗୁରୁଙ୍କ ଦ୍ୱାରା ରଚିତ । ଏହାର ରଚନା କାଳ ୧୮୫୫ରୁ ୧୮୬୫ ମଧ୍ୟରେ । ଏହା ପ୍ରଥମେ ପିତଳ ନିକଟସ୍ଥ ବ୍ରାହ୍ମଣଛାଇ, କବିଙ୍କ

ସ୍ୱଗ୍ରାମରେ ଅଭିନୀତ ହୋଇଥିଲା । ଭାଗବତର ୩୦ରୁ ୩୪ ଅଧ୍ୟାୟ ଅର୍ଥାତ୍ ଗୋପଲୀଳାର ଏହି ପାଞ୍ଚୋଟି ଅଧ୍ୟାୟ ରାସଲୀଳା ଭାବେ ପରିଚିତ । ଏହା ଏକ ନୃତ୍ୟ ପ୍ରଧାନ ଲୀଳା । ମଧ୍ୟଯୁଗୀୟ କାବ୍ୟଭାଷାର ପ୍ରୟୋଗ ହେତୁ ଗ୍ରାମ୍ୟକଳାକାରମାନଙ୍କ ପକ୍ଷେ ମନେରଖିବା କଷ୍ଟକର ବ୍ୟାପାର ଥିଲା । ତେଣୁ ଅନ୍ୟ କୌଣସି ନାଟ୍ୟ ଦଳ ଦ୍ୱାରା ଏହି ଲୀଳା ପରିବେଶିତ ହୋଇ ପାରିଲାନି । କିନ୍ତୁ ଏହି ଦଳ ବିଭିନ୍ନ ଅଞ୍ଚଳରେ ଏହି ରାସଲୀଳା ପରିବେଷଣ କରି ଖ୍ୟାତି ଅର୍ଜନ କରିଥିଲେ ।

### ଗୋପଲୀଳା

ଗୋପଲୀଳାର ରଚୟିତା ହେଉଛନ୍ତି କବି ନର ସିଂହ ମାଠ । ଏହା ପ୍ରଥମେ କରାଖଣ୍ଡିରେ ଅଭିନୀତ ହୋଇଥିଲା । ବେଲା ପ୍ରଧାନ ଓ ଲକ୍ଷ୍ମଣ ପ୍ରଧାନ ଏହି ଲୀଳାର ପ୍ରଥମ ଗାୟକ । ପୟାର, ବଙ୍ଗଳାଶ୍ରୀ, ମୁଖାରୀ, ଭାଟିଆରୀ ଆଦି ରାଗରେ ରଚିତ ଏହି ଲୀଳାରେ ପୟାର ରାଗର ସର୍ବାଧିକ ପ୍ରୟୋଗ ହୋଇଛି । କୃଷ୍ଣଲୀଳା, ରାମଲୀଳା ପରି ଗୋପଲୀଳାର ବେଶ ପରିପାଟୀ, ସାଙ୍ଗୀତିକତା ଓ ନାଟ୍ୟଧର୍ମିତା ଏକା । ସରଳ ଓ ଭାବଧର୍ମିତା ଏହି ଲୀଳା ସଫଳତାର ମୁଖ୍ୟ କାରଣ । ଏଯାବତ୍ ଏହାର ଆଦର ରହିଛି ।

### ରାଧାପ୍ରେମଲୀଳା

ରାଧା ଓ କୃଷ୍ଣଙ୍କର ପବିତ୍ର ଓ ଶାଶ୍ୱତ ପ୍ରେମ ସମ୍ବଳିତ ଏକ ମନୋଜ୍ଞ ଲୋକକଳା । ଏହା ଗଞ୍ଜାମର ନିଜସ୍ୱ ସୃଷ୍ଟି ଏବଂ ଲୋକନାଟକର ଉଦାର ସଂଜ୍ଞା ତଳେ ଏହାର ସ୍ଥାନ ସଂରକ୍ଷିତ । ଏହି ଲୋକପ୍ରିୟ ନାଟ୍ୟକଳା, ଲୋକନାଟକ ପର୍ଯ୍ୟାୟଭୁକ୍ତ ହୋଇଥିଲେ ବି ଏହା ବିଦଗ୍ଧତାର ସ୍ପର୍ଶରୁ ମୁକ୍ତ ନୁହେଁ । କଳା ଓ ସାହିତ୍ୟ ସାଧନାର ପୀଠସ୍ଥଳୀ ଚିକିଟି ରାଜ ଦରବାରରୁ ଏହି ଲୀଳା ଜନ୍ମ ନେଇଛି । ଏହି ଲୀଳା ଗ୍ରନ୍ଥର ସ୍ରଷ୍ଟାଭାବେ ବିଶ୍ୱମ୍ଭର ରାଜେନ୍ଦ୍ର ସର୍ବତ୍ର ପରିଚିତ । କିନ୍ତୁ ଭଣତିରେ କିଶୋର ଚନ୍ଦ୍ର ରାଜେନ୍ଦ୍ରଙ୍କ ନାମ ଉଲ୍ଲେଖିତ । ଗ୍ରନ୍ଥର ମୁଖବନ୍ଧରେ ଚିକିଟି ଅଧୀଶ୍ୱର ରାଧାମୋହନ ରାଜେନ୍ଦ୍ର ଏହା ସ୍ପଷ୍ଟ ଉଲ୍ଲେଖ କରିଛନ୍ତି । ତେବେ ଗବେଷଣାରୁ ଜଣାଯାଇଛି, ଚିକିଟି ରାଜା ବିଶ୍ୱମ୍ଭର ରାଜେନ୍ଦ୍ର ଦେଓ, ପଣ୍ଡିତ ରଘୁନାଥ ରାଜଗୁରୁଙ୍କ ମିଳିତ ପ୍ରଚେଷ୍ଟାରେ ଏହି ଲୀଳା ରଚିତ ହୋଇଛି ଏବଂ କବିଚନ୍ଦ୍ର ହନୁମାନ ରାୟଗୁରୁ ଏହାକୁ ଶ୍ରୀମଣ୍ଡିତ କରିବା ପାଇଁ ଆବଶ୍ୟକୀୟ ପରିବର୍ତ୍ତନ ଓ ପରିବର୍ଦ୍ଧନ କରିଛନ୍ତି । ଏଣୁ ରାଧା ପ୍ରେମଲୀଳାକୁ ତିନୋଟି ସୃଜନଶୀଳ ମାନସର ଅଭିବ୍ୟକ୍ତିର ସମ୍ମିଶ୍ରିତ ରୂପ ବୋଲି ଗ୍ରହଣ କରାଯାଇପାରେ । ଏହାର ରଚନାକାଳ ୧୮୭୨ ବୋଲି ସ୍ଥିର କରାଯାଇଛି । (ଓଡ଼ିଆ ଲୀଳା ସାହିତ୍ୟକୁ ଗଞ୍ଜାମର ଅବଦାନ, ପିଏଚ.ଡ଼ି ସନ୍ଦର୍ଭ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ୧୯୯୧ ବାୟାମନୁ ଚର୍ଚ୍ଚି) ଏହି ଲୀଳାରେ ରାୟ ରାମାନନ୍ଦଙ୍କ 'ଜଗନ୍ନାଥ ବଲ୍ଲଭ ନାଟକ' ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ ଯୁଗଳ ରସାମୃତ ଲହରୀ ଏବଂ ଆଚାର୍ଯ୍ୟ ଜୟଦେବଙ୍କ ଗୀତଗୋବିନ୍ଦର ପ୍ରଭାବ ଲକ୍ଷ୍ୟ କରାଯାଏ । ରାଧା କୃଷ୍ଣଙ୍କର ମନୋଜ୍ଞ କଥା କଦମ୍ବ ଉପରେ ଆଧାରିତ ଏହି ଲୀଳାର ବୈଶିଷ୍ଟ୍ୟ ହେଲା କୁଞ୍ଜ ପରିକଳ୍ପନା । ରାଧାକୁଞ୍ଜ, କୃଷ୍ଣକୁଞ୍ଜ, ମିଳନ କୁଞ୍ଜ ତଥା ବାଣିଜ୍ୟ ପରିବେଶରେ ଏହି ଲୀଳା ସୁସମୃଦ୍ଧ । ଏହା ପ୍ରଥମେ ଚିକିଟି ରାଜପ୍ରସାଦ ପାଟ ଅଳିନ୍ଦରେ ପ୍ରକୃତିର ମନୋଜ୍ଞ ପରିବେଶରେ ଅଭିନୀତ ହୋଇଥିଲା । କୁଞ୍ଜଗୁଡ଼ିକ ପୁଷ୍ପଲତା ଦ୍ୱାରା ପରିବେଷ୍ଟିତ ହୋଇଥିଲା । ରଘୁନାଥ ରାଜଗୁରୁ ଏହି ଲୀଳାର ନିର୍ଦ୍ଦେଶକ ଥିଲେ । ଏହା ଏକ ଉଦ୍ଦେଶ୍ୟ ପ୍ରଣୋଦିତ ନାଟ୍ୟକଳା । କିଶୋର ଚନ୍ଦ୍ର ଏବଂ ତାଙ୍କ ରାଣୀଙ୍କ ମିଳନ ନିମିତ୍ତ ଏହା ଉଦ୍ଦିଷ୍ଟ ଥିଲା । କିଶୋରଚନ୍ଦ୍ର ଶ୍ରୀକୃଷ୍ଣ ଏବଂ ତାଙ୍କ ରାଣୀ ରାଧା ଭୂମିକାରେ ଅଭିନୟ କରିଥିଲେ । ଲୀଳାରେ ମାନଭଞ୍ଜନ ସମୟ ଉପସ୍ଥିତ ହେଲାବେଳକୁ କିଶୋର ଚନ୍ଦ୍ର ରାଣୀଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ ଏବଂ ସେମାନଙ୍କ ଦାମ୍ପତ୍ୟଜୀବନ ସୁଖମୟ ହୋଇଥିଲା । ଉଦ୍ଦେଶ୍ୟ ପ୍ରଣୋଦିତ ଦୃଶ୍ୟ କାବ୍ୟ ହେତୁ ଏଥିରେ ଶୃଙ୍ଗାରରସ ପରିବେଷଣକୁ ପ୍ରାଧାନ୍ୟ ଦିଆଯାଇଛି । ଗୌଡୀୟ ବୈଷ୍ଣବମାନଙ୍କ ଅନୁଚିନ୍ତାରେ ଏହା ଉତ୍କଳ ବା ମଧୁରରସ ଭାବେ କଥିତ ।

ଏହି ଲୀଳାରେ ଅଂଶଗ୍ରହଣ କରିଥିବା ବିଶ୍ୱସ୍ତ ରାଜକର୍ମଚାରୀ ମହୀଶନ ପୁରର ଗୋପୀନାଥ ଦାସଙ୍କ ସ୍ୱାରା ଏହି ଲୀଳା ପ୍ରଥମେ ଲୋକଲୋଚନକୁ ଆସିଲା ଏବଂ ତାଙ୍କର ମୁଖ୍ୟଶିଷ୍ୟଭାବେ ଘୁମୁସର ନିମିନାର ଆନନ୍ଦଚନ୍ଦ୍ର ନାୟକ, ଭଜମନ ନାୟକ ଓ କାଶୀନାଥ ନାୟକଙ୍କ ଦ୍ୱାରା ଏହି ଲୀଳା ଗଞ୍ଜାମର ପୁରପଲ୍ଲୀରେ ଅଭିନୀତ ହୋଇ ଲୋକଙ୍କ ଶ୍ରଦ୍ଧାଭାଜନ ହୋଇଥିଲା । ବିଶେଷତଃ ନିମିନାର ଭୂମିକା ଏହି ଲୀଳା ନିମିତ୍ତ ଉଲ୍ଲେଖଯୋଗ୍ୟ । ଏହି ଲୀଳାରେ ପ୍ରଥମେ ବଚନିକା ନଥିଲା । ବଚନିକା ପ୍ରୟୋଗ କଲେ ନିମିନାର ବିଶ୍ୱମ୍ଭର ଦାସ (ବିଶ୍ୱନାଥ ସାହୁ) । ଏହା ଦୀର୍ଘ ଲହର ଯୁକ୍ତ ଏବଂ ହୃଦ୍ୟ । ଏହି ଲୀଳାରେ ସେ ଯୋଗୀବେଶ ମଧ୍ୟ ସନ୍ନିବେଶିତ କରାଇଛନ୍ତି । ଏହି ଗ୍ରାମର କୃଷ୍ଣଚନ୍ଦ୍ର ଦାସ (କୃଷ୍ଣଚନ୍ଦ୍ର ନାୟକ) ପାଟରାଣୀ ବେଶ ବାସୁଦେବ ମହାପାତ୍ର ରଜନୀବେଶ ସଂଯୋଗ କରିଛନ୍ତି । ସମସ୍ତ ରଚନା କିନ୍ତୁ ଭଣତି ହୋଇଛି କିଶୋରଚନ୍ଦ୍ର ରାଜେନ୍ଦ୍ରଙ୍କ ନାମରେ । ଫଳତଃ ମୂଳ ରଚନାରେ ୧୮୪ଟି ଗୀତ ସ୍ଥାନ ପାଇଲାବେଳେ ଲୋକ କବିମାନଙ୍କ ବେଶ ପ୍ରବେଶ ଫଳରେ ଗୀତ ସଂଖ୍ୟା ୧୯୦

ହୋଇଛି । ନାଟ୍ୟିକ ଦୃଷ୍ଟିରୁ ବିଚାର କଲେ କୃଷ୍ଣଲୀଳାଠାରୁ ଏହା ଅଧିକ ଉନ୍ନତ । ନୃତ୍ୟଗୀତ, ବେଶପରିପାଟୀ, ମଞ୍ଚସଜ୍ଜା, ଚରିତ୍ରାୟନ ବଚନିକା ସଂଯୋଜନା ଓ କାବ୍ୟିକତା ଆଦି ବିଚାରରେ ଏହା ସଂସ୍କୃତ ନାଟକର ସମୀପବର୍ତ୍ତୀ ମନେ ହୁଏ । ଲୀଳା ନାଟ୍ୟର ଆଧ୍ୟାତ୍ମିକ ଗଣ୍ଡି ଭିତରୁ ବିମୁକ୍ତ । ଏହି ଲୀଳାଟି ଦର୍ଶକ ମନରେ ଆଧ୍ୟାତ୍ମିକ କଳାଗତ ଆନନ୍ଦର ଯୁଗପତ୍ ବିଳାସ ସୃଷ୍ଟି କରିଥାଏ ।

### ଭାରତଲୀଳା

ଭାରତଲୀଳା ଓଡ଼ିଆ ଲୀଳା ସାହିତ୍ୟରେ ବିଶିଷ୍ଟ ସ୍ଥାନ ଅଧିକାର କରିଛି । ଏହା ଗଞ୍ଜାମର ନିଜସ୍ୱ ସୃଷ୍ଟି ଏବଂ ବଳିଷ୍ଠ ଲୋକନାଟକ ରୂପେ ପୁରପଲ୍ଲୀରେ ପ୍ରଚଳିତ । ଏହାର ରଚୟିତା ହେଉଛନ୍ତି ଦୀନବନ୍ଧୁ ଦାସ । ଏହି ଲୀଳାର ଜନ୍ମ ସମ୍ୱତ୍ସର ୧୮୪୦ । ଏହି ଲୀଳାକୁ ପ୍ରାଥମିକ ସ୍ତରରେ ହୁଗୁଳିଭାରତ' ବା ଭାଡ଼ିକିଳା' ନାମକରଣ କରିବା ପଶ୍ଚାଦ୍ ଭାଗରେ କେତେକ କାରଣ ରହିଛି । କଥାବସ୍ତୁର ପରିବେଷଣ ଅପେକ୍ଷା ହାସ୍ୟରସକୁ ପ୍ରାଧାନ୍ୟ ଦିଆଯାଇଥିଲା । ଅଭିନେତାମାନଙ୍କର ଅଶୁଦ୍ଧ ପଦୋଚାରଣ, ବିକୃତ ବେଶ ବିନ୍ୟାସ ଓ ହାସ୍ୟରସ ପରିବେଷଣ ନିମିତ୍ତ ବ୍ୟବହୃତ ଅଶ୍ଲୀଳ ଭାଷା ଓ ଇଂଗିତ ହେତୁ ତାତ୍ସଲ୍ୟରେ ଗଞ୍ଜାମର ବିଦଗ୍ଧ ସାହିତ୍ୟ ଅନୁରାଗୀ ବ୍ୟକ୍ତି ବିଶେଷ ଏଭଳି କହୁଥିଲେ । ତେବେ ସମୟକ୍ରମେ କନ୍ଧ ଖରିଜା ଗ୍ରାମର ଶ୍ୟାମସୁନ୍ଦର ସାବତ, ସୁଭଦ୍ରା ଭରଣ' ପୋଥୀକୁ ପରିମାର୍ଜିତ କରି ୧୮୬୧ ମସିହାରେ ଏହାକୁ ଦୁଆରୀନାଟ'ରେ ନାମିତ କଲେ । ଏଥିରେ ଅଷ୍ଟଦଶ ପୁରାଣ ମଧ୍ୟଯୁଗୀୟ କାବ୍ୟରୁ ଛାନ୍ଦ, ଦୌପଦୀର ସଂଯୋଜନା, ଅମରକୋଷ, ଶ୍ଳୋକ କୌମୁଦୀ, ମହାନାଟକର ଶ୍ଳୋକର ପ୍ରୟୋଗ ହେତୁ ଏହା ସୁଧୀଜନଙ୍କ ଦ୍ୱାରା ମଧ୍ୟ ଆଦୃତ ହେଲା । ରଚନା ପରବର୍ତ୍ତୀ ସମୟରେ ରଚନା କରିଛନ୍ତି ଯୋଗୀନ୍ଦ୍ର ମଳିନ ଓ ଶ୍ରୀନିବାସ ଦାସ । ସଂପ୍ରତି ନବଘନ ପରିଜା ଭାରତଲୀଳା ପରିବେଷଣ କରି ରାଜ୍ୟ ଓ ରାଜ୍ୟ ବାହାରେ ସୁନାମ ଅର୍ଜନ କରିଛନ୍ତି । ସଙ୍ଗୀତ ନାଟକ ଏକାଡ଼େମୀ ଦ୍ୱାରା ମଧ୍ୟ ସମ୍ବର୍ଦ୍ଧିତ ହୋଇଛନ୍ତି । ଭାରତଲୀଳା ମନୋରଞ୍ଜନ ଧର୍ମୀ ହେଲେ ବି ଏହାର ସାମାଜିକ ଆବେଦନ ରହିଛି । ଲୋକଶିକ୍ଷା ଏହି ଲୀଳାର ବୈଶିଷ୍ଟ୍ୟ । ବିଦେଶ ଭ୍ରମଣରେ ଏହା ପ୍ରଥମ ଓଡ଼ିଆ ଲୋକନାଟକ । ନାଟକ ଦୃଷ୍ଟିରୁ ବିଚାର କଲେ ରାମଲୀଳା ଅପେକ୍ଷା କୃଷ୍ଣ ଲୀଳା ଉନ୍ନତ । ରାସଲୀଳା ଓ ରାଧାପ୍ରେମଲୀଳାରେ ଆଂଶିକ ବିକାଶ ଘଟି ଭାରତଲୀଳାରେ ଏହାର ପରିପୂର୍ଣ୍ଣ ରୂପ ପ୍ରକାଶ ପାଇଛି । ବସ୍ତୁତଃ ଭାରତଲୀଳା ନାଟକର ନାଟ୍ୟିକ ରୂପାନ୍ତରୀକରଣର ଏକ ସଫଳ ଓ ସ୍ୱୟଂ ସମ୍ପୂର୍ଣ୍ଣ ମନୋରଞ୍ଜନାତ୍ମକ କଳାକୃତୀ । ନୃସିଂହ ଉପାସନାର ପରମ୍ପରାକୁ ନେଇ ଗଢ଼ି ଉଠିଛି ପ୍ରହ୍ଲାଦ ନାଟକ । ଗଞ୍ଜାମରେ ଏହାର ବିଶେଷ ଆଦର ରହିଛି । ଏହି ନାଟ୍ୟଶୈଳୀରେ ରଚିତ ପୂର୍ବଲିଖିତ ନାଟକ ମଧ୍ୟ ଅଭିନୀତ ହୋଇ ଉଚ୍ଚ ପ୍ରଶଂସିତ ହୋଇଥିଲା । ବାଘନାଚ ଓ ରଣପା ନାଚ ପାଇଁ ସମଗ୍ର ବିଶ୍ୱରେ ଗଞ୍ଜାମ ଗୌରବାନ୍ୱିତ ହୋଇଛି । ବିଶେଷତଃ ବାଘନାଚ ପାଇଁ ଭଞ୍ଜନଗରର ନାରାୟଣ ମହାରଣା ଏବଂ ରଣପା ନାଚ ପାଇଁ ପଦ୍ମଶ୍ରୀ ଭଗବାନ ସାହୁ (ବଡ଼କୁଶସ୍ଥଳୀ ଗ୍ରାମ) ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି । ଆଲୋଚକ ଦ୍ୱାରା ରଚିତ ଗଞ୍ଜାମର ଲୋକନାଟ୍ୟ ପରମ୍ପରା ପଞ୍ଚାରେ ଗଞ୍ଜାମର ସମସ୍ତ ଲୋକନାଟକ ସମ୍ପର୍କରେ ସୁବିସ୍ତୃତ ଆଲୋଚନା ହୋଇଛି ।

### ଗଞ୍ଜାମ ଲୋକନାଟକର ବୈଶିଷ୍ଟ୍ୟ

ସ୍ୱର ସାଧନା ଗଞ୍ଜାମ ଲୋକନାଟକରେ ମୁଖ୍ୟ ବିଶେଷତ୍ୱ । ଗାୟକ ଓ ଅଭିନେତାମାନେ ଏଥିପ୍ରତି ଗୁରୁତ୍ୱ ଦେଇଥାନ୍ତି । ଗାୟକମାନଙ୍କର ଗୀତ ନିସ୍ତବ୍ଧ ରାତିରେ ମାଇଲ ମାଇଲ ରାସ୍ତା ପର୍ଯ୍ୟନ୍ତ ଶୁଭେ । କଂଠସ୍ୱର ଉଚ୍ଚ ଅଥଚ କୋମଳ । ଏଥିପାଇଁ ସେମାନେ ନିରନ୍ତର କଂଠ ସାଧନା କରିଥାନ୍ତି ।

ଗଞ୍ଜାମ ଲୋକନାଟକର ଗୌରବମୟ ଐତିହ୍ୟ ଓ ସମୃଦ୍ଧ ପରମ୍ପରାକୁ ନେଇ ପାଶ୍ଚାତ୍ୟ କଳାବିତ୍ ଓ ଗବେଷକମାନେ ଗଞ୍ଜାମର ପୁରପଲ୍ଲୀରେ ପହଞ୍ଚିଥାନ୍ତି । ଅନେକ ଗବେଷଣାତ୍ମକ ଉପଲବ୍‌ଧିକୁ ନେଇ ଫେରିଛନ୍ତି । ଗଞ୍ଜାମ ଲୋକନାଟକର ଭୂୟସୀ ପ୍ରଶଂସା କରିଛନ୍ତି । ଲୋକ ନାଟକର ସ୍ୱଳ୍ପ ସମୟ ମଧ୍ୟରେ ପରିବେଷଣ, ଦୁଃସ୍ଥ କଳାକାର ଭତ୍ତା ପ୍ରଦାନ ଓ ପ୍ରୋତ୍ସାହନ ଏବଂ ଲୋକନାଟକ ପ୍ରତିଷ୍ଠାନ ପ୍ରତିଷ୍ଠା କଲେ ଲୋକନାଟକ ବଂଚି ରହିବ । ସଂପ୍ରତି ଲୋକନାଟକ ପ୍ରାୟ ବିଲୁପ୍ତ ହୋଇ ଆସୁଛି । ଆକାଶବାଣୀ, ବ୍ରହ୍ମପୁର ସୌଜନ୍ୟରୁ ପ୍ରାୟ ଅଧିକାଂଶ ଲୋକନାଟକର ରେକର୍ଡ଼ିଂ କାର୍ଯ୍ୟ ହୋଇଛି । ଏହାର ପ୍ରସାରଣ ହେଉଛି । ଲୋକନାଟକ ସମ୍ପର୍କରେ ଆଲୋଚନା ମଧ୍ୟ ହୋଇଛି । ଏହା ଆନନ୍ଦର କଥା । ତେବେ ଦୂରଦର୍ଶନ ଏବଂ ଡ଼କ୍ୟୁମେଣ୍ଟସନ୍‌ର ଆବଶ୍ୟକତା ଅପରିହାର୍ଯ୍ୟ । ରାଜ୍ୟ ସରକାର ଏଥିପ୍ରତି ଧ୍ୟାନଦେବା ବିଧେୟ । ଗଞ୍ଜାମର ଲୋକ ସାହିତ୍ୟ ଓଡ଼ିଆ ଲୋକ ସାହିତ୍ୟକୁ ସୁସମୃଦ୍ଧ କରିଛି । ଏହା ପ୍ରକାରାନ୍ତରେ କୁହାଯାଇପାରେ । ଲୋକ ସାହିତ୍ୟର ସଂଗ୍ରହ ଓ ସଂରକ୍ଷଣ ଆମର ଜାତୀୟ କର୍ତ୍ତବ୍ୟ ।

ବାଣୀବିହାର
ଆସିକା (ଗଞ୍ଜାମ)



# ଉତ୍କଳ ହିତୈଷୀ ଜନ୍ ବିମ୍‌ସ

ଇଂ. ଗୋବର୍ଦ୍ଧନ ଦୋରା

ଓଡ଼ିଶାରେ ଜନ୍ ବିମ୍‌ସଙ୍କ (୧୮୩୭–୧୯୦୨) କାର୍ଯ୍ୟକାଳ ବାଲେଶ୍ୱରରୁ ଆରମ୍ଭ ହୋଇଥିଲା । ସେ ବେଙ୍ଗଲ ସିଭିଲ୍ ସର୍ଭିସେସ୍‌ର ସଭ୍ୟ ଥାଇ ଶାସନ ଓ ବିଚାର ବିଭାଗୀୟ କାର୍ଯ୍ୟ ତୁଲାଉ ଥିଲେ ।

ଜନ୍ ବିମ୍‌ସ ୧୮୬୯ରୁ ୧୮୭୩ ପର୍ଯ୍ୟନ୍ତ ବାଲେଶ୍ୱରର କଲେକ୍ଟର ଥିଲେ । ଓଡ଼ିଶାର କମିସନ୍‌ର ଟି.ଇ ରେଭେନ୍‌ସା ତିନିମାସ ଛୁଟିରେ ଯିବାରୁ ବିମ୍‌ସ କଟକ ଆସି ସେ ଦାୟିତ୍ୱ ତୁଲାଇ ଥିଲେ । ରେଭେନ୍‌ସା ଛୁଟିରୁ ଫେରିବାରୁ ବିମ୍‌ସ କଟକ କଲେକ୍ଟର ଦାୟିତ୍ୱରେ ରହିଲେ । ୧୮୭୭ ମସିହାରେ ରେଭେନ୍‌ସା ସାହେବ ମାତ୍ର ତିନି ମାସ ପାଇଁ କଲିକତାସ୍ଥ ବୋର୍ଡ଼ ଅଫ୍ ରେଭିନ୍ୟୁରେ ନିଯୁକ୍ତ ହେବାରୁ ବିମ୍‌ସ ପୁନରାୟ କମିସନର ଦାୟିତ୍ୱରେ ରହିଲେ । ମାତ୍ର ରେଭେନ୍‌ସା କଟକ ଫେରିଆସିବାରୁ ବିମ୍‌ସ ତାଙ୍କର ପୁରୁଣା କର୍ମସ୍ଥାନ କଟକ କଲେକ୍ଟର ପଦକୁ ଚାଲିଗଲେ । ଜନ୍ ବିମ୍‌ସ ଓ ରେଭେନ୍‌ସା ସାହେବଙ୍କ ମଧ୍ୟରେ ବିବାଦ ଚାଲିଥିଲା । ତାହା ଦିନକୁ ଦିନ ଅତି ଉତ୍କଟ ହେବାରୁ ବେଙ୍ଗଲ୍‌ର ଲେଫ୍ଟନାଣ୍ଟ ଗଭର୍ଣ୍ଣର ସିସିଲ୍ ବିଡ଼ନ୍ ଓଡ଼ିଶା ପରିଦର୍ଶନରେ ଆସି କହିଲେ 'Orissa want new blood' । ରେଭେନ୍‌ସା ବର୍ଦ୍ଧମାନର କମିସନର ଭାବରେ ଓ ବିମ୍‌ସ ଶ୍ରୀହଟ୍ଟ ଜିଲ୍ଲାର କମିସନର୍ ଓ ଜଜ୍ ପଦରେ ନିଯୁକ୍ତ ହେଲେ ।

### ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନରେ ବିମ୍‌ସଙ୍କ ଭୂମିକା

ଊନବିଂଶ ଶତାବ୍ଦୀର ସପ୍ତମ ଦଶକରେ ଯେତେବେଳେ ବଙ୍ଗାଳୀମାନେ ଓଡ଼ିଶାରେ ବଙ୍ଗାଳୀ ଭାଷା ଚଳୁ ବୋଲି ଚେଷ୍ଟିତ ଥିଲେ, ସେତେବେଳେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଯେଉଁ ମହାପୁରୁଷମାନେ ସ୍ୱର ଉତ୍ତୋଳନ କରିଥିଲେ, ସେମାନଙ୍କ ମଧ୍ୟରେ ଜନ୍ ବିମ୍‌ସ ଥିଲେ ଅନ୍ୟତମ ।

ଓଡ଼ିଶାରେ ବଙ୍ଗଳା ଭାଷା ପ୍ରଚଳନ ପ୍ରସ୍ତାବର ପ୍ରତିବାଦ କରି ବିମ୍‌ସ ତାଙ୍କ ପ୍ରଣୀତ ଗ୍ରନ୍ଥ 'Comparative Grammar of four languages'ର ପ୍ରଥମ ଭାଗ ପୃଷ୍ଠା ୧୧୯ରେ ଲେଖିଛନ୍ତି : ଗୋଟିଏ ସମୟରେ ଓଡ଼ିଆ ଗୋଟିଏ ସ୍ଥିର ଏବଂ ସ୍ୱୟଂସଂପୂର୍ଣ୍ଣ ଭାଷାରେ ପହଞ୍ଚି ଥିଲା । ସେସମୟରେ ବଙ୍ଗଳା ଭାଷାର ଅସ୍ତିତ୍ୱ ନଥିଲା । ବଙ୍ଗାଳୀମାନେ ହିନ୍ଦୀର ଏକ ପୂର୍ବାଞ୍ଚଳୀୟ ଅପଭ୍ରଂଶରେ କଥାବାର୍ତ୍ତା କରୁଥିଲେ । ଏ ପର୍ଯ୍ୟନ୍ତ ଆମେ ଦେଖୁଛୁ ଏମିତି କିଛି ବିଶେଷତ୍ୱ ନାହିଁ, ଯାହାକି ବଙ୍ଗଳା ଭାଷାର ପ୍ରାଧାନ୍ୟ ପ୍ରକାଶ କରିବ ।'

୧୮୭୦ ମସିହା ମେ ମାସ ୪ ତାରିଖରେ ଏସିଆଟିକ୍ ସୋସାଇଟି ଅଫ୍ ବେଙ୍ଗଲର ଏକ ସଭାରେ ଓଡ଼ିଆ ଭାଷା ଉପରେ ଐତିହାସିକ ରାଜେନ୍ଦ୍ର ଲାଲ୍‌ଙ୍କ ଏକ ଟିପ୍ପଣୀକୁ ଖଣ୍ଡନ କରି ବିମ୍‌ସ କହିଥିଲେ, 'ଓଡ଼ିଆ ଏକ ପୁରୁଣା ମୌଳିକ ଭାଷା' ବିମ୍‌ସ 'The Indigenous literature of Orissa' ନାମରେ ଏକ ପ୍ରବନ୍ଧ ଲେଖିଥିଲେ । (ମାର୍ଚ୍ଚ ୧ ତାରିଖ, ୧୮୭୨ ଇଣ୍ଡିଆନ୍ ଆଣ୍ଟିକ୍ୱାରି ପତ୍ରିକାରେ ପ୍ରକାଶିତ) ସେ ଲେଖିଥିଲେ 'ମୁଁ ଜାଣେ, ଓଡ଼ିଆ ଭାଷାର ସ୍ଥାନ ଅପେକ୍ଷାକୃତ ଅନ୍ୟାନ୍ୟ ଭାରତୀୟ ଭାଷାମାନଙ୍କ ତୁଳନାରେ ତଳେ, କିନ୍ତୁ ଏହାର କାରଣ ହେଉଛି, ଏ ଭାଷା ଘୋର ଅନ୍ଧକାର ମଧ୍ୟରେ ଥିଲା । ମୁଁ ବିଚାର କରେ ସମସ୍ତ ଆର୍ଯ୍ୟ ଭାଷାମାନଙ୍କ ମଧ୍ୟରେ ଓଡ଼ିଆ ଏକ ମଜାଦାର ଭାଷା, କାରଣ ଅନ୍ୟାନ୍ୟ ଭାଷାମାନଙ୍କଠାରୁ ଏହା ଅଲଗା ହୋଇଥିବାରୁ ଏହାର ମୌଳିକ ରୂପରେଖ ନଷ୍ଟ ହୋଇନାହିଁ ଏବଂ ଏକାକୀ ବିସ୍ତାରଲାଭ କରିଛି । ତଳ ଲିଖିତ ପୁସ୍ତକ ତାଲିକା ତାହାର ଏକ ପ୍ରମାଣ । ପ୍ରମାଣ ସ୍ୱରୂପ ୧୬୦୦ ଶତାବ୍ଦୀର କବି ଦୀନକୃଷ୍ଣ ଦାସଙ୍କ 'ରସକଲ୍ଲୋଳ' ଏକ ପ୍ରତିଷ୍ଠିତ ଓଡ଼ିଆ କାବ୍ୟ । ଏହାର ଗୀତଗୁଡ଼ିକୁ ଗ୍ରାମ୍ୟ ସଭାରେ ବୋଲାଯାଏ ଏବଂ ଶିକ୍ଷିତ ଓଡ଼ିଆମାନେ ପ୍ରାୟ

ସବୁ ଛାନ୍ଦଗୁଡ଼ିକୁ ମନେ ରଖିଥାନ୍ତି । ବିମ୍‌ସ ସଂଗ୍ରହ କରିଥିବା ବହି ତାଲିକା–

ସୁଭଦ୍ରା ପରିଣୟ, ରସ ମଞ୍ଜରୀ, ପ୍ରେମ ସୁଧାନିଧି, ରସ ପଞ୍ଚକ, ରସିକ ହାରାବଳି , ସୁବର୍ଣ୍ଣରେଖା, ଶୋଭାବତୀ, ଚିତ୍ରକାବ୍ୟ ବନ୍ଧୋଦୟ, କାମକୌତୁକ, ଦି ପୋଇ, ଛଅ ପୋଇ , ସାତ ପୋଇ, ନଅ ପୋଇ, ଧ୍ୟାନ ମଞ୍ଜରୀ , ଶବ୍ଦମାଳା, ଷଡ଼ଋତୁ, ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, କଳାକୌତୁକ ପୁରୁଷୋତ୍ତମ ମାହାତ୍ମ୍ୟ, ତ୍ରୈଲୋକ୍ୟମୋହିନୀ, ଚିତ୍ରଲେଖା , ହେମମଞ୍ଜରୀ, ରସଲେଖା, କାମକଳା, ପ୍ରେମଲତା, ଭାବବତୀ, ମୁକ୍ତାବତୀ , ଗୀତାବିଧାନ । (ଉପରୋକ୍ତ କାବ୍ୟ ପ୍ରସିଦ୍ଧ କବି ଉପେନ୍ଦ୍ର ଭଞ୍ଜଙ୍କ ଦ୍ୱାରା ରଚିତ) । ରସକଲୋଳ (ଦୀନକୃଷ୍ଣ ଦାସ), ଅନଙ୍ଗ ରେଖା (ଦୀନକୃଷ୍ଣ ଦାସ), ଭାଗବତ (ଜଗନ୍ନାଥ ଦାସ), ମହାଭାରତ (ସାରଳା ଦାସ), ମହାଭାରତ (କୃଷ୍ଣଦାସ), ମହାଭାରତ (ଚିନ୍ତାମଣି), ଭାଗବତ ଗୀତା (ଗୁଣ୍ଡିଚା ଦେବୀ) , ହରିବଂଶ (ନାରାୟଣ ଦାସ), ରାମାୟଣ (ବଳରାମ ଦାସ), ପଦ୍ମପୁରାଣ (ନୀଳାମ୍ବର ଦାସ), କାର୍ତ୍ତିକ ମାହାତ୍ମ୍ୟ (ଶିବ ଦାସ), ମାଘ ମାହାତ୍ମ୍ୟ (କ୍ରିଷ୍ଣ ଦାସ), ବୈଶାଖ୍ୟ ମାହାତ୍ମ୍ୟ (ଅଚ୍ୟୁତ୍ ଦାସ), ଏକାଦଶୀ ମାହାତ୍ମ୍ୟ (ଦିବାକର ଦାସ), ଗଙ୍ଗା ମାହାତ୍ମ୍ୟ (ଦିବାକର ଦାସ), ଭାରତ ହରିବଂଶ (ବଳରାମ ଦାସ), ଆରତଧ୍ୱଂସ (ନିତ୍ୟାନନ୍ଦ ଦାସ), ଯୁଗଳ ରସାମୃତ ଲହରୀ (ସୂର୍ଯ୍ୟ ବ୍ରହ୍ମା), ବାଉଁରୀ ଓ ଚଉଁରୀ, ବିଦଗ୍ଧ ଚିନ୍ତାମଣୀ (ଅଭ୍ୟୁମନ୍ୟୁ ସାମନ୍ତସିଂହାର), ବିଚିତ୍ର ରାମାୟଣ (ବିଶି), ଆର୍ତ୍ତତ୍ରାଣ, ଗଜସ୍ତୁତି (ଜଗନ୍ନାଥ ଦାସ), ହରିଣ ସ୍ତୁତି (ଜଗନ୍ନାଥ ଦାସ), ଦୃଢ଼ ଭକ୍ତି / ଦ୍ରାଢ୍ୟତା ଭକ୍ତି (ବଳରାମ ଦାସ), ଗୁଣ ସାଗର, ମଥୁରା ମଙ୍ଗଳ, ଲକ୍ଷ୍ମୀପୁରାଣ (ବଳରାମ ଦାସ), କାଞ୍ଚି କାବେରୀ, ବ୍ରଜବିହାରୀ, ରଘୁନାଥ ବିଳାସ (ଧନଞ୍ଜୟ ଭଞ୍ଜ), କଳାକୌତୁକ (ଧନଭଞ୍ଜ), ଅମରକୋଷ ଟୀକା (ନାରାୟଣ ଭଞ୍ଜ), ଚିନ୍ତାମଣୀ, ରସଲତା, ଦାର୍ଢ୍ୟରସାମୃତ, କପଟ ପାଶା, ରସିକ ମଙ୍ଗଳ, ଅଳଙ୍କାର ବୋଲି (ଦୀନକୃଷ୍ଣ ଦାସ), ନାବକେଳି, ଜୈମିନି ଭାରତ (ନୀଳାମ୍ବର ଦାସ), ସାରଳା ସ୍ତୁତି (ରାମ ନାଏକ), ରୁଦ୍ର ସ୍ତୁତି (ନୀଳାମ୍ବର ଦାସ), ଧ୍ରୁବ ସ୍ତୁତି (ଜଗନ୍ନାଥ ଦାସ), ନାମରତ୍ନ ଗୀତା (କ୍ରିଷ୍ଣ ଦାସ), ଇତିହାସ ପୁରାଣ (ଜଗନ୍ନାଥ ଦାସ) , ଦ୍ୱାଦଶ ମାହାତ୍ମ୍ୟ (ମାଧବ ଦାସ), ଚୈତନ୍ୟ ଚରିତାମୃତ (କ୍ରିଷ୍ଣ ଦାସ), ପ୍ରେମ ପଞ୍ଚାମୃତ (ବିଭୁ ପତି), ସାତଖଣ୍ଡିଆ ମହାଭାରତ (ଅଚ୍ୟୁତ ଦାସ), ଦାରୁବ୍ରହ୍ମ (ଅଚ୍ୟୁତ୍ ଦାସ), ଗୀତଗୋବିନ୍ଦ (ଧରଣୀଧର) ।

୧୮୬୯ ମସିହା ନଭେମ୍ବର ୮ ତାରିଖରେ ଓଡ଼ିଶାରେ ଓଡ଼ିଆ ଚଳିବ ବୋଲି ସରକାର ସିଦ୍ଧାନ୍ତ କଲେ । ଏଇ ଓଡ଼ିଆ ପ୍ରଚଳନ ନୀତିରେ ବ୍ୟଥିତ ହୋଇ ବାଲେଶ୍ୱର ଜିଲ୍ଲା ସ୍କୁଲ୍ ପଣ୍ଡିତ କ୍ରାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଗୋଟିଏ ଚଟି ବହି ଲେଖିଲେ 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନଏ' ବହିର ବିଜ୍ଞାପନରେ ଗ୍ରନ୍ଥକର୍ତ୍ତା ଲେଖିଛନ୍ତି : ଓଡ଼ିଆ ଅନୁବାଦ – ବିଜ୍ଞାପନ ।

ବିଦ୍ୟାଳୟ କିମ୍ବା ଅଦାଲତ ସବୁଆଡ଼େ ଓଡ଼ିଆରେ ଲେଖାଯାଉଅଛି ଓ କୁହାଯାଉଅଛି । ଦ୍ୱିତୀୟତଃ ଗଭର୍ଣ୍ଣମେଣ୍ଟ ବିଦ୍ୟାଳୟ ସବୁ ସ୍ଥାପିତ ହେବାଠାରୁ ଏହି ସବୁ ଅନୁଷ୍ଠାନରେ ବଙ୍ଗଳା ଭାଷା ପ୍ରଚଳନ ଥିଲା । ଏବେ ମାନ୍ୟବର କମିଶନ ସାହେବଙ୍କ ବିଜ୍ଞାପନ ଅନୁସାରେ ବଙ୍ଗଳା ଉଠିଯାଇ ଓଡ଼ିଆ ଭାଷା ପ୍ରଚଳିତ ହୋଇଛି । ଶ୍ରୀଯୁକ୍ତ କମିସନର୍ ଓ କେତେକ ମିସ୍‌ନାରୀଙ୍କ ମନରେ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ଏପରି ପ୍ରତୀତି ଜନ୍ମିଛି । ଯେତେବେଳେ ସେମାନେ 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା, ଏପରି ସ୍ଥିର କରିଛନ୍ତି ଏବଂ ଯେତେବେଳେ ବଙ୍ଗଳା ବହିଗୁଡ଼ିକ ଓଡ଼ିଶାର ପାଠଶାଳାମାନଙ୍କରୁ ନିର୍ବାସିତ ହୋଇଛି, ସେତେବେଳେ ଅନେକଙ୍କର ସନ୍ଦେହଜାତ କରେ ବୋଧ୍ ହୁଏ ଓଡ଼ିଆ ଓଡ଼ିଶାରେ ପ୍ରଚଳିତ ହେଲା ।

ମୋର ଏଇ ଭାଷା ବିଷୟକ କ୍ଷୁଦ୍ର ପୁସ୍ତକର ସାହାଯ୍ୟ ପାଇଁ ମାନ୍ୟବର ଶ୍ରୀଯୁକ୍ତ ଜନ୍ ବିମ୍‌ସ ସାହେବଙ୍କ ଇଣ୍ଡିଆନ୍ ଫିଲୋଲୋଜିରୁ ଅଧିକାଂଶ ଆହରଣ ଓ ବଙ୍ଗଳାର ନାନା ସ୍ଥାନରେ ପ୍ରଚଳିତ ଭାଷା ସଂକଳନ କରିବାକୁ ପଡ଼ିଛି । ଏହି ସଂକଳନ ବିଷୟରେ ରଂପୁର ଟ୍ରେନିଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବାବୁ ଚଣ୍ଡୀଚରଣ ଚଟ୍ଟୋପଧ୍ୟାୟ, ଶ୍ରୀହଟ ଜିଲ୍ଲା ସ୍କୁଲ୍‌ର ପ୍ରଧାନ ପଣ୍ଡିତ ବାବୁ କାଳୀକିଙ୍କର ଶର୍ମା, ଯସୋର୍ ଜିଲ୍ଲାର ନୋଡ଼ାଲ ସ୍କୁଲ୍‌ର ପ୍ରଧାନ ପଣ୍ଡିତ ବାବୁ ଅମର ନାଥ ଭଟ୍ଟାଚାର୍ଯ୍ୟ ଏବଂ ପାଞ୍ଚକୁଣ୍ଡା ଇଂରାଜୀ ବିଦ୍ୟାଳୟର ଭୂତପୂର୍ବ ପ୍ରଧାନ ଶିକ୍ଷକ ବାବୁ ଓମାପ୍ରସାଦ ଦେ, ସେଇ ସେଇ ପ୍ରଦେଶର କଥିତ ଭାଷା କରି ମୋର ପରମ ଉପକାର କରିଛନ୍ତି । ଏମାନେ ମୋର କୃତଜ୍ଞତାର ପାତ୍ର । ବାଲେଶ୍ୱର ବାରବାଟୀ ସ୍କୁଲ୍‌ର ପ୍ରଧାନ ପଣ୍ଡିତ ଶ୍ରୀଯୁକ୍ତ ବାବୁ କାର୍ତ୍ତିକ ଚନ୍ଦ୍ର ଚକ୍ରବର୍ତ୍ତୀ ମହାଶୟ ମଧ ଏହି ପୁସ୍ତକରେ ଅନେକ ପରିଶ୍ରମ କରିଛନ୍ତି, ଯଦ୍ୟପି ସେ ବିଶେଷ କୃତଜ୍ଞତାର ପାତ୍ର ।

ଏହି ପୁସ୍ତକ ମୁଦ୍ରଣ ସମୟରେ କଲିକତା ସଂସ୍କୃତ କଲେଜର ପ୍ରଧାନ ଶିକ୍ଷକ ମୋର ପରମ ବଂଧୁ ଶ୍ରୀଯୁକ୍ତ ବାବୁ

ତାରିଣୀ ଚରଣ ଚଟ୍ଟୋପାଧାୟ ମହାଶୟ ଯତ୍ନ ସହିତ ସଂଶୋଧନ କରି ମୋର ଯଥେଷ୍ଟ ଉପକାର କରିଛନ୍ତି ।

ପରିଶେଷରେ କୃତଜ୍ଞତାର ସହିତ ଉଲ୍ଲେଖ କରୁଛି, ପ୍ରାଚୀନ ଇତିହାସ ଉଦ୍ଧାର ବିଷୟରେ ସୁନିପୁଣ ବିଦ୍ୱାନ ବିଚକ୍ଷଣ ଶ୍ରୀଯୁକ୍ତ ବାବୁ ରାଜେନ୍ଦ୍ର ଲାଲ୍ ମିତ୍ର ମହାଶୟ ସଂପୂର୍ଣ୍ଣ ଗ୍ରନ୍ଥ ଥରେ ପଢ଼ି କେତେକ ସ୍ଥାନରେ ପରିବର୍ତ୍ତନ ପାଇଁ ଉପଦେଶ ଦେଇଛନ୍ତି ଏବଂ ସେ ଏହି ପୁସ୍ତକ ସମୀଚୀନ ହୋଇଛି ବୋଲି କହିବାରୁ ମୁଁ ଜନ ସମାଜରେ ଏହାକୁ ପ୍ରକାଶ କରିବା ପାଇଁ ଆଗେଇ ଆସିଲି ।

ବାଲେଶ୍ୱର ଶ୍ରୀ କାନ୍ତିଚନ୍ଦ୍ର ଶର୍ମା
ଗଭର୍ଣ୍ଣମେଣ୍ଟ ଜିଲ୍ଲା ସ୍କୁଲ୍
ସମ୍ବତ୍, ୧୯୨୬, ମାଘ

ଭଟ୍ଟାଚାର୍ଯ୍ୟ ମହାଶୟ ବହିଟିକୁ ଓଜନଦାର କରିବା ପାଇଁ ବିମ୍ସଙ୍କ ନାମ ଉଲ୍ଲେଖ କରିଛନ୍ତି । ମାତ୍ର ଏହି ବହିର ଅଭିମତକୁ ବିମ୍ସ ଅଗ୍ରାହ୍ୟ କରି ଲେଖିଲେ, ଯାହା ୧୮୭୦ ମସିହା ଏସିଆଟିକ୍ ସୋସାଇଟି ଅଫ୍ ବେଙ୍ଗଲ୍‌ର ପ୍ରୋସିଡ଼ିଙ୍ଗରେ ମୁଦ୍ରିତ (ପୃଷ୍ଠା ୧୫୨–୨୧୬) ଲେଖାଟିର ପ୍ରାରମ୍ଭିକ ଅଂଶ ନିମ୍ନରେ ଦିଆଗଲା ।

among the natives of the province, who are somewhat disgusted at finding their native language treated as a mere corruption of Bengali. The local excitement on the subject, has led me to look into the question more closely than I had before, though in course of reading for my 'Comparative Grammar of the Modern Aryan Languages' I had come upon many pecularities, both of phonetics and inflection, which had caused me long ago to make my mind as to the right of the Uriya to be considered a language *per se*. It may not be uninteresting to other to see an attempt made to analyse the structure of this little known form of speech and at the risk anticipating statements which would give to any grammar an air of greater novelity. I venture to put down a very brief outline or my views.....

ବିମ୍ସଙ୍କର ଅନ୍ୟାନ୍ୟ ଲେଖାଗୁଡ଼ିକ ହେଲା: A comparative grammar of the modern Aryan languages (published in 1872) London; outline of Indian Philology(published in 1867) । ବମ୍ବେରୁ ଏକ ଉଚ୍ଚଧରଣର ପତ୍ରିକା Indian Antiquary ସେସମୟରେ ପ୍ରକାଶ ପାଇଲା । ଏହାର ପ୍ରଥମ ସଂଖ୍ୟାର ପ୍ରଥମ ପ୍ରବନ୍ଧ ବିମ୍ସ ହିଁ ଲେଖିଥିଲେ । ଓଡ଼ିଶାର ବାର ଗଣନା, ଉତ୍ତର ଓଡ଼ିଶାର ବନ୍ୟଦୁର୍ଗ (ରାଇବଣିଆ), ଓଡ଼ିଆ ବ୍ରାହ୍ମଣ ସମାଜର ଜାତି ବିଭାଗ ଇତ୍ୟାଦି ପ୍ରବନ୍ଧମାନ ଏହି ପତ୍ରିକାରେ ପ୍ରକାଶ କରିଥିଲେ । ବିମ୍ସ ହେଉଛନ୍ତି କବି ଦୀନକୃଷ୍ଣ ଦାସଙ୍କ 'ରସ କଲ୍ଲୋଳ'ର ପ୍ରଥମ ସମାଲୋଚକ । ଏହି ଲେଖା ୧୮୭୨ ମସିହା ଜୁଲାଇରେ ଉପରୋକ୍ତ ପତ୍ରିକାରେ ପ୍ରକାଶ ପାଇଥିଲା । ବିମ୍ସଙ୍କ ଅନ୍ୟାନ ସାରସ୍ୱତ କୃତି ହେଉଛି:

1. The History of Orissa under the Mahommedan, Maratha and English Rule
2. Orissa: Notes of Akbar's Subah. with reference to Ain-i-Akbari
3. More Buddhist Remains in Orissa
4. The Jungle Forts of Northern Orissa
5. The Alti Hills in Cuttack
6. On a copper - plate grant from Balasore (A.D. 1483)
7. The Ruins at Kopari, Balasore District
8. The Indigenous Literature of Orissa
9. On the Relation of the Uriya to the other Modern Aryan Languages.
10. On Uriya Language, Script and Literature
11. Uriya
12. Folklore of Orissa

**ଶିକ୍ଷା ପ୍ରସାର –** ବାଲେଶ୍ୱରର କଲେକ୍ଟର ଥିଲାବେଳେ ୧୮୭୨ ମସିହା ସେପ୍ଟେମ୍ବର ୨୭ ତାରିଖରେ ବିମ୍ସ ସରକାରୀ ଘୋଷଣାନାମା ପ୍ରକାଶ କରିଥିଲେ ଯେ, ଯଦି ଗ୍ରାମାଞ୍ଚଳରେ ସ୍କୁଲଘର ଲୋକମାନେ ତିଆରି କରିଦେବେ ତେବେ ସରକାର ସମସ୍ତ ବ୍ୟୟ ଭାର ବହନ କରି ସ୍କୁଲ୍ ପରିଚାଳନା କରିବେ ।

ସେ କଟକର କଲେକ୍ଟର ଥିଲାବେଳେ ତାଙ୍କ କାର୍ଯ୍ୟକଳାପ ପ୍ରତି ଦୃଷ୍ଟି ଦେଇ ଗୌରୀଶଙ୍କର ଉତ୍କଳ ଦୀପିକାରେ ଲେଖିଥିଲେ: ସନ ୧୮୬୭ ଠାରୁ ୧୮୭୮ ପର୍ଯ୍ୟନ୍ତ ୧୦ବର୍ଷ ବାଲେଶ୍ୱର ଓ କଟକର କଲେକ୍ଟର, ଆକ୍ଟିଂ କମିଶନର ସ୍ୱରୂପ ଓଡ଼ିଶାରେ ଥିବାରୁ ପ୍ରଦେଶୀୟ ଲୋକଙ୍କଠାରେ ସୁପରିଚିତ ଥିଲେ । ସେ ଜଣେ ତୀକ୍ଷ୍ଣ ବୁଦ୍ଧି ଏବଂ ବିଦ୍ୱାନ ବ୍ୟକ୍ତି ଥିଲେ ଏବଂ ତାହାଙ୍କ ରଚିତ କେତେଖଣ୍ଡ ପୁସ୍ତକ ବର୍ତ୍ତମାନ ରହିଅଛି । ମାତ୍ର କ୍ଷଣେ ତୁଷ୍ଟ କ୍ଷଣେ ରଷ୍ଟ ନବାବୀ ମିଜାଜ୍ ହେତୁ ସେ ସରକାରୀ କାର୍ଯ୍ୟରେ ଯୋଗ୍ୟତା ସ୍ୱରୂପ ପ୍ରଶଂସା ଲାଭ କରିପାରିଲେ ନାହିଁ । ଏ ନଗରର ମ୍ୟୁନିସିପାଲ ମାର୍କେଟ ତାହାଙ୍କର ପ୍ରଧାନ କୀର୍ତ୍ତି ଅଟେ ।

ରାଜ କାର୍ଯ୍ୟରେ ଲିପ୍ତ ଥିଲାବେଳେ ବିମ୍ସ କଠୋର ଥିଲେ । ସେଥିପାଇଁ ଉତ୍କଳ ଦୀପିକା ତାଙ୍କୁ କହୁଥିଲେ 'ଭୀମ ସାହେବ' । ଶିକ୍ଷାବିତ୍ ଓ ଲେଖକ ଗୋବିନ୍ଦ ଚନ୍ଦ୍ର ମହାପାତ୍ର (୧୮୪୫–୧୯୦୭) ବିମ୍ସଙ୍କର କ୍ରୋଧର ଶିକାର

ହୋଇଥିଲେ । ୧୮୭୪ ମସିହାରେ ବିମ୍‌ସ ପୁରୀ ଅଞ୍ଚଳର ଡ଼େପୁଟି ଇନ୍‌ସପେକ୍ଟର ଗୋବିନ୍ଦଙ୍କର ଅଫିସ୍ ପରିଦର୍ଶନ କରିଥିଲେ । ତାଙ୍କ ପରିଦର୍ଶନ ପରେ ଅଫିସିର ସବୁ ଟେବୁଲ୍ ଚୌକି ଗୋବର ପାଣିରେ ଧୁଆ ଯାଇଥିଲା । ଏହି ଖବର ବିମ୍‌ସ ଶୁଣି ଗୋବିନ୍ଦଙ୍କୁ କାର୍ଯ୍ୟରୁ ଅନ୍ତର କରିଥିଲେ । ଢ଼େଙ୍କାନାଳ ରାଜା ଭାଗିରଥି ମହେନ୍ଦ୍ର ମୃତ୍ୟୁପରେ ତାଙ୍କର ପୋଷ୍ୟପୁତ୍ର ଦୀନବନ୍ଧୁଙ୍କର ଗୃହ ଶିକ୍ଷକ ହୋଇ କାର୍ଯ୍ୟ କରୁଥିଲେ । ଦୀନବନ୍ଧୁ ନାବାଳକ ଥିବାରୁ ରାଜ୍ୟ କୋର୍ଟ ଅଫ୍ ୱାଡ଼ସ ଅଧୀନରେ ଥିଲା । କଲେକ୍‌ଟର ବିମ୍‌ସ ଢ଼େଙ୍କାନାଳ ପରିଦର୍ଶନରେ ଆସି ଗୋବିନ୍ଦଙ୍କୁ ଦେଖି ପୁନରାୟ କାର୍ଯ୍ୟରୁ ଅନ୍ତର କରିଥିଲେ । (ଏହି ଗୋବିନ୍ଦ ଚନ୍ଦ୍ର ମହାପାତ୍ର ହେଉଛନ୍ତି, କବିବର ରାଧାନାଥ ରାୟଙ୍କ ସହକର୍ମୀ । ସେ ୧୮୯୧ ରେ ମୟୂରଭଞ୍ଜରୁ ପ୍ରକାଶିତ ଉତ୍କଳ ପ୍ରଭାର ସମ୍ପାଦକ ଥିଲେ । ସେ ଅନେକ ପାଠ୍ୟ ପୁସ୍ତକ ସାଙ୍ଗକୁ ମହାଭାରତର ସମସ୍ତ ପର୍ବକୁ ସରଳ ଓଡ଼ିଆରେ ଅନୁବାଦ କରିଥିଲେ । ଏହି ମହାଭାରତର ୧୮ଟି ପର୍ବକୁ ପ୍ରଥମେ ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍ ଛାପିଥିଲେ ଏବଂ ପରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁନରାୟ ଛାପିଥିଲେ ।

ବିମ୍‌ସଙ୍କର ଓଡ଼ିଶାର ଭାଷା, ସାହିତ୍ୟ ସମାଜ, ଇତିହାସ ପ୍ରଭୃତିରେ ପ୍ରବେଶ ଥିଲା । ତେଣୁ ତାଙ୍କ ଲେଖାଗୁଡ଼ିକ ଥିଲା ଅତି ଉନ୍ନତଧରଣର ଏବଂ ନିରପେକ୍ଷ । ଶାସନ କ୍ଷେତ୍ରରେ ସେ ଥିଲେ ଖୁବ୍ ପାରଙ୍ଗମ । ଦଶପଲ୍ଲାର ରାଜା ଚୈତନ୍ୟ ଭଞ୍ଜ ତାଙ୍କର ଜଣେ ପ୍ରଜାଙ୍କର ସ୍ତ୍ରୀଙ୍କୁ ଅପହରଣ କରିବାରୁ ବିମ୍‌ସ ରାଜାଙ୍କୁ ଯେଉଁ ଧମକ ଦେଲେ ସେଥିରେ ସେ ଭୟଭୀତ ହୋଇ ତାଙ୍କ ପତ୍ନୀଙ୍କୁ ଫେରାଇ ଦେଇଥିଲେ । ୧୮୯୩ ରେ ଚାକିରିରୁ ବିଦାୟ ନେଲାବେଳେ ତାଙ୍କୁ ସ୍ମରଣ କରି କବି ଗୋବିନ୍ଦ ରଥ (୧୮୪୮–୧୯୧୮) ଲେଖିଲେ:

ବିମ୍‌ସ ସାହେବ ନାମି ଥିଲେ ମାଜିଷ୍ଟର
ଏ ସ୍ଥାନକୁ କରୁଛନ୍ତି ଅତି ତେଜସ୍କର
ପ୍ରତାପୀ ବିମ୍‌ସ ଥିଲେ ଭୀମ ଆଖ୍ୟାଧର
ଖାସ୍ ମହଲରେ କରିଗଲେ ଟାଣକର – ଇତ୍ୟାଦି
(ରାଜଧାନୀ କଟକ ନଗର ବର୍ଣ୍ଣନା – ୧୮୮୯)

ସରସ୍ୱତୀ ଫକିରମୋହନ ସେନାପତି ତାଙ୍କର ଆତ୍ମଜୀବନୀରେ ଲେଖିଛନ୍ତି 'ମୋର ସର୍ବମାତ୍ର ଉନ୍ନତିର ଏକମାତ୍ର ମୂଳାଧାର ମହାତ୍ମା ଜନ୍‌ବିମ୍‌ସ । ମୋ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ତାଙ୍କ ନାମ ସ୍ମରଣ କରିବି ।'

ବିମ୍‌ସଙ୍କର ମାତ୍ର ୬୫ ବର୍ଷ ବୟସରେ ୧୯୦୨ ମସିହା ମେ ୨୫ ତାରିଖରେ ବିଲାତରେ ମୃତ୍ୟୁ ହେଲା । ତାଙ୍କ ମୃତ୍ୟୁରେ ରୟାଲ ଏସିଆଟିକ୍ ସୋସାଇଟି ଅଫ୍ ବ୍ରିଟେନ୍ ଓ ଆୟାର୍‌ଲ୍ୟାଣ୍ଡ ଯେଉଁ ଶ୍ରଦ୍ଧାଞ୍ଜଳି ପ୍ରକାଶ କରିଥିଲେ, ସେଥିରେ ଦୀର୍ଘ ୪ ପୃଷ୍ଠାର ଗୁଣାବଳୀ ପ୍ରକାଶ ପାଇଛି ।

**ପାଦଟୀକା**


୧. John Beames : Essays on Orissan History of Literature - 2004 compiled by Sri Kailash Patnaik

୨. ଶତାବ୍ଦୀ ପୁରୁଷ, ୧୯୯୧ ଡ଼କ୍ଟର ଶୁଭେନ୍ଦ୍ର ମୋହନ ଶ୍ରୀଚନ୍ଦନ ସିଂ

୩. Thesaurus of Events and dates of Orissa - 2003 Sri Gobardhan Dora

୪. Two pioneers of the Oriya Renaissance - 1993, Kailash Ch Mohapatra

୫. ସମାଲୋଚନାର ଦିଗଦିଗନ୍ତ, ୧୯୯୭
ଡ଼କ୍ଟର ଖଗେଶ୍ୱର ମହାପାତ୍ର

୬. ଓଡ଼ିଆ ପ୍ରକାଶନ ଓ ପ୍ରସାରଣର ଇତିହାସ, ୧୯୮୬
ଶ୍ରୀ ଶ୍ରୀଧର ମହାପାତ୍ର ଶର୍ମା

୭. ଆତ୍ମଜୀବନ ଚରିତ, ୧୯୭୧
ସରସ୍ୱତୀ ଫକିରମୋହନ ସେନାପତି

୮. ଓଡ଼ିଆ ଭାଷା ଆନ୍ଦୋଳନ, ୨୦୦୧
ପ୍ରଫେସର ଡ଼କ୍ଟର ବଂଶୀଧର ମହାନ୍ତି



ଏଲ୍–୧୮୪
ଫକିରମୋହନ ନଗର, ବରମୁଣ୍ଡା
ଭୁବନେଶ୍ୱର–୭୫୧୦୦୩


❖ ❖ ❖

# ସତ୍ୟାନ୍ୱେଷୀ ସତ୍ୟାନନ୍ଦ

ସତ୍ୟବାଦୀ ବଳିଆରସିଂହ

ଓଡ଼ିଶାର ଯଶସ୍ୱୀ ସାହିତ୍ୟିକ, ପୂର୍ବତନ ବିଧାୟକ, ଉତ୍କଳ ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ସତ୍ୟାନନ୍ଦ ଚମ୍ପତିରାୟଙ୍କ ଦେହାନ୍ତ ହୋଇଛି । ସେ ସାହିତ୍ୟ ଜଗତର ଥିଲେ ଅମଳିନ ପ୍ରତିଭା ।

ଦିବ୍ୟଦ୍ରଷ୍ଟା ସତ୍ୟାନନ୍ଦଙ୍କ ପାଇଁ ଖୋରଧା ଜିଲ୍ଲା ଧନ୍ୟ ହୋଇଛି । ଧନ୍ୟ ହୋଇଛି ଓଡ଼ିଶା ଓ ଜନ୍ମଭୂମି ବେଗୁନିଆ ବ୍ଲକ୍ ହଜ ଗ୍ରାମ । ସେ ଜଣେ ରାଜନେତା ଓ ସାରସ୍ୱତ ସାଧକ ଭାବେ ସମସ୍ତେ ଜାଣନ୍ତି । କିଂତୁ ସେ ଜଣେ ଆଧାତ୍ମବାଦୀ ବ୍ୟକ୍ତି ଥିଲେ ବୋଲି ଖୁବ୍ କମ ଲୋକ ଜାଣନ୍ତି । ପିତା ରାଜକିଶୋର ଚମ୍ପତିରାୟ ଥିଲେ ରଘୁନାଥଙ୍କ ଭକ୍ତ । ଫଳରେ ନିଜ ଗ୍ରାମ ହଜର ଦକ୍ଷିଣ ପାର୍ଶ୍ୱରେ ମନ୍ଦାକିନୀ ନଦୀ କୂଳରେ ପ୍ରତିଷ୍ଠା କରିଥିଲେ ରଘୁନାଥ ମନ୍ଦିର ଓ ସେବାପୂଜା ପାଇଁ ଖଞ୍ଜି ଥିଲେ ତିନିବାଟୀ ଜମି । ପୁତ୍ର ସତ୍ୟାନନ୍ଦ ମଧ୍ୟ ପିତାଙ୍କ ପରି ରଘୁନାଥଙ୍କ ଭକ୍ତ ଥିଲେ । ସେଥିପାଇଁ ସେ ଶ୍ରୀରାମ ରହସ୍ୟ, ଶ୍ରୀରାମ ଚରିତ ମାନସର ଅନୁସୃଜନ କରିବା ସହ ହନୁମାନ ଗୋସାଇଁ ଆଦି ପୁସ୍ତକ ରଚନା କରିଥିଲେ । ସେ ଖୋର୍ଦ୍ଧା ହାଇସ୍କୁଲରେ ଅଧ୍ୟୟନ ବେଳେ ସହପାଠୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ଫକୀର ମୋହନ ହରିଚନ୍ଦନଙ୍କ ସହ ମିଶି ସୃଜନଶୀଳ ସାହିତ୍ୟ ରଚନାରେ ଆଲୋଡ଼ନ ସୃଷ୍ଟି କରିଥିଲେ ।



ସତ୍ୟାନନ୍ଦ ବାବୁ ୧୯୫୫ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଏମ୍.ଏ. ପାଶ କଲା ପରେ ପ୍ରଜାତନ୍ତ୍ରର ସହ ସଂପାଦକ ଥିଲେ । ରାଜନୀତିଜ୍ଞ ଡକ୍ଟର ହରେକୃଷ୍ଣ ମହତାବ ଥିଲେ ପ୍ରଜାତନ୍ତ୍ରର ସଂପାଦକ। ୧୯୫୨ ମସିହା ପ୍ରଥମ ସାଧାରଣ ନିର୍ବାଚନରେ ବେଗୁନିଆ ନିର୍ବାଚନ ମଣ୍ଡଳୀରୁ କୃଷ୍ଣଚନ୍ଦ୍ର ମିଶ୍ରଙ୍କୁ ମାତ୍ର ୭୨୦ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରି ଜୟଯୁକ୍ତ ହୋଇଥିଲେ । ୧୯୫୭ରେ ହୋଇଥିବା ଦ୍ୱିତୀୟ ସାଧାରଣ ନିର୍ବାଚନରେ କମ୍ୟୁନିଷ୍ଟ ନେତା ଗଙ୍ଗାଧର ପାଇକରାୟଙ୍କୁ ପରାଜିତ କରିବା ପାଇଁ ମହତାବ୍‌ଜୀ ନିଜ 'ପ୍ରଜାତନ୍ତ୍ର' ଖବର କାଗଜର ସହ ସଂପାଦକ ଥିବା ସତ୍ୟାନନ୍ଦ ବାବୁଙ୍କୁ ବାଧ୍ୟ କରି ବେଗୁନିଆରୁ କଂଗ୍ରେସ ପ୍ରାର୍ଥୀ କରାଇଥିଲେ । ଏ ସମ୍ପର୍କରେ ସତ୍ୟାନନ୍ଦ ବାବୁ ତାଙ୍କ 'ଶତମାର୍ଗ' ପୁସ୍ତକ ସଂକଳନରେ ଲେଖିଛନ୍ତି, ଛାଗଳକୁ ଯେପରି ଜଳ ଆଡ଼କୁ ଟାଣି ନିଆଯାଏ, ସେପରି ମୋତେ ଡକ୍ଟର ମହତାବଙ୍କ ବାଧବାଧକତାରେ ରାଷ୍ଟ୍ରନୀତିଜ୍ଞ ସ୍ୱାଧୀନତା ସଂଗ୍ରାମୀ କମ୍ୟୁନିଷ୍ଟ ନେତା ଗଙ୍ଗାଧର ପାଇକରାୟଙ୍କ ବିରୋଧରେ ନିର୍ବାଚନରେ ଲଢ଼ିବା ପାଇଁ ଅଣାଯାଇଥିଲା। ସେ ପୁଣି ଲେଖିଛନ୍ତି, ଏହି ନିର୍ବାଚନରେ ବାଲ୍ୟବନ୍ଧୁ ଜାନକୀ ବଲ୍ଲଭ ପଟ୍ଟନାୟକ ଯେଭଳି ନିର୍ବାଚନ ପରିଚାଳନା କଲେ, ତାହା ଥିଲା ଅଭୁତପୂର୍ବ । ସିକୋର ହଟନାଥ ମଙ୍ଗରାଜ ଓ ରାମଚନ୍ଦ୍ର ରାଉଳ, ଅଠରାଙ୍ଗର ଦୁଃଖୀଶ୍ୟାମ ମହାପାତ୍ର, ମୁଗମଣ୍ଡାର ଭ୍ରମରବର ଦଳେଇ, ବୋତଲମାର ଭ୍ରମର ନରେନ୍ଦ୍ର ଓ ପଦ୍ମଚରଣ ମଙ୍ଗରାଜ, ବରପଦାର ରଘୁନାଥ ବଳିଆରସିଂହ, ଚମ୍ପେଇଲର ବିଶ୍ୱନାଥ ସାମନ୍ତ, ଗିରିଗିରିଆର ଘନଶ୍ୟାମ ମାନସିଂହ, ଅରଖପଲ୍ଲୀର ଅଜିତ୍ ଖାଁ ଓ ମାଣିକାଗୋଡ଼ାର ମୁସ୍ତାଫ ଅଲ୍ଲୀ, କଳାଙ୍ଗର ସୁଦର୍ଶନ ମହାପାତ୍ର, ବାଙ୍କ ପରିଡ଼ା, ଚକ୍ରଧର ମହାପାତ୍ର, ଗୋପୀନାଥ ପରିଜା, ପଟନିବରର ରାଜ କିଶୋର ସାମନ୍ତରାୟ, ମାଧପୁରର ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ ପ୍ରମୁଖ ବହୁ ବ୍ୟକ୍ତି ତାଙ୍କ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରେ

ଅକୁଣ୍ଠ ସହଯୋଗ କରିଥିଲେ । ସେ ମଧ୍ୟ ସାଇକେଲରେ ବୁଲି ବୁଲି ନିର୍ବାଚନ ପ୍ରଚାର କରୁଥିଲେ ଓ ତାଙ୍କର ନିର୍ବାଚନରେ ମାତ୍ର ସାତ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା । ଏହି ନିର୍ବାଚନରେ ସତ୍ୟାନନ୍ଦ ବାବୁ ୧୩,୫୨୮ ଖଣ୍ଡ ଭୋଟ ପାଇଥିବା ବେଳେ ଗଙ୍ଗାଧର ପାଇକରାୟ ୧୩,୧୯୬ ଖଣ୍ଡ ଭୋଟ ପାଇଥିଲେ । ଏହା ପରଠାରୁ କ୍ରମାଗତ ୫ଟି ସାଧାରଣ ନିର୍ବାଚନରେ ଉଭୟଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇ କମ୍ ଭୋଟ୍ ବ୍ୟବଧାନରେ ହାର ଜିତ୍ ହୋଇଛି । ୧୯୭୪ ମସିହା ଫେବୃୟାରୀ ୨୬ ତାରିଖରେ ହୋଇଥିବା ୬ଷ୍ଠ ବିଧାନସଭା ନିର୍ବାଚନରେ ସତ୍ୟାନନ୍ଦ ଚମ୍ପତିରାୟ ୩୩,୫୪୪ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିବା ବେଳେ କମ୍ୟୁନିଷ୍ଟ ପ୍ରାର୍ଥୀ ଗଙ୍ଗାଧର ପାଇକରାୟ ପାଇଥିଲେ ୨୩,୬୮୧ ଖଣ୍ଡ ଭୋଟ୍ । ଉଭୟ ବହୁ ବର୍ଷ ଧରି ଥିଲେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ । ଏହା ସତ୍ତ୍ୱେ ଉଭୟଙ୍କ ମଧ୍ୟରେ ବିଦ୍ୱେଷ ନଥିଲା । ସତ୍ୟାନନ୍ଦ ବାବୁ, ଗଙ୍ଗାଧର ବାବୁଙ୍କୁ ଜଣେ ଚାଷୀ ମୂଲିଆର ନେତା ଭାବେ ଗ୍ରହଣ କରୁଥିବା ବେଳେ ଗଙ୍ଗାଧର ବାବୁ, ସତ୍ୟାନନ୍ଦ ବାବୁଙ୍କୁ ଜଣେ ଉଚ୍ଚ ଶିକ୍ଷିତ, ଭଦ୍ର ସ୍ନେହୀ, ସାହିତ୍ୟିକ ଓ ଦେବୋପମ ବ୍ୟକ୍ତି ଭାବେ ପ୍ରକାଶ୍ୟରେ କହିବାକୁ କୁଣ୍ଠାବୋଧ କରୁନଥିଲେ ।

ଏକଦା ନିର୍ବାଚନ ପ୍ରଚାର ସମୟରେ ଗଙ୍ଗାଧର ପାଇକରାୟ ସିକୋରୁ ଫେରି ବୋତଲମା ଗ୍ରାମର କମ୍ୟୁନିଷ୍ଟ ସରପଞ୍ଚ ଅରୁଣ କୁମାର ସାମନ୍ତସିଂହାରଙ୍କ ଘରକୁ ଗଲେ । ଦ୍ୱାର ମୁହଁରେ ଦେଖିଲେ ସତ୍ୟାନନ୍ଦ ଚମ୍ପତିରାୟ ତାଙ୍କ ଘରୁ ଫେରୁଛନ୍ତି । ଦ୍ୱାର ମୁହଁରେ ଉଭୟଙ୍କ ମଧ୍ୟରେ ଭେଟ ହେଲା । ଉଭୟଙ୍କ ମଧ୍ୟରେ ଦାଣ୍ଡ ମଝିରେ ଦଶ ମିନିଟ୍ ପର୍ଯ୍ୟନ୍ତ ବାର୍ତ୍ତାଳାପ ହେଲା । ଉପସ୍ଥିତ ଥିବା ଉଭୟ ଦଳର କର୍ମୀଙ୍କୁ ଏହା ଆଶ୍ଚର୍ଯ୍ୟ ଚକିତ କରିଥିଲା । ଗଙ୍ଗାଧର ପାଇକରାୟଙ୍କ ସାଥୀରେ ପୁଅ ବସନ୍ତ ଓ ବୋହୂ ପ୍ରମୋଦିନୀ ପାଇକରାୟ ଥିଲେ । ପରେ ବୋହୂ ପ୍ରମୋଦିନୀ ଏଭଳି ସମ୍ପର୍କର କାରଣ ଜାଣିବାକୁ ଚାହିଁଥିଲେ । ତା'ର ଉତ୍ତରରେ ଗଙ୍ଗାଧର ପାଇକରାୟ କହିଥିଲେ, ସତ୍ୟାନନ୍ଦ ବାବୁ ଜଣେ ନମ୍ର, ଶାନ୍ତଶିଷ୍ଟ, ସାହିତ୍ୟିକ, କବି ତଥା ଭଲ ମଣିଷ । ସେ ମଧ୍ୟ ତାଙ୍କ ବନ୍ଧୁ । ଏହି ଅଭିମତ ମୁଁ ପ୍ରସଙ୍ଗକ୍ରମେ ଗଙ୍ଗାଧର ପାଇକରାୟଙ୍କ ବୋହୂ ତଥା ବୋଲଗଡ଼ ବ୍ଲକ୍‌ର ପ୍ରାକ୍ତନ ଅଧ୍ୟକ୍ଷା ପ୍ରମୋଦିନୀ ପାଇକରାୟଙ୍କଠାରୁ ଶୁଣିଛି । ସତରେ ଭଲ ମଣିଷଙ୍କୁ ସମସ୍ତେ ଭଲ କହିଥାନ୍ତି । ସତ୍ୟାନନ୍ଦ ବାବୁ ଥିଲେ ଯଥାର୍ଥରେ ସ୍ନେହୀ । ନିଜ ଅଂଚଳ ହେଉ ବା ଅନ୍ୟ ଅଂଚଳ ହେଉ ପ୍ରତ୍ୟେକ ଲୋକଙ୍କୁ ସେ ସ୍ନେହ ଆଦରରେ ବାନ୍ଧି ପାରୁଥିଲେ । ସତ୍ୟାନନ୍ଦ ବାବୁଙ୍କ ବିୟୋଗ ପରେ ପରେ ତାଙ୍କ ବଡ଼ ସଢୁ ଐତିହାସିକ ପ୍ରଫେସର ଭବାନୀ ଚରଣ ରାୟଙ୍କ ପୁଅ ପ୍ରଫେସର ଆର୍. ଏନ୍. ରାୟଙ୍କୁ ଜଣାଇବା ପରେ ସେ ଅତ୍ୟନ୍ତ ଦୁଃଖରେ କହିଲେ, ମୁଁ ବହୁ ଲୋକଙ୍କ ସହ ମିଶିଛି ତାଙ୍କ ଭଳି ସ୍ନେହୀ ଲୋକ ଦେଖିନାହିଁ । ସେ ପ୍ରତ୍ୟେକ ଲୋକଙ୍କୁ ଏଭଳି ସ୍ନେହ ଆଦର କରନ୍ତି, ଯେ କେହି ପ୍ରତ୍ୟକ୍ଷରେ ନଆସିଛି ସେ ବିଶ୍ୱାସ କରିପାରିବ ନାହିଁ ।

ସତ୍ୟାନନ୍ଦ ବାବୁ ୧୯୫୮ରେ ଋଷିଆର ତାସ୍‌କେଣ୍ଟଠାରେ ଆଫ୍ରିକା ଓ ଏସିଆର ସାହିତ୍ୟିକମାନଙ୍କର ସମ୍ମିଳନୀରେ ଭାରତର ପ୍ରତିନିଧି ଭାବେ ଯୋଗଦେଇ ଫେରିବା ପରେ ଓଡ଼ିଶାରେ ଶତମାର୍ଗ ଆନ୍ଦୋଳନ ଆରମ୍ଭ କରି ଲୋକମାନଙ୍କ ସହଯୋଗରେ ବିଭିନ୍ନ ଗ୍ରାମରେ ଯେପରି ଶହେଟି ରାସ୍ତା ନିର୍ମାଣ କରାଇ ପାରିଥିଲେ, ତାହା ମଧ୍ୟ ଥିଲା ଅଭୁତପୂର୍ବ । ଏଥିପାଇଁ ଭାରତର ପ୍ରଧାନମନ୍ତ୍ରୀ ନେହେରୁଙ୍କଠାରୁ ଆରମ୍ଭ କରି ସାଧାରଣ ଜନତାଙ୍କ ପର୍ଯ୍ୟନ୍ତ ପ୍ରଶଂସାର ସ୍ରୋତ ତାଙ୍କ ଉପରେ ଅବାରିତ ଭାବେ ଅଜାଡ଼ି ହୋଇ ପଡ଼ିଥିଲା । ଓଡ଼ିଶା ସାହିତ୍ୟ ଏକାଡେମୀର ଉପ-ସଭାପତି ଥିବା ସତ୍ୟାନନ୍ଦ ବାବୁ ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ, ବେଦାନ୍ତ ପ୍ରଚାର ପରିଷଦ ତଥା ଦୈନିକ 'ସ୍ୱାଭିମାନ'ର ସଂପାଦକ ଥିଲେ । ତାଙ୍କ ରଚିତ କାଞ୍ଚିଆଗଡ଼ର ସେକାଳ କଥା, ଅଂଜନ, ଗାଁ ଗହଳେ, ତାଜ ମହଲ ଓ ଯମୁନା, ଗୀତା, ପ୍ରୀତି ଶତକ, ରତି ବିଳାପ, ୬ଟି ଉପନିଷଦର ଅନୁସୃଜନ ଆଦି ୨୧ଟି ପୁସ୍ତକ ତାଙ୍କୁ ଯୁଗେ ଯୁଗେ ଅମର ରଖିବ ।

ଜୀବନ ପରିଧି ମଧ୍ୟରେ ଘଟିଥିବା ବହୁ ଝଡ଼ଝଞ୍ଜା ମଧ୍ୟରେ ସେ ଜଣେ ଉଚ୍ଚକୋଟୀର ସାରସ୍ୱତ ସାଧକ, ସମାଜସେବୀ, ଜଣେ ଭଲ ମଣିଷ ବୋଲି ସମସ୍ତେ ହୃଦୟଙ୍ଗମ କରିବେ ।

ଏମ୍-୨୩, ଖୋର୍ଦ୍ଧା ବିଡିଏ କଲୋନୀ
ଖୋର୍ଦ୍ଧା-୭୫୨୦୫୫

❖ ❖ ❖

# ମୟୂରଭଂଜର ପ୍ରଜାମଣ୍ଡଳ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମ

ପ୍ରଫେସର ପ୍ରଦୀପ କୁମାର ଗିରି

ପ୍ରଥମ ବିଶ୍ୱଯୁଦ୍ଧ ପରେ ପରେ ଭାରତର ସ୍ୱାଧୀନତା ସଂଗ୍ରାମ ନୂତନ ରୂପ ନେଲା । ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଅସହଯୋଗ ଆନ୍ଦୋଳନ ତୀବ୍ରତର ହେଲା । ଭାରତର ଜନସାଧାରଣ ଜାତୀୟତା ଭାବନାରେ ଉଦ୍‌ବୁଦ୍ଧ ହେଲେ । ଓଡିଶାର ବିଭିନ୍ନ ପୁରପଲ୍ଲୀରେ ଶିକ୍ଷା ଓ ଯୋଗାଯୋଗ ସନ୍ତୋଷଜନକ ନଥିବାରୁ ଜାତୀୟ ଉଲ୍ଲାସର ଭାବନା ଟିକିଏ ମନ୍ଥର ଗତିରେ ବ୍ୟାପି ଥିଲା । ଏ କ୍ଷେତ୍ରରେ ମୟୂରଭଂଜ ପରି ଗଡଜାତ ରାଜ୍ୟରେ ଶିକ୍ଷା ବ୍ୟାପକ ନଥିଲା । ଆଦିବାସୀ ବହୁଳ ରାଜ୍ୟରେ ପ୍ରତିକ୍ରିୟା ପାଇଁ ସମୟ ଆବଶ୍ୟକ ଥିଲା । ତେବେ ମୟୂରଭଂଜର ଅନେକ ପ୍ରକାର ସମସ୍ୟା ଥିଲା । ଊନବିଂଶ ଶତାବ୍ଦୀରେ ଦେଶରଲୋକ ଓ ହାଟୁଆଙ୍କ ମଧ୍ୟରେ ସାମାଜିକ ସଂଘର୍ଷ ଦେଖା ଦେଇଥିଲା । ଜମି, କୃଷି ଓ କୃଷକମାନଙ୍କୁ କେନ୍ଦ୍ର କରି ସମସ୍ୟା ଥିଲା । କଂଗ୍ରେସ ଯେଉଁ ଲୋକ ତାନ୍ତ୍ରିକ ସରକାର ପାଇଁ ଦାବି କରୁଥିଲା, ତାହା ମୟୂରଭଂଜରେ ନଥିଲା । ଯେଉଁ କେତେକ ଅନୁଷ୍ଠାନ ଅଭ୍ୟନ୍ତରର ପୃଷ୍ଠପୋଷକତାରେ ସ୍ଥାପିତ ହୋଇଥିଲା, ସେଥିରେ ପ୍ରଚଳିତ ଲୋକତନ୍ତ୍ର ଓ କଂଗ୍ରେସର ପରିକଳ୍ପିତ ଲୋକତନ୍ତ୍ର ଭିତରେ ପାର୍ଥକ୍ୟ ଥିଲା । ଏପରି ଅନେକ କାରଣରୁ ବ୍ରିଟିଶ ଶାସିତ ଅଂଚଳରେ ଜାତୀୟ କଂଗ୍ରେସ ଦ୍ୱାରା ଅନୁପ୍ରାଣିତ ହୋଇ ଯେଉଁ ସ୍ୱାଧୀନତା ଆନ୍ଦୋଳନ କ୍ରମେ ତେଜିଆନ ହେଲା ଗଡଜାତରେ ସାମାଜିକ ପରିବର୍ତ୍ତନ ପାଇଁ ଆଶାନୁରୂପ ଜନଆନ୍ଦୋଳନ ଏହିପରି ବିଚଳିତ ହୋଇଥିଲା । ଏହାହିଁ ପ୍ରଜାମଣ୍ଡଳ ଆନ୍ଦୋଳନ ଭାବରେ ପରିଗଣିତ ହେଲା ।

ମୟୂରଭଂଜର ସମାଜ ବ୍ୟବସ୍ଥା ସାମନ୍ତବାଦୀ ଥିଲା । ଶ୍ରୀରାମଚନ୍ଦ୍ର ଭଂଜଙ୍କ ରାଜତ୍ୱରେ ୧୮୯୫ରେ ବେଠି, ମାଗଣ, ରସଦ ପ୍ରଭୃତି ସାମନ୍ତବାଦୀ ଶୁଳ୍କ ଆଦାୟ କରିବା ନିଷେଧ ହୋଇଥିଲେ ମଧ୍ୟ ରାଜତ୍ୱ ବିଭାଗ କର୍ମଚାରୀମାନେ ସମୟ ସମୟରେ ନିଷିଦ୍ଧ ଶୁଳ୍କ ଆଦାୟ କରୁଥିଲେ । ସର୍ଦ୍ଦାରମାନେ ସାଧାରଣତଃ ସଂପତ୍ତି ଲୋଭୀ ଥିଲେ । ନିଜର ସଂପତ୍ତି ବୃଦ୍ଧି କରିବା ସେମାନଙ୍କର ଲକ୍ଷ୍ୟ ଥିଲା । ପ୍ରତିବର୍ଷ ଦଶହରା, ଦୋଳପର୍ବ, ଚୈତ୍ରପର୍ବ ଏବଂ ସୁନିଆଁ ଆଦି ଉତ୍ସବରେ ପ୍ରଜାମାନେ ରାଜାଙ୍କୁ ଭେଟି ଦେଉଥିଲେ । ରାଜାଙ୍କ ଜନ୍ମ ଦିନରେ ଉପହାର ଦେବାର ପରଂପରା ଥିଲା । ଯଶିପୁର ଅଂଚଳରେ ପ୍ରତ୍ୟେକ ପରିବାରକୁ ପାହିଫଂଚା ଦେବାକୁ ପଡୁଥିଲା । ମୟୂରଭଂଜର ବିପୁଳ ଅରଣ୍ୟ ସଂପଦ ଥିଲେ ମଧ୍ୟ ହଳ, ଲଙ୍ଗଳ, ଶଗଡ ଗାଡି ତିଆରି ପାଇଁ ଗଛ କାଟିବା ସ୍ୱାଧୀନତା କୃଷକକୁ ମିଳୁ ନଥିଲା । ଜଂଗଲ ଜାତ ପଦାର୍ଥ, ମହୁଲ, ଶାଳମଂଜି, ଲାଖ, ମହୁ, ଝୁଣା ଆଦି ସଂଗ୍ରହ କରିବା ଅଧିକାର କେବଳ କଲିକତାର କଂପାନୀମାନେ ପାଉଥିଲେ । ବାରିପଦା ଅଂଚଳର ଶରତ ଦାସ ଯିଏକି 'ଶରତ ଗାନ୍ଧୀ' ନମରେ ଏ ଅଂଚଳରେ ପରିଚିତ ଥିଲେ, କିଛି ଦେଶପ୍ରେମୀ ଯୁବକମାନଙ୍କୁ ସଂଗଠିତ କରି ସେ ଏକ ସଭାର ଆୟୋଜନ କରି ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ୧୯୩୯ ମସିହାରେ ଖୁଂଟା ଥାନାର ଧନାପନା ଗ୍ରାମରେ ଏକ ସାଧାରଣ ସଭାରେ କଂଗ୍ରେସର ଆଦର୍ଶ ଓ ଆନ୍ଦୋଳନର ଆବଶ୍ୟକତା ଓ ଗଡଜାତମାନଙ୍କରେ ରାଜତନ୍ତ୍ରର ବିଲୋପ ପାଇଁ ଭାଷଣ ପ୍ରଦାନ କରିଥିଲେ । ତଦ୍ୱାରା ମୟୂରଭଂଜରେ ଏକ ନୂତନ ଜନଜାଗରଣ ଦେଖାଦେଲା । ଏପରିକି ନିରୀହ ଆଦିବାସୀମାନେ ମଧ୍ୟ ଆନ୍ଦୋଳନ ପାଇଁ ଆଗ୍ରହ ପ୍ରକାଶ କଲେ । କପ୍ତିପଦା ସବ୍‌ଡିଭିଜନର ମଉଦା, ଜଇଦା, ସାଇଁକୁଲା, କାଶୀପୁର ତୋଟା, ମାର୍ସିଗାଁ ଏବଂ ପଂଚପୀଢ ସବ୍‌ଡିଭିଜନର ଭଂଜକିଆରେ ସଭାସମିତି ଜରିଆରେ ପ୍ରଜାମଣ୍ଡଳ ଆନ୍ଦୋଳନ ସଂପର୍କରେ ଚେତନା ପ୍ରସାରିତ ହେଲା ।

୧୯୩୯ ମାର୍ଚ୍ଚ ୨୬ ତାରିଖ ଥିଲା ମୟୂରଭଂଜ ପାଇଁ ଅବିସ୍ମରଣୀୟ ଦିନ, ଏହାଥିଲା ଶରତ ବାବୁଙ୍କ ଜୀବନର ଏକ

ମହାନ ତ୍ୟାଗପୂର୍ଣ୍ଣ ନିଷ୍ପତ୍ତି ଓ ମୟୂରଭଂଜରେ ଜନ ଆନ୍ଦୋଳନକୁ ଏହା ନୂତନ ଉତ୍ସାହ ପ୍ରଦାନ କରିଥିଲା ।

୧୯୩୮ ମସିହା ସମୟ ବେଳକୁ ଡକ୍ଟର ହରେକୃଷ୍ଣ ମହତାବଙ୍କ ଅଧ୍ୟକ୍ଷତାରେ ଓଡିଶା ଗଡଜାତ ରାଜ୍ୟ ଅନୁସନ୍ଧାନ କମିଟି ଗଠନ ହେଲା । କ୍ରମେ ରାଜ୍ୟ ସରକାରଙ୍କ ଦୃଷ୍ଟିକୋଣର ପରିବର୍ତ୍ତନ ହେଲା । ଭାରତର ଅନ୍ୟ କେଉଁଠି ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା ନଥିଲା ବେଳେ ମୟୂରଭଂଜରେ ଏପରି ବ୍ୟବସ୍ଥା ଆରମ୍ଭ ହୋଇଥିଲା । ଦଳରେ ପ୍ରଜାମଣ୍ଡଳର ଲକ୍ଷ୍ୟସାଧନ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଥିଲା । ୧୯୪୨ ମସିହା ବେଳକୁ ସାରା ଭାରତ ସେତେବେଳେ ଭାରତଛାଡ ଦାବୀର ଦୁନ୍ଦୁଭି ନାଦରେ ପ୍ରତିଧ୍ୱନିତ ହେଉଥିଲା । ଜାତୀୟ ସଂଗ୍ରାମର ନେତାମାନେ ପୂର୍ଣ୍ଣ ସ୍ୱରାଜ ପାଇଁ ହୁଂକାର ଦେଉଥିଲେ । ସହସ୍ରାଧିକ ସଂଖ୍ୟାରେ ଦେଶପ୍ରେମୀମାନେ କାରାବରଣ କରୁଥିଲେ ଓ ପୋଲିସ ଜୁଲୁମର ସମ୍ମୁଖୀନ ହେଉଥିଲେ । ଓଡିଶାର ଗଡଜାତ ରାଜ୍ୟମାନଙ୍କରେ ସାମନ୍ତବାଦ ବିରୋଧୀ ଆନ୍ଦୋଳନ ତ୍ରୀବତର ହେଉଥିଲା । ଭାରତଛାଡ ଆନ୍ଦୋଳନକୁ ପ୍ରଜାମଣ୍ଡଳ କର୍ମୀମାନେ ଆଗ୍ରହର ସହିତ ଆପଣାର କରିଥିଲେ । ୧୯୪୨ ମସିହା ଅଗଷ୍ଟ ୧୬ ତାରିଖ ଦିନ ମାଣିଦାଠାରେ ପ୍ରବଳ ବର୍ଷା ସତ୍ତ୍ୱେ ପ୍ରାୟ ଦଶ ହଜାର ଦେଶପ୍ରେମୀ ଭାରତଛାଡ ପ୍ରସ୍ତାବ ଗ୍ରହଣ କରିଥିଲେ । ପ୍ରାୟ କୋଡିଏ ହଜାରରୁ ଅଧିକ ଲୋକ ଖୁଂଟାଠାରୁ ଉଦଳା ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ଭାରତଛାଡ ସ୍ଲୋଗାନକୁ ପ୍ରତିଧ୍ୱନିତ କରିଥିଲେ । ସ୍ୱାଧୀନତା ପ୍ରାପ୍ତି ପରେ ପରେ ଭାରତର ଦେଶୀୟ ରାଜାମାନଙ୍କ ମଧ୍ୟରେ ମୟୂରଭଂଜ ପ୍ରଥମେ ରାଜତନ୍ତ୍ର ଶାସନ ବଦଳରେ ଲୋକପ୍ରିୟ ଦାୟିତ୍ୱପୂର୍ଣ୍ଣ ସରକାର ଓ ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା ଆରମ୍ଭ କରିଥିଲା । ଅହିଂସା ନୀତି ଅନୁସରଣ କରି ପ୍ରଜାମଣ୍ଡଳ ନେତା ଶରତ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ କ୍ଷମତା ହସ୍ତାନ୍ତର ହେବା ଏକ ଐତିହାସିକ ଘଟଣା ଥିଲା । ୧୯୪୭ ଡିସେମ୍ବର ୯ ତାରିଖ ଦିନ ଏକ ତିନି ଜଣିଆ ମନ୍ତ୍ରିମଣ୍ଡଳ ଶରତ ଚନ୍ଦ୍ର ଦାସ, ବିଦ୍ୟାଧର ମହାପାତ୍ର ଓ ମହେଶ୍ୱର ନାୟକଙ୍କୁ ନେଇ ଗଠିତ ହେଲା । ସେମାନଙ୍କ ମଧ୍ୟରେ ବିଭାଗ ବଂଟନ କରାଗଲା । ତା' ସହିତ ଭବିଷ୍ୟତର ଶାସନ ଖସଡା ତିଆରି କରିବା ପାଇଁ ଏକ ସମ୍ବିଧାନ ସଭା ପ୍ରସ୍ତୁତ ହେଲା । ଭାରତ ଅନ୍ତର୍ଭୁକ୍ତ ରାଜ୍ୟ ଭାବରେ ମୟୂରଭଂଜ ନିଜର ସ୍ୱତନ୍ତ୍ର ସ୍ଥିତି ଅକ୍ଷୁଣ୍ଣ ରଖିବା ମଧ୍ୟ ସ୍ଥିରୀକୃତ ହେଲା । ଡିସେମ୍ବର ୧୦ ତାରିଖ ଦିନ ଉପରୋକ୍ତ ମନ୍ତ୍ରିମଣ୍ଡଳ ହାତରେ ମହାରାଜା ଶାସନ ଦାୟିତ୍ୱ ଅର୍ପଣ କରିଥିଲେ । ଏହା ମୟୂରଭଂଜ ପ୍ରଜା ମଣ୍ଡଳର ଏକ ଶ୍ରେଷ୍ଠ ସଫଳତା ଥିଲା । ଦୀର୍ଘ ୧୦ ବର୍ଷର ରାଜନୈତିକ ଜନଆନ୍ଦୋଳନର ଶାନ୍ତିପୂର୍ଣ୍ଣ ଅବସାନ ହେଲା ଯେଉଁଥି ପାଇଁ ପ୍ରଧାନମନ୍ତ୍ରୀ ଶରତ ଦାସଙ୍କୁ ଭାରତର ବରେଣ୍ୟ ନେତା ଡଃ ରାଜେନ୍ଦ୍ର ପ୍ରସାଦ ଓ ପଣ୍ଡିତ ଜବାହରଲାଲ ନେହେରୁ ମଧ୍ୟ ଅଭିନନ୍ଦନ ଜଣାଇଥିଲେ ।

### ସ୍ୱାଧୀନତା ସଂଗ୍ରାମ


ଭଂଜ ରାଜାମାନେ ସାଧାରଣତଃ ପ୍ରଜା ବତ୍ସଳ, ପ୍ରଗତିବାଦୀ ଓ ଉଦାର ଥିବାରୁ ରାଜତନ୍ତ୍ର ବିରୋଧରେ କୌଣସି ତିକ୍ତ ଅନୁଭୂତି ମୟୂରଭଂଜବାସୀଙ୍କର ନଥିଲା । ଅନେକ ଉଚ୍ଚ ଶିକ୍ଷିତ ବଙ୍ଗୀୟ ଯୁବକ, ଆଇନଜ୍ଞ, ବୁଦ୍ଧିଜୀବୀ, ଚିକିତ୍ସକ, ବିଚାରପତି ଓ ପ୍ରଶାସକ ଭାବରେ ମୟୂରଭଂଜର ସ୍ଥାୟୀ ଅଧିବାସୀ ହୋଇଥିଲେ । ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଅଳ୍ପଦିନ ପାଇଁ ଯେଉଁ ସନ୍ତ୍ରାସବାଦ ବଙ୍ଗ ପ୍ରଦେଶରେ ମୁଣ୍ଡ ଟେକିଥିଲା ଓ ତା'ର କ୍ଷଣିକ ସ୍ପର୍ଶ ବାଲେଶ୍ୱର ମାଧ୍ୟମରେ ମୟୂରଭଂଜ ଅନୁଭବ କରିଥିଲା ସତ କିନ୍ତୁ ବାଘାଯତୀନ ଘଟଣା ପରେ ତା'ର ଅନ୍ୟ କୌଣସି ସତ୍ତା ଦେଖା ଦେଇନଥିଲା । ମୟୂରଭଂଜରେ ପ୍ରଚଳିତ ରାଜତନ୍ତ୍ର ଶାସନ ଲୋକହିତକର ହୋଇଥିଲେ ମଧ୍ୟ ସେଥିରେ କେତେକ ତ୍ରୁଟି ରହିଯାଇଥିଲା । ଶିକାର ସମୟରେ ବେଠି ପ୍ରଥାର ପ୍ରଚଳନ, ପୋଲିସ, ଫରେଷ୍ଟର, ପ୍ରଧାନ ଓ ସର୍ଦ୍ଦାରମାନଙ୍କର ଜୁଲୁମ ସମୟ ସମୟରେ ଜନସାଧାରଣଙ୍କୁ ଅତିଷ୍ଠ କରୁଥିଲା । ସ୍ୱାଧୀନତା ହାସଲ ପାଇଁ ଦେଶବାସୀଙ୍କ ମନରେ ପ୍ରବଳ ଉତ୍ସାହ ଓ ଜାଗରଣ ସହ ଲବଣ ସତ୍ୟାଗ୍ରହ ଯେଉଁ ଗଣଆନ୍ଦୋଳନର ରୂପନେଲା, ତା'ର ପ୍ରଭାବ ମୟୂରଭଂଜବାସୀଙ୍କ ଉପରେ ପଡିବା ସ୍ୱାଭାବିକ ଥିଲା । ତଦ୍ଦ୍ୱାରା ପ୍ରଭାବିତ ହୋଇ ବେଲାଣପୁର ଗ୍ରାମର ଗୌର ମୋହନ ପ୍ରଧାନ, କୁଣ୍ଡାପଡା ଗ୍ରାମର ପଂଚାନନ ରାଇସିଂ, ପଟିସାରି ଗ୍ରାମର ମନମୋହନ ଦ୍ୱିବେଦୀ, କ୍ଷୀରିପଦାର ସନାତନ ପ୍ରଧାନ ଆଦି ଲବଣ ସତ୍ୟାଗ୍ରହରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଲବଣ ସତ୍ୟାଗ୍ରହୀମାନେ ନିଜ ନିଜ ଗ୍ରାମକୁ ଫେରିବା ପରେ ସ୍ୱାଧୀନତା ଆନ୍ଦୋଳନର ତୀବ୍ରତା ମୟୂରଭଂଜରେ ବୃଦ୍ଧି ପାଇଲା । ତା'ସହ ନୀଳଗିରି, ଢେଙ୍କାନାଳ, ରଣପୁର ଓ ତାଳଚେର ଆଦି ଗଡଜାତ ରାଜ୍ୟରେ ଚାଲିଥିବା ସାମନ୍ତବାଦ ବିରୋଧୀ ପ୍ରଜା ମଣ୍ଡଳ ଆନ୍ଦୋଳନର ସମ୍ବାଦମାନ ପ୍ରଚାରିତ ହୋଇଥିଲା । ପାଂଚପୀଢ ସବ୍‌ଡିଭିଜନରେ ଆନ୍ଦୋଳନର ପ୍ରଚାରକ ଥିଲା ଭଂଜକିଆ ନିବାସୀ ଶିବପ୍ରସାଦ ମହାପାତ୍ର, ରରୁଆଁ ଗ୍ରାମର ଭକ୍ତବନ୍ଧୁ ମହାନ୍ତି । ଏମାନଙ୍କ ସହିତ ରାମଚନ୍ଦ୍ର ତ୍ରିପାଠୀ, ପୂର୍ଣ୍ଣ ଚନ୍ଦ୍ର ମିଶ୍ର, ଭଗବାନ ବେହେରା, ଭଗବାନ ପରିଡା, ପଂଚାନନ ରାଇସିଂ ଇତ୍ୟାଦି ଆନ୍ଦୋଳନରେ

ଯୋଗ ଦେଇଥିଲେ । ମୟୂରଭଂଜରେ ସ୍ୱାଧୀନତା ସଂଗ୍ରାମର ଶ୍ରେଷ୍ଠ ପୁରୋଧା ଥିଲେ ଦେଶପ୍ରେମୀ ଗାନ୍ଧୀବାଦୀ ନେତା ଶରତ ଚନ୍ଦ୍ର ଦାସ । ଜଣେ ବାଗ୍ମୀ ଓ ସୁଲେଖକ ଭାବରେ ତାଙ୍କର ଖ୍ୟାତି ଥିଲା । ଲୋକେ ତାଙ୍କୁ 'ମୟୂରଭଂଜ ଗାନ୍ଧୀ' ବୋଲି କହୁଥିଲେ । ଶରତ ଚନ୍ଦ୍ର ଦାସ ଯେଉଁ ପ୍ରଗଣା ସମିତିମାନ ଗଠନ କରିଥିଲେ, ତାହା ସ୍ୱାଧୀନତା ସଂଗ୍ରାମର ସମାନ୍ତରାଳ ପ୍ରଜାମଣ୍ଡଳ ଆନ୍ଦୋଳନକୁ ଗତିଶୀଳ କରିଥିଲା । ଶରତ ବାବୁଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ ଜାତୀୟ ସଂଗ୍ରାମରେ ଯୋଗ ଦେଇଥିବା ତରୁଣ, ଉତ୍ସାହୀ ସଂଗ୍ରାମୀ ଦେଶଭକ୍ତମାନଙ୍କ ମଧ୍ୟରେ ଥିଲେ ପ୍ରସନ୍ନ କୁମାର ଦାସ, ଜଗନ୍ନାଥ କମିଲା, ଗିରିଶ ରାଏ ପ୍ରଭୃତି ଯୁବନେତାଙ୍କ ଉଦ୍ୟମରେ ଗଢି ଉଠିଥିବା ଗଡଜାତ ମୁକ୍ତି ସଂଗ୍ରାମର ଉଦ୍ଦେଶ୍ୟ ଥିଲା ଗଡଜାତ ରାଜ୍ୟମାନଙ୍କରୁ ସନ୍ତ୍ରାସବାଦ ବିଲୋପ, ସାମାଜିକ ନ୍ୟାୟ ପ୍ରତିଷ୍ଠା, ଦାୟିତ୍ୱଶୀଳ ସରକାର ଗଠନ ଓ ସର୍ବୋପରି ଇଂରେଜ ପ୍ରଶାସନର ଅବସାନ ଘଟାଇବା । ମୟୂରଭଂଜରେ ପ୍ରଚଳିତ ସର୍ଦ୍ଦାରି ପ୍ରଥାର ଉଚ୍ଛେଦ ପ୍ରଜାମଣ୍ଡଳର ମୁଖ୍ୟ ଲକ୍ଷ୍ୟ ଥିଲା । ମୟୂରଭଂଜରେ ଲୋକପ୍ରତିନିଧିମୂଳକ ଦାୟିତ୍ୱପୂର୍ଣ୍ଣ ଶାସନ ପ୍ରତିଷ୍ଠା ଦାବିକୁ ଶରତ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ମହାରାଜା ଗ୍ରହଣ କରିଥିଲେ । ମହାରାଜା ଓ ଶରତ ବାବୁଙ୍କ ମଧ୍ୟରେ ପରସ୍ପର ପ୍ରତି ଶ୍ରଦ୍ଧା ଓ ବିଶ୍ୱାସପୂର୍ଣ୍ଣ ମାତ୍ରାରେ ଥିଲା । ମୟୂରଭଂଜର ପ୍ରଜାମଣ୍ଡଳକୁ ମୟୂରଭଂଜ ଷ୍ଟେଟ କଂଗ୍ରେସ ନାମରେ ନାମିତ କରାଯାଇଥିଲା । ସ୍ୱାଧୀନ ଭାରତରେ ରାଜତନ୍ତ୍ର ଶାସନର ଅବସାନ ସହିତ ମୟୂରଭଂଜ ଅଧିବାସୀଙ୍କ ଜୀବନରେ ଏକ ସାମ୍ବିଧାନିକ ଶାସନର ଶୁଭାରମ୍ଭ ହୋଇଥିଲା ।

ଅଧ୍ୟକ୍ଷ ତଥା ବିଭାଗୀୟ ମୁଖ୍ୟ
ଇତିହାସ ବିଭାଗ
ଆର.ଡି.ଏସ. ଡିଗ୍ରୀ ମହାବିଦ୍ୟାଳୟ
କୁଣ୍ଡାବାଇ, ମୟୂରଭଂଜ

# ହେ ପ୍ରିୟ କଲାମ

ତ୍ରିଲୋଚନ ଦାସ



ଭାରତମାତାର ସୁଯୋଗ୍ୟ ସନ୍ତାନ
ସୁନିଦ୍ରାରେ ଗଲ ଶୋଇ
ହେ ମହାମାନବ ତୁମ ଅବସାନେ
ଦେଶ କାନ୍ଦେ କଇଁ କଇଁ ।
ଆଦର୍ଶ ଶିକ୍ଷକ ସୁଦକ୍ଷ ବିଜ୍ଞାନୀ
କ୍ଷେପଣାସ୍ତ୍ର ବିଜ୍ଞ ସ୍ରଷ୍ଟା
ରାଷ୍ଟ୍ରନାୟକ ହେ, ଅଭିଜ୍ଞ ବିଦ୍ଵାଣୀ
ଭାରତର ଦିବ୍ୟ ଦ୍ରଷ୍ଟା ।
ପୋଖରାନ୍‌ଠାରେ ପରମାଣୁ ଶକ୍ତି
କରିଥିଲ ପରୀକ୍ଷଣ
ଅଗ୍ନି ପୃଥ୍ୱୀନାଗ ଆଦି ତିଆରିଲ
ଭାଙ୍ଗିଦେଲ ଶତ୍ରୁ ଟାଣ ।
ନିରଳସ ଭାବେ କର୍ମ ସଂପାଦନ
ମହାମନ୍ତ୍ର ଜୀବନର
ଦେଶ ହିତ ଲାଗି ତିଳତିଳ ଜଳି
ଚାଲିଗଲ ସ୍ୱର୍ଗପୁର ।

ତୁମେ ହାରିନାହଁ ତୁମେ ମରିନାହଁ
ତୁମେ ଅଟ ମୃତ୍ୟୁଞ୍ଜୟ
ତୁମେ ତ ଦୁର୍ଜୟ ଆପଣା ପଣରେ
ନଥିଲାଟି ଡର ଭୟ ।
ଚାଲିଗଲ ତୁମେ ଛାଡି ଶୂନ୍ୟସ୍ଥାନ
ଏବେ ବି ଅଧୁରା ସ୍ୱପ୍ନ
ଯଦିବା ଛୁଇଁଛି ମୃତ୍ୟୁର କାଳିମା
ତୁମେ ତ ଚିର ଅମ୍ଳାନ ।
ହେ ଛାତ୍ର ବତ୍ସଳ ଶେଷ ମୁହୂର୍ତ୍ତରେ
ଛାତ୍ରମେଳେ ଥିଲ ରହି
ହେ ପ୍ରିୟ କଲାମ୍ ତୁମକୁ ସଲାମ୍
କୋଟି ହୃଦୟରେ ଥାଇ ।

ଶ୍ରୀବିହାର କଲୋନୀ
ଖୋର୍ଦ୍ଧା–୭୫୨୦୫୫



# ଆମ ସଂସ୍କୃତିରେ ପାନ

ପଣ୍ଡିତ ତ୍ରିଲୋଚନ ମିଶ୍ର

ଆମ ସଂସ୍କୃତିରେ ପାନର ସ୍ୱତନ୍ତ୍ର ସ୍ଥାନ ରହିଛି । ଆଗତ ଅତିଥି, ଅଭ୍ୟାଗତ, ବନ୍ଧୁବାନ୍ଧବ, ବ୍ରାହ୍ମଣବୈଷ୍ଣବ ଘରକୁ ଆସିଲେ ଗୃହସ୍ଥ ପାନଟିଏ ବଢ଼ାଇଦେଇ ଅତିଥି ଚର୍ଚ୍ଚା ଆରମ୍ଭ କରନ୍ତି । ଏହି ପାନ ଅର୍ପଣର ବିଧି କାହିଁ କେଉଁ କାଳରୁ ଆମ ଚଳଣିରେ ଛାଇ ହୋଇ ରହିଛି । ଇଷ୍ଟ ପୂଜନ, ପିତୃପିଣ୍ଡ, ଦାନ, ପ୍ରୀତିଭୋଜନ, ଯଜ୍ଞାଦି କର୍ମ ସାଧନ ଆଦି ମାଙ୍ଗଳିକ କାର୍ଯ୍ୟରେ ପାନର ଉପସ୍ଥିତି ଅପରିହାର୍ଯ୍ୟ । ଆମ ପୁଣ୍ୟଭୂମି ଭାରତବର୍ଷର କୋଣ ଅନୁକୋଣରେ ପାନର ବ୍ୟବହାର ଦେଖିବାକୁ ମିଳେ । କିନ୍ତୁ ଆମ ଉତ୍କଳ ଜନନୀର ଅନେକ ପର୍ବପର୍ବାଣି ପାନକୁ ନେଇ ଗଢ଼ିଉଠିଥିବା ସମସ୍ତଙ୍କୁ ଅଳ୍ପ ବହୁତେ ଜଣା । ଓଡ଼ିଶାର ଘରେ ଘରେ ପାଳିତ 'ରଜପର୍ବକୁ ପାନର ପର୍ବ' କହିଲେ ଅତ୍ୟୁକ୍ତି ହେବ ନାହିଁ । ଆବାଳବୃଦ୍ଧ ବନିତା ସମସ୍ତେ ରଜପାନର ମଜାନେବାକୁ ଟାକି ବସିଥାନ୍ତି । ସୁବାସିତ କେତକି ଖଇର, ବଡ଼ଫାଳ ଗୁଆ, ଲବଙ୍ଗ, ଅଳେଇଚ, ଜାଇଫଳ ଆଦି ରଜପାନ ପାଇଁ ସଂଗ୍ରହ କରିବା ସହ ରଜବୁଲି ଆସୁଥିବା ସମସ୍ତ ଅଭ୍ୟାଗତଙ୍କୁ ପାନ ଅର୍ପଣ କରି ଓଡ଼ିଆ ଜାତି ପରମ ସନ୍ତୋଷ ଅନୁଭବ କରେ । ଧର୍ମର ମାସ କାର୍ତ୍ତିକ ବ୍ରତ ପାଳନର ଅନ୍ତିମ ଦିବସରେ ଅର୍ଥାତ୍ ପୂର୍ଣ୍ଣିମାର ପ୍ରାତଃ ସମୟରେ ପବିତ୍ର ନଦନଦୀ, ଜଳାଶୟରେ ଉତ୍କଳ ରମଣୀ ମଙ୍ଗଳ ଧ୍ୱନି ସହ ଡ଼ଙ୍ଗା ଭସାଇ ପରିବାରର ସମସ୍ତଙ୍କ ପାଇଁ ମଙ୍ଗଳ କାମନା କରି ଡ଼ଙ୍ଗାରେ ପାନ, ଗୁଆ, ରଖି କହିଥାଏ– 'ଅ କା ମା ବୈ– ପାନ ଗୁଆ ଖାଇ – ମୋ ପାନ ଗୁଆ ତୋର– ମାସକ ଧରମ ମୋର । କେବଳ ଇଷ୍ଟଙ୍କ ଉଦ୍ଦେଶ୍ୟରେ ଅର୍ପିତ ପାନ ଖଣ୍ଡେ ପ୍ରତିବଦଳରେ ସମସ୍ତ କାର୍ତ୍ତିକ ବ୍ରତର ପୁଣ୍ୟ ନେବାକୁ ଆଶାୟୀ ଉତ୍କଳ ରମଣୀ ପାନ ପ୍ରଦାନର ମୂଲ୍ୟକୁ ଠିକ୍ ବୁଝିଥାଏ । ପୂର୍ବେ ଉତ୍କଳୀୟ ନୌବାଣିଜ୍ୟରେ ପାନ ଗୁଆ ଆଦି ମୁଖ୍ୟପଣ୍ୟ ଦ୍ରବ୍ୟ ଥିବା ଏଥିରୁ ଅନୁମେୟ ।

ଉତ୍କଳୀୟଙ୍କ ପ୍ରାଣ ହେଉଛନ୍ତି ଶ୍ରୀଜଗନ୍ନାଥ । ତାଙ୍କୁ ପାନ ଅର୍ପଣ କରି ଏ ଜାତି ପରମ ବିଷ୍ଣୁଙ୍କ ପୂଜନରେ ଏକ ସ୍ୱତନ୍ତ୍ରତା ସୃଷ୍ଟି କରିଛି । ଶ୍ରୀମନ୍ଦିରରେ ପ୍ରଚଳିତ ତାମ୍ବୁଳ ସେବା (ହଡ଼ପ ସେବା) ବିଧିରୁ ଏହା ସ୍ପଷ୍ଟ ବାରି ହୋଇଯାଏ । ପ୍ରାଣର ଠାକୁରଙ୍କୁ କୌଣସି ଭଲ ଦ୍ରବ୍ୟ ମିଳିଲେ ସମର୍ପଣ ନକରିବାକୁ ଏ ଜାତି ଗ୍ରହଣ କରେ ନାହିଁ । ବଡ଼ଠାକୁରଙ୍କ ବଡ଼ସିଂହାର, ପହୁଡ଼, ଚାପ, ଚନ୍ଦନ ଆଦିରେ ତାମ୍ବୁଳ ଅର୍ପଣ ବିଧି ଶ୍ରୀମନ୍ଦିର ସେବାର ଏକ ମୁଖ୍ୟ ଅଙ୍ଗ । ଶ୍ରୀଜଗନ୍ନାଥଙ୍କ ପ୍ରସାଦକୁ ମହାପ୍ରସାଦ କରିବା ପାଇଁ ଏକ ସୁବର୍ଣ୍ଣ ଥାଳିରେ ପୂଜକ ପ୍ରସାଦ, ଲାଗିମାଳ, ସମର୍ପିତ ତାମ୍ବୁଳ ନେଇ କ୍ଷେତ୍ରେଶ୍ୱରୀ ମା' ବିମଳାଙ୍କୁ ଅର୍ପଣ କରିଥାନ୍ତି । ଶ୍ରୀମନ୍ଦିର ମକରବେଢ଼ା ପରିକ୍ରମା ସମୟରେ ହଡ଼ପ ସେବକମାନଙ୍କ ଦ୍ୱାରା ବିବିଧ ପାନ ପ୍ରସ୍ତୁତ କରାଯାଇ ଏକ ଥାଳିରେ ମନ୍ଦିର ଆକୃତିରେ ସଜାଇ ବେଢ଼ା ପରିକ୍ରମା କରାଯାଇଥାଏ । ସଂସ୍କୃତି ଗବେଷକଙ୍କ ମତରେ ମକର ସଂକ୍ରାନ୍ତି ଅବସରରେ ଶ୍ରୀମନ୍ଦିରରେ ତାମ୍ବୁଳ ସେବା ପ୍ରଚଳିତ ହୋଇଥିବାର ଏହା ଏକ ସଙ୍କେତ । ଭାରତବର୍ଷର କୌଣସି ଦେବଦେବୀ ପୀଠରେ ଏଭଳି ସମ୍ମାନ ପାନକୁ ମିଳିନଥାଏ । ଶ୍ରୀଜଗନ୍ନାଥଙ୍କ ପାନ ପ୍ରସ୍ତୁତିର ଶୈଳୀ ମଧ୍ୟ ନିଆରା । ସଦ୍ୟ ତୋଳା ଯାଇଥିବା ଗୋଟା ପାନରେ ସୁବାସିତ ଚନ୍ଦନର ଲେପ ଦିଆଯାଇଥାଏ, ତା'ପରେ ତାକୁ ଚାରି ଚଉଠ କରି ଭାଙ୍ଗି ଗୋଟିଏ ନିଖୁଣ ଲବଙ୍ଗ ଫୋଡି ବିଡ଼ିଆ ପ୍ରସ୍ତୁତ କରାଯାଏ । ଭିନ୍ନ ଭିନ୍ନ ସେବା ପାଇଁ ବିଡ଼ିଆ ପ୍ରସ୍ତୁତ କରିବାର କଳା ଶ୍ରୀମନ୍ଦିର ହଡ଼ପ ସେବକମାନେ ବଂଶାନୁକ୍ରମେ ଶିକ୍ଷା ଲାଭ କରିଥାନ୍ତି । ପୂର୍ବେ ଗଜମୁକ୍ତା ସଂଗ୍ରହ କରାଯାଇ ତାହାର ଚୂର୍ଣ୍ଣ ଶ୍ରୀଜୀଉଙ୍କ ପାନରେ ବ୍ୟବହୃତ ହେଉଥିବା ଜଣାଯାଏ । ଶ୍ରୀଜୀଉଙ୍କ ସମର୍ପିତ ବିଡ଼ିଆ ପାନକୁ ଭକ୍ତମାନେ ସଂଗ୍ରହ କରି ନିଜର ଆରାଧ୍ୟ ଦେବାଦେବୀଙ୍କୁ ପୁନଃ ଅର୍ପଣର ବିଧି ମଧ୍ୟ ଉତ୍କଳରେ ପ୍ରଚଳିତ । ଯଜ୍ଞରେ ଅର୍ପିତ ଚରୁ ସହ ସମର୍ପିତ ବିଡ଼ିଆ ପାନରୁ ଟିକିଏ ପାଇବା ପାଇଁ

ଶ୍ରଦ୍ଧାଳୁମାନଙ୍କ ଭିଡ ଜମେ । ସମସ୍ତ ଦେବାଦେବୀଙ୍କ ଷୋଡ଼ଷ ପୂଜା ଉପଚାରର ଏକ ମୁଖ୍ୟ ଅଂଶ ତାମ୍ବୁଳ । 'ଶାକା ନାମଯୁକ୍ତଂ ଜଳଂରଚିକରଂ- କର୍ପୂର ଖଣ୍ଡୋ ଜ୍ୱଳମ୍- ତାମ୍ବୁଳଂ ମନସା ମୟା ବିରଚିତଂ ଭକ୍ତ୍ୟାପ୍ରଭୁ ସ୍ୱୀକୁରୁ- (ଆଦି ଶଙ୍କର)

ବିଶ୍ୱ ବଂଦିତ ଠାକୁର ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟ ସମ୍ବନ୍ଧରେ ଅନେକ ପୁରାଣ ଗାଥା, ଲୋକକଥା ଆଦି ଦେଖିବାକୁ ମିଳେ । ଦେଶ ବିଦେଶରୁ ବହୁ ଧନାଢ଼୍ୟ ଭକ୍ତ ଶ୍ରୀକ୍ଷେତ୍ରକୁ ଆସି ଶ୍ରୀଜୀଉଙ୍କ ପାଇଁ ସ୍ୱତନ୍ତ୍ର ସେବା ପ୍ରଦାନର ବ୍ୟବସ୍ଥା କରୁଥିଲେ । ଥରେ ଜଣେ ରାଜସ୍ଥାନୀ ସପରିବାର ତୀର୍ଥ କରିବା ଲାଗି ଶ୍ରୀକ୍ଷେତ୍ର ଆସିଥିଲେ । ସେ ଗଜପତି ମହାରାଜାଙ୍କୁ ଭେଟି ଅର୍ପଣ ପୂର୍ବକ ନିଜ ତୀର୍ଥପଣ୍ଡାଙ୍କ ସହ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଥିଲେ ଓ ଦର୍ଶନ ସମୟରେ ଶ୍ରୀଜୀଉଙ୍କ ଗୋଟିଏ ଦିନର ମହାପ୍ରସାଦ ସେବା ପାଇଁ ଏକ ଲକ୍ଷ ସ୍ୱର୍ଣ୍ଣମୁଦ୍ରା ଦେବା ଘୋଷଣା କଲେ ।

ଏତେ ପରିମାଣର ଅର୍ଥରେ କି ପ୍ରକାର ଦିନକର ପ୍ରସାଦ ପ୍ରସ୍ତୁତି ହେବ ସ୍ଥିର କରି ନପାରି ବଡ଼ପଣ୍ଡା ଶ୍ରୀନୀଳାଦ୍ରି ବିହାରୀଙ୍କ ଶରଣ ପଶିଲେ । ଶରଣବତ୍ସଳ ଶ୍ରୀଜଗନ୍ନାଥ ବଡ଼ପଣ୍ଡା , ଗଜପତି ମହାରାଜା ଓ ସେହି ଅର୍ଥ ପ୍ରଦାନକାରୀଙ୍କୁ ଏକ ସଙ୍ଗେ ସ୍ୱପ୍ନାବିଷ୍ଟ କରାଇ ସେହି ଅର୍ଥରେ ଗଜମୁକ୍ତା ଚୂର୍ଣ୍ଣଯୁକ୍ତ ଖଣ୍ଡିଏ ବିଡ଼ିଆପାନ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଲେ । ଏପରି ସ୍ୱପ୍ନାଦେଶ ପରେ ଗଜମୁକ୍ତା ମିଳିବା ଅସମ୍ଭବ ଜାଣି ପ୍ରଭୁଙ୍କ ଶରଣ ପଶି ଭୁଲ ପାଇଁ କ୍ଷମା ଭିକ୍ଷା କଲେ ସେହି ରାଜସ୍ଥାନୀ ଶ୍ରେଷ୍ଠୀ । ସାଥିରେ ଆଣିଥିବା ସମସ୍ତ ଧନ ସମ୍ପତ୍ତି ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାରରେ ଅର୍ପଣ ପୂର୍ବକ ସେ ଶ୍ରୀକ୍ଷେତ୍ର ତ୍ୟାଗ କରି ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରିଥିବା ଶୁଣାଯାଏ । ପ୍ରଭୁଙ୍କ ଭକ୍ତମାନଙ୍କ ମଧ୍ୟରେ ଆଜି ମଧ୍ୟ ଏହି ଲୋକକଥା ଉଜ୍ଜୀବିତ । ଶ୍ରୀଜଗନ୍ନାଥ ହଡ଼ପ ସେବା ସମ୍ବନ୍ଧରେ ଏକ ଜନଶ୍ରୁତି ମଧ୍ୟ ଶୁଣିବାକୁ ମିଳେ । ଶ୍ରୀକ୍ଷେତ୍ରରେ ବାସ କରୁଥିବା ପ୍ରଭୁଦାସ ପ୍ରତ୍ୟହ ଖଣ୍ଡିଏ ଖଣ୍ଡିଏ ବିଡ଼ିଆ ପାନ ବିଧିବିଧାନ ସହ ପ୍ରସ୍ତୁତ କରି ଶ୍ରୀଜଗନ୍ନାଥଙ୍କୁ ମାନସିକ ଭାବରେ ଅର୍ପଣ କରନ୍ତି । କିନ୍ତୁ ପ୍ରତ୍ୟହ ଏହି ବିଡ଼ିଆ ପାନ ଠାକୁର ସାଦରେ ଗ୍ରହଣ କରୁଥିବାର ପ୍ରମାଣ ସେବକମାନେ ଜାଣି ଗଜପତିଙ୍କୁ ଅବଗତ କରାଇଲେ । ଗଜପତି ପ୍ରଭୁଦାସଙ୍କ ଭକ୍ତି ଭାବ ଦେଖି ଶ୍ରୀଜଗନ୍ନାଥଙ୍କ ସେବାରେ ତାମ୍ବୁଳ ସେବା ବିଧି ପ୍ରଚଳନ କରି ପ୍ରଭୁଦାସଙ୍କୁ ପ୍ରଥମ ହଡ଼ପ ସେବା ଅଧିକାର ପ୍ରଦାନ କଲେ । ଆଜି ତାଙ୍କର ବଂଶଧରମାନେ ଶ୍ରୀମନ୍ଦିରରେ ନିତ୍ୟ ଉପସ୍ଥିତ ରହି ନୀଳାଦ୍ରିନାଥଙ୍କୁ ତାମ୍ବୁଳ ପ୍ରଦାନର ସୌଭାଗ୍ୟ ପ୍ରାପ୍ତ ହୋଇଥିବାରୁ ନିଜକୁ ଧନ୍ୟ ମନେକରୁଛନ୍ତି । ଭକ୍ତି ଭାବ ରଚନାରେ ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳେ- ପ୍ରଭୁ ଦାସ ଭକ୍ତିମତେ, ପ୍ରଭୁଙ୍କ ଧୂପ ଯେତେ, ଚନ୍ଦନ ବିଜେ ସହିତେ ବଡ଼ସିଂହାର/ ବିଡ଼ିଆ ମଣୋହି ହେଲା, ହଡ଼ପ ନାୟକ ଦେଲା, ସେ ଦିନରୁ ହଡ଼ପ ସେବା ତା ଅଧିକାର' ।

ପାନ ଲଟାର ଫଳ – ଫୁଲ ମଞ୍ଜି ଆଦି ନ ଥିବାରୁ ଲଟାର ଅଂଶଜ ବିସ୍ତାର ପଦ୍ଧତିରେ ବଂଶ ବୃଦ୍ଧି କରାଯାଏ । ଏହି ଲଟାର ବିଶେଷ ଔଷଧୀୟ ଗୁଣ ରହିଥିବାରୁ ରାମାୟଣ, ମହାଭାରତ ତଥା ବୌଦ୍ଧ, ଜୈନ ଗ୍ରନ୍ଥ ଆଦିରେ ଏହାକୁ ନାଗବଲ୍ଲୀ ନାମରେ ଅଭିହିତ କରାଯାଇଛି । ଭାରତୀୟ ଆୟୁର୍ବେଦ ଉପଚାରରେ ପାନର ବହୁଳ ବ୍ୟବହାର ଦୃଷ୍ଟିଗୋଚର ହୁଏ । ଅନେକ ଭେଷଜ ଶାସ୍ତ୍ରରେ ଏହାର ବର୍ଣ୍ଣନା ଦିଆଯାଇଛି । ଆମ ସାମାଜିକ ଚଳଣିରେ ଝିଅଟିଏ ଶାଶୁଘର ଯିବା ପୂର୍ବରୁ ମାଆମାନେ ଝିଅ ଜ୍ୱାଇଁଙ୍କ ପାଇଁ ପାନ ବଟା, ପାନବଟୁଆ, ଫାଳଗୁଆ, କେତକୀ ଖଇର ଯୋଗାଡ଼ କରି ରଖନ୍ତି । ବିବାହାଦି ସମୟେ 'ଦିଅଁ ମଙ୍ଗୁଳା' ବେଳେ ୭ଟି ଗୋଟାପାନ ଗ୍ରାମଦେବୀଙ୍କୁ ଅର୍ପଣ କରାଯାଇ ଏହି ପାନରେ ଝିଅ ଜ୍ୱାଇଁଙ୍କ ଶରୀର ସ୍ପର୍ଶ କରାଇ ଶାରୀରିକ ସୁସ୍ଥତା କାମନା କରାଯାଏ । ଦେବବୈଦ୍ୟ ଅଶ୍ୱିନୀ କୁମାରଙ୍କଠାରୁ ଆରୋଗ୍ୟ କାମନା କରି ଯଜ୍ଞ ସମୟରେ ଏକ ନିଖୁଣ ଗୋଟାପାନ ଉପରେ ପ୍ରତ୍ୟେକ ବାର ଘୃତ ଆହୂତିର ଶେଷବିନ୍ଦୁ ରଖାଯାଇ ଦେବବୈଦ୍ୟଙ୍କୁ ଅର୍ପଣ କରି ଭକ୍ତମାନଙ୍କୁ ବିତରଣ କରିବା ବିଧି ସର୍ବତ୍ର ପ୍ରଚଳିତ । ଆମ ଇତିହାସର ବିସ୍ମୟ କୋଣାର୍କ ମନ୍ଦିର ନିର୍ମାଣରେ ନିମଗ୍ନ ଶିଳ୍ପୀ ବିଶୁ ମହାରଣାଙ୍କ ବିଗ୍ରହ ସୃଷ୍ଟିର ଏକାଗ୍ରତା ଦେଖି କଳିଙ୍ଗାଧିପତି ଲାଙ୍ଗୁଳା ନରସିଂହ ଦେବ ଅତ୍ୟନ୍ତ ପ୍ରସନ୍ନ ହୋଇ ଶିଳ୍ପୀଙ୍କ ପାନ ପାଇଁ ଅଭ୍ୟାସଗତ ପ୍ରସାରିତ ହସ୍ତରେ ଗଜମୁକ୍ତା ଚୂର୍ଣ୍ଣମିଶ୍ରିତ ପାନଖଣ୍ଡେ ପ୍ରଦାନ କରିଥିଲେ । ପାନଟି ପାଟିରେ ପୂରାଇବା ମାତ୍ରେ ଗଜମୋତି ଚୂର୍ଣ୍ଣ ସୁବାସରେ ଶିଳ୍ପୀଙ୍କ ଏକାଗ୍ରତା ଭଗ୍ନ ହୋଇଥିଲା । ସେ ପ୍ରକୃତିସ୍ଥ ହୋଇ ସମ୍ମୁଖରେ ମହାରାଜାଙ୍କୁ ଦେଖି ଭୁଲ ପାଇଁ କ୍ଷମା ମାଗିଥିଲେ । କିନ୍ତୁ ମହାରାଜାଙ୍କ ମନ୍ତ୍ରୀ ସିବେଇ ସାମନ୍ତରାୟ ଶ୍ରେଷ୍ଠ ଶିଳ୍ପୀଙ୍କୁ ଏହା ଶ୍ରେଷ୍ଠ ଉପହାର ବୋଲି ସୂଚାଇଥିଲେ । ଏଥିରୁ ସ୍ପଷ୍ଟ ଯେ ପାନର ମୂଲ୍ୟାଙ୍କନ ଉତ୍କଳର ରାଜା ମନ୍ତ୍ରୀ ପ୍ରଜା ସମସ୍ତଙ୍କୁ ଜଣା ଥିଲା । ଆମ ସଂସ୍କୃତିରେ, ସଂସ୍କାରରେ, ସାହିତ୍ୟରେ, ଆତିଥ୍ୟରେ ଚାଲି ଚଳଣିରେ ପାନର ଏପରି ମାନ୍ୟତା ଥିବାରୁ ଉପକାରୀ ବିଡ଼ିଆ ପାନ ବଦଳରେ ଅପକାରୀ ତମାଖୁ ଗୁଟୁକା ଭକ୍ଷଣକୁ ବାରଣ କରିବା ଉଚିତ୍ ।

ପ୍ରକୃତିବନ୍ଧୁ ଭବନ, କାକଟପୁର, ପୁରୀ

# ବହୁଳ ବ୍ୟବହାରରେ ଇଂରାଜୀ ଶବ୍ଦ OK

ଆଦିତ୍ୟ କୁମାର ପଣ୍ଡା

ଇଂରାଜୀ ଭାଷାରେ ବହୁଳ ବ୍ୟବହାରରେ ଥିବା କେତୋଟି ଶବ୍ଦ ମଧ୍ୟରୁ Ok ଶବ୍ଦଟି ଗୋଟିଏ । ଇଂରାଜୀ କାହିଁକି, ପୃଥିବୀର ପ୍ରତିଟି ଆଧୁନିକ ଭାଷାରେ ଏହାର ବହୁଳ ବ୍ୟବହାର ଦେଖାଯାଏ । ଆମ କଥିତ ଓଡ଼ିଆ ଭାଷାରେ Ok କୁ ଆମେ ସମସ୍ତେ ବ୍ୟବହାର କରୁ । ଏକବିଂଶ ଶତାବ୍ଦୀରେ ବିଭିନ୍ନ ପ୍ରସଙ୍ଗରେ ଆମେ କହୁଥିବା ଓଡ଼ିଆକୁ ଅନୁଧ୍ୟାନ କଲେ Ok ଶବ୍ଦର ବହୁଳ ବ୍ୟବହାର କଥା ଜଣାପଡ଼େ । ଶ୍ରେଣୀଗୃହ ଭିତରେ ଶିକ୍ଷକ ଶିକ୍ଷାଦାନ କଲାବେଳେ ଛାତ୍ରଛାତ୍ରୀ କଥାବାର୍ତ୍ତା କଲାବେଳେ, ସାଙ୍ଗମାନଙ୍କ ଗହଣରେ, ଘରେ ବାପା, ମା' ସହ କଥାବାର୍ତ୍ତା କଲାବେଳେ, ମୋବାଇଲ୍‌ରେ ମେସେଜ୍ ଦେଲାବେଳେ କି ମୋବାଇଲରେ କଥାହେଲା ବେଳେ, ଇ–ମେଲ୍ ଲେଖିଲା ବେଳେ, ଚାର୍ଟ କଲାବେଳେ, ଚଳଚ୍ଚିତ୍ର ବା ନାଟକରେ ଚରିତ୍ରର ସଂଳାପରେ ଆମେ Ok ଶବ୍ଦଟିକୁ ବ୍ୟବହାର କରିଥାଉ । ବୈଷୟିକ ବିଜ୍ଞାନ ଏବଂ ବୈଷୟିକ କୌଶଳ ଜାଣିଥିବା ବା ବ୍ୟବହାର କରୁଥିବା ମଣିଷର ଦୈନନ୍ଦିନ ଜୀବନରେ Ok ଶବ୍ଦର ବ୍ୟବହାର ବହୁଳଭାବରେ ଦେଖାଯାଏ । କେତୋଟି ପ୍ରସଙ୍ଗରେ ଏହି ଶବ୍ଦଟିର ଅର୍ଥ ହେଉଛି ସବୁଠିକ୍ ବା ହଁ ସ୍ୱୀକାର କରିବା ଅର୍ଥରେ , ସମ୍ମତି ଅର୍ଥରେ Ok ଶବ୍ଦଟି ଆମେ ପ୍ରୟୋଗ କରୁ । ଏହି ଶବ୍ଦଟି ଲିଖିତ ଇଂରାଜୀ ଭାଷାରେ ଆଜି ୧୭୫ବର୍ଷ ପୁରୁଣା ଅଟେ । ପ୍ରଥମେ ଯୁକ୍ତରାଷ୍ଟ୍ର ଆମେରିକାର ସେତେବେଳର ସମ୍ବାଦପତ୍ର ଦି ବୋଷ୍ଟନ ମର୍ଣ୍ଣିଙ୍ଗ ପୋଷ୍ଟରେ ଏହି ଶବ୍ଦଟିର ବ୍ୟବହାର ଦେଖାଯାଏ । ଆଲାନ ମେଟକଫ୍ ଜଣେ ଇଂରାଜୀ ପ୍ରାଧ୍ୟାପକ ଏବଂ ଏହି ଶବ୍ଦର ଇତିହାସ ବିଷୟରେ ଇଲିନଏସ୍‌ରେ ଯିଏ ଗବେଷଣାରତ, ତାଙ୍କର ପୁସ୍ତକ Ok ଦି ଇମପ୍ରୋବେବୁଲ୍ ଷ୍ଟୋରୀ ଅଫ ଆମେରିକାସ୍ ଗ୍ରେଟେଷ୍ଟ ୱାର୍ଡ଼ରେ Okକୁ କଥିତ ଭାଷାରେ ସବୁଠୁ ବେଶୀ ପ୍ରଚଳିତ ଶବ୍ଦ ବୋଲି ଉଲ୍ଲେଖ କରିଛନ୍ତି । ଏହି ଶବ୍ଦଟିର ବ୍ୟୁତ୍ପତ୍ତି ଲାଟିନ୍ ବା ଗ୍ରୀକ୍ ଭାଷାରେ ନାହିଁ ବରଂ ଏହା ୧୮୩୦ର ଅଲ୍ କରେକ୍ଟର ଜୋକି ଅପଉଚ୍ଚାରଣରୁ ଆସିଛି ବୋଲି ମେଟକଫ୍ କହନ୍ତି । ଆଲାନ ୱାକର୍ ରିଡ଼୍ ମଧ୍ୟ ଏହା ଉପରେ ଗବେଷଣା କରି ୧୮୩୯ ମସିହାର ବୋଷ୍ଟନ ମର୍ଣ୍ଣିଙ୍ଗରେ ପ୍ରଥମେ ଲେଖା ହୋଇଥିବାର ପ୍ରକାଶ କରିଥିଲେ । ଏହି ଶବ୍ଦଟିର ବହୁଳ ବ୍ୟବହାର ୧୮୪୦ର ଆମେରିକୀୟ ନିର୍ବାଚନରେ ମଧ୍ୟ ଦେଖିବାକୁ ମିଳେ । ସେତେବେଳେ ରାଷ୍ଟ୍ରପତି ମାର୍ଟିନ ଭନ ବୁରେନ୍ ଯାହାଙ୍କ ଡ଼ାକ ନାମ ଥିଲା ଓଲଡ଼୍ କାଇଣ୍ଡର ହୁକ୍,ତାଙ୍କର ସମର୍ଥକମାନେ ମାର୍ଟିନଙ୍କ ପ୍ରଚାର ପାଇଁ Ok କ୍ଲବ୍ ଗଠନ କରିଥିଲେ । ଯଦିଓ ମାର୍ଟିନ ନିର୍ବାଚନ ଜିତିନଥିଲେ Ok ଶବ୍ଦଟି ସମସ୍ତଙ୍କ ସ୍ମୃତିରେ ରହିଯାଇଥିଲା । ଏହାର ବ୍ୟୁତ୍ପତ୍ତି ଉପରେ ବହୁ ବିବାଦୀୟ ତତ୍ତ୍ୱ ରହିଥିଲେ ହେଁ ବିଂଶ ଏବଂ ଏକବିଂଶ ଶତାବ୍ଦୀରେ ଏହି ଶବ୍ଦଟିର ବ୍ୟବହାର ବହୁଗୁଣରେ ବଢ଼ିଯାଇଛି । ଗୋଟିଏ ସ୍ୱରବର୍ଣ୍ଣ ଏବଂ ଗୋଟିଏ ବ୍ୟଞ୍ଜନ ବର୍ଣ୍ଣରେ ଗଠିତ ଏହି ଶବ୍ଦଟି ବ୍ୟବହାର କରିବାକୁ ଖୁବ୍ ସହଜ, କହିବାକୁ ସରଳ ଏବଂ ଲେଖିବାରେ ବି ସଂକ୍ଷିପ୍ତ । କଥିତ ଓଡ଼ିଆ ଭାଷାରେ Ok ଶବ୍ଦଟି ଏମିତି ମିଶିଗଲାଣି ଯେ ବ୍ୟବହାର କଲାବେଳେ ବିଦେଶୀୟ ଶବ୍ଦ ବୋଲି ଜଣା ବି ପଡ଼େନି । ଅନୌପଚାରିକ କଥିତ ଭାଷାରେ ଏହାର ବ୍ୟବହାର ବେଶି । ୧୮୩୯ମାର୍ଚ୍ଚ୨୩ ତାରିଖର ଦି ବୋଷ୍ଟନ ମର୍ଣ୍ଣିଙ୍ଗ ପୋଷ୍ଟରେ ଏହି ଶବ୍ଦଟି ପ୍ରଥମେ ଲେଖା ହୋଇଥିବାରୁ ଏହି ତାରିଖକୁ ତା'ର ଜନ୍ମଦିନ ବୋଲି ଗ୍ରହଣ କରାଯାଏ ।

ଭାରତୀୟ ଭାଷା ସଂସ୍ଥା
ମହୀଶୂର

# ଶବ୍ଦ ପ୍ରଦୂଷଣ ଓ ଆଧୁନିକ ମଣିଷ

ସୁକାନ୍ତ ମହାନ୍ତି

ଆଜି ସାରା ବିଶ୍ୱରେ ଯେଉଁ କେତେକ ମୁଖ୍ୟ ସମସ୍ୟା ବା ପ୍ରଦୂଷଣ ଦେଖାଦେଇଛି, ସେଥିମଧ୍ୟରୁ ଧ୍ୱନି ବା ଶବ୍ଦ ପ୍ରଦୂଷଣ ଅନ୍ୟତମ । ଯେଉଁ ରାଷ୍ଟ୍ର ଆଜି ଆଧୁନିକତାର ଦ୍ୱାହି ଦେଇ ଯେତେ ଉନ୍ନତ ସଭ୍ୟ, ଶିକ୍ଷିତ ବୋଲାଉଛି, ସେହି ରାଷ୍ଟ୍ର ସେତିକି ପରିମାଣରେ ଧ୍ୱନି ପ୍ରଦୂଷଣର ଶିକାର ହେଉଛି ।

ତେବେ ମନରେ ପ୍ରଶ୍ନ ଆସୁଛି ଏହି ଶବ୍ଦ କିପରି ସୃଷ୍ଟି ହେଲା ? ପ୍ରଥମେ ଆଦିମ ମଣିଷ ବଣ ଜଙ୍ଗଲରେ ବାସ କରୁଥିଲା । ଭାବର ଆଦାନ ପ୍ରଦାନ ପାଇଁ ତାଳିମାରି ଶବ୍ଦ ଉତ୍ପନ୍ନ ହେଲା, ପରେ ସେ ମନର ଭାବକୁ ଏହି ଶବ୍ଦ ଦ୍ୱାରା ଭାଷା ସୃଷ୍ଟି କଲା ଏବଂ ଏହି ଭାଷା ସାହାଯ୍ୟରେ ସେ ତାହାର ମନର ଅକୁହା କଥା କହିପାରିଲା



ଧୀରେ ଧୀରେ ଦେଖାଗଲା ମଣିଷ ଭାବର ଆଦାନପ୍ରଦାନ ଓ ସେ ନିଜର ଖୁସି ପାଇଁ ସଙ୍ଗୀତ, ନାଟକ ପ୍ରତି ଆକୃଷ୍ଟ ହେଲା । ନିଜର ଜୀବନକୁ ଅଧିକ ରଙ୍ଗୀନ କରିବା ପାଇଁ ଆବଶ୍ୟକ ହେଲା ବିଭିନ୍ନ ଯନ୍ତ୍ରପାତି ।

ତା'ପରେ ସେ ବିଭିନ୍ନ ଯନ୍ତ୍ରର ଉଦ୍ଭାବନ କଲା । ଏହାପରେ ସେ ଦେଖିଲା ଯେ ଦେଶକୁ ଏକ ଉନ୍ନତ ରାଷ୍ଟ୍ରରେ ପରିଗଣିତ କରିବାକୁ ହେଲେ ଦେଶର ଶିଳ୍ପକୁ ଉନ୍ନତି କରିବାକୁ ହେବ । ବିଜ୍ଞାନକୁ ଉନ୍ନତି କରିବାକୁ ହେବ । କୃଷିର ଉନ୍ନତି କରିବାକୁ ହେବ । ତେଣୁ ଏହି ମନୁଷ୍ୟ ସମାଜ ଲାଗି ପଡ଼ିଲା ସେହି ସବୁର ଉନ୍ନତି ଦିଗରେ । ଯାହା ଫଳରେ ତାର ପରିଣାମ ହେଲା କଣ ?...... ବର୍ତ୍ତମାନ ବାୟୁ ଜଳ, ଶବ୍ଦ ଆଦି ଆମ ପରିବେଶକୁ ଦୂଷିତ କରୁଛି, ଅଙ୍ଗାରକାମ୍ଳର ପରିମାଣ ବୃଦ୍ଧି ପାଉଛି । ତେଣୁ ଦିନକୁ ଦିନ ଉତ୍ତାପ ମଧ୍ୟ ବୃଦ୍ଧି ପାଉଛି । ଏହାଦ୍ୱାରା ଆମକୁ ବିଭିନ୍ନ ରୋଗର ଶିକାର ହେବାକୁ ପଡୁଛି । ଏହିପରି ଅନେକ କଥା.... ହେଲେ ଯଦି ଆମେ ବିଚାର କରିବା, ଏହିସବୁ ପ୍ରଦୂଷଣର ମୂଳ କିଏ ? କିଏ ଏହି ପରିବେଶକୁ ଦୂଷିତ କରୁଛି ? ଏହି ପ୍ରଶ୍ନ ପଚାରିଲେ ଉତ୍ତର ଆସିବ..... ଆଧୁନିକ ମଣିଷ ।

ବର୍ତ୍ତମାନ ଯୁଗରେ ଆମର ମାନବ ସମାଜ ନିଜର ଜାଣତ ବା ଅଜାଣତରେ ଏହି ଶବ୍ଦ ପ୍ରଦୂଷଣର ଶିକାର ହେଉଛନ୍ତି । ଏବେ ଆଉ ସ୍ନିଗ୍ଧ, ଶାନ୍ତ, କୋଳାହଳଶୂନ୍ୟ ସକାଳ ବା ସଞ୍ଜଟିଏ ପାଇବା ବଡ଼ କଷ୍ଟ ହୋଇଗଲାଣି । ଭୋର ସକାଳୁ ବିଭିନ୍ନ ପକ୍ଷୀମାନଙ୍କର ମଧୁର ସ୍ୱର କାକଳି ଆଉ ଶୁଣିବାକୁ ମିଳୁନି । ପ୍ରକୃତିର କୌଣସି ସଙ୍ଗୀତ ଆଉ କାନ ପାଖରେ ପହଞ୍ଚି ପାରୁନି । କାରଣ ପକ୍ଷୀ ଉଠିବା ଆଗରୁ ମଣିଷ ସୃଷ୍ଟ କୃତ୍ରିମ ଓ କର୍କସ ଶବ୍ଦ ଶୁଭୁଛି । ସକାଳୁ ଆରମ୍ଭ ହୋଇ ସାରା ରାତି ତମାମ୍ ମାଇକ୍ ଘୋ ଘୋ ହୋଇ ବାଜି ଲୋକମାନଙ୍କୁ ଅତିଷ୍ଠ କରୁଛି । ଆମେ ବିବାହ, ବ୍ରତ, ପୂଜାପର୍ବ, ଯାତ୍ରା ଏହି ସବୁ ସମୟରେ ଡ଼ାକବାଜି ଯନ୍ତ୍ର ଆଦିରୁ ଉଚ୍ଚ ସ୍ୱରରେ ସଙ୍ଗୀତ ପ୍ରଚାର ନକଲେ ନିଜକୁ ସମସ୍ତଙ୍କ ନିକଟରେ ହୀନ ମନେ କରୁଛୁ । ଡାକବାଜି ଯନ୍ତ୍ର, (ଷ୍ଟେରିଓ) ଭିଡ଼ିଓ ବନ୍ଦୋବସ୍ତ ନଥିବା ବସ୍‌ରେ ସେ ଟିକେଟ କରି ଯିବାକୁ ଇଚ୍ଛା କରୁନି । କାରଣ ସଙ୍ଗୀତ ନବାଜିଲେ ବସ୍‌ଯାତ୍ରା ଆମମାନଙ୍କ ପାଇଁ ଅସହ୍ୟ ହେବ ।

ସବୁଆଡେ ସ୍ୱାସ୍ଥ୍ୟ ପ୍ରତି ଶବ୍ଦର କ୍ଷୟକାରକ ଶକ୍ତି ବଢ଼ି ଚାଲିଛି । ଆମେ ଆଜି ବିଜୁଳି କାଟରେ ଅତିଷ୍ଠ ହୋଇପଡୁଛେ । ଦେଶରେ ବିଜୁଳିର ଅଭାବ ଦେଖାଯିବାରୁ ବିଜୁଳିକାଟ କରାଯାଉଛି । ହେଲେ ଏହି ବିଜୁଳି କାଟ ଆମେ ସହ୍ୟ କରିପାରୁନେ । ଯାହା ଫଳରେ ତା'ର ପ୍ରତିବଦଳରେ ଆମେ ଲଗାଇ ଦେଇଛେ ଅସଂଖ୍ୟ ଜେନେରେଟର । ତା'ରି ଘଡ଼ ଘଡ଼ ଶବ୍ଦରେ ଆମ କାନ କାଲରେ ପରିଣତ ହୋଇପଡୁଛି । ଆମକୁ ଆଉ ଧୀର ଶବ୍ଦ ଶୁଣାଯାଉନି । ତା' ଛଡ଼ା ଏହି ଶହ ଶହ ଜେନେରେଟରର ଘଡଘଡ ଶବ୍ଦ ଓ ରାସ୍ତାକୁ ସେଗୁଡ଼ିକର ବିଷାକ୍ତ କାର୍ବନ – ମନୋକ୍ସାଇଡ଼ ଓ ଅଙ୍ଗାରକାମ୍ଳ ଗ୍ୟାସ୍ ଛାଡ଼ି ବାୟୁକୁ ପ୍ରଦୂଷିତ କରାଉଛନ୍ତି ।

ବାୟୁରେ ପ୍ରଦୂଷକଗୁଡ଼ିକର ସଂଖ୍ୟା ଶତାଧିକ ହୋଇଥିଲେ ମଧ ସାରା ବିଶ୍ୱରେ ବାୟୁକୁ ପ୍ରଦୂଷିତ କରିବାରେ ୫ଟି ଉତ୍ପାଦନର ଅବଦାନ ୯୦% ରୁ ଅଧିକ । ଏଗୁଡ଼ିକ ହେଲା – ୧)କାର୍ବନ ଯୌଗିକ ୨) ନାଇଟ୍ରୋଜେନ୍ ଅକସାଇଡ଼ସ୍ ୩) ହାଇଡ୍ରୋକାର୍ବନସ୍ ୪) ସଲଫର ଅକ୍ସାଇଡ଼ସ୍ ୫) କଣିକା ରାଜି ବାୟୁକୁ ପ୍ରଦୂଷିତ କରାଇବାରେ ମୋଟର ଯାନଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସହରାଞ୍ଚଳ ଏବଂ ଶିଳ୍ପାଞ୍ଚଳରେ ଭୂମି ନିକଟସ୍ଥ ବାୟୁସ୍ତର ଭୂମି ଉପରୁ ୧ରୁ ୧୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବାୟୁସ୍ତର ମଧରେ ପ୍ରଦୂଷକଗୁଡ଼ିକର ମାତ୍ରା ଅଧିକ ରହିଥିବାରୁ ସେହି ବାୟୁ ସର୍ବାଧିକ ପ୍ରଦୂଷିତ ହୋଇଥାଏ ଓ ଏହାର ପ୍ରତିକୂଳ ପ୍ରଭାବ ମୃତ୍ତିକା, ପ୍ରାଣୀ ଓ ଉଦ୍ଭିଦମାନଙ୍କ ଉପରେ ପଡ଼ିଥାଏ । ବାୟୁରେ ଧୂଆଁର ପରିମାଣ ବଢ଼ିଗଲେ ତାହା ସୂର୍ଯ୍ୟାଲୋକରେ ଥିବା ବାଇଗଣି ବା ଅତିବାଇଗଣି ରଶ୍ମିର ପ୍ରବେଶକୁ ବାଧା ଦିଏ । ଫଳରେ ଏହି ରଶ୍ମି ଚର୍ମରେ ପଡ଼ିପାରେ ନାହିଁ । ଏହି କାରଣରୁ ଭିଟାମିନ୍ 'ଡି'ର ସଂଶ୍ଳେଷଣ ବାଧାପ୍ରାପ୍ତ ହୋଇ ରିକେଟସ ଓ ଅଷ୍ଟିଓ ମାଲାସିଆ ରୋଗ ହୋଇଥାଏ ।

ଅନୁଚିତ ସମୟରେ, ଅନୁଚିତ ସ୍ଥାନରେ, ଅନୁଚିତ ଶବ୍ଦକୁ ଧ୍ୱନି କୁହାଯାଏ । ବିଂଶ ଶତାବ୍ଦୀ ଧ୍ୱନିର ଶତାବ୍ଦୀ ରୂପେ ଅପଖ୍ୟାତି ଅର୍ଜନ କରିଛି । ଧ୍ୱନି ସୃଷ୍ଟି କରିବାରେ ମଣିଷର ଭୂମିକା ଅଧିକ ରହିଛି । ଶବ୍ଦର ତୀବ୍ରତାକୁ ଡେସିବଲ ଏକକରେ ପ୍ରକାଶ କରାଯାଇଥାଏ । ଶୂନ୍ୟ ଡ଼େସିବଲ ବିଶିଷ୍ଟ ଶବ୍ଦ ହେଉଛି ସବୁଠାରୁ ନିରାପଦ । ପ୍ରତିଦିନ ୮୫ଡ଼େସିବଲରୁ ଅଧିକ ତୀବ୍ରତାବିଶିଷ୍ଟ ଧୂଆଁ କ୍ଷତିକାରକ । ଶବ୍ଦ ପ୍ରଦୂଷଣର ପ୍ରଭାବକୁ ୨ଭାଗରେ ବିଭକ୍ତ କରାଯାଇଛି । ଯଥା– ୧) ଶ୍ରବଣ ସମ୍ବନ୍ଧିତ ପ୍ରଭାବ ୨) ଶ୍ରବଣ ଅସମ୍ବନ୍ଧିତ ପ୍ରଭାବ ।

୧୬୦ ଡି.ବିରୁ ଅଧିକ ତୀବ୍ର ହୋଇଥିବା ଧ୍ୱନି ସଂସ୍ପର୍ଶରେ ଆସିଲେ କର୍ଣ୍ଣପଟହ ଫାଟିଯାଇ ବଧିରତା ପ୍ରକାଶ ପାଏ । ଶବ୍ଦ ପ୍ରଦୂଷଣ ଯୋଗୁଁ ବ୍ୟକ୍ତିଠାରେ ବିରକ୍ତ, ଉତ୍କଂଠା, ଆଶଙ୍କା ଆଦି ଅନୁଚିତ ହେବା ସହ ଏକାଗ୍ରତା ଓ କାର୍ଯ୍ୟଦକ୍ଷତା ହ୍ରାସ ପାଏ ।

ଅଧିକ କୋଳାହଳ ଆମ ପାଇଁ ଏକ ଅଦରକାରୀ ଧ୍ୱନି । କଥାବାର୍ତ୍ତା କିମ୍ବା କୌଣସି କାର୍ଯ୍ୟକଳାପବେଳେ କୋଳାହଳ ବାଧା ସୃଷ୍ଟି କରେ । ରାସ୍ତାଘାଟର ସ୍କୁଟର ଓ ମୋଟର ଗାଡ଼ିର କେଁ କାଁ ଶବ୍ଦ, ଡ଼ାକାବାଜି ଯନ୍ତ୍ରର କାନଫଟା ଗର୍ଜନ, କାରଖାନାର ଯନ୍ତ୍ରପାତି ଗୁଡ଼ିକର ଘର୍ଘର ନାଦ, ଧ୍ୱନି ପ୍ରଦୂଷଣକୁ ବୃଦ୍ଧି କରେ । ଆଧୁନିକ ସଭ୍ୟତାର ପ୍ରଭାବରେ ଦିନସାରା ତ ବ୍ୟକ୍ତିଟିଏ କୋଳାହଳ ମଧ୍ୟରେ ରହୁଛି । ଅତି କମ୍‌ରେ ସକାଳ ସମୟ, ସନ୍ଧ୍ୟା ସମୟରେ ବା ବିଳମ୍ବିତ ରାତିର ଅବସର ମୁହୂର୍ତ୍ତଗୁଡ଼ିକ ଶାନ୍ତ ରଖାଯାଇ ପାରନ୍ତା ।

ଶବ୍ଦ ପ୍ରଦୂଷଣ ଆମର ବହୁତ କ୍ଷତି କରିଥାଏ । ଏହା ଆମ ଶରୀର ଓ ମନ ଉପରେ ପ୍ରଭାବ ପକାଇଥାଏ । ଏହା ରକ୍ତଚାପ, ହୃଦରୋଗ ଓ ସ୍ନାୟୁବିକ ରୋଗ ଜାତ କରାଏ । ମସ୍ତିଷ୍କରେ ବିକୃତି ହେବା ଫଳରେ ପରବର୍ତ୍ତୀ କାଳରେ ଶିଶୁର ବ୍ୟବହାରରେ ଅସାମଞ୍ଜସ୍ୟ ଦେଖାଯାଇଥାଏ । କାର୍ଯ୍ୟ କରିବାର କ୍ଷମତା କମାଇ ଦିଏ । ସୁଖନିଦ୍ରାରେ ଶବ୍ଦ ଆଘାତ ଦିଏ । ଅଳସୁଆ ଓ ଅକର୍ମଣ୍ୟ କରେ । ମଣିଷକୁ ଜିଜ୍ଞାସୁହୀନ ଓ ହତୋତ୍ସାହ କରି ଗଢ଼ି ତୋଳେ । ରୋଗନିରୋଧକ ଶକ୍ତି କମିଯାଏ । କାର୍ଯ୍ୟ ଦକ୍ଷତା କମିଯାଏ । କାର୍ଯ୍ୟପ୍ରତି ଆଗ୍ରହ କମିଯାଏ । ଆମର ଚାରିପାଖର ଶବ୍ଦ ଅଧିକ ଯୋଗୁଁ ଆମେ ଉଚ୍ଚସ୍ୱରରେ କଥା କହିବାକୁ ବାଧ୍ୟ ହେଉ । ତେଣୁ ଆମର ସ୍ୱରଯନ୍ତ୍ର ବିଶେଷ କଷ୍ଟ ପାଏ । ପରିଶେଷରେ ଆମେ ଗଳା କର୍କଟ ରୋଗରେ ଶିକାର ହେଉ । ଏହି ଶବ୍ଦର ତୀବ୍ରତାକୁ ଡେସିବଲ, ଏକକଦ୍ୱାରା ମପାଯାଏ । ଶୂନ ଡେସିବଲରୁ ଅଧିକ ଧ୍ୱନି ଆମ ଶରୀରପକ୍ଷେ କ୍ଷତିକାରକ । ଏପରିକି ୬୦ରୁ ୭୦ଡେସିବଲ ଧ୍ୱନି ବହୁ ସମୟ ପର୍ଯ୍ୟନ୍ତ ଶୁଣିବା କ୍ଷତିକାରକ । କିନ୍ତୁ ଦେଖାଯାଉଛି ଯେ ଏକ ମୋଟର ସାଇକେଲର ଧ୍ୱନି ପ୍ରାୟ ୧୧୦ ଡେସିବଲ । ଜେଟ୍ ବିମାନ ଆକାଶମାର୍ଗକୁ ଉଠିଲା ବେଳକୁ ଏହାର ଧ୍ୱନି ୧୩୦ ଡେସିବଲ୍ ହୋଇଥାଏ । ପୁଣି ଦେଖାଦେଇଛି ଯେ, ଗ୍ରାମାଞ୍ଚଳ ଅପେକ୍ଷା ସହରରେ ଆମେ ବେଶୀ ଏହି ଗାଡ଼ି ମୋଟର, ଡାକବାଜିଯନ୍ତ୍ର ଆଦି ବିଭିନ୍ନ ଯନ୍ତ୍ର ବ୍ୟବହାର କରୁଛେ । ତା'ଛଡ଼ା ସହରାଞ୍ଚଳରେ ବେଶୀ କଳକାରଖାନା ଦେଖାଯାଉଛି । ତେଣୁ ଆମେ ଏହି ଉଚ୍ଚ ଶବ୍ଦ ଭିତରେ ନିଜକୁ ଚଳାଇବାରୁ ଆଉ ଧୀର ଶବ୍ଦରେ ଆମେ ଶୁଣି

ପାରୁନେ । ଆମେ ସମସ୍ତେ ଜାଣିଛେ ଶୂନ ଡେସିବଲରେ ଆସ୍ତେ ଶୁଣାଯିବ । କିନ୍ତୁ ଯଦି ଏହି ସହରାଞ୍ଚଳର ଲୋକଙ୍କୁ ପରୀକ୍ଷା କରାଯାଏ ତେବେ ଦେଖାଯିବ ପ୍ରାୟ ଲୋକ କଳା । ଏଥିରୁ ଜଣାଯାଉଛି ସହରରେ ବସବାସ କରି ଧୀରେ ଧୀରେ ଆମେ କଳା ହେବାକୁ ଯାଉଛେ । ତେଣୁ ଏହି ଶବ୍ଦ ପ୍ରଦୂଷଣର ନିରାକରଣ ପାଇଁ ଉପଯୁକ୍ତ ନିୟମାବଳୀ ପ୍ରଣୟନର ଆବଶ୍ୟକତା ରହିଛି । ଜନଚେତନା ସୃଷ୍ଟି ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଭୂମିକାକୁ ଗୁରୁତ୍ୱ ଦେବା, ଦୂରଦର୍ଶନ, ବେତାର ଓ ସମ୍ବାଦପତ୍ର ମାଧ୍ୟମରେ ଏହାକୁ ପ୍ରଚାର ଓ ପ୍ରସାର କରିବା ।

ବିଭିନ୍ନ ପ୍ରକାର ଶବ୍ଦ ପ୍ରଦୂଷଣର କଟୁତା ସତ୍ତ୍ୱେ ସାଧାରଣ ବ୍ୟକ୍ତିଟିଏ ତାର ପ୍ରତିବାଦ କରିପାରେନା । ରାସ୍ତାରେ ଚାଲୁଥିବା ଗାଡ଼ି କିଭଳି ହର୍ଣ୍ଣ ବଜାଇବେ ସେ ନେଇ ବି ନିୟମ ରହିଛି । କିନ୍ତୁ ପ୍ରତିବାଦ କରୁଛି କିଏ ? ବିକୃତ ହର୍ଣ୍ଣର ପ୍ରତିବାଦ କଲେ ଗାଡ଼ିର ଚାଳକ ପ୍ରତିବାଦକାରୀଙ୍କୁ ଅପମାନ କରିବାର ଆଶଙ୍କା ରହିଛି । ତେଣୁ କେବଳ ପ୍ରଶାସନ ଏନେଇ କିଛି କରିପାରିବ । କିନ୍ତୁ ଶବ୍ଦର ଝଞ୍ଜାରେ ପ୍ରଶାସନ ନିଷେଧାଦେଶକୁ କିଛି କିଛି ପାଳନ କରନ୍ତି, କିନ୍ତୁ ବଡ଼ ବଡ଼ ପୂଜା ସମୟରେ ଶବ୍ଦ ପ୍ରଦୂଷଣର ମାତ୍ରା ବେଶୀ । ସରକାର ନିୟମ କରି ସାରିଛନ୍ତି ଯେ ନିର୍ଦ୍ଦିଷ୍ଟ ଡେସିବଲଠାରୁ ଅଧିକ ଶବ୍ଦ କରି ବାଣ ଫୁଟାଇଲେ ଜେଲ ବା ଜରିମନା ହେବ । କିନ୍ତୁ କାର୍ଯ୍ୟାନୁଷ୍ଠାନ କରାଯିବା ବାସ୍ତବ କ୍ଷେତ୍ରରେ କେତେ ସଫଳ ହେବ, ତାହା କହିବା ମୁସ୍କିଲ । ଯଥେଷ୍ଟ ଜନସଚେତନତା ଜାଗ୍ରତ ହେଲେ ଶବ୍ଦ ପ୍ରଦୂଷଣର ନିରାକରଣ ସମ୍ଭବ । କିନ୍ତୁ ତାହା ଜାଗ୍ରତ ହେଉନାହିଁ । ଯେପରି କି ସର୍ବସାଧାରଣ ସ୍ଥାନରେ ସିଗାରେଟ୍ ଟାଣିବା, ପଲିଥିନ୍ ବ୍ୟବହାର କରିବା ବିରୋଧରେ ଆଇନ ଅଛି, କିନ୍ତୁ ସେ କଥା ବିଚାର କରୁଛି କିଏ ? ଶବ୍ଦ ପଦୂଷଣ ଆମର ଅନେକ ରୋଗ ବ୍ୟାଧିର କାରଣ । ଜଳ ପ୍ରଦୂଷଣ, ବାୟୁ ପ୍ରଦୂଷଣ ଭଳି ଶବ୍ଦ ପ୍ରଦୂଷଣ ମଧ୍ୟ ବିଭିନ୍ନ ପ୍ରାକୃତିକ ଅସନ୍ତୁଳନର କାରଣ ଅଟେ । ତେଣୁ ଜନସାଧାରଣ ମଧ୍ୟ ଏଇ କଥାକୁ ହୃଦୟଙ୍ଗମ କରିବା ଆବଶ୍ୟକ । ନିଜେ ଖୁସି ହୁଅ ମାତ୍ର ଅନ୍ୟକୁ ଦୁଃଖୀ କର ନାହିଁ ।

ଯଦି ଆମେ ଏହି ଶବ୍ଦ ପ୍ରଦୂଷଣ ନିବାରଣ ଓ ନିୟନ୍ତ୍ରଣ କରିବା ତେବେ କେତେକ ବିଷୟ ପ୍ରତି ନିହାତି ଧ୍ୟାନ ଦେବାକୁ ପଡ଼ିବ । ଯେମିତିକି–୧) ଶବ୍ଦ ଉତ୍ସର ନିୟନ୍ତ୍ରଣ, ୨) ଶବ୍ଦ ସଞ୍ଚାରଣ ନିୟନ୍ତ୍ରଣ, ୩) ଧ୍ୱନି ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିମାନଙ୍କର ସୁରକ୍ଷା, ୪) ଆଇନ୍ ପ୍ରଣୟନ, ୫) ଜନଶିକ୍ଷା ।

୧– ଅଧିକ ଜୋରରେ ଶବ୍ଦ କରୁଥିବା ଯନ୍ତ୍ରକୁ ଦୂରେଇ କରି ସ୍ଥାପନ କରିବା ଏବଂ ଯନ୍ତ୍ରରେ ଧ୍ୱନି ପ୍ରଶମକ ମଫସଲ କିମ୍ବା ଅନ୍ୟାନ୍ୟ ଧ୍ୱନିହ୍ରାସକ ଉପକରଣ ଲଗାଇବା ଦ୍ୱାରା ଧ୍ୱନିର ତୀବ୍ରତା କମିଥାଏ ।

୨–ଧ୍ୱନିକୁ ବାହାରକୁ ଛାଡ଼ି ନଦେବା ପାଇଁ ଏହାର ଚାରିକଡ଼େ ଘେର ତିଆରି କରିବା ଏବଂ କୋଠରୀର କାନ୍ଥଗୁଡ଼ିକୁ ଧ୍ୱନି ଶୋଷଣକାରୀ ସାମଗ୍ରୀଦ୍ୱାରା ଆବୃତ କରିବା ଆବଶ୍ୟକ ।

୩ – ଶବ୍ଦ ପ୍ରଦୂଷଣ ଦ୍ୱାରା ଶ୍ରବଣ ଶକ୍ତି ଉପରେ ଏହାର ପ୍ରଭାବ ଜାଣିବା ପାଇଁ ନିୟମିତ ସମୟ ବ୍ୟବଧାନରେ ଅଡ଼ିଓଗ୍ରାମ୍ ପରୀକ୍ଷା କରାଇବା ଆବଶ୍ୟକ ।

୪ – ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ କରିବା ନିମନ୍ତେ କଠୋର ଆଇନ୍ ପ୍ରଣୟନ କରିବାର ଆବଶ୍ୟକତା ସୁଦୂରପ୍ରସାରୀ ।

୫– ଶବ୍ଦପ୍ରଦୂଷଣ ଅପକାରିତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଜନଶିକ୍ଷା କାର୍ଯ୍ୟକ୍ରମମାନ ଗ୍ରହଣ କରିବା ଆବଶ୍ୟକ ।

ତେଣୁ ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଶବ୍ଦ ପ୍ରଦୂଷଣ ବିରୋଧରେ ଅଭିଯାନ କରିବା, ଯେଉଁ ଜାଗାମାନଙ୍କରେ ଡାକବାଜି ଯନ୍ତ୍ର ବାଜୁଛି ସେଠାର ଅନୁଷ୍ଠାନ୍‌ମାନଙ୍କୁ ଏହା ନବଜାଇବା ପାଇଁ ଅନୁରୋଧ କରିବା । ବସ୍‌ଗୁଡ଼ିକରେ ଷ୍ଟେରିଓ ନଲଗାଇବା ପାଇଁ ଅନୁରୋଧ କରିବା । ଯଦି ବସ୍‌ରେ ଷ୍ଟେରିଓ ଲାଗିଥାଏ, ତେବେ ସେହି ବସ୍‌ରେ ଯାତ୍ରା କରିବା ନାହିଁ । ଭାକ୍ୟୁମ୍ ହର୍ଣ୍ଣ ଓ ଉପଯୁକ୍ତ ଭାବରେ ଶବ୍ଦ ନିୟନ୍ତ୍ରିତ ହୋଇ ନଥିବା ଇଞ୍ଜିନ୍‌ଗୁଡ଼ିକର ବ୍ୟବହାର ନିଷିଦ୍ଧ କରିବା ପାଇଁ ଆମର ପ୍ରଶାସକ ଓ ବିଧାୟକଗଣଙ୍କୁ ସକ୍ରିୟ ହେବା ପାଇଁ ଅନୁରୋଧ କରିବା । ଗାଡ଼ି ଓ ସିନେମାହଲ୍ ମାଲିକମାନଙ୍କୁ ସେମାନଙ୍କର କାର୍ଯ୍ୟକଳାପ ଦ୍ୱାରା ସୃଷ୍ଟି ହେଉଥିବା ଶବ୍ଦ ପ୍ରଦୂଷଣର ସୀମିତକରଣ ପାଇଁ ପ୍ରବର୍ତ୍ତାଇବା ।

ମାର୍ଫତ୍ –ରାଜେନ୍ଦ୍ର ପଟ୍ଟନାୟକ
ଗ୍ରା – ଗୋବିନ୍ଦପୁର
ପୋ–ଲକ୍ଷ୍ମୀପୁର,ଗଞ୍ଜାମ

❖ ❖ ❖

# ରହସ୍ୟାଲୋକରେ ଦାରବୀ ଲୀଳା : ଏକ ଭାକ୍ତିକ ଅନୁଚିନ୍ତା

ଡକ୍ଟର ସଂଘମିତ୍ରା ଭଞ୍ଜ

ଶ୍ରୀଜଗନ୍ନାଥ ଓ ଶ୍ରୀକ୍ଷେତ୍ର ରହସ୍ୟମୟ- ନିଗୂଢ ତତ୍ତ୍ୱ ସର୍ବସ୍ୱ ତଥା ବୈଚିତ୍ର୍ୟ ବିମଣ୍ଡିତ । ଦେବଭୂମି ଭାରତବର୍ଷର ଐତିହ୍ୟ- ସଂସ୍କୃତି - ପରମ୍ପରା ଓ ଅସ୍ମିତାର ଅନାମୟ - ଦିବ୍ୟ ଅବବୋଧ ହେଉଛନ୍ତି ଦାରୁବ୍ରହ୍ମ - ଶ୍ରୀଜଗନ୍ନାଥ । ଭକ୍ତର ଶ୍ରଦ୍ଧା- ସମର୍ପଣର ଅନିର୍ବାପିତ - ଅଖଣ୍ଡ ମଶାଲ୍ ସେ । ଦାରୁ ଦିଅଁ - ପରଂବ୍ରହ୍ମ ସାଧକର ସାଧନାରେ କେବେ ଅଚିନ୍ତ୍ୟ, ସନ୍ନ୍ୟାସୀର ଅନାସକ୍ତିରେ କେବେ ନିରାକାର ତ ପୁଣି ଗୃହସ୍ଥର ବିଶ୍ୱାସରେ କାଳିଆ ସାଆନ୍ତ ରୂପେ ନମସ୍ୟ ! ଶ୍ରୀକ୍ଷେତ୍ର ଓ କ୍ଷେତ୍ରୀ ଜଗନ୍ନାଥଙ୍କୁ ନେଇ ସଂଗୁପ୍ତ ରହସ୍ୟ ଭିତରେ ବିସ୍ମୟାବିଷ୍ଟ ସମଗ୍ର ବିଶ୍ୱ । ତାଙ୍କର ପ୍ରତିଟି ନୀତିକାନ୍ତି, ରୂପଚର୍ଯ୍ୟା, ପ୍ରାତ୍ୟହିକ ପୂଜାବିଧି, ଅଲୌକିକ ସତ୍ତାକୁ କେନ୍ଦ୍ର କରି କୋଟି କୋଟି ମଣିଷ ହୃଦୟରେ ଅସମାଧିତ ପ୍ରଶ୍ନବାଚୀ । ଶ୍ରୀମନ୍ଦିରର ଅପୂର୍ବ କାରୁକାର୍ଯ୍ୟ, ବାଇଶି ପାହାଚ ପଛରେ ଥିବା ଅଦ୍ଭୁତ କିମ୍ବଦନ୍ତୀ ଏବଂ ତିନିଦିଅଁଙ୍କ ସୃଷ୍ଟି ରହସ୍ୟକୁ ଭାବିଲେ ମନେହୁଏ, ସତେଯେପରି ସୁଦକ୍ଷ-ବିଶିଷ୍ଟ ଶିଳ୍ପୀ ବିଶ୍ୱକର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁରୀଧାମର କୋଣ-ଅନୁକୋଣ କଳା- ଭାସ୍କର୍ଯ୍ୟରେ ଖଚିତ-ଖୋଦିତ- ସୁସଜ୍ଜିତ । ଆଧୁନିକ ମଣିଷର ବୁଦ୍ଧିବିଜ୍ଞାନ ଏବଂ ଉପଲବ୍ଧିକୁ ଜଡବତ୍ ମନ୍ତ୍ରମୁଗ୍ଧ କରିଦିଏ ମହାପ୍ରଭୁଙ୍କ ଅସଂଖ୍ୟ ଲୀଳା । ଭକ୍ତ ପାଇଁ ଯେଉଁଠି ଶ୍ରୀଜଗନ୍ନାଥ ଖୁବ୍ ଅନୁଭବ୍ୟ ମନେହୁଅନ୍ତି ସାଧକ ପାଇଁ ପୁଣି ସେଇଠି ସେ ବିଚିତ୍ର - ଅଦ୍ଭୁତ ଓ ଦୁର୍ବୋଧ ମଧ୍ୟ ହୋଇଉଠନ୍ତି ।



ଅଣସର ପିଣ୍ଡିରେ ଶାବର ପୂଜା, ସ୍ନାନ ଚକାରେ ଗଜାନନ, ରଥରେ ବାମନ, ଶ୍ରୀରାମଙ୍କ ଅଭିଷେକାଦି, ସାତକାଣ୍ଡଲୀଳା, ଶ୍ରୀଗଜେନ୍ଦ୍ରାଭିଷେକ, ଶ୍ରୀକୃଷ୍ଣଙ୍କ ଅଠଚାଳିଶା ଲୀଳା, ଶ୍ରୀଗୁଣ୍ଡିଚାରେ ଦକ୍ଷିଣ ହସ୍ତରୁ ଆଜ୍ଞାମାଳ ଓ ଦେବୀ ଗୁଣ୍ଡିଚାରେ ବାମହସ୍ତରୁ ଆଜ୍ଞାମାଳ, ଲିଙ୍ଗଶକ୍ତିର ଉପାସନା ଇତ୍ୟାଦି ଯାତ-ନୀତି, ଲୀଳା- ବେଶ, ପୂଜା-ଉତ୍ସବାଦି ଅତି ବୈଚିତ୍ର୍ୟପୂର୍ଣ୍ଣ ଢଙ୍ଗରେ ଅନୁଷ୍ଠିତ ହୁଏ । ଶ୍ରୀଯନ୍ତ୍ରରେ ଭୋଗ ସ୍ଥାପନ, ଛପନ ଭୋଗ, ଛତିଶା ନିଯୋଗ, ଛତ୍ରଘଣ୍ଟି ସେବା, ଛେରାପହଁରା, ସ୍ନାନଯାତ୍ରା ଆଦି ମହାପ୍ରଭୁ ଓ ଶ୍ରୀକ୍ଷେତ୍ରକୁ ଆହୁରି ରହସ୍ୟାବୃତ୍ତ କରିଦିଏ । ଏହି ପାବନ କ୍ଷେତ୍ରରେ ସ୍ୱର୍ଗଦ୍ୱାରକୁ ମୃତ୍ୟୁର ଦ୍ୱାର ରୂପେ ନୁହେଁ ବରଂ 'ଅମୃତର ପ୍ରଥମ ପାବଚ୍ଛ' ରୂପେ, ମହାପ୍ରସାଦକୁ 'କୈବଲ୍ୟ' ରୂପେ ଶ୍ରେଷ୍ଠତା ଦିଆଯାଇଛି । ଏହି ଧାମରେ ସାଲୋକ୍ୟ, ସାଯୁଜ୍ୟ, ସାରୂପ୍ୟ ଏବଂ ସାନ୍ନିଧ - ଆଦି ଚତୁର୍ବିଧ ମୁକ୍ତି ପ୍ରାପ୍ତି ହେଉଥିବାରୁ ଶାସ୍ତ୍ରାଦିରେ 'ମୁକ୍ତିଃ କୈବଲ୍ୟ ନିର୍ବାଣଂ' ବୋଲି ଉଲ୍ଲେଖ ଅଛି । ଶ୍ରୀଜଗନ୍ନାଥ ଧାମକୁ ତନ୍ତ୍ର- ଶାସ୍ତ୍ରାଦିରେ 'ଦିବ୍ୟଦେଶ'ରୂପେ ଅଭିହିତ କରାଯିବା ସହିତ ଷୋଡଶ ପୀଠାତ୍ମକ ଷୋଳକଳାପୂର୍ଣ୍ଣ ଚନ୍ଦ୍ରମଣ୍ଡଳ ରୂପେ ବର୍ଣ୍ଣନା କରାଯାଇଛି ।

ଦିବ୍ୟଦେଶ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ - 'ଦାରୁବ୍ରହ୍ମ' ରୂପେ ବିରାଜିତ । ତାଙ୍କୁ ନେଇ ଏତେ ଅଭିନବ ବିଧିବ୍ୟବସ୍ଥା, ନୀତିଚର୍ଯ୍ୟା ଯେ ବ୍ରହ୍ମାଣ୍ଡରେ ଆଉ କୌଣସି ଦିଅଁଙ୍କଠାରେ ପରିଲକ୍ଷିତ ହେଉନଥିବା ଯୋଗୁ ହିଁ ସେ କୋଟି ବ୍ରହ୍ମାଣ୍ଡ ଠାକୁର ପାଲଟିଛନ୍ତି । ତାଙ୍କରି ପାଇଁ ବେଦ-ମନ୍ତ୍ର-ସୂକ୍ତ-ତନ୍ତ୍ର-ଯନ୍ତ୍ର-କର୍ମକାଣ୍ଡ ଆଦିର ସ୍ଥାପନା । ତାଙ୍କରି ସେବାରେ ଅସଂଖ୍ୟ ପରିଚ୍ଛା, ପରକରଣ, ମୁଦିରଥ, ଶ୍ରୋତ୍ରିୟ ବ୍ରାହ୍ମଣ, ପାଳିଆପଣ୍ଡା, ସିଂହାର, ଦରପଣିଆ, ଅଖଣ୍ଡ ମେକାପ, ବାହାର ଗରାବଡୁ, ଭିତର ଗରାବଡୁ, ଶ୍ରୀମୁଖ ସିଂହାରୀ, ଜ୍ୟୋତିଷ ପାତ୍ର, ଦଇତାପତି ଆଦି ଅହରହ କାର୍ଯ୍ୟରତ ।

ଶ୍ରୀ ମହାପ୍ରଭୁଙ୍କ ମହାମାନବ ଲୀଳା ଅତି ବୈଚିତ୍ର୍ୟପୂର୍ଣ୍ଣ। ସାଧାରଣ ମଣିଷ ପରି ତାଙ୍କର ନିତ୍ୟ–ନୈମିତ୍ତିକ କାର୍ଯ୍ୟ ସଂପାଦିତ ହୁଏ। ଦନ୍ତ ମାର୍ଜନ, ଚନ୍ଦନ ଧାରଣ, ଦିନକରେ ସାତଥର ଭୋଜନ, ଛପନ ପ୍ରକାର ବ୍ୟଞ୍ଜନ, ଚଉଷଠି ପ୍ରକାର ଉପଚାର, ଚୟନ, ଭ୍ରମଣ, ଯାତ୍ରା, ଆମୋଦ–ପ୍ରମୋଦ ଆଦି ଖୁବ୍ ମନୋଜ୍ଞ। ମଙ୍ଗଳ ଆଳତି (ମଇଲମ), ଅବକାଶ, ସିଂହାର, ହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳ ବଲ୍ଲଭ, ସକାଳଧୂପ, ଭୋଗ ମଣ୍ଡପ, ଦ୍ୱିପ୍ରହର ଧୂପ, ପହୁଡ, ସନ୍ଧ୍ୟା ଆଳତି, ସନ୍ଧ୍ୟାଧୂପ, ଚନ୍ଦନ ଲାଗି, ବଡସିଂହାର ବେଶ (ବୃହତ୍ ଶୃଙ୍ଗାର), ବଡସିଂହାର ଧୂପ, ଶୟନ ଠାକୁର ବିଜେ, ଇତ୍ୟାଦି ଦ୍ୱାରା ତାଙ୍କର ପ୍ରାତ୍ୟହିକ ଲୀଳା ସଂପାଦନ କରାଯାଏ। ସାଧାରଣ ମଣିଷ ପରି ଜଗତର ନାଥ ମଧ୍ୟ ଜ୍ୱରରେ ପୀଡିତ ହୁଅନ୍ତି, ଔଷଧ ସେବନ ପୂର୍ବକ ସୁସ୍ଥ ହୁଅନ୍ତି। ନ୍ୟାୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ମଧ୍ୟ ଜନ୍ମ–ମୃତ୍ୟୁ ଚକ୍ରରୁ ମୁକ୍ତ ନୁହଁନ୍ତି। 'ଦେବତା ହୋଇଲେ ମରଇ' ନ୍ୟାୟରେ କଳିଯୁଗରେ ଦାରୁରୂପୀ ମହାବାହୁ ମଧ୍ୟ ଶରୀର ତ୍ୟାଗ କରନ୍ତି। ଶ୍ରୀମଦ୍ ଭଗବଦ୍ ଗୀତାରେ ସାଂଖ୍ୟଯୋଗ ୨ୟ ଅଧ୍ୟାୟ ବିଂଶତମ ଶ୍ଳୋକରେ ତାଙ୍କରି ମୁଖ ନିଃସୃତ ବାଣୀ –

'ନ ଜାୟତେ ମ୍ରିୟତେ ବା କଦାଚି –
ନାୟଂ ଭୂତ୍ୱାଂ ଭିତା ବା ନ ଭୂୟଃ
ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ
ନ ହନ୍ୟତେ ହନ୍ୟମାନେ ଶରୀରେଃ'

'ଆତ୍ମା' – ଚିରନ୍ତନ, ଅଦାହ୍ୟ କିନ୍ତୁ ଶରୀର କ୍ଷୟଶୀଳନଶ୍ୱର। ଆତ୍ମାର ବିନାଶ ନାହିଁ ତେଣୁ ଦାରୁରୂପୀ ଜଗନ୍ନାଥ କେଉଁ ଅନାଦି ଯୁଗରୁ ଚଳନ୍ତି – ଜୀବନ୍ତ ଈଶ୍ୱର ରୂପେ ଅବସ୍ଥାନ କରି ଆସୁଛନ୍ତି। ମାୟାରେ ଭ୍ରମିତ ମାନବ ସମାଜକୁ ବାରମ୍ବାର ଜାଗୃତ କରିବାକୁ ମହାପ୍ରଭୁ ତାଙ୍କ ଲୀଳା କରିଚାଲିଛନ୍ତି। ଶ୍ରୀଜଗନ୍ନାଥ ଦାରୁ – ଦେବତା ଓ ସର୍ବଶକ୍ତିମାନ।

**ନବକଳେବର ଓ ବନଯାଗଯାତ୍ରା:**

ପ୍ରଭୁଙ୍କ ଦାରବୀ ଲୀଳାର ରହସ୍ୟ ଏବେ ସୁଦ୍ଧା ଅସ୍ପଷ୍ଟ ତଥା ସଂଗୁପ୍ତ ରହିଛି। 'ଦାରୁ'ରେ ଜୀବିତ ଗୁପ୍ତବ୍ରହ୍ମ ଯେ ଦେହତ୍ୟାଗ ପୂର୍ବକ ଶୋଧ ହୋଇ ନୂଆ ଶରୀର ଧାରଣ କରି – ନୂଆ ବିଗ୍ରହରେ ଅନୁପ୍ରବେଶ କରନ୍ତି – ଏହି ଦର୍ଶନଟି ମଣିଷର ଚିନ୍ତା – ଚେତନା, ବୁଦ୍ଧି – ଜ୍ଞାନକୁ ମୋହାଚ୍ଛନ୍ନ ତଥା ମନ୍ତ୍ରମୁଗ୍ଧ କରିଦିଏ। ଘଟ ପରିବର୍ତ୍ତନର ଅଭିନବ – ଶାଶ୍ୱତ ସତ୍ୟ ଉପରେ ପ୍ରତିଷ୍ଠିତ ହୋଇଛି ଶ୍ରୀଜଗନ୍ନାଥଙ୍କ ବିସ୍ମୟକର ମାନବଧର୍ମୀ ଦାରବୀ ଲୀଳା – ନବକଳେବର ମହୋତ୍ସବ। ସ୍କନ୍ଦ ପୁରାଣ ଅନୁଯାୟୀ ଶବର ରାଜ ବିଶ୍ୱାବସୁଙ୍କ ଉପାସିତ ଶ୍ରୀନୀଳମାଧବ ବିଗ୍ରହଙ୍କ ଅନ୍ତର୍ଦ୍ଧାନ ପରେ ପୁନରାୟ ଦାରୁବ୍ରହ୍ମ ରୂପରେ ଶେଷନାଗ ବଳଭଦ୍ର, ଦେବୀ ସୁଭଦ୍ରା ପ୍ରଭୁ ଶ୍ରୀଜଗନ୍ନାଥ ରତ୍ନ ସିଂହାସନରେ ଅଧିଷ୍ଠିତ ହେବା ସହିତ ମର୍ତ୍ତ୍ୟ ବୈକୁଣ୍ଠ – ଶ୍ରୀକ୍ଷେତ୍ରରେ ଆବିର୍ଭୂତ ହୋଇଛନ୍ତି। ପୁରାଣ ଅନୁସାରେ ଶ୍ରୀକୃଷ୍ଣଙ୍କ ମହାପ୍ରୟାଣ ଦିବସ ରୂପେ ଆଷାଢ ମଳମାସର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିକୁ ଗ୍ରହଣ କରାଯାଏ। ପୁରାଣଶାସ୍ତ୍ରର ସେହି ସ୍ମୃତି ଆଧାରରେ ଶ୍ରୀଜଗନ୍ନାଥଙ୍କ ନବକଳେବର ହୋଇଥାଏ। ଦ୍ୱାପର ପରବର୍ତ୍ତୀ ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ର ମଧ୍ୟ ପ୍ରବଳପ୍ରତାପୀ ରାବଣକୁ ଜୟ କରିବା ଉଦ୍ଦେଶ୍ୟରେ ଏହି ମଳମାସ ବ୍ରତ ପାଳନ କରିଥିବା ଜଣାଯାଏ। ଏହି ମଳମାସକୁ 'ପୁରୁଷୋତ୍ତମ ମାସ' ମଳ ଅଧିବାସ' ରୂପେ ମଧ୍ୟ ଗ୍ରହଣ କରାଯାଏ। ଆଷାଢର ଏହି ମଳମାସ ଅତ୍ୟନ୍ତ ପବିତ୍ର ଅଟେ। ଚନ୍ଦ୍ରମାସ ଓ ସୌରମାସ ମଧ୍ୟରେ ଅଧିମାସ ପଡିବା ସହିତ ଯୋଡା ଆଷାଢ ପଡିଲେ ହିଁ ଶ୍ରୀଜଗନ୍ନାଥଙ୍କ ବ୍ରହ୍ମ ପରିବର୍ତ୍ତନ ହୁଏ।

ନବକଳେବରର ଆଦ୍ୟପର୍ବ ହେଉଛି ପବିତ୍ର ବନଯାଗଯାତ୍ରା। ପାରମ୍ପରିକ ରୀତିରେ ଯୋଡା ଆଷାଢରେ ନିମ୍ବ ବୃକ୍ଷ ଠାବକରି ପୂଜାର୍ଚ୍ଚନା ଓ ଯାଗ– ଯଜ୍ଞ ପରେ ସେଥିରେ ନୂତନ ବିଗ୍ରହ ପ୍ରସ୍ତୁତ କରାଯାଏ । ପରେ 'ବ୍ରହ୍ମ' ସ୍ଥାପନ ବିଧି ପାଳନ କରାଯାଏ। ନବକଳେବର ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ସେବାୟତମାନେ ମୁଖ୍ୟକାର୍ଯ୍ୟ ନିର୍ବାହ କରନ୍ତି। ଚୈତ୍ର ଶୁକ୍ଳ ଦଶମୀ ତିଥିରେ ଦ୍ୱିପହର ଧୂପ ବେଳେ ସ୍ୱତନ୍ତ୍ର ଭାବରେ ଚାରିଟି ଫୁଲମାଳ ସୁଦର୍ଶନଙ୍କ ସମେତ ତିନି ଠାକୁରଙ୍କୁ ଲାଗି କରାଯାଏ। ଏହାକୁ ଆଜ୍ଞାମାଳ କୁହାଯାଏ। ସେହି ତିଥିରେ ହିଁ ଦଇତାମୁଖ୍ୟ, ବିଶ୍ୱାବସୁ, ପତିମହାପାତ୍ର, ସାତଜଣ ବ୍ରାହ୍ମଣ, ଦେଉଳକରଣ, ଚଢାଉକରଣ, ଲେଙ୍କା, ଓ ବିଶ୍ୱକର୍ମା ପ୍ରଭୃତି ଶ୍ରୀମନ୍ଦିରରୁ ଶ୍ରୀନଅରକୁ ଯାଇ ଠାକୁର ରାଜାଙ୍କୁ ଗୁଆ ଟେକନ୍ତି। ଗଜପତି ମହାରାଜଙ୍କ ଗୁଆଟେକା ପରେ ଦାରୁ ସନ୍ଧାନକାରୀ ଜଗନ୍ନାଥବଲ୍ଲଭ ମଠକୁ ଯାଆନ୍ତି। ବନଯାଗ ଯାତ୍ରା ସମୟରେ ଚକ୍ରନାରାୟଣ ଶ୍ରୀସୁଦର୍ଶନ ପ୍ରଥମଥର ପାଇଁ ଶ୍ରୀକ୍ଷେତ୍ରରୁ ପାଞ୍ଚକୋଶ ବାହାରକୁ ଆସନ୍ତି। ଶ୍ରୀ ସୁଦର୍ଶନ ହିଁ ବନଯାଗ ଯାତ୍ରୀଙ୍କୁ ଆଗେ ଆଗେ ବାଟ କଢାଇବା ସହ ସମସ୍ତ ବାଧାବିଘ୍ନକୁ ପ୍ରତିହତ କରନ୍ତି। ବନଯାଗ ସମୟରେ ଶ୍ରୀ ସୁଦର୍ଶନ ବୃକ୍ଷମୂଳେ ବିରାଜମାନ କରନ୍ତି। ମା' ମଙ୍ଗଳାଙ୍କ ମାଜଣା ପରେ ପରେ ସ୍ୱପ୍ନାଦେଶ ଦ୍ୱାରା ସର୍ବପ୍ରଥମେ ଶ୍ରୀସୁଦର୍ଶନ ଦାରୁ ଠାବ ହୁଅନ୍ତି। ଶ୍ରୀଜୀଉଙ୍କ ନବକଳେବରର ରହସ୍ୟମୟ ସାଂସ୍କୃତିକ ପଟ୍ଟଭୂମି ଉପରେ ପୁରୀର ଉତ୍ତର–ପୂର୍ବଦିଗ ଐଶାନ୍ୟ କୋଣରେ ମା'

ମଙ୍ଗଳାଙ୍କ ସ୍ୱପ୍ନାଦେଶ ଘଟଣାଟି ଅତ୍ୟନ୍ତ ଭାବୋଦ୍ଦୀପକ । ଭଜନ–କୀର୍ତ୍ତନ – ପୂଜାପାଠ – ହରିବୋଲ – ହୁଳହୁଳିରେ କାକଟପୁର ମଙ୍ଗଳାପୀଠ ଉଚ୍ଛୁଳି ଉଠେ । ସେବକଗଣ କାକଟପୁର ପୂର୍ବରୁ ତିନି କିଲୋମିଟର ଦୂରରେ ଦେଉଳି ମଠରେ ଯାଇ ପହଁଞ୍ଚନ୍ତି ଏବଂ ମଙ୍ଗଳା ମନ୍ଦିର ପୂଜକଙ୍କୁ ଚିଟାଉ ଦିଅନ୍ତି । ତତ୍ପର ଦିନ ଚିଟାଉପ୍ରାପ୍ତ ମା'ଙ୍କ ସେବକଗଣ ଶ୍ରୀଜଗନ୍ନାଥ ସେବକଙ୍କୁ ସାଦରେ ପାଛୋଟି ନିଅନ୍ତି । ପବିତ୍ର ପ୍ରାଚୀ ନଦୀସ୍ନାନ ପରେ ସମସ୍ତ ସେବାୟତ ଏକତ୍ର ବସି ମା' ମଙ୍ଗଳାଙ୍କ ମାର୍ଜନା ନୀତି, ଚଣ୍ଡୀପାଠ ଏବଂ ଦାରୁପ୍ରାପ୍ତି ନିମନ୍ତେ ୧୦୮ଥର ବୈଷ୍ଣବାତ୍ମକ ସ୍ୱପ୍ନାବତୀ ମନ୍ତ୍ର ଉଚ୍ଚାରଣ କରନ୍ତି । ମା'ଙ୍କ ସ୍ୱପ୍ନାଦେଶକୁ ପ୍ରତୀକ୍ଷା କରି ମଙ୍ଗଳା ମନ୍ଦିର ସନ୍ନିକଟ ମହାଦେବଙ୍କ ମନ୍ଦିରରେ ଦଇତାମାନେ ଅଧିଆ ପଡନ୍ତି ।

ପୂଜାପାଠ, ମନ୍ତ୍ରୋଚ୍ଚାରଣରେ ଦେଉଳିମଠର ପରିବେଶ ଜଗନ୍ନାଥମୟ ହୋଇଉଠେ । ନିଷ୍ଠା ଓ ଏକାଗ୍ରତାର ସହିତ ମନ୍ତ୍ର ଜପଦ୍ୱାରା ମା' ମଙ୍ଗଳା ସନ୍ତୁଷ୍ଟ ହୋଇ ସ୍ୱପ୍ନଛଳରେ ଚାରି ଦାରୁ ବୃକ୍ଷର ସନ୍ଧାନ ଦିଅନ୍ତି । ବନଯାଗଯାତ୍ରୀ ଚାରିଭାଗରେ ବିଭକ୍ତ ହୋଇ ହବିଷ୍ୟାନ୍ନ ଗ୍ରହଣ ପୂର୍ବକ ଦୁଇଦିନ ଧରି ରହଣି ପରେ ଆଡମ୍ବରରେ ବାଦ୍ୟ ବଜାଇ ଦାରୁ ଅନ୍ୱେଷଣ ନିମନ୍ତେ ଯାତ୍ରାରମ୍ଭ କରନ୍ତି । ଏମାନଙ୍କ ମଧ୍ୟରେ ରାଜପ୍ରତିନିଧି, ରାଜପୁରୋହିତ, ଚତୁର୍ବେଦୀୟ ବ୍ରାହ୍ମଣ, ବିଶ୍ୱକର୍ମା ସେବକ, ରାଜଗୁରୁ, ଦେଉଳକରଣ, ଲେଙ୍କା ସେବକ, ଚଢାଉକରଣ ଆଦି ପ୍ରମୁଖ । ବନଯାଗଯାତ୍ରୀ ନିଜ 'ଦଳ' ବା 'ବାଡ' ମୁଖ୍ୟ (ବାଡଗ୍ରାହୀ)ଙ୍କୁ ଦଳର ମୁଖ୍ୟ ଭାବରେ ଚୟନ କରନ୍ତି । ସେ ଯଜ୍ଞ ସାମଗ୍ରୀ ସମେତ 'ଆଜ୍ଞାମାଳ' ଧରି ବାହାରନ୍ତି ।

ଶ୍ରୀଜଗନ୍ନାଥୀୟ ସଂସ୍କୃତି – ପରମ୍ପରାକୁ ପାଥେୟ କରି ନବକଳେବର ନିମନ୍ତେ ପୂଜାକର୍ମ ଓ ଯଜ୍ଞାନୁଷ୍ଠାନକୁ ଗୁରୁତ୍ୱ ଦିଆଯାଇଛି । ଯଜ୍ଞାନୁଷ୍ଠାନ ସମୟରେ ପ୍ରଭୁଙ୍କ ଗୁପ୍ତପୂଜା ଓ ଜପବିଧି ଅନୁଯାୟୀ ଯଜ୍ଞମଣ୍ଡପକୁ ଲାଗି ଦକ୍ଷିଣ ପାର୍ଶ୍ୱରେ ଏକ ଶବରପଲ୍ଲୀ ନିର୍ମାଣ କରାଯାଇଥାଏ । ଏହି ପଲ୍ଲୀରେ ଦଳର ମୁଖ୍ୟ ଦଇତାପତି (ବିଶ୍ୱାବସୁ), ବିଦ୍ୟାପତି ଓ ଦେଉଳକରଣମାନେ ଅବସ୍ଥାପନ ପୂର୍ବକ ଯଜ୍ଞାନୁଷ୍ଠାନକୁ ଶେଷଯାଏ ଅବ୍ୟାହତ ରଖନ୍ତି ।

## ମହାଦାରୁ ଲକ୍ଷଣ ଓ ମହାଦାରୁ ଛେଦନ ପ୍ରକ୍ରିୟା

ମହାଦାରୁଙ୍କ ଲକ୍ଷଣ ଅନୁଯାୟୀ ପ୍ରତି ଠାକୁରଙ୍କ ଦାରୁ ଚିହ୍ନିତ ହୁଏ । ବାରଗୋଟି ଲକ୍ଷଣ ବିଶିଷ୍ଟ ନିମ୍ବଦାରୁ ହିଁ ମହାଦାରୁ ରୂପେ ସ୍ୱୀକୃତ ହୁଅନ୍ତି । ନିମ୍ବ ବୃକ୍ଷ ତିନି – ପାଞ୍ଚ କିମ୍ବା ସାତଟି ଶାଖା ବିଶିଷ୍ଟ ହେବା ସହିତ ପତ୍ରଗୁଡିକ ତିକ୍ତ ହେବା ପରିବର୍ତ୍ତେ ସ୍ୱଳ୍ପ ମଧୁର ହୋଇଥାନ୍ତି । ଦାରୁରେ ପକ୍ଷୀର ବସା ନଥିବା, ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଉଇହୁଙ୍କା ରହିବା, ବିଷଧର ସର୍ପ ସଂକୁଳ ହେବା, ପୁଷ୍କରିଣୀ, ମଶାଣି, ନଦୀ, ପର୍ବତ, ମଠ, ଆଶ୍ରମ ଆଦି ରହିବା ସଂଗେ ସଂଗେ ସାହାଡା, ବର, ବରୁଣ, ବିଲ୍ୱ ଇତ୍ୟାଦି ବୃକ୍ଷମାନଙ୍କ ଦ୍ୱାରା ପରିବେଷ୍ଟିତ ହେବା ଜରୁରୀ ।

ସମ୍ଭାବ୍ୟ ଦାରୁ ଚିହ୍ନଟ ପରେ ପାରମ୍ପରିକ ରୀତି–ନୀତିରେ ଦାରୁ ଛେଦନ ପ୍ରକ୍ରିୟା ଆରମ୍ଭ ହୁଏ । ସେବାୟତମାନଙ୍କ ମନ୍ତ୍ରୋଚ୍ଚାରଣ ପ୍ରାର୍ଥନା, ଘଣ୍ଟ, କାହାଳି, ହୁଳହୁଳି, ବେଦମନ୍ତ୍ର ପାଠରେ ସମଗ୍ର ପରିବେଶ ଆଧ୍ୟାତ୍ମିକମୟ ହୋଇଉଠେ ।

'ନମସ୍ତେ ଦାରୁ ରୂପାୟ ମହାପିପ୍ପଳ ମେ ବଚ
ସାକ୍ଷାତ୍ ବ୍ରହ୍ମତରୋ ବ୍ରହ୍ମାକ୍ଷର ସମନ୍ୱିତମ୍ ।'

ସର୍ବପ୍ରଥମେ ଶ୍ରୀସୁଦର୍ଶନ ମହାଦାରୁଙ୍କୁ ୧୦୮ ଗରାଜଳରେ ମହାସ୍ନାନ ପୂର୍ବକ ଭୂମି ଏବଂ ଭୂତଶୁଦ୍ଧି କରାଯାଏ । ଶ୍ରୋତ୍ରିୟ ବ୍ରାହ୍ମଣଙ୍କ ଦ୍ୱାରା ମନ୍ତ୍ରୋଚ୍ଚାରଣ, ପୂଜାର୍ଚ୍ଚନା ତଥା ପ୍ରାତଃକାଳୀନ ସୂର୍ଯ୍ୟପୂଜା ଅନୁଷ୍ଠିତ ହୁଏ । ପ୍ରତ୍ୟେକ ଦାରୁଙ୍କ ନିକଟରେ ତିନିଦିନ ଧରି ଯଜ୍ଞ ହୁଏ ଏବଂ ଗନ୍ଧପୁଷ୍ପ – ଚନ୍ଦନ – ଘୃତ – ମଧୁ ଆଦି ପ୍ରଦାନ କରାଯାଏ । ଯଜ୍ଞକାମ ଶେଷରେ ସୁନା କୁରାଢୀ ଓ ରୂପା କୁରାଢୀଙ୍କୁ ପୂଜା କରାଯାଏ । ବିଦ୍ୟାପତି କିମ୍ବା ଆଚାର୍ଯ୍ୟ ସୁନା କୁରାଢୀକୁ ହାତରେ ଧରି ସୁଦର୍ଶନ ମନ୍ତ୍ର ଉଚ୍ଚାରଣ କରି ବୃକ୍ଷକୁ ବାମରୁ ଦକ୍ଷିଣ କ୍ରମରେ ତ୍ରିବାର ପ୍ରଦକ୍ଷିଣ ପୂର୍ବକ କୁରାଢୀରେ ତିନିଥର ଚୋଟ ଦିଅନ୍ତି । ପରେ ଆଚାର୍ଯ୍ୟ ରୂପା କୁରାଢୀକୁ ସୁଦର୍ଶନ ମନ୍ତ୍ରରେ ଅଭିମନ୍ତ୍ରିତ କରି ବିଶ୍ୱାବସୁଙ୍କୁ ଅର୍ପଣ କରନ୍ତି । ବିଶ୍ୱାବସୁ ଦାରୁଙ୍କୁ ତ୍ରିବାର ପ୍ରଦକ୍ଷିଣ କରି ବୃକ୍ଷର ପାଦଦେଶକୁ ତିନିବାର ଛେଦନ କରନ୍ତି । ଶେଷରେ ଆଚାର୍ଯ୍ୟ ଲୁହା କୁରାଢୀକୁ ସୁଦର୍ଶନ ମନ୍ତ୍ରରେ ମନ୍ତ୍ରିତ କରି ବିଶ୍ୱକର୍ମାଙ୍କୁ ପ୍ରଦାନ କରନ୍ତି ଏବଂ ଦାରୁ ଛେଦନ ପ୍ରକ୍ରିୟା ଆରମ୍ଭ ହୁଏ । ଏହି ସମୟରେ କେବଳ 'ପାତାଳି ନୃସିଂହ' ମନ୍ତ୍ରରେ ମହାଯଜ୍ଞ ଚାଲେ । ଏହି ମନ୍ତ୍ରକୁ ଅନ୍ୟ ସମୟରେ ବ୍ୟବହାର କରାଯାଏ ନାହିଁ । ଶ୍ରୀ ସୁଦର୍ଶନଙ୍କ ଦାରୁ ଛେଦନ ସମୟରେ ବିଶ୍ୱକର୍ମାମାନେ ନିର୍ଜଳ ଉପବାସ ରହି ସୁଦର୍ଶନ ମନ୍ତ୍ର ସହିତ ଏକଲକ୍ଷ ମହାନୃସିଂହ ମନ୍ତ୍ର ପାଠ ଓ ଏଗାର ଶହ ଘୃତାହୂତି ଦେଇଥାନ୍ତି ।

ମହାଦାରୁ ଛେଦନ ପରେ ଅତ୍ୟନ୍ତ ଗୁପ୍ତ ଭାବରେ ଚଉପଟ କାର୍ଯ୍ୟ ଚାଲେ ଏବଂ ତତ୍‌ସହିତ ମହାଦାରୁଙ୍କୁ କୋଇଲି ବୈକୁଣ୍ଠ ଯାଏ ଅଣାଯିବା ଉଦ୍ଦେଶ୍ୟରେ ଶଗଡି ପ୍ରସ୍ତୁତ କରାଯାଏ । ଦାରୁଗୁଡିକୁ ନିର୍ଦ୍ଦିଷ୍ଟ ମାପରେ ଖଣ୍ଡ କରାଯାଇ ଶଗଡିରେ

ନିଆଯାଏ । ଶଗଡ଼ି ଉପରେ ଦାରୁଙ୍କୁ ପାଟକନା ଘୋଡାଇ ଫୁଲ-ଚନ୍ଦନରେ ସଜ୍ଜିତ କରାଯାଏ । ଶଗଡ଼ିକୁ ଦଉଡ଼ି ଲଗାଇ ଟଣାଯାଏ । କ୍ରମାନ୍ୱୟରେ ପ୍ରଥମେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର, ମା'ସୁଭଦ୍ରା ଓ ଶେଷରେ ଶ୍ରୀଜଗନ୍ନାଥଙ୍କ ଦାରୁକୁ ଶ୍ରୀକ୍ଷେତ୍ରର କୋଇଲି ବୈକୁଣ୍ଠକୁ ଅଣାଯାଇ ମହାସ୍ନାନ କରାଯାଇଥାଏ ଏବଂ ଚତୁର୍ଦ୍ଧା ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଚାଲେ । ନିର୍ଜଳ ଉପବାସ ରହି ମହାରଣାମାନେ ଦାରୁ ପ୍ରସ୍ତୁତ କାର୍ଯ୍ୟକୁ ସୁଚାରୁ ରୂପେ ନିର୍ବାହ କରନ୍ତି ।

## ବ୍ରହ୍ମ ପରିବର୍ତ୍ତନ ବିଧି

ନିଶାର୍ଦ୍ଧରେ ଶ୍ରୀଜୀଉମାନଙ୍କ ନବକଳେବର ବିଧି ଅତ୍ୟନ୍ତ ଗୁପ୍ତ ଭାବରେ ପାଳନ କରାଯାଏ । ପୁରୁଣା ବିଗ୍ରହଙ୍କର ବଡ ସିଂହାର ଧୂପ ଶେଷ ପରେ ସନ୍ଧ୍ୟାସୁଦ୍ଧା ମନ୍ଦିର ଶୋଧ କରାଯାଏ । ମନ୍ଦିରର ଚାରିଦ୍ୱାର ବନ୍ଦ ରହେ ।

ଅନ୍ଧକାରାଚ୍ଛନ୍ନ ମନ୍ଦିରକୁ ସଂପୂର୍ଣ୍ଣ ଜନଶୂନ୍ୟ କରାଯାଏ । ନ୍ୟାସ ଦାରୁରେ ଚାରିଗୋଟି ବ୍ରହ୍ମ କବାଟ ପ୍ରସ୍ତୁତ କରାଯାଇଥାଏ । ବ୍ରହ୍ମଗହ୍ୱର ସ୍ଥଳରେ ବ୍ରହ୍ମକବାଟ ସ୍ଥାପନ କରାଯାଇ ତାକୁ ବନ୍ଦ କରାଯାଏ । ଘଟ ପରିବର୍ତ୍ତନ ନିମନ୍ତେ ପ୍ରସ୍ତୁତ ଥିବା ଦଇତାପତିଙ୍କ ଆଖିରେ ଅନ୍ଧ ପୁଟୁଳି ବନ୍ଧାଯାଇଥାଏ । ବ୍ରହ୍ମଙ୍କୁ ପାପଚକ୍ଷୁରେ ଦେଖିବା ହାଡ-ମାଂସଦ୍ୱାରା ସ୍ପର୍ଶ ନକରିବା ପାଇଁ ବ୍ରହ୍ମସ୍ଥାପକ ଦଇତାପତିମାନେ ସେମାନଙ୍କ ସର୍ବାଙ୍ଗକୁ ବହୁ ପ୍ରସ୍ଥ ପାଟବସ୍ତ୍ର ଦ୍ୱାରା ଆଚ୍ଛାଦିତ କରାନ୍ତି ।

ଶିଆଳି ବା ଶାଲ୍ମଳୀ ତରୁ ତଳେ ଗର୍ତ୍ତ ଖୋଳାଯାଇ ସେଥିରେ ପାଟକନା ବିଛାଇ ତା'ଉପରେ ପୁରାତନ ବିଗ୍ରହକୁ ପାତାଳି କରାଯାଏ । ଏହିଠାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନିତ୍ୟ ଗୋଲକ ଲୀଳା ଏବଂ ବ୍ରହ୍ମୋତ୍ସବ ଲୀଳା ସଂପାଦିତ ହୁଏ ।

ଦଇତାପତିମାନେ ମହାପ୍ରଭୁଙ୍କ ବିଚ୍ଛେଦରେ ମ୍ରିୟମାଣ ହୋଇ ନିଷ୍ଠାର ସହିତ ପବିତ୍ର ଦଶାହ ପାଳନ୍ତି । ସେମାନଙ୍କ ପରିବାରରେ ମଧ୍ୟ ଅଶୌଚ କର୍ମାଦି ପାଳନ କରନ୍ତି । ଦଇତାଙ୍କ ଘର ଶୋଧ ହୋଇ ଚୂନ ଲେପନ ହୁଏ । ଦଶାହ ପରେ ଏକାଦଶାହ ପାଳନ କରାଯାଏ । ଶ୍ରୀମନ୍ଦିରରେ ବାଦ୍ୟ, ଘଣ୍ଟ-ଘଣ୍ଟି ଶୁଭେ ନାହିଁ । ଶୁଦ୍ଧିକ୍ରିୟା ପାଳନ ପରେ ସ୍ନାନ ପୂର୍ଣ୍ଣମୀଠାରୁ ଚତୁର୍ଦ୍ଧାମୂର୍ତ୍ତିଙ୍କର ଲେପ ସଂସ୍କାରବିଧି ପାଳନ କରାଯାଏ । ସ୍ନାନପୂର୍ଣ୍ଣମୀଠାରୁ ମହାପ୍ରଭୁମାନେ ଅଣସର ଘରେ ରହିଥାନ୍ତି ।

ଦାରୁ ରୂପକ ଅସ୍ଥି ଉପରେ – ମଜ୍ଜାଗତ ରସ ରୂପେ ସୁଗନ୍ଧ ତୈଳ, ଶିରା-ପ୍ରଶିରା ରୂପେ ରଙ୍ଗ-ବେରଙ୍ଗର ପାଟ ଡୋର, ଶରୀରର ମାଂସ ରୂପେ ଚନ୍ଦନ – କସ୍ତୁରୀ, ଝୁଣାରେ ପ୍ରସ୍ତୁତ ଏକ ବିଶେଷ ପ୍ରଲେପ, ଚର୍ମ ରୂପେ ପରସ୍ତ – ପରସ୍ତ ବସ୍ତ୍ର ଆଚ୍ଛାଦନ କରାଯାଇଥାଏ । ଏହା ଉପରେ ପ୍ରଲେପ ଦିଆଯାଏ ଯାହାକୁ 'ଶୁକ୍ର' କୁହାଯାଏ । ଚିତ୍ରକରଙ୍କ ଦ୍ୱାରା ପ୍ରଭୁଙ୍କର ନେତ୍ରକୁ ଛାଡି ଶ୍ରୀଜୀଉଙ୍କର ସମଗ୍ର ଶରୀରକୁ ରଙ୍ଗଦ୍ୱାରା ଚିତ୍ରିତ କରାଯାଏ । ଏହାପରେ ବିଗ୍ରହଙ୍କୁ ମହାସ୍ନାନ କରାଇ ଶୁଦ୍ଧ-ପବିତ୍ର-ସୁସଜ୍ଜିତ କରାଯାଏ ଏବଂ ସର୍ବସାଧାରଣଙ୍କ ପାଇଁ ନବଯୌବନ ଦର୍ଶନ ବ୍ୟବସ୍ଥା କରାଯାଏ । ଏହା ପରଦିନ ଅର୍ଥାତ୍ ଆଷାଢ ଶୁକ୍ଳପକ୍ଷ ଦ୍ୱିତୀୟା ପୁଷ୍ୟା ନକ୍ଷତ୍ରରେ ମହାପ୍ରଭୁଙ୍କର ଜନ୍ମୋତ୍ସବ ରୂପେ ବିଶ୍ୱପ୍ରସିଦ୍ଧ 'ରଥଯାତ୍ରା' କିମ୍ବା ଗୁଣ୍ଡିଚାଯାତ୍ରା ଅନୁଷ୍ଠିତ ହୁଏ । ଶ୍ରୀଜୀଉ ରଥାରୂଢ ହୁଅନ୍ତି । ଶ୍ରୀଗୁଣ୍ଡିଚାଠାରୁ ସାତଦିନ ବ୍ୟାପୀ ଆଡପ ମଣ୍ଡପରେ ପୂଜା ପାଆନ୍ତି ।

ଶ୍ରୀଜଗନ୍ନାଥଙ୍କୁ ନେଇ ଆଧାରିତ ତତ୍ତ୍ୱ ଓ ପରମ୍ପରାର ବିଳୟ ନାହିଁ । ଶ୍ରୀଜଗନ୍ନାଥଙ୍କୁ ଶବ୍ଦରେ ବର୍ଣ୍ଣିବା ଅସମ୍ଭବ । ଭାରତୀୟ ସଂସ୍କୃତି – ପରମ୍ପରା ସହିତ ତାଙ୍କ ସଂପୃକ୍ତିର ରୂପରେଖ ନିର୍ଣ୍ଣୟ କରିବା ନିମନ୍ତେ ଶବ୍ଦ ଅଭାବ ହୁଏ । କେବେ ଆସ୍ତିକର ଭାବ ଗଦ୍‌ଗଦ୍ ସ୍ଫୁଲିଙ୍ଗ ତାଙ୍କୁ ମହାପ୍ରଭୁର ମାନ୍ୟତା ଦିଏ ତ ନାସ୍ତିକର ନାହିଁର ଦ୍ୱନ୍ଦ୍ୱ ଭିତରେ ଅଲକ୍ଷ୍ୟରେ ମହାବାହୁ ଜଗନ୍ନାଥ ଗୋଟାଳି ବାନ୍ଧିଯାଆନ୍ତି । 'ବିଶ୍ୱାସେ ମିଳୟେ ହରି ତର୍କେ ବହୁ ଦୂର' – ଭିତରେ ଶ୍ରୀଜଗନ୍ନାଥ ଆହୁରି ଦେଦୀପ୍ୟମାନ ହୋଇଉଠନ୍ତି । ଲୀଳାମୟ ଶ୍ରୀଜଗନ୍ନାଥଙ୍କ ଗୁପ୍ତସେବା ଓ ଦାରବୀ ଲୀଳାର ଅଲୌକିକତା ଏଯାବତ୍ ସର୍ବସାଧାରଣରେ ଅପ୍ରକାଶ୍ୟ ଏବଂ ରହସ୍ୟପୂର୍ଣ୍ଣ ହୋଇରହିଛି ।

ପ୍ଲଟ ନଂ- ୩୨୫୫
ଚକେଇ ସିଆଣୀ, ଭୁବନେଶ୍ୱର

❖ ❖ ❖

# ଶ୍ରୀଜୀଉମାନଙ୍କର ନବକଳେବର

**କୃଷ୍ଣଚନ୍ଦ୍ର ପଟ୍ଟନାୟକ**

ଶ୍ରୀମଦ୍ ଭଗବଦ୍ ଗୀତାରେ ଆତ୍ମା ଓ ଦେହ ସମ୍ପର୍କରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି – ଆତ୍ମା ନିତ୍ୟ, ଦେହ ଅନିତ୍ୟ। ଦେହ ଜରାଜୀର୍ଣ୍ଣ ହୋଇଯିବା ପରେ ତାହାକୁ ପରିତ୍ୟାଗ କରି ଦେହୀ ବା ଆତ୍ମା ନୂତନ ଦେହ ଗ୍ରହଣ କରେ ।

ଚତୁର୍ଦ୍ଧାମୂର୍ତ୍ତି ପରଂବ୍ରହ୍ମ ନିଜର ଦେହକୁ ଏହିପରି ବଦଳାଇ ଥାଆନ୍ତି। ଯାହାର ନାମ ହେଉଛି ନବକଳେବର। ସମଗ୍ର ଭାରତବର୍ଷରେ ଯେତେ ସ୍ଥଳରେ ମୂର୍ତ୍ତିପୂଜା ହେଉଛି, କେଉଁଠାରେ ଏହାର ପ୍ରବର୍ତ୍ତନ ନାହିଁ, କେବଳ ଓଡ଼ିଶାରେ। ଦେହ ଯୌବନର ଦୀପ୍ତି ଲାଭ କରି କାଳକ୍ରମେ ଜରା ଦ୍ୱାରା ନଷ୍ଟ ହୁଏ ଓ ପରେ ତାହାକୁ ମୃତ୍ୟୁର ବଶବର୍ତ୍ତୀ ହେବାକୁ ପଡ଼େ ଏବଂ ପ୍ରାଣୀକୁ ଏକ ନୂତନ ଦେହରେ ଜନ୍ମ ଲାଭ କରିବାକୁ ହୁଏ – ନବ କଳେବର ସଂସାରରେ ଏହି ମହାନ୍ ସତ୍ୟକୁ ପ୍ରଚାର କରିଥାଏ। ଶ୍ରୀଜଗନ୍ନାଥଙ୍କର ଦାରୁମୂର୍ତ୍ତି ସମ୍ପର୍କରେ ପ୍ରାଚୀନ କିମ୍ବଦନ୍ତୀ ଅଛି। ଜରାଶବରର ଶରାଘାତରେ ଶ୍ରୀକୃଷ୍ଣ ଇହଲୀଳା ସମ୍ବରଣ କଲାପରେ ତାଙ୍କର ଦେହକୁ ଭସ୍ମୀଭୂତ କଲାପରେ ମଧ୍ୟ ନାଭିମଣ୍ଡଳ ପୋଡ଼ିଲା ନାହିଁ। ସେହି ନାଭିମଣ୍ଡଳକୁ ସମୁଦ୍ରରେ ଭସାଇ ଦିଆଗଲା ଏବଂ ତାହା ଦାରୁ ରୂପରେ ପଶ୍ଚିମ ସମୁଦ୍ରରୁ ଆସି ପୂର୍ବ ଉପକୂଳରେ ଲାଗିଲା। ଏହାର ପରବର୍ତ୍ତୀ କଥା ଲୋକଙ୍କ ମନରେ ସର୍ବବିଦିତ । ସିଦ୍ଧଯୋଗୀଙ୍କ ମତରେ – ଅରୂପର ରୂପ, ଅଣାକାରର ଆକାର ଗୁଣାତୀତ ହୋଇ ମଧ୍ୟ ଗୁଣମୟ, ଅଶରୀର ଶରୀର କେବଳ ଶରୀର ବା କଳେବର ନୁହେଁ, ନବକଳେବର। ନୂତନ ଶରୀର– ନୂତନ କଳେବର ବିଶ୍ୱରୂପ



ପରଂବ୍ରହ୍ମ ସମଗ୍ର ବିଶ୍ୱ ଜଗତ ତାଙ୍କ ଶରୀର ହେଲେ ମଧ୍ୟ ଆତ୍ମ ଜ୍ଞାନର ଉନ୍ମେଷ ପାଇଁ ଭକ୍ତ ପ୍ରାଣରେ ନୂତନ ଆବେଗ ସ୍ୱତଃ ସଂବେଦନ ଦେବା ପାଇଁ ତାଙ୍କର ଲୀଳା ଏବଂ ତାଙ୍କର ବିଗ୍ରହ ଧାରଣା।

ଦେହ ବିନାଶଶୀଳ – ପରିବର୍ତ୍ତନଶୀଳ। ଦେହ ବିକାରଗ୍ରସ୍ତ ଓ ନାଶଶୀଳ । ପ୍ରତ୍ୟେକ ମୁହୂର୍ତ୍ତରେ ଦେହ ନାଶ ହେଉଛି– ଆମକୁ ସ୍ଥୂଳ ଚକ୍ଷୁରେ ଗୋଟିଏ ଶରୀର ଦୃଶ୍ୟମାନ ହେଲେ ମଧ୍ୟ ଏହା ଗୋଟିଏ ଶରୀର ନୁହେଁ। ଅନ୍ତବାସୀ, ବର୍ହିବାସୀ ପରି ଆତ୍ମା ତିନୋଟି ଶରୀର ଧାରଣ କରିବାରୁ ଯଥା– ସ୍ଥୂଳ, ସୂକ୍ଷ୍ମ ଓ କାରଣ ଶରୀର। ଏହି ତିନୋଟି ଶରୀର ମଧ୍ୟରେ ବ୍ରହ୍ମହିଁ ବିଦ୍ୟମାନ। ଜଗତ ହିଁ ଜଗନ୍ନାଥମୟ । ତେଣୁ ଶାସ୍ତ୍ରରେ ଅଛି – ବିଷ୍ଣୁ ସର୍ବତ୍ର ଅନୁପ୍ରବେଶ କରି ରହିଛନ୍ତି । ଜଳରେ ବିଷ୍ଣୁ, ସ୍ଥଳରେ ବିଷ୍ଣୁ, ଅନଳ, ଅନିଳ ପର୍ବତ, ନଦୀ ସାଗର ସର୍ବତ୍ର ବିଷ୍ଣୁ । ଶ୍ରୀଜଗନ୍ନାଥ ଧାମ ଶ୍ରୀକ୍ଷେତ୍ର ପୁରୀ ବିଶ୍ୱରେ ମୁକ୍ତି କ୍ଷେତ୍ର। ଏହା ପୁରୁଷୋତ୍ତମ କ୍ଷେତ୍ର। ପୁରୁଷୋତ୍ତମ ତତ୍ତ୍ୱ ଭାରତର ଶାଶ୍ୱତ ସନାତନ ତତ୍ତ୍ୱ। ଶ୍ରୀଜୀଉମାନେ ହେଉଛନ୍ତି ଦାରୁବ୍ରହ୍ମ। ଦାରୁ ବିଗ୍ରହରେ ବ୍ରହ୍ମ ଯୁକ୍ତ ହେବାରୁ ଦାରୁବ୍ରହ୍ମ। ଦାରୁ ପୁରୁଷୋତ୍ତମ ଓ ଜଗନ୍ନାଥ ଶବ୍ଦ ପ୍ରାଚୀନତମ ଶବ୍ଦ। ବ୍ୟାସଦେବ ମହାଭାରତରେ ବର୍ଣ୍ଣିତ ଓ ପରେ ଗୀତାରେ ବର୍ଣ୍ଣିତ ପୁରୁଷୋତ୍ତମ ଶବ୍ଦ ଓ ମହାଭାରତର ଓ ବାଲ୍ମିକୀ କୃତ ରାମାୟଣରେ ଓ ବିଷ୍ଣୁ ସହସ୍ର ନାମରେ 'ଶ୍ରୀଜଗନ୍ନାଥ' ଶବ୍ଦର ବ୍ୟବହାର ପ୍ରାଚୀନତାର ସ୍ପଷ୍ଟ ପ୍ରମାଣ ଦିଏ। ସମୟ ଚକ୍ରରେ ଏହି ତତ୍ତ୍ୱମାନଙ୍କର ସମନ୍ୱୟ ଘଟି ଏକ ହୋଇଅଛି। ଦାରୁବ୍ରହ୍ମ ଓ ଜଗନ୍ନାଥ ଅଭିନ୍ନ ରୂପେ

ପ୍ରତିଭାତ ହୋଇଛନ୍ତି । ଶ୍ରୀଜଗନ୍ନାଥ ଉତ୍କଳର ମୌଳିକ ଚେତନା ଓ ଧର୍ମ ଧାରଣା । ପୁଣି ଭକ୍ତ ଓ ଶ୍ରୀଜଗନ୍ନାଥ ପରସ୍ପର ଅତି ନିବିଡ଼ । ମାନବର ସମସ୍ତ ନିତ୍ୟକର୍ମ, ଆଚାର ବିଚାର, ଆହାର ଓ ବିହାର ଶ୍ରୀଜଗନ୍ନାଥ ଅନ୍ୟ ବିଗ୍ରହମାନଙ୍କଠାରେ ଆରୋପିତ । ରାତ୍ରରେ ରାଜକୀୟ ପରିବେଶରେ ଶୋଇ ପରଦିନ ପ୍ରାତଃରୁ ପଲଙ୍କ ତ୍ୟାଗକରି ଦାନ୍ତଘଷା, ସ୍ନାନାଦି ପ୍ରାତଃ କର୍ମ ସାରି ଦର୍ଶନାର୍ଥୀମାନଙ୍କୁ ଦର୍ଶନ ଦେଇ ଭାବଗ୍ରାହୀ ଭକ୍ତର ସମସ୍ୟା ଓ ମନର ଭାବକୁ ବୁଝାଇ ତାପରେ ମଣିଷ ଭଳି ପ୍ରାତଃ ଜଳଖିଆ ଖାଇ ସକାଳ, ମଧ୍ୟାହ୍ନ ଓ ସନ୍ଧ୍ୟା ଭୋଜନ ସାରି ବଡ଼ସିଂହାର ବେଶ ହୋଇ  ପିଠାପଣା ତାମ୍ବୁଳାଦି ଖାଇ ପଲଙ୍କରେ ଶୁଅନ୍ତି । ଭକ୍ତ ଓ ଜୀଉମାନଙ୍କଠାରେ ଦେଖି ପ୍ରାଣ ଓ ଜୀବନର ସତ୍ତା, ତା'ରି ନବକଳେବର ନୂଆ ନିମ୍ବଗଛର ଦାରୁରେ ମୂର୍ତ୍ତିମାନ ଗଠନ ଓ ପୁରାତନ ଘଟରୁ ନୂତନ ଘଟକୁ ବ୍ରହ୍ମ ପରିବର୍ତ୍ତନ କରାଯାଏ । ଗୀତାର ଦ୍ୱିତୀୟ ଅଧ୍ୟାୟରେ ବର୍ଣ୍ଣିତ ଆତ୍ମା ହେଉଛି ଅଜର, ଅମର, ଅବିନାଶୀ ଆତ୍ମା ମଧ୍ୟ ନୂତନ ଶରୀର ଗ୍ରହଣ କରେ । ଗୀତାରେ ଭଗବାନ  ଶ୍ରୀକୃଷ୍ଣ କହିଛନ୍ତି– ଅବିନାଶୀ ଆତ୍ମାକୁ ଶସ୍ତ୍ର କାଟିପାରେ ନାହିଁ' ପବନ ଶୁଷ୍କ କରିପାରେ ନାହିଁ । ଅଗ୍ନି ଦଗ୍ଧ କରିପାରେ ନାହିଁ ଓ ଜଳ ସିକ୍ତ କରିପାରେ ନାହିଁ ।

ପ୍ରକୃତରେ ନବକଳେବର କାର୍ଯ୍ୟ ଶ୍ରୀରାମନବମୀ ପରଠାରୁ ଆରମ୍ଭ ହୋଇଥାଏ । ଶୁଭ ମୁହୂର୍ତ୍ତରେ ଗଣନା କରାଯାଇ ମଧ୍ୟାହ୍ନ ଧୂପ ସରିବାପରେ ପତି ମହାପାତ୍ର ସେବକ ସିଂହାସନକୁ ଯାଇ ଶ୍ରୀଜୀଉମାନଙ୍କଠାରୁ ଆଜ୍ଞାମାଳ ଆଣି ବାଡ଼ଗ୍ରାହୀ ମୁଖ୍ୟ ଦଇତାପତି ସେବକଙ୍କୁ ତିନିବାଡ଼ ପାଇଁ ତିନିଗୋଟି ଆଜ୍ଞାମାଳ ଦିଅନ୍ତି ଓ ନିଜେ ଶ୍ରୀସୁଦର୍ଶନଙ୍କ ଆଜ୍ଞାମାଳ ଗ୍ରହଣ କରନ୍ତି । କଳାହାଟଦ୍ୱାର ସନ୍ନିକଟରେ ଅଣସର ପିଣ୍ଡି ଉପରେ ଶାଢ଼ୀ ବନ୍ଧା କାର୍ଯ୍ୟ ସମାହିତ ହୁଏ । ଶ୍ରୀଜୀଉମାନଙ୍କ ଅଙ୍ଗରୁ ଆଜ୍ଞାମାଳ ବାହାରିବା ସମୟରେ ଜୟ ବିଜୟ ଦ୍ୱାରଠାରେ କାହାଳୀ ଓ ତେଲିଙ୍ଗି ବାଦ୍ୟ ବାଜୁଥାଏ ଓ ଛତ୍ରି ଆଦି ଧାରଣ କରାଯାଇଥାଏ । ଲେଙ୍କା ସେବକ ରୂପା ନିର୍ମିତ ଚକ୍ର ଧରି ଠିଆ ହୋଇଥାଏ । ଏହାପରେ ସମସ୍ତେ ପଟୁଆରରେ ସିଂହ ଦ୍ୱାରକୁ ଆସନ୍ତି । ସେଠାରୁ ଶୋଭାଯାତ୍ରା ଓ ପଟୁଆରରେ ଆଦ୍ୟସେବକ ରାଜାଙ୍କ ନିକଟକୁ ଦଇତାପତିମାନେ ଆସନ୍ତି । ସେମାନଙ୍କ ମଧ୍ୟରେ ଜଣେ ବିଶ୍ୱାବସୁ ଶବର ହୁଅନ୍ତି । ରାଜଗୁରୁ ରାଜାଙ୍କଠାରୁ ଗୁଆ ଓ ଅରୁଆ ଚାଉଳ ଆଣି ବିଶ୍ୱାବସୁଙ୍କୁ ଦିଅନ୍ତି । ରାଜା ନଅରରୁ ଦଇତାପତିମାନେ ଆଜ୍ଞାମାଳ ସହ ନିକଟବର୍ତ୍ତୀ ଜଗନ୍ନାଥ ବଲ୍ଲଭ ମଠକୁ ଯାଆନ୍ତି ଓ ସେଠାରେ ଏକ ସଜ୍ଜିତ ଖଟ ଉପରେ ଆଜ୍ଞାମାଳ ଓ ଚକ୍ରକୁ ରଖାଯାଏ । ତାହା ପରେ ପରଦିନ ବନଯାଗ ଯାତ୍ରା ଆରମ୍ଭ ହୁଏ, କାକଟପୁର ମଙ୍ଗଳାଙ୍କ ଉଦ୍ଦେଶ୍ୟରେ । ଏହି ଯାତ୍ରାରେ ଦଇତାପତି, ଦେଉଳି କରଣ, ଲେଙ୍କା, ବ୍ରାହ୍ମଣ, ବିଶ୍ୱକର୍ମା ଓ ଶ୍ରୀମନ୍ଦିର ପୋଲିସ୍ କର୍ମଚାରୀମାନେ ଯାଇ ଥାଆନ୍ତି । କାକଟପୁରରେ ପହଞ୍ଚିବା ପରେ ସେଠାରେ ସେବକମାନେ ଛତ୍ର ଧରି ଘଣ୍ଟା ବଜାଇ ସ୍ୱାଗତ କରି ପାଛୋଟି ନିଅନ୍ତି । ମା' ମଙ୍ଗଳାଙ୍କୁ ୧୦୮ ଘଟ ଜଳରେ ମାର୍ଜନା କରାଯାଇ ବେଶ, ଭୋଗ ଆଦି କରାଯାଇଥାଏ । ସେହିଠାରୁ ଦାରୁ ଅନ୍ୱେଷଣ କାର୍ଯ୍ୟ ଆରମ୍ଭ ହୁଏ । ପ୍ରବାଦ ଅଛି ଯେ ଏହି ଦାରୁବ୍ରହ୍ମ ସଂପର୍କରେ ମା' ମଙ୍ଗଳାଙ୍କ ଆଶୀର୍ବାଦ ତଥା ସ୍ୱପ୍ନାଦେଶ ପାଇ ଦଇତା ସେବକମାନେ ଦାରୁ ଅନ୍ୱେଷଣରେ ଯାଇଥାନ୍ତି । ଦାରୁ ଚିହ୍ନଟ ପୂର୍ବରୁ ସେହି ବୃକ୍ଷଟିର କେତେକ ଲକ୍ଷଣ ଦେଖାଯାଏ । ବାଡ଼ଗ୍ରାହୀ ଦଇତାପତି ମହାପାତ୍ର, ଦଳପତି, ଉପଦଳପତି, ବିଶ୍ୱାବସୁ ପ୍ରମୁଖ ସେହି ଚିହ୍ନଟ କାର୍ଯ୍ୟ କରିଥାନ୍ତି । ଯେଉଁ ପୁରୁଣା ନିମ୍ବ ବୃକ୍ଷର ପାରମ୍ପରିକ ପରିବେଶ ନିର୍ଦ୍ଦିଷ୍ଟ ସଙ୍କେତମାନ ଥାଏ, ସେହି ବୃକ୍ଷମାନଙ୍କୁ ଜୀଉମାନଙ୍କ ଦାରୁ ରୂପେ ମନୋନୀତ କରାଯାଏ । ଯେଉଁ ଦାରୁ ବୃକ୍ଷରେ ଚକ୍ର ଚିହ୍ନ ଥିବ ଓ ଏହା ନିକଟରେ ଜଳାଶୟ ଓ ଶ୍ମଶାନ ଥିବ, ଚଢ଼େଇ କିମ୍ବା ସର୍ପ ନିବାସ କରି ନଥିବ, ନିକଟରେ ଉଇହୁଙ୍କା ଥିବ, ସର୍ପ ଗର୍ତ୍ତ, ଆଶ୍ରମ ତୁଳସୀ ବୃକ୍ଷ ଆଦି ଥିବ ତାହା ହେବ ଶ୍ରୀଜଗନ୍ନାଥଙ୍କ ଦାରୁ । ସେହିପରି ଶଙ୍ଖ, ଗଦା ଓ ପଦ୍ମ ଚିହ୍ନ ଥାଇ ବୃକ୍ଷ  ନିରୂପିତ ହୁଏ । ବୃକ୍ଷ ପୂଜା ଆବାହନ ଓ ବନଯଜ୍ଞ ଆଦି ଯଥାବିଧି ସମାହିତ ହୁଏ । ଶଗଡ଼ରେ ଦାରୁଙ୍କୁ ଯଥାବିଧି ପାରମ୍ପରିକ ପଟୁଆରରେ ଶ୍ରୀମନ୍ଦିରକୁ ନିଆଯାଇଥାଏ । ଏହିପରି ଚାରିଗୋଟି ଦାରୁ ଆସନ୍ତି । ଦେବସ୍ନାନ ପୂର୍ଣ୍ଣିମା ଦିନ କୋଇଲି ବୈକୁଣ୍ଠରେ ଅଙ୍କୁରାରୋପଣ ଆରମ୍ଭ ହୁଏ । ତା'ପରଦିନ ବିଗ୍ରହମାନେ ସ୍ନାନ ମଣ୍ଡପକୁ ଯାଆନ୍ତି ଓ ସେହି ଦିନୁ ଅଙ୍କୁରାରୋପଣ କାର୍ଯ୍ୟ, ପୂର୍ଣ୍ଣକୁମ୍ଭମାନ ପ୍ରସ୍ତୁତି ଇତ୍ୟାଦି କାର୍ଯ୍ୟଗୁଡିକ ବ୍ରାହ୍ମଣଙ୍କ ଦ୍ୱାରା ସମାହିତ ହୁଏ । ପାରମ୍ପରିକ ମନ୍ତ୍ର ଓ ତନ୍ତ୍ର ଦ୍ୱାରା ଯଜ୍ଞ କରାଯାଇ ଦାରୁ ଗଠନ ଓ ଜୀବନ ଦାନ କାର୍ଯ୍ୟ ଚାଲେ । ସେଥିପାଇଁ ଶ୍ରୀଲକ୍ଷ୍ମୀ ନୃସିଂହଙ୍କୁ କୋଇଲି ବୈକୁଣ୍ଠରେ ନବ ନିର୍ମିତ ଦାରୁ ଗୃହକୁ ବିଜେ କରାଯାଏ । ବିଶ୍ୱାବସୁ ବ୍ରାହ୍ମଣମାନଙ୍କୁ ବରଣ କରନ୍ତି । ଏହା ପରେ ଯଜ୍ଞ ଓ ଦାରୁ ବିଗ୍ରହ ନିର୍ମାଣ ଆରମ୍ଭ ହୁଏ । ବିଗ୍ରହ ନିର୍ମାଣ ପରେ ଦାରୁ ଓ ଲକ୍ଷ୍ମୀ ନୃସିଂହଙ୍କୁ ଜଳ ଲାଗି ହୁଏ । ଦାରୁମାନଙ୍କୁ ନବ ନିର୍ମିତ ମଣ୍ଡପ ଉପରକୁ ଚକା ଉପରେ ବିଜେ କରାଯାଇ ୧୦୮ ଘଟ ସୁବାସିତ ଜଳ (ଚନ୍ଦନ, କର୍ପୂର ଓ କସ୍ତୁରୀ ମିଶ୍ରିତ)ରେ ଅଧିବାସ ପୂଜା ବସେ ଓ ଦାରୁମାନଙ୍କୁ ନବପାଟ ବସ୍ତ୍ରରେ ଆଚ୍ଛାଦିତ କରାଯାଏ ଓ ପତି ମହାପାତ୍ର ସକାଳ, ମଧ୍ୟାହ୍ନ ଓ ସନ୍ଧ୍ୟା ଧୂପ

ନୈବେଦ୍ୟ ପୂଜା କରନ୍ତି । ପାରମ୍ପରିକ ପ୍ରଥାନୁସାରେ ପ୍ରତିଦିନ ଆହୂତି ପ୍ରଦାନ ଓ ଦାରୁ ବିଗ୍ରହମାନଙ୍କୁ ନ୍ୟାସ ଓ ଆନୁଷଙ୍ଗିକ କାର୍ଯ୍ୟ ଚାଲେ । ଦ୍ୱାଦଶୀ ଦିନ ବଳି ପାଟଳ ମନ୍ଦିର ନିକଟରେ ଦାରୁ ବିଗ୍ରହମାନଙ୍କୁ ଅଶ୍ୱଯୁକ୍ତ ରଥରେ ବସାଯାଇ ପଟୁଆର ସହ ସାତଥର ବେଢ଼ା ପରିକ୍ରମା କରାଯାଏ । ଦାରୁ ବିଗ୍ରହ ପୂଜା ଷୋଡ଼ଶ ଉପଚାରରେ ହୁଏ । ପରିକ୍ରମା ପରେ ଦାରୁମାନଙ୍କୁ ଦାରୁ ମଣ୍ଡପକୁ ନିଆଯାଏ ।

ଚତୁର୍ଦ୍ଦଶୀ ପରେ ଅମାବାସ୍ୟ ଭୋଗ ହୁଏ । ସେହିଦିନ ରୋହିଣୀ ନକ୍ଷତ୍ର ୬୦ ଦଣ୍ଡ ସଂକ୍ରାନ୍ତି ଯୁକ୍ତ । ଶ୍ରୀଜୀଉମାନଙ୍କର ବ୍ରହ୍ମ ନବ ବିଗ୍ରହ ମଧ୍ୟରେ ସ୍ଥାପିତ ହୁଏ । ଏହା ରାତିର ଉପଯୁକ୍ତ ମୁହୂର୍ତ୍ତରେ ସଂପନ୍ନ ହୁଏ । ନ୍ୟାସ ଓ ଯଜ୍ଞର ପୂର୍ଣ୍ଣାହୂତି ଆଦ୍ୟ ସେବକ ଗଜପତି ରାଜାଙ୍କ ଉପସ୍ଥିତିରେ ହୁଏ । ସେହି ମନ୍ଦିର ଶୋଧ ହୁଏ । ସେତେବେଳେ ଦାରୁ ବିଗ୍ରହମାନଙ୍କୁ ବିରାଟ ପଟୁଆରରେ ଘଣ୍ଟ ବଜାଇ ଦଇତାପତିମାନେ ଅଣସର ଗୃହମଧ୍ୟକୁ ନେଇଥାନ୍ତି । ବ୍ରହ୍ମ କବାଟ ଖୋଲାଯାଇ ପରମାତ୍ମାଙ୍କୁ ଖଟୁଲି ଓ ରୂପା ଥାଳିରେ ବିଜେ କରାଯାଇ, ପୂଜା ଅର୍ଚ୍ଚନା କରାଯାଇ ବ୍ରହ୍ମମାନଙ୍କୁ ନବଘଟରେ ତୁଳସୀ, ଶୁକ୍ଳ ସୁବାସିତ ପୁଷ୍ପ ଓ ଚନ୍ଦନ ସହ ସ୍ଥାପନ କରାଯାଏ । ପୁରାତନ ଘଟମାନଙ୍କୁ ସେହି କୋଇଲି ବୈକୁଣ୍ଠରେ ଦେବ ଶ୍ମଶାନରେ ପାତାଳି କରାଯାଏ। ଏହା ପରେ ୩୬ (ଛତିଶି) ପାର୍ଶ୍ୱ ଦେବତା, ୧୨ ଘୋଡ଼ା ଓ ତିନି ସାରଥି ମାନଙ୍କୁ ସେହି କୋଇଲି ବୈକୁଣ୍ଠ ବଗିଚାର ଅନ୍ୟ ପାର୍ଶ୍ୱରେ ପାତାଳି କରାଯାଏ। ସିଂହାସନାରୂଢ଼ ଓ ବିଗ୍ରହମାନଙ୍କ ନିମ୍ନ ଗୋଲାକାର ଭାଗକୁ ଶ୍ରୀପୟର ଓ ଉପର ଅଂଶକୁ ଶ୍ରୀମୁଖ କୁହାଯାଏ। ଶ୍ରୀପୟର ପୃଥିବୀର ଏକ ନମୁନା ଓ ଶ୍ରୀମୁଖ ମହାଶୂନ୍ୟତା ସ୍ୱର୍ଗର ନମୁନା। ଶ୍ରୀଜଗନ୍ନାଥଙ୍କ ଶ୍ରୀମୁଖ କଳାରଙ୍ଗ ତଥା ମହାଶୂନ୍ୟ କାଳର ପ୍ରତୀକ । ଶଙ୍ଖ, ହରିତାଳ, ହିଙ୍ଗୁଳାଦି ଦ୍ରବ୍ୟରେ ଶ୍ରୀମୁଖକୁ କନକ ଯୁକ୍ତ କରାଯାଏ। ନବଯୌବନ ପ୍ରାପ୍ତ ଶ୍ରୀଜୀଉମାନେ ଭକ୍ତମାନଙ୍କ ନିକଟରେ ପ୍ରତିଭାତ ହୁଅନ୍ତି। ରଥ ଯାତ୍ରାଦିନ ବାହାରକୁ ଆସନ୍ତି। ସ୍ୱର୍ଗ, ମର୍ତ୍ତ୍ୟ, ପାତାଳକୁ ପହଣ୍ଡି ଦିନରେ କୃପା ଦୃଷ୍ଟି ଅଜାଡ଼ି ଦିଅନ୍ତି ‘ରଥେତୁ ବାମନ ଦୃଷ୍ଟ୍ୱାଂ ପୁନର୍ଜନ୍ମ ନ ବିଦ୍ୟତେ’ । ଏହି ବିଶ୍ୱାସ ମୁକ୍ତି କ୍ଷେତ୍ରରେ ରଥରେ ମୁକ୍ତି ଆଶାରେ ଭକ୍ତମାନେ ଦର୍ଶନ କରି ବିଭୋର ହୁଅନ୍ତି।

**ନବକଳେବର ଲୀଳା –** ଶ୍ରୀଜଗନ୍ନାଥ ଯାହାକୁ ବଞ୍ଚାଇଛନ୍ତି, ତାହାର କିଛି ନା କିଛି ମହତ ଉଦ୍ଦେଶ୍ୟ ରହିଛି। ପ୍ରାଚୀନ ମୁନି ଋଷିଙ୍କର ଏଇ ସିଦ୍ଧାନ୍ତରୁ ଜଣାଯାଏ, ମଣିଷର ମହତ ଉଦ୍ଦେଶ୍ୟ ସମାପ୍ତ ହେବାପରେ ଏହି ଜଗତରୁ ବିଦାୟ ନିଏ । ଏହି ପ୍ରକ୍ରିୟା ଜଗନ୍ନାଥଙ୍କ ଇଛାରେ ହୁଏ, କିନ୍ତୁ ମଣିଷ ଚାହିଁଲେ ଏହି ଧରାକୁ ଆସନ୍ତି ନାହିଁ କିମ୍ବା ନିଜ ଇଛାରେ ଏହି ସଂସାରରୁ ବିଦାୟ ନେବା ସମ୍ଭବ ନୁହେଁ। ଜଗତକୁ ନେଇ ବଞ୍ଚିଲେ ହିଁ ଜୀବନ ଆନନ୍ଦମୟ ହୁଏ। ଏହା ହେଉଛି ମହାପ୍ରଭୁଙ୍କର ନବକଳେବର ଲୀଳାର ବ୍ୟାପକ ବାର୍ତ୍ତା ମଧ୍ୟରୁ ଗୋଟିଏ । ଯୋଡ଼ା ଆଷାଢ଼ ପଡ଼ିଲେ ଦାରୁବ୍ରହ୍ମ ପୁରାତନ ବିଗ୍ରହ ପରିତ୍ୟାଗ କରି ନୂତନ ବିଗ୍ରହ ଧାରଣ କରନ୍ତି। ଗୋଟିଏ ନବକଳେବରରୁ ଆଉ ଗୋଟିଏ ନବକଳେବର ପର୍ଯ୍ୟନ୍ତ ମହାପ୍ରଭୁ ସମସ୍ତ ଲୀଳା ମଣିଷ ପରି ଜଗତରେ ଆନନ୍ଦ ଦେବା ପାଇଁ କରିଥାଆନ୍ତି। ଶରୀର କ୍ଷଣସ୍ଥାୟୀ। ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସାଧନ ପରେ ଏ ଶରୀର ଅଦରକାରୀ ହୋଇପଡ଼େ। ଶାସ୍ତ୍ରରେ ଉଲ୍ଲେଖ ରହିଛି ଶ୍ରୀଜଗନ୍ନାଥଙ୍କ ଉପାସନାରେ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ସର୍ବତ୍ର ଯଜ୍ଞର ଭୂମିକା ରହିଛି। ମହାପ୍ରଭୁଙ୍କ ଆବିର୍ଭାବ ଏହି ଯଜ୍ଞରୁ ସମ୍ଭବ ହୋଇଥିଲା। ନବକଳେବର ଲୀଳାରେ ଶ୍ରୀବିଗ୍ରହଙ୍କ ଦାରୁ ଚିହ୍ନଟ ମଧ୍ୟ ଏହି ଯଜ୍ଞ ମାଧ୍ୟମରେ ହୋଇଥାଏ। ସେହିପରି ବିଗ୍ରହ ନିର୍ମାଣ ଓ ପ୍ରତିଷ୍ଠା ସମୟରେ ଯଜ୍ଞର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପ୍ରଭୁଙ୍କ ଉପାସନାରେ ମହାପ୍ରସାଦ ପ୍ରସ୍ତୁତିଠାରୁ ନୈବେଦ୍ୟ ପର୍ଯ୍ୟନ୍ତ ସମସ୍ତ ହେଉଛି ଯଜ୍ଞ ଆଧାରରେ/ ମହାପ୍ରଭୁ ହେଉଛନ୍ତି ଦାରୁବ୍ରହ୍ମ। ତେଣୁ ତାଙ୍କ ପାଖରେ ଚାଉଳ ପାଲଟିଯାଏ ଅନ୍ନ ବ୍ରହ୍ମ। ଉପାସନାରେ ଏହା ଏକ ନିରନ୍ତର ପ୍ରକ୍ରିୟା। ଗୀତାରେ କୁହାଯାଇଛି ଯଜ୍ଞର ଫଳ ଅମୃତ। ପ୍ରଭୁଙ୍କ ଉପାସନାରେ ମହାପ୍ରସାଦ ହେଉଛି ସମ୍ପୂର୍ଣ୍ଣ ଯଜ୍ଞର ଫଳ। ତେଣୁ ଶାସ୍ତ୍ରାନୁମୋଦିତ, ତାହା ଅମୃତ । ଶାସ୍ତ୍ରମତରେ ଅମୃତ ସେବନ କଲେ ମନରେ ଥିବା ସଂକୀର୍ଣ୍ଣତା ନଷ୍ଟ ହୋଇଯାଏ ଏବଂ ସମସ୍ତଙ୍କ ପ୍ରତି ସମାନ ଭାବ ଆସେ। ତେଣୁ ମହାପ୍ରଭୁଙ୍କ ଉପାସନାରେ ଯଜ୍ଞ ଏକ ଅପରିହାର୍ଯ୍ୟ ଅଙ୍ଗ । ପ୍ରାଚୀନ କାଳରୁ ନବକଳେବର ଲୀଳାରେ ଦାରୁ ପ୍ରାପ୍ତିର ମାଧ୍ୟମ ହେଉଛି ଯଜ୍ଞ। ସେହିପରି ଶବର ରାଜା ବିଶ୍ୱାବସୁଙ୍କ ସେବା କ୍ଷେତ୍ରରେ ଭୂମିକା ସମାନ୍ତରାଳ ଭାବରେ ରହିଛି। ମହାରାଜା ଇନ୍ଦ୍ରଦ୍ୟୁମ୍ନ ମଧ୍ୟ ଦାରୁ ଆବିର୍ଭାବ କାଳରେ ବିଶ୍ୱାବସୁଙ୍କୁ ଗୁରୁତ୍ୱ ଦେଇଥିଲେ । ଏହି ବନଯାଗ ଯାତ୍ରାରେ ମହାରାଜା ବିଶ୍ୱାବସୁଙ୍କୁ ଗୁରୁତ୍ୱ ଦେଇଥାନ୍ତି। ଏ ବିଷୟରେ ଉଲ୍ଲିଖିତରେ ସ୍ପଷ୍ଟଭାବେ ପ୍ରଦର୍ଶିତ ହୋଇଛି, ସେହିପରି ବନ ଯାଗରେ ପୁରୁଷୋତ୍ତମ ବୃକ୍ଷ ଚିହ୍ନଟ ପ୍ରକ୍ରିୟାରେ ଶବର ରାଜାଙ୍କ ସମେତ ସମସ୍ତ ଶବରଙ୍କ ଭୂମିକା ସ୍ମରଣୀୟ। ମା’ ମଙ୍ଗଳାଙ୍କ ମାଜଣା ପରେ ଦାରୁଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୁଏ। ମା’ଙ୍କ ଆଦେଶରେ ଶବରପଲ୍ଲୀରେ ହବିଷାନ୍ନ ଗ୍ରହଣ କରି ସ୍ୱପ୍ନାବତି

ମନ୍ତ୍ରକୁ ଜପ କରିବାକୁ ହୋଇଥାଏ। ବିଶ୍ୱାବସୁ, ଦଇତାପତି ଓ ଅନ୍ୟ ବୟସ୍କ ଦଇତାପତିଙ୍କୁ ସ୍ୱପ୍ନାଦେଶ ହେବାର ପରମ୍ପରା ରହିଛି। ମା'ଙ୍କ ଆଦେଶ ମିଳିବା ପରେ ଦଇତାମାନେ ୪ଦଳରେ ବିଭକ୍ତ ହୋଇଥାନ୍ତି। ଏହିପରି ୪ଦଳ ବିଭିନ୍ନ ଦିଗକୁ ଯାଇ ଚିହ୍ନଟ କରି ଫେରି ଆସନ୍ତି। ଶାସ୍ତ୍ରୀୟ ଓ ଜନପଦୀୟ ପରମ୍ପରାର, ଏହି ନବକଳେବର ଲୀଳା ହେଉଛି ଏକ ଅପୂର୍ବ ମିଳନ । ପ୍ରତ୍ୟେକ ମନୁଷ୍ୟ ନବକଳେବର ଦର୍ଶନ କରିବା ପରେ ନିଜ ଜୀବନକୁ ପରିବର୍ତ୍ତନ କରିପାରେ। ଯଦି ନିଜ ଜୀବନରେ ନିତ୍ୟ କଳେବର ଉପଲବ୍ଧ କରିପାରିବ, ତେବେ ତାର ଜୀବନରେ ପରିପୂର୍ଣ୍ଣତା ଆସିବ ଏବଂ ନିଜ ଜୀବନକୁ ଧନ୍ୟ କରିପାରିବ। ତୀବ୍ରଇଚ୍ଛା, ସାଧୁସଙ୍ଗ, ସାଧନା ଦ୍ୱାରା ପ୍ରତ୍ୟେକ ମୁହୂର୍ତ୍ତ ଜଗନ୍ନାଥ ଚେତନାରେ ନିୟୋଜିତ ହେବ। ପ୍ରତ୍ୟେକ କର୍ମ ମଧ୍ୟରେ ଶ୍ରୀଜଗନ୍ନାଥଙ୍କୁ ଉପଲବ୍ଧ କରିହେବ। ସେତେବେଳେ ସେ କର୍ମକୁ ଧର୍ମରେ ପରିଣତ କରିହେବ। କର୍ମ ବ୍ରହ୍ମ ହେବ– ବ୍ରହ୍ମୋଦ୍ଭବ। କର୍ମ ସେହି ବ୍ରହ୍ମଙ୍କଠାରୁ ସୃଷ୍ଟି ହୋଇଛି ଏବଂ ସେହି ବ୍ରହ୍ମଙ୍କ ଉଦ୍ଦେଶ୍ୟରେ ହିଁ କର୍ମ, ଏହା ଅନୁଭବ ଗମ୍ୟ ହେବ। ଏହାହିଁ ନବକଳେବର ଦର୍ଶନ।

ଖରାଖିଆ ବୈଦ୍ୟନାଥ
ପୁରୁଣା ଭୁବନେଶ୍ୱର

# ଜାଗରଣ

**ଲକ୍ଷ୍ମୀଧର ଦାଶ**

ମୁଁ ନୁହେଁ ମୋହର ହେବି ବା କାହାର
ରକତ ମାଉଁସ ଶରୀର ଧରି
କାମ କ୍ରୋଧ, ଲୋଭ, ମଦ, ମତ୍ସରର
ପୂତିଗନ୍ଧ ଯହୁଁ ପଡୁଛି ଝରି ।

ସ୍ୱାର୍ଥ ଯଜ୍ଞରେ ଆହୂତି ହେଉଛି
ଦେଶପ୍ରେମ, ଦୟା, କରୁଣା, ସେବା
ଜାତି ଧରମର ଗରଳ ଉଦ୍‌ଗାରେ
ଅମୃତ ସନ୍ତାନ ନିଏ ବାହାବାଃ !

ଯନ୍ତ୍ରର ସୁରେ ମନ୍ତ୍ର ହଜିଛି
ପ୍ରଗତିର ରଥ ଯାଏରେ ଗଡି
ଅହଂକାରର ପରମାଣୁ ଅସ୍ତ୍ର
ବକ୍ଷ ଅନ୍ତରାଳେ ରଖି ସଜାଡି ।

ମାଟି, ପାଣି, ନିଆଁ ଆକାଶ ବତାସେ
ବିଜ୍ଞାନ ବିପ୍ଳବ ଅଶାନ୍ତ ଧ୍ୱନି
ଶାନ୍ତି ଖୋଜୁଛି ସରଳ ମଣିଷ
ଅନ୍ଧବିଶ୍ୱାସେ ହୋଇ ଅଜ୍ଞାନୀ ।

ମାଟିଘଟ ଦିନେ ମାଟିରେ ମିଶିବ
ରକତ ମାଉଁସ ହେବ ପାଉଁଶ
କାହିଁପାଇଁ ତେବେ ବୃଥା ଅହମିକା
ମଣିଷ ପିଇବ ସ୍ୱାର୍ଥର ବିଷ ?

ମଣିଷ ସମାଜେ ମଣିଷକୁ ଯେବେ
ମଣିଷ ପାରିବ ଶରଧା କରି
ଆପଣାର ମଣି ଆପଣାର ହିତ
ବିଶ୍ୱହିତେ ଦେବ ଉତ୍ସର୍ଗ କରି ।

ଅଜ୍ଞାନକୁ ଜ୍ଞାନ, ନିରନ୍ନକୁ ଅନ୍ନ
ବାସହୀନେ ବାସ ଦେବ ଯୋଗାଇ
ପ୍ରକୃତି–ବିକୃତି, ରୋଗ, ଶୋକ, ଦୁଃଖେ
ଆପଣାର ହୋଇ ପାଶରେ ରହି ।

ଏ ସଂସାର ପରା ଈଶ୍ୱର ଉଦ୍ୟାନ
ପ୍ରକୃତି ମାତାର ଅଭୟ କୋଳ
ଆମେରେ ମଣିଷ ଏ ଧରା ସରଗେ
ହସି ହସାଇବା ହୋଇଣ ମେଳ ।

ଆନନ୍ଦଶ୍ରୀ, କୁଞ୍ଜବନଗଡ
ମହାବୀର କ୍ଷେତ୍ର, ଦଶପଲ୍ଲା
ପିନ୍–୭୫୨୦୮୪, ଜି– ନୟାଗଡ

# ସଙ୍ଗୀତ ଶିଳ୍ପ ଓ କବିସୂର୍ଯ୍ୟ ବଳଦେବ ରଥ

**ସୁଧାଂଶୁ ଶେଖର କର**

ସଙ୍ଗୀତ ଶବ୍ଦଟି ଆଲୋଚନାବେଳେ ମନ ମଧ୍ୟରେ ଏକ ଶୃଙ୍ଖଳା ଭାବ ଜାଗ୍ରତ ହୁଏ । ବିଶେଷତଃ ସଙ୍ଗୀତ ସର୍ବଦା ସ୍ୱର, ଲୟ, ତାଳର ନିର୍ଦ୍ଦିଷ୍ଟ ପ୍ରଣାଳୀରେ ସୀମାବଦ୍ଧ। ପୁନଶ୍ଚ ନିରବତା ପରିବେଶ ସୃଷ୍ଟି କରିବା ସତ୍ତ୍ୱେ ଶାନ୍ତ ପରିବେଶରେ ନିଜର ପ୍ରଭାବ ବିସ୍ତାର କରେ। ସଙ୍ଗୀତ ଏକ ଅମୃତଝରଣା । ଏହାର ରସ ଏତେ ମଧୁର ଯାହା ଶ୍ରୋତାଚିତ୍ତରେ ପ୍ରଭାବିତ ହୋଇ ହରଣ କରିଥାଏ କ୍ଷୁଧା, ତୃଷା, ଦୁଃଖ ଓ ଭୋକିଲା କଣ୍ଠର ଆର୍ତ୍ତଚିତ୍କାର। ପୁଣି ସୃଷ୍ଟି ସଞ୍ଚାର କରେ ଭକ୍ତି, କାରୁଣ୍ୟ, ହାସ୍ୟ, ବାତ୍ସଲ୍ୟ ଆଦି ରସର ଭାବ ଉନ୍ମାଦନା। ସଙ୍ଗୀତ ଆଜିର ସୃଷ୍ଟି ନୁହଁ । କେଉଁ ଆବହମାନ କାଳରୁ ଏହାର ଜନ୍ମ ତାହା ସିଦ୍ଧାନ୍ତ କରିବା କଷ୍ଟସାଧ୍ୟ। ବୈଦିକ ଯୁଗରୁ ଏହାର ସ୍ଥିତି ଆମେ ଲକ୍ଷ୍ୟ କରିପାରୁ। ତାହା ନହେଲେ ସାମବେଦର ମନ୍ତ୍ର ଉଦାତ୍ତ, ଅନୁଦାତ୍ତ ଓ ସ୍ୱରସଂଯୋଗରେ ବୋଲିବା ହେଉନଥାନ୍ତି । ତେଣୁ ଗାନ୍ଧର୍ବବେଦକୁ ସାମବେଦର ଏକ ଉପବେଦ ମାନ୍ୟତା ମିଳେ। ବହୁ ଆଲୋଚକ,



ସମାଲୋଚକ, ଗବେଷକ ଓ ତତ୍ତ୍ୱଦର୍ଶୀଙ୍କ ମତରେ ଗାନ କରିବା ଏହି ବେଦର ଧର୍ମ ହୋଇଥିବାରୁ (ଗାନଧର୍ମ) ଏହାର ନାମ ଗାନ୍ଧର୍ବବେଦ। ସ୍ୱୟଂ ବିଧାତା ସଙ୍ଗୀତର ସ୍ରଷ୍ଟା। ତେଣୁ ସଂସ୍କୃତ ସାହିତ୍ୟରେ କୁହାଯାଇଅଛି –

‘ପୂର୍ଣ୍ଣ ଚତୁର୍ଣ୍ଣାଂ ବେଦାନାଂ ସାରମାକୃଷ୍ୟ ପଦ୍ମଭୂଃ
ଇମଂତୁ ପଞ୍ଚମବେଦଂ ସଙ୍ଗୀତାଖ୍ୟମକଳ୍ପୟତ’

କେବଳ ସଂସ୍କୃତ ସାହିତ୍ୟରେ ହିଁ ସଙ୍ଗୀତର ପ୍ରାଧାନ୍ୟ ନଥିଲା, ଓଡିଆ ସାହିତ୍ୟରେ ଆଦିକବି ସାରଳା ଦାସ ଓ ତାହାଙ୍କ ପୂର୍ବବର୍ତ୍ତୀ କବି, ବିଦ୍ୱାନ୍‌ମାନେ ମଧ୍ୟ ସଙ୍ଗୀତଧର୍ମୀ କାବ୍ୟ–କବିତା ରଚନା କରି ସଙ୍ଗୀତ ଦୁନିଆରେ ଜୀବନ୍ତ ରହି ଅଛନ୍ତି । ସାରଳା ଦାସଙ୍କ ଭକ୍ତି ସଙ୍ଗୀତ ଜୟ ନୀଳାଚଳ ନାଥ, ସାରଳା ମାଳଶ୍ରୀ ଏକ ଅନନ୍ୟ ପ୍ରତିଭା। ଦୃଷ୍ଟାନ୍ତ ସ୍ୱରୂପ ସାରଳା ଦାସଙ୍କ କୃତି–

ଜୟ ନୀଳାଚଳ ନାଥ ଅଗତି ତାରଣ
ଜୟ ରମାପତି ପ୍ରଭୁ ମାନ ଉଦ୍ଧାରଣ ।
ଆହେ କଳାକର ମୁଖ ପାଣ୍ଡବ ରକ୍ଷକ
ସେ ମୁଖ ଦର୍ଶନେ ପାପ ନ ରହଇ ପାଖ ।
(ଜୟ ନୀଳାଚଳ ନାଥ)

ସମ୍ପୂର୍ଣ୍ଣ ଭକ୍ତି ସଙ୍ଗୀତଟିରେ କବି ନୀଳାଚଳ ନାଥ ଶ୍ରୀଜଗନ୍ନାଥଙ୍କ ମହିମା ଗୁଣକୀର୍ତ୍ତନ କୀର୍ତ୍ତିତ କରିବା ସଙ୍ଗେସଙ୍ଗେ ଭକ୍ତ ଚିତ୍ତରେ ଅବଚେତନକୁ ଚେତନ ଜାଗ୍ରତ କରିବାର ଅଭିପ୍ସା ଅନୁମାନ କରାଯାଏ। ସୁସ୍ଥ ଓ ଶୃଙ୍ଖଳିତ ସମାଜ ଗଠନର ରକ୍ଷା କବଚ କେବଳ ଭକ୍ତି ଓ ସହନଶୀଳତା, ଏହି ନୀତିଶିକ୍ଷାରୁ ମିଳିଥାଏ। କାଳକ୍ରମେ ଓଡିଆ ଭକ୍ତି ସଙ୍ଗୀତ ସୃଷ୍ଟି ସର୍ଜନା କରିବାରେ ପଞ୍ଚସଖା ସାହିତ୍ୟ ସ୍ରଷ୍ଟାଙ୍କୁ ପୂର୍ବସୂରୀଙ୍କ ସୃଷ୍ଟି ପ୍ରେରଣାର ଉତ୍ସ ଥିଲା। ପଞ୍ଚସଖାଙ୍କ ଭଜନ ସମୂହ ଶହଶହ ବର୍ଷଧରି ଉତ୍କଳୀୟ ପ୍ରାଣରେ ଭକ୍ତିଭାବନା ଜାଗ୍ରତ କରିବା ସହ ତା'ର ଆଧ୍ୟାତ୍ମିକ ଜୀବନକୁ ଋଦ୍ଧିମନ୍ତ କରିଆସିଅଛି। ବଳରାମ ଦାସଙ୍କ ଭକତ ଦୁଃଖରେ ଦୁଃଖୀ, ବ୍ରଜଲୀଳାକୁ କର ଗମନ, ଦୀନବାନ୍ଧବ ହେ, ମୁଖେ ଭଜ ରାମକୃଷ୍ଣ, କାନ୍ତ କୋଇଲି ଆଦି ଭକ୍ତି ସଙ୍ଗୀତଗୁଡିକରେ ଉପାସ୍ୟ ଦେବତା ବିଷ୍ଣୁ ହୋଇଥିଲେ ସୁଦ୍ଧା ସମାଜରେ ଆତ୍ମସଂଯମର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରିଥିଲେ। ପୁନଶ୍ଚ ଗୁରୁବାଦ ଉପରେ ବିଶେଷ ପ୍ରାଧାନ୍ୟ ଦେଉଥିଲେ। ଏହି ସମ୍ବନ୍ଧରେ ବଳରାମ ଦାସଙ୍କ ଭାଷାରେ–

ଗୁରୁଙ୍କ ଦୟାରୁ ଆରମ୍ଭିଲି ମୁହିଁ
ନ ପାଇଲି ହରିରସ
ସେହି ପଦ୍ମପାଦେ ଶରଣ ମାଗୁଛି
ଭଣେ ବଳରାମ ଦାସ।

ଏହିପରି ଜଗନ୍ନାଥ ଦାସଙ୍କ କୃତି ମଧ୍ୟ ଥିଲା ଏକ ସାମାଜିକ ସୁରକ୍ଷା ଓ ଜନସଚେତନର ବଳୟ। ନମସ୍ତେ ପ୍ରଭୁ ଜଗନ୍ନାଥ,ଭାଗବତ ଭଜନମାଳା, ହାତୀ ଝୁଲଇରେ, ଭୁଲା ମନ ଭୁଲୁ କାହିଁକି ଏକ ବଳିଷ୍ଠ ନିଦର୍ଶନ। ଏହାର ଏକ ଦୃଷ୍ଟାନ୍ତ ଆଲୋଚନା ପ୍ରାସଙ୍ଗିକ ଯୋଗ୍ୟ। ଜଗନ୍ନାଥ ଦାସଙ୍କ ଲେଖନୀରେ–

ଭୁଲା ମନ ଭୁଲୁ କାହିଁକି ?
ଉଡୁଛି କାଳ–ସଞ୍ଚାଣ ମନେ ନାହିଁକି ।। ପଦ।।
ଅଇରି ତୋ କଳପଣା ଛେଦିପକା ବେନି ଡେଣା
ଶୂନ୍ୟରେ ବାଜୁଛି ବୀଣା ଶୁଣ ନାହିଁକି ।

ଏଥିରେ ଆତ୍ମୋପଲବ୍ଧି ନିମନ୍ତେ ଚିତ୍ତର ବ୍ୟାକୁଳତା, ପାର୍ଥିବ ଜୀବନର ଅଳିକତା ଓ ଶୂନ୍ୟସାଧନାର ଗୁରୁତ୍ୱ ଏକ ମାର୍ମିକ ବିଶ୍ଳେଷଣରେ ପରିବେଷିତ ହୋଇଛି। ଏପରି ଚିନ୍ତନଶୈଳୀ ଅଚ୍ୟୁତାନନ୍ଦ ଦାସଙ୍କ କେତେକ ସୃଷ୍ଟି ସର୍ଜନା ଜୟ ଜଗନ୍ନାଥ, ଦୀନବନ୍ଧୁ ମୋ ଦୁଃଖ ନ ଗଲା ଯେ, ବାଇମନରେ ଇତ୍ୟାଦିରେ ଉଜ୍ଜ୍ୱଳ ଥିବା ଅନୁମାନ କରାଯାଏ । ମନକୁ ଅଙ୍କୁଶ ଲଗାଇ ନିୟନ୍ତ୍ରଣାଧୀନ କରିବା ପାଇଁ ସେ ଉପଦେଶ ପ୍ରଦାନ କରି କହିଛନ୍ତି–

ଆହୁରି କଥାଏ ଶୁଣରେ ବାବୁ।
ମନ ଥୟ କଲେ ସବୁ ପାଇବୁ।
ମନ ଥୟ ନାହିଁ ଯାହାର ପୁଣ।
ଯୋଗ ସାଧିବା ହେବ ଅକାରଣ।

ତେଣୁ ଏକାଗ୍ରତା ହିଁ ସଫଳତାର ଏକ ମାଧ୍ୟମ, ଯାହା ଶୁପ୍ତ ଅବସ୍ଥାକୁ ସତେଜ କରି ଜନସଚେତନତା ସୃଷ୍ଟି କରିବାର ଏକ ଦିବ୍ୟ ଜ୍ୟୋତି ଅଟେ। ପୁନଶ୍ଚ ଯଶୋବନ୍ତ ଦାସଙ୍କ ମନ ମତ୍ତ ଦୁହାଁଳ ଗାଈ, ବଡ ମାୟାବୀ ଜୀବ, ପଡିଅଛି ବନ୍ଧ ତ୍ରିବେଣୀ ଘାଟେ ପୁଣି ଶିଶୁ ଅନନ୍ତଙ୍କ ଅବନା ଅକ୍ଷର ଜପ, ହାଟ ଭଜନ ଆଦି ସାମ୍ପ୍ରତିକ କାଳରେ ମଧ୍ୟ ଏହି ଭକ୍ତିରସାତ୍ମକ ସଙ୍ଗୀତଗୁଡିକ ବିଭିନ୍ନ ଧର୍ମାନୁଷ୍ଠାନଗୁଡିକରେ ଶୁଣିବାକୁ ମିଳିଥାଏ। ପଞ୍ଚସଖାଙ୍କ ସଙ୍ଗୀତ ସାହିତ୍ୟ ସହଜ ସରଳ ଲୋକମୁଖର ଭାଷାସଂଶ୍ଳିଷ୍ଟ, ପ୍ରତୀକ ଓ ଚିତ୍ରକଳ୍ପର ପ୍ରୟୋଗ ହେତୁ ଜନମାନସରେ ସ୍ଥାୟୀ ଆସନ ଅଳଙ୍କୃତ କରିଅଛି। ପଞ୍ଚସଖାଗଣ ମୁଖ୍ୟତଃ ଶୂନ୍ୟ, ନିର୍ଗୁଣ, ବ୍ରହ୍ମଜ୍ଞାନ ଓ ଶରୀର ଭେଦ ସମ୍ବନ୍ଧୀୟ ଭଜନମାନ ରଚନା ଉପରେ ଗୁରୁତ୍ୱ ଦେଇଛନ୍ତି। ବିଶେଷତଃ ଶରୀରକୁ ଭଙ୍ଗା ନାବ, ଦୁହାଁଳ ଗାଈ, କଞ୍ଚାହାଣ୍ଡି ଓ ସୁନା ପୁରି ପ୍ରଭୃତି ସହିତ ତୁଳନା କରିଛନ୍ତି । ଏହା ସତ୍ତ୍ୱେ ଜନସାଧାରଣଙ୍କୁ ଆଧ୍ୟାତ୍ମିକ ଜୀବନଚିନ୍ତନ ସମ୍ପର୍କରେ ଜାଗ୍ରତ କରିବା ସହିତ ଈଶ୍ୱରଙ୍କ ସମ୍ବନ୍ଧରେ ଜ୍ଞାନ ଅର୍ଜନ କରିବା ଓ ପରଂବ୍ରହ୍ମଙ୍କ ପ୍ରତି ହୃଦୟରେ ଭକ୍ତି ପୋଷଣ କରିବା ପାଇଁ ସେମାନଙ୍କ ଭଜନ ଜନସଚେତନର ଏକ ନୂତନ ମାର୍ଗ ଲକ୍ଷ୍ୟ କରାଯାଏ। ପଞ୍ଚସଖା ସଙ୍ଗୀତ ଭାବନାର ପ୍ରଭାବ ରୀତିଯୁଗୀୟ କାବ୍ୟସ୍ରଷ୍ଟାଙ୍କ ଭକ୍ତି ସଙ୍ଗୀତ ରଚନାକୁ ବେଶ୍ ପ୍ରଭାବିତ କରିପାରିଥିଲା । ଏହି ଯୁଗର କବିମାନେ ଅଳଙ୍କାରର କ୍ଷେତ୍ର ବିନ୍ୟାସ କରିବାରେ ଯତ୍ନବାନ ଥିବା ହେତୁ କେହିକେହି ଏହାକୁ ଅଳଙ୍କାର ଯୁଗରେ ନାମିତ କରିଛନ୍ତି । ଉପେନ୍ଦ୍ରଙ୍କ ପୂର୍ବସୂରୀ ଧନଞ୍ଜୟ, ଦୀନକୃଷ୍ଣ ଓ ଲୋକନାଥ ଏବଂ ଉପେନ୍ଦ୍ରଙ୍କ ଅନୁସାରି ସଦାନନ୍ଦ, ଅଭିମନ୍ୟୁ, ବ୍ରଜନାଥ, ବନମାଳୀ, ବଳଦେବ, ଯଦୁମଣି, ଗୋପାଳକୃଷ୍ଣ ପ୍ରମୁଖ କବିଗଣ ଏହି ଯୁଗରେ ଭକ୍ତିସଙ୍ଗୀତ ରଚନା କରି ଓଡିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ଉପେନ୍ଦ୍ର ଭଞ୍ଜଙ୍କ ଭକ୍ତି ସଙ୍ଗୀତ ମାନଉଦ୍ଧାରଣ, କଳା ଶ୍ରୀମୁଖ ହେ, ଜୟ ଜୟ ଜଗନ୍ନାଥ, ରମା ରମଣ ହେ ଆଦି ବହୁ ପରିମାଣରେ ଜନାଦୃତ ହୋଇପାରିଛି। କବିଙ୍କ ଭକ୍ତି ସଙ୍ଗୀତ ମାନଉଦ୍ଧାରଣ (ରାଗ–ହନୁମତ ତୋଡି) ଖଣ୍ଡିତାଂଶ ଦୃଷ୍ଟାନ୍ତ ଯୋଗ୍ୟ।

କିଷ୍କିନ୍ଧାକୁ ଗଲ ବାଳି ବିନାଶିଲ
ବନ୍ଧ ଯେ ବାନ୍ଧିଲ ସିନ୍ଧୁ ଜଳେ
ଲଙ୍କାରେ ରାବଣ ବଧିଲ ଆପଣ
ଜନକ ନନ୍ଦିନୀ ସୀତା ଛଳେ ।
ମାନ ଉଦ୍ଧାରଣ କର ହେ କାରଣ
ଶରଣ ମୁଁ ତୁମ ପାଦ ତଳେ ।।

ବୈଷ୍ଣବ ଭକ୍ତି ଚିନ୍ତାଧାରାକୁ ନେଇ କବି ମନରେ ଜନସଚେତନର ସଂଜ୍ଞା ଏହା ପ୍ରକାଶ ପାଇଅଛି । ଅସମ୍ଭବକୁ ସମ୍ଭବ କରିବାର ଶକ୍ତି, ଅରୂପକୁ ରୂପ ଦେବାର ଶକ୍ତି, ଅବଚେତନକୁ ଚେତନ ଦେବାର ଶକ୍ତି, ଧାର୍ମିକ ଓ ସତ୍‌ପଥଗାମୀଗଣ ଭଗବାନଙ୍କ ଦ୍ୱାରା କୃପାଲଭ୍ୟ ଏବଂ ବିଧର୍ମୀ ବିନାଶ ହୋଇଥାନ୍ତି। ଏହିଭଳି ଜନସଚେତନମୂଳକ ଭାବଭଙ୍ଗୀକୁ ଦୃଷ୍ଟିରେ ରଖି ଭକ୍ତି ସଙ୍ଗୀତ ରଚନା କରିବାରେ କବିସୂର୍ଯ୍ୟ ବଳଦେବ ରଥ ବାଦ୍ ପଡି ନଥିଲେ।

ସାହିତ୍ୟ ଓ ସଙ୍ଗୀତ ଜଗତରେ କବିସୂର୍ଯ୍ୟ ବଳଦେବ ରଥ ଜଣେ ସୁଦକ୍ଷ ବିନ୍ଧାଣୀ। ସେ ସାହିତ୍ୟ ସୃଷ୍ଟି କରିବାରେ ଯେତିକି ପ୍ରଖରବାଦୀ ତତୋଧିକ ଥିଲା ସଙ୍ଗୀତ ସୃଷ୍ଟି ସର୍ଜନା କରିବାର

କ୍ଷମତା। ତେଣୁ କବିସୂର୍ଯ୍ୟ ବଳଦେବ ରଥଙ୍କୁ ସଙ୍ଗୀତ ଜଗତର ସୂତ୍ରଧର କହିବା ବିଧିଯୁକ୍ତ। ନିଜର ବଳିଷ୍ଠ ଲେଖନୀ ମୁନରୁ ସୃଷ୍ଟି ସଙ୍ଗୀତ ମଧ୍ୟରେ ବିଶେଷତଃ କୋମଳ, ମଞ୍ଜୁଳ, ମଧୁର ଓ ଅନୁରଣନାତ୍ମକ ଶବ୍ଦ ଚୟନ କରି ସାର୍ଥକ ପ୍ରୟୋଗରେ ନିଜ ସୃଷ୍ଟିକୁ ସଜାଇଛନ୍ତି। ଚମ୍ପୂ, ଚଉତିଶା, କୋଇଲି, ବୋଲି, ମନାସ, ବଚନିକା, ଚିଟାଉ, ଅଷ୍ଟକ, ଚତୁଷ୍ପଦି, ଛାନ୍ଦ ପ୍ରଭୃତି ନାନା ସାହିତ୍ୟ ରୂପର ଅଭିବ୍ୟକ୍ତରେ କବିସୂର୍ଯ୍ୟ ବଳଦେବ ନିଜର ଯଥାଶ୍ରମ ଓ ଶକ୍ତିର ବିନିଯୋଗ କରିଥିଲେ ମଧ୍ୟ ଶ୍ରୀ ରାଧାକୃଷ୍ଣଙ୍କ ମଧୁର ଲୀଳା, ବାତ୍ସଲ୍ୟଭାବ ଓ ରସ ସମ୍ପର୍କିତ ସଙ୍ଗୀତ ଓ ଚଉପଦିଗୁଡ଼ିକରେ ତାଙ୍କ ପ୍ରତିଭାର ଅମଳିନ ସ୍ୱାକ୍ଷର ରହିଛି । ଭାବ ତଥା ରସାନୁରୂପ ନାନାବିଧ ରାଗରାଗିଣୀ ଓ ତାଳର ନିର୍ଦ୍ଦେଶରୁ କବିଙ୍କର ନାନାବିଧ ଶାସ୍ତ୍ରଜ୍ଞାନ ସହିତ ସଙ୍ଗୀତ ଶାସ୍ତ୍ରରେ ଅସାଧାରଣ ପ୍ରବେଶ ଥିଲା ଏଥିରେ ଦ୍ୱିମତ ନାହିଁ। ସମଗ୍ର ଭାରତବର୍ଷରେ କବି, ଗୀତିକାର ଓ ସଙ୍ଗୀତଜ୍ଞଙ୍କ ମଧ୍ୟରେ ସାହିତ୍ୟ ଓ ସଙ୍ଗୀତଶାସ୍ତ୍ର ସୃଷ୍ଟିରେ ଯେଉଁ ଉଜ୍ଜ୍ୱଳ ପରମ୍ପରା ରହିଛି, କବି ବଳଦେବଙ୍କୁ ଅନ୍ୟତମ ଦାୟାଦ କହିଲେ ଅତ୍ୟୁକ୍ତି ହେବ ନାହିଁ। ବିଭିନ୍ନ ଜଣାଣ, ଭଜନ, ଚଉତିଶାଦିରେ ତା'ର ଆତ୍ମପ୍ରକାଶ ଘଟିଛି। ସର୍ପଜଣାଣ, ଆହେ ନୀଳାଦ୍ରିକେଶରୀ ଶ୍ରୀହରି, କେହି ସରିକି, ମନ ଜମିଯା ମାନସ ପ୍ରପଞ୍ଚ। ମିତ କିଏ ସେ ଲୋ, ଶ୍ରୀ ନୀଳ ଶେଖରୀ ଆଦି ପଦାବଳୀରେ ସଚେତନତା ସହିତ ଜଗନ୍ନାଥ ଭାବନା ଅଧିକ ସୁସ୍ପଷ୍ଟ। ସଂପ୍ରତି ପ୍ରାସଙ୍ଗିକ କ୍ଷେତ୍ରରେ କବିଙ୍କ ସୃଷ୍ଟି 'ସର୍ପଜଣାଣ', ଯାହା ଏକ ଆଲୋଚନା ଯୋଗ୍ୟ ।

'ବାଧିଲା ଜାଣି କ୍ଷମା କର ନୋହିଲେ ରମା
ରମଣ ଦଣ୍ଡେ ଦିଅଟାଳି
ତୁମ୍ଭଙ୍କୁ ଜଗନ୍ନାଥ ଆଜ ମୋ ମନୋରଥ
ଭରତି କରିଦେବି ଗାଳି।
ହେ କୃପାନିଧି।
କରୁଣାସିନ୍ଧୁ ବୋଲି କରି
କହନ୍ତି ବୁଧେ ଡରି ମରି
କାଳ ସର୍ପ ଆପଣ
କବଳ କର ପ୍ରାଣମାନଙ୍କ ସବୁରି ହେ କୃପାନିଧି।'

'ସର୍ପଜଣାଣ'ରେ ଜଗନ୍ନାଥଙ୍କୁ ସର୍ପ ବା କାକୋଦର ଆଦି ବର୍ଣ୍ଣନା ପ୍ରସଙ୍ଗରେ ଏ ରହସ୍ୟ ପ୍ରକାଶ ପାଇଛି, ଯାହା ଏକାତ୍ମୀୟତା ଭାବ। କବିସୂର୍ଯ୍ୟ କୌଣସି ଏକ ସାମାଜିକ ପରିସ୍ଥିତି, ପାରିବାରିକ ପରିସ୍ଥିତି ବା ମାନସିକ ପରିସ୍ଥିତିର ଜଟିଳତା ଦ୍ୱାରା ଆଘାତ ଅସହ୍ୟ ହୋଇପଡିଥିଲେ, ଫଳତଃ ଅନ୍ତରଙ୍ଗ ଶ୍ରୀଜଗନ୍ନାଥଙ୍କ ନିକଟରେ ଅନ୍ତରର ବ୍ୟକ୍ତିତ୍ୱ ବ୍ୟକ୍ତ କରିଥିଲେ। ଭକ୍ତ ଓ ଭଗବାନର ଏହି ଏକାତ୍ମୀୟତା ଭାବର ଶୁଦ୍ଧ ଅନାବଳି ଉଚ୍ଚାରଣ ହେଉଛି ବଳଦେବୀୟ ସଚେତନମୂଳକ ଭକ୍ତି–ସଙ୍ଗୀତ। କୃତ୍ରିମତା ବିହୀନ, ଶ୍ରଦ୍ଧା ଅନୁରାଗପୂର୍ଣ୍ଣ, ଶୁଦ୍ଧ ଆବେଗ, ଭକ୍ତି ଭାବର ଏକ ନିବିଡ ପ୍ରକାଶ। ଏହା ବ୍ୟତୀତ ହାସ୍ୟ ଓ ବ୍ୟଙ୍ଗାତ୍ମକ କବିତା ପ୍ରାଚୀନ ସାହିତ୍ୟରେ ବିରଳ ହେଲେ ହେଁ କବିସୂର୍ଯ୍ୟଙ୍କ ରଚିତ କେତେଗୋଟି ହାସ୍ୟରସାତ୍ମକ କବିତା ଓଡ଼ିଆ ସାହିତ୍ୟରେ ସୁପ୍ରସିଦ୍ଧ। ତନ୍ମଧ୍ୟରୁ– 'କାହାକୁ କହିବା–କପାଳରେ ସିନା କର ତାଡିବା' ଓ 'ଜଗତେ କେବଳ ଜନେହସିବେ ଏହି ତହୁଁ ଫଳ', ସରସେ କୁହାଯାଉଥାଏ ସିନା ପ୍ରଭୃତି କବିତାଗୁଡ଼ିକ ଉଲ୍ଲେଖଯୋଗ୍ୟ। ଏହି ସଙ୍ଗୀତଗୁଡ଼ିକରୁ କବିଙ୍କର ଲୋକ ଚରିତ୍ର ଓ ସାମାଜିକ ରୀତି ନୀତି ସମ୍ବନ୍ଧରେ କି ଗଭୀର ଜ୍ଞାନ ଥିଲା, ତାହା ସହଜରେ ଜଣାପଡେ। ଉଦାହରଣ ସ୍ୱରୂପ, ନିଜ ମାତୃଭାଷା ଅନଭିଜ୍ଞ ବ୍ୟକ୍ତିର ବୃଥା ଆସ୍ଫାଳନ ଓ ଅହଙ୍କାର ମନୋବୃତି କିପରି ଉପହାସର ବିଷୟ, ତାହା ସଚେତନମୂଳକ ବର୍ଣ୍ଣନା କରି କବି ଲେଖିଛନ୍ତି–

'ସମଜଇ ନାହିଁ ସ୍ୱଜାତି ଭାଷା,
କହିଲେ ଯେ ହୁଅଇ ଲୋକହସା,
ଜଡ ମୁଁ ବୋଲି ନ ଜାଣି ନିର୍ବେଦ
ଷଡଦର୍ଶୀ ତୁଲେ କଲେ ବିବାଦ
ଜଗତେ କେବଳ – ଜନେ ହସିବେ ଏହି ତହୁଁ ଫଳ' ।

ଉପରୋକ୍ତ ସମ ଚିନ୍ତାଧାରାରେ କବିସୂର୍ଯ୍ୟ ବଳଦେବ ରଥଙ୍କ ଅନ୍ୟ ଏକ ସୃଷ୍ଟି 'ଚନ୍ଦ୍ରକଳା' ଏକବିଂଶ ଛାନ୍ଦ–ବିଶିଷ୍ଟ ରଚିତ ଅସମ୍ପୂର୍ଣ୍ଣ କାଳ୍ପନିକ କାବ୍ୟ। ଏଥିରେ ରାଜପୁତ୍ର ଅନଙ୍ଗସୁନ୍ଦର ଓ ରାଜକନ୍ୟା ଚନ୍ଦ୍ରକଳାଙ୍କର ପ୍ରଣୟ କାହାଣୀ ବର୍ଣ୍ଣିତ ହୋଇଛି। ପ୍ରଥମ ଛାନ୍ଦରେ ପୁରୀ–ଶ୍ରୀମନ୍ଦିରସ୍ଥ ଦେବଦେବୀଙ୍କର ବନ୍ଦନା ଗାଇ କବିସୂର୍ଯ୍ୟ ପାରମ୍ପରିକ ରୀତିରେ ସାଧୁସ୍ତୁତି ଓ ଖଳନିନ୍ଦା କରିବା ସଙ୍ଗେ ସଙ୍ଗେ ବସ୍ତୁ ନିର୍ଦ୍ଦେଶ ଦେଇଛନ୍ତି–

ଜୟ ଲବଣଜଳଧି– ତୀର ଅଳଙ୍କାର
ଜୟ ଜମ୍ବୁଦୀପ ଜମ୍ବୁ ମଧ୍ୟ କ୍ଷେତ୍ରବର ହେ।।
କଷ୍ଟଧ୍ୱଂସୀ ଅଷ୍ଟ ଅଷ୍ଟମୂର୍ତ୍ତି ଜୟ ଜୟ
ଇସୁ ସଖ୍ୟ ଭବାନୀ କର ମୋ ଭୟ କ୍ଷୟ ହେ।।

ତେଣୁ ଏଥିରୁ ଜଣାଯାଏ ସଂସାର ଜାଗ୍ରତ ଓ ସଚେତନ ସୃଷ୍ଟି ଏହାଙ୍କ ଆଭିମୁଖ୍ୟ ଥିଲା। ଏହା ସତ୍ତ୍ୱେ ମୂଢ ଜୀବର ଆକ୍ଷେପ

ଓ ଅଭିଯୋଗରୁ କବିଙ୍କ ଚେତନଧର୍ମୀ ଅନ୍ୟ ଏକ ସୃଷ୍ଟି 'ଜଗନ୍ନାଥ ଜଣାଣ' ଯାହା–

କ୍ଷୀରମୟ ସିନ୍ଧୁ ଜେମା ଜୀବବନ୍ଧୁ
ତୁମେ ତ ଜଗତପତି
ଟେକି ସମଦୃଷ୍ଟି ପତାକାକୁ ପୁଣି
ଏହି ପକ୍ଷପାତ ରୀତି ହେ
ମହାପ୍ରଭୁ ! କେ କି କଲା ମୁଁ ନ କଲି ?
କେ କି ଦେଲା ଅବା ମୁଁ ଅବା ନଦେବା
ଘେନ ଏତେ ସରି ହେଲି ହେ।

ଶରଣାଗତିରେ ହିଁ ଭଗବାନ ଲଭ୍ୟ। ଶରଣାଗତ ପ୍ରତି ତାଙ୍କର ଅନୁଗ୍ରହ ମଧ୍ୟ ଅହେତୁକ। ସେହି ଅନୁଗ୍ରହ ଅଚିରେ କାମକୁମ୍ଭ ପୂରାଏ ଓ ସମସ୍ତ ବିପତ୍ତି ଖଣ୍ଡନ କରାଏ। ପ୍ରସଙ୍ଗଟିରେ ଅଭିମାନପଣ ଓ ହକ୍‌ଦାରକୁ ନେଇ ଶ୍ରୀଜଗନ୍ନାଥଙ୍କ ନିକଟରେ କବିସୂର୍ଯ୍ୟ ଅଭିଯୋଗ କରିଛନ୍ତି ଏବଂ ଜବାବ୍ ଆଦାୟ କରିବା ପାଇଁ ପ୍ରସ୍ତୁତ ଅଛନ୍ତି । ଏତଦ୍ ଭିନ୍ନ ଅନ୍ୟ ଏକ ସୃଷ୍ଟିରେ 'କେହି ସରିକ, ପ୍ରଭୁ ପଣେ ନୀଳାଦ୍ରି କେଶରୀକି' ସଙ୍ଗୀତଟି ଉଭୟ ପ୍ରକାଶ ଭଙ୍ଗୀର ରମଣୀୟତା ଓ ଭକ୍ତି ଆବେଗର ସ୍ୱତଃସ୍ଫୂର୍ତ୍ତତା ଯୋଗୁଁ ଭକ୍ତ ହୃଦୟକୁ ସ୍ପର୍ଶ କରେ ଓ ଈଶ୍ୱର ବିଶ୍ୱାସକୁ ଦୃଢୀଭୂତ ରଖେ। ସଙ୍ଗୀତ ସହ ଆମର ପ୍ରାଚୀନ ସାହିତ୍ୟର ସମ୍ପର୍କ ଅତି ନିବିଡ। ଆମର ସମସ୍ତ ଛାନ୍ଦ କାବ୍ୟ, କୋଇଲି, ଚଉତିଶା, ଭକ୍ତି–ଗୀତିକା, ଚଉପଦି ପ୍ରଭୃତି ମୁଖ୍ୟତଃ ଗୀତିରୂପେ ଗାଇବା ପାଇଁ ଉଦ୍ଦିଷ୍ଟ ଥିଲା। ସେହି ପରମ୍ପରା ଅନୁସରଣରେ କବିସୂର୍ଯ୍ୟ ବଳଦେବ ରଥ ଚମ୍ପୂ କାବ୍ୟରେ ସାଙ୍ଗୀତିକ ମର୍ଯ୍ୟାଦାକୁ ଜୀବନ୍ତ ରଖିଛନ୍ତି। ସାହିତ୍ୟ ସହ ସଙ୍ଗୀତର ମୈତ୍ରୀବନ୍ଧନ ସ୍ଥାପନରେ ତାଙ୍କର ଅସାଧାରଣ କୃତିତ୍ୱର ପଟାନ୍ତର ନାହିଁ । କବିଶିକ୍ଷ ପ୍ରକରଣରେ ସଙ୍ଗୀତର ଗୁରୁତ୍ୱପୂର୍ଣ୍ଣ ଜନସଚେତନ ଭୂମିକା ରହିଛି । ଏହି ପ୍ରସଙ୍ଗକୁ ନେଇ ସଂସ୍କୃତ ଭାଷା ସାହିତ୍ୟରେ ବର୍ଣ୍ଣିତ ଅଛି–

ତ୍ରିବର୍ଗ ଫଳଦାଃ ସର୍ବେ ଦାନ ଯଜ୍ଞ ସ୍ତବାଦୟଃ
ଏକଂ ସଙ୍ଗୀତ ବିଜ୍ଞାନଂ ଚତୁର୍ବର୍ଗ ଫଳପ୍ରଦମ୍।

ଦାନ, ଯଜ୍ଞ ଓ ସ୍ତବ ଦ୍ୱାରା ତ୍ରିବର୍ଗ ଫଳ ମିଳୁଥିବା ବେଳେ କେବଳ ସଙ୍ଗୀତ ସାଧନା ଦ୍ୱାରା ଧର୍ମ, ଅର୍ଥ, କାମ ଓ ମୋକ୍ଷ ପ୍ରଭୃତି ଚତୁର୍ବର୍ଗ ଫଳପ୍ରାପ୍ତ ହେବାର ବିଶ୍ୱାସ ରହିଛି । ସମ୍ପ୍ରତି କବିସୂର୍ଯ୍ୟ ନାହାନ୍ତି ସତ କିନ୍ତୁ ତାଙ୍କର ଅମ୍ଳାନ ସ୍ମୃତି ଚିର ଜୀବନ୍ତର ପରିଚୟ ଦିଏ। ସ୍ରଷ୍ଟାଙ୍କ ସଙ୍ଗୀତ ଏକ ସ୍ୱତନ୍ତ୍ର ରୀତିରେ ପରିଚାୟକ । ଏଥିରେ ରାଗ ଓ ତାଳ ସ୍ୱରର ସାମଗ୍ରୀ ଭାବ ହେଉଛି ବାଣୀ। ସଙ୍ଗୀତର ସ୍ୱର, ତାଳ ଓ ରାଗ କ୍ଷେତ୍ରରେ ଓଡିଶାର ସ୍ୱତନ୍ତ୍ରତା ମୁଦ୍ରିତ ରହିଛି। ନିଜର ଏହି ସଙ୍ଗୀତଗୁଡିକ ଶାସ୍ତ୍ରୀୟ ଲକ୍ଷଣଯୁକ୍ତ ରୀତିରେ ଗାନ କରିବାକୁ ସେ ବହୁତ ଜନସଚେତନତା ଅବଲମ୍ବନ କରାଇଛନ୍ତି । ଏତଦ୍ ଭିନ୍ନ କବିଙ୍କ ସୃଷ୍ଟି ବହୁଚର୍ଚ୍ଚିତ 'କିଶୋର ଚନ୍ଦ୍ରାନନଚମ୍ପୂ'ର ଲୋକପ୍ରିୟତା ଯେ ତାହାର ସାଙ୍ଗୀତିକତା ବିଦ୍ୟମାନ, ଏହାକୁ ସ୍ୱୀକାର କରିବାକୁ ହେବ। ଭାଷା ଓ ଭାବ ଓଡିଶୀ ସଙ୍ଗୀତର ଅନ୍ୟତମ ସ୍ୱତନ୍ତ୍ରତା । ତେଣୁ ଭାବ ପ୍ରକାଶର ଆବଶ୍ୟକତା ହେତୁ ଗୀତିଗୁଡିକ ଚତୁଃସ୍ୱଦୀ ଏବଂ କେତେକ ସ୍ଥଳରେ ବହୁ ଚରଣ ବିଶିଷ୍ଟ। ଚମ୍ପୂରେ ଏହା ଉଭୟ ଚଉତିଶା ଚଉପଦୀ ମିଶ୍ର ରୂପରେ ପ୍ରତିପାଦିତ। ମୋଟ ଉପରେ କହିବାକୁ ଗଲେ 'କ'ଠାରୁ 'କ୍ଷ' ପର୍ଯ୍ୟନ୍ତ ଚମ୍ପୂର ବିଭିନ୍ନ ସଙ୍ଗୀତ ଭାବ–ଉପଯୋଗୀ ବିଭିନ୍ନ ରାଗରାଗିଣୀ ଦ୍ୱାରା ସନ୍ନିବେଶିତ। କବିସୂର୍ଯ୍ୟ ବଳଦେବ ରଥଙ୍କର ଓଡିଶୀ ସଙ୍ଗୀତରେ ଅଗାଧ ପ୍ରବେଶ ଥିବାରୁ ନିଜେ କବିସୂର୍ଯ୍ୟ ଅନୁଭବର ଚରମ ସୋପାନରେ ଉପନୀତ ହୋଇ କିଭଳି ଭାବ ପାଇଁ କେଉଁ ରାଗ ଆବଶ୍ୟକ ତାହା ସେ ବିନିଯୋଗ କରିଛନ୍ତି । ତେଣୁ ଚମ୍ପୂର ପ୍ରତ୍ୟେକ ଗୀତ ରସଘନମୟ ହୋଇଉଠିଛି। କବିସୂର୍ଯ୍ୟ ବଳଦେବ ରଥଙ୍କ ଦୃଷ୍ଟିଭଙ୍ଗୀରେ ସମାଜକୁ ସୁସ୍ଥ, ଶୃଙ୍ଖଳିତ ଓ ସଚେତନତା ସୃଷ୍ଟି କରିବାର ମୁଖ୍ୟ ଭୂମିକା କେବଳ ସଙ୍ଗୀତ ଗ୍ରହଣ କରିଛି। ତେଣୁ କୁହାଯାଇପାରେ, ସଙ୍ଗୀତ ଦୁନିଆ ହିଁ ସାମାଜିକ ସୁରକ୍ଷାର ଶକ୍ତ ବଳୟ।

ଗବେଷକ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ (ଓଡିଆ ବିଭାଗ)
ଭଞ୍ଜବିହାର–୭୬୦୦୦୭

❖ ❖ ❖



# ଗହ୍ମା ପର୍ବ

କୈଳାସ ଚନ୍ଦ୍ର ଜେନା

ଭବ ସଂସାରରୁ ଦୁଷ୍ଟମାନଙ୍କୁ ବିନାଶ ପୂର୍ବକ ସାଧୁ ସନ୍ଥମାନଙ୍କ ପାଳନ ଓ ଧର୍ମ ସଂସ୍ଥାପନ ନିମନ୍ତେ ଭଗବାନ ପ୍ରତି ଯୁଗରେ ଅବତାର ଗ୍ରହଣ କରିଥାନ୍ତି । ଭଗବାନଙ୍କର ଏତାଦୃଶ ଧର୍ମରକ୍ଷା ଓ ସ୍ମୃତି ରକ୍ଷା ନିମନ୍ତେ ପୁଣ୍ୟ ଭୂମି ଭାରତବର୍ଷରେ ସନାତନ ଧର୍ମ ଓ ସଂସ୍କୃତିର ମାନବ ଜାତି ପାଇଁ ଚାକ୍ଷୁସ ପ୍ରମାଣ, ବାର ମାସରେ ତେର ପର୍ବ ପାଳନ କରାଯାଉଛି । ଏହି କିମ୍ବଦନ୍ତୀମାନ ଆମକୁ ଧର୍ମ ରକ୍ଷା ଦିଗରେ ସଚେତନ କରିବା ସହିତ ଆମକୁ ଦିଗ୍‌ଦର୍ଶନ ଦେଉଛି । ପ୍ରତ୍ୟେକ ପର୍ବପର୍ବାଣିରେ କିଛି ନା କିଛି କିମ୍ବଦନ୍ତୀ ଓ ମର୍ମନିହିତ ରହିଛି । ଶ୍ରାବଣ ମାସର ପୂର୍ଣ୍ଣିମାକୁ ଗହ୍ମାପୂର୍ଣ୍ଣିମା ବା ପ୍ରଭୁ ବଳଦେବଙ୍କ ଜନ୍ମ ଦିବସ ରୂପେ ଆମ୍ଭେ ପାଳନ କରି ଆସୁଛୁ । ଏହି ଶ୍ରାବଣ ପୂର୍ଣ୍ଣିମା ରାକ୍ଷୀପୂର୍ଣ୍ଣିମା ବା ରକ୍ଷା ବନ୍ଧନ ରୂପେ ପରିଚିତ । କେତେକଙ୍କ ମତରେ ଏହା ସଂସ୍କୃତ ଦିବସ ରୂପେ ପରିଗଣିତ ହେଉଛି । ବିଶେଷକରି ଭାରତ ଏକ କୃଷି ପ୍ରଧାନ ଦେଶ । ଭଗବାନ ବଳରାମ କୃଷିର ପ୍ରତୀକ ହୋଇଥିବାରୁ ଶ୍ରାବଣ ପୂର୍ଣ୍ଣିମାକୁ ଗହ୍ମାପୂର୍ଣ୍ଣିମା ବା ବଳରାମଙ୍କ ଜନ୍ମ ଦିବସକୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ସେଥିପାଇଁ ଗହ୍ମାପର୍ବ ଉପଲକ୍ଷେ କୃଷକର ଘରେ ଆନନ୍ଦର ସୀମା ନଥାଏ । ଗୃହକୁ ଲିପା ପୋଛା ପରିଷ୍କାର ପୂର୍ବକ ବିଭିନ୍ନ ପ୍ରକାର ସାଜସଜ୍ଜା ମଧ୍ୟ କରାଯାଇଥାଏ । ପ୍ରତ୍ୟୁଷରୁ କୃଷକର ଘରଣୀ ସ୍ନାନ ଆଦି ସାରି ବିଭିନ୍ନ ପ୍ରକାର ସୁସ୍ୱାଦୁ ପିଠାପଣା ସହ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରିଥାଏ । ଏହି ଦିନଟି ଶୁଭ ଦିନ ଦୃଷ୍ଟିରୁ ନବ ବିବାହିତା କନ୍ୟାର ଜ୍ୱାଇଁକୁ ଡାକରା ହେବାର ଆମର ପରମ୍ପରା ଓ ବିଧି ରହିଛି । କୃଷକ ତା'ର ସବୁ ଦିନର ସାଥୀ ଗୋମାତାଙ୍କୁ ସ୍ନାନ କରାଇ ବେକ ଓ ସିଙ୍ଘରେ ପୁଷ୍ପମାଲ୍ୟ ପିନ୍ଧାଇବା ସହିତ ସିନ୍ଦୂର ଚନ୍ଦନ ଆଦି ଲାଗି କରାଇ ପୂଜାର୍ଚ୍ଚନା କରିଥାଏ । ଗୃହରେ ପ୍ରସ୍ତୁତ ହୋଇଥିବା ପିଠାପଣା ଓ ସୁସ୍ୱାଦୁ ବ୍ୟଞ୍ଜନ ପ୍ରଥମେ ଗୋମାତାଙ୍କୁ ଅର୍ପଣ କଲା ପରେ ନିଜେ ଭୋଜନ କରିଥାନ୍ତି ।

**ବିଧି ବ୍ୟବସ୍ଥା:** ଏକାଦଶ ଶତାବ୍ଦୀର ସ୍ମୃତିକାର ଆଚାର୍ଯ୍ୟ ସତାନନ୍ଦଙ୍କ ଉକ୍ତି ଅନୁଯାୟୀ ଗହ୍ମା ପୂର୍ଣ୍ଣିମା ବଳଦେବଙ୍କ ଜନ୍ମ ପାଇଁ ପ୍ରସିଦ୍ଧ । ଏଣୁ କୃଷିଜୀବୀମାନେ ଏକତ୍ରିତ ହୋଇ କେତେକ ସ୍ଥାନରେ ପାଳନ କରିଥିବାର ନଜିର ରହିଛି । ଗ୍ରାମ ମୁଣ୍ଡରେ ଗହ୍ମା ବେଦୀ କରି ତା' ଉପରେ ବଳଦେବଙ୍କ ଆକୃତି କରି ପୂଜାର୍ଚ୍ଚନା କରିଥାନ୍ତି । ଗୋଟିଏ ବଳଦର ମାଟିସ୍ତୂପ କରି ଏକ ଅଣ୍ଡିରା ବାଛୁରୀକୁ ଡିଆଁଇଥାନ୍ତି । ଏହାକୁ ଗହ୍ମାଡିଆଁ ବୋଲି କୁହାଯାଏ । କାର୍ତ୍ତିକ ମାସର ଶୁକ୍ଳ ଅଷ୍ଟମୀ, ଗୋଷ୍ଠାଷ୍ଟମୀ, ଦୋଳପୂର୍ଣ୍ଣିମା ଓ ଗହ୍ମାପୂର୍ଣ୍ଣିମା ମଧ୍ୟରେ ଗୋମାତାଙ୍କ ପୂଜା ପାଇଁ ଗହ୍ମାପୂର୍ଣ୍ଣିମା ଶ୍ରେଷ୍ଠ ଅଟେ ।

**ସଂସ୍କୃତି ଦିବସ–** ଏହି ଦିବସଟି ଶ୍ରେଷ୍ଠ ହୋଇଥିବାରୁ ଏହି ଦିବସରେ ମୁନିଋଷିମାନେ ବେଦ ଓ ପୁରାଣ ପଠନ ଆରମ୍ଭ କରିଥିଲେ । ଏଣୁ ଏହି ଦିବସକୁ ସଂସ୍କୃତି ଦିବସ ମଧ୍ୟ କୁହାଯାଇଥାଏ । ଶ୍ରାବଣ ପୂର୍ଣ୍ଣିମାକୁ କେତେକ ଝୁଲଣ ପୂର୍ଣ୍ଣିମା ମଧ୍ୟ କହିଥାନ୍ତି । କାରଣ ଶ୍ରାବଣ ଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରଭୁଙ୍କର ଝୁଲଣ ଯାତ୍ରା ଆରମ୍ଭ ହୋଇଥାଏ । ଏହି ଯାତ୍ରା ଶ୍ରୀଜଗନ୍ନାଥ ଧାମ ପୁରୀ ଓ ବୃନ୍ଦାବନରେ ବିଶେଷ ପ୍ରସିଦ୍ଧି ଲାଭ କରିଛି ।

**ରାକ୍ଷୀ ପୂର୍ଣ୍ଣିମା–** ଭବିଷ୍ୟତ ମାଳିକାରେ ବର୍ଣ୍ଣିତ ତଥ୍ୟ ଅନୁଯାୟୀ ଭଗବାନ କୃଷ୍ଣଚନ୍ଦ୍ର ଶ୍ରାବଣ ପୂର୍ଣ୍ଣିମାର ତାତ୍ପର୍ଯ୍ୟ ସମ୍ପର୍କରେ ପାଣ୍ଡବ ଶ୍ରେଷ୍ଠ ଯୁଧିଷ୍ଠିରଙ୍କୁ କହିଛନ୍ତି । ଏହି ଦିବସରେ ପିତୃପୁରୁଷଙ୍କୁ ତର୍ପଣ କଲେ ପିତୃପୁରୁଷ ତୃପ୍ତି ହୋଇଥାନ୍ତି । ଶୁଦ୍ଧପୂତ ଭାବରେ ବିଷ୍ଣୁମନ୍ତ୍ର ଉଚ୍ଚାରଣ କରି ଡାହାଣ ହାତରେ ରାକ୍ଷୀ ବାନ୍ଧିଲେ ଏକବର୍ଷ

ପର୍ଯ୍ୟନ୍ତ ସମସ୍ତ ବିପଦରୁ ରକ୍ଷା ମିଳିଥାଏ ବୋଲି ବିଶ୍ୱାସ କରାଯାଇଥାଏ ।

**ରାକ୍ଷୀର ମହତ୍ୱ–** ଭଗବାନ କୃଷ୍ଣ କହିଲେ, ଦୀର୍ଘ ବାର ବର୍ଷ ଧରି ଦେବ ଓ ଦାନବଙ୍କ ଯୁଦ୍ଧ ଲାଗି ରହିଥିଲା । ଦେବତାମାନେ ଅତିଷ୍ଠ ହୋଇପଡ଼ିଲେଣି । ସ୍ୱର୍ଗର ରାଜା ଇନ୍ଦ୍ରଦେବ ବ୍ରହ୍ମାଙ୍କ ଅନୁମତି ନେଇ ଯୁଦ୍ଧ କରିବାକୁ ଯିବା ସମୟରେ ଇନ୍ଦ୍ରଙ୍କ ପତ୍ନୀ ସଚ୍ଚୀ ଦେବୀ ବିଷ୍ଣୁଙ୍କ ମନ୍ତ୍ର ଉଚ୍ଚାରଣ କରି ଇନ୍ଦ୍ରଙ୍କ ଡାହାଣ ହସ୍ତରେ ରାକ୍ଷୀ ବାନ୍ଧିଥିଲେ । ସେହି ଯୁଦ୍ଧରେ ଇନ୍ଦ୍ର ଜୟଯୁକ୍ତ ହୋଇଥିଲେ ।

**ବଳଦେବଙ୍କ ଜନ୍ମ–** ରାଜା ବସୁଦେବଙ୍କ ପ୍ରଥମ ପତ୍ନୀ ହେଉଛନ୍ତି ରୋହିଣୀ । ବସୁଦେବଙ୍କ ଦ୍ୱିତୀୟ ପତ୍ନୀ ହେଉଛନ୍ତି କଂସ ରାଜାର ଭଗ୍ନୀ ଦେବକୀ । ଶୂନ୍ୟବାଣୀ ଶୁଣି କଂସ ରାଜା ଦେବକୀ ଓ ବସୁଦେବଙ୍କୁ ବନ୍ଦୀ ଘରେ ରଖିଲା । ବସୁଦେବଙ୍କ ଅନ୍ତରଙ୍ଗ ବନ୍ଧୁ ନନ୍ଦଙ୍କ ଘରେ ରୋହିଣୀ ବନ୍ଧୁ ପତ୍ନୀ ଭାବରେ ରହିଲେ । ଦେବକୀଙ୍କ ୬ଟି ସନ୍ତାନକୁ କଂସ ମାରିସାରିଥାଏ । ସପ୍ତମ ସନ୍ତାନ ସଂଚାର ହେବା ସମୟରେ ଭଗବାନ କୃଷ୍ଣ ମାତା ଦୁର୍ଗାଦେବୀଙ୍କୁ ସୁମରଣା କଲେ । ଦେବକୀଙ୍କ ସପ୍ତମ ସନ୍ତାନକୁ ରୋହିଣୀଙ୍କ ଗର୍ଭରେ ସ୍ଥାନିତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଶ୍ରାବଣ ପୂର୍ଣମୀରେ ପ୍ରଭୁ ବଳଦେବ ରୋହିଣୀଙ୍କ ଗର୍ଭରୁ ଜନ୍ମ ନେଇଥିଲେ । ଏଣୁ ପ୍ରତ୍ୟେକ ଭାରତୀୟ ଶ୍ରାବଣ ପୂର୍ଣ୍ଣିମାକୁ ଗହ୍ମା ପୂର୍ଣ୍ଣିମା ବା ବଳଦେବଙ୍କ ଜନ୍ମ ଦିବସ ରୂପେ ପାଳନ କରିଥାନ୍ତି ।

ଗଜେନ୍ଦ୍ରପୁର
କଳାଶ୍ରୀ ଗୋପାଳପୁର
ଯାଜପୁର

## ସାଂସ୍କୃତିକ ଅଭିବୃଦ୍ଧି ନିମନ୍ତେ ରାଜ୍ୟ ସରକାର ଓ ଆଇସିସିଆର୍ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ

ସାଂସ୍କୃତିକ ବିକାଶ ସାଙ୍ଗକୁ ବିବିଧ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ରାଜ୍ୟ ସରକାର ଓ ଭାରତୀୟ ସାଂସ୍କୃତିକ ସମ୍ପର୍କ ପରିଷଦ (ଇଣ୍ଡିଆନ୍ କାଉନ୍‌ସିଲ୍ ଫର କଲଚରାଲ ରିଲେସନ୍‌ସ) ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି । ସଚିବାଳୟରେ ଇଣ୍ଡିଆନ୍ କାଉନ୍‌ସିଲ୍ ଫର କଲଚରାଲ ରିଲେସନ୍‌ସ(ଆଇସିସିଆର୍)ର ଉପ ମହାନିର୍ଦ୍ଦେଶକ ଶ୍ରୀ ଅରୁଣ କୁମାର ସାହୁ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସଂସ୍କୃତି ବିଭାଗ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀ ଏହି ରାଜିନାମାରେ ସ୍ୱାକ୍ଷର କରିଛନ୍ତି । ସାଂସ୍କୃତିକ ଦଳ ବିନିମୟ, ପ୍ରଦର୍ଶନୀ, ସାହିତ୍ୟିକ କାର୍ଯ୍ୟକ୍ରମ, ଶିଳ୍ପୀ ରହଣି ଇତ୍ୟାଦିରେ ଅଭିବୃଦ୍ଧି ଘଟାଇବା ସହିତ ରାଜ୍ୟରେ ଆନ୍ତର୍ଜାତିକ ସାଂସ୍କୃତିକ ଦଳର ପ୍ରଦର୍ଶନ ନିମନ୍ତେ ପରିବହନ, ପାରିଶ୍ରମିକ ପ୍ରଦାନ ବାବଦରେ ଏହି ରାଜିନାମାରେ ବ୍ୟବସ୍ଥା ରହିଛି । ଅପର ପକ୍ଷରେ ଏପରି କାର୍ଯ୍ୟକ୍ରମ ନିମନ୍ତେ ରାଜ୍ୟ ସରକାର ଆନୁଷଙ୍ଗିକ ବ୍ୟବସ୍ଥା କରିବେ ବୋଲି କୁହାଯାଇଛି । ଉଭୟଙ୍କ ପ୍ରାୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଏକ ସମୟରେ ବ୍ୟାନର ଓ ଲୋଗୋ ରଖାଯିବା ସହିତ ନିମନ୍ତ୍ରଣ ପତ୍ର ଏବଂ ପ୍ରଚାର ସାମଗ୍ରୀରେ ଆଇସିସିଆର୍ ଓ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗର ନାମ ଉଲ୍ଲେଖ ରହିବ । ସମ୍ବଳକୁ ଦୃଷ୍ଟିରେ ରଖି ପାରସ୍ପରିକ ପରାମର୍ଶ ଭିତ୍ତିରେ ଓଡ଼ିଶାର ସାଂସ୍କୃତିକ ଦଳ ବିଦେଶ ଯାଇପାରିବେ । ମୋଟାମୋଟି ଭାବରେ ଓଡ଼ିଶାର ସାଂସ୍କୃତିକ ବିଭବ, ଲୋକସଂସ୍କୃତି ଏବଂ ଲୁପ୍ତପ୍ରାୟ କଳାର ପ୍ରସାର ଓ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ଉଭୟ ଆଇସିସିଆର୍ ଓ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ମିଳିତ ପ୍ରୟାସ ଜାରି ରଖିବେ । ଏହି ରାଜିନାମାର ଅବଧି ଦୁଇ ବର୍ଷ ରହିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏହାର ନବୀକରଣ କରାଯାଇ ପାରିବ ।

❖ ❖ ❖

# ଭାରତରେ ସ୍ୱାଧୀନତା ଆନ୍ଦୋଳନ

ଅଧ୍ୟାପକ ବିକ୍ରମ କେଶରୀ ବର୍ମା

୧୮୫୭ ମସିହା ସିପାହୀ ବିଦ୍ରୋହଠାରୁ ୧୯୪୨ମସିହା ଭାରତଛାଡ ଆନ୍ଦୋଳନ ପର୍ଯ୍ୟନ୍ତ ବହୁ ଆନ୍ଦୋଳନ ପରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନତା ଲାଭକଲା ।

**ଓଡ଼ିଶା ପାଇକ ବିଦ୍ରୋହ–** ୧୮୫୭ ମସିହାର ୪୦ବର୍ଷ ପୂର୍ବରୁ ୧୮୧୭ ମସିହାରେ ଓଡ଼ିଶାରେ ଇଂରେଜ ସରକାରଙ୍କ କୁଶାସନ ଓ ଅତ୍ୟାଚାର ବିରୋଧରେ ପାଇକ ବିଦ୍ରୋହ ହୋଇଥିଲା । ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ ତାପଙ୍ଗ ଦଳବେହେରା, ଖୋର୍ଦ୍ଧା ରାଜା ଦ୍ୱିତୀୟ ମୁକୁନ୍ଦ ଦେବ ପ୍ରମୁଖ ପାଇକ ବିଦ୍ରୋହର ନେତୃତ୍ୱ ନେଇଥିଲେ । ଇଷ୍ଟ ଇଣ୍ଡିଆ କମ୍ପାନୀର ଶାସନ ବିରୋଧରେ ଓଡ଼ିଶାର ପାଇକ ବିଦ୍ରୋହ ପ୍ରଥମ ବିଦ୍ରୋହ ହେଲେ ମଧ୍ୟ ଜାତୀୟ ସ୍ତରରେ ଐତିହାସିକମାନେ ଏଥିପ୍ରତି ଗୁରୁତ୍ୱ ଦେଇନଥିବା ପରିତାପର ବିଷୟ ।

**ସିପାହୀ ବିଦ୍ରୋହ–**୧୮୫୭ ମସିହାରେ ଇଂରେଜ ସରକାରଙ୍କ ରାଜସ୍ୱତ୍ୱ ଲୋପ ନୀତି ବିରୋଧରେ ସିପାହୀ ବିଦ୍ରୋହ ହୋଇଥିଲା । ଝାନ୍ସୀ ରାଣୀ ଲକ୍ଷ୍ମୀବାଈ, ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ, ମହାରାଷ୍ଟ୍ରର ନାନା ସାହେବ ପ୍ରମୁଖ ସିପାହୀ ବିଦ୍ରୋହର ନେତୃତ୍ୱ ନେଇଥିଲେ । କିନ୍ତୁ ସିପାହୀ ବିଦ୍ରୋହ ସଫଳ ହୋଇପାରି ନଥିଲା । ସିପାହୀ ବିଦ୍ରୋହ ଫଳରେ ଇଷ୍ଟ ଇଣ୍ଡିଆ କମ୍ପାନୀ ହାତରୁ ଭାରତର ଶାସନ କ୍ଷମତା ଇଂରେଜ ସରକାର କାଢିନେଇ ନିଜେ ଭାରତ ଶାସନର ଦାୟିତ୍ୱ ନେଲେ ।

ଅବସରପ୍ରାପ୍ତ ଇଂରେଜ ଆଇ.ସି.ଏସ୍. ଅଫିସର ଓକ୍ଟାଭିଆନ୍ ହ୍ୟୁମ୍‌ଙ୍କ ଉଦ୍ୟମରେ ବମ୍ବେଠାରେ ଭାରତୀୟ ବୁଦ୍ଧିଜୀବୀମାନଙ୍କର ଏକ ବୈଠକ ବସି ଭାରତୀୟ ଜାତୀୟ କଂଗ୍ରେସ ଗଠିତ ହୋଇଥିଲା । ଉମେଶ ଚନ୍ଦ୍ର ବାନାର୍ଜୀ ଏହି ପ୍ରଥମ ବୈଠକରେ ସଭାପତିତ୍ୱ କରିଥିଲେ । କଂଗ୍ରେସ ଦଳ ଗଠନର ଲକ୍ଷ୍ୟ ଥିଲା ବ୍ରିଟିଶ ସରକାର ଯେଉଁସବୁ ଭଲକାମ କରୁଛନ୍ତି, ତାହା ଲୋକମାନଙ୍କୁ ଜଣାଇବା ଓ ଲୋକମାନଙ୍କର ଅଭାବ ଅସୁବିଧା ସରକାରଙ୍କୁ ଜଣାଇବା ।

ଊନବିଂଶ ଶତାବ୍ଦୀର ଶେଷ ଭାଗରେ କଂଗ୍ରେସର ଆଭିମୁଖ୍ୟ ପରିବର୍ତ୍ତନ ହେଲା । କଂଗ୍ରେସ ଦଳ ଚରମପନ୍ଥୀ ଓ ନରମପନ୍ଥୀ ଭାବେ ଦୁଇ ଭାଗରେ ବିଭକ୍ତ ହେଲେ । ଲାଲା ଲଜ୍‌ପତ ରାୟ, ବାଲ ଗଙ୍ଗାଧର ତିଲକ୍, ବିପିନ୍ ଚନ୍ଦ୍ର ପାଲ୍ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ପାଇଁ କଂଗ୍ରେସର ସୁରାଟ ଅଧିବେଶନରେ ଦେଇଥିବା ପ୍ରସ୍ତାବ ଗୋପାଳକୃଷ୍ଣ ଗୋଖେଲଙ୍କ ବିରୋଧ ଫଳରେ ଗୃହୀତ ହୋଇପାରି ନଥିଲା । ଫଳରେ ଚରମପନ୍ଥୀମାନେ ଅଲଗା ହୋଇ ଯାଇଥିଲେ । ସେମାନେ ବଙ୍ଗ ଭଙ୍ଗ ଆନ୍ଦୋଳନକୁ ଦୃଢ ସମର୍ଥନ ଜଣାଇଥିଲେ । ବଙ୍ଗ ଭଙ୍ଗ ଆନ୍ଦୋଳନ ପ୍ରବଳ ହେବାରୁ ସରକାର ତାଙ୍କ ନୀତି ପରିବର୍ତ୍ତନ କରିଥିଲେ । ୧୯୦୫ ମସିହାରେ ବଙ୍ଗ ଭଙ୍ଗ ଆନ୍ଦୋଳନ ସଫଳ ହୋଇଥିଲା । ମୋହନ ଦାସ କରମ ଚାନ୍ଦ ଗାନ୍ଧୀ (ଯେ କି ପରେ ମହାତ୍ମା ଗାନ୍ଧୀ ନାମରେ ପରିଚିତ ହେଲେ) ୧୯୧୫ ମସିହା ବେଳକୁ ଦକ୍ଷିଣ ଆଫ୍ରିକାରୁ ଭାରତ ଫେରିଲେ । ଦକ୍ଷିଣ ଆଫ୍ରିକାର ବର୍ଣ୍ଣ ବୈଷମ୍ୟ ନୀତି ବିରୋଧରେ ସେ ସତ୍ୟାଗ୍ରହ କରି ସଫଳ ହୋଇଥିଲେ । ମହାତ୍ମା ଗାନ୍ଧୀ କଂଗ୍ରେସରେ ଯୋଗଦେବା ପରେ କଂଗ୍ରେସର ଆଭିମୁଖ୍ୟ ପରିବର୍ତ୍ତନ ହେଲା । ଇଂରେଜ ସରକାରଙ୍କ ବିରୋଧରେ ଅହିଂସା ଅସହଯୋଗ ଆନ୍ଦୋଳନ କରିବା ପାଇଁ ସେ ଆହ୍ୱାନ ଦେଲେ । ମହାତ୍ମା ଗାନ୍ଧୀଙ୍କ ପ୍ରଚେଷ୍ଟାରେ ପଣ୍ଡିତ ମୋତିଲାଲ ନେହେରୁଙ୍କ ପୁତ୍ର ଜବାହରଲାଲ ନେହେରୁ, ବିହାରର ଡଃ. ରାଜେନ୍ଦ୍ର ପ୍ରସାଦ ଓ ଗୁଜୁରାଟର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ପ୍ରମୁଖ କଂଗ୍ରେସରେ ଯୋଗଦେଲେ । ୧୯୨୦ ମସିହାରେ ପଣ୍ଡିତ

ଗୋପବନ୍ଧୁ ଦାସ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସଭାପତି ପଦ ଗ୍ରହଣ କଲେ ।

**ଅହିଂସା ଅସହଯୋଗ ଆନ୍ଦୋଳନ:** ୧୯୨୧ ମସିହାରେ ଅହିଂସା ଅସହଯୋଗ ଆନ୍ଦୋଳନ ଆକୁମାରୀ ହିମାଚଳ ବ୍ୟାପିଗଲା । ମହାତ୍ମା ଗାନ୍ଧୀଙ୍କ ସମେତ କଂଗ୍ରେସ ନେତୃବର୍ଗ ବ୍ରିଟିଶ ସରକାରଙ୍କ ଦ୍ୱାରା ଗିରଫ ହୋଇ କାରାବରଣ କଲେ । ହଜାର ହଜାର କଂଗ୍ରେସ କର୍ମୀ ମଧ୍ୟ ଗିରଫ ହେଲେ । ଏହି ଆନ୍ଦୋଳନ ସମଗ୍ର ଭାରତରେ ବ୍ୟାପିଗଲା । ହଠାତ୍ ମହାତ୍ମା ଗାନ୍ଧୀ ଜେଲ୍ ଭିତରୁ ଆନ୍ଦୋଳନ ପ୍ରତ୍ୟାହାର କରାଗଲା ବୋଲି ଘୋଷଣା କଲେ । ସମଗ୍ର ଭାରତ ସ୍ତମ୍ଭୀଭୂତ ହୋଇଗଲା । ବିହାରର ଚୌରୀଚୌରାଠାରେ ସାଧାରଣ ଜନତା ଜଣେ ପୋଲିସ କର୍ମଚାରୀଙ୍କୁ ଜୀଅନ୍ତା ପୋଡିଦେଲେ । ମହାତ୍ମା ଗାନ୍ଧୀ ଏ ସମ୍ବାଦ ପାଇବା ମାତ୍ରେ ଆନ୍ଦୋଳନ ପ୍ରତ୍ୟାହାର କରିନେଇ କହିଥିଲେ– ମୁଁ ହିମାଳୟ ପରି ଭୁଲ କରିଅଛି । କାରଣ ଜନସାଧାରଣଙ୍କୁ ଅହିଂସା ମାର୍ଗ ସମ୍ପର୍କରେ ସମ୍ୟକ୍ ଧାରଣା ନଦେଇ ମୁଁ ସେମାନଙ୍କୁ ଏତେବଡ ଆନ୍ଦୋଳନକୁ ଠେଲିଦେଲି । ତା'ପରେ ସେ ସାରା ଭାରତରେ ପଦଯାତ୍ରା କରି ଅହିଂସାର ଉପାଦେୟତା ବିଷୟରେ ଓ ବିଭିନ୍ନ ରଚନାତ୍ମକ କାର୍ଯ୍ୟ– ସୂତା କାଟିବା, ଖଦଡ ଲୁଗା ବୁଣିବା ଓ ପରିଧାନ କରିବା, ଅସ୍ପୃଶ୍ୟତା ନିବାରଣ, ନାରୀ ଶିକ୍ଷାର ପ୍ରସାର ଆଦି କରିବା ପାଇଁ ଦେଶବାସୀଙ୍କୁ ପରାମର୍ଶ ଦେଲେ ।

**ଲବଣ ସତ୍ୟାଗ୍ରହ–** ଇଂରେଜ ସରକାର ଲୁଣ ଉପରେ ଟିକସ ବସାଇବାରୁ ମହାତ୍ମା ଗାନ୍ଧୀ ଲବଣ ସତ୍ୟାଗ୍ରହ ଆରମ୍ଭ କରିଥିଲେ । ସେ ନିଜେ ହଜାର ହଜାର କଂଗ୍ରେସ କର୍ମୀଙ୍କ ସହ ସାବରମତୀ ଆଶ୍ରମରୁ ଦାଣ୍ଡି ଅଭିମୁଖେ ପଦଯାତ୍ରା କରି ସମୁଦ୍ରରୁ ଲୁଣ ମାରିଥିଲେ । ଏହା ଦାଣ୍ଡି ଅଭିଯାନ ନାମରେ ପ୍ରସିଦ୍ଧି ଲାଭ କରିଥିଲା । ଓଡ଼ିଶାର ଇରମଠାରେ ଲବଣ ସତ୍ୟାଗ୍ରହ କରି ବ୍ରିଟିଶ୍ ସୈନ୍ୟଙ୍କ ଗୁଳିରେ ୧୨ଜଣ ସତ୍ୟାଗ୍ରହୀ ପ୍ରାଣ ହରାଇଥିଲେ ଓ ଇରମ ମାଟି ରକ୍ତରେ ଲାଲ୍ ହୋଇଯାଇଥିଲା ।

**ଭାରତ ଛାଡ ଆନ୍ଦୋଳନ–** ୧୯୩୯ ମସିହାରେ ୨ୟ ବିଶ୍ୱ ଯୁଦ୍ଧ ଲାଗିଗଲା । ବ୍ରିଟିଶ ସରକାର ଭାରତର ମତ ନନେଇ ଭାରତ ମିତ୍ର ପକ୍ଷରେ ଯୋଗଦେଲା ବୋଲି ଘୋଷଣା କଲେ ଓ ଭାରତୀୟ ସୈନ୍ୟଙ୍କୁ ଯୁଦ୍ଧରେ ମୁତୟନ କଲେ । ତେଣୁ ଯେଉଁସବୁ ରାଜ୍ୟରେ କଂଗ୍ରେସ ସରକାର ଥିଲେ ସେମାନେ ଇସ୍ତଫା ଦେବାକୁ କଂଗ୍ରେସ ହାଇକମାଣ୍ଡ ନିର୍ଦ୍ଦେଶ ଦେଲେ । ଓଡ଼ିଶାରେ ବିଶ୍ୱନାଥ ଦାସଙ୍କ କଂଗ୍ରେସ ମନ୍ତ୍ରିମଣ୍ଡଳ ଇସ୍ତଫା ପ୍ରଦାନ କଲା । ୧୯୪୨ ଅଗଷ୍ଟ ୮ରେ ଭାରତୀୟ ଜାତୀୟ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକ ବମ୍ବେଠାରେ ଅନୁଷ୍ଠିତ ହୋଇ ଅଗଷ୍ଟ ନଅ ତାରିଖରୁ ଇଂରେଜ ସରକାରଙ୍କ ବିରୋଧରେ ଭାରତଛାଡ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଲା । ସେହିଦିନ ସଂଧ୍ୟାରେ ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଚକ୍ରବର୍ତ୍ତୀ ରାଜ ଗୋପାଲଚାରୀ, ଡକ୍ଟର ରାଜେନ୍ଦ୍ର ପ୍ରସାଦ, ଡକ୍ଟର ହରେକୃଷ୍ଣ ମହତାବ ପ୍ରମୁଖ ସମସ୍ତ କାର୍ଯ୍ୟକାରୀ ସମିତି ସଭ୍ୟମାନଙ୍କୁ ଗିରଫ କରାଯାଇ ଅହମ୍ମଦାବାଦ ଦୁର୍ଗରେ ରଖାଗଲା । ହଜାର ହଜାର କଂଗ୍ରେସ ନେତା ଓ କର୍ମୀମାନଙ୍କୁ ଦେଶସାରା ଗିରଫ କରାଯାଇ କାରାଗାରରେ ରଖାଗଲା । ତଥାପି ଭାରତଛାଡ ଆନ୍ଦୋଳନ ସାରା ଦେଶରେ ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବ୍ୟାପିଗଲା । ଜୟପ୍ରକାଶ ନାରାୟଣ, ଡକ୍ଟର ରାମମନୋହର ଲୋହିଆ, ଅରୁଣା ଆସଫ୍ ଅଲ୍ଲି, ଓଡ଼ିଶାର ସୁରେନ୍ଦ୍ର ନାଥ ଦ୍ୱିବେଦୀ ପ୍ରମୁଖ ଗିରଫ ଏଡାଇ ଲୁଚି ରହି ଆନ୍ଦୋଳନ ପରିଚାଳନା କଲେ। ବ୍ରିଟିଶ ସରକାରଙ୍କ ପାଇଲଟ୍ ବିଜୁ ପଟ୍ଟନାୟକ ଏମାନଙ୍କୁ ଗୁପ୍ତରେ ବିମାନରେ ବସାଇ ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ନେଇ ଯାଉଥିଲେ । ଶେଷରେ ବିଜୁ ପଟ୍ଟନାୟକ ଧରାପଡି ଗିରଫ ହୋଇ ଜେଲ୍ ଗଲେ । ଦାବାଗ୍ନି ପରି ଆନ୍ଦୋଳନ ଦେଶସାରା ଚାରିଆଡେ ବ୍ୟାପିଗଲା । ଏହି ସମୟରେ ଇଂଲଣ୍ଡରେ ସରକାର ପରିବର୍ତ୍ତନ ମଧ୍ୟ ହେଲା, ଯାହା ଫଳରେ ନେତା ଚର୍ଚ୍ଚିଲ ସାହେବ ଯୁଦ୍ଧ ଜିତିଲେ ମଧ୍ୟ ନିର୍ବାଚନରେ ତାଙ୍କ ଦଳ ପରାସ୍ତ ହେଲା ଓ ଶ୍ରମିକ ଦଳ ସଂଖ୍ୟାଗରିଷ୍ଠତା ଲାଭ କରିବାରୁ ଅଟ୍‌ଲି ପ୍ରଧାନମନ୍ତ୍ରୀ ହେଲେ । ସେ ଭାରତର ସପକ୍ଷବାଦୀ ଥିଲେ । ଶେଷରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନତା ଲାଭ କଲା ।

ମାହାଙ୍ଗା, କଟକ

❖ ❖ ❖

# ବାମଣ୍ଡା ରାଜାସାହେବ

ଡକ୍ଟର ଲକ୍ଷ୍ମୀ ନାରାୟଣ ଦାଶ

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ନବଜାଗରଣ ପାଇଁ ପରାଧୀନ ଓଡ଼ିଶା ରାଜ୍ୟର ଯେଉଁ କେତେଜଣ ଗଡ଼ଜାତ ରାଜା ଅଣ୍ଟାଭିଡ଼ି ଆଗେଇ ଆସିଥିଲେ, ସେମାନଙ୍କ ମଧ୍ୟରୁ ବାମଣ୍ଡା ରାଜା ସାହେବ ବାସୁଦେବ ସୁଢ଼ଳ ଦେବ ହେଉଛନ୍ତି ପ୍ରାତଃ ସ୍ମରଣୀୟ ।

ବାମଣ୍ଡା ଥିଲା ଚବିଶ ଗଡ଼ଜାତ ମଧ୍ୟରୁ ଅନ୍ୟତମ । ଅଧୁନା ବାମଣ୍ଡା ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ । ଏହାର ପ୍ରତିଷ୍ଠାତା ସରୟୁଦେବ ଏବଂ ଏମାନେ ଗଙ୍ଗ ବଂଶର ବଂଶଧର ବୋଲି ଐତିହାସିକମାନେ ମତ ଦିଅନ୍ତି । ୧୨୫୮ ସନ ବୈଶାଖ ମାସର ୨୮ ଦିନ ତା୧୬.୦୫.୧୮୫୦ ମସିହାରେ ପିତା ବଡ଼ କୁମାର ହରିହର ଦେବ ଓ ମାତା ବିଜୟ କୁମାରୀଙ୍କ ଔରସରୁ ସେ ଜନ୍ମଲାଭ କରିଥିଲେ । ହରିହର ଦେବ ଥିଲେ ବାମଣ୍ଡା ରାଜା ବ୍ରଜସୁନ୍ଦର ତ୍ରିଭୁବନ ଦେବଙ୍କ କନିଷ୍ଠ ଭାଇ ।

ରାଜା ବ୍ରଜ ସୁନ୍ଦର ତ୍ରିଭୁବନ ଦେବ ଜଣେ ପ୍ରଜାବତ୍ସଳ ଓ ବିଚକ୍ଷଣ ସୁଶାସକ ଥିବାରୁ ତାଙ୍କ କାର୍ଯ୍ୟଦକ୍ଷତା ପାଇଁ ଇଂରେଜ ସରକାରଙ୍କଠାରୁ ରାୟବାହାଦୂର ଉପାଧି ପାଇଥିଲେ । ବାସୁଦେବ ଜନ୍ମ ହେବା ପରେ ଉତ୍ତରାଧିକାରୀ ରୂପେ ଘୋଷଣା କରିଥିଲେ । ରାଜା ବ୍ରଜସୁନ୍ଦର ତ୍ରିଭୁବନ ଦେବ ରାଜା ହେବା ପାଇଁ ଆବଶ୍ୟକ ଶିକ୍ଷା ମଧ୍ୟ ପ୍ରଦାନ କରିବାର ବ୍ୟବସ୍ଥା କରିଥିଲେ । ବାସୁଦେବ ପିଲାଟି ଦିନରୁ ଥିଲେ ବଡ଼ ଚଳଚଞ୍ଚଳ । ସେ ଟିକିଏ ସମୟ ପାଇଁ ନିରବରେ ବସିପାରନ୍ତି ନାହିଁ । ପଢ଼ାପଢ଼ି ସଙ୍ଗେ ସଙ୍ଗେ ଦୌଡ଼ ଧାପଡ଼ ପହଁରା, ବିଭିନ୍ନ ସ୍ଥାନ ଭ୍ରମଣ କରିବା ବଣଭୋଜିରେ ମାତିବା, ଖେଳ କସରତ କରିବାରେ ସେ ଥିଲେ ଅତ୍ୟନ୍ତ ପାରଙ୍ଗମ । ୯ ବର୍ଷ ବୟସରେ ଉପନୟନ କାର୍ଯ୍ୟ ହେବା ପରେ ତାଙ୍କର ସଂସ୍କୃତ ଶିକ୍ଷା ଆରମ୍ଭ ହୋଇଥିଲା । ବାସୁଦେବ ରାଜକୀୟ କର୍ମ, କୁସ୍ତି କସରତ ଯୁଦ୍ଧବିଦ୍ୟା ଆୟତ୍ତ କରିବା ସହ ସଂସ୍କୃତ ଓ ବ୍ୟାକରଣରେ ଜ୍ଞାନ ହାସଲ କରିବା ପାଇଁ ଚେଷ୍ଟା କରିଥିଲେ । ବାସୁଦେବଙ୍କ ସଂସ୍କୃତ ସାହିତ୍ୟ ପ୍ରତି ଥିଲା ପ୍ରବଳ ଦୁର୍ବଳତା । ତେଣୁ ରାଜା, ପଣ୍ଡିତ ଆନନ୍ଦ ବ୍ରହ୍ମାଙ୍କ ଦ୍ୱାରା ସଂସ୍କୃତ ବ୍ୟାକରଣ ଜ୍ଞାନ ଆହରଣର ଅଧିକାରୀ ହୋଇପାରିଥିଲେ । ଏହାପରେ ସେ ପଣ୍ଡିତ ପୁରୁଷୋତ୍ତମ ତର୍କାଳଙ୍କାର ଓ ପଣ୍ଡିତ ଭୁବନେଶ୍ୱର ବଡ଼ପଣ୍ଡାଙ୍କ ସାହାଯ୍ୟରେ ସଂସ୍କୃତ ସାହିତ୍ୟରେ ରଚିତ କାବ୍ୟ, ନାଟକ, ଅଳଙ୍କାର, ନ୍ୟାୟ ବେଦ ବେଦାଙ୍ଗ ଓ ପୁରାଣାଦି ପଢ଼ି ବୁଝିବାରେ ପାରଙ୍ଗମ ହୋଇପାରିଥିଲେ ।

୧୮୬୯ ମସିହାରେ ୧୮ ବର୍ଷ ବୟସରେ ବାସୁଦେବ ସିଂହାସନ ଆରୋହଣ କରିଥିଲେ । ଶାସନ କାର୍ଯ୍ୟ ପରିଚାଳନା ପାଇଁ ନିଜ ଜନ୍ମିତ ପିତା ହରିହର ଦେବ ତାଙ୍କୁ ସାହାଯ୍ୟ କରୁଥିଲେ । କଳାହାଣ୍ଡି ରାଜା ଉଦିତ ପ୍ରତାପଙ୍କ ମଧ୍ୟମା କନ୍ୟା ଗିରିରାଜ କୁମାରୀଙ୍କ ସହ ତାଙ୍କ ଶୁଭ ପରିଣୟ ଅନୁଷ୍ଠିତ ହୋଇଥିଲା । ଗିରିରାଜ କୁମାରୀ ଥିଲେ ସଙ୍ଗୀତ ବିଦ୍ୟାରେ ନିପୁଣା । ୧୮୭୨ ମସିହା ମେ' ମାସ ୩ ତାରିଖ ଦିନ ତାଙ୍କର ଏକମାତ୍ର ପୁତ୍ର ସନ୍ତାନ ଟିକାୟତ ସଚ୍ଚିଦାନନ୍ଦ ଜନ୍ମଗ୍ରହଣ କରିଥିଲେ । ସଚ୍ଚିଦାନନ୍ଦଙ୍କୁ ଏକବର୍ଷ ଅତିକ୍ରମ କଲାବେଳକୁ ରାଣୀ ଗିରିରାଜ କୁମାରୀଙ୍କ ଦେହାନ୍ତ ହୋଇଥିଲା । ଗିରିରାଜ କୁମାରୀଙ୍କ ବିୟୋଗ ପରେ ନିଜର ମନକୁ ପରିବର୍ତ୍ତନ କରିବା ନିମନ୍ତେ ବାସୁଦେବ ତୀର୍ଥାଟନ ଓ ଦେଶ ଭ୍ରମଣ କରିବାକୁ ମନ ବଳାଇଥିଲେ । ଏଥିପାଇଁ ସେ ସଚ୍ଚିଦାନନ୍ଦଙ୍କ ଦାୟିତ୍ୱ ପ୍ରବୀଣା ରାଜମାତାଙ୍କୁ ଦେବା ସହିତ ରାଜ କାର୍ଯ୍ୟଭାର ପ୍ରଧାନ କର୍ମଚାରୀମାନଙ୍କ ଉପରେ ନ୍ୟସ୍ତ କରିଥିଲେ । ଗମନାଗମନର ସୁବିଧା ନଥିବାରୁ ସମ୍ବଲପୁରର ତତ୍କାଳୀନ

ପଲ୍‌ଟିକାଲ୍ ଏଜେଣ୍ଟ କର୍ଣ୍ଣେଲ୍ ବୁଇଙ୍କ ପରାମର୍ଶରେ ନୌକାରେ କଟକ ଯାତ୍ରା କରିବାକୁ ସେ ବାଧ୍ୟ ହୋଇଥିଲେ । ମହାନଗରରେ ଯାତ୍ରା କରିବା ସମୟରେ ବିଭିନ୍ନ ପ୍ରାକୃତିକ ଦୃଶ୍ୟ ତାଙ୍କୁ ମୁଗ୍ଧ କରିଥିଲା । ତା'ପରେ ସେ କଟକ, ଚାନ୍ଦବାଲି, କଲିକତା, କାଶୀ, ଦିଲ୍ଲୀ, ଆଗ୍ରା, ପ୍ରୟାଗ, ବୈଦ୍ୟନାଥ ଓ ଗୟା, ଦକ୍ଷିଣରେ ସେତୁବନ୍ଧ, ରାମେଶ୍ୱର ପର୍ଯ୍ୟନ୍ତ ଓ ପଶ୍ଚିମରେ ପୁନା, ବମ୍ବେ, ମହୀଶୂର, ଅହମ୍ମଦାବାଦ ପ୍ରଭୃତି ଭ୍ରମଣ କରି ଯଥେଷ୍ଟ ଜ୍ଞାନ ଅର୍ଜନ କରିପାରିଥିଲେ । ଭ୍ରମଣ କରିବା ସମୟରେ ନୂଆ ସ୍ଥାନ, ନୂଆ ଘଟଣା ଦେଖି ଦେଖି ନିଜର ଜ୍ଞାନ ବୃଦ୍ଧି କରିବା ସହ ପଡ଼ୋଶୀ ରାଜ୍ୟ ସହ ସୁସମ୍ପର୍କ ସ୍ଥାପନ କରିବାକୁ ମଧ୍ୟ ଭୁଲି ନ ଥିଲେ । ଭ୍ରମଣ ସମୟରେ ତାଙ୍କର ସ୍ୱଦେଶ ଉନ୍ନତି ଲିପ୍‌ସା ଜାଗ୍ରତ ହୋଇଥିଲା । ତେଣୁ ରାଜ୍ୟକୁ ଫେରି ଆସି ରାଜ୍ୟରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବା ସହିତ ନିଜ ଶାସନ ପ୍ରଣାଳୀରେ କିଛି ପରିବର୍ତ୍ତନ ଆଣିଥିଲେ । ସେ ରାଜ୍ୟକୁ ତିନୋଟି ତହସିଲ୍‌ରେ ବିଭକ୍ତ କରିବା ସହ ତହସିଲ୍‌ର ପରିଚାଳନା ଭାର ଜଣେ ପ୍ରଥମ ଶ୍ରେଣୀ ବିଚାରପତି ବା ମାଜିଷ୍ଟ୍ରେଟ୍‌ଙ୍କୁ ପ୍ରଦାନ କରିଥିଲେ । ସେ ଗୋଟିଏ ପୋଲିସ୍ ଷ୍ଟେସନ୍ ମଧ୍ୟ ବସାଇ ଥିଲେ । ରାଜ୍ୟର ସୁଶାସନ ସକାଶେ ଏକ ପରିଷଦ ଗଠନ କରି ନିଜେ ତାହାର ସଭାପତି ହୋଇଥିଲେ । ଗଠିତ ପରିଷଦରେ ୯ ଜଣ ବିଜ୍ଞ ବ୍ୟକ୍ତି ସଭ୍ୟ ରହିବା ସହ ମୁଖ୍ୟ ପରାମର୍ଶଦାତା ହିସାବରେ ଅବସରପ୍ରାପ୍ତ ଶିକ୍ଷକ ଗିରିଶ ଚନ୍ଦ୍ର ଘୋଷଙ୍କୁ ନିଯୁକ୍ତି ଦେଇଥିଲେ । ୧୮୮୦ ମସିହାରେ ସେ ଦରବାର ଶବ୍ଦ ବଦଳରେ କାଉନ୍‌ସିଲ୍ ଶବ୍ଦର ବ୍ୟବହାର କରିଥିଲେ । ରାଜ୍ୟରେ କୃଷିର ଉନ୍ନତି ପାଇଁ ବନ୍ଦୋବସ୍ତ ଅଧିକାରୀ ନିଯୁକ୍ତି ସହ ଜଳଯୋଗାଣ ଉପରେ ଗୁରୁତ୍ୱ ଦେଇଥିଲେ । ଅର୍ଥନୀତି ଦୃଷ୍ଟିକୋଣରୁ ବ୍ୟବସାୟ ବାଣିଜ୍ୟର ବିକାଶ ମଧ୍ୟ କରିଥିଲେ । ରାଜ୍ୟରୁ ଚମଡ଼ା, ଶିଙ୍ଗ, ଦାନ୍ତ, ନଖ, ଦାମୀ କାଠ ଆଦି ରପ୍ତାନି କରି ପ୍ରଚୁର ଅର୍ଥ ଉପାର୍ଜନ କରିବା ସହ ଆବଶ୍ୟକୀୟ ପଦାର୍ଥ ଯଥା – ଲୁଣ, କପଡ଼ା ପ୍ରଭୃତିର ଆମଦାନୀ ଉପରେ ଗୁରୁତ୍ୱ ଦେଇଥିଲେ । ରାଜ୍ୟରେ କାଠ ମିଲ ସ୍ଥାପନ କରି କାଠ ବଦଳରେ କାଠ ପଟା ରପ୍ତାନୀ କରି ରାଜକୋଷ ବୃଦ୍ଧି ନିମନ୍ତେ ଆୟ ପନ୍ଥା ଖୋଲିଥିଲେ ।

ଶିକ୍ଷାର ନିତାନ୍ତ ଆବଶ୍ୟକତାକୁ ମନେକରି ସେ ୧୮୮୨ ମସିହାରେ ଦେବଗଡ଼ଠାରେ ରାଜକୁମାର ଇଂରାଜୀ ବିଦ୍ୟାଳୟ ସ୍ଥାପନ କରିଥିଲେ । ପ୍ରଜାମାନଙ୍କ ନିମନ୍ତେ ପ୍ରାଥମିକ ଶିକ୍ଷା ବାଧ୍ୟତାମୂଳକ କରିବା ସହ ନିର୍ଦ୍ଦିଷ୍ଟ ବୟସ ହେଲେ ଶିକ୍ଷା ପାଇଁ ପିଲାକୁ ନ ପଠାଇଲେ ଅଭିଭାବକମାନଙ୍କୁ ତାଗିଦ୍ କରୁଥିଲେ । ଶିକ୍ଷାର ପ୍ରସାର ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ବିଦ୍ୟାଳୟମାନ ସ୍ଥାପନ କରିବା ସହ ଅନୁଷ୍ଠାନର ରକ୍ଷଣାବେକ୍ଷଣ ଓ ସୁପରିଚାଳନା ପାଇଁ ଆର୍ଥିକ ଅନୁଦାନ ଦେଉଥିଲେ । ଏହା ବ୍ୟତୀତ ଅନ୍ୟ ରାଜ୍ୟରେ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଆର୍ଥିକ ସାହାଯ୍ୟ ଦେବା ସହ ଗରିବ ପିଲାମାନଙ୍କୁ ପାଠ ପଢ଼ିବା ପାଇଁ ବୃତ୍ତି ପ୍ରଦାନ କରୁଥିଲେ । ରାଜ୍ୟରେ ବିଜ୍ଞାନାଗାର ପ୍ରତିଷ୍ଠା କରି ବିଜ୍ଞାନ ଶିକ୍ଷା ଦେବା ପାଇଁ ରେଭେନ୍‌ସା କଲେଜର ବିଜ୍ଞାନ ଅଧ୍ୟାପକ ଯୋଗେଶ ଚନ୍ଦ୍ର ରାୟଙ୍କୁ ନିଯୁକ୍ତି ଦେଇଥିଲେ ।

ଗମନାଗମନ ଓ ଯୋଗାଯୋଗ ପାଇଁ ରାଜ୍ୟରେ ବିଦ୍ୟୁତ୍ ଆଲୁଅର ବ୍ୟବହାର, ରେଳ ବ୍ୟବସ୍ଥା ଓ ଡାକ ବିଭାଗଟି ୧୮୯୫ରେ ଭାରତ ସରକାରଙ୍କ ଅଧୀନସ୍ଥ ହୋଇଥିଲା । ରାଜ୍ୟରେ ନିଶାପାନର ବିରୋଧ ସହ ଅପରାଧୀମାନଙ୍କ ପାଇଁ କାରାଗାର ନିର୍ମାଣ କରିଥିଲେ । ପଶୁ ସମ୍ପଦର ଉନ୍ନତି ନିମନ୍ତେ ରାଜ୍ୟରେ ହସ୍ତୀଶାଳା, ଅଶ୍ୱଶାଳା ଓ ଗୋଶାଳା ନିର୍ମାଣ କରିଥିଲେ । ବାସୁଦେବ ସୁଢ଼ଳ ଦେବ ଜଣେ କଳାପ୍ରେମୀ ଥିବାରୁ ଶିଳ୍ପୀକୁଳର ସମୃଦ୍ଧି ନିମନ୍ତେ ଅନ୍ୟ ରାଜ୍ୟରୁ ଶିଳ୍ପୀମାନଙ୍କୁ ଆଣି ସ୍ଥାନୀୟ ଶିଳ୍ପୀଙ୍କୁ ପ୍ରଶିକ୍ଷଣ ଦେଉଥିଲେ । ମନୋରଞ୍ଜନ ସକାଶେ ରାଜ୍ୟରେ ଯାତ୍ରାଦଳର ସୃଷ୍ଟି ସହିତ ସେମାନଙ୍କ ଦ୍ୱାରା ଐତିହାସିକ, ପୌରାଣିକ ନାଟକ ପରିବେଷଣ କରିବା ପାଇଁ ଆବଶ୍ୟକ ଅର୍ଥ ମଧ୍ୟ ଦେଉଥିଲେ । ଅନ୍ଧବିଶ୍ୱାସ ଓ କୁସଂସ୍କାର ବିରୋଧରେ ବାସୁଦେବ ସୁଢ଼ଳ ଦେବ ଯଥେଷ୍ଟ ଉଦ୍ୟମ କରିଥିଲେ । ଝିଅମାନଙ୍କ ବିବାହିତ ବୟସକୁ ୧୨ ବର୍ଷ ରଖିବା, ବିଧବାମାନଙ୍କୁ ଆର୍ଥିକ ସହାୟତା ଦେବା, ବିଧବାଶ୍ରମ ଗଠନ କରିବା ତାଙ୍କର ଗୋଟିଏ ଗୋଟିଏ ମହନୀୟ ଉଦ୍ୟମ । ବିବାହିତ ଝିଅ ତା'ର ପିତା ସହ ସମ୍ପର୍କ ନ ରଖିବାର କୁପ୍ରଥାକୁ ସେ ଉଚ୍ଛେଦ କରିଥିଲେ । ରାଜକୁମାରୀମାନଙ୍କ ଶିକ୍ଷାଦାନ ସହ ସଙ୍ଗୀତ ଶିକ୍ଷା ମଧ୍ୟ ପ୍ରଦାନ କରିଥିଲେ । ଏହି ରାଜକୁମାରୀମାନଙ୍କୁ ଶିକ୍ଷା ଦେବାକୁ ଯାଇ ସେ ନାରୀ ଶିକ୍ଷା ଆରମ୍ଭ କରିଥିଲେ । ଯାହାଫଳରେ ରାଜବାଟୀ ସଂଲଗ୍ନରେ ଏକ ସ୍ୱତନ୍ତ୍ର ବିଦ୍ୟାଳୟ ସ୍ଥାପିତ ହୋଇପାରିଥିଲା ।

ରାଜା ବାସୁଦେବ ଜଣେ ସୁଶାସକ ତଥା ପ୍ରଜାବତ୍ସଳ ରାଜା ଭାବେ ଯେତିକି ପରିମାଣରେ ପରିଚିତ ତାହାଠାରୁ ଯଥେଷ୍ଟ ଅଧିକ ପରିମାଣରେ ଜଣେ ସୁସାହିତ୍ୟିକ ତଥା ସାହିତ୍ୟ ପୃଷ୍ଠପୋଷକ ରୂପେ ସର୍ବବାଦୀବିଦିତ । ସଂସ୍କୃତ ସାହିତ୍ୟ ପ୍ରତି ଯଥେଷ୍ଟ ଦୁର୍ବଳତା

ଥିବାରୁ ଅନେକ କାବ୍ୟ ମହାକାବ୍ୟ ରଚନା କରି ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ସେ ସମୃଦ୍ଧ କରିଛନ୍ତି । ତାଙ୍କ ରଚନାରେ ପ୍ରକୃତି ବର୍ଣ୍ଣନା, ମାନବ ପ୍ରୀତି ଓ ଆଧ୍ୟାତ୍ମିକତା ଦୃଷ୍ଟିଗୋଚର ହୁଏ । ୧୮୮୬ ମସିହାରେ ତାଙ୍କର ଅଳଙ୍କାର ବୋଧୋଦୟ ଆତ୍ମପ୍ରକାଶ କରିଥିଲା । ଏହା ଓଡ଼ିଆ ସାହିତ୍ୟରେ ଏକ ଶ୍ରେଷ୍ଠ ଅଳଙ୍କାର ଗ୍ରନ୍ଥ ହେବା ସହ ପାଠ୍ୟ ପୁସ୍ତକ ରୂପେ ମଧ୍ୟ ଗୃହୀତ ହୋଇଥିଲା । ସେ ମହନୀୟ ପ୍ରକୃତିର ରମଣୀୟ ଦୃଶ୍ୟକୁ ନେଇ ଚିତ୍ରୋତ୍ପଳା କାବ୍ୟକୁ ସୃଷ୍ଟି କରିଥିଲେ ।

ଝାନ୍ସୀ ରାଣୀ ଲକ୍ଷ୍ମୀବାଈଙ୍କ ବୀରତ୍ୱ କାହାଣୀକୁ ନେଇ ଐତିହାସିକ ବିବରଣୀ ୧୮୯୫ ମସିହାରେ ଆତ୍ମପ୍ରକାଶ କରିଥିଲା । କିଷ୍କିନ୍ଧ୍ୟା ବିବରଣୀ ନାମକ ଏକ ଗଦ୍ୟ ରଚନା, ଜହ୍ନମାମୁଁ, ଜଣାଣ ନାମକ ଦୁଇଟି କବିତା ଯଥାକ୍ରମେ ଆଷାଢ଼ ଶୁକ୍ଳ ଓ ପଢ଼ି ରାଗରେ ଲିଖିତ । ଏତଦ୍‌ବ୍ୟତୀତ ହିନ୍ଦୀ ଭାଷାରେ ଧର୍ମଶିକ୍ଷା ଓ ସଂସ୍କୃତ ସାହିତ୍ୟରେ ଦଶକର୍ମ ପଦ୍ଧତି, କଳ୍ପଲତା, ମୁକ୍ତିକୋଷନିଷଦ, ସାହିତ୍ୟ ରତ୍ନାକର ପ୍ରଭୃତି ଟୀକା ଓ ଅନୁବାଦ କରି ସ୍ୱବିଜ୍ଞତାର ପରିଚୟ ଦେଇଥିଲେ । ଓଡ଼ିଆ ଭାଷା ଓ ସାହିତ୍ୟକୁ ବଞ୍ଚାଇବା ପାଇଁ କଟକରେ ସୁଢ଼ଳ ପ୍ରେସ୍ ସ୍ଥାପନ ଓ ୧୮୮୬ ମସିହାରେ ବାମଣ୍ଡାର ଦେବଗଡ଼ଠାରେ ଜଗନ୍ନାଥ ବଲ୍ଲଭ ପ୍ରେସ୍ ସ୍ଥାପନ କରିଥିଲେ । ସେହି ପ୍ରେସ୍‌ରୁ ବହୁ ପୁସ୍ତକ ପ୍ରକାଶିତ ହେବା ସହିତ ତାଙ୍କ ପୃଷ୍ଠପୋଷକତାରେ ୧୮୮୯ ମସିହା ମେ ୩୦ ତାରିଖ ଗୁରୁବାର ଦିନ 'ସମ୍ବଲପୁର ହିତୈଷିଣୀ' ନାମକ ସାପ୍ତାହିକ ପତ୍ରିକା ଆତ୍ମପ୍ରକାଶ କରିଥିଲା । ୧୮୯୩ ମସିହାରେ ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦନାରେ 'ବିଜୁଳି' ନାମକ ଏକ ପତ୍ରିକା ମଧ୍ୟ ଉକ୍ତ ପ୍ରେସ୍‌ରେ ଆତ୍ମପ୍ରକାଶ କରିଥିଲା । ୧୯୦୦ ମସିହାରେ ବାମଣ୍ଡା ଛାତ୍ର ସମିତି ଆନୁକୂଲ୍ୟରେ 'ସେବକ' ନାମକ ଏକ ସମାଜ ସଂସ୍କାରମୂଳକ ମାସିକ ପତ୍ରିକା ମଧ୍ୟ ଏହି ପ୍ରେସ୍‌ରୁ ମୁକ୍ତିଲାଭ କରିଥିଲା ।

ରାଜା ବାସୁଦେବ ସୁଢ଼ଳ ଜଣେ ସୁଶାସକ ଭାବରେ ଇଂରେଜ ସରକାରଙ୍କଠାରୁ ୧୮୮୯ରେ କମାଣ୍ଡର ଅଫ୍ ଇଣ୍ଡିୟାନ୍ ଏମ୍ପାୟର୍, ୧୮୯୫ରେ ନାଇଟ୍ କମାଣ୍ଡର ଅଫ୍ ଇଣ୍ଡିୟାନ୍ ଏମ୍ପାୟର୍ ନାମକ ଦୁଇଟି ଉପାଧି ଲାଭ କରିଥିଲେ ।

ରାଜା ବାସୁଦେବ ସୁଢ଼ଳ ଦେବ ଥିଲେ ଏକାଧାରରେ ଜଣେ ସୁଶାସକ, ସୁସାହିତ୍ୟିକ, ସମାଜ ସଂସ୍କାରକ, ସମାଜସେବୀ ତତ୍‌ସହିତ କଳାପ୍ରେମୀ, ସଂସ୍କୃତ ପ୍ରେମୀ ଓ ପ୍ରଜାବତ୍ସଳ ବ୍ୟକ୍ତି । ୧୯୦୩ ମସିହା ନଭେମ୍ବର ମାସ ୯ ତାରିଖ ଦ୍ୱିପ୍ରହର ବେଳେ ୫୩ ବର୍ଷ ବୟସରେ ତାଙ୍କ କର୍ମମୟ ଜୀବନର ଅବସାନ ଘଟିଥିଲା । ତାଙ୍କୁ ହରାଇ ଓଡ଼ିଆ ସାହିତ୍ୟ ବହୁ କ୍ଷତବିକ୍ଷତ ହୋଇଛି କହିବା କିଛି ଭୁଲ୍ ହେବ ନାହିଁ । ସେ ଆମ ନିକଟରେ ସବୁବେଳ ପାଇଁ ସ୍ମରଣୀୟ ହୋଇ ରହିଥିବେ ।

ବିଜିପୁର, ବୋର୍ଡ଼ି ସାହି
ବ୍ରହ୍ମପୁର (ଗଞ୍ଜାମ)

❖ ❖ ❖

# ନାରୀ ସହିଦ୍ – ଖୋରା ପାର୍ବତୀ

**ଡକ୍ଟର କୃତ୍ତିବାସ ନାୟକ**

୧୮୬୫ ମସିହା ବେଳକୁ ଇଂରେଜମାନଙ୍କର ଅନଧିକାର ପ୍ରବେଶ, କ୍ଷୁଦ୍ରକ୍ଷୁଦ୍ର କରଦ ରାଜାମାନଙ୍କୁ ସୁହାଇଲା ନାହିଁ । ସେମାନେ ପରୋକ୍ଷରେ ହେଉ କିମ୍ବା ପ୍ରତ୍ୟକ୍ଷରେ ହେଉ ଇଂରେଜମାନଙ୍କ ବିରୁଦ୍ଧରେ ରୀତିମତ ଲଢେଇ ଆରମ୍ଭ କରିଦେଲେ । ମାଲକାନଗିରି ଓ ରମ୍ପା ବିଦ୍ରୋହର ଅବସାନ ପରେ ପରେ ରମ୍ପା ବିଦ୍ରୋହର ପ୍ରଧାନ ନେତା ତାମା ଦୋରାଙ୍କର ଦକ୍ଷିଣ ହସ୍ତ ବୋଲାଉଥିବା ଚିଙ୍ଗୁଡୁ ଦୋରାଙ୍କୁ ବିଦ୍ରୋହ କରୁଥିବା ଅପରାଧରେ ଆଣ୍ଡାମାନ ଜେଲକୁ ପଠାଯାଇଥିଲା । ସେ ଆଣ୍ଡାମାନ ଜେଲରୁ ୧୮୯୧ ଖ୍ରୀଷ୍ଟାବ୍ଦରେ ଖଲାସ ହୋଇ ଆସିବା ପରେ ରମ୍ପା ଏଜେନ୍ସିକୁ ଆସି ପୁଣିଥରେ ଇଂରେଜମାନଙ୍କ ବିରୁଦ୍ଧରେ କୋୟା ବିଦ୍ରୋହୀ ଗୋଷ୍ଠୀ ଗଠନ କଲେ । ବିଦ୍ରୋହୀ ସାଉନ୍ତା ଭୂପତିଙ୍କ ମୃତ୍ୟୁ ପରେ ତାଙ୍କର ଦଳ ନିସ୍ତେଜ ହୋଇଯାଇଥିଲା । ଏହି ଦଳର ଲୋକମାନଙ୍କୁ ପୁନର୍ବାର ସଂଗଠିତ କରି ଚିଙ୍ଗୁଡୁ ଗୋଟିଏ ବିରାଟ ସେନାବାହିନୀ ଗଠନ କଲେ । ଇଂରେଜମାନଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ ପୁଲିସ ଥାନା ପ୍ରତିଷ୍ଠା ସେମାନଙ୍କ ଗତିବିଧିରେ ଅନ୍ତରାୟ ହେଲା । ସେମାନଙ୍କ ପାଖରେ ଲଢିବା ପାଇଁ ବନ୍ଧୁକ ନଥିଲା କିମ୍ବା ସେମାନଙ୍କର ଚଳିବା ପାଇଁ ସମ୍ବଳ ବି ନଥିଲା । ଇଂରେଜମାନଙ୍କ ଭୟରେ କୌଣସି ମୁଠାଦାର କିମ୍ବା ଗ୍ରାମବାସୀମାନେ ତାଙ୍କୁ ପ୍ରତ୍ୟକ୍ଷ ସାହାଯ୍ୟ ଦେବାକୁ କୁଣ୍ଠାବୋଧ କରୁଥିଲେ । କିନ୍ତୁ ଗ୍ରାମବାସୀମାନଙ୍କର ପୂର୍ଣ୍ଣ ସମର୍ଥନ ଥିବାରୁ ସେମାନେ ଲୁଚାଚୋରାରେ ଖାଦ୍ୟ ପଦାର୍ଥ ଓ ଅନ୍ୟ ଜିନିଷମାନ ସେମାନଙ୍କ ପାଖକୁ ପଠାଉଥିଲେ । କିନ୍ତୁ ଲଢିବା ପାଇଁ ହାତ ହତିଆର ସେମାନେ ପାଇପାରୁ ନଥିଲେ । ରାସ୍ତାଘାଟ ଓ ଗମନାଗମନର ଅସୁବିଧା କାରଣରୁ ବିଦ୍ରୋହୀ ନେତାମାନେ ଅନ୍ୟ ବିଦ୍ରୋହୀ ଦଳ ସହିତ ଯୋଗସୂତ୍ର ରକ୍ଷା କରିପାରୁନଥିଲେ ।

ଇଂରେଜମାନଙ୍କର ଶାସନ ବ୍ୟବସ୍ଥା ଦିନକୁ ଦିନ ଦୃଢରୁ ଦୃଢତର ହେଉଥିଲା । କେବଳ ବଡରାଜ୍ୟ ଯଥା– ଜୟପୁର, ବସ୍ତର, ପାଞ୍ଚିପେଣ୍ଟ, ବିଜୟନଗର ଓ ବୋବିଲି ରାଜ୍ୟର ପତନ ହେବାର ଦେଖି ସାଧାରଣ ଜନତା ଅସହାୟ ମନେ କରୁଥିଲେ । ଧର୍ମ ବିଶ୍ୱାସୀମାନେ ଭାବୁଥିଲେ, ଏଭଳି ଦୁଃଖ ସମୟରେ ନିଶ୍ଚୟ ଭଗବାନ ଶ୍ରୀକୃଷ୍ଣ ଅବତାର ଗ୍ରହଣ କରିବେ । ଭାରତରୁ ଦୁଃଖ ଦୂର କରିବେ । ଏଭଳି କାଳ୍ପନିକ କଥାକୁ କେତେଜଣ ଚତୁର ନେତା ଜନମୁଖରେ ପ୍ରଚାରିତ କରି ଦେଇଥିଲେ ।

ସେତେବେଳର ପାଡୁଆ ତାଲୁକା ଓ ବର୍ତ୍ତମାନର ଆରକୁ ଉପତ୍ୟକା ନିକଟରେ ଘାସବା ବୋଲି ଗ୍ରାମଟିଏ ଅଛି । ସେଠାରେ ଥିବା ମୁଠାଦାରଙ୍କ ନାମ ଖୋରା ମାଲେୟ ଓ ତାଙ୍କ ସ୍ତ୍ରୀଙ୍କ ନାମ ଖୋରା ପାର୍ବତୀ ଥିଲା । ଖୋରା ପାର୍ବତୀଙ୍କ ଗର୍ଭରୁ ଶ୍ରୀକୃଷ୍ଣ ଅବତାର ନେଇ ଜନ୍ମହେବେ ବୋଲି ସମଗ୍ର ଏଜେନ୍ସିର ମୁଠାରେ ଆଗରୁ ପ୍ରଚାରିତ ହେଇଥିଲା । ଖୋରା ଦମ୍ପତିଙ୍କର ପୁତ୍ରଜନ୍ମ ହେବା ଖବର ପାଇ ଲକ୍ଷ ଲକ୍ଷ ଲୋକ ନାନା ପ୍ରକାର ଉପଢୌକନ ସହ ତାଙ୍କୁ ପୂଜା କରିବାକୁ ଆସିଲେ । ଘାସବା ଗ୍ରାମ ଗୋଟିଏ ତୀର୍ଥ ସ୍ଥାନରେ ପରିଣତ ହେଇଗଲା । ଏହି ନୂତନ ଅବତାର ଗ୍ରହଣ କରିଥିବା ଶିଶୁକୁ ଦେଖି ସମସ୍ତେ କୃତାର୍ଥ ହେଲେ ।

ଅବତାର ନେଇଥିବା ଶିଶୁପୁତ୍ରର ପିତାମାତା– ଖୋରା ପାର୍ବତୀ ଓ ଖୋରା ମାଲେୟଙ୍କୁ ଲୋକମାନେ ଜଗତମାତା ଓ ଭଗବାନ ବୋଲି ମନେକଲେ । ନାନା ପ୍ରକାର ଉପଢୌକନ ଏବଂ ଲୋକସମର୍ଥନ ପାଇ ସେମାନେ ନିଜର ପ୍ରାଧାନ୍ୟ ବିସ୍ତାର କରିବାକୁ ଲାଗିଲେ । ସମଗ୍ର ପୂର୍ବଘାଟ ପର୍ବତମାଳାର ମୁଠାଦାର ଓ ଦୋରାମାନେ ଏମାନଙ୍କ ନିକଟରେ ନିଜର ଅଧୀନତା ସ୍ୱୀକାର କରିବାକୁ ବାଧ ହୋଇଥିଲେ । ଖୋରା ପାର୍ବତୀଙ୍କୁ ଲୋକେ

ଜଗତମାତା ଭାବେ ମାନିନେଲେ । ତାଙ୍କର ମୁହଁରୁ ଯାହା ବାହାରିଲା, ତାକୁ ଲୋକମାନେ ବେଦବାକ୍ୟ ପରି ମାନିନେଲେ ।

ଦାନ ସ୍ୱରୂପ ମିଳିଥିବା ବିପୁଳ ଧନରାଶି ଏବଂ ଲୋକସମର୍ଥନ ବଳରେ ଖୋରା ପାର୍ବତୀ ସବୁଠାରୁ ଶକ୍ତିଶାଳୀ ନାରୀ ଭାବରେ ଉଭା ହୋଇଥିଲେ । ବିଦ୍ରୋହୀମାନଙ୍କର ବାରମ୍ବାର ପ୍ରରୋଚନାରେ ଇଂରେଜ ସରକାରଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବା ପାଇଁ ପାର୍ବତୀ ସିଦ୍ଧାନ୍ତ ଗ୍ରହଣ କଲେ । ଖୋରା ପାର୍ବତୀ ନିଜର ନବଜାତ ଶିଶୁକୁ ଜନତା ସମ୍ମୁଖରେ ରଖି ପ୍ରଚାର କଲେ ଯେ– ଭଗବାନ ଶ୍ରୀକୃଷ୍ଣଙ୍କ ଅବତାର ଏହି ଶିଶୁର ଇଚ୍ଛାନୁଯାୟୀ ଇଂରେଜ ଶାସନର ମୂଳୋତ୍ପାଟନ କରିବାକୁ ହେବ । ତେଣୁ ନିଜ ଦେଶର ସ୍ୱାଧୀନତା ପାଇଁ ସମସ୍ତ ପ୍ରଜା ଗୋଟିଏ ଗୋଟିଏ ବାଉଁଶଠେଙ୍ଗା ଧରି ଭଗବାନଙ୍କ ଦର୍ଶନ କରିବା ପାଇଁ ଆସିବାକୁ ହେବ । ଭଗବାନଙ୍କ ନିର୍ଦ୍ଦେଶରେ ସେହି ଠେଙ୍ଗାଗୁଡିକ ବନ୍ଧୁକରେ ପରିଣତ ହୋଇ ଶତ୍ରୁକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବ ।

ପ୍ରକୃତରେ ଏଭଳି ପ୍ରଚାର କରି ଖୋରା ପାର୍ବତୀ ବିଦ୍ରୋହୀମାନଙ୍କ ମନୋବଳ ବୃଦ୍ଧି କରିବାକୁ ଚାହୁଁଥିଲେ । ବିରାଟ କୋୟା ବିଦ୍ରୋହୀ ବାହିନୀଙ୍କୁ ଦେଖି ଇଂରେଜ ସରକାର ଭୟକରି ଦେଶଛାଡି ଚାଲିଯିବ । ଏହି ବିଶ୍ୱାସ ତାଙ୍କର ଥିଲା ।

ଖୋରା ପାର୍ବତୀଙ୍କ କ୍ଷମତା ବୃଦ୍ଧି, ଯୁଦ୍ଧପାଇଁ ପ୍ରସ୍ତୁତି ଓ ଅବତାର ଗ୍ରହଣ କରିଥିବା ପୁତ୍ର ବିଷୟ ଇଂରେଜ ସରକାର ଜାଣି ସାରିଥିଲେ । ଲକ୍ଷ ଲକ୍ଷ ଆଦିବାସୀ ବିପ୍ଳବୀ ଘାସବା ଗ୍ରାମରେ ସମାଗମ ହେଉଥିବା କଥା ଇଂରେଜ ସରକାରଙ୍କୁ ଅଛପା ରହିଲା ନାହିଁ । କ୍ୟାପଟେନ୍ ସି.ବି.ଏମ୍. ପିଲେଙ୍କ ନେତୃତ୍ୱରେ ଦଳେ ଇଂରେଜ ସୈନ୍ୟ ଖୋରା ପାର୍ବତୀଙ୍କ ଦଳର ଗତିବିଧି ଲକ୍ଷ୍ୟ କରିବା ପାଇଁ ଆସିଲେ । ଦରକାର ପଡିଲେ ହତ୍ୟାକାଣ୍ଡ ଘଟାଇବା ପାଇଁ ମଧ୍ୟ ସ୍ୱତନ୍ତ୍ର କ୍ଷମତା ପାଇ ସେମାନେ ପାଞ୍ଚିପେଣ୍ଟଠାରେ ରହିଲେ ।

ପାଞ୍ଚିପେଣ୍ଟ ରାଜା ଆସି ଖୋରା ପାର୍ବତୀଙ୍କୁ ସହଯୋଗ ପାଇଁ ନିୟନ୍ତ୍ରଣ କଲେ । ସୁଯୋଗ ଦେଖି ଖୋରା ପାର୍ବତୀ ନିଜର ନବଜାତ ଅବତାର ପୁତ୍ରର କରାମତି ଦେଖାଇବା ପାଇଁ ନିଜ ସ୍ୱାମୀଙ୍କ ସହ ପାଞ୍ଚିପେଣ୍ଟ ଗଲେ । ଇଂରେଜ ସୈନ୍ୟମାନଙ୍କ ସହ ଯୁଦ୍ଧ କରିବା ପାଇଁ ସମସ୍ତ ଅନୁଗାମୀମାନଙ୍କୁ ସେଠାରେ ନିର୍ଦ୍ଦେଶ ଦେଲେ ।

ପାଞ୍ଚିପେଣ୍ଟ ଘାସବା ଗ୍ରାମଠାରୁ ୧୫ ମାଇଲ ଦୂରରେ ଅବସ୍ଥିତ । ଖୋରା ପାର୍ବତୀଙ୍କ ନିର୍ଦ୍ଦେଶରେ ତାଙ୍କର ଅନୁଗାମୀ ପୁରୁଷ ନାରୀମାନେ ପ୍ରତ୍ୟେକ ଗ୍ରାମକୁ ଯାଇ ନୂତନ ଅବତାରଙ୍କ ଇଚ୍ଛା ପ୍ରଚାର କଲେ । ଇଂରେଜମାନଙ୍କ ସହ ଯୁଦ୍ଧ କରିବା ପାଇଁ ସମସ୍ତେ ଖଣ୍ଡିଏ ଲେଖାଏଁ ବାଉଁଶ ଠେଙ୍ଗା ଧରି ଆସିବା ପାଇଁ ଅନୁରୋଧ କଲେ ।

ସେହି ନବଜାତ ଅବତାର ଶିଶୁକୁ ଭରସା କରି ଦଳବଳ ଠେଙ୍ଗା ଧରି ଆସି ଘାସବା ଗ୍ରାମରେ ପହଞ୍ଚିବାକୁ ଲାଗିଲେ । ଆଗରୁ ବିଦ୍ରୋହୀମାନେ ଆସିଥାଆନ୍ତି । ପ୍ରାୟ ଦୁଇଲକ୍ଷ ଲୋକଙ୍କ ସମାଗମ ହେଲା । ସମସ୍ତଙ୍କର ଉତ୍କଣ୍ଠା ଥିଲା, ବାଉଁଶ ଠେଙ୍ଗା କିପରି ଯୁଦ୍ଧବେଳେ ବନ୍ଧୁକ ହୋଇଯିବ ? ତାକୁ ଦେଖିବାକୁ ସମସ୍ତେ ଅପେକ୍ଷା କରିଥିଲେ ।

ଖୋରା ପାର୍ବତୀ, ଖୋରା ମାଲାୟା ଓ ଅନ୍ୟ ବିଦ୍ରୋହୀମାନଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ ଥିଲା ଯେ, ଏତେବଡ ବିରାଟ ଜନତା ସମାବେଶକୁ ଦେଖି ଇଂରେଜ ସରକାର ଦେଶଛାଡି ଚାଲିଯିବେ ।

ଖୋରା ପାର୍ବତୀ ତାଙ୍କର କୋଳରେ ଥିବା ନବଜାତ ଶିଶୁକୁ ସାଥୀରେ ଧରି, ଖୋରା ମାଲାୟା ଓ ଅନ୍ୟ ବିଦ୍ରୋହୀ ନେତାମାନଙ୍କ ସହିତ ଘାସବା ଗ୍ରାମରୁ ପାଞ୍ଚିପେଣ୍ଟକୁ ଅଗ୍ରସର ହେଲେ । ପାଞ୍ଚିପେଣ୍ଟ ଗ୍ରାମ ଉପକଣ୍ଠରେ ପହଞ୍ଚିବା ପରେ ବିଦ୍ରୋହୀମାନେ ଦୁଇଜଣ ପୁଲିସ ସିପାହୀଙ୍କୁ ଦେଖିଲେ । ସେମାନେ ସିପାହୀ ଦୁଇଜଣଙ୍କୁ ଅତି ସହଜରେ ନିହତ କରିଦେଲେ । ଫଳରେ ଜନତାଙ୍କ ବିଶ୍ୱାସ ଖୋରା ପାର୍ବତୀଙ୍କ ଉପରେ ଦୃଢୀଭୂତ ହେଲା । ସେମାନେ ଦ୍ୱିଗୁଣ ଉତ୍ସାହରେ ଇଂରେଜମାନଙ୍କ ଡେରା ଅଭିମୁଖେ ଚାଲିଲେ ।

ତାଙ୍କ ଉପରେ ତୀକ୍ଷ୍ଣଦୃଷ୍ଟି ରଖୁଥିବା ଇଂରେଜ ନେତା ସି.ବି.ଏମ୍. ପିଲେ ଓ ତାଙ୍କ ସୈନ୍ୟବଳ ଏତେବଡ ଜନତାକୁ ଦେଖି କିଂକର୍ତ୍ତବ୍ୟବିମୂଢ ହୋଇପଡିଲେ । କିନ୍ତୁ କାଳବିଳମ୍ବ ନକରି ସେମାନଙ୍କ ସହ ମୁକାବିଲା କରିବା ପାଇଁ ପ୍ରସ୍ତୁତ ହୋଇପଡିଲେ । ପିଲେଙ୍କର ବନ୍ଧୁ କରୁଗୁଳି ବାହାରି ଖୋରା ମାଲାୟା ଦେହରେ ଗଳିଗଲା । ତା'ପରେ ଇଂରେଜ ସୈନ୍ୟମାନଙ୍କର ବନ୍ଧୁକରୁ ଗୁଳି ଫୁଟିଲା । ବିଦ୍ରୋହୀଙ୍କ ଭିତରୁ କେତେଜଣ ସେଠାରେ ଟଳିପଡିଲେ । କିନ୍ତୁ ଏ କଅଣ ? ଜନତାଙ୍କର ଠେଙ୍ଗା ତ ବନ୍ଧୁକ ପାଲଟିଲା ନାହିଁ ।

ଇଂରେଜ ବନ୍ଧୁକର ମୁକାବିଲା କରି ନପାରି ବିଦ୍ରୋହୀ ଜନତା ଭୟଭୀତ ହୋଇ ଛତ୍ରଭଙ୍ଗ ଦେଲେ । ଖୋରା ପାର୍ବତୀ ଓ ଅନ୍ୟାନ୍ୟ ବିଦ୍ରୋହୀଗଣ ମଧ୍ୟ ନବଜାତ ଅବତାର ପୁତ୍ରକୁ ଧରି ଅନନ୍ତଗିରିର ଘନ ଜଙ୍ଗଲ ମଧ୍ୟକୁ ଯାଇ ଆତ୍ମଗୋପନ କଲେ ।

ଖୋରା ପାର୍ବତୀଙ୍କ ବିଦ୍ରୋହୀଦଳ ଏଥିରେ ଭୟଭୀତ ଓ ଦୁର୍ବଳ ହୋଇଗଲା । ଏହି ବିପର୍ଯ୍ୟୟ ପରେ ସଂଗଠନକୁ ସୁଦୃଢ଼ କରିବା ପାଇଁ ଦୀର୍ଘ ପାଞ୍ଚବର୍ଷ କାଳ ସେମାନଙ୍କୁ ଅପେକ୍ଷା କରିବାକୁ ପଡ଼ିଥିଲା । ଇଂରେଜମାନଙ୍କୁ ହଟାଇବା ପାଇଁ ସମ୍ମୁଖ ଯୁଦ୍ଧ ତ୍ୟାଗକରି ସେମାନେ ଗରିଲା ଯୁଦ୍ଧର ଆଶ୍ରୟ ନେଲେ । ପୂର୍ବଘାଟର ଘନ ବାନାନୀ ତାଙ୍କୁ ଏଥିରେ ବହୁତ ସାହାଯ୍ୟ କରିଥିଲା ।

ଖୋରା ପାର୍ବତୀ ଓ ତାଙ୍କ ପୁଅ ପାଞ୍ଚୁପେଣ୍ଡ ଯୁଦ୍ଧରେ ନିହତ ହୋଇଛନ୍ତି ବୋଲି ମିଥ୍ୟା ପ୍ରଚାର କରି ବିଦ୍ରୋହୀମାନଙ୍କୁ ଦୁର୍ବଳ କରି ଦିଆଯାଇଥିଲା । କିନ୍ତୁ ଏହି ସମୟ ଭିତରେ ଖୋରା ପାର୍ବତୀ ଦଳର ପୁନର୍ଗଠନ କରିବାରେ ଲାଗିଥିଲେ ।

୧୯୦୫ ମସିହା ଗରିଲା ଯୁଦ୍ଧରେ ଅଗ୍ରଣୀ ଥିବା ଲେଗ୍ରାଇର ମୁଠାଦାର ବାଳଦୋରା ଗିରଫ ହେଲେ । ଏହା ପୁଣିଥରେ ଦଳପ୍ରତି ଦାରୁଣ ଆଘାତ ଆଣିଲା ।

୧୯୧୪ ମସିହାରେ ବାଳଦୋରା ଜେଲରୁ ଖଲାସ ହେଲେ । ସେ ଖଲାସ ହେବା ପରେ ଏହି ବିଦ୍ରୋହୀମାନେ ଦଳଦଳ ହୋଇ ଇଂରେଜ ସମର୍ଥକମାନଙ୍କୁ ହତ୍ୟା ଓ ଲୁଣ୍ଠନ କରିବା ଆରମ୍ଭ କରିଦେଲେ । ସମ୍ମୁଖ ଯୁଦ୍ଧ ତ୍ୟାଗକରି ସମସ୍ତେ ଗରିଲା ଯୁଦ୍ଧର ଆଶ୍ରୟ ନେଇଥିବାରୁ ସେମାନଙ୍କୁ ଧରିବା ସରକାରଙ୍କ ପକ୍ଷରେ କଷ୍ଟକର ହୋଇପଡ଼ିଲା । ୧୯୧୫ ମସିହାରେ ବର୍ତ୍ତମାନର ଚିତ୍ରକୋଣ୍ଡା ନିକଟସ୍ଥ ଆଡାଟିଖାଇ ଥାନାଦାର ଦୁଇଜଣ ଗରିଲା ବିଦ୍ରୋହୀଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲେ । ସେମାନଙ୍କୁ ଗିରଫ ଅବସ୍ଥାରେ ଥାନାକୁ ଆଣିବା ସମୟରେ ବାଟରେ ଖୋରା ପାର୍ବତୀଙ୍କ ଦଳସହ ତାଙ୍କର ଲଢ଼େଇ ହେଲା । ଥାନାଦାରଙ୍କଠାରୁ ଗିରଫ ହୋଇଥିବା ଗରିଲାମାନଙ୍କୁ ସେମାନେ ଛଡ଼ାଇ ଆଣିବା ସଙ୍ଗେ ସଙ୍ଗେ ପୁଲିସ ପାଖରେ ଥିବା ବନ୍ଧୁକ ଓ ଗୁଳିଗୋଳାକୁ ଛଡ଼ାଇ ନେଲେ । ପୁଲିସର ଏହି ବିପର୍ଯ୍ୟୟ ପୁଣିଥରେ ଗରିଲାମାନଙ୍କୁ ମୁଠାଦାରମାନଙ୍କ ଆଗରେ ବଡ଼କରି ଥୋଇଲା । ଦ୍ୱିଗୁଣ ଉତ୍ସାହରେ ଗରିଲାମାନେ ଥାନା ପରେ ଥାନା ଆକ୍ରମଣ କରି ପୁଲିସମାନଙ୍କୁ ହତ୍ୟା କଲେ । ଥାନାରେ ଥିବା ଗୁଳି ଓ ବନ୍ଧୁକକୁ ନେଇଗଲେ । ପୁଲିସର ବନ୍ଧୁକ ସାହାଯ୍ୟରେ ଗରିଲାମାନେ ଜଣେ ଡି.ଏସ୍.ପି.ଙ୍କ ସମେତ ବହୁତଗୁଡ଼ିଏ ପୁଲିସ ଅଫିସରଙ୍କୁ ହତ୍ୟା କରିବାରେ ସମର୍ଥ ହୋଇଥିଲେ ।

୧୯୧୫ ମସିହାର ଶେଷବେଳକୁ ଜଣେ ମୁଖ୍ୟ କନେଷ୍ଟବଳ ଓ ଛଅଜଣ ସିପାହୀ ଗରିଲାମାନଙ୍କ ହାତରେ ଧରାପଡ଼ିଲେ । ସେମାନଙ୍କୁ ବନ୍ଦୀ ଅବସ୍ଥାରେ ଗରିଲାବାହିନୀର ନେତା ଖୋରା ପାର୍ବତୀ, ବାଳଦୋରା ଓ ଚିଙ୍ଗୁଡୁଙ୍କ ସାମ୍ନାକୁ ଅଣାଯାଇଥିଲା । ଏହି ସିପାହୀମାନଙ୍କୁ ପ୍ରାୟ ୧୫ଦିନ ବନ୍ଦୀ ଅବସ୍ଥାରେ ରଖାଗଲା । ତା'ପରେ ଖୋରା ପାର୍ବତୀ ନିଜର ସ୍ୱାମୀଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ସେହି ଛଅଜଣ ସିପାହୀଙ୍କୁ ନିଜର ଖଣ୍ଡାଦ୍ୱାରା ବିଦ୍ରୋହୀ ଗରିଲାଙ୍କ ସାମ୍ନାରେ ହତ୍ୟା କଲେ ।

ଏହି ଘଟଣା ପରେ ଇଂରେଜ କ୍ୟାପ୍‌ଟେନ ମିଲ୍‌ଟନଙ୍କ ନେତୃତ୍ୱରେ ୫୦ଜଣ ସଶସ୍ତ୍ର ଇଂରେଜ ବାହିନୀ ଗରିଲାମାନଙ୍କୁ ଦମନ କରିବା ପାଇଁ ଚିତ୍ରକୋଣ୍ଡା ଜଙ୍ଗଲରେ ପହଞ୍ଚିଲେ । କିନ୍ତୁ ସେମାନଙ୍କୁ ଚାରିଦିଗରୁ ଗରିଲାମାନେ ଘେରାଉ କରିଦେବାରୁ ପ୍ରାୟ ଦୁଇଦିନ ପର୍ଯ୍ୟନ୍ତ ସେମାନେ ଜଙ୍ଗଲରେ ହିଁ ରହିବାକୁ ବାଧ୍ୟ ହେଲେ । ଶେଷରେ ଜୟପୁରରୁ ପାଇକ ସେନାବାହିନୀ ଓ ଶିବାଜୀସେନା ବାହିନୀକୁ ପଠାଗଲା । ଚିତ୍ରକୋଣ୍ଡା ନିକଟସ୍ଥ ସିଲେରୁ ନଦୀ କୂଳରେ ଭୟଙ୍କର ଲଢ଼େଇ ହେଲା । ଉଭୟ ପକ୍ଷରୁ ବହୁତ ସୈନ୍ୟ ନିହତ ହେଲେ । ଖୋରା ପାର୍ବତୀ, ତାଙ୍କର ଶ୍ରୀକୃଷ୍ଣ ଅବତାର ଧରିଥିବା ପୁତ୍ର ସହିତ ସଂଗ୍ରାମୀ ଚିଙ୍ଗୁଡୁ ଓ ଅନ୍ୟ ଗରିଲା ଯୋଦ୍ଧାମାନେ ମଧ୍ୟ ନିହତ ହେଲେ । କେତେକ ଗିରଫ ହୋଇ ଫାଶୀ ପାଇଲେ । ଏମାନେ ନିଜ ସ୍ୱାର୍ଥ ପାଇଁ ସଂଗ୍ରାମ ନକରି ନିଜ ଜାତିର ସ୍ୱାଭିମାନ ପାଇଁ ଲଢୁଥିଲେ । ତେଣୁ ସେହି ସହିଦ୍‌ମାନଙ୍କୁ ଆମେ ଭୁଲିଯିବା ଉଚିତ ନୁହେଁ ।

ଯେତେଦିନ ପର୍ଯ୍ୟନ୍ତ ଘାସବା ଗ୍ରାମଥିବ, ସେତେଦିନ ପର୍ଯ୍ୟନ୍ତ ଏହି ସ୍ୱାଧୀନତା ସଂଗ୍ରାମୀ, ଗରିଲାବାହିନୀ ନେତ୍ରୀ ସହିଦ୍ ଖୋରା ପାର୍ବତୀଙ୍କୁ ଲୋକମାନେ ମନେ ପକାଉଥିବେ ।

ଆକାଶବାଣୀ
ଜୟପୁର–୭୬୪୦୦୫

❖ ❖ ❖

# ଓଡ଼ିଆ ଓଷା ବ୍ରତ ଓ ପର୍ବପର୍ବାଣିରେ ଲୋକସଂସ୍କୃତିର ଚିତ୍ର

ଅଧ୍ୟାପକ ସତ୍ୟଜିତ ଦାସ

ସଂସ୍କୃତି ଶବ୍ଦର ପରିଭାଷା ଅତି ବ୍ୟାପକ, ଅଭିଧାନିକ ଅର୍ଥରେ ଜ୍ଞାନଗତ ଉତ୍କର୍ଷକୁ ବୁଝାଇଥାଏ । ଏହା ସମାଜକୁ ମାର୍ଜିତ ଓ ନୀତିଯୁକ୍ତ କରିଥାଏ । ଯଥାର୍ଥରେ ସାମାଜିକ ମଣିଷର ନୃତ୍ୟ, ଗୀତ, ଶିଳ୍ପ, ସ୍ଥାପତ୍ୟ ହିଁ ସଂସ୍କୃତି । ବିନ୍ ଆମୋସ୍‌ଙ୍କ ମତରେ ଲୋକସଂସ୍କୃତି ଆଦିମ କାଳର ମାନବ ମାନସିକତାର ଅଭିବ୍ୟକ୍ତି । ଏହା ଯୁଗ ଯୁଗ ଧରି ମାନବ ଚିନ୍ତା ଓ କଳ୍ପନାର ପ୍ରତୀକକୁ କଳା ଓ ଶିଳ୍ପ ମାଧ୍ୟମରେ ପ୍ରକାଶ କରେ । ସାମୂହିକ ଆମୋଦ ପ୍ରମୋଦ ତଥା କଳାର ପୁନରୁତ୍ପାଦନ ପ୍ରକ୍ରିୟା ମଧ୍ୟରେ ଏହା ଗତିଶୀଳ । ଯଥାର୍ଥରେ ଏହା ଜନଗୋଷ୍ଠୀର ସଂଗୃହୀତ ଜ୍ଞାନ ସମ୍ପଦ । ଏଥିରେ କୌଣସି କୃତ୍ରିମତା ନଥାଏ । ତେବେ ଓଡ଼ିଶାର କଳା, ସ୍ଥାପତ୍ୟ, ଚାଲିଚଳନ, ସାମାଜିକ ଜୀବନଚର୍ଯ୍ୟା ଓଷାବ୍ରତ ଆଦିରେ ସଂସ୍କୃତିର ମହନୀୟତା ପ୍ରକଟିତ ।

ଓଡ଼ିଶାର ପ୍ରାଚୀନ ଅଧିବାସୀ ଅଷ୍ଟିକ ବା ଆଦିବାସୀ । ପ୍ରକୃତି ପ୍ରତି ଦାୟବଦ୍ଧତା ତାଙ୍କର ଜୀବନଚର୍ଯ୍ୟା ଏବଂ ଧର୍ମୀୟ ଭାବଧାରାରେ ସଂପୃକ୍ତ । ଏହି ଆଦିମ ଅଧିବାସୀଙ୍କର ଉପାସ୍ୟ ଦେବାଦେବୀ ପଥର କିମ୍ବା କାଷ୍ଠରେ ନିର୍ମିତ । ପ୍ରଚଳିତ ଧର୍ମରେ ସାଯୁଜ୍ୟ ପ୍ରାପ୍ତି କାମ୍ୟ ହୋଇଥିବା ବେଳେ ଏଥିରେ ବିପଦରେ ସାହା ହେବା, ରୋଗ କଷ୍ଟରୁ ଦୂରେଇ ରଖିବା, ପଶୁପକ୍ଷୀ ଓ କୃଷିକୁ ଦୁଷ୍ଟ ଆତ୍ମାଠାରୁ ରକ୍ଷା କରିବା, ଗାଁ'କୁ ରୋଗବ୍ୟାଧିଠାରୁ ମୁକ୍ତ ରଖିବା । ତେଣୁ ଗାଁ'ମୁଣ୍ଡରେ ଗ୍ରାମ ଦେବତୀଙ୍କର ଆସ୍ଥାନ । ଏହି ଧର୍ମ ବିଶ୍ୱାସ ଲୋକଙ୍କର ଆଚରଣକୁ ନିୟନ୍ତ୍ରଣ କରିଥାଏ । ଧର୍ମାଚାର ସବୁବେଳେ ଯୁକ୍ତିସିଦ୍ଧ ଦାର୍ଶନିକ ସିଦ୍ଧାନ୍ତ ଉପରେ ପ୍ରତିଷ୍ଠିତ । ଫଳରେ ଏହି ଧର୍ମୀୟ ଚେତନା ଆବହମାନ କାଳରୁ ପିଢ଼ି ପରେ ପିଢ଼ି ଅନୁସୃତ ଆଚାର ବିଚାର ଦ୍ୱାରା ପ୍ରଭାବିତ ହୋଇ ଆସୁଅଛି । ବେଦ, ବେଦାନ୍ତ, ପୁରାଣ ଓ ଶାସ୍ତ୍ରାଦିରେ 'ଆଚାର' ଉପରେ ଗୁରୁତ୍ୱାରୋପ କରାଯାଇଅଛି । ଆଚାର ସହିତ ଧର୍ମର ଓତଃପ୍ରୋତ ଭାବେ ଜଡ଼ିତ । ଧର୍ମ ସହିତ ବିଭିନ୍ନ ସାମାଜିକ, ସାଂସ୍କୃତିକ ପରମ୍ପରାରେ ଜଡ଼ିତ ହୋଇ ଏହାର ପ୍ରତିଫଳନ ଗଣଜୀବନରେ ଦେଖିବାକୁ ମିଳିଥାଏ । ମାନବ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ କର୍ମରେ ନାନା ପ୍ରକାର ରୀତିନୀତି, ପର୍ବପର୍ବାଣି ଓ ଓଷାବ୍ରତ ପ୍ରଭୃତି ପାଳିତ ହୋଇଥାଏ । ଏଥିରେ ଧର୍ମୀୟ ଉତ୍ସବ ସହିତ ସାମାଜିକ ଆଚାରରେ ବହୁ ଉଦାହରଣ ପରିଲକ୍ଷିତ ହୁଏ । ବେଶଭୂଷଣ, ପରିଧାନ, ଅତିଥି ସତ୍କାର ସବୁଥିରେ ଏହାର ନିଚ୍ଛକ ପ୍ରତିଛବି ଦେଖିବାକୁ ମିଳିଥାଏ ।

ଲୋକ ପ୍ରଚଳିତ ଉକ୍ତିରେ ଆଚାରେ ଲକ୍ଷ୍ମୀ, ବିଚାରେ ପଣ୍ଡିତ । ଯଦି ମଣିଷର ଆଚାର ଠିକ୍ ରହେ, ଧନବିଦ୍ୟା ବୃଦ୍ଧିର ବିକାଶ ହୋଇଥାଏ । ମଣିଷ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ସାମାଜିକ କର୍ମମାନ ପ୍ରଚଳିତ । ଏହା ମଧ୍ୟରେ ଆମ ସାଂସ୍କୃତିକ ମୂଲ୍ୟବୋଧ ପ୍ରକଟିତ । ଅତଏବ, ଜୀବନଚର୍ଯ୍ୟାକୁ ଶୃଙ୍ଖଳିତ ଓ ସୁସଂଯତ କରିବା ଧାର୍ମିକ ଅନୁଚିନ୍ତାର ମୂଳମନ୍ତ୍ର ।

ଓଡ଼ିଆଙ୍କ ଜନ୍ମ-ଜୀବନ ସହିତ ଯାନି-ଯାତ୍ରା, ବ୍ରତ, ପର୍ବ ଆଦି ଓତଃପ୍ରୋତ ଭାବେ ଜଡ଼ିତ । ଆଲୋଚକ ଚିତ୍ତରଞ୍ଜନ ଦାସଙ୍କ ମତରେ - ବ୍ରତ କଥା ସଂପୂର୍ଣ୍ଣତଃ ଆଦିବାସୀ ସଂସ୍କୃତିର କଥା, ପ୍ରଧାନତଃ ଭୟ ଦ୍ୱାରା ପ୍ରେରିତ ଏକ ଦିବ୍ୟାତ୍ମ୍ ବିରୋଧୀ ସଂସ୍କୃତିର କଥା । ବର୍ତ୍ତମାନ ଆମ ସମାଜରେ ଯେତେଗୁଡ଼ିଏ ବ୍ରତ ନାନା ସ୍ଥାନରେ ଚଳୁଛି, ସେଗୁଡ଼ିକ ଯେ ସେଇ ଆରମ୍ଭ କାଳରୁ ଚଳିଆସୁଛି, ସେକଥା ମୋଟେ ନୁହେଁ । ଆର୍ଯ୍ୟମାନେ ଭାରତବର୍ଷକୁ ଆସି ଆର୍ଯ୍ୟେତରମାନଙ୍କର ଅନେକ ସାଂସ୍କୃତିକ ରୀତି ଓ ଚଳଣିକୁ ଗ୍ରହଣ କରିନେଇଛନ୍ତି । ଆଗରୁ କୁହାଯାଇଛି, ଅଷ୍ଟିକ୍ ଅମଳର ଅନେକ ଦେବଦେବୀ ଆର୍ଯ୍ୟମାନଙ୍କର ଆବଶ୍ୟକତା ଦ୍ୱାରା ମନ୍ତୁରା ହୋଇ

ଦୁର୍ଗା, କାଳୀ, ଶିବ ପ୍ରଭୃତି ନୂଆ ଅଭିଧା ଗ୍ରହଣ କରିଛନ୍ତି । ସେହି ପରମ୍ପରାକୁ ଅନୁସରଣ କରି ଶୁଦ୍ଧ ଆର୍ଯ୍ୟଦେବତାମାନଙ୍କୁ କେନ୍ଦ୍ର କରି ଓଷା ଓ ବ୍ରତର ପରବର୍ତ୍ତୀ କାଳରେ ଉଦ୍ଭବ ହୋଇଛି । ଓଡ଼ିଆ ଘରେ ବାର ମାସରେ ତେର ଯାତରା ପାଳନ କରାଯାଇଥାଏ । ଏ ସମସ୍ତ ପର୍ବପର୍ବାଣି ସହିତ କୌଣସି ନା କୌଣସି ଦେବଦେବୀ ସଂପୃକ୍ତ । ଏହି ଓଷା-ବ୍ରତାଦି ଦ୍ୱାରା ହିଁ ଲୋକକୁ ପାପରୁ ତ୍ରାଣ ପାଇବା ସହିତ ଅଭୀଷ୍ଟ ସାଧନ ହୋଇଥାଏ ବୋଲି ବିଶ୍ୱାସ ରହିଛି । ସେହି ବ୍ରତ ଓ ଓଷାଗୁଡ଼ିକ ଧର୍ମ ବିଶ୍ୱାସ ଅନୁସାରେ ସାତ ଭାଗରେ ବିଭକ୍ତ କରାଯାଇପାରେ, ଯଥା - ବୈଷ୍ଣବ, ଶୈବ, ଶାକ୍ତ, ସୌର, ଗାଣପତ୍ୟ, ନାଗ ଏବଂ ଯୋଗଜ ।

ଓଡ଼ିଶାରେ ବିଷ୍ଣୁକେନ୍ଦ୍ରିକ ଧର୍ମର ପ୍ରଚଳନ ଅତି ପ୍ରାଚୀନ କାଳରୁ ରହିଅଛି । ବିଷ୍ଣୁଙ୍କର ଅବତାର ଭାବରେ ରାମ, କୃଷ୍ଣ, ହରି, ନୃସିଂହ, ବାମନ, ବାସୁଦେବ, ମାଧବ, ଦାମୋଦର ଏବଂ ଜଗନ୍ନାଥ ଭାବରେ ପୂଜିତ । ଏହି ଧର୍ମଧାରାର ଓଷାବ୍ରତ ମଧ୍ୟରେ ଅକ୍ଷୟ ତୃତୀୟା, ଅଖଣ୍ଡଦ୍ୱାଦଶୀ, ଅନନ୍ତ ବ୍ରତ, ଅୟନବ୍ରତ, ଅରଣ୍ୟ ଦ୍ୱାଦଶୀ, ଆଲୋକାମାବାସ୍ୟା, ଉତ୍‌ଥାପନ ଏକାଦଶୀ, ଆମଳକୀ ଦ୍ୱାଦଶୀ, କାମଦେବ ତ୍ରୟୋଦଶୀ, କାର୍ତ୍ତିକ ପୂର୍ଣ୍ଣିମା, କୃଷ୍ଣ ଜନ୍ମାଷ୍ଟମୀ, କୌମୁଦୀ ମହୋତ୍ସବ, ଗୁଣ୍ଡିଚା ଯାତ୍ରା, ଗୋବର୍ଦ୍ଧନ ପୂଜା, ଗୋବିନ୍ଦ ଶୟନ, ଗୋଷ୍ଠାଷ୍ଟମୀ, ଚମ୍ପକ ଦ୍ୱାଦଶୀ, ଦମନକୋତ୍ସବ, ଦାଣ୍ଡପହଁରା, ବାଟଓଷା, ସ୍ନାନପୂର୍ଣ୍ଣିମା, ଦୋଳଯାତ୍ରା, ନରକ ଚତୁର୍ଦ୍ଦଶୀ, ନିର୍ଜଳୈକାଦଶୀ, ନୃସିଂହ ଚତୁର୍ଦ୍ଦଶୀ, ନେତ୍ରୋତ୍ସବ, ପରଶୁରାମାଷ୍ଟମୀ, ପଞ୍ଚକ ପାପନାଶିନୀ ଏକାଦଶୀ ଓ ଦ୍ୱାଦଶୀ, ପାର୍ଶ୍ୱ ପରିବର୍ତ୍ତନ, ପିପୀତକୀ ଦ୍ୱାଦଶୀ, ପୁଷ୍ୟାଭିଷେକ, ପ୍ରାବରଣ ଷଷ୍ଠୀ, ବକୁଳାମାବାସ୍ୟା, ବହ୍ନ୍ୟୁତ୍ସବ, ବରାହ ଦ୍ୱାଦଶୀ, ଭୀମ ଦ୍ୱାଦଶୀ, ଭୀଷ୍ମ ପଞ୍ଚକ, ଭୀଷ୍ମାଷ୍ଟମୀ, ଯମ ଦ୍ୱିତୀୟା, ରାହିକନିଆ, ରାଇଦାମୋଦର, ରାମନବମୀ, ସିଦ୍ଧ ମାର୍କଣ୍ଡେୟ ପୂଜା ପ୍ରଭୃତିର ନାମ ଉଲ୍ଲେଖଯୋଗ୍ୟ ।

ଶୈବଧର୍ମ କେନ୍ଦ୍ରିକ ପର୍ବପର୍ବାଣିଗୁଡ଼ିକ ମଧ୍ୟରେ ଅଘୋର ଚତୁର୍ଦ୍ଦଶୀ, ଅଶୋକାଷ୍ଟମୀ, ଉମା ମହେଶ୍ୱର ବ୍ରତ, କାର୍ତ୍ତିକେୟ ବ୍ରତ, କୁକ୍କୁଟୀ ବ୍ରତ, ଦୁର୍ବାଷ୍ଟମୀ, ବେଣାକିଆ ଚଉଠୀ, ରକ୍ଷା ପଞ୍ଚମୀ, ଶିବ ଚତୁର୍ଦ୍ଦଶୀ, ଶିବ ଚତୁର୍ଥୀ, ସ୍କନ୍ଦ ଷଷ୍ଠୀ, ସୋମନାଥ ବ୍ରତ, ସୋମବାର ବ୍ରତ ପ୍ରଭୃତି ଅନ୍ତର୍ଗତ ।

ଓଡ଼ିଶାରେ ଶକ୍ତି ଉପାସନା ପରମ୍ପରା ଅତି ପ୍ରାଚୀନ । ଦୁର୍ଗା, ଚଣ୍ଡୀ, ଲକ୍ଷ୍ମୀ, ପାର୍ବତୀ, ମାହେଶ୍ୱରୀ, ଶ୍ରୀରାଧା, ସାବିତ୍ରୀ, ସରସ୍ୱତୀ, ତାରାତାରିଣୀ, ସାରଳା, ନାରାୟଣୀ, ଚର୍ଚ୍ଚିକା, ସମଲେଶ୍ୱରୀ, କାଳୀ, ଗୌରୀ, ଉତ୍ତରାୟଣୀ, ଚାମୁଣ୍ଡା, ମଙ୍ଗଳା, ବିରଜା, ଧୂମାବତୀ, ମହାକାଳୀ, ଭଗବତୀ, ଉଗ୍ରତାରା, ପାଟଣେଶ୍ୱରୀ, ବାହାରୀ, କାଳିଜାଈ ଆଦି ନାମରେ ପୂଜିତା ହୋଇଛନ୍ତି । ଏମାନଙ୍କୁ କେନ୍ଦ୍ର କରି ଅନେକ ଓଷା-ବ୍ରତ-ପର୍ବପର୍ବାଣି ପାଳନ କରାଯାଏ । ଏମାନଙ୍କ ମଧ୍ୟରେ ଅପରାଜିତା ସପ୍ତମୀ ଓ ଦଶମୀ, ଅରଣ୍ୟ ଷଷ୍ଠୀ, କାଳିକା ବ୍ରତ, କାଞ୍ଜିଅଁଳା ଓଷା, କେଦାର ବ୍ରତ, ବଜ୍ର ମହାକାଳୀ ବ୍ରତ, ଗୌରୀ ତୃତୀୟା, ହରିତାଳିକା ବ୍ରତ, ବାଲିତୃତୀୟା, ଗୌରୀ ଚତୁର୍ଥୀ, ଚତୁର୍ମାସ୍ୟା ଗୁରୁବାର ଓଷା, ଦୀପାବଳୀ, ଧାନମାଣିକିଆ ଓଷା, ନିତ୍ୟାନି ଗୁରୁବାର ଓଷା, ନିଶା ମଙ୍ଗଳବାର ଓଷା, ଫୁଲେରି ଓଷା, ଦୁର୍ଗା ନବମୀ, ଦୁର୍ଗା ଶୟନ, ଦୁର୍ଗାଷ୍ଟମୀ, ବରଦା ଚତୁର୍ଥୀ, ଭଦ୍ରାଷ୍ଟମୀ, ଭୋଦେଇ ଓଷା, ଭୈମୀ ଏକାଦଶୀ ଭୌମବ୍ରତ, ମଙ୍ଗଳଚଣ୍ଡୀ ବ୍ରତ, ମଙ୍ଗଳ ସଂକ୍ରାନ୍ତି, ମହାଲକ୍ଷ୍ମୀ ପୂଜା, ରମ୍ଭା ତୃତୀୟା, ରାଧାଷ୍ଟମୀ, ରୁକ୍ମିଣୀ ବ୍ରତ, ରୋହିଣ୍ୟଷ୍ଟମୀ, ଲଳିତା ସପ୍ତମୀ, ବସନ୍ତ ପଞ୍ଚମୀ, ବୁଧବାର ଓଷା, ଶୀତଳ ଷଷ୍ଠୀ, ଶୀତଳା ସପ୍ତମୀ, ଷଷ୍ଠୀଦେବୀ ଷଷ୍ଠୀ, ସପ୍ତପୂରିକାମାବାସ୍ୟା, ସାବିତ୍ରୀ ବ୍ରତ, ସୀତାନବମୀ, ସୁଖରାତ୍ରି ଅମାବାସ୍ୟା, ହରିମଙ୍ଗଳ ବ୍ରତ ପ୍ରଭୃତିର ନାମ ଉଲ୍ଲେଖଯୋଗ୍ୟ ।

ସୌର ଓଷା-ବ୍ରତ ମଧ୍ୟରେ ଦୂତିବାହନ ଓଷା, ପୁଷ ରବିବାର ଓଷା, ପ୍ରଥମାଷ୍ଟମୀ, ମାଘସପ୍ତମୀ, ମୂଳାଷ୍ଟମୀ, ରବିନାରାୟଣ ବ୍ରତ, ଜାଡ଼ିଖନି ଓଷା, ଶାମ୍ବଦଶମୀ ପ୍ରଭୃତି ଅନ୍ତର୍ଗତ ।

ଗାଣପତ୍ୟ ଶାଖାର ଓଷା-ବ୍ରତ ମଧ୍ୟରେ ଗଣେଶ ଚତୁର୍ଥୀ, ସିଦ୍ଧ ବିନାୟକ ବ୍ରତ, ଗୌରୀ-ଗଣେଶ ଚତୁର୍ଥୀ ପ୍ରଭୃତି ପାଳିତ ହୁଏ ।

ନାଗ ସମ୍ପ୍ରଦାୟର ଅନନ୍ତ ତୃତୀୟା, ଅନନ୍ତ ଚତୁର୍ଦ୍ଦଶୀ, ନାଗ ଚତୁର୍ଥୀ, ନାଗ ପଞ୍ଚମୀ, ଫଣୀ ପଞ୍ଚମୀ, ମନସାବ୍ରତ ପ୍ରଭୃତି ଅନୁଷ୍ଠିତ ହୁଏ ।

ଯୋଗଜ ଓଷା-ବ୍ରତ ମଧ୍ୟରେ କାର୍ତ୍ତିକ-ମାଘ-ବୈଶାଖ ବ୍ରତ, ସଂକ୍ରାନ୍ତି ବ୍ରତ, ପୂର୍ଣ୍ଣିମା ବ୍ରତ, ଅମାବାସ୍ୟା ବ୍ରତ, ଗୋବିନ୍ଦ ଦ୍ୱାଦଶୀ, ପାଞ୍ଚମାସୀ ବ୍ରତ, ମୁଗପାଟ ସଂକ୍ରାନ୍ତି, ଗୁରୁପଞ୍ଚମୀ, ସୋମବାର ବ୍ରତ, ଚତୁର୍ଦ୍ଦଶୀ ବ୍ରତ, ରବିନାରାୟଣ ବ୍ରତ, ସୁଦଶା ବ୍ରତ, ସୋମପୁତ୍ରା ଅମାବାସ୍ୟା, ଭୌମବ୍ରତ, ଚତୁର୍ମାସ୍ୟା ଗୁରୁବାର ଓଷା, ନିଶା ମଙ୍ଗଳବାର, ଷୋଳପାଳି ମଙ୍ଗଳବାର, ମହାଦୁଃଖା ମଙ୍ଗଳବାର, ଭତ୍ତୁରାଣି ଓଷା, ବୁଧ ମଙ୍ଗଳବାର ଓଷା, ମଙ୍ଗଳ ସଂକ୍ରାନ୍ତି, ଲକ୍ଷ୍ମୀନାରାୟଣ ବ୍ରତ ପ୍ରଭୃତିର ନାମ ଉଲ୍ଲେଖଯୋଗ୍ୟ । ଏହିପରି ଷୋଳଶହ ବାଇଶି ବ୍ରତର ନାମ 'ବ୍ରତକୋଷ' ଗ୍ରନ୍ଥରେ

ରହିଅଛି । ଓଷା-ବ୍ରତ-ପର୍ବପର୍ବାଣି ପାରମ୍ପରିକ ସୂତ୍ରରେ ସମାଜରେ ପ୍ରଚଳିତ ହୋଇଆସୁଛି । ଏହି ପରମ୍ପରା ସହିତ ଆମର ସାମାଜିକ ଚଳଣି, ରୀତି-ନୀତି, ବିଧି-ବିଧାନ, ଆଚାର ବିଚାର ସଂପୃକ୍ତ । ବିଶିଷ୍ଟ ଲୋକସାହିତ୍ୟ ଆଲୋଚକ ଅବନୀନ୍ଦ୍ରନାଥ ଠାକୁରଙ୍କ ମତରେ- ବ୍ରତ ହେଉଛି ମନସ୍କାମନାର ସ୍ୱରୂପ, କଳ୍ପନା ବା ଭିତ୍ତିଚିତ୍ର ବକ୍ରର ପ୍ରତିଛବି, ଗୀତିକା ବା ମାହାତ୍ମ୍ୟ ବ୍ରତର ପ୍ରତିଧ୍ୱନି ଏବଂ ନୃତ୍ୟନାଟ୍ୟ ବ୍ରତର ପ୍ରତିକ୍ରିୟା, ବ୍ରତର ଶାସ୍ତ୍ରୀୟ ଆଭିମୁଖ୍ୟ ବିବିଧ । ପାପମୁକ୍ତି, ପୁଣ୍ୟାର୍ଜନ, ସନ୍ତାନ, ସମ୍ପଦ, ସୌନ୍ଦର୍ଯ୍ୟ, ସୌଭାଗ୍ୟ, ଦୀର୍ଘାୟୁ, ସଦାଚରଣ, କୀର୍ତ୍ତି, ବିଦ୍ୟା, ଶାନ୍ତି, ଆନନ୍ଦ, ସ୍ୱର୍ଗ ଓ ସ୍ୱର୍ଗ ପରି ମୋକ୍ଷଲାଭ ବ୍ରତାଚାରଣର ଉତ୍କୃଷ୍ଟ ପରିଣତି । ଉପଯୁକ୍ତ ରୀତିରେ ବ୍ରତ ପାଳନ କଲେ ବ୍ରହ୍ମଲୋକ, ଶିବଲୋକ ଓ ବୈକୁଣ୍ଠ ପ୍ରାପ୍ତି ସମ୍ଭବ ହୁଏ । ଓଷା-ବ୍ରତ-ପର୍ବପର୍ବାଣି ପାଳନରେ ଗୋଟିଏ ନିର୍ଦ୍ଦିଷ୍ଟ ତିଥି, ବାର, ନକ୍ଷତ୍ରରେ ହିଁ ପାଳିତ ହୋଇଥାଏ । ଅନେକ ଓଷାରେ ବିଧିବିଧାନରେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯେମିତି ଖାଦ୍ୟପେୟ, ପ୍ରତ୍ୟୁଷରୁ ଶଯ୍ୟାତ୍ୟାଗ, ଶୁଦ୍ଧିସ୍ନାନ, ନିରାମିଷ ଭୋଜନ, ହବିଷାନ୍ନ ଭକ୍ଷଣ, ନବ ବସ୍ତ୍ର ପରିଧାନ, ଦାନ-ଧ୍ୟାନ କରିବା ପ୍ରଭୃତି ଦ୍ୱାରା ଶରୀର ଉପରେ ସକରାତ୍ମକ ପ୍ରଭାବ ପଡ଼ିଥାଏ । ସମାଜରେ ଶୃଙ୍ଖଳା, ସଦ୍‌ଭାବ, ମୈତ୍ରୀଭାବ ତଥା ପରସ୍ପର ପ୍ରତି ସ୍ନେହ ଓ ସମ୍ମାନ ସୃଷ୍ଟି କରିବାରେ ଓଷା-ବ୍ରତର ଉଲ୍ଲେଖନୀୟ ଭୂମିକା ରହିଛି । ଏଥିରେ ବର୍ଣ୍ଣିତ ବିଧି ବିଧାନ, ଲୋକବିଶ୍ୱାସ ଉପରେ ପ୍ରତିଷ୍ଠିତ । ସମାଜର ଐହିକ ଓ ପାରତ୍ରିକ ମଙ୍ଗଳ ନିମନ୍ତେ ଏହା ଅଭିପ୍ରେତ । ତେଣୁ ଏହା ସମାଜର ଅଲିଖିତ ସମ୍ବିଧାନ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ମହର୍ଷି ମନୁ ପରମ୍ପରାଗତ ଆଚାରକୁ 'ସଦାଚାର' ବୋଲି ଆଖ୍ୟା ଦେଇଛନ୍ତି । ଏହା ନୀତିସମ୍ମତ ଓ ସର୍ବଜନାଦୃତ । ତେଣୁ ଏହା ଥିଲା 'ଧର୍ମମାର୍ଗ' । ସମାଜର ଐକ୍ୟଭାବ ଆନୟନ ଏହାର ଲକ୍ଷ୍ୟ । ଓଷା-ବ୍ରତ ଲୌକିକ ପିଢ଼ି ପରେ ପିଢ଼ି ଅନୁସୃତ ହୋଇଆସୁଛି । ଏହା ପ୍ରଥମେ ମୌଖିକ ଏବଂ ପରେ ସମାଜରେ ପ୍ରତିଷ୍ଠା ଓ ପ୍ରତିପତ୍ତି ଫଳରେ ଲିଖିତ ରୂପ ଦିଆଗଲା ଏବଂ ବିଭିନ୍ନ ଆଚାର ବିଧି ଓ ଦେବାଦେବୀଙ୍କ ସହ ସଂଲଗ୍ନ କରାଗଲା । ଯଥାର୍ଥରେ, ଓଷା-ବ୍ରତାଦି ପୁରାଣ ଯୁଗରେ ସମାଜରେ ଅଧିକ ଆଦୃତ ଲାଭ କରିଥିଲା । ଏହାର ପ୍ରାଚୀନତା ସମ୍ପର୍କରେ ଆଲୋଚକ ସୁରେନ୍ଦ୍ର ମହାନ୍ତିଙ୍କ ମତରେ – ଆର୍ଯ୍ୟୋତ୍ତର ସମାଜରେ ପ୍ରଚଳିତ କେତେକ ଧାର୍ମିକ ବିଶ୍ୱାସ ବା ବ୍ରତାଚାର ବା ଧର୍ମାଚାର କାଳକ୍ରମେ ହିନ୍ଦୁ ସମାଜରେ ସଂକ୍ରମିତ ହୋଇଅଛି । ହିନ୍ଦୁ ଆଧ୍ୟାତ୍ମିକ ସଂସ୍କୃତିର ଇତିହାସ ଅନୁଧ୍ୟାନ କଲେ ଦେଖାଯିବ, ଏହା କୌଣସି ବୈଦିକ ଋଷି ବା ମନ୍ତ୍ରଦ୍ରଷ୍ଟାଙ୍କ ଆଶ୍ରମରେ ଜନ୍ମଲାଭ କରିନାହିଁ । ନିବିଡ଼ ଅରଣ୍ୟ ଗହ୍ୱରରେ ଆର୍ଯ୍ୟୋତ୍ତର ସମାଜରେ ଜନ୍ମଲାଭ କରି ବୈଦିକ ବା ହିନ୍ଦୁ ଆଧ୍ୟାତ୍ମିକ ସଂସ୍କୃତିକୁ ଏହା ପ୍ରଭାବିତ କରିଅଛି । ବୃକ୍ଷ ପୂଜା, ଶିଳା ପୂଜା, ସର୍ପ ପୂଜାଠାରୁ ଆରମ୍ଭ କରି ଲିଙ୍ଗ ପୂଜା ଓ ମାତୃ ପୂଜା ପର୍ଯ୍ୟନ୍ତ ବିଭିନ୍ନ ହିନ୍ଦୁ ଆଧ୍ୟାତ୍ମିକ ଆଚାର ଓ ତାହାକୁ କେନ୍ଦ୍ର କରି ଗଢି ଉଠିଥିବା ତତ୍ତ୍ୱମାନଙ୍କରେ ଏହି ଆଭିମୁଖ୍ୟ ପରିଲକ୍ଷିତ ହୋଇଥାଏ ।(୧)

ସଂସ୍କୃତ ସ୍ମୃତିଶାସ୍ତ୍ର ପରମ୍ପରାକୁ ଅନୁସୃତ କରି ଏକାଦଶ ଶତାବ୍ଦୀରେ (୧୦୫୦ ଖ୍ରୀଷ୍ଟାବ୍ଦ) ଓଡ଼ିଶାରେ ଜନ୍ମିତ ଶତାନନ୍ଦ ଆଚାର୍ଯ୍ୟ 'ପଞ୍ଚସିଦ୍ଧାନ୍ତୀ ଭାସ୍ୱତୀ' ଗ୍ରନ୍ଥ ପ୍ରଣୟନ କଲେ । ପରବର୍ତ୍ତୀ ସମୟରେ ବିଦ୍ୟାକର, ବୃହସ୍ପତି ସୂରି, ନରସିଂହ ମିଶ୍ର, ବିଶ୍ୱନାଥ ମିଶ୍ର, ଦିବ୍ୟସିଂହ ମହାପାତ୍ର, ଗଦାଧର ମହାପାତ୍ର, ରଘୁନାଥ ଦାଶ ପ୍ରମୁଖ ସ୍ମୃତିକାରଗଣ ଗ୍ରନ୍ଥରେ ଅନେକ ବ୍ରତାଦି ପାଳନର ବିଧି ନିର୍ଦ୍ଦେଶ କରିଛନ୍ତି । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ସଂସ୍କାର କର୍ମ, ଯଥା- ଶାନ୍ତିକରଣ, ଶୁଦ୍ଧିକରଣ, ଶ୍ରାଦ୍ଧ ଓ ସଂସ୍କାର ପ୍ରକରଣରେ ଗର୍ଭାଧାନ, ପୁଂସବନ, ସୀମନ୍ତୋନ୍ନୟନ, ଜାତକର୍ମ, ନାମକରଣ, କର୍ଣ୍ଣବେଧ, ବହିର୍ନିଷକ୍ରମଣ, ଅନ୍ନପ୍ରାଶନ, ଚୂଡ଼ାକର୍ମ, ବେଦାରମ୍ଭ, ଉପନୟନ, ସମାବର୍ତ୍ତନ, ବିବାହ ଆଦି ବିଧି ପ୍ରଚଳିତ ।

ଉତ୍କଳୀୟ ଓଷା-ବ୍ରତ-ପର୍ବପର୍ବାଣିରେ ଅନେକ ଆଚାର ବିଧିର ଉଲ୍ଲେଖ ରହିଅଛି । ଲୋକଧର୍ମର ଉପାସ୍ୟ ଦେବତା ହେଲେ 'ପ୍ରକୃତି' । ଓଡ଼ିଶାରେ ଏଭଳି ପ୍ରାନ୍ତର ନାହିଁ, ଯେଉଁଠାରେ ଲୋକଦେବତା ଆରାଧିତ ହେଉନାହାନ୍ତି ! ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଏହି ଦେବାଦେବୀ ପୂଜିତ ହୁଅନ୍ତି । ପ୍ରାଗ୍ – ବୈଦିକ ସଭ୍ୟତାରୁ ଆରମ୍ଭ କରି ବୈଦିକ ଓ ବର୍ତ୍ତମାନ କାଳରେ ମଧ୍ୟ ଏହା ମାନବର ଏକ ବିଶେଷ ଧର୍ମ । ପୁରୁଷାନୁକ୍ରମିକ ଭାବେ ଏହି ଓଷା-ବ୍ରତଗୁଡ଼ିକ ପାଳନ କରାଯାଇଆସୁଛି, ତନ୍ମଧ୍ୟରେ ଭୂମି ପୂଜା, ଗୃହାଦିଦେବତା ପୂଜା, ଶସ୍ୟ ପୂଜା, ବୃଷ୍ଟି ବନ୍ଦାପନା, ନଦୀ ବନ୍ଦାପନା, ନାଗ ପୂଜା, ଗେଣ୍ଡା, କୋଚିଆ ପୂଜା, ଗୋ-ପୂଜା ପ୍ରମୁଖ ମୁଖ୍ୟ ସ୍ଥାନ ଗ୍ରହଣ କରିଛି । ଭୂମି ପୂଜା ରୂପେ ରଜ ପର୍ବ ଓ ଅକ୍ଷୟ ତୃତୀୟା ଦୁଇଟି ମୁଖ୍ୟ । ଗୃହାଦିଦେବତା ପୂଜା ମଧ୍ୟରେ ଚୁଲି ପୂଜା, ଈଶାଣ ପୂଜା କରାଯାଏ । ଶସ୍ୟ ପୂଜାରେ ନୂଆଖାଇ, ମାର୍ଗଶିର ମାସ ଗୁରୁବାର, ଚତୁର୍ମାସ୍ୟା ଗୁରୁବାର, ସୁଦଶା ବ୍ରତ, ଧନମାଣିକା ଓଷା, କ୍ଷେତବଢ଼ା ପ୍ରଭୃତି ଉଲ୍ଲେଖଯୋଗ୍ୟ । ବର୍ଷା ନହେଲେ ଇନ୍ଦ୍ର ଦେବତାଙ୍କୁ ପୂଜାର୍ଚ୍ଚନା, ବନ୍ୟାବିପ୍ରାତ ସମୟରେ

ସନ୍ତାନ ସନ୍ତତି ମରି ନଥିବା ସ୍ତ୍ରୀ ଥାଳିରେ ସାତକେରା ଦୁବ, ସାତଟି ବରକୋଳି ପତ୍ର, ସାତଗୋଟି ଦୀପ ଥୋଇ ନଦୀଦେବତାଙ୍କୁ ବନ୍ଦାପନା କରନ୍ତି। ଏହାଦ୍ୱାରା ବନ୍ୟାବିପ୍ରାତ କମିଯାଏ ବୋଲି ଲୋକଙ୍କ ଧାରଣା। ଶ୍ରାବଣ ମାସରେ ଚିତାଲାଗି ଅମାବାସ୍ୟା ଦିନ ଚିତଉ ପିଠା କରି ପୋଖରୀ ଓ ପାଣିନାଳ ପ୍ରଭୃତିରେ ଗେଣ୍ଡା, କୋଚିଆ ଉଦ୍ଦେଶ୍ୟରେ ଅର୍ପଣ କରାଯାଇଥାଏ । ତାହା ଫଳରେ ସେମାନେ ଲୋକମାନଙ୍କର ଅନିଷ୍ଟ ସାଧନ କରନ୍ତି ନାହିଁ ବୋଲି ବିଶ୍ୱାସ ରହିଅଛି। ଏହି ପ୍ରସଙ୍ଗରେ କୁହାଯାଇପାରେ ଯେ, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମକର ସଂକ୍ରାନ୍ତି ସମୟରେ ଯେଉଁ 'ମାର୍ଘେପର୍ବ' ପାଳିତ ହୁଏ, ତନ୍ମଧ୍ୟରୁ ଗୋଟିଏ ଦିନ ବାଘେଇ ଦେବତାଙ୍କ ଉଦ୍ଦେଶ୍ୟରେ ପୂଜା ନୈବେଦ୍ୟ ଅର୍ପଣ କରାଯାଏ। ଏହାଦ୍ୱାରା ବନବାସୀମାନେ ବ୍ୟାଘ୍ରାଦି ହିଂସ୍ରଜନ୍ତୁଙ୍କଠାରୁ ରକ୍ଷା ପାଇ ପାରନ୍ତି ବୋଲି ସେମାନଙ୍କ ଧାରଣା। ନାଗପୂଜା ଉଦ୍ଦେଶ୍ୟରେ ଅନୁଷ୍ଠିତ ଅନନ୍ତ ଚତୁର୍ଦ୍ଦଶୀ, ଫଣି ପଞ୍ଚମୀ, ନାଗ ଚତୁର୍ଥୀ ଓ ନାଗ ପଞ୍ଚମୀ ବ୍ୟତୀତ କାର୍ତ୍ତିକ ମାସରେ ଶୁକ୍ଳ ଓ କୃଷ୍ଣ ଚତୁର୍ଥୀରେ ନାଗମାନଙ୍କ ଉଦ୍ଦେଶ୍ୟରେ ଉଇ ହୁଙ୍କାଗୁଡ଼ିକରେ ଦୁଧ, ଗୁଡ଼ ଦିଆଯାଇ ପୂଜା କରାଯାଏ। ଗୋ-ପୂଜା ହିନ୍ଦୁମାନଙ୍କର ଏକ ପ୍ରଧାନ ପର୍ବ। ଗୋଷ୍ଠାଷ୍ଟମୀ ବ୍ୟତୀତ ଶ୍ରାବଣ ପୂର୍ଣ୍ଣିମା ବା ଗହ୍ମାପୂର୍ଣ୍ଣିମାରେ ଗୋରୁମାନଙ୍କୁ ନାନା ପ୍ରକାରେ ସଜ୍ଜିତ କରାଯାଇ ସେମାନଙ୍କୁ ଭୋଜନରେ ଆପ୍ୟାୟିତ କରାଯାଇଥାଏ। ଦଶହରା ପର୍ବରେ, ଯେଉଁଠାରେ ଦଶହରା ବଳଦ ସଜ୍ଜିତ ହୁଏ, ସେଥିରୁ ଓଡ଼ିଆ ହିନ୍ଦୁମାନଙ୍କର ଏକ ଆଭିଜାତ୍ୟର ସୂଚନା ମିଳେ। ଓଡ଼ଶା ଏକ କୃଷି ପ୍ରଧାନ ଦେଶ ହୋଇଥିବାରୁ, ଗୋ-ସଂପଦ ଉପରେ ହିନ୍ଦୁ ଧର୍ମ ବିଶେଷ ନିର୍ଭର କରନ୍ତି। ଗାଈକୁ ଗୋ-ମାତା, ବଳଦକୁ ନିଜର ଅନ୍ତରଙ୍ଗ ସାଥୀ ରୂପେ କୃଷକସମାଜ ମନେକରେ। ଏହା ବ୍ୟତୀତ ଅନେକ ଲୋକଧର୍ମୀ ପର୍ବଗୁଡ଼ିକ ରହିଛି, ଯଥା – ଜହ୍ନି ଓଷା, ଦ୍ୱିତୀୟା ଓଷା, ବୁଧିବାମନ ଓଷା, କାଞ୍ଜିଅଁଳା ଓଷା, ଖୁଦୁରୁକୁଣୀ ଓଷା, ବୁଧେଇ ଓଷା, ପୁଅଜୀଉନ୍ତିଆ, ସୁକୃତୁନୀ, ଚୈତ୍ର ମଙ୍ଗଳବାର, ଷୋଳପାଳି ଗୁରୁବାର, ପୁଷ ରବିବାର, ଧାନମାଣିକା, ରବିନାରାୟଣ ବ୍ରତ ପ୍ରଭୃତି ଓଷାବ୍ରତ କେବଳ ଓଡ଼ଶାର ମୌଳିକ ପର୍ବ। ଏଗୁଡିକର ବିଷୟବସ୍ତୁ ଗୋଟିଏ ଧରଣର କହିଲେ ଅତ୍ୟୁକ୍ତି ହେବନାହିଁ। ଦେବକନ୍ୟା, ଋଷିକନ୍ୟା ଅଥବା ବ୍ରାହ୍ମଣୀମାନଙ୍କ ଦ୍ୱାରା ନଦୀ, ପୁଷ୍କରିଣୀ, ଚତୁଷ୍ପଥ ଶୂନ୍ୟସ୍ଥାନରେ ସମ୍ମିଳିତ ଭାବେ କୌଣସି ଏକ ଦେବତାଙ୍କୁ ପୂଜା କରାଯାଉଥିବା ବେଳେ, କୌଣସି ଏକ ସ୍ତ୍ରୀ ଲୋକ ସେଠାରେ ଉପସ୍ଥିତ ରହି ଓଷା ବିଧି ଶିଖନ୍ତି। ବ୍ରତ କିମ୍ବା ଗୁଆ ପ୍ରଭୃତି ଓଷାର ସଂକେତ ନେଇ ଆସି ନିଜ ଘରେ ଓଷା ପାଳନ କରନ୍ତି। ସେ ପ୍ରକାର ଅଖ୍ୟାତ ଓଷା ପାଳନ କରୁଥିବାରୁ ସମାଜର ଅନ୍ୟାନ୍ୟ ନାରୀମାନେ ତାକୁ ଉପହାସ କରନ୍ତି। ଏହା ଫଳରେ ଓଷାର ଅଧିଷ୍ଠାତ୍ରୀ ଦେବୀ କୁପିତା ହୋଇ ଉପହାସକାରିଣୀଙ୍କୁ ଦଣ୍ଡ ଦିଅନ୍ତି ବୋଲି ବିଶ୍ୱାସ କରାଯାଏ । ଏହି ଦଣ୍ଡ ମଧ୍ୟରେ ସ୍ୱାମୀ ଓ ପୁତ୍ରର ମରଣ, କୁଷ୍ଠାଦି ମହାରୋଗ, ଧନ ସଂପତ୍ତିର ଅପହରଣ ଓ ନାନା ପ୍ରକାର ପାରିବାରିକ ବିପ୍ରାତ ଦେଖାଦିଏ। ଉପହାସକାରିଣୀ ନିଜର ଭୁଲ୍ ସ୍ୱୀକାର କରି ଅଧିଷ୍ଠାତ୍ରୀ ଦେବୀଙ୍କ ଓଷା ପାଳନ କରି ସମସ୍ତ ଦୁର୍ବିପାକରୁ ମୁକ୍ତିଲାଭ କରେ। ତାହାରି ଫଳରେ ଓଷାର ମାହାତ୍ମ୍ୟ ଲୋକସମାଜରେ ପ୍ରସାରିତ ହୁଏ। ପ୍ରତ୍ୟେକ ଓଷା ପାଇଁ ନିର୍ଦ୍ଦିଷ୍ଟ ଭୋଗ, ସ୍ୱତନ୍ତ୍ର ଫୁଲ ଓ ବିଧି-ବିଧାନ ପାଳିତ ହୁଏ। ଏହି ଓଷାବ୍ରତରେ ଶାସ୍ତ୍ରସମ୍ମତ କୌଣସି ପ୍ରତିମାର ଆବଶ୍ୟକତା ପଡେନାହିଁ। ତା' ବଦଳରେ ପ୍ରତିମାର ସଂକେତ ଧର୍ମୀଭାବେ ମାଣ, ସେର, କୁଲା, କାଞ୍ଜିହାଣ୍ଡି, ଗୁଆ, ଗୋବର ପେଣ୍ଡୁଳା, ଧାନଶୀସା, ବାଲି ଓ ମାଟିପିଣ୍ଡୁଳା ପ୍ରଭୃତି କଳ୍ପିତ ଦେବତା ରୂପରେ ପୂଜା ପାଆନ୍ତି। ଏତଦ୍‌ବ୍ୟତୀତ ଅନେକ କ୍ଷେତ୍ରରେ ମଙ୍ଗଳା, ଲକ୍ଷ୍ମୀ ନାରାୟଣ, ଧର୍ମ ନିରଞ୍ଜନ ପ୍ରଭୃତିଙ୍କୁ ପୂଜା କରାଯାଏ। ବୈଦିକ ଓ ସ୍ମୃତିସମ୍ମତ ଦେବଦେବୀଙ୍କ ବ୍ୟତୀତ ଲୋକ-ସମାଜରେ ଅନେକ ଦେବଦେବୀଙ୍କୁ ପୂଜା କରାଯାଏ।

ଏମାନଙ୍କ ମଧ୍ୟରେ ଶୀତଳା, ବସନ୍ତେଇ, ବାସେଳୀ, ବୁଢ଼ୀ ଠାକୁରାଣୀ, ଜାଗୁଆଳି, କୁତାମଚଣ୍ଡୀ, ଖେଢ଼େଇ, କନ୍ଧୁଣୀ, ବସନ୍ତକାଳୀ, ସାଆନ୍ତାଣୀ, ଚାଇକାଇ ଆଦି ଗ୍ରାମଦେବୀଙ୍କ ନାମ ଉଲ୍ଲେଖନୀୟ। ଏହି ଦେବୀମାନଙ୍କର କୌଣସି ମୂର୍ତ୍ତି ନାହିଁ। (୨) ସେଥିପାଇଁ ଗଛ, ପତର, କାଠ, ମାଟି ନିର୍ମିତ ଘୋଡା ପ୍ରଭୃତି ପୂଜିତ ହୁଅନ୍ତି। କେତେକ ଅଞ୍ଚଳରେ ନିର୍ଦ୍ଦିଷ୍ଟ ସ୍ଥାନରେ କୌଣସି ସଂକେତ ନଥାଇ ମଧ୍ୟ କ୍ଷେତ୍ରପାଳଙ୍କ ଆସ୍ଥାନ ବୋଲି ମନେ କରାଯାଇ ତାହାକୁ ଧୂପଦୀପ, ନୈବେଦ୍ୟ, ବଳି ଦେଇ ପରିବାରବର୍ଗଙ୍କ ବିଭିନ୍ନ ରୋଗନିବାରଣ ନିମନ୍ତେ ଆରାଧନା କରାଯାଏ। ଏହି ସମସ୍ତ ପୂଜା, ଆଚାର ଓ ସଂସ୍କାର ଲୋକବିଶ୍ୱାସ ଉପରେ ପ୍ରତିଷ୍ଠିତ।(୩) ସମାଜରେ ପ୍ରଚଳିତ ଓଷା-ବ୍ରତ-ପର୍ବପର୍ବାଣିମାନଙ୍କରେ ଆଧ୍ୟାତ୍ମିକତା ସୃଷ୍ଟି କରିବା ସହିତ ସାମାଜିକ ବ୍ୟବସ୍ଥାକୁ ସୁସ୍ଥ, ସୁନ୍ଦର ଓ ସଂହତ କରିବାର ନାନ୍ଦନିକ ଅଭିସନ୍ଧି ଲୁଚି ରହିଅଛି। ଓଷା-ବ୍ରତଗୁଡ଼ିକ ସାଧାରଣତଃ ନର-ନାରୀଙ୍କ ଧର୍ମଧାରଣାର ପ୍ରତୀକ। ମନୁଷ୍ୟର ଧର୍ମଚେତନା, ତା'ର ଆଧ୍ୟାତ୍ମିକ ବିଶ୍ୱାସ ଉଚ୍ଚତର ମାନବିକ ସଂସ୍କୃତିର ପରିଚାୟକ।

ଏପରି ପରମ୍ପରା ମଧ୍ୟ ଦେଇ  ମନୁଷ୍ୟ ନିଜର ଆଭ୍ୟନ୍ତରୀଣ ପ୍ରକୃତି ଅବଲୁପ୍ତ କାମନା ଓ ଆନ୍ତରିକ କ୍ରିୟାକଳାପର ଅଭିବ୍ୟକ୍ତି ବାଢ଼ି ଦେଇଥାଏ । ଫଳରେ ମନୁଷ୍ୟ ବାହ୍ୟରୂପ ଅନ୍ତରାଳରୁ ତା'ର ବହୁମୁଖୀ ସାଂସ୍କୃତିକ ଦୀପ୍ତି ଫୁଟି ଉଠେ ।(୪) ସେ ସମ୍ପର୍କରେ ନିମ୍ନରେ ସମ୍ୟକ ଅବତାରଣା କରାଗଲା । ଉତ୍କଳୀୟ ସମାଜରେ ଅନେକ ବିଧି–ବିଧାନର ଉଲ୍ଲେଖ ରହିଅଛି । ସେଥିମଧ୍ୟରେ ସଂସ୍କାରକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ସଂସ୍କାର ଦ୍ୱାରା ବ୍ୟକ୍ତି ବା ସମାଜର ନୈତିକ, ସାଂସ୍କୃତିକ, ସାମାଜିକ ତଥା ମନସ୍ତାତ୍ତ୍ୱିକ ପରିବର୍ତ୍ତନ ଘଟିଥାଏ । ମାନବିକ ବିଶ୍ୱାସ, ଭାବନା, ସ୍ୱଭାବ, ଅଲୌକିକତା ଓ ଭାଗ୍ୟବିଚାରକୁ ଆଧାର କରି ସଂସ୍କାରର କ୍ରମବିକାଶ ସମ୍ଭବ ହୋଇଛି । ଆମ ସମାଜରେ ଷୋଡ଼ଶ ସଂସ୍କାର ବିଧି ପ୍ରଚଳିତ । ସେଗୁଡ଼ିକ ହେଲା – ଗର୍ଭାଧାନ, ପୁଂସବନ, ସୀମନ୍ତ, ଜାତକର୍ମ, ନାମକରଣ, ଅନ୍ନପ୍ରାଶନ, କର୍ଣ୍ଣବେଧ, ନିଷ୍କ୍ରମଣ, ବେଦାରମ୍ଭ, ଚୌଳ, ଉପନୟନ, ଚତୁର୍ବ୍ରତ, ଗୋଦାନ, ସମାବର୍ତ୍ତନ, ବିବାହ ଓ ଅନ୍ତ୍ୟେଷ୍ଟି ଆଦି ସଂସ୍କାର । ଏଥିମଧ୍ୟରୁ କେତୋଟି ସଂସ୍କାର ଆଲୋଚନା କରାଗଲା । ଆମ ସମାଜରେ ଶିଶୁଟିଏ ଜନ୍ମ ହେବା ମାତ୍ରେ କେତେକ ରୀତି ପାଳନ କରାଯାଇଥାଏ । ପାଞ୍ଚଦିନରେ ପଞ୍ଚୁଆତି, ଷଷ୍ଠ ଦିନରେ ଷଷ୍ଠୀଦେବୀଙ୍କୁ ପୂଜା, ଉଠିଆରୀ, ବାରରାତ୍ର, ଏକୋଇଶା ଓ ନାମକରଣ ଆଦି ପାଳିତ ହୋଇଥାଏ । 'ଷଷ୍ଠୀ ଓଷା', 'ବାଟ ଓଷା', 'ମଣିଷ ବିଚାର ଢେଉ', 'ଦେବତା ବିଚାର ଢେଉ' ଆଦି ଓଷା ବ୍ରତରେ ଏ ପ୍ରସଙ୍ଗରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଅଛି ।

ଓଡ଼ିଆ ଲୋକାଚାରରେ ମୃତ୍ୟୁ ପରେ ଆତ୍ମାର ସଦ୍‌ଗତି ନିମନ୍ତେ ବିଭିନ୍ନ କର୍ମମାନ ପାଳନ କରାଯାଇଥାଏ । ଛଅ ଖଣ୍ଡ ବାଉଁଶରେ କୋକେଇ ତିଆରି, ଗୋବର ପାଣି ପକାଇବା, ଅହ୍ୟ ଡେଙ୍ଗୁରା ବଜାଇବା, ଖଇ କଉଡ଼ି ଛିଞ୍ଚା, ପଥ ଶ୍ରାଦ୍ଧ, ଜ୍ୟେଷ୍ଠ ପୁତ୍ର ମୁଖାଗ୍ନି ଦେବା, ଶବଦାହ ପରେ ମାଲଭାଇମାନଙ୍କୁ ତେଲ ଓ ଭୋଜନ ଦେବା, ନିମ୍ବ ପତ୍ର ଚୋବାଇବା, ଦଶ ଦିନରେ ଶୁଦ୍ଧିକ୍ରିୟା, ପ୍ରେତକୁ ଭୋଜ୍ୟ ପଦାର୍ଥ ଦାନ, ଚାଳ ଉପରେ ବାଡ଼ିରେ ପ୍ରହାର କରିବା, ଏକାଦଶ ଦିନ ପଙ୍କ୍ତି ଭୋଜନ, ସାମ୍ବତ୍ସରିକ ଶ୍ରାଦ୍ଧ, ମହାଳୟା ଶ୍ରାଦ୍ଧ, ପୟାଶ୍ରାଦ୍ଧ, ତୀର୍ଥକ୍ଷେତ୍ରଗୁଡ଼ିକରେ ଶ୍ରାଦ୍ଧାଦି କର୍ମ ସଂପନ୍ନ କରାଯାଏ । ବିଶ୍ୱାସ ରହିଅଛି, ମୃତ ପରେ ପିତୃପୁରୁଷଙ୍କର ଆତ୍ମା ପ୍ରାୟ ପଚାଶ ବା ଶହେ ବର୍ଷ ପରେ ମଧ୍ୟ ବାୟୁ ରୂପେ ରହିଥାନ୍ତି । ତେଣୁ ପିଣ୍ଡ ତଣ୍ଡୁଳର ସୁଗନ୍ଧକୁ ସେମାନେ ବାୟବ୍ୟ ରୂପରେ ଗ୍ରହଣ କରିଥାନ୍ତି । ଶ୍ରାଦ୍ଧ ପ୍ରଦତ୍ତ ପିଣ୍ଡରେ ସନ୍ତୋଷ ଲାଭ କରି ସ୍ୱବଂଶୀୟଙ୍କର ମଙ୍ଗଳ ବିଧାନ କରିଥାନ୍ତି ।

ଓଡ଼ିଆ ସମାଜରେ 'ବିବାହ' ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର । ଏହି ବିଷୟରେ ସ୍ମୃତି, ଜ୍ୟୋତିଷ, ଓଷା–ବ୍ରତାଦିରେ ଆଲୋଚନା କରାଯାଇଛି । ଏହି ସମୟରେ ପରମ୍ପରା ଅନୁସାରେ କେତେକ ଲୋକାଚାର ରହିଅଛି । ସେଗୁଡ଼ିକ ମଧ୍ୟରେ ବର–କନ୍ୟାଙ୍କ ରାଶି, ନକ୍ଷତ୍ର, କନ୍ୟା ଦାନର ଅଧିକାର, ବିଭିନ୍ନ ପ୍ରକାରର ବିବାହ ପ୍ରଥା ବିଚାର ସହିତ କନ୍ୟା–ବରର ଗୁଣ ପରୀକ୍ଷା, ନାନ୍ଦୀ ଶ୍ରାଦ୍ଧ, ବରଧରା, କୋଇଲି ବୁଡ଼, ଦିଅଁ ମଙ୍ଗଳା, କନକାଞ୍ଜଳି ବନ୍ଧା, ଲବଣ ଚାମରୀ, କଉଡ଼ି ଖେଳ, ଅଗ୍ନି ପ୍ରଦକ୍ଷଣ, ଅଶ୍ମାରୋହଣ, ସପ୍ତପଦୀ, ସୂର୍ଯ୍ୟୋଦୀକ୍ଷଣ, ହୃଦୟସ୍ପର୍ଶ, ପ୍ରେକ୍ଷକାନୁମନ୍ତ୍ରଣ, ଦକ୍ଷିଣାଦାନ, ଗୃହ ପ୍ରବେଶ, ସ୍ଥାଳୀପାକ, ଚତୁର୍ଥୀ କର୍ମ ପ୍ରଭୃତି ବିଧିବିଧାନ ପାଳିତ ହୋଇଥାଏ । ଆମ ପରମ୍ପରାରେ ପ୍ରଚଳିତ ଅନ୍ୟତମ ବିଧି ହେଲା 'ଶାନ୍ତି' । ଏଥିରେ ଦେବତା, ଗ୍ରହ, ପୃଥିବୀ, ଉଲ୍‌କାପାତ, ଗୋନକ୍ଷତ୍ର– ଇନ୍ଦ୍ରଜାଲ, ରାହୁ, ରୁଦ୍ରଗଣ, ବସୁ–ଆଦିତ୍ୟ–ଋଷି ପ୍ରଭୃତିଙ୍କୁ ସୁଖଶାନ୍ତି ନିମିତ୍ତ ପ୍ରାର୍ଥନା କରାଯାଇଥାଏ । ବିଭିନ୍ନ ପ୍ରକାର ଶକୁନଜନିତ ଭାବୀ ବିପଦରୁ ମୁକ୍ତି ପାଇବା ନିମିତ୍ତ ଶାନ୍ତି ମନ୍ତ୍ର ପାଠ, ଜପ, ହୋମ ଓ ଅଭିଷେକ କାର୍ଯ୍ୟାଦି କରାଯାଇଥାଏ । 'ନାଗଲ ଚଉଠି', 'ପଞ୍ଚକ ବ୍ରତ', 'ବୁଧ ମଙ୍ଗଳବାର ଓଷା', 'ଅନନ୍ତ ତୃତୀୟା', 'ଅନନ୍ତ ଚତୁର୍ଦ୍ଦଶୀ', 'ମନସାବ୍ରତ', 'ଫଣି ପଞ୍ଚମୀ', 'ମୂଳାଷ୍ଟମୀ', 'ଦୂତିବାହନ ଓଷା', 'ଶାମ୍ବଦଶମୀ', 'ମାଘସପ୍ତମୀ', 'ଜାଡ଼ିଖନି ଓଷା' ଓ 'ବୁଧେଇ ଓଷା' ଆଦି ଏହାର ଦୃଷ୍ଟାନ୍ତ । ସେହିପରି, 'ଶୁଦ୍ଧି' ଉପରେ ଗୁରୁତ୍ୱ ଦିଆଯାଇଛି । ଏହା ଦେହ, ମନ, ଧନ, ସ୍ଥଳ, ପାତ୍ର, ଭୋଜନଦ୍ରବ୍ୟ ଓ ପୂଜାଦ୍ରବ୍ୟର ଶୁଦ୍ଧି ଉପରେ ବିଶେଷ ଧ୍ୟାନ ଦିଆଯାଇଥାଏ । 'କାଞ୍ଜିଅଁଳା ଓଷା', 'ଅଲଣା ଓଷା', 'କଉଡ଼ିଆ ବିନାୟକ ଓଷା', 'ଦ୍ୱିତୀୟା ଓଷା', 'ସୁକୁତୁନି ଓଷା', 'ମାଣବସା ଗୁରୁବାର', 'ଦାଣ୍ଡପହଁରା ଓଷା' ବ୍ରତରେ ଏହାର ଚିତ୍ର ଦେଖିବାକୁ ମିଳିଥାଏ । ବିଭିନ୍ନ ବିଧି–ବିଧାନ ଦ୍ୱାରା ଧନ, ମନ, ଶରୀର ଓ ବାଣୀ ଶୁଦ୍ଧି ହୋଇଥାଏ । ଫଳରେ ମନରୁ ରାଗ, ହିଂସା, କ୍ରୋଧ ଆପଣାଛାଏଁ ଦୂର ହୋଇଯାଏ । ଫଳରେ ମଣିଷ ମନରେ ଦୟା, ଧୈର୍ଯ୍ୟ, ସନ୍ତୋଷ, ଶୁଚିତା, ସମୁଦ୍ୟମ, ସୁବିଚାର, ନିର୍ଲୋଭତା ଓ ନିରସ୍ୱୟତାଦି ଆତ୍ମାର ଅଷ୍ଟବିଧ ମାନବିକ ଗୁଣ ବିକାଶ ଲାଭ କରେ । ଆମ ସମାଜରେ ପ୍ରଚଳିତ ବିଧିବିଧାନଗୁଡ଼ିକ କୌଣସି ନା କୌଣସି ସିଦ୍ଧାନ୍ତରେ ପ୍ରତିଷ୍ଠିତ । ଆବହମାନ କାଳରୁ ଲୋକବିଶ୍ୱାସଗୁଡ଼ିକ ଧର୍ମୀୟ ସ୍ପର୍ଶ ପାଇ ଜନ–ଜୀବନକୁ ଅଧିକ କ୍ରିୟାଶୀଳ କରିଅଛି ।  ଏଥିରେ ବିଶ୍ୱଭ୍ରାତୃତ୍ୱ ଭାବ ନିହିତ ରହିଅଛି । ବୈଦିକ ଯୁଗର ଆର୍ଯ୍ୟ ଋଷିମାନଙ୍କର ଆଦର୍ଶ ବାକ୍ୟ ଥିଲା, ''କୃଣନ୍ତୋ ହି ବିଶ୍ୱମାର୍ଯ୍ୟମ୍''

ଅର୍ଥାତ୍ ସାରା ବିଶ୍ୱକୁ ଆର୍ଯ୍ୟ ଭାବାପନ୍ନ କର । ଏଥିରୁ ଆମ ସଂସ୍କୃତିର ମହାନୁଭବତାକୁ ଅନୁଭବ କରିହୁଏ ।

**ସହାୟକ ଗ୍ରନ୍ଥସୂଚୀ**


୧. କଲଚରାଲ ଫୋରମ୍ (ସଂ) – ଓଡ଼ିଶାର ଲୋକ ସଂସ୍କୃତି, ଗ୍ରନ୍ଥ ମନ୍ଦିର, କଟକ–୧୯୭୮ ।

୨. ତତୈବ – ଓଡ଼ିଶାର ସାଂସ୍କୃତିକ ଇତିହାସ, ଗ୍ରନ୍ଥ ମନ୍ଦିର, କଟକ– ୧୯୮୪ ।

୩. ମହାନ୍ତି, ଡଃ, ବ୍ରଜମୋହନ (ସଂ) – ଓଡ଼ିଶାର ସାଂସ୍କୃତିକ ପରମ୍ପରା (୧ମ ଓ ୨ୟ ସ୍ତବକ), ଓଡ଼ିଶା ବୁକ୍ ଷ୍ଟୋର, କଟକ– ୧୯୯୧ ।

୪. ମହାପାତ୍ର, ଡଃ ଶ୍ୟାମସୁନ୍ଦର (ସଂ) – ଓଡ଼ିଆ ଲୋକ ସାହିତ୍ୟ, ଗ୍ରନ୍ଥ ମନ୍ଦିର, କଟକ – ୧୯୯୫ ।

୫. ଦାସ, ଚିତ୍ତରଞ୍ଜନ – ଓଡିଆ ସାହିତ୍ୟର ଇତିହାସ ସାମାଜିକ–ସାଂସ୍କୃତିକ–ଭିତ୍ତିଭୂମି, ପଥିକ ପ୍ରକାଶନୀ, ଭୁବନେଶ୍ୱର–୨୦୦୩ ।

୬. ମିଶ୍ର, ଡଃ ଅଜୟ କୁମାର – ଓଡ଼ିଆ ଲୋକ ସାହିତ୍ୟ ଓ ଲୋକସଂସ୍କୃତି, ଇଣ୍ଡିଆନ୍ ବୁକ୍ ଡିଷ୍ଟ୍ରିବ୍ୟୁଟର୍ସ, କଟକ–୧୯୯୬ ।

୭. ପଣ୍ଡା, ଡଃ ଭଗବାନ – ଉତ୍କଳୀୟ ଧର୍ମଶାସ୍ତ୍ର, ଗ୍ରନ୍ଥମନ୍ଦିର, କଟକ, ୧୯୮୫ ।



ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ବାଙ୍କୀ ମହାବିଦ୍ୟାଳୟ (ସ୍ୱୟଂଶାସିତ)
ବାଙ୍କୀ, କଟକ


## ଏସ୍.ଟି. ଏବଂ ଏସ୍.ସି. ଛାତ୍ରଛାତ୍ରୀଙ୍କ ପାଇଁ ସିଧାସଳଖ ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ପାଇଁ ସିଧାସଳଖ ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି ।

ଏହି ଯୋଜନା ଅଧୀନରେ ଦିବାଧାୟୀ ଛାତ୍ରଛାତ୍ରୀଙ୍କ ପାଇଁ ବାର୍ଷିକ ଯଥାକ୍ରମେ ୨୨୫୦ ଟଙ୍କା ଓ ୩୨୦୦ ଟଙ୍କାର ବୃତ୍ତି ଦିଆଯାଉଛି । ଏହି ଯୋଜନାରେ ରାଜ୍ୟର ୩୦ଟି ଜିଲ୍ଲାର ପ୍ରାୟ ୧୦ ହଜାର ଉଚ୍ଚ ବିଦ୍ୟାଳୟକୁ ସାମିଲ କରାଯାଇଛି । ଛାତ୍ରଛାତ୍ରୀମାନଙ୍କୁ ବ୍ୟାଙ୍କ୍ ଆକାଉଣ୍ଟ ମାଧ୍ୟମରେ ୨୦୧୪– ୧୫ ବର୍ଷରେ ୧୨୮ କୋଟି ଟଙ୍କା ସିଧାସଳଖ ହସ୍ତାନ୍ତର କରାଯାଇଛି । ୧୫୬୦ ଜଣ ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀଙ୍କୁ ପୁଣି ଫେରାଇ ଅଣାଯାଇଛି । ଏହି ଯୋଜନା ଦ୍ୱାରା ନବମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୪ ଲକ୍ଷ ୨୭ ହଜାର ଛାତ୍ରଛାତ୍ରୀ ଉପକୃତ ହେଉଛନ୍ତି ।

୨୦୧୫–୧୬ ବର୍ଷ ନିମନ୍ତେ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କ ପାଇଁ ଦରଖାସ୍ତ ଦାଖଲ କରିବାର ଶେଷ ତାରିଖ ଅଗଷ୍ଟ ୩୧, ୨୦୧୫ ରଖାଯାଇଛି । ଛାତ୍ରଛାତ୍ରୀମାନେ www.stscodisha.gov.in. ୱେବ୍‌ସାଇଟ୍‌ରୁ ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି ଆବେଦନ ଫର୍ମ ପାଇପାରିବେ । ଅଧିକ ବିବରଣୀ ପାଇଁ ୧୮୦୦୩୪୫୬୭୨୨ ନମ୍ବର କିମ୍ବା www.ogip.in.ଙ୍କ ସହ ଯୋଗାଯୋଗ କରିପାରିବେ । ପ୍ରକାଶ ଥାଉ କି, ଡି.ଏଫ୍.ଆଇ.ଡି ଓ କେନ୍ଦ୍ରୀୟ ଅନୁଦାନ ସହଯୋଗରେ ରାଜ୍ୟ ସରକାର ଏସ୍.ଟି ଏବଂ ଏସ୍.ସି, ଛାତ୍ରଛାତ୍ରୀଙ୍କୁ ଏହି ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି ପ୍ରଦାନ କରୁଛନ୍ତି ।

❖ ❖ ❖

# ଦାରୁଦେବତା ଓ ନବକଳେବର

ଶ୍ୟାମସୁନ୍ଦର ରାଉତ

ଓଁକାର ବ୍ରହ୍ମ ଶ୍ରୀଜଗନ୍ନାଥ – ଦାରୁବିଗ୍ରହ । ଦାରୁ ଜୀବକୁ 'ଜନ୍ମ ଜନ୍ମାନ୍ତର ପାତକାନି ଦାରୟତି ଇତି – ଦାରୁଃ' । କପିଳ ସଂହିତାମତେ 'କ୍ଷେତ୍ର ନୀଳାଚଳଂ ପୁଣ୍ୟ ଦାରୁବ୍ରହ୍ମ ସ୍ୱରୂପିଣଃ' । ବରାହ ମିହିରଙ୍କ 'ବୃହତ୍ ସଂହିତା' ଅନୁସାରେ ଦାରୁବିଗ୍ରହ ପୂଜା ସୌନ୍ଦର୍ଯ୍ୟ, ବିଜୟ ଓ ଆୟୁଷ ପ୍ରଦାନ କରେ । କଶ୍ୟପ ସଂହିତା, ବିଷ୍ଣୁସଂହିତା ଓ ବୈଖନାସ ଆଗମ ଏଥିରେ ଏକମତ । ପ୍ରତିମା ଲକ୍ଷଣ ସୌଧ ଆଗମ ପୋଥି ଓ ଭବିଷ୍ୟପୁରାଣରେ ଅଛି ଯେ ଶାଳ,ଗମ୍ଭାରୀ ଓ ନିମ୍ବ ଆଦି ବୃକ୍ଷରୁ ବିଗ୍ରହ କରାଯାଇପାରେ, ମାତ୍ର ନିମ୍ବବୃକ୍ଷ ପୁରୁଷ, ଶକ୍ତ, ଦୀର୍ଘସ୍ଥାୟୀ, ଔଷଧୀୟ ଗୁଣଯୁକ୍ତ ଓ କୀଟ ପ୍ରତିରୋଧୀ ତଥା ସବୁ ଜାତିର ଲୋକଙ୍କ ପୂଜାପାଇଁ ସର୍ବୋତ୍କୃଷ୍ଟ । ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଜିଜ୍ଞାସାରେ ବ୍ରହ୍ମା ସପ୍ତାବରଣ ଗୁପ୍ତତତ୍ତ୍ୱ ତାଙ୍କୁ ମନ୍ଦିର ଗର୍ଭରେ ପ୍ରକାଶ କରିଥିଲେ ।

'ମଜ୍ଜା ବ୍ରହ୍ମ ସ୍ୱରୂପଂ ଚ ଅସ୍ଥି ହି ଦାରବୀ ତନୁ
ତୈଳାତ୍ୟ ବସ୍ତଂ ଡ଼ୋରଂ ଚ ଝିଲ୍ଲୀରୂ ପ୍ରକଳ୍ପିତେ ।
ମେଦଂ କର୍ପୂରଂ ଲେପଂ ଚ ଲେହତତ୍ ମାଂସମେବ ଚ
ରକ୍ତବାସ ତଦାରକ୍ତଂ ଶୁକ୍ଳଂ ବସ୍ତ୍ରାତ୍ୟ ଚନ୍ଦନଂ
ଚର୍ମରୂପେ ସମାଖ୍ୟାତ ସପ୍ତାବରଣରୂଚ୍ୟତେ ।'

ବ୍ରହ୍ମ ମଜ୍ଜା, ଦାରୁ ଅସ୍ଥି । ଏହି ଦୈବୀ ନିର୍ଦ୍ଦେଶମତେ ଇନ୍ଦ୍ରଦ୍ୟୁମ୍ନ ପ୍ରଥମ ଦାରୁବିଗ୍ରହ କରାଇଥିଲେ । ଜୀବ ଶରୀର ଜୀର୍ଣ୍ଣହେଲେ ନିତ୍ୟ ସନାତନ ଆତ୍ମା ତାକୁ ତ୍ୟାଗ କରେ । ନୂତନ ଶରୀରରେ ପ୍ରବେଶ କରେ । ଶ୍ରୀକୃଷ୍ଣ ଶ୍ରୀମଦ୍‌ଭଗବଦ୍‌ଗୀତାରେ ଅର୍ଜୁନକୁ କହିଛନ୍ତି –

ବାସାଂସି ଜୀର୍ଣ୍ଣାନି ଯଥା ବିହାୟ ନବାନି ଗୃହ୍ଣାତି ନରୋଅପରାଣି,
ତଥା ଶରୀରାଣି ବିହାୟ ଜୀର୍ଣ୍ଣାନ୍ୟନ୍ୟାନି ସଂଯାତି ନବାନି ଦେହୀ ।

ପ୍ରତିବର୍ଷ ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଗ୍ରହ ୧୫ଦିନ ଅଣସର ବେଳେ ଶ୍ରୀଅଙ୍ଗ ଫିଟାପରି ଗୁପ୍ତସେବାଦ୍ୱାରା ଆବରଣ ନବୀକରଣ ହେଉଥିଲେ ମଧ ଶିଳ୍ପୀଶାସ୍ତ୍ରମତେ ପ୍ରାୟ ୧୨ବର୍ଷ ମଧରେ ଜୀର୍ଣ୍ଣ ହେବା ସ୍ୱାଭାବିକ । ତେଣୁ ମାନବ ପରି ଯାବତୀୟ ଲୀଳାର ନିୟନ୍ତା ଶ୍ରୀମହାପ୍ରଭୁଙ୍କ ବ୍ରହ୍ମ ମଧ ପୁରାତନ ଦାରୁ ବିଗ୍ରହ ତ୍ୟାଗକରି ନବନିର୍ମିତ ବିଗ୍ରହରେ ପ୍ରବେଶ କରେ । ଏହା ହିଁ ଦାରୁବ୍ରହ୍ମ ଶ୍ରୀଜୀଉଙ୍କ ନବକଳେବର ।

ମାଦଳା ପାଞ୍ଜି, ଚକଡ଼ା ପୋଥି, ଉତ୍କଳଦୀପିକା ଓ ବ୍ରିଟିଶ ଶାସନ କାଳରେ ତଥ୍ୟାନୁସାରେ ଭୋଇବଂଶ ପ୍ରତିଷ୍ଠାତା ପ୍ରଥମ ଶ୍ରୀରାମଚନ୍ଦ୍ର ଦେବଙ୍କଠାରୁ ୧୫୭୫, ୧୫୯୩, ୧୬୦୮, ୧୬୨୫, ୧୬୪୬, ୧୬୬୫, ୧୬୮୪, ୧୬୯୮, ୧୭୧୪, ୧୭୩୦, ୧୭୪୯, ୧୭୬୮, ୧୭୯୦, ୧୮୦୯, ୧୮୨୧, ୧୮୫୫, ୧୮୭୪, ୧୮୯୩, ୧୯୧୨, ୧୯୩୧, ୧୯୫୦, ୧୯୬୯, ୧୯୭୭, ୧୯୯୬ ଓ ୨୦୧୫ମସିହାରେ ମୋଟ ୨୫ଥର ନବକଳେବର ହୋଇସାରିଛି । ପୂର୍ବେ ଖଣ୍ଡିଏ ଦାରୁରେ ଚାରି ବିଗ୍ରହ ନିର୍ମିତ ହେଉଥିଲେ । ଏବେ ଚାରିଦାରୁ ଆସୁଛନ୍ତି । ମହାପୁରୁଷ ଅଚ୍ୟୁତାନନ୍ଦ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଯଥାର୍ଥରେ କହିଛନ୍ତି ।

'ବ୍ରହ୍ମା, ବିଷ୍ଣୁ, ମହେଶ, ଦିନମଣି,
ଏକ ବ୍ରହ୍ମ ଚାରିରୂପ ଦେଖଲୋ ମିତଣି ।।'

ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁସାରେ କେବଳ ଦୋ ଆଷାଢ ପଡ଼ୁଥିବା ବର୍ଷ ହିଁ ଶ୍ରୀଜୀଉ ନବକଳେବର ହୁଅନ୍ତି । ଏଥିଲାଗି ରାଜା ବିଭିନ୍ନ ମଠ ପ୍ରତିନିଧି ଓ ମୁଖ୍ୟ ସେବକମାନଙ୍କ ସହ ଦାରୁ ସଂଗ୍ରହ କଥା ଆଲୋଚନା କରନ୍ତି ।

ଚୈତ୍ର ଶୁକ୍ଳ ଦଶମୀରେ ଶ୍ରୀମନ୍ଦିର ଜୀଉମାନଙ୍କ ମଧ୍ୟାହ୍ନ ଧୂପ ପରେ ପତି ମହାପାତ୍ର ନାଲି ସୂତାରେ ନିର୍ମାଲ୍ୟ ଗଣ୍ଠିଥିବା ଗୋଟିଏ ଆଜ୍ଞାମାଳ ନିଜେ ରଖି ତିନିଟି ଆଜ୍ଞାମାଳ ଦଇତାମାନଙ୍କୁ ଦିଅନ୍ତି । ଭିତରଛୁ ମହାପାତ୍ର ପତି ମହାପାତ୍ର ଓ ଆଜ୍ଞାମାଳପ୍ରାପ୍ତ ଦଇତାମାନଙ୍କ ମୁଣ୍ଡରେ ଶାଢୀ ବାନ୍ଧନ୍ତି । କୋଇଲି ବୈକୁଣ୍ଠରେ

ଦେଉଳ ପୁରୋହିତ ଓ ସ୍ତୋତ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା ଦାରୁଶାଳା, କାରୁଶାଳା ଓ ଯଜ୍ଞଶାଳା ଅନୁକୂଳ କର୍ମ ହୁଏ ।

ପତି ମହାପାତ୍ର, ଦେଉଳକରଣ, ତଢ଼ାଉକରଣ, ବେହେରା, ଖୁଣ୍ଟିଆ, ବାଡ଼ଗ୍ରାହୀ ଦଇତା, ବିଶ୍ୱକର୍ମା ଓ ସ୍ତୋତ୍ରୀୟ ବ୍ରାହ୍ମଣ ଆଦିଙ୍କ ଶୋଭାଯାତ୍ରା ସାତପାହାଚ, ଆନନ୍ଦବଜାର, ବାଇଶି ପାହାଚ, ସିଂହଦ୍ୱାର ଓ ବଡ଼ଦାଣ୍ଡ ବାଟେ ଶ୍ରୀନଅର ଯାଏ । ସର୍ବଦା ଲେଙ୍କା ସେବକ ବନଯାଗଯାତ୍ରୀଙ୍କ ଉତ୍ସାହ ଓ ସୁରକ୍ଷା ପାଇଁ ସର୍ବାଗ୍ରେ ଚକ୍ରରାଜ ସୁଦର୍ଶନ ଧରି ଯାଇଥାନ୍ତି । ପୂର୍ବରୁ ଆଚାର୍ଯ୍ୟଙ୍କୁ ରାଜାଙ୍କ ଗୁଆଟେକା ବିଧି ପରେ ରାଜାଙ୍କ ଶ୍ରୀହସ୍ତ ସ୍ପର୍ଶ ନଡ଼ିଆ, ଅକ୍ଷତ ଓ ଗୁବାକ ରାଜଗୁରୁ ବିଶ୍ୱାବସୁଙ୍କୁ ଟେକି ନବକଳେବର ପ୍ରକ୍ରିୟା ସୁଚାରୁରୂପେ ସମ୍ପାଦନ ପାଇଁ ଅନୁରୋଧ କରନ୍ତି । ବିଶ୍ୱାବସୁ ଆଦି ସେବାୟତମାନେ ଶଗଡ଼ରେ ଆଜ୍ଞାବାଳ ବସ୍ତ୍ର, ପୂଜାଦି ପାଇଁ ଆବଶ୍ୟକ ଦ୍ରବ୍ୟ ଓ ଦାରୁ ଶଗଡ଼ି ନିର୍ମାଣ ସାମଗ୍ରୀ ସହ ପାଖ ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ରାତି କାଟନ୍ତି । ପରଦିନ ପ୍ରାୟ ୮୦କି.ମି. ଦୂର କାକଟପୁର ମା' ମଙ୍ଗଳାଙ୍କ ପାଖକୁ ଖାଲି ପାଦରେ ଯାତ୍ରା ଆରମ୍ଭ କରନ୍ତି । ପ୍ରାଚୀନଦୀ କୂଳ ଦେଉଳି ମଠରେ ରାତ୍ରି ଯାପନ କରି ପରଦିନ ସକାଳେ ସମସ୍ତେ ଦାରୁ ସନ୍ଧାନ ଲାଗି ମା'ଙ୍କ ସ୍ୱପ୍ନାଦେଶ ନିମିତ୍ତ ସ୍ୱତନ୍ତ୍ର ମାଜଣା ଓ ମହାସ୍ନାନ ପରେ ଶାଢୀ ଫୁଲମାଳ ବିଭୂଷିତ କରି ମଣ୍ଡା ପ୍ରସାଦ ଦିଅନ୍ତି । ବ୍ରାହ୍ମଣ ପୁରୋହିତ ସ୍ତୋତ୍ର ଓ ଦୁର୍ଗା ସପ୍ତଶତୀ ପାଠ କରନ୍ତି । ପତି ମହାପାତ୍ର ଓ ବିଶ୍ୱାବସୁ ବିଛଣାକୁ ଯିବା ପୂର୍ବରୁ ଦୈନିକ ୧୦୮ଥର ସ୍ୱପ୍ନାବତୀ ମନ୍ତ୍ର ଜପକରି ଦାରୁ ବିଷୟରେ ସୂଚନା ଦେବାକୁ ଅଧିଆ ପଡ଼ନ୍ତି । ବାଡ଼ଗ୍ରାହୀ ଦଇତାଙ୍କୁ ମା' ସ୍ୱପ୍ନରେ ସୂଚନା ଦେଇ ଦାରୁର ଅବସ୍ଥିତି ଜଣାନ୍ତି । ପରଦିନ ଦଇତାମାନେ ଦଳଦଳ ହୋଇ ଚାରି ଦାରୁ ସନ୍ଧାନରେ ଯାଆନ୍ତି । ୨୦୧୫ର ନବକଳେବର ପାଇଁ ଶ୍ରୀସୁଦର୍ଶନଙ୍କ ଦାରୁ ଖୋର୍ଦ୍ଧାଜିଲ୍ଲା ଗଡ଼କଣ୍ଟୁଣିଆରୁ ଏବଂ ଶ୍ରୀବଳଭଦ୍ର, ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ଦାରୁତ୍ରୟ ଜଗତ୍‌ସିଂହପୁର ଜିଲ୍ଲାର ଯଥାକ୍ରମେ ଝଙ୍କଡ଼ର ଶାରଳା ପୀଠ, ବିରିଡ଼ିର ଅଡଙ୍ଗଗଡ଼ ଓ ରଘୁନାଥପୁରର ଖରିପଡ଼ିଆରୁ ମିଳିଛି । ଦାରୁ ରୂପେ ଚୟନ ପାଇଁ କେବଳ ନିମ୍ବ ବୃକ୍ଷ ହିଁ ଆବଶ୍ୟକ ଏବଂ ତାହାର ନିମ୍ନଲକ୍ଷଣ ମଧ୍ୟରୁ ଅନେକ ରହିଥିବ ।

୧. ପୁରାତନ ମୋଟା ବୃକ୍ଷ ୧୦ରୁ ୧୨ଫୁଟଯାଏ ଗଣ୍ଠିହୀନ ସିଧାଥିବ । ୨. ଶଙ୍ଖ, ଚକ୍ର, ଗଦା, ପଦ୍ମ ଚିହ୍ନ ଛେଲିରେ ଥିବ । ୩. ପାଖରେ ଉଇହୁଙ୍କା ଥିବ । ୪. ନାଗସାପ ଜଗିଥିବ । ୫. ଶ୍ମଶାନ ଥିବ । ୬. ଗଛରେ ପକ୍ଷୀବସା ନଥିବ । ୭. ନଦୀ ବା ପୋଖରୀ କୂଳ ହୋଇଥିବ ୮. ମଲାଙ୍ଗ ମାଡ଼ି ନଥିବ । ୯. ପାଖରେ ମନ୍ଦିର ବା ଆଶ୍ରମ ଥିବ । ୧୦. କ୍ଷତ ଚିହ୍ନ ନଥିବ । ୧୧. ଅନ୍ତତଃ ଚାରିଟି ସୁସ୍ଥ ଡ଼ାଳ ଥିବ । ୧୨. ବଳଭଦ୍ର ଦାରୁରେ ସାତ ଶାଖା ଥିବା କିମ୍ବା ଛେଲିରେ ଲଙ୍ଗଳରେ ବିଭିନ୍ନ ଅଂଶର ଚିହ୍ନ ଥିବ । ୧୩. ସର୍ବୋଚ୍ଚ ଗଛ ହୋଇଥିବ । ୧୪. ପାଖରେ ବରୁଣ, ସାହାଡ଼ା ବା ତୁଳସୀ ବୃକ୍ଷ ଥିବ । ୧୫. ବୃକ୍ଷର ଅଠା, ଛେଲି ବା ପତ୍ରର ସ୍ୱାଦ ମଧୁର ଥିବ । ୧୬. ଶ୍ରୀଜଗନ୍ନାଥଙ୍କ ଦାରୁ ରଙ୍ଗ କଳାମିଶା, ବଳଭଦ୍ରଙ୍କର ଧଳାମିଶା, ସୁଭଦ୍ରାଙ୍କର ହଳଦିଆ ମିଶା ଓ ସୁଦର୍ଶନଙ୍କର ଗାଢ଼ଲାଲ ଥିବ ।

ଏଥିରୁ ଅର୍ଦ୍ଧାଧିକ ସୁଲକ୍ଷଣ ଯୁକ୍ତ ବୃକ୍ଷ ଦାରୁ ପାଇଁ ଚୟନ କରାଯାଏ । ସର୍ବପ୍ରଥମେ ସୁଦର୍ଶନଙ୍କ ଦାରୁଚୟନ ଓ ଘୋଷଣା ହୁଏ । ଯଥାକ୍ରମେ ଶ୍ରୀବଳଭଦ୍ର, ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ଦାରୁ ଚୟନ ପରେ ଘୋଷଣା ମନ୍ଦିର ପ୍ରଶାସନ କରନ୍ତି ।

ତତ୍‌ପରେ ଯଥାବିଧି ଦାରୁ ଚତୁଃପାର୍ଶ୍ୱ ପରିଷ୍କାର ହୁଏ । ବାରିକେଡ଼, ଦଇତାଙ୍କ ରହଣି ପାଇଁ ତାଳପତ୍ରରେ ଶବରପଲ୍ଲୀ ପାଖକୁ ଲାଗି ଯଜ୍ଞସ୍ଥଳ ନିର୍ମିତ ହୁଏ । ସମଗ୍ର ଅଞ୍ଚଳ ସୁବାସିତ ପୂତ ଜଳ ସିଞ୍ଚନ, ବୈଦିକ ମନ୍ତ୍ର ପଠନ ଦ୍ୱାରା ଭୂମିଶୁଦ୍ଧି ହୁଏ । ଦାରୁପୂଜା ବିଧି ଆରମ୍ଭ କରାଯାଏ । ଯଜ୍ଞସ୍ଥଳୀରେ ବିଷ୍ଣୁପୂଜା, ପୁରୁଷସୂକ୍ତ ମନ୍ତ୍ର ଉଚ୍ଚାରଣ କରି ଦାରୁସ୍ନାନ ଓ ଶୁଭ୍ରବସ୍ତ୍ରପରିଧାନ ଅଙ୍କୁରାରୋପଣ, ଯଥାବିଧି ମଣ୍ଡଳ ଚିତ୍ରାଙ୍କନ, ଯଜ୍ଞ, ଅସ୍ତ୍ରପୂଜା, ବୃକ୍ଷସଂସ୍କାର, ଦଶଦିଗପୂଜା, ଶ୍ରୀଯଜ୍ଞ ନୃସିଂହପୂଜନ, ଏକ ସହସ୍ର ସ୍ତୁତିପରେ ଏକ ସହସ୍ର ଜପ ତପ ଓ ଆହୂତି ଦିଆଯାଏ । ବୃକ୍ଷସ୍ନାନ ପରେ ଶ୍ୱେତବସ୍ତ୍ର ଆଜ୍ଞାମାଳ କଢାଯାଏ । ଆଚାର୍ଯ୍ୟ ଘୃତ ମଧୁ ଲେପନ ପରେ ବିଦ୍ୟାପତିଙ୍କୁ ସୁନା କୁରାଢୀ, ବିଶ୍ୱାବସୁଙ୍କୁ ରୂପା କୁରାଢୀ ଓ ବିଶ୍ୱକର୍ମାଙ୍କୁ ଲୁହା କୁରାଢୀ ପ୍ରଦାନ କରନ୍ତି । ବିଦ୍ୟାପତି ଓ ବିଶ୍ୱାବସୁଙ୍କ ଦ୍ୱାରା ସୁନା ଓ ରୂପା କୁରାଢୀରେ ମୂଳରେ ସ୍ପର୍ଶ ଚୋଟପରେ ବିଶ୍ୱକର୍ମା ଲୁହା କୁରାଢୀରେ ମୂଳରୁ ଦାରୁ ଛେଦନ କରନ୍ତି । ଦାରୁ ଭୂମି ସ୍ପର୍ଶ ପରେ ମହାରଣା ଆବଶ୍ୟକ ମତେ ଗୁପ୍ତବିଧି ଗଢ଼ି ଓ ଚଉପଟ କରନ୍ତି । ବୃକ୍ଷର ଅବଶିଷ୍ଟାଂଶ ଗାତ ଖୋଳି ପାତାଳି ହୁଏ । ଚେରସହ ମୂଳତାଡ଼ି ଓଲଟା ପାତାଳି କରାଯାଏ । ପ୍ରତ୍ୟେକ ଦାରୁ ଶ୍ରୀକ୍ଷେତ୍ରକୁ ଯାତ୍ରା ପାଇଁ ଲୁହା ହାଲଥିବା ଚାରିଗୋଟି ବର ଚକ, ତିନ୍ତୁଳି ଅଖ ଓ କେନ୍ଦୁ ଦଣ୍ଡାଥିବା ଶଗଡ଼ି ନିର୍ମିତ ହୁଏ ଓ ସ୍ତୋତ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା ଯଥାବିଧି ଶୋଧନ ଓ ପ୍ରତିଷ୍ଠା କରାଯାଏ । ଦାରୁଗଡ଼ି ଶଗଡ଼ିରେ ଚଢା ହୋଇ ପାଟ ଖଣ୍ଡୁଆରେ ଆବୃତ ହୋଇ ବାସୁଙ୍ଗା ପଟରେ ବନ୍ଧାଯାଏ । ଶଗଡ଼ିର ଦଉଡ଼ି ଧରି ଭକ୍ତମାନେ ଟାଣି ଟାଣି ନିଅନ୍ତି । ଦାରୁ ଚିହ୍ନଟଠାରୁ ଶଗଡ଼ି ଶ୍ରୀକ୍ଷେତ୍ରରେ ପହଞ୍ଚିବାଯାଏ ସର୍ବତ୍ର ଭକ୍ତଙ୍କ ଅପୂର୍ବ ଉତ୍ସାହ, ଉଦ୍ଦୀପନା ହେତୁ ନୃତ୍ୟ, ସଙ୍ଗୀତ, ସଂକୀର୍ତ୍ତନ, ଚିତାପକା, ଶାଢୀ ବିଛା ସହ ପ୍ରବଳ ଜନସମାଗମ ହୁଏ । ଦାରୁ ଶଗଡ଼ି ସାକ୍ଷୀଗୋପାଳ

ବାଟେ ଆସିଲେ ଆଲାମ ଚଣ୍ଡୀ ମନ୍ଦିର ପାଖରେ, କୋଣାର୍କପୁରୀ ବେଳାଭୂମି ମାର୍ଗରେ ଆସିଲେ ଗୁଣ୍ଡିଚା ମନ୍ଦିର ପଛ ଯଜ୍ଞ ନୃସିଂହ ମନ୍ଦିର ପାଖରେ ରହେ । ଶ୍ରୀମନ୍ଦିର ପ୍ରଶାସନ ସୂଚନା ପାଇବାପରେ ପରଦିନ ସକାଳେ ଶୋଭାଯାତ୍ରାରେ ଦାରୁ ଶଗଡ଼ି ଲକ୍ଷ୍ମୀବଜାର ଉତ୍ତରଦ୍ୱାର ବାଟେ କୋଇଲି ବୈକୁଣ୍ଠ ଆଣି ପୂର୍ବରୁ ନିର୍ମିତ ଦାରୁଶାଳାରେ ରଖିଥାନ୍ତି । ଶ୍ରୀଜଗନ୍ନାଥଙ୍କ ଦାରୁ ଶଗଡ଼ି ଫେରିବାପରେ ବିଶ୍ୱାବସୁ ତା' ପଛରେ ଆସନ୍ତି । ଦଇତାପତି, ପତି ମହାପାତ୍ର ଓ କିଛି ସେବକଙ୍କ ବ୍ୟତୀତ ଅନ୍ୟକେହି ଦାରୁଶାଳାରେ ଦାରୁ ଦେଖିବା ନିଷେଧ । ପତି ମହାପାତ୍ର ପ୍ରତ୍ୟହ ଦାରୁଗୁଡ଼ିକୁ ଦାରୁଶାଳାରେ ପୂଜା କରନ୍ତି ଓ ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନ କରାନ୍ତି । ନବକଳେବର ବର୍ଷ ଅଣସର ୪୫ଦିନ ହେତୁ ମହା–ଅଣସର କହନ୍ତି । ଏହି ସମୟର ଗୁପ୍ତବିଧି ପାଇଁ ୭ଟି ଅସ୍ଥାୟୀ ମଣ୍ଡପ ଥାଏ । ଯଥା– ୧. ନୃସିଂହ ମଣ୍ଡପ, ୨– ନିର୍ମାଣ ମଣ୍ଡପ, ୩. ଅଙ୍କୁରାରୋପଣ ମଣ୍ଡପ, ୪. ଯଜ୍ଞ ମଣ୍ଡପ, ୫. ସ୍ନାନ ମଣ୍ଡପ, ୬. ଅଧିବାସ ମଣ୍ଡପ ଓ ୭. ସମ୍ଭାର ମଣ୍ଡପ ।

ସ୍ନାନ ପୂର୍ଣ୍ଣିମାରେ ବିଗ୍ରହମାନଙ୍କ ସ୍ନାନପରେ ସୁନାକୂଅରୁ ୪ ଗରାପାଣି ଆଣି ଦାରୁମାନଙ୍କୁ ସ୍ନାନ କରାଯାଏ । ଅଙ୍କୁରାରୋପଣ ବିଧିପରେ ତା' ପରଦିନ ଦଇତାପତିମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଶ୍ୱକର୍ମାମାନେ ମୂର୍ତ୍ତି ନିର୍ମାଣ ଆରମ୍ଭ କରନ୍ତି । ବିଗ୍ରହମାନଙ୍କ ମାପ ଓ ନିର୍ମାଣ ରୀତି ପରିବାରରେ ଥିବା ତାଳପତ୍ର ପୋଥି ଅନୁସାରେ ଗୁପ୍ତବିଧି କରାଯାଏ । ଦଇତାପତି ଓ ବିଶ୍ୱକର୍ମା ବ୍ୟତୀତ ସେଠାକୁ ପ୍ରବେଶ ନିଷେଧ । ଅନ୍ତବନଯାଗ ହୋମ କରୁଥିବା ବ୍ରାହ୍ମଣମାନେ ମଧ୍ୟ ଯିବା ନିଷେଧ । ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ବିଭିନ୍ନ ଦେବୀ ଓ ଶିବ ମନ୍ଦିରରେ ଚଣ୍ଡୀପାଠ ଓ ରୁଦ୍ରାଭିଷେକ ଚାଲେ । ନିର୍ମାଣ ଶବ୍ଦ ନ ଶୁଭିବାକୁ ନାନା ବାଦ୍ୟଯନ୍ତ୍ରର ଶବ୍ଦ କରାଯାଏ । ଆନୁଷଙ୍ଗିକ ଦେବଦେବୀଙ୍କ ନିର୍ମାଣ ଓ ପୂଜା, ନ୍ୟାସଦାରୁ ପୂଜା, ନିଦ୍ରାଘଟ ପରେ ଦ୍ୱାଦଶୀ ଦିନ ନ୍ୟାସ ଦାରୁର ଶଗଡ଼ିରେ ସ୍ଥାନାନ୍ତରଣ ହୁଏ । ଚତୁର୍ଦ୍ଦଶୀରେ ହୋମ, ମାଛବଳି ପରେ ଆଚାର୍ଯ୍ୟ ଓ ଦଇତାପତି ଥାଇ ରାଜାଙ୍କ ଦ୍ୱାରା ପୂର୍ଣ୍ଣାହୂତି କରାଯାଏ । ଚତୁର୍ଦ୍ଦଶୀ ସନ୍ଧ୍ୟାସୁଦ୍ଧା ବିଗ୍ରହ ନିର୍ମାଣ ଶେଷ ହୁଏ । ସେଦିନ ମନ୍ଦିରର ଚାରିଦ୍ୱାର ବନ୍ଦ ରହେ । ଚତୁର୍ଦ୍ଦିଗ ନିଷ୍ପ୍ରଦୀପ ହୁଏ । ଚଳିତ ବର୍ଷ ଜୁନ ୧୫ ତାରିଖରେ ବ୍ରହ୍ମପରିବର୍ତ୍ତନ ନୀତି ହୋଇଛି । ଚାରିଜଣ ଦଇତାପତି ହାତରେ ମୋଟା କନା ଗୁଡ଼ାଇ ଆଖିରେ ଅନ୍ଧ ପୁଟୁଳି ବାନ୍ଧି ଚାରିପୁରୁଣା ବିଗ୍ରହରୁ ବ୍ରହ୍ମ କାଢ଼ି ଆଣି ତୁଳସୀ ଗୁଡ଼ାଇ ସମ୍ପୃକ୍ତ ନୂତନ ବିଗ୍ରହରେ ସ୍ଥାପନ କରନ୍ତି । ଯେପରି କି ବ୍ରହ୍ମ ପଦାର୍ଥ ସେମାନେ ଦେଖି କି ଛୁଇଁ ପାରିବେ ନାହିଁ । ଏହା ଶ୍ରୀକୃଷ୍ଣଙ୍କ ନାଭିକି ପବିତ୍ର ଶାଳଗ୍ରାମ କି ବୁଦ୍ଧଙ୍କ ଦାନ୍ତ କି ବୁଦ୍ଧଙ୍କ ଯନ୍ତ୍ର ଏଥିରେ ଭିନ୍ନ ମତ ରହିଛି ।

ପୁରାତନ ବିଗ୍ରହରୁ ବ୍ରହ୍ମ ପ୍ରସ୍ଥାନପରେ ସେମାନେ ମୃତ ତୁଲ୍ୟ ହୁଅନ୍ତି । ସେମାନେ କୋଇଲି ବୈକୁଣ୍ଠକୁ ନିଆଯାଆନ୍ତି । ସେଠାରେ ନଅହାତର ଏକ ଗର୍ତ୍ତରେ ଶ୍ରୀମାଧବ, ତିନିରଥର ୧୨ ଅଶ୍ୱ, ୨୭ ପାର୍ଶ୍ୱଦେବୀ ଓ ଅପ୍ସରା ସହ ସେମାନେ ପାତାଳି ହୁଅନ୍ତି । ନବକଳେବର ବର୍ଷ ମହାପ୍ରଭୁଙ୍କ ପରି ସେମାନେ ନୂତନ ନିର୍ମିତ ହୁଅନ୍ତି । ଚନ୍ଦନ ଯାତ୍ରାର ଚାପଦ୍ୱୟ ଭଦ୍ରା ଓ ନନ୍ଦା ମଧ୍ୟ ନୂଆ ତିଆରି ହେଲେ ।

ଦଇତାମାନେ ଜଗନ୍ନାଥଙ୍କ ବଂଶଧର ବୋଲି ନିଜକୁ ମାନୁଥିବା ହେତୁ ମୁକ୍ତି ମଣ୍ଡପ ପାଖକୁ ଯାଇ ଠାକୁରଙ୍କ ଘଟପରିବର୍ତ୍ତନ ପରେ ଦେହରେ ତେଲ ଲଗାଇ ମାର୍କଣ୍ଡ ପୋଖରୀରେ ଗାଧାନ୍ତି । ସିଂହଦ୍ୱାରଠାରେ ଓଦାଲୁଗା ରଖି ନିର୍ମାଲ୍ୟ ପାଇ ଘରକୁ ଫେରି ସପରିବାର ୧୦ଦିନ ଅଶୌଚ ପାଳନ୍ତି । ଦଶମ ଦିନ କେଶ ନଖ କାଟି ନୂଆ ବସ୍ତ୍ର ପିନ୍ଧନ୍ତି । ସ୍ତ୍ରୀ ଲୋକମାନେ ମଧ୍ୟ ଶୌଚ ହୋଇ ନୂଆ ଶାଢୀ ପିନ୍ଧନ୍ତି । ଦ୍ୱାଦଶ ତ୍ରୟୋଦଶ ଦିନ ଶ୍ରୀମନ୍ଦିରରେ ସମସ୍ତ ସେବକ ଓ ଭକ୍ତଙ୍କୁ ଭୋଜି ଦିଅନ୍ତି । ତାଙ୍କ ଘର ଧୁଆ ଓ ରଙ୍ଗ ଦେବା ଖର୍ଚ୍ଚ ମନ୍ଦିର ପ୍ରଶାସନ ବହନ କରେ ।

ମହାଅଣସରର ଶେଷ ପକ୍ଷର ୧୩ଦିନ ଦଇତାପତି ତାଳପତ୍ର ପୋଥି ଗୁପ୍ତବିଧି ଅନୁସାରେ ନୂତନ ବିଗ୍ରହମାନଙ୍କ ଦାରୁ ଅସ୍ଥି ଉପରେ କର୍ପୂର, ଚନ୍ଦନ, ରକ୍ତ ବସ୍ତ୍ରାଦି ସପ୍ତାବରଣ ବେଷ୍ଟନ କଳାପରେ ଦତ୍ତ ମହାପାତ୍ର ଶେଷ ଦୁଇଦିନ ପ୍ରାକୃତିକ ରଙ୍ଗରେ ଚିତ୍ରକରି ମୂର୍ତ୍ତିଙ୍କୁ ପରିପୂର୍ଣ୍ଣ ରୂପ ଦିଅନ୍ତି । ଆଷାଢ଼ ଶୁକ୍ଳ ପ୍ରତିପଦରେ ନବଯୌବନ ଦର୍ଶନ ପରେ ନବକଳେବର ପ୍ରାପ୍ତ ଚତୁର୍ଦ୍ଧାମୂର୍ତ୍ତି ନୂତନ ରଥରେ ଯାତ୍ରାକରି ବିଶ୍ୱବାସୀଙ୍କ ସମ୍ମୁଖରେ ସର୍ବଜନ–ମନଲୋଭା କାନ୍ତି ପ୍ରକଟ କରନ୍ତି ।

ଛକନା, ଇନ୍ଦାଲୋ, ଦାନପୁର
କେନ୍ଦ୍ରାପଡ଼ା – ୭୫୪୨୧୦

❖ ❖ ❖

# ଜନ୍ମଭୂମିରୁ ଯୁଦ୍ଧଭୂମି

**ତାପସ କୁମାର ସାହା**

ଦୀର୍ଘଦିନର ନିରବଛିନ୍ନ ପ୍ରଚେଷ୍ଟା ଏବଂ ଉତ୍କଳ ସମ୍ମିଳନୀର ମାଧ୍ୟମରେ ଓଡ଼ିଆ ପ୍ରେମୀ ମହାମନିଷୀମାନଙ୍କର ଆନ୍ଦୋଳନ ଏବଂ ବରପୁତ୍ରମାନଙ୍କର ତ୍ୟାଗ ଓ ତିତୀକ୍ଷା ବ ଳରେ ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ହାସଲ କରିଥିଲା । ଏହି ଦିନ ଆମେ ସାରା ଓଡ଼ିଶାବାସୀ, ପ୍ରାତଃ ସ୍ମରଣୀୟ ଉତ୍କଳଗୌରବ ମଧୁସୂଦନ ଦାସ, ପାରଳା ମହାରାଜ କୃଷ୍ଣଚନ୍ଦ୍ର ନାରାୟଣ ଦେବ, ଶ୍ରୀରାମଚନ୍ଦ୍ର ଭଞ୍ଜ, ଉତ୍କଳମଣି ଗୋପବନ୍ଧୁ, ବ୍ୟାସକବି ଫକୀର ମୋହନ ଆଦି ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ନିଜର ଶୌର୍ଯ୍ୟ, ବୀର୍ଯ୍ୟ ନିମନ୍ତେ ଖ୍ୟାତ କଳିଙ୍ଗ ବୀର ପୁରୁଷ, ସମ୍ରାଟ ଖାରବେଳ, ଅପରାଜୟ କପିଳେନ୍ଦ୍ର ଦେବ ଆଦି ନୃପତିମାନଙ୍କ ସ୍ମୃତି ଚାରଣ କରି ଗର୍ବ ଅନୁଭବ କରୁ । ଆମେ ଗର୍ବ ଅନୁଭବ କରୁ ଉତ୍କଳର ଉତ୍କୃଷ୍ଟ କଳା, ଭାସ୍କର୍ଯ୍ୟ, ସଂସ୍କୃତି, ଐତିହ୍ୟ ନିମନ୍ତେ । ଆମେ ଗର୍ବକରୁ ଅତୀତର ଓଡ଼ିଆ ସାଧବ ପୁଅଙ୍କ ସୁଦୂର ବାଲି, ଜାଭା, ସୁମାତ୍ରା, ବୋର୍ଣ୍ଣିଓ ଆଦି ସ୍ଥାନକୁ ନୌବାଣିଜ୍ୟ ନିମନ୍ତେ ଯାତ୍ରାର ସ୍ମୃତି ଚାରଣ କରି । ଏଥି ସହିତ ପୁଣି ଗର୍ବକରୁ ଏହି ଓଡ଼ିଶା ମାଟିର ଆଉ ଏକ ସୁଯୋଗ୍ୟ ସନ୍ତାନ ନେତାଜୀ ସୁଭାଷ ବୋଷଙ୍କ ପାଇଁ ଯିଏ ଦିନେ ପରାଧୀନ ଭାରତବର୍ଷକୁ ବିଦେଶୀ ଇଂରେଜ ଶାସନ କବଳରୁ ମୁକ୍ତ କରିବା ପାଇଁ ସଶସ୍ତ୍ର ସଂଗ୍ରାମରେ ଝାସ ଦେଇ ଇତିହାସ ସୃଷ୍ଟି କରିଥିଲେ ।

ସେ ଥିଲା ଏକ ରକ୍ତାକ୍ତ ସଂଗ୍ରାମ । ୧୯୪୪ ମସିହା ଫେବୃଆରୀ ୪ ତାରିଖ । ଭାରତର ସୀମାନ୍ତରେ ରଣଭୂମିରେ ଛିଡାହୋଇ ଆଜାଦ୍ ହିନ୍ଦ୍ ଫଉଜର ସର୍ବାଧିନାୟକ ନେତାଜୀ ବଜ୍ର କଣ୍ଠରେ ଆହ୍ୱାନ ଦେଇଥିଲେ । 'ମତେ ରକ୍ତ ଦିଅ । ମୁଁ ତୁମକୁ ସ୍ୱାଧୀନତା ଦେବି ।' ଇତିହାସରେ ଏହା ପୂର୍ବରୁ ଏପରି କଥା କେହି କହି ନଥିଲେ । ନେତାଜୀଙ୍କ 'ଜୟହିନ୍ଦ୍' ଧ୍ୱନିରେ ସେଦିନ ଗଗନ ପବନ ପ୍ରକମ୍ପିତ ହୋଇ ଉଠିଲା । 'ଚଲୋ ଦିଲ୍ଲୀ' ଡାକରାରେ ହଜାର ହଜାର ଆଜାଦ୍ ହିନ୍ଦ୍ ଫୌଜର ସେନାନୀ ଆଗକୁ ମାଡି ଚାଲିଲା । ଏତେଦିନ ଯେଉଁ ସୈନ୍ୟମାନେ ବ୍ରିଟିଶ ସରକାରଙ୍କ ଭଡାଟିଆ ସୈନ୍ୟ ଭାବରେ ଦେଶ ବିଦେଶରେ ଇଂରେଜ ସାମ୍ରାଜ୍ୟର ରକ୍ଷା ନିମନ୍ତେ ଲଢ଼େଇ କରୁଥିଲେ, ସେମାନେ ଆଜି ସେମାନଙ୍କର ପ୍ରିୟ ନେତାଜୀଙ୍କ ଡାକରାରେ ନିଜ ମାତୃଭୂମିର ଶୃଙ୍ଖଳ ଛିନ୍ନ କରି ଭାରତକୁ ସ୍ୱାଧୀନ କରିବା ନିମନ୍ତେ ଇଂରେଜ ବିରୁଦ୍ଧରେ ପ୍ରତ୍ୟକ୍ଷ ସଂଗ୍ରାମରେ ପ୍ରାଣପାତ କରିବା ପାଇଁ ପ୍ରସ୍ତୁତ । ଜାତି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକ ହୋଇ କାନ୍ଧରେ କାନ୍ଧ ମିଶାଇ ଦେଶର ଆଜାଦୀ ପାଇଁ ଯୁଦ୍ଧ କରିଥିଲେ । ମେଜର ଜେନେରାଲ ଏମ. ଜେଡ଼. କିୟାନୀ, ମେଜର ଜେନେରାଲ ସାହନୱାଜ୍ ଖାନ୍, କର୍ଣ୍ଣେଲ ସେହଗଲ, କର୍ଣ୍ଣେଲ ଜି. ଏ.ଏସ୍. ଧୀଲନ୍, ଜେନେରାଲ ଭୋଁସଲେ, ଏମ୍. ଡି. କିୟାନୀ, କର୍ଣ୍ଣେଲ ଏମ୍. ଏମ୍. ହୁସେନ୍, ଏସ୍.ଏ. ମାଲିକ ଆଦି ବୀର ଯୋଦ୍ଧାଙ୍କ ନେତୃତ୍ୱରେ ଆଜାଦ୍ ହିନ୍ଦ୍ ଫୌଜର ଗାନ୍ଧୀ ବ୍ରିଗେଡ଼, ନେହେରୁ ବ୍ରିଗେଡ଼, ସୁଭାଷ ବ୍ରିଗେଡ୍ ଓ ଆଜାଦ୍ ବ୍ରିଗେଡ୍ ଭାରତର ସୀମାନ୍ତରେ ପ୍ରଚଣ୍ଡ ଲଢ଼େଇ କରିଥିଲେ । ନେତାଜୀଙ୍କ ଓଜସ୍ୱିନୀ ଆହ୍ୱାନରେ ଆଜାଦୀ ସେନା ପ୍ରବଳ ଉତ୍ସାହର ସହ ଲଢ଼ି ଭାରତର ସୀମାନ୍ତରେ ଗୋଟିଏ ପରେ ଗୋଟିଏ ଘାଟି ଦଖଲ କରିଥିଲେ । ଆରାକାନ୍ ଅଞ୍ଚଳରୁ ଆରମ୍ଭ ହୋଇଥିଲା ଜୟଯାତ୍ରା । ଏପ୍ରିଲ୍ ୮ ତାରିଖରେ କୋହିମା ଦଖଲ । କୋହିମା ପରେ ମୟରାଂ, ତା'ପରେ ବିଷାଣପୁର । ଗୋଟିଏ ପରେ ଗୋଟିଏ ଭାରତର ଭୂଖଣ୍ଡ ଆଜାଦ୍ ହିନ୍ଦ୍ ଫୌଜ୍‌ର ଦଖଲକୁ ଆସିଲା । ସବୁଠି ଆଜାଦ୍ ହିନ୍ଦ୍ ପତାକା ଫରଫର ହୋଇ ଉଡିବାକୁ ଲାଗିଲା । ଜୟହିନ୍ଦ୍ ଧ୍ୱନିରେ ସବୁଠାରେ ପ୍ରତିଧ୍ୱନିତ ହେଲା । ଏଥର ପରବର୍ତ୍ତୀ ଲକ୍ଷ୍ୟ ଇମ୍ଫାଲ୍ । ସଂଘଟିତ

ହେଲା ଏକ ଲୋମହର୍ଷଣକାରୀ ରକ୍ତାକ୍ତ ସଂଘର୍ଷ । ସେଦିନ ଇମ୍ଫାଲ ହୋଇଥିଲା ରକ୍ତସ୍ନାତ । ସ୍ୱାଧୀନତା ହାସଲ ନିମନ୍ତେ ଇଂରେଜ ବିରୁଦ୍ଧରେ ଭାରତ ମାଟିରେ ପ୍ରତ୍ୟକ୍ଷ ସଶସ୍ତ୍ର ସଂଗ୍ରାମ କଥା କେହି କେବେ ଚିନ୍ତା କରି ପାରି ନଥିଲେ ।

ଭାରତୀୟ ଜାତୀୟ କଂଗ୍ରେସର ଦୁଇଥର ସଭାପତି ଆସନ ଅଳଂକୃତ କରିଥିବା ସୁଭାଷ ସେଦିନ ପୂର୍ଣ୍ଣ ସାମରିକ ପୋଷାକରେ ଆଭୂଷିତ ହୋଇ ଇମ୍ଫାଲ ରଣାଙ୍ଗନରେ ଆଜାଦ୍ ହିନ୍ଦ୍ ଫୌଜ୍‌ର ନେତୃତ୍ୱ ନେବା ଇତିହାସରେ ଏକ ବିରଳ ଘଟଣା । ସ୍ୱାଧୀନତା ପାଇବାକୁ ହେଲେ ଆବେଦନ ନିବେଦନ ବଦଳରେ ଦରକାର ସଶସ୍ତ୍ର ସଂଘର୍ଷ । ଯୁଦ୍ଧଭୂମିରେ ବଳିଦାନ ଆବଶ୍ୟକ । ଜୀବନକୁ ପରିପୂର୍ଣ୍ଣ ଭାବରେ ପାଇବାକୁ ହେଲେ ଜୀବନ ବିନିମୟରେ ତାହାକୁ ହାସଲ କରିବାକୁ ପଡ଼େ । ମଣିଷର କଲ୍ୟାଣ ଯାହାର ଏକମାତ୍ର ଲକ୍ଷ୍ୟ, ସେମାନେ ହିଁ କେବଳ ସେମାନଙ୍କ ଜୀବନ ହସିହସି ଉତ୍ସର୍ଗ କରି ଦିଅନ୍ତି । ସେମାନେ ମୃତ୍ୟୁ ପରେ ମଧ୍ୟ ଜିଇଁ ରହନ୍ତି, ଜାତିର ପ୍ରାଣ, ଚିନ୍ତା ଓ ଚେତନାରେ ।

ବୀରପ୍ରସବିନୀ ଉତ୍କଳର ଐତିହାସିକ କଟକ ସହରର ଓଡ଼ିଆ ବଜାରରେ ଜନ୍ମଗ୍ରହଣ କରିଥିଲେ ଅନନ୍ୟ  ସାଧାରଣ, ଆଜନ୍ମ ବିପ୍ଳବୀ, ଚିର ବିଦ୍ରୋହୀ ଆପୋଷହୀନ ସଂଗ୍ରାମର ମହାନାୟକ ଓ ସର୍ବଶ୍ରେଷ୍ଠ ମୁକ୍ତିଯୋଦ୍ଧା ସୁଭାଷ ଚନ୍ଦ୍ର ବୋଷ । ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା , ଦରିଦ୍ର ନାରାୟଣ ଓ ଦୁର୍ଗତମାନଙ୍କର ସେବା ଆଦି ମହତ ଗୁଣର ମୂଳଦୁଆ ପଡ଼ିଥିଲା କଟକର ରେଭେନ୍ସା କଲିଜିଏଟ୍ ସ୍କୁଲରେ ପାଠ ପଢ଼ିଲା ବେଳେ । ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଓ ଆଦର୍ଶରେ ଅନୁପ୍ରାଣିତ ସୁଭାଷ ମାନବବୋଧରେ ନିଜ  ଜୀବନକୁ ଉତ୍ସର୍ଗ କରିବା ତାଙ୍କ ଜୀବନର ଲକ୍ଷ୍ୟ ବୋଲି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ । ପ୍ରତ୍ୟେକ ଭାରତୀୟ ତାଙ୍କର ଭାଇ ଏବଂ ଭାରତର ମୁକ୍ତି, ଲୋକଶକ୍ତିର ଉତ୍‌ଥାନ ଉପରେ ନିର୍ଭର କରେ ବୋଲି ବିବେକାନନ୍ଦଙ୍କ ବାଣୀରେ ଗଭୀର ଭାବରେ ସେ ପ୍ରଭାବିତ ହୋଇଥିଲେ । ଉଚ୍ଚଶିକ୍ଷା ନିମନ୍ତେ ସେ ପ୍ରଥମେ କଲିକତା ଓ ପରେ ବିଲାତ ଯାଇଥିଲେ । ପ୍ରଚଣ୍ଡ ଭାବରେ ଇଂରେଜ ବିରୋଧୀ ସୁଭାଷ ଆଇ. ସି. ଏସ୍, ପରୀକ୍ଷାରେ କୃତକାର୍ଯ୍ୟ ହୋଇ ମଧ୍ୟ ଏଥିରୁ ଇସ୍ତଫା ଦେଇଥିଲେ । ତାଙ୍କ ମତରେ ପରାଧୀନ ମଣିଷର ଶିକ୍ଷା, ଦୀକ୍ଷା କର୍ମସବୁ ବ୍ୟର୍ଥ ଯଦି ତାହା ସ୍ୱାଧୀନତା ଲାଭ ଦିଗରେ ସହାୟ ନ ହେଲା । ଦାସତ୍ୱଠାରୁ ଆଉ ବଡ଼ ଅଭିଶାପ ନାହିଁ । ଅନ୍ୟାୟ ଓ ଦୁର୍ନୀତି ସହିତ ସାଲିସ କରିବାଠାରୁ ବଡ଼ ଅପରାଧ ନାହିଁ ବୋଲି ସେ ସର୍ବଦା କହୁଥିଲେ ।

ବଙ୍ଗଳାର ପ୍ରସିଦ୍ଧ ନେତା ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ସଂସ୍ପର୍ଶରେ ଆସି ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ । ୧୯୨୧ ମସିହାରେ ଗାନ୍ଧିଜୀଙ୍କୁ ସାକ୍ଷାତ କରିବା ପରେ ସେ ଅସହଯୋଗ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ବ୍ରିଟିଶ୍ ବିରୋଧୀ ବଙ୍ଗଳାର ସନ୍ତ୍ରାସବାଦୀମାନଙ୍କ ସହିତ ସୁଭାଷଙ୍କ ସମ୍ପର୍କ ରହିଛି ସନ୍ଦେହରେ ତାଙ୍କୁ ୧୯୨୪ ମସିହାରେ ଗିରଫ କରି ପ୍ରଥମେ ଆଲିପୁର ଓ ପରେ ମାନ୍ଦାଲେ ଜେଲରେ ରଖାଗଲା । ୧୯୨୮ ମସିହାରେ କଲିକତାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନର ସଫଳ ଆୟୋଜନ ନିମନ୍ତେ କଂଗ୍ରେସ ସ୍ୱେଚ୍ଛାସେବୀ ବାହିନୀ ଗଠନ କରି ସେ ତା'ର ପ୍ରଧାନ ସେନାଧକ୍ଷ ହୋଇଥିଲେ । ପୂର୍ଣ୍ଣ ସାମରିକ ପୋଷାକ ପରିହିତ ସୁଭାଷଙ୍କୁ ସେଦିନ ଗାନ୍ଧିଜୀଙ୍କଠାରୁ ବ୍ୟଙ୍ଗୋକ୍ତି ଶୁଣିବାକୁ  ପଡ଼ିଥିଲେ ହେଁ ଏହିଠାରେ ହିଁ ଇଂରେଜ ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମ କରିବାର ଯୋଜନାର ବୀଜ ପବନ ହୋଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବାରମ୍ବାର ଜେଲ୍‌ରେ ରହିବା ଯୋଗୁ ସ୍ୱାସ୍ଥ୍ୟାବସ୍ଥା ଦିନକୁ ଦିନ ଖରାପ ହେବାରୁ ଚିକିତ୍ସା ନିମନ୍ତେ ସୁଭାଷ ୟୁରୋପ ଯାତ୍ରା କରିଥିଲେ । ୟୁରୋପରେ ଅବସ୍ଥାନ କାଳରେ ସେ ତତ୍‌କାଳୀନ ୟୁରୋପର ସାମାଜିକ ଓ ରାଜନୈତିକ ଅବସ୍ଥାକୁ ଅନୁଧ୍ୟାନ କରିବା ସହିତ ନେତୃବୃନ୍ଦଙ୍କୁ ସାକ୍ଷାତ କରି ଭାରତର ସ୍ୱାଧୀନତା ସଂଗ୍ରାମ ବିଷୟ ମତବିନିମୟ କରିଥିଲେ । ପ୍ରଥମ ବିଶ୍ୱଯୁଦ୍ଧ ପରେ ୟୁରୋପରେ ରାଜନୈତିକ ସମୀକରଣ ସଂପୂର୍ଣ୍ଣ ରୂପେ ବଦଳି ଯାଇଥିଲା । ପରାଜିତ ଜର୍ମାନୀ ଅପମାନଜନକ ଭର୍ସାଇଲ ସନ୍ଧିଯୋଗୁ ବିପୁଳ ଭାବରେ କ୍ଷତିଗ୍ରସ୍ତ ହେବା ସତ୍ତ୍ୱେ ଧୀରେ ଧୀରେ ତାର ପୂର୍ବାବସ୍ଥାକୁ ଫେରିବାକୁ ଲାଗିଥିଲା । ହିଟ୍‌ଲରଙ୍କ ନେତୃତ୍ୱରେ ଜର୍ମାନ ପୁର୍ନବାର ବଳଶାଳୀ ହେବାକୁ ଲାଗିଲା । ସୁଭାଷ ବୋଷ ଅନୁମାନ କରିପାରିଥିଲେ ଯେ ନିକଟ ଭବିଷ୍ୟତରେ ଯୁଦ୍ଧ ଅବଶ୍ୟମ୍ଭାବୀ ।

ଇତିମଧ୍ୟରେ ସୁଭାଷ ବିଦେଶରୁ ଫେରି ୧୯୩୮ ମସିହାରେ ହରିପୁରଠାରେ କଂଗ୍ରେସ ଅଧିବେଶନରେ ସଭାପତି ଆସନ ଅଳଂକୃତ କରିଥିଲେ । ଏକ ଦୂରଦର୍ଶୀ ଜାତୀୟ ସ୍ତରର ନେତା ଭାବରେ ତାଙ୍କର ସାରା ଭାରତରେ ଲୋକପ୍ରିୟତା ବୃଦ୍ଧି ପାଇଥିଲା । ଫଳସ୍ୱରୂପ ପରବର୍ତ୍ତୀ ବର୍ଷ ଗାନ୍ଧିଜୀଙ୍କ ଇଚ୍ଛା ବିରୁଦ୍ଧରେ ତାଙ୍କର ସମର୍ଥିତ ସଭାପତି ପ୍ରାର୍ଥୀ ପଟ୍ଟାଭି ସୀତାରାମୟାଙ୍କୁ ସେ ନିର୍ବାଚନରେ ପରାସ୍ତ କରି ଦ୍ୱିତୀୟ  ଥର ନିମନ୍ତେ ତ୍ରିପୁରୀଠାରେ

ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ସଭାପତି ଭାବରେ ନିର୍ବାଚିତ ହୋଇଥିଲେ । ମାତ୍ର ଗାନ୍ଧିଜୀଙ୍କ ସହିତ ସ୍ୱାଧୀନତା ଆନ୍ଦୋଳନ ସଂପର୍କରେ ପ୍ରବଳ ମତପାର୍ଥକ୍ୟ ଓ କଂଗ୍ରେସ ନେତୃବୃନ୍ଦଙ୍କ ଅସହଯୋଗ ଫଳରେ ସେ ସଭାପତି ପଦରୁ ଇସ୍ତଫା ଦେବାକୁ କୁଣ୍ଠାବୋଧ କରି ନଥିଲେ । ୧୯୩୯ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେଲା । କଂଗ୍ରେସ ନେତୃତ୍ୱରେ କେବଳ ଆପୋଷ ଆଲୋଚନା ଦ୍ୱାରା ଥରକୁ ଥର କିଛି ସୁବିଧା ହାସଲ କରିବା ଛଡ଼ା ଅନ୍ୟ କୌଣସି ଠୋସ ଏବଂ ନିର୍ଣ୍ଣାୟକ ପଦକ୍ଷେପ ନେଉ ନଥିବା ଦୃଷ୍ଟିରୁ ଦେଶ ବାହାରକୁ ଯାଇ ବିଦେଶୀ ଶକ୍ତି ସାହାଯ୍ୟରେ ଦେଶକୁ ସ୍ୱାଧୀନ କରିବାର ପରିକଳ୍ପନା ନେତାଜୀ କରିଥିଲେ ।

ସ୍ୱାଧୀନତା କେବେ ଉପହାର ହୋଇ ପାରେନା । କାରଣ ପ୍ରତ୍ୟେକ ଉପହାର ସହିତ ଯୋଡି ହୋଇ ରହିଥାଏ ଅନୁଗ୍ରହ ଓ କୃତଜ୍ଞତା । ଭିକ୍ଷାରେ ମିଳିଥିବା ସ୍ୱାଧୀନତା ପ୍ରକୃତ ସ୍ୱାଧୀନତା ନୁହେଁ । ସ୍ୱାଧୀନତା ହାସଲ ନିମନ୍ତେ ଦରକାର ସଶସ୍ତ୍ର ସଂଗ୍ରାମ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସାମ୍ରାଜ୍ୟବାଦ ଇଂରେଜ ଜର୍ମାନୀ ହାତରେ ପ୍ରଚଣ୍ଡ ଭାବରେ ପରାସ୍ତ ହୋଇ ନିଜକୁ ସମ୍ଭାଳିବାରେ ବ୍ୟସ୍ତ । ଏହା ଏକ ଅପୂର୍ବ ସୁଯୋଗ । ଏହି ସୁଯୋଗର ସଦ୍‌ବ୍ୟବହାର କରି ଇଂରେଜକୁ ଆଘାତ କରିପାରିଲେ ସ୍ୱାଧୀନତା ଅଚିରେ ହାତ ମୁଠାରେ ଆସିପାରିବ ବୋଲି ସୁଭାଷ ବିଶ୍ୱାସ କରୁଥିଲେ । ପରିକଳ୍ପନାକୁ ରୂପରେଖ ଦେବା ନିମନ୍ତେ ସୁଭାଷ ଇଂରେଜ ଦ୍ୱାରା ଗୃହବନ୍ଦୀ ଥାଇ ସୁଦ୍ଧା ବ୍ରିଟିଶ୍ ଗୁଇନ୍ଦାଙ୍କ ଆଖିରେ ଧୂଳି ଦେଇ ତାଙ୍କର ଏଲଗିନ ରୋଡ ବାସଭବନରୁ ଅନ୍ତର୍ଦ୍ଧାନ ହେବାରେ ସକ୍ଷମ ହୋଇଥିଲେ ।

୧୯୪୧ ମସିହା ଜାନୁଆରୀ ୧୭ ତାରିଖ ରାତି ୧.୨୫ ମିନିଟ୍ । ଏଲଗିନ୍ ରୋଡ ସମେତ ସାରା କଲିକତା ମହାନଗରୀ ସୁପ୍ତ । ସୁଭାଷ ବୋଷ ପଠାଣର ଛଦ୍ମବେଶରେ କାର୍‌ଯୋଗେ କଲିକତାରୁ ବିହାରର ଗୋମୋ ଜଙ୍କସନ୍ ଯାଇ ସେଠାରୁ ଦିଲ୍ଲୀ–କାଲକା ମେଲ୍ ଯୋଗେ ପେଶୱାର ଯାଇଥିଲେ । ତା'ପରେ ବିପ୍ଳବୀ ସଂଗଠନ କୀର୍ତ୍ତି କିଷାନ୍ ପାର୍ଟିର ସଦସ୍ୟ ଭଗତରାମଙ୍କ ସହଯୋଗରେ କାବୁଲ୍ ଯାତ୍ରା କରିଥିଲେ । ଏହିଠାରୁ ଆରମ୍ଭ ହୋଇଥିଲା ନେତାଜୀଙ୍କର ସଂଘର୍ଷମୟ ଜୀବନ । ଜୀବନ ମରଣର ସଂଘର୍ଷ । ଉତ୍ତର–ପଶ୍ଚିମ ସୀମାନ୍ତ ପ୍ରଦେଶର ଦୁର୍ଦ୍ଧର୍ଷ ଉପଜାତୀୟ ଅଂଚଳ, ବରଫାବୃତ୍ତ ଗିରିଶୃଙ୍ଗ ଅଂଚଳ ଦେଇ ପାଦରେ ଚାଲିଚାଲି କାବୁଲ୍‌ରେ ପହଞ୍ଚିବା ଯେପରି ବିପଦ ସଙ୍କୁଳ ଠିକ୍ ସେହିପରି ଭୀତିପ୍ରଦ । ତଳେ ତୁଷାର ଫାଟରେ ଗୋଡ ପଡ଼ିଗଲେ ଅତଳ ଗହ୍ୱରରେ ଲୀନ ହୋଇଯିବା ନିଶ୍ଚିତ । ଖାଜୁରୀ ମୟଦାନଠାରୁ ଗିରିପଥ ଦେଇ ଚାଲିବା ରାସ୍ତା, ଜୀବନ ଓ ମୃତ୍ୟୁର ଏପାଖ ଓ ସେପାଖ । ତଥାପି ଯିବାକୁ ପଡ଼ିବ । ଲକ୍ଷ୍ୟ ୟୁରୋପ । ସୁଭାଷ ବୋଷଙ୍କ ପରି ଏକ ଜାତୀୟସ୍ତରୀୟ ନେତା, ସମସ୍ତ ବ୍ୟକ୍ତିଗତ ସୁଖ ସ୍ୱାଚ୍ଛନ୍ଦ୍ୟ, ପ୍ରତିପତ୍ତି, ଘରଦ୍ୱାର ଛାଡି ମୁକ୍ତିପଥର ଅଗ୍ରଦୂତ ହିସାବରେ ଆଗକୁ ଆଗକୁ ମାଡି ଚାଲିଲେ । ଜାତିର ଦୁଃଖକୁ ଯିଏ ନିଜେ ନିଜର ଦୁଃଖ ବୋଲି ମନେ କରଛି ତା'ର ଆଉ ବ୍ୟକ୍ତିଗତ ଦୁଖ ଓ ସୁଖ ସୁବିଧାର କଥା ଉଠୁଛି କେଉଁଠି । ଜୀବନର କୌଣସି ପରାଭବକୁ ସେ ଏକାନ୍ତ ସତ୍ୟ ବୋଲି ମାନି ନାହାନ୍ତି । ମାତୃଭୂମିର ମୁକ୍ତି ତାଙ୍କ ନିକଟରେ ଏକମାତ୍ର ସତ୍ୟ । ମନରେ ତାଙ୍କର ଅଜସ୍ର ଆଶା ଓ ବିଶ୍ୱାସ । କେତେବେଳେ ପାଦରେ ଚାଲିଚାଲି, କେତେବେଳେ ଖଚର ପିଠିରେ ବସିତ, କେତେବେଳେ ଟ୍ରକ୍ ଡାଲା ଉପରେ ବସି ତ କେତେବେଳେ ଟାଙ୍ଗାରେ ବସି ଅବଶେଷରେ ସେ କାବୁଲ୍‌ରେ ପହଞ୍ଚିବାକୁ ସକ୍ଷମ ହୋଇଥିଲେ ।

ପ୍ରଥମେ ସେ ଋଷିଆକୁ ସହଯୋଗର ପ୍ରସ୍ତାବ ଦେଇଥିଲେ । ମାତ୍ର ଋଷିଆଠାରୁ ସେପରି କୌଣସି ଉତ୍ସାହଜନକ ସହଯୋଗର ଭରସା ନପାଇବାରୁ ଜର୍ମାନ ଯିବାକୁ ମନସ୍ଥ କରିଥିଲେ । ସିନର ଅରଲ୍ୟାଣ୍ଡୋ ମେଜେଟା ଏକ ଇଟାଲୀୟ ଛଦ୍ମ ନାମରେ ଓ ପାସ୍‌ପୋର୍ଟରେ ସେ ବର୍ଲିନ ଯାଇଥିଲେ । ବର୍ଲିନ୍‌ଠାରେ ହିଟ୍‌ଲରଙ୍କ ସହିତ ସାକ୍ଷାତ କରି ସେ ନିଜର ମନୋଭାବ ଓ ପରିକଳ୍ପନାର କଥା ଅତି ସ୍ୱଷ୍ଟ ଭାବରେ ଉପସ୍ଥାପନ କରିଥିଲେ । ଫଳସ୍ୱରୂପ ୧୯୪୨ ମସିହା ନଭେମ୍ବର ୨ ତାରିଖରେ ବର୍ଲିନ୍‌ଠାରେ ଆଜାଦ୍ ହିନ୍ଦ୍ ସଂଗଠନ ପ୍ରତିଷ୍ଠା ହୋଇଥିଲା । ଜାତୀୟ ପତାକା ଉତ୍ତୋଳନ କରାଯିବା ସହିତ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । ଏହିଠାରେ ହିଁ ସର୍ବପ୍ରଥମେ ଜୟହିନ୍ଦ୍ ସ୍ଲୋଗାନ୍‌ଟି ଉଚ୍ଚାରିତ ହୋଇଥିଲା । ବର୍ଲିନ୍‌ଠାରେ ପ୍ରତିଷ୍ଠା କରିଥିଲେ ଆଜାଦ୍ ହିନ୍ଦ୍ ରେଡିଓ ଯେଉଁଥିରେ ନେତାଜୀ ଜାତି ଓ ଭାରତବାସୀଙ୍କ ଉଦ୍ଦେଶ୍ୟରେ ତାଙ୍କର ପ୍ରଥମ ସମ୍ବୋଧନ କରିବା ପରିପ୍ରେକ୍ଷୀରେ ଜାତିଓ ଧର୍ମ ନିର୍ବିଶେଷରେ ଅବିଳମ୍ବେ ସମସ୍ତେ ସଂଘବଦ୍ଧ ହୋଇ ଶେଷ ସଂଗ୍ରାମ ପାଇଁ ପ୍ରସ୍ତୁତ ହେବା ପାଇଁ ଆହ୍ୱାନ ଦେଇଥିଲେ । ଭାରତବର୍ଷ ଓ ସାରା ବ୍ରିଟିଶ୍ ସାମ୍ରାଜ୍ୟରେ ଚହଳ ପଡିଗଲା । ନେତାଜୀଙ୍କ ଅନ୍ତର୍ଦ୍ଧାନ କଥା ବିଶ୍ୱବାସୀ ଜାଣିପାରିଲେ । ଇତିମଧ୍ୟରେ ଆଫ୍ରିକା ରଣାଙ୍ଗନରେ ଜର୍ମାନୀଦ୍ୱାରା ବନ୍ଦୀ ହୋଇଥିବା ହଜାର ହଜାର ଭାରତୀୟ ସୈନ୍ୟଙ୍କୁ ନେତାଜୀଙ୍କୁ ହସ୍ତାନ୍ତର କରାଗଲା । ଫଳସ୍ୱରୂପ ଗଠିତ ହେଲା ଆଜାଦ୍ ହିନ୍ଦ୍ ଫୌଜ । ଏହି ସେନାବାହିନୀ

ସମ୍ପୂର୍ଣ୍ଣ ରୂପେ ଆଜାଦ୍ ହିନ୍ଦ୍ ସଂଘର ନିୟନ୍ତ୍ରଣରେ ଥିଲା । ଚୁକ୍ତି ଅନୁଯାୟୀ ଜର୍ମାନ ସରକାରଙ୍କ କୌଣସି କର୍ତ୍ତୃତ୍ୱ ନଥିଲା । ତେବେ ସେନାବାହିନୀ ଓ ସଂଘ ନିମନ୍ତେ ଜର୍ମାନ ପକ୍ଷରୁ ସମସ୍ତ ପ୍ରକାର ଆର୍ଥିକ ସହାୟତା ଋଣସୂତ୍ରରେ ନେତାଜୀଙ୍କୁ ଯୋଗାଇ ଦିଆଯାଇଥିଲା ।

ଠିକ୍ ସେହି ସମୟରେ ଭାରତର ଅନ୍ୟତମ ବିପ୍ଳବୀ ନେତା ରାସବିହାରୀ ବୋଷଙ୍କ ନେତୃତ୍ୱରେ ଜାପାନ ଦ୍ୱାରା ଭାରତୀୟ ଯୁଦ୍ଧବନ୍ଦୀମାନଙ୍କୁ ନେଇ ଗଢି ଉଠିଥିଲା ଆଉ ଏକ ଆଜାଦ୍ ହିନ୍ଦ୍ ସେନାବାହିନୀ । ମାତ୍ର ବୟସାଧିକ ଏବଂ ଭଗ୍ନସ୍ୱାସ୍ଥ୍ୟ ଯୋଗୁଁ ତାଙ୍କ ଦ୍ୱାରା ଗଠିତ ସେନାବାହିନୀର ସମ୍ପୂର୍ଣ୍ଣ ଦାୟିତ୍ୱ ନେବା ପାଇଁ ରାସବିହାରୀ ନେତାଜୀଙ୍କୁ ଟୋକିଓ ଆମନ୍ତ୍ରଣ କଲେ । କ୍ରମଶଃ ଯୁଦ୍ଧ ପରିସ୍ଥିତି ବଦଳିବା ସଙ୍ଗେ ସଙ୍ଗେ ଜାପାନ ଅଧିକୃତ ସିଙ୍ଗାପୁର ଏବଂ ଭାରତ ସୀମାନ୍ତରେ ଅବସ୍ଥିତ ରେଙ୍ଗୁନ୍‌ରୁ ସାମରିକ ଅଭିଯାନ ଚଳାଇ ଭାରତକୁ ସ୍ୱାଧୀନ କରିବା ଲକ୍ଷ୍ୟ ବାସ୍ତବ ରୂପ ନେଇ ପାରିବ ବୋଲି ନେତାଜୀ ମନସ୍ଥ କଲେ । ମାତ୍ର ଯୁଦ୍ଧ ଚାଲିଥିବା ବେଳେ ବର୍ଲିନ୍‌ରୁ ଟୋକିଓ ଆସିବା ଏକ ପ୍ରକାର ଅସମ୍ଭବ ଥିଲା ମାତ୍ର ନେତାଜୀ ଅସମ୍ଭବକୁ ସମ୍ଭବ କରିଥିଲେ । ଆରମ୍ଭ ହେଲା ଆଉ ଏକ ବିପଦ ସଙ୍କୁଳ ବୁଡାଯାହାଜ ଯାତ୍ରା ଯାହାର ନିରାପଦରେ ଟୋକିଓ ପହଞ୍ଚିବା ଆଶା ଥିଲା ମାତ୍ର ଶତକଡ଼ା ୫ ପ୍ରତିଶତ । ମାତ୍ର ମୃତ୍ୟୁ ପ୍ରତି ସୁଭାଷଙ୍କ ଆଦୌ ଭ୍ରୂକ୍ଷେପ ନଥିଲା ।

ଦୀର୍ଘ ୩ ମାସରୁ ଅଧିକ କାଳ ବୁଡ଼ା ଜାହାଜରେ ଯାତ୍ରା କରି ଅବଶେଷରେ ନେତାଜୀ ଟୋକିଓରେ ପହଞ୍ଚିବାରେ ସଫଳ ହୋଇଥିଲେ ।

ଏସିଆ ଏସିଆର ଲୋକମାନଙ୍କ ପାଇଁ ଜାପାନ ସରକାରଙ୍କ ଏହି ଘୋଷଣା ଏବଂ ସମସ୍ତ ପ୍ରକାର ସାହାଯ୍ୟର ପ୍ରତିଶ୍ରୁତି ଲାଭ କରି ନେତାଜୀ ନିଜର ପରିକଳ୍ପନାକୁ ସାକାର କରିବା ନିମନ୍ତେ ସିଂଗାପୁର ଯାତ୍ରା କଲେ । ଭାରତବର୍ଷରେ କୌଣସି ଅଞ୍ଚଳରେ ସାମରିକ କିମ୍ବା ଅର୍ଥନୈତିକ ହସ୍ତକ୍ଷେପ କରିବାର କୌଣସି ଅଭିପ୍ରାୟ ନାହିଁ ବୋଲି ଜାପାନର ପ୍ରଧାନମନ୍ତ୍ରୀ ତୋଜୋ ମୁକ୍ତ କଣ୍ଠରେ ଘୋଷଣା କରିଥିଲେ । ଭାରତବର୍ଷ ସାମ୍ରାଜ୍ୟବାଦୀ ଇଂରେଜ କବଳରୁ ମୁକ୍ତ ହେଉ ଏହା ଜାପାନ ସର୍ବାନ୍ତକରଣରେ ଚାହେଁ ବୋଲି ଜାପାନର ପ୍ରଧାନମନ୍ତ୍ରୀ କହିଥିଲେ ଏବଂ ଏଥି ନିମନ୍ତେ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦେବାକୁ ପ୍ରସ୍ତୁତ ବୋଲି କହିଥିଲେ ।

୧୯୪୩ ମସିହା ଅକ୍ଟୋବର ୨୧ ତାରିଖ । ଭାରତ ଇତିହାସରେ ଏକ ବିରଳ ଘଟଣା । ସିଙ୍ଗାପୁର ଠାରେ ନେତାଜୀଙ୍କ ଦ୍ୱାରା ଭାରତର ଅସ୍ଥାୟୀ ସରକାର ଗଠନ କରାଗଲା ଯାହାକୁ ଜାପାନ, ଜର୍ମାନ, ଇଟାଲୀ, ଫିଲିପାଇନସ୍, ଥାଇଲ୍ୟାଣ୍ଡ ସମେତ ୯ଟି ରାଷ୍ଟ୍ର ତୁରନ୍ତ ସ୍ୱୀକୃତି ପ୍ରଦାନ କଲେ । ଆୟାରଲ୍ୟାଣ୍ଡର ମହାନ ବିପ୍ଳବୀ ଡ଼ିଭାଲେର ନେତାଜୀଙ୍କୁ ଅଭିନନ୍ଦନ ବାର୍ତ୍ତା ପ୍ରେରଣ କଲେ । ନେତାଜୀଙ୍କ ବ୍ୟକ୍ତିଗତ ପ୍ରାଣଶକ୍ତିର ପ୍ରାଚୁର୍ଯ୍ୟତା, ଆତ୍ମୋତ୍ସର୍ଗକାରୀ ଦେଶଭକ୍ତି ଦୁରନ୍ତ ଉତ୍ସାହ ଆଜାଦହିନ୍ଦ୍ ଫୌଜ ସମେତ ସମଗ୍ର ଦକ୍ଷିଣପୂର୍ବ ଏସିଆର ଭାରତୀୟ ଅଧିବାସୀଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା । ଅକ୍ଟୋବର ୨୩ ତାରିଖରେ ଇଂଲଣ୍ଡ ଏବଂ ଆମେରିକା ବିରୁଦ୍ଧରେ ଆଜାଦହିନ୍ଦ୍ ସରକାର ଯୁଦ୍ଧ ଘୋଷଣା କଲେ । ସାରା ବିଶ୍ୱରେ ପୁଣି ଚହଳ ପଡ଼ିଗଲା । ସୁଭାଷ ଦେଶଦ୍ରୋହୀ, ଫାସିଷ୍ଟ, ହିଟଲର ଏବଂ ଜାପାନର ସଖି କଣ୍ଢେଇ, ଭ୍ରାନ୍ତ, ଅପରିଣାମଦର୍ଶୀ ଆଦି କଟୁକ୍ତି ଏବଂ ଅପପ୍ରଚାର ନେତାଜୀଙ୍କ ବିରୁଦ୍ଧରେ କରାଗଲା ।। ମାତ୍ର ସେଥିପ୍ରତି ନେତାଜୀଙ୍କ ଭ୍ରୂକ୍ଷେପ ନଥିଲା, ଶତ୍ରୁର ଶତ୍ରୁ ମୋର ମିତ୍ର । ବିଦେଶୀ ଶକ୍ତି ସାହାଯ୍ୟରେ ଦେଶକୁ ସ୍ୱାଧୀନ କରିବାର ଅନେକ ନଜିର ଅଛି । ଲକ୍ଷ୍ୟ ଯଦି ଏକ, ତେବେ ପଥ ଅଲଗା ହେଲେ ସେଥିରେ ବିଚଳିତ ହେବାର କୌଣସି କାରଣ ନାହିଁ । ଇଂରେଜ ତାର ସାମ୍ରାଜ୍ୟ ରକ୍ଷା ନିମନ୍ତେ ଆମେରିକାର ଦ୍ୱାରସ୍ଥ ହୋଇଛି ।

ଏଥର ନିର୍ଣ୍ଣାୟକ ଇମ୍ଫାଲ ଅଭିଯାନ । ମାତ୍ର ଗୁରୁତ୍ୱପୂର୍ଣ୍ଣ ଇମ୍ଫାଲ ଦଖଲ ପୂର୍ବରୁ ସେନାବାହିନୀରେ ବିଶ୍ୱାସଘାତକତା, ଲଢୁଆ ବିମାନର ଅଭାବ, ଅଦିନିଆ ଭୀଷଣ ଝଡ଼ ଓ ବର୍ଷାର ତାଣ୍ଡବ ଏବଂ ଖାଦ୍ୟାଭାବ ଯୋଗୁ ବିଜୟୀ ସେନା ବାହିନୀର ଅଭିଯାନକୁ ଆପାତତଃ ସ୍ଥଗିତ ରଖି ଫେରିଯିବାକୁ ପଡ଼ିଥିଲା । ମାତ୍ର ନେତାଜୀ ଏଥିରେ ହତୋତ୍ସାହିତ ହୋଇ ନଥିଲେ । ଆଜନ୍ମ ବିପ୍ଳବୀ ଓ ଆଶାବାଦୀ ଶେଷ ରକ୍ତବିନ୍ଦୁ ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖିବା ପାଇଁ ଶପଥ ନେଇଥିଲେ ଏବଂ ସେନାବାହିନୀର ମନୋବଳକୁ ଅକ୍ଷୁଣ୍ଣ ରଖିବା ପାଇଁ ଉଦ୍ୟମ କରିଥିଲେ ।

ମାତ୍ର ପରେ ପରେ ଯୁଦ୍ଧ ପରିସ୍ଥିତି ସମ୍ପୂର୍ଣ୍ଣ ରୂପେ ବଦଳି ଗଲା ପ୍ରଥମେ ଜର୍ମାନର ଆତ୍ମସମର୍ପଣ । ପରେ ରେଙ୍ଗୁନର ପତନ । ୧୯୪୫ ମସିହା ଅଗଷ୍ଟ ୬ ଏବଂ ୯ ତାରିଖରେ ଜାପାନର ହୀରୋସୀମା ଓ ନାଗାସାକି ସହରରେ ଆମେରିକାର ପରମାଣୁ ବୋମା ନିକ୍ଷେପ । ଆଖି ପିଛୁଳାକେ ଲକ୍ଷ ଲକ୍ଷ ନିରୀହ ନରନାରୀ ମୃତ୍ୟୁବରଣ କରିବା ପରେ ଜାପାନ ଆତ୍ମସମର୍ପଣ

କରିଥିଲା । ଏତେ ବିପର୍ଯ୍ୟୟ ସତ୍ତ୍ୱେ ନେତାଜୀ ଅସ୍ତ୍ର ତ୍ୟାଗ କରି ନ ଥିଲେ । ରେଙ୍ଗୁନ ପତନ ପରେ ନେତାଜୀ ସିଙ୍ଗାପୁର ଯାଇଥିଲେ । ପରେ ସିଙ୍ଗାପୁରରୁ ବ୍ୟାଙ୍କକ୍ । ବ୍ୟାଙ୍କକ୍‌ରୁ ସାଇଗନ । ସାଇଗନରୁ ତାଇହୋକ । ତାପରେ ତାଇହୋକଠାରେ ତଥାକଥିତ ବିମାନ ଦୁର୍ଘଟଣାରେ ନେତାଜୀ ମୃତ୍ୟୁବରଣ କରିଛନ୍ତି ବୋଲି ଜାପାନ କର୍ତ୍ତୃପକ୍ଷ ଘୋଷଣା କରିଥିଲେ ଯାହାର ଆଜି ପର୍ଯ୍ୟନ୍ତ କୌଣସି ଯଥାଯୋଗ୍ୟ ପ୍ରାମାଣିକ ତଥ୍ୟ ମିଳିନାହିଁ । ପ୍ରତ୍ୟକ୍ଷ ସଂଗ୍ରାମର ଅନ୍ତ ଘଟିଲା । ମାତ୍ର ଆଜାଦ ହିନ୍ଦ୍ ଫୌଜର ସଶସ୍ତ୍ର ସଂଗ୍ରାମ ସୁଦୂରପ୍ରସାରୀ ପ୍ରଭାବ ପଡ଼ିଥିଲା । ପରବର୍ତ୍ତୀ ସମୟରେ ଭାରତର ନୌବାହିନୀ, ବିମାନ ବାହିନୀ ଏବଂ ସେନା ବାହିନୀରେ ବିଦ୍ରୋହ ଦେଖାଦେଇଥିଲା । ନେତାଜୀଙ୍କ ଡ଼ାକରାରେ ଆଜାଦ ହିନ୍ଦ୍ ସେନାନୀର ଯେଉଁ ୨୭,୦୦୦ରୁ ଊର୍ଦ୍ଧ୍ୱ ତରୁଣ ପ୍ରାଣ ଇମ୍ଫାଲ ମାଟିରେ ଚିରଦିନ ପାଇ ଶୋଇଯାଇଥିଲେ, ସେମାନଙ୍କର ଆତ୍ମଦାନ କେବେ ନିଷ୍ଫଳ ଯାଇନି । ସ୍ୱାଧୀନତା ସଂଗ୍ରାମରେ ଯେଉଁମାନେ ଜୀବନପଣ କରିଥିଲେ, ଦୁଃଖକୁ ଜୟ କରି ଦୁଃଖାତୀତରେ ମୁକ୍ତିର ସନ୍ଧାନରେ ଅଭିଯାତ୍ରୀ ହୋଇଥିଲେ, ସେମାନେ ଏ ଜାତିର ନମସ୍ୟ । ତାଙ୍କର ବଳିଦାନ ବୃଥାଯାଇନି । ଉତ୍ସର୍ଗୀକୃତ ପ୍ରାଣ ଶହୀଦ ଯେଉଁମାନେ ମାତୃଭୂମିର ଶୃଙ୍ଖଳ ଭଙ୍ଗ କରିବା ପାଇଁ ଶତପ୍ରତିକୂଳ ପରିସ୍ଥିତିକୁ ଭ୍ରୂକ୍ଷେପ ନକରି ନେତାଜୀଙ୍କ ଗୋଟିଏ 'ଚଲୋ ଦିଲ୍ଲୀ' ଡାକରାରେ ନିଜ ଜୀବନକୁ ବିସର୍ଜନ କରି ଦେଇଥିଲେ ସେମାନେ କିନ୍ତୁ ପ୍ରତିଦାନରେ କିଛି ଆଶା କରି ନଥିଲେ । ଇତିହାସ ତାର ମୂକସାକ୍ଷୀ । ଆଜି ଏହି ଶୁଭଲଗ୍ନରେ ଓଡ଼ିଆ ମାଟିର ଏହି ଯୋଗ୍ୟତମ ସନ୍ତାନ ବୀର ମୁକ୍ତିଯୋଦ୍ଧା ନେତାଜୀ ଓ ଅଗଣିତ ଶହୀଦ ପ୍ରାଣକୁ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ଦେବାର ସମୟ ଆସିଛି । ସମସ୍ତ ଭ୍ରାନ୍ତଧାରଣା ଅପପ୍ରଚାରକୁ ପଛରେ ପକାଇ ଏକ ସାହସୀ, ଅକୃତିମ ଦେଶପ୍ରେମୀ, ଜାତୀୟତାବାଦୀ ନେତା ଏବଂ ଜଣେ ଭବିଷ୍ୟ ଦ୍ରଷ୍ଟାଙ୍କୁ ଏ ଜାତିର ମହାନାୟକ ଭାବେ ସ୍ୱୀକୃତି ଦେବା ପାଇଁ ଆମେ ସମସ୍ତେ ତାଙ୍କର ଦାୟାଦ ଭାବରେ ଯଥାଯୋଗ୍ୟ ଉଦ୍ୟମ କରିପାରିଲେ, ତାହା ହିଁ ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

ସୂଚନା ଅଧିକାରୀ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଭୁବନେଶ୍ୱର

# କି ରୂପେ ଡାକିବି ତୁମକୁ ହେ ଠାକୁର

**କ୍ଷୀରୋଦ ଚନ୍ଦ୍ର ମହାନ୍ତ**

କି ରୂପେ ଡାକିବି ତୁମ୍ଭଙ୍କୁ ଠାକୁର
ତୁମ୍ଭେ ଅରୂପେ– ସ୍ୱରୂପ
ଜଗତର ନାଥ ପତିତପାବନ
ତୁମେ ଦର୍ଶନ– ପ୍ରଦୀପ ।
ତୁମରି ପ୍ରକାଶେ ଜାତିର ଉତ୍ଥାନ
ଧର୍ମ ଜ୍ୟୋତି ବିରାଜିତ
ଦେଶ ଜନତାର କାରୁଣିକ ପ୍ରଭୁ
ହିତରେ ପୁରୁଷୋତ୍ତମ ।
କ୍ଷେତ୍ର ସମନ୍ୱୟେ ଜାତି ଧର୍ମ ନେତ୍ର
ଆଭିମୁଖ୍ୟରେ ଉତ୍କୃଷ୍ଟ
ଉତ୍କଳର ତୁମେ ସଂସ୍କୃତିର କଳା
ମାନବୀୟ ଗୁଣେ ଶ୍ରେଷ୍ଠ ।

ସକଳ ମୁଖରେ ପ୍ରଣବ ଧ୍ୱନିରେ
ପୂରିତ ହୁଅ ମଙ୍ଗଳେ
ପରଂବ୍ରହ୍ମ ରୂପ ସକଳ ଜୀବନେ
ଧୃତି ଯେ ପ୍ରଳୟ କାଳେ ।
ଧର୍ମ ଶାସ୍ତ୍ରେ ତୁମ ଝଲକ ବିସ୍ତରେ
ବିଶ୍ୱରୂପ ନିଦର୍ଶନ
ଗୀତା ଭାଗବତ ପୁଣ୍ୟର ପୋଥିରେ
ବସିଥାଅ ଭଗବାନ ।
କର୍ମର ପ୍ରତୀକ ସକଳ ଜୀବନେ
ତୁମେ କର୍ମର ଧାରକ
କର୍ମର ସାଧନେ ପ୍ରକଟିତ ଦେହୀ
ପୁଣି ପୁଣ୍ୟର ମହକ ।

ସାମ୍ୟ, ମୈତ୍ରୀ, ପ୍ରଗତି ତୁମରି ଆକାଂକ୍ଷା
ପୂଜିତ ଜୀବନ ଯଜ୍ଞେ
ଶାନ୍ତିର ମୟୂଖ କୈବଲ୍ୟ କଣିକା
ଢାଳିଦିଅ ପ୍ରତି ମୁଖେ ।
କର ତାଙ୍କ ପୂଜା ରଥଯାତ୍ରାଙ୍ଗନେ
ଆଷାଢ଼ ପୁଷ୍ୟ ନକ୍ଷତ୍ରେ
ଶୁକ୍ଳାର ଦ୍ୱିତୀୟା ତିଥିରେ ସଞ୍ଚିତ
ପୂଜୁଥିବ ଦିବା ରାତ୍ରେ ।

ଖେଳ ଶିକ୍ଷକ, ଜବାହର ବିଦ୍ୟାପୀଠ
ଚିତ୍ରଡା, ମୟୂରଭଞ୍ଜ

# ରାଜ୍ୟରେ ଭିନ୍ନକ୍ଷମଙ୍କ ନିମନ୍ତେ ସୁବିଧା ସୁଯୋଗ

ଡକ୍ଟର ଜ୍ୟୋତିର୍ମତୀ ସାମନ୍ତରାୟ

ଭିନ୍ନକ୍ଷମମାନଙ୍କର କଲ୍ୟାଣ ନିମନ୍ତେ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ । ଭିନ୍ନକ୍ଷମମାନଙ୍କର କଲ୍ୟାଣ ନିମନ୍ତେ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଭିନ୍ନକ୍ଷମ ନିର୍ଦ୍ଦେଶାଳୟ ପକ୍ଷରୁ ବହୁବିଧ କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ କରାଯାଉଛି ।

ସବୁ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ, ଭୁବନେଶ୍ୱର ଓ ରାଉରକେଲା ମୁଖ୍ୟ ଚିକିତ୍ସାଳୟରେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରତି ମାସରେ ଦିଆଯାଉଛି । ଭିନ୍ନକ୍ଷମମାନଙ୍କ ପୁନର୍ବାସ ନିମନ୍ତେ ରାଜ୍ୟ ପୁନର୍ବାସ ପ୍ରତିଷ୍ଠାନ ଏବଂ ୮ଟି ଜିଲ୍ଲା ଯଥା: ଖୋର୍ଦ୍ଧା, କଳାହାଣ୍ଡି, ସମ୍ବଲପୁର, ନବରଙ୍ଗପୁର, ଗଞ୍ଜାମ, ମୟୂରଭଞ୍ଜ, କୋରାପୁଟ ଓ କନ୍ଧମାଳ ଜିଲ୍ଲାରେ ପୁନର୍ବାସ କେନ୍ଦ୍ର କାର୍ଯ୍ୟ କରୁଛି । ଭିନ୍ନକ୍ଷମମାନଙ୍କୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ସହାୟକ ଉପକରଣ (ତିନିଚକିଆ ସାଇକେଲ, ଚକଲଗା ଚୌକି, ଶ୍ରବଣ ଯନ୍ତ୍ର, ଆଶାବାଡି, ବ୍ରେଲସ୍ଲେଟ୍) ପ୍ରଭୃତି ସବୁ ବ୍ଲକ ମ୍ୟୁନିସିପାଲିଟିରେ ନିୟମିତଭାବେ ବଣ୍ଟନ କରୁଛନ୍ତି । ମାସିକ ୧୦ ହଜାର ଟଙ୍କା କିମ୍ବା ତା'ଠାରୁ କମ୍ ଆୟଥିବା ଭିନ୍ନକ୍ଷମମାନଙ୍କୁ ସ୍ୱତନ୍ତ୍ର ଉପକରଣ ମାଗଣାରେ ଯୋଗାଇ ଦିଆଯାଉଛି । ଭିନ୍ନକ୍ଷମମାନଙ୍କର ଶଲ୍ୟ ଚିକିତ୍ସା କରାଯାଇ ଭିନ୍ନକ୍ଷମତାର ନିରାକରଣ କରାଯାଉଛି । ଭିନ୍ନକ୍ଷମମାନଙ୍କ ପାଇଁ ସ୍ୱତନ୍ତ୍ର ତାଲିମ ପ୍ରତିଷ୍ଠାନ ଜଟଣୀଠାରେ ସ୍ଥାପନ କରାଯାଇଛି । ରାଜ୍ୟରେ ଦୃଷ୍ଟିହୀନ, ମୂକବଧିର ଓ ମାନସିକ ଅନଗ୍ରସର ପିଲାମାନଙ୍କ ଶିକ୍ଷା ନିମନ୍ତେ ୪ଟି ସରକାରୀ, ୫୧ଟି ରାଜ୍ୟ ସରକାରୀ ଅନୁଦାନପ୍ରାପ୍ତ ଓ ୬୧ଟି କେନ୍ଦ୍ର ଅନୁଦାନପ୍ରାପ୍ତ ସ୍ୱତନ୍ତ୍ର ବିଦ୍ୟାଳୟ ଅଛି । ବାଣିଶ୍ରୀ ଯୋଜନା ମାଧ୍ୟମରେ ରାଜ୍ୟ ସରକାର ଭିନ୍ନକ୍ଷମମାନଙ୍କୁ ପାଠ ପଢିବା, ବୈଷୟିକ ଓ ବୃତ୍ତିଗତ ଶିକ୍ଷା ଓ ତାଲିମ ପାଇଁ ଛାତ୍ରବୃତ୍ତି ପ୍ରଦାନ ବ୍ୟବସ୍ଥା କରିଛନ୍ତି । ଏହି ସୁବିଧା ପ୍ରଥମ ଶ୍ରେଣୀରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ମିଳିପାରିବ । ଭିନ୍ନକ୍ଷମ ପିତାମାତାଙ୍କର ପିଲାମାନଙ୍କୁ ମଧ୍ୟ ଛାତ୍ରବୃତ୍ତି ଦିଆଯାଉଛି । ଭିନ୍ନକ୍ଷମମାନଙ୍କୁ ବିଭିନ୍ନ ଧନ୍ଦାମୂଳକ ତାଲିମ ପ୍ରଦାନ କରାଯାଉଛି । ଦୃଷ୍ଟିହୀନ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ମାଗଣାରେ ଲ୍ୟାପ୍‌ଟପ୍ ଦିଆଯାଉଛି । ଏହି ସୁବିଧା ଯୁକ୍ତ ତିନି କିମ୍ବା ତା'ଠାରୁ ଊର୍ଦ୍ଧ୍ୱ ପଢୁଥିବା ଓ ସେମାନଙ୍କର କମ୍ପ୍ୟୁଟରରେ ଜ୍ଞାନଥିବା ଦୃଷ୍ଟିହୀନଙ୍କ ପାଇଁ ଉଦ୍ଦିଷ୍ଟ ।

ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ (ସମାନ ସୁଯୋଗ, ଅଧିକାର, ସୁରକ୍ଷା ଓ ସକ୍ରିୟ ଅଂଶଗ୍ରହଣ) ଅଧିନିୟମ ୧୯୯୫ ଅନୁଯାୟୀ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ନିମନ୍ତେ ସରକାରଙ୍କ ଅଧୀନରେ ଥିବା କାର୍ଯ୍ୟାଳୟରେ ଖାଲିଥିବା ପଦବୀର ଶତକଡା ୩ ଭାଗ ସଂରକ୍ଷଣ କରାଯାଇଛି । ନିଯୁକ୍ତି କ୍ଷେତ୍ରରେ ବୟସ ସୀମା ୧୦ବର୍ଷ କୋହଳ କରାଯାଉଛି । ସେମାନଙ୍କ ନିମନ୍ତେ ନିଯୁକ୍ତି ଓ ଆତ୍ମନିଯୁକ୍ତିର ସମସ୍ତ ବ୍ୟବସ୍ଥା କରାଯାଇଛି । ଆତ୍ମନିଯୁକ୍ତି ସୃଷ୍ଟି କରିବା ପାଇଁ ମାତ୍ର ୫ ଜଣଙ୍କୁ ନେଇ ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଛି । ଭିନ୍ନକ୍ଷମମାନଙ୍କୁ ନିଯୁକ୍ତି ଦେବା ପାଇଁ ଏକ ସ୍ୱତନ୍ତ୍ର କର୍ମଯୋଗାଣ ସଂସ୍ଥା ଭୁବନେଶ୍ୱରଠାରେ କାର୍ଯ୍ୟ କରୁଛି । ଶତକଡା ୬୦ ଭାଗରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମମାନଙ୍କୁ କି.ଗ୍ରା ପ୍ରତି ୧ଟଙ୍କା ଦରରେ ମାସକୁ ୧୦ କିଲୋ ଚାଉଳ ଯୋଗାଇ ଦିଆଯାଉଛି । ଏ ପର୍ଯ୍ୟନ୍ତ ୧,୨୧,୭୨୩ ଜଣ ଭିନ୍ନକ୍ଷମ ଏହାଦ୍ୱାରା ଉପକୃତ ହୋଇଛନ୍ତି । ୧ଲକ୍ଷ ୫୫ହଜାର ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବସ୍‌ରେ ଯାତାୟାତ ପାଇଁ ରିହାତି ପ୍ରଦାନ କରାଯାଇଛି । ୫୪ ହଜାର ୬୦୦ ସହାୟକ ଉପକରଣ ବଣ୍ଟନ କରାଯାଇଛି । ୨୦୧୪-୧୫ ବର୍ଷରେ ୧୯୨୬ ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଡି.ଆର.ଆଇ ଋଣ ମାଧ୍ୟମରେ ଆତ୍ମନିଯୁକ୍ତି ସୁଯୋଗ ପ୍ରଦାନ କରାଯାଇଛି ।

୨୦୧୪-୧୫ ବର୍ଷରେ ବାଣିଶ୍ରୀ ଯୋଜନାରେ ୩୦, ୬୫୮ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ, ୪୮୭ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପିଲାମାନଙ୍କୁ ଉଚ୍ଚ ଶିକ୍ଷା ପାଇଁ ବୃତ୍ତି ପ୍ରଦାନ କରାଯାଇଛି । ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମିଶନ କ୍ଷମତା ଜରିଆରେ ୧.୫କୋଟି ଟଙ୍କା ସହାୟତା ପ୍ରଦାନ କରାଯାଇଛି । ମଧୁବାବୁ ପେନ୍‌ସନ୍ ଯୋଜନାରେ ୨,୨୨,୨୦୦ ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କୁ ମାସିକ ୩୦୦ ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ, ୧୦୦ଜଣ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ଉଚ୍ଚତର ଶିକ୍ଷା ପାଇଁ ମାଗଣାରେ ସ୍ୱତନ୍ତ୍ର ଲ୍ୟାପ୍‌ଟପ୍ ପ୍ରଦାନ କରାଯାଇଛି । ୪୪ଜଣ ଦମ୍ପତିଙ୍କୁ ବିବାହ ପ୍ରୋତ୍ସାହନ ବାବଦରେ ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି ।

ଗବେଷଣା ଓ ତଥ୍ୟ ସୂଚନା ଅଧିକାରୀ
ସୂଚନା ଓ ଲୋକ ସମ୍ପର୍କ ବିଭାଗ
ଭୁବନେଶ୍ୱର

# ସବୁଠୁ ମୁଁ ଭାଗ୍ୟବାନ


**ଯାଜ୍ଞସେନୀ ପଣ୍ଡା**

ପ୍ରକୃତି ସମ୍ପଦେ ଭରା ମୋ' ଉତ୍କଳ
ସଂସ୍କୃତିର ଗନ୍ତାଘର
ଭାଷା ଭାଷି ମଧ୍ୟେ ଶ୍ରେଷ୍ଠ ମୋ ଓଡ଼ିଆ
ଓଡ଼ିଶାରେ ମୋର ଘର ।
ନଦନଦୀ ବିଲ ବନ ଉପବନ
ସବୁଜ ବନାନୀ ଗିରି
ଜଗତର ନାଥ କାଳିଆ ସାଆନ୍ତ
ଓଡ଼ିଆ ଜାତିର ଶିରୀ ।
ଜନମିଛନ୍ତି ଏ ଓଡ଼ିଶା ମାଟିରେ
କେତେ ଶ୍ରେଷ୍ଠ ନରପତି
ବିଜୁ ଗୋପବନ୍ଧୁ ବକ୍ସି ଜଗବନ୍ଧୁ
କୃଷ୍ଣଚନ୍ଦ୍ର ଗଜପତି ।
ରାଉରକେଲାର ଲୁହା କାରଖାନା
ଦେଶ ବିଦେଶରେ ମାନ
ବନ୍ଦର ମଧ୍ୟରେ ପାରାଦୀପ ନାମ
ରଖିଛି ଆମ ସୁନାମ ।
ମନ୍ଦିର ମାଳାରେ ଶୋଭେ ମୋ' ରାଇଜ
ମହକି ଉଠେ ମୋ ମନ
ପୁରୁଷ ପୁରୁଷ ରଖିଛି ସାଇତି
ଓଡ଼ିଆର ସ୍ୱାଭିମାନ ।
ବାର ମାସେ ତେର ପରବ ଆମର
ନିଇତି ଯାନିଯାତରା ।
ଶଙ୍ଖ ହୁଳହୁଳି ମନ୍ଦିରେ କାହାଳୀ
ଏଇ ଆମ ପରମ୍ପରା ।
ମଣ୍ଡା ଖିରି ପୁଳି ଆରିଷା କାକରା
ଦହିବରା ଭଙ୍ଗାପାନ
ସେଇ ରାଇଜରେ ମୋର ଏ ଜନମ
ସବୁଠୁ ମୁଁ ଭାଗ୍ୟବାନ ।

ଘର ନଂ- ୱାନ୍ ଆର୍-୨୨
ରୋଡ୍ ନଂ- ୮, ୟୁନିଟ୍-୯
ଭୁବନେଶ୍ୱର

❖ ❖ ❖

# ସପ୍ରସଙ୍ଗ ଓଡ଼ିଶା



## ଶିଳ୍ପୀ ଓ ପ୍ରଦର୍ଶନକାରୀଙ୍କ ପାରିତୋଷିକ ରାଶି ବୃଦ୍ଧି

ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଉଥିବା ଶିଳ୍ପୀ ତଥା ପ୍ରଦର୍ଶନକାରୀଙ୍କ ପାରିତୋଷିକର ପରିମାଣ ବୃଦ୍ଧି କରାଯାଇଛି । ବିଭିନ୍ନ ସମୟରେ ସଂସ୍କୃତି ବିଭାଗ କର୍ତ୍ତୃକ ପ୍ରାୟୋଜିତ କାର୍ଯ୍ୟକ୍ରମରେ ଏକକ ଓ ଦଳଗତ ଭାବରେ ଅଂଶଗ୍ରହଣ କରୁଥିବା ଶିଳ୍ପୀମାନଙ୍କ ପାରିତୋଷିକ ବୃଦ୍ଧି କରାଯାଇଛି ଏବଂ ଏହା ଚଳିତ ବର୍ଷ ଅଗଷ୍ଟ ପହିଲାରୁ ଲାଗୁ ହେବ ବୋଲି ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି ।

ବାଦ୍ୟଯନ୍ତ୍ର ସହାୟକଙ୍କ ସହିତ ଶାସ୍ତ୍ରୀୟ ନୃତ୍ୟ ପରିବେଷଣକାରୀ ଦଳଙ୍କୁ ରାଜ୍ୟ ଭିତରେ ୧୨ ହଜାର ଓ ରାଜ୍ୟ ବାହାରେ ୧୫ ହଜାର ଟଙ୍କା ପ୍ରଦାନ କରାଯିବା ବେଳେ ବାଦ୍ୟଯନ୍ତ୍ର ସହାୟକ ନଥାଇ ପରିବେଷଣକାରୀଙ୍କୁ ରାଜ୍ୟ ମଧ୍ୟରେ ୮ ହଜାର ଓ ରାଜ୍ୟ ବାହାରେ ୧୨ ହଜାର ଟଙ୍କା ପ୍ରଦାନ କରାଯିବ । ଏକକ ନୃତ୍ୟ ପରିବେଷଣକାରୀଙ୍କୁ ବାଦ୍ୟକାରମାନଙ୍କ ସହିତ ରାଜ୍ୟ ମଧ୍ୟରେ ୧୦ ହଜାର ଟଙ୍କା ଓ ରାଜ୍ୟ ବାହାରେ ୧୨ ହଜାର ଟଙ୍କା ପ୍ରଦାନ କରାଯିବ । କିନ୍ତୁ, ବାଦ୍ୟଯନ୍ତ୍ର ସହାୟକଙ୍କ ବିନା ଏକକ ନୃତ୍ୟ ପାଇଁ ରାଜ୍ୟରେ ଓ ରାଜ୍ୟ ବାହାରେ ୮ ହଜାର ଟଙ୍କା ପ୍ରଦାନ କରାଯିବ । ସେହିପରି ଲୋକନୃତ୍ୟ ଦଳଙ୍କୁ ରାଜ୍ୟ ମଧ୍ୟରେ ୧୦ ହଜାର ଟଙ୍କା ଓ ରାଜ୍ୟ ବାହାରେ ୧୨ ହଜାର ଟଙ୍କା ପ୍ରଦାନ କରାଯିବ । ଭଜନ ପରିବେଷଣ କରୁଥିବା ଦଳଙ୍କୁ ରାଜ୍ୟ ମଧ୍ୟରେ ୧୦ ହଜାର ଟଙ୍କା ଓ ରାଜ୍ୟ ବାହାରେ ୧୨ ହଜାର ଟଙ୍କା ଦିଆଯିବ । ବୃନ୍ଦଗାନ ପରିବେଷଣ ପାଇଁ ସଂପୃକ୍ତ ଦଳଙ୍କୁ ୭ ହଜାର ଟଙ୍କା ପ୍ରଦାନ କରାଯିବ । ନାଟ୍ୟଦଳଗୁଡ଼ିଙ୍କୁ କାର୍ଯ୍ୟକ୍ରମ ପରିବେଷଣ ପାଇଁ ରାଜ୍ୟ ମଧ୍ୟରେ ୨୦ ହଜାର ଓ ରାଜ୍ୟ ବାହାରେ ୨୫ ହଜାର ଟଙ୍କା ପାରିତୋଷିକ ପ୍ରଦାନ କରାଯିବ । ଖରାଦିନେ ଶିଳ୍ପୀମାନଙ୍କୁ ଯାତାୟାତ ବାବଦରେ ତୃତୀୟ ଶ୍ରେଣୀ ବାତାନୁକୂଳିତ ରେଳ ଟିକଟ ପ୍ରଦାନ କରାଯିବ । ଶିଳ୍ପୀମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ଦୃଷ୍ଟିରୁ ପ୍ରତି ବର୍ଷ ଅପ୍ରେଲ ପହିଲାରୁ ଜୁନ ୩୦ ପର୍ଯ୍ୟନ୍ତ ଏହି ମୂଲ୍ୟ ଦିଆଯିବ କିନ୍ତୁ ବର୍ଷର ଅନ୍ୟ ସମୟରେ ଶିଳ୍ପୀମାନଙ୍କୁ ଦ୍ୱିତୀୟ ଶ୍ରେଣୀ ସ୍ଲିପର ବା ଏକ୍ସପ୍ରେସ୍ ବସ୍ ଭଡ଼ା ପ୍ରଦାନ କରାଯିବ । ଦୈନିକ ଭତ୍ତା ବାବଦରେ ଜଣ ପିଛା ୨୦୦ ଟଙ୍କା ପ୍ରଦାନର ବ୍ୟବସ୍ଥା କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ୨୦୦୯ରୁ ଶିଳ୍ପୀମାନଙ୍କ ନିମନ୍ତେ ପାରିତୋଷିକ ରାଶି ବୃଦ୍ଧି କରାଯାଇ ନଥିଲା । ନୂତନ ନିର୍ଦ୍ଧାରଣ ଫଳରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଥିବା ଦଳ ତଥା ଶିଳ୍ପୀ ବିଶେଷ ଉତ୍ସାହିତ ହେବେ ।

ସୂର୍ଯ୍ୟ ମିଶ୍ର, ସୂଚନା ଅଧିକାରୀ

## ସଂଭାବ୍ୟ ବନ୍ୟାସ୍ଥିତିକୁ ଦୃଷ୍ଟିରେ ରଖି ଯୋଗାଣ ବିଭାଗର ପ୍ରସ୍ତୁତି

### ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ସମୀକ୍ଷା

ରାଜ୍ୟରେ ସଂଭାବ୍ୟ ବନ୍ୟାସ୍ଥିତିକୁ ଦୃଷ୍ଟିରେ ରଖି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି କରାଯାଇଛି । ପରିସ୍ଥିତିର ସଠିକ୍ ଆକଳନ କରି ଆବଶ୍ୟକ ତ୍ୱରିତ ପଦକ୍ଷେପ ନେବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ

ସଂଜୟ କୁମାର ଦାସବର୍ମା ନିର୍ଦ୍ଦେଶ ଦେଇଛନ୍ତି । ସଚିବାଳୟରେ ଏକ ଉଚ୍ଚସ୍ତରୀୟ ବୈଠକରେ ସଂଭାବ୍ୟ ବନ୍ୟାସ୍ଥିତି ଓ ପ୍ରସ୍ତୁତିର ସମୀକ୍ଷା କରାଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲାର ବାରିପଦା ମୁନିସିପାଲିଟି ଓ ଶ୍ୟାମାଖୁଂଟା ବ୍ଲକ୍, ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ବ୍ଲକ୍, ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀ ଓ ଧାମନଗର ବ୍ଲକ୍, ଯାଜପୁର ଜିଲ୍ଲାର କୋରେଇ, ଯାଜପୁର ଓ ଦଶରଥପୁର ବ୍ଲକ୍ ବନ୍ୟାରେ ପ୍ରଭାବିତ ହୋଇଛି । କେନ୍ଦୁଝର ଓ କେନ୍ଦ୍ରାପଡା ଜିଲ୍ଲା ସମେତ ଅନ୍ୟାନ୍ୟ ଜିଲ୍ଲାଗୁଡିକରେ ପରିସ୍ଥିତିର ଆକଳନ କରାଯିବ ସହ ସତର୍କ ଦୃଷ୍ଟି ରଖାଯାଇଛି । ମୟୂରଭଞ୍ଜ ଜିଲ୍ଲାର ବାରିପଦା ମୁନିସିପାଲିଟିରେ ମାଗଣା ରନ୍ଧା ଖାଦ୍ୟ ବଣ୍ଟନର ବ୍ୟବସ୍ଥା ସହ ପର୍ଯ୍ୟାପ୍ତ ଚୁଡାଗୁଡ ମହଜୁଦ୍ ରଖାଯାଇଛି । ଜିଲ୍ଲାର ୧୩ଟି ସ୍ଥାନରେ ୪୪୩୦ କ୍ୱିଣ୍ଟାଲ ଚାଉଳ ଓ ୨୦୦ କ୍ୱିଣ୍ଟାଲ ଚୁଡା ଗଚ୍ଛିତ ରଖାଯାଇଛି । ସେହିପରି ବାଲେଶ୍ୱର ଜିଲ୍ଲାର ୫୯୭ଟି ସ୍ଥାନରେ ୨୭୧୩୮.୬୦ କ୍ୱିଣ୍ଟାଲ ଚାଉଳ, ୭୦ କ୍ୱିଣ୍ଟାଲ୍ ଚୁଡା ଓ ୭ କ୍ୱିଣ୍ଟାଲ ଗୁଡ, ଭଦ୍ରକ ଜିଲ୍ଲାର ୪୯ଟି ସ୍ଥାନରେ ୧୦୪୦୦ କ୍ୱିଣ୍ଟାଲ ଚାଉଳ, ୩୦୦ କ୍ୱିଣ୍ଟାଲ ଚୁଡା ଓ ୩୦ କ୍ୱିଣ୍ଟାଲ ଗୁଡ, ଯାଜପୁର ଜିଲ୍ଲାର ୩୫୩ଟି ସ୍ଥାନରେ ୧୧୩୩୮ କ୍ୱିଣ୍ଟାଲ ଚାଉଳ, ୧୦୦ କ୍ୱିଣ୍ଟାଲ୍ ଚୁଡା ଓ ୧୦ କ୍ୱିଣ୍ଟାଲ ଗୁଡ ମହଜୁଦ୍ ରଖାଯାଇଛି । ରିଲିଫ୍ ଯୋଗାଣ ନିମନ୍ତେ ରାଜ୍ୟର ଦୁର୍ଗମ ଅଞ୍ଚଳରେ ମୋଟ ୯୨୫ଟି ସ୍ଥାନରେ ୧,୧୭,୮୦୭.୧୪ କ୍ୱିଣ୍ଟାଲ ଚାଉଳ ମହଜୁଦ୍ ରଖାଯାଇଛି । ଏହା ସହିତ ଜିଲ୍ଲାପାଳମାନଙ୍କୁ ନିୟମିତ ରିପୋର୍ଟ ଦେବା ସହ ଆବଶ୍ୟକତା ସଂପର୍କରେ ସୂଚନା ଦେବାକୁ କୁହାଯାଇଛି ।

ଯୋଗାଣ ବିଭାଗରେ ଏକ କଣ୍ଟ୍ରୋଲ ରୁମ୍ (୦୬୭୪-୨୩୯୩୬୪୪)ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଓ ଯୋଗାଣ ନିଗମରେ ଅହର୍ନିଶ ଏକ କଣ୍ଟ୍ରୋଲ ରୁମ (୦୬୭୪-୨୩୯୩୦୩୮) କାର୍ଯ୍ୟ କରିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ରକ୍ଷକ ନାୟକ, ସୂଚନା ଅଧିକାରୀ

## ସ୍ୱଚ୍ଛ ବିଦ୍ୟାଳୟ କାର୍ଯ୍ୟକ୍ରମ ତ୍ୱରାନ୍ୱିତ

ସ୍ୱଚ୍ଛ ବିଦ୍ୟାଳୟ ଅଭିଯାନ ନିମନ୍ତେ ରାଜ୍ୟର ସମସ୍ତ ବିଦ୍ୟାଳୟରେ ପାଇଖାନା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି । ସଚିବାଳୟ ସଭା ପ୍ରକୋଷ୍ଠରୁ ମୁଖ୍ୟ ଶାସନ ସଚିବ ଶ୍ରୀ ଗୋକୁଳ ଚନ୍ଦ୍ର ପତି ଜିଲ୍ଲାପାଳମାନଙ୍କ ସହ ଏକ ଭିଡ଼ିଓ କନଫେରେନ୍ସିଂ ମାଧ୍ୟମରେ ଏହି କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ ।

ଗତ ଜୁଲାଇ ୩୧ ତାରିଖ ସୁଦ୍ଧା ସମସ୍ତ ବିଦ୍ୟାଳୟରେ ନୂତନ ପାଇଖାନା ନିର୍ମାଣ ଏବଂ ପୁରୁଣା ପାଇଖାନାର ମରାମତି କାର୍ଯ୍ୟ ସାରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଦୁର୍ଗମ ଅଂଚଳ ଓ ସ୍ଥାନ ଅଭାବ ଥିବା ବିଦ୍ୟାଳୟ ମାନଙ୍କରେ ସ୍ଥାୟୀ ପାଇଖାନା ନିର୍ମାଣ ହେବା ପର୍ଯ୍ୟନ୍ତ ସ୍ୱଳ୍ପ ଖର୍ଚ୍ଚଭିତ୍ତିକ କାର୍ଯ୍ୟକାରୀ ପାଇଖାନା ବସାଇବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି । ଏପରି ପାଇଖାନା ନିର୍ମାଣ ପାଇଁ ନମୁନା ଡ଼ିଜାଇନ୍ ସବୁ ଜିଲ୍ଲାମାନଙ୍କୁ ପଠାଯାଇଛି ବୋଲି ଭିଡ଼ିଓ କନଫେରେନ୍ସିଂରେ ଉପସ୍ଥିତ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଶ୍ରୀମତୀ ରଂଜନା ଚୋପ୍ରା କହିଥିଲେ । ପାଇଖାନା ନିର୍ମାଣ କାର୍ଯ୍ୟର ସମନ୍ୱୟ ଓ ତଦାରଖ ପାଇଁ ଜିଲ୍ଲାପାଳମାନେ ଗଣ ଶିକ୍ଷା ବିଭାଗ ଅଧିକାରୀ ମାନଙ୍କୁ ନିୟୋଜିତ କରିପାରିବେ ବୋଲି ମଧ୍ୟ ଶ୍ରୀମତୀ ଚୋପ୍ରା ସ୍ପଷ୍ଟ କରିଦେଇଥିଲେ । ସାଧାରଣ ଉଦ୍ୟୋଗମାନେ ବର୍ତ୍ତମାନ ପର୍ଯ୍ୟନ୍ତ ଆରମ୍ଭ କରିନଥିବା ପାଇଖାନାଗୁଡିକର ନିର୍ମାଣ କାର୍ଯ୍ୟ ଓପେପା ମାଧ୍ୟମରେ କରିବା ପାଇଁ ନିଷ୍ପତ୍ତି ହୋଇଛି । ଏଥି ନିମନ୍ତେ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେଇ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟକାରୀ ପାଇଖାନା ବସାଇବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ରାଜ୍ୟର ବିଦ୍ୟାଳୟମାନଙ୍କରେ ସମୁଦାୟ ୪୪୦୦୭ ଟି ପାଇଖାନା ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ତନ୍ମଧ୍ୟରୁ ୧୩,୦୪୯ ପାଇଖାନା ଓପେପା ଏବଂ ୩୦,୯୫୩ ଟି ପାଇଖାନା ସାଧାରଣ ଉଦ୍ୟୋଗମାନେ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ଏଥିପାଇଁ ପ୍ରାୟ ୨୦ ଟି କେନ୍ଦ୍ରୀୟ ସାଧାରଣ ଉଦ୍ୟୋଗ ରାଜି ହୋଇଥିଲେ । ବର୍ତ୍ତମାନ ପର୍ଯ୍ୟନ୍ତ ଓପେପା ମାଧ୍ୟମରେ ୬୪୩୬ ଟିର ନିର୍ମାଣ ସରିଛି ଏବଂ ଅବଶିଷ୍ଟ ୬୬୧୩ ଟିର କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ସେହିପରି କେନ୍ଦ୍ରୀୟ ସାଧାରଣ ଉଦ୍ୟୋଗମାନେ ୫୬୯୦ ଟି ପାଇଖାନାର ନିର୍ମାଣ ଶେଷ କରିଛନ୍ତି । ସାଧାରଣ ଉଦ୍ୟୋଗମାନଙ୍କ ମାଧ୍ୟମରେ ହେବାକୁଥିବା ଯେଉଁସବୁ ନିର୍ମାଣ ଆରମ୍ଭ ହୋଇନାହିଁ ବା ବିଳମ୍ବ ହୋଇଛି, ସେସବୁ ସ୍ଥାନ ମାନଙ୍କରେ ଯୁଦ୍ଧକାଳୀନ ଭିତ୍ତିରେ ସ୍ୱଳ୍ପ ଖର୍ଚ୍ଚଭିତ୍ତିକ କାର୍ଯ୍ୟକାରୀ ପାଇଖାନା ବସାଇବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଉମାକାନ୍ତ ମହାପାତ୍ର, ସୂଚନା ଅଧିକାରୀ

# ବିସ୍ତୃତ ମତ୍ସ୍ୟଚାଷ ନୀତି ଖୁବ୍ ଶୀଘ୍ର ପ୍ରଣୟନ କରାଯିବ

ଓଡ଼ିଶା ମତ୍ସ୍ୟଚାଷ ନୀତି –୨୦୧୫ ଖୁବ୍‌ଶୀଘ୍ର କ୍ୟାବିନେଟ୍‌ର ଅନୁମୋଦନ ଲାଭ କରିବ ଓ ରାଜ୍ୟର ମତ୍ସ୍ୟଚାଷ ଏବଂ ମତ୍ସ୍ୟଚାଷୀମାନଙ୍କ ଅଶେଷ ହିତସାଧନ କରିବ । ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ଖାଲିଥିବା ୧୧୩୪ଟି ପ୍ରାଣୀଧନ ନିରୀକ୍ଷକ ପଦବୀ ପୂରଣ କରାଯିବ ବୋଲି କୃଷି, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ପ୍ରଦୀପ ମହାରଥୀ ପ୍ରକାଶ କରିଛନ୍ତି ।

ସଚିବାଳୟସ୍ଥ ପ୍ରକୋଷ୍ଠରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଏକ ସମୀକ୍ଷା ବୈଠକ ମନ୍ତ୍ରୀ ଶ୍ରୀ ମହାରଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ, ମତ୍ସ୍ୟ ନିର୍ଦ୍ଦେଶକ ପି. କ୍ରିଷ୍ଣମୋହନ, ପ୍ରାଣୀ ସମ୍ପଦ ବିକାଶ ନିର୍ଦ୍ଦେଶକ ଶ୍ରୀ ପଣ୍ଡା ଓ ଅନ୍ୟ ଉଚ୍ଚାଧିକାରୀମାନେ ଯୋଗ ଦେଇ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ଯୋଜନାର ସ୍ଥିତି, ଅଗ୍ରଗତି ଓ ଆଗାମୀ ୪ ବର୍ଷ ମଧ୍ୟରେ ଯେଉଁ ଲକ୍ଷ୍ୟ ହାସଲ କରାଯିବ ସେ ସମ୍ବନ୍ଧରେ ମନ୍ତ୍ରୀଙ୍କୁ ବିଭିନ୍ନ ତଥ୍ୟ ଯୋଗାଇ ଦେଇଥିଲେ । ମତ୍ସ୍ୟଚାଷ ପାଇଁ ପ୍ରତ୍ୟେକ ବର୍ଷ ୨୫୦୦ ହେକ୍ଟର ପରିମିତ ନୂତନ ଜଳାଶୟ ସୃଷ୍ଟି, ୩୦ କୋଟି ୬୦ ଲକ୍ଷ ମାଛ ଯାଆଁଳ ଉତ୍ପାଦନ, ୧୦୦୦ ହେକ୍ଟର ଖାରିପାଣି ଜଳାଶୟ ଓ ୫୦୦୦ ହେକ୍ଟର ପରିମିତ ପୁଷ୍କରିଣୀ ମରାମତି କରାଯିବ । ଆଗାମୀ ୪ ବର୍ଷ ମଧ୍ୟରେ ଏହି ବାବଦରେ ୯୧୪ କୋଟି ୮୦ ଲକ୍ଷ ଟଙ୍କା ବିନିଯୋଗ କରାଯିବାର ଆବଶ୍ୟକତା ରହିଛି । ପ୍ରତିବର୍ଷ ୨୦ ହଜାର ହେକ୍ଟର ପରିମିତ ଜଳାଶୟରେ ମାଛ ଯାଆଁଳ ଉତ୍ପାଦନ କରାଯିବ ଓ ଏଥିରେ ୨୫ ପ୍ରତିଶତ ସବ୍‌ସିଡି ସିଧାସଳଖ ମତ୍ସ୍ୟଚାଷୀମାନଙ୍କୁ ମିଳିବ । ପ୍ରତିବର୍ଷ ୧୦ କୋଟି ମାଛ ଯାଆଁଳ ଉତ୍ପାଦନ କରାଯିବାର ଲକ୍ଷ୍ୟ ରହିଛି । ହୀରାକୁଦ ଜଳଭଣ୍ଡାରରେ ପର୍ଯ୍ୟାପ୍ତ ପରିମାଣର ମାଛ ଯାଆଁଳ ଛାଡ଼ି ଜଳଭଣ୍ଡାରର ମତ୍ସ୍ୟ ଉତ୍ପାଦନକୁ ବହୁଗୁଣିତ କରିବା ପାଇଁ ସଚିବ ଶ୍ରୀ ସେଠୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ପ୍ରତିବର୍ଷ ଏକ ଲକ୍ଷ ୫୦ ହଜାର ମେଟ୍ରିକ୍ ଟନ୍ ମାଛ ଖାଦ୍ୟ ରାଜ୍ୟରେ ଉତ୍ପାଦନ କରାଯିବ । ୨୦୧୯–୨୦ ସୁଦ୍ଧା ଏହି ବାବଦରେ ୧୬୧୪ କୋଟି ୮୦ ଲକ୍ଷ ଟଙ୍କା ବିନିଯୋଗ କରାଯିବ । ରାଜ୍ୟର ମତ୍ସ୍ୟ ଉତ୍ପାଦନ ୭୩,୫୦୦ ଲକ୍ଷ ଟନ୍‌ରୁ ବୃଦ୍ଧି ପାଇ ୨,୯୪,୦୦୦ ଲକ୍ଷ ଟନ୍‌ରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି । ପଞ୍ଚାୟତିରାଜ ବିଭାଗ ସହାୟତାରେ ପର୍ଯ୍ୟାୟକ୍ରମେ ୧ ଲକ୍ଷ ୪୦ ହଜାର ମତ୍ସ୍ୟଜୀବୀମାନଙ୍କ କଚ୍ଚା ଘରକୁ ୨୦୧୯–୨୦ ମଧ୍ୟରେ ପକ୍କା ଘରରେ ପରିଣତ କରାଯିବାର ଯୋଜନା ରହିଛି ଓ ଏହି ବାବଦରେ ସମୁଦାୟ ୧୦୫୦ କୋଟି ଟଙ୍କା ବିନିଯୋଗ କରାଯିବ । ମତ୍ସ୍ୟଜୀବୀ ବାସଗୃହ ଯୋଜନାରେ ୨୩ କୋଟି ୭୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଛି । ଆଦର୍ଶ ମତ୍ସ୍ୟଜୀବୀ ଗ୍ରାମ ଯୋଜନାରେ ବାସଗୃହ ନିର୍ମାଣ ପାଇଁ ୯ କୋଟି ୪୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ପ୍ରତ୍ୟେକ ବାସଗୃହ ବାବଦରେ ସରକାର ୭୫ ହଜାର ଟଙ୍କା ଯୋଗାଇ ଦେଉଥିବା ବେଳେ ହିତାଧିକାରୀଙ୍କୁ ୧୫ ହଜାର ଟଙ୍କା ଦେବାକୁ ପଡୁଛି । ମତ୍ସ୍ୟଜୀବୀଙ୍କ ଗୋଟିଏ ପକ୍କା ଘର ନିର୍ମାଣରେ ୯୦ ହଜାର ଟଙ୍କା ବିନିଯୋଗ କରାଯାଉଛି । ପ୍ରତି ୫ ବର୍ଷରେ ମତ୍ସ୍ୟଜୀବୀମାନଙ୍କୁ ମାଛଧରା ଡଙ୍ଗାରେ ବ୍ୟବହୃତ ହେଉଥିବା ଇଞ୍ଜିନ୍ ଯୋଗାଇ ଦେବା ପ୍ରସ୍ତାବ ବିଚାରାଧୀନ ରହିଛି । ଅଲିଭ୍ ରିଡ୍‌ଲେ କଇଁଛ ସଂରକ୍ଷଣ ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ମାଛଧରା ବନ୍ଦ ନିୟମ ଯୋଗୁଁ ପ୍ରଭାବିତ ହେଉଥିବା ମତ୍ସ୍ୟଜୀବୀଙ୍କ ପରିବାରଙ୍କୁ କେ.ଜି. ପିଛା ଏକ ଟଙ୍କା ଦରରେ ମାସକୁ ୨୫ କେ.ଜି. ଚାଉଳ ମତ୍ସ୍ୟଜୀବୀ ଉନ୍ନୟନ ଯୋଜନାରେ ଯୋଗାଇ ଦିଆଯାଉଛି । ଏହି ଯୋଜନାରେ ମାଛ ବିକ୍ରି କରିବା ପାଇଁ ବରଫ ବାକ୍ସ ସହ ସାଇକେଲ, ମୋପେଡ୍ ଓ ଅଟୋରିକ୍ସା ଆଦି ମତ୍ସ୍ୟଜୀବୀମାନଙ୍କୁ ଯୋଗାଇ ଦିଆଯାଉଛି ବୋଲି ଆଲୋଚନାରୁ ଜଣାପଡ଼ିଥିଲା ।

ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଅଧିକାରୀମାନେ ଜିଲ୍ଲା, ସବ୍–ଡିଭିଜନ ଓ ବ୍ଲକ୍‌ସ୍ତରୀୟ ବୈଠକଗୁଡ଼ିକରେ ନିୟମିତ ଭାବେ ଉପସ୍ଥିତ ରହି ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀମାନଙ୍କ ବିଭିନ୍ନ ଅଭାବ ଅସୁବିଧା ସମ୍ବନ୍ଧରେ ପ୍ରତ୍ୟକ୍ଷ ଭାବେ ଅବଗତ ହୋଇ ବିଭାଗକୁ ଜଣାଇବା ପାଇଁ ମନ୍ତ୍ରୀ ଶ୍ରୀ ମହାରଥୀ ନିର୍ଦ୍ଦେଶ ଦେଇଥିଲେ ।

ମାନସ ରଞ୍ଜନ ଖୁଣ୍ଟିଆ, ସୂଚନା ଅଧିକାରୀ

# ରାଜ୍ୟରେ ଗ୍ରାମ୍ୟ ଗୃହ ନିର୍ମାଣ କାର୍ଯ୍ୟକ୍ରମର ସଫଳତା ଜାତୀୟସ୍ତରରେ ପ୍ରଶଂସିତ

ରାଜ୍ୟରେ ଗ୍ରାମ୍ୟ ଗୃହ ନିର୍ମାଣ କାର୍ଯ୍ୟକ୍ରମକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ଏହି କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା ଓ ରୂପାୟନ ପାଇଁ ବିଭିନ୍ନ ଉପାୟ ଓ କୌଶଳ ନିର୍ଦ୍ଧାରଣ କରାଯାଇଛି ଯାହାର ପ୍ରଭାବ ବାସ୍ତବ କ୍ଷେତ୍ରରେ ପରିଲକ୍ଷିତ ହୋଇଛି । ଓଡ଼ିଶାର ସଂଗଠିତ ପ୍ରୟାସ ଓ କାର୍ଯ୍ୟପନ୍ଥାକୁ ଜାତୀୟସ୍ତରରେ ଉଚ୍ଚ ପ୍ରଶଂସା କରାଯାଇଛି । ପରଫରମାନ୍ସ ରିଭ୍ୟୁ କମିଟି ବୈଠକରେ ଓଡ଼ିଶାର କାର୍ଯ୍ୟଧାରାକୁ ମଡେଲ ଭାବରେ ଗ୍ରହଣ କରାଯିବା ସହ ଅନେକ ରାଜ୍ୟ ଓଡ଼ିଶାର କାର୍ଯ୍ୟପନ୍ଥାରେ ଆଗ୍ରହ ପ୍ରକାଶ କରିଛନ୍ତି । ଗ୍ରାମ୍ୟ ଗୃହ ନିର୍ମାଣ କାର୍ଯ୍ୟକ୍ରମରେ ଅନେକ ସ୍ଥାନରେ ନିର୍ମାଣ ସାମଗ୍ରୀ ପାଇବାରେ ଅସୁବିଧା ଓ ରାଜମିସ୍ତ୍ରୀମାନଙ୍କ ଅଭାବ ପ୍ରତିବନ୍ଧକ ସୃଷ୍ଟି କରିଛି । ରାଜ୍ୟ ସରକାର ଦକ୍ଷତା ଓ କୌଶଳ ବିକାଶ କାର୍ଯ୍ୟକ୍ରମ ଜରିଆରେ ରାଜମିସ୍ତ୍ରୀ ତାଲିମ କାର୍ଯ୍ୟକ୍ରମ କରୁଛନ୍ତି । ତାଲିମ ସମୟରେ କେତେକ ନିଃସହାୟ ହିତାଧିକାରୀଙ୍କ ଗୃହ ନିର୍ମାଣ କରିବାର ଯୋଜନା କରାଯାଇଛି । ଏହାକୁ ଅନ୍ୟ ରାଜ୍ୟଗୁଡିକ ଅନୁସରଣ କରିବାକୁ ବୈଠକରେ କୁହାଯାଇଛି ।

ଅସଂପୂର୍ଣ୍ଣ ଗୃହ ସଂପର୍କରେ ବର୍ଷ, ବ୍ଲକ୍ ଓ ଜିଲ୍ଲାଓ୍ୱାରୀ ତଥ୍ୟ ସଂଗୃହୀତ ହୋଇଛି । ସବୁ ଆକାଉଣ୍ଟକୁ ପିଏଫ୍ଏମ୍ଏସ୍‌ରେ ପଞ୍ଜୀକୃତ କରାଯିବା ସହ ବ୍ଲକ୍ ଓ ଜିଲ୍ଲାସ୍ତରରେ ଗୋଟିଏ ଆକାଉଣ୍ଟରେ ବିକ୍ଷିପ୍ତ ଭାବରେ ଥିବା ପାଣ୍ଠିକୁ ରଖାଯାଇଛି । ହିତାଧିକାରୀ ଚୟନ, କାର୍ଯ୍ୟାଦେଶ ପ୍ରଦାନଠୁ ଶେଷ କିସ୍ତି ପ୍ରଦାନ ପାଇଁ ସମୟ ଧାର୍ଯ୍ୟ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ମାସିକ ସମୀକ୍ଷା ଓ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସାପ୍ତାହିକ ସମୀକ୍ଷା ଫଳରେ କାର୍ଯ୍ୟାନ୍ୱୟନରେ ପ୍ରଗତି ଆସିଛି । ପଞ୍ଚାୟତିରାଜ ବିଭାଗର ଶାସନ ସଚିବ ଦୈନିକ ସମୀକ୍ଷା କରୁଛନ୍ତି । ଏହା ସହିତ ପାଣ୍ଠିର ସଠିକ୍ ବିନିଯୋଗ ନିମନ୍ତେ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ୩୦ ହଜାରରୁ ୨୦ ହଜାରକୁ କମାଇ ଦିଆଯାଇଥିବା ବେଳେ ଶେଷ କିସ୍ତି ରାଶି ୧୦ ହଜାରରୁ ୧୫ ହଜାରକୁ ବଢ଼ାଇ ଦିଆଯାଇଛି ।

୨୦୧୯ ସୁଦ୍ଧା ରାଜ୍ୟ ସରକାର ପ୍ରତି କଚ୍ଚା ଘରକୁ ପକ୍କାଘରରେ ପରିଣତ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ଓ ଏଥିନିମନ୍ତେ ପ୍ରତିବର୍ଷ ଅନ୍ତତଃ ୫ ଲକ୍ଷ ଗୃହ ନିର୍ମାଣ ଶେଷ କରିବାକୁ ବ୍ୟବସ୍ଥା ହୋଇଛି । ସାମାଜିକ, ଅର୍ଥନୈତିକ ତଥା ଜାତିଗତ ଜନଗଣନାର ଚିଠା ତାଲିକା–୨୦୧୧ରୁ ଜଣାପଡିଛି ଯେ ରାଜ୍ୟର ୮୬,୨୨,୮୨୭ ଗ୍ରାମୀଣ ପରିବାରଙ୍କ ମଧ୍ୟରୁ ୨୩,୪୦,୯୯୦ ପରିବାର କଚ୍ଚାଘରେ ବସବାସ କରନ୍ତି । ୨୦୧୩–୧୪ରୁ ୨୦୧୫–୧୬ ମଧ୍ୟରେ ଇନ୍ଦିରା ଆବାସ ଓ ବିଜୁ ପକ୍କାଘର ଯୋଜନାରେ ୬,୬୬,୨୮୦ ଗୃହ ମଞ୍ଜୁର କରାଯାଇଛି ଓ ଅବଶିଷ୍ଟ ୧୬,୭୪,୭୧୦ ଗୃହ ଆସନ୍ତା ୪ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ଲକ୍ଷ୍ୟ ପୂରଣ ପାଇଁ ପ୍ରତିବର୍ଷ ଅନ୍ତତଃ ୪ ଲକ୍ଷ ଇନ୍ଦିରା ଆବାସ ଘର ଆବଶ୍ୟକ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି ।

୨୦୧୪–୧୫ ଆର୍ଥିକ ବର୍ଷରେ ୩.୨ ଲକ୍ଷ ଇନ୍ଦିରା ଆବାସ ଓ ୩୦ ହଜାର ବିଜୁ ପକ୍କାଘର ନିର୍ମାଣ ହୋଇଛି ଓ ଏଥିପାଇଁ ପ୍ରାୟ ୧୩୬୫ କୋଟି ଟଙ୍କା ବ୍ୟୟ କରାଯାଇଛି । ଏବେ ପ୍ରାୟ ୧୫୦୦ ପରିବାର ଦୈନିକ ପକ୍କାଘରକୁ ଯାଉଛନ୍ତି ଓ ଦୈନିକ ହାରାହାରି ୨ କୋଟି ଟଙ୍କା ବ୍ୟୟ କରାଯାଉଛି । ଚଳିତ ଆର୍ଥିକ ବର୍ଷର ପ୍ରଥମ ତିନିମାସରେ ୧.୨୫ ଲକ୍ଷ ଇନ୍ଦିରା ଆବାସ ଓ ୨୫ ହଜାର ବିଜୁ ପକ୍କାଘରର ନିର୍ମାଣ ହୋଇଛି ।

ପଞ୍ଚାୟତିରାଜ ବିଭାଗ ପକ୍ଷରୁ ବ୍ୟାପକ ବହୁମୁଖୀ ହିତାଧିକାରୀ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ବିଜୁ ପକ୍କାଘର ହିତାଧିକାରୀ ଚୟନରେ ସ୍ୱଚ୍ଛତା ନିମନ୍ତେ ଲଟେରି ମାଧ୍ୟମରେ ଚୟନ କରାଯାଉଛି । ନିର୍ମାଣ ସାମଗ୍ରୀ ଯୋଗାଣର ସୁବ୍ୟବସ୍ଥା ସହ ରାଜମିସ୍ତ୍ରୀ ତାଲିମ କରାଯାଉଛି । ବ୍ଲକ୍ ଅଧିକାରୀମାନଙ୍କୁ ନିର୍ଦ୍ଦିଷ୍ଟ ଭାବରେ କେତୋଟି ଗୃହ ନିର୍ମାଣର ଦାୟିତ୍ୱ ଦିଆଯିବା ସହ ଯାତାୟାତ ଖର୍ଚ୍ଚ ବାବଦକୁ ମାସିକ ୨୦୦ ଟଙ୍କା ଓ ପ୍ରତି ଘର ନିର୍ମାଣ ପରେ ୧୦୦ ଟଙ୍କା ପ୍ରଦାନର ବ୍ୟବସ୍ଥା ହୋଇଛି ।

ରାଜ୍ୟର ପ୍ରତି କଚ୍ଚା ଘରକୁ ପକ୍କାଘରରେ ପରିଣତ କରିବାକୁ ସରକାର ସଂକଳ୍ପବଦ୍ଧ ଓ ଏହି ଲକ୍ଷ୍ୟ ହାସଲ ନିମନ୍ତେ ସବୁମତେ ଉଦ୍ୟମ କରାଯାଉଛି ବୋଲି ପଞ୍ଚାୟତିରାଜ ଓ ଆଇନ ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ପ୍ରକାଶ କରିଛନ୍ତି ।

ରକ୍ଷକ ନାୟକ, ସୂଚନା ଅଧିକାରୀ

❖ ❖ ❖